ମୋହନରୁ ମହାତ୍ମା



ଗୌରାଙ୍ଗ ଚରଣ ପରିଡ଼ା

Digitized by PPRACHIN, SOA

ଗୌରାଙ୍ଗ ଚରଣ ପରିଡ଼ା

ମୋହନରୁ ମହାତ୍ମା

(ଗାନ୍ଧୀ ସାହିତ୍ୟ)

Digitized by PPRACHIN, SOA

ମୋହନରୁ ମହାତ୍ମା

ଲେଖକ :
ଗୌରାଙ୍ଗ ଚରଣ ପରିଡ଼ା
ସର୍ବୋଦୟ ନଗର
ପୁରୀ- ୨ (ଓଡ଼ିଶା)
ଫୋନ୍- ୯୮୬୧୪୬୯୩୨୮

ପ୍ରକାଶିକା :
ଶ୍ରୀମତୀ ପ୍ରେମଶୀଳା ପରିଡ଼ା
ସର୍ବୋଦୟ ନଗର
ପୁରୀ- ୨ (ଓଡ଼ିଶା)
ଫୋନ୍-(୦୬୭୫୨)୨୫୧୬୦୦

ପ୍ରଥମ ସଂସ୍କରଣ :
୧୪ ନଭେମ୍ବର, ୨୦୧୪

ଅଳଙ୍କରଣ ଓ ଅକ୍ଷର ବିନ୍ୟାସ :
ବି. ପି. ପ୍ରିଣ୍ଟର୍ସ
ବାଶେଲୀ ସାହି, ପୁରୀ- ୧
ଫୋନ୍- ୯୪୩୭୧୬୪୧୪୬

ମୁଦ୍ରଣ :
ଅନ୍ନପୂର୍ଣ୍ଣା ପ୍ରିଣ୍ଟର୍ସ
କଲେଜ ରୋଡ଼, ପୁରୀ

ମୂଲ୍ୟ : ଟ ୧୫୦/-
(ଏକଶତ ପଚାଶ ଟଙ୍କା ମାତ୍ର)

Mohanaru Mahatma

Writer :
Gourang Charan Parida
Sarbodaya Nagar,
Puri-2 (Odisha)
Ph.- 9861469328

Publisher :
Smt. Premasila Parida
Sarbodaya Nagar,
Puri-2 (Odisha)
Ph.- (06752) 251600

First Edition :
14th November, 2014

DTP & Design :
B. P. Printers
Baseli Sahi, Puri-1
Ph.- 9437164146

Printer :
Annapurna Printers
College Rosd, Puri

Price : ₹. 150/-
(Rupees One Hundred Fifty only)

Digitized by PPRACHIN, SOA

ନିଜ କଲମରୁ ...

ଗାନ୍ଧୀଙ୍କ ପ୍ରାସଙ୍ଗିକତା ଉପରେ ଲିଖିତ ମୋର ପ୍ରଥମ ପୁସ୍ତକ 'ଗାନ୍ଧୀ ଚର୍ଚ୍ଚା' ଗାନ୍ଧୀ ସାହିତ୍ୟକୁ ମୋର ପ୍ରଥମ ଅବଦାନ ଥିଲା । ଏଇ ପୁସ୍ତକ ପାଠକୀୟ ଆଦୃତି ପାଇଛି । 'ମୋହନରୁ ମହାତ୍ମା' ପୁସ୍ତକ ହେଉଛି ଗାନ୍ଧୀ ସାହିତ୍ୟ ପାଇଁ ମୋର ଦ୍ୱିତୀୟ କୃତି । ଏହା ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ସଂପୂର୍ଣ୍ଣ ଜୀବନୀ ପୁସ୍ତକ ନୁହେଁ । ଏହା ଗାନ୍ଧୀଙ୍କର ଆଂଶିକ ଜୀବନୀ କାହାଣୀ । ମୋହନଙ୍କୁ ମହାତ୍ମା ହେବାକୁ ଯେଉଁ ପ୍ରସ୍ତୁତି ହୋଇଛି ତା'ର ଏହା ଏକ ଐତିହାସିକ ଆଲେଖ୍ୟ । ୧୮୬୯ ମସିହାରେ ଗୁଜୁରାଟର ପୋରବନ୍ଦରରେ ଗାନ୍ଧୀଙ୍କ ଜନ୍ମ, ଲଣ୍ଡନରେ ପାଠପଢ଼ା, ଦକ୍ଷିଣ ଆଫ୍ରିକାରେ ଓକିଲାତି ତଥା ସତ୍ୟାଗ୍ରହ ଆନ୍ଦୋଳନ ଏବଂ ୧୯୧୫ ଜାନୁୟାରୀ ମାସରେ ଭାରତକୁ ପ୍ରତ୍ୟାବର୍ତ୍ତନ ସମୟ ପର୍ଯ୍ୟନ୍ତ ଜୀବନୀ କାହାଣୀକୁ ଧାରାବାହିକ ଭାବେ ଏ ପୁସ୍ତକରେ ସନ୍ନିବେଶିତ କରିଛି । ଏ କାହାଣୀ ମୋହନଦାସଙ୍କ ଜୀବନର ପ୍ରଥମ ଛୟାଳିଶ ବର୍ଷର କାହାଣୀ । ଜୀବନରେ ସତ୍ୟ ଏବଂ ଧର୍ମର ପ୍ରୟୋଗ କରି କିପରି ଗୋଟିଏ ମହାତ୍ମାର ଅଭ୍ୟୁଦୟ ହୋଇଛି, ଏ ପୁସ୍ତକ ତା'ର ଏକ ବର୍ଣ୍ଣନା ଦିଏ ।

ମୁଁ ଗାନ୍ଧୀ ଦର୍ଶନର ବିଶାରଦ ନୁହେଁ; ଗାନ୍ଧୀ ଜୀବନୀ ପଢ଼ିବାକୁ ପିଲାବେଳୁ ଯାହା ରୁଚି ରଖିଛି । ବିଭିନ୍ନ ପ୍ରସଂଗ ନେଇ ଉଭୟେ ଇଂରାଜୀ ଏବଂ ଓଡ଼ିଆରେ ପ୍ରବନ୍ଧ ତଥା ସ୍ତମ୍ଭ ଲେଖାରେ ଅଭ୍ୟାସ ରଖିଥିବା ଏକ ସାହିତ୍ୟିକର ଦୃଷ୍ଟିଭଙ୍ଗୀ ନେଇ ଏ ପୁସ୍ତକ 'ମୋହନରୁ ମହାତ୍ମା' ଲେଖିଛି । 'ଗାନ୍ଧୀ ଚର୍ଚ୍ଚା' ପରି ଆଦୃତି ପାଇଲେ ଖୁସି ହେବି । ଏବଂ ଆଶା କରେ, ଗାନ୍ଧୀ ଦର୍ଶନ ଏବଂ ସାହିତ୍ୟ ପ୍ରତି ଆଗ୍ରହୀ ଥିବା ପାଠକ, ସାହିତ୍ୟକ ତଥା ଗବେଷକଙ୍କ ପାଇଁ ଏ ପୁସ୍ତକ ସହାୟକ ହେବ ।

'ମୋହନରୁ ମହାତ୍ମା' ପୁସ୍ତକ ପ୍ରକାଶନରେ ଅକୁଣ୍ଠିତ ସହାୟତା ପାଇଁ ଓଡ଼ିଆ ପାକ୍ଷିକ ସମ୍ବାଦପତ୍ର 'ଉତ୍କଳ ନକ୍ଷତ୍ର'ର ସଂପାଦକ ବନ୍ଧୁ ବିମଳ ପ୍ରସାଦ ଦାସଙ୍କୁ ଧନ୍ୟବାଦ ଜଣାଉଛି ।

ବଣୀକାନ୍ତ ଚନ୍ଦ୍ର ପଣ୍ଡା

Digitized by PPRACHIN, SOA

ଭିତର ପୃଷ୍ଠାରେ

ପ୍ରସ୍ତାବନା ॥ ୫
ମୋହନଙ୍କ ଜନ୍ମ ॥ ୭
ମୋହନଙ୍କ ପିଲାବେଳ ॥ ୧୨
ମୋହନଙ୍କ ପାଠପଢ଼ା ॥ ୧୭
ମୋହନଙ୍କ ବିବାହ ॥ ୨୧
କୁସଙ୍ଗ ଓ ପ୍ରାୟଶ୍ଚିତ ॥ ୨୬
ମୋହନଙ୍କ ଲଣ୍ଡନ ଯାତ୍ରା ॥ ୩୧
ଲଣ୍ଡନରେ ମୋହନଦାସ ॥ ୩୬
ମୋହନଙ୍କ ଲଣ୍ଡନ ଜୀବନ ॥ ୪୦
ଲଣ୍ଡନରେ ପାଠପଢ଼ା ॥ ୪୪
ଅସଫଳ ଓକିଲାତି ॥ ୪୯
ଦକ୍ଷିଣ ଆଫ୍ରିକାରେ ଭାରତୀୟ ଓକିଲ ॥ ୫୫
କୁଲି ବାରିଷ୍ଟର ॥ ୬୦
ଗାନ୍ଧୀଭାଇ ରହିଯାଅ ॥ ୬୫
ଓକିଲାତିରୁ ସାମାଜିକ କର୍ମୀ ॥ ୭୦
ଧର୍ମ ଓ ରାଜନୀତି ॥ ୭୬
ଭାରତ ଆଗମନ ॥ ୮୦
ନାତାଲ୍‌ରେ ଆକ୍ରମଣ ॥ ୮୪
ଦର୍ବାନ୍‌ରେ ମୋହନଙ୍କ ପରିବାର ॥ ୮୯
ବୋଅର ଯୁଦ୍ଧ ॥ ୯୩
ସଂପତ୍ତି ବୈରାଗ୍ୟ ॥ ୯୮
ଟ୍ରାନ୍ସବାହାଲରେ ଗାନ୍ଧୀ ॥ ୧୦୨

୧୦୬ ॥ ଦକ୍ଷିଣ ଆଫ୍ରିକାରେ ମୋହନଙ୍କ ନୂଆ ବନ୍ଧୁ
୧୧୨ ॥ କାର୍ଯ୍ୟ ରୂପ
୧୧୮ ॥ ପ୍ରତିବାଦର ସ୍ୱର
୧୨୨ ॥ ଲଣ୍ଡନ୍ ଲବି
୧୨୭ ॥ ପ୍ରତ୍ୟକ୍ଷ ଆନ୍ଦୋଳନ
୧୩୧ ॥ ଜେଲ୍‌ରେ ମୋହନଦାସ
୧୩୭ ॥ ମୋହନଙ୍କ ପ୍ରଥମ ଜେଲ୍ ଜୀବନ
୧୪୨ ॥ ଜେଲ୍‌ରେ ହରିଲାଲ୍
୧୪୫ ॥ ସରକାରଙ୍କ ଗାନ୍ଧୀ ଭୟ
୧୪୯ ॥ ଗାନ୍ଧୀଙ୍କ କସ୍ତୁରବା ଚିନ୍ତା
୧୫୪ ॥ ବିଫଳ ଲଣ୍ଡନ ମିଶନ
୧୫୮ ॥ ହିନ୍ଦ୍ ସ୍ୱରାଜ
୧୬୨ ॥ ଟଲଷ୍ଟୟ ଫାର୍ମ
୧୬୮ ॥ ହରିଲାଲ୍‌ଙ୍କ ଦୁଃଖ
୧୭୨ ॥ ଦକ୍ଷିଣ ଆଫ୍ରିକାରେ ଗୋଖଲେ
୧୭୭ ॥ ଫନିକ୍ସରେ ବାପୁ
୧୮୨ ॥ ଜେଲ୍‌ରେ କସ୍ତୁରବା
୧୮୬ ॥ ଦୀର୍ଘ ପଦଯାତ୍ରା
୧୯୨ ॥ ଆଣ୍ଡ୍ରିୟୁଜ୍ ଓ ମୋହନ
୧୯୬ ॥ ବିଦାୟ ଦକ୍ଷିଣ ଆଫ୍ରିକା
୨୦୧ ॥ ଉପସଂହାର (ଗାନ୍ଧୀ ମହାତ୍ମା)

Digitized by PPRACHIN, SOA

ପ୍ରସ୍ତାବନା

ଥରେ ଜଣେ ଦକ୍ଷିଣ ଆଫ୍ରିକୀୟ ବୁଦ୍ଧିଜୀବୀ ମନ୍ତବ୍ୟ ଦେଲେ, "ଆପଣ ଭାରତୀୟମାନେ ଆମଂକୁ ଜଣେ ଓକିଲ ଦେଇଥିଲେ । ଆମେ ଆପଣଙ୍କୁ ମହାତ୍ମାଟିଏ ଦେଇଦେଲୁ" ।

ମନ୍ତବ୍ୟଟି ଛୋଟ ହେଲେ ବି ବେଶ୍ ଗୁରୁତ୍ୱ ରଖେ । ୧ ୯ ୧ ୫ ମସିହା ଜାନୁୟାରୀ ମାସରେ ଗାନ୍ଧୀ ଭାରତ ଫେରିବା ବେଳକୁ ଯେ ସେ ମହାତ୍ମା ହୋଇସାରିଥିଲେ, ଏଇ ମନ୍ତବ୍ୟ ସୂଚାଇ ଦେଇଥିଲା ।

ମୋହନଦାସଙ୍କ ମହାତ୍ମା ପ୍ରସଙ୍ଗ ନେଇ କିଛି ଦାବି ଆଲୋଚନାକୁ ଆସେ । ଏକ ପାରମ୍ପରିକ ଦାବି ହେଲା, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ହିଁ ପ୍ରଥମେ ଗାନ୍ଧୀଙ୍କୁ ମହାତ୍ମା ବୋଲି ଡ଼ାକିଥିଲେ । ୧ ୯ ୧ ୯ ମସିହା ଏପ୍ରିଲ ମାସ ୧ ୨ ତାରିଖରେ ଖିଲାଫତ ଆନ୍ଦୋଳନ ବେଳେ ଟାଗୋରଙ୍କ ଏକ ଚିଠିରେ ଗାନ୍ଧୀଙ୍କୁ 'ମହାତ୍ମା'ର ସଂବୋଧନ ଥିଲା । ଏ ଚିଠିରେ ଟାଗୋର ଲେଖିଥିଲେ, "ଆଦରଣୀୟ ମହାତ୍ମାଜୀ ! ଆପଣ ଠିକ୍ ସମୟରେ ଏବଂ ଦରକାର ବେଳେ ଏ ଦେଶକୁ ନେତୃତ୍ୱ ଦେବାକୁ ଚାଲି ଆସିଛନ୍ତି" ।

ଅନ୍ୟ ଏକ ଦାବି ଉଠେ ଯେ ୧ ୯ ୧ ୫ ମସିହା ଜାନୁୟାରୀ ମାସରେ ଗୁଜୁରାଟରେ ଗୋନ୍ଦାଲ ସହରରେ ଏକ ସମ୍ବର୍ଦ୍ଧନା ସଭାରେ ଗୁଜୁରାଟି ପ୍ରଶଂସକମାନେ ଗାନ୍ଧୀଙ୍କୁ ମହାତ୍ମା ଉପାଧିରେ ଭୂଷିତ କରିଥିଲେ । ଦକ୍ଷିଣ ଆଫ୍ରିକାରୁ ଭାରତ ଫେରି ଆସିବା ପରେ ଗୁଜୁରାଟର ବିଭିନ୍ନ ସହରରେ ଗାନ୍ଧୀଙ୍କ ପାଇଁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ।

ଗାନ୍ଧୀଙ୍କ ମହାତ୍ମା ପ୍ରସଙ୍ଗ ନେଇ ଅନ୍ୟ ଯେଉଁ ଦାବି ଆସେ, ତାହା ବେଶ୍ ଚମକପ୍ରଦ । ୧ ୯ ୧ ୪ ମସିହା ଅଗଷ୍ଟ ମାସ ୨ ୧ ତାରିଖରେ ଜେନେରାଲ ସ୍ମଟ୍ସ ଏକ ଚିଠିକୁ ଉଦ୍ଧୃତ କରାଯାଇ କୁହାଯାଏ, ଜେନେରାଲ ସ୍ମଟ୍ସ ହିଁ ଶେଷରେ ଗାନ୍ଧୀଙ୍କୁ ଏକ ମାହାତ୍ମା ବୋଲି ମାନିଥିଲେ । ଭାରତର ଭାଇସରାୟଙ୍କ ପ୍ରତିନିଧି ବେଞ୍ଜାମିନ୍ ରବର୍ଟସନ୍‌ଙ୍କୁ ଲେଖିଥିବା ଚିଠିରେ ସ୍ମଟସ କହିଥିଲେ, "ଗାନ୍ଧୀଙ୍କର ଅନେକ ସମସ୍ୟା ମୁଁ ସମାଧାନ

Digitized by PPRACHIN, SOA

କରିଦେଇଛି । ପରିଣତି ଏତିକି ହୋଇଛି, ଗାନ୍ଧୀ ପରି ଜଣେ ସାଧୁ ମହାତ୍ମା, ଦକ୍ଷିଣ ଆଫ୍ରିକା ଉପକୂଳ ଛାଡ଼ି ସବୁଦିନ ପାଇଁ ନିଜ ଦେଶକୁ ଫେରି ଯାଇଛନ୍ତି" ।

ଦକ୍ଷିଣ ଆଫ୍ରିକାର ତତ୍‌କାଳୀନ ଗୃହମନ୍ତ୍ରୀ ଜେନେରାଲ ସ୍ମଟସଙ୍କ ପରି ଜଣେ କଠୋର ଶାସକ ଗାନ୍ଧୀଙ୍କୁ ସାଧୁ ବୋଲି କହିବା ଆଶ୍ଚର୍ଯ୍ୟ ।

ଉପରୋକ୍ତ ଏସବୁ ଦାବିର ବହୁତ ପୂର୍ବରୁ କିନ୍ତୁ ପ୍ରାଣଜୀବନ ମେହେଟ୍ଟା ଗାନ୍ଧୀଙ୍କୁ ମାହାତ୍ମା ଉପାଧି ଦେଇ ସାରିଥିଲେ । ୧୯୦୮ ମସିହାରେ ରେଙ୍ଗୁନ୍‌ରୁ ସେ (ମେହେଟ୍ଟା) ଗୋପାଳକୃଷ୍ଣ ଗୋଖଲେଙ୍କୁ ଲେଖିଥିବା ଏକ ଚିଠିରେ କହିଥିଲେ -

"ପ୍ରିୟ ମହାଶୟ,

ଗତଥର ମୁଁ ୟୁରୋପ ଗଲାବେଳେ ମିଷ୍ଟର ଗାନ୍ଧୀଙ୍କ ବିଷୟରେ ବହୁତ କିଛି ଜାଣିବାକୁ ପାଇଥିଲି । ମୁଁ ଗାନ୍ଧୀଙ୍କୁ ଦୀର୍ଘ ୨୦ବର୍ଷ ହେଲା ଦେଖି ଆସୁଛି ଏବଂ ଯେତେଥର ଦେଖୁଛି, ସେ ମୋତେ ପ୍ରତିଥର ଅଧିକ ନିଃସ୍ୱାର୍ଥପର ଏବଂ ପରିବର୍ତ୍ତିତ ଲାଗୁଛନ୍ତି । ବର୍ତ୍ତମାନ ସେ ଏକ ସାଧୁର ଜୀବନଯାପନ କରୁଛନ୍ତି । ସେ ବାସ୍ତବରେ ଜଣେ 'ମାହାତ୍ମା', ଯିଏ ନିଜ ଦେଶ ସଂପର୍କରେ ଅହରହ ଚିନ୍ତାରେ ହିଁ ଥାଆନ୍ତି ।

"ମୋର ମନେହୁଏ, ଯେଉଁମାନେ ଭାରତର ହିତ ପାଇଁ କାମ କରିବାକୁ ଚାହାନ୍ତି, ସେମାନେ ଗାନ୍ଧୀ ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଫିନିକ୍ସ କଲୋନୀ ଏବଂ ଫିନିକ୍ସ ସ୍କୁଲ ବିଷୟରେ ଜାଣିବା ଦରକାର ଏବଂ ଟ୍ରାନ୍ସବାହାଲରେ ଗାନ୍ଧୀ ଯେଉଁ ଅହିଂସ ଆନ୍ଦୋଳନ କରୁଛନ୍ତି ଏହାର ପ୍ରତ୍ୟକ୍ଷ ଅନୁଭୂତି ନେବା ଉଚିତ୍ ।"

ଗୋଖଲେଙ୍କୁ ପ୍ରାଣଜୀବନ ମେହେଟ୍ଟା ଲେଖିଥିବା ଏ ଚିଠି କଥା ବୋଧେ ଗାନ୍ଧୀଙ୍କୁ ଜଣା ନଥିଲା । ଚିଠି ନେଇ ଗାନ୍ଧୀଙ୍କ ପ୍ରତିକ୍ରିୟା ତେଣୁ ଅସ୍ପଷ୍ଟ । ପ୍ରାଣଜୀବନ ଥିଲେ ଗାନ୍ଧୀଙ୍କ ପରମ ବନ୍ଧୁ ।

ଏହା ତେଣୁ ସତ ଯେ, ମୋହନଦାସ ୧୯୧୫ ମସିହାରେ ଭାରତ ପହଞ୍ଚିବା ପୂର୍ବରୁ ମହାତ୍ମା ହୋଇସାରିଥିଲେ । କେବଳ ଦକ୍ଷିଣ ଆଫ୍ରିକାର ଅବସ୍ଥାନ ନୁହେଁ, ୧୮୬୯ ମସିହା ପୋରବନ୍ଦରରୁ ୧୯୧୪ ମସିହା ଶେଷ ଭାଗରେ ଦକ୍ଷିଣ ଆଫ୍ରିକାର କେପଟାଉନରୁ ଭାରତ ଫେରିବାର ଦୀର୍ଘ ପ୍ରାୟ ୪୬ ବର୍ଷର ପରିକ୍ଷିତ ଜୀବନ ଗାନ୍ଧୀଙ୍କୁ ମହାତ୍ମା କରିବାରେ ସାହାଯ୍ୟ କରିଥିଲା ।

ମୋହନରୁ ମହାତ୍ମାର ଯାତ୍ରା ତେଣୁ ଖୁବ୍ ସୁନ୍ଦର, ସଂଘର୍ଷମୟ ଏବଂ ଇଣ୍ଟେରିଷ୍ଟିଙ୍ଗ ।

Digitized by PPRACHIN, SOA

୧

ମୋହନଙ୍କ ଜନ୍ମ

ଗୁଜୁରାଟର କାଥିଆୱାଡ଼ରେ ପୋରବନ୍ଦର । ସମୁଦ୍ର ପାଖ । ପୋରବନ୍ଦରରେ ଗାନ୍ଧୀ ପରିବାରର ଘର । ପୁରୁଣା ତିନି ମହଲା କୋଠା । ଘର ଆଗରେ ବଡ଼ ଏକ କାଠ ଗେଟ୍ । ଗେଟ୍ ଖୋଲି ଗଲେ ଅଗଣା । ଅଗଣା ତଳେ ବିରାଟ ଏକ ପାଣି ଟାଙ୍କି । ବର୍ଷା ଜଳକୁ ଏଇ ଟାଙ୍କିରେ ସଂଚୟ କରି ରଖାଯାଏ । ପୋରବନ୍ଦର ଭୂତଳ ପାଣି ଟିକିଏ ଖାରିଆ ।

ଅଗଣା ତିନିପାଖେ ଗାନ୍ଧୀ ପରିବାର ଅଟ୍ଟାଳିକା । ଘରେ ବାରଟା ବଡ଼ ବଡ଼ ବଖରା । ଆଲୋକ ଯିବା ପାଇଁ ଝରକା କମ୍ । ଉପର ମହଲାରେ ବଡ଼ ଏକ ବାଲ୍‌କୋନି । ସନ୍ଧ୍ୟା ହେଲେ ଗାନ୍ଧୀ ପରିବାରର ସଦସ୍ୟ ଏଇଠି ଏକାଠି ହୁଅନ୍ତି । ସମୟ କାଟନ୍ତି । ସମୁଦ୍ରର ହାୱାକୁ ଉପଭୋଗ କରନ୍ତି । ୧୭୭୭ ମସିହାରୁ ଏ ଘରେ ଗାନ୍ଧୀ ପରିବାର ରହୁଥିଲେ ।

ଗାନ୍ଧୀ ଜାତିରେ ବଣିଆ । ମୋଢ଼ ପୁଟୁଳି ବଣିଆ । ତାଙ୍କର ପୂର୍ବ ପୁରୁଷମାନେ ବିଭିନ୍ନ ବ୍ୟବସାୟ କରୁଥିଲେ । ଗାନ୍ଧୀ ପରିବାର ତିନି ପିଢ଼ୀ ବିଭିନ୍ନ ରାଜ୍ୟର ଲଗାତାର ଭାବେ ଦିୱାନ୍ ହୋଇଥିଲେ । ଉତ୍ତମ ଚାନ୍ଦ ଓରଫ ଓତା ଗାନ୍ଧୀ ପୋରବନ୍ଦରର ଥିଲେ ଦିୱାନ୍ । ଭଲ ରାଜନୀତିଜ୍ଞ ଭାବେ ସୌରାଷ୍ଟ୍ର ରାଜ୍ୟ ପୋରବନ୍ଦର, ରାଜକୋଟ୍ ଏବଂ ଜୁନାଗଡ଼ରେ ତାଙ୍କର ଖ୍ୟାତି ରହିଥିଲା । ଓତା ଗାନ୍ଧୀଙ୍କୁ ଶ୍ରଦ୍ଧାରେ ଲୋକେ 'ଓତା ବାପା' ବୋଲି ଡ଼ାକୁଥିଲେ ।

ଓତାଙ୍କ ବିଚାର ଥିଲା ଭଲ । ଖୁବ୍ କମ୍ ସାଲିସ ସେ କରୁଥିଲେ । ଥରେ ପୋରବନ୍ଦର ରାଣୀ ମାତାଙ୍କ ସହ ମନୋମାଳିନ୍ୟ ଯୋଗୁଁ ତାଙ୍କୁ ରାଜ୍ୟରୁ ବିତାଡ଼ିତ ହେବାକୁ ପଡ଼ିଥିଲା । ସେ ଜୁନାଗଡ଼ରେ ଆଶ୍ରୟ ନେଇଥିଲେ । ରାଜ ଦରବାରରେ ପ୍ରଥମ ଦିନ ସେ ଜୁନାଗଡ଼ର ନବାବ୍‌ଙ୍କୁ ବାମ ହାତ ଟେକି ଅଭିନନ୍ଦନ ଦେବାବେଳେ ପ୍ରଶ୍ନ ହୋଇଥିଲା, "ବାମ ହାତ କାହିଁକି ?" ଉତ୍ତମ ଚାନ୍ଦ ଉତ୍ତର ଦେଇଥିଲେ- "ଡ଼ାହାଣ

Digitized by PPRACHIN, SOA

ହାତ ମୋର ପୋରବନ୍ଦରକୁ ସମର୍ପିତ କରିଦେଇଛି ।"

ଓତା ଗାନ୍ଧୀ ଦୁଇଟି ସ୍ତ୍ରୀ ବିବାହ କରିଥିଲେ । ପ୍ରଥମ ସ୍ତ୍ରୀର ଚାରିପୁତ୍ର ଥିଲେ ଏବଂ ପ୍ରଥମ ସ୍ତ୍ରୀର ମୃତ୍ୟୁ ପରେ ଦ୍ୱିତୀୟ ସ୍ତ୍ରୀ ବିବାହ କରି ଆଉ ଦୁଇ ପୁତ୍ର ସନ୍ତାନର ସେ ଜନକ ହୋଇଥିଲେ । କରମଚାନ୍ଦ ଓରଫ କାବା ଥିଲେ ତାଙ୍କର ପଞ୍ଚମ ପୁତ୍ର । ସବୁଠାରୁ କନିଷ୍ଠ ଥିଲେ ତୁଳସୀ ଦାସ, ଓତା ଗାନ୍ଧୀଙ୍କର ଷଷ୍ଠ ପୁତ୍ର । ଓତାଙ୍କର ଦ୍ୱିତୀୟ ସ୍ତ୍ରୀ ଥିଲେ ତୁଳସୀବାଇ । ଅନେକ ତାଙ୍କୁ ତୁଳସୀ ମା' ବୋଲି ସଂବୋଧନ କରୁଥିଲେ ।

କାବା ଗାନ୍ଧୀ ଥିଲେ ଉଚ୍ଚତାରେ ଛୋଟ । ଚେହେରା କିନ୍ତୁ ବେଶ୍ ବଳିଷ୍ଠ । ବଡ଼ ବଡ଼ ନୀଶ ସେ ରଖୁଥିଲେ । କାବା ଥିଲେ ଖୁବ୍ ଚାଲାକ୍, ବିଦ୍ୱାନ୍, ଧାର୍ମିକ, ସାହାସୀ ଏବଂ ବିଚାରବନ୍ତ । ଉତ୍ତମ ଶାସକ ଭାବେ ତାଙ୍କର ସୁନାମ ବି ଥିଲା । କାବା ଗାନ୍ଧୀ ଟିକିଏ କଥାରେ ରାଗି ଯାଆନ୍ତି । ଭାରି କ୍ଷୀଣ ରାଗି ।

କାବା ଗାନ୍ଧୀ ବେଶି ପାଠ ପଢ଼ି ନଥିଲେ । ସ୍ଥାନୀୟ ଗୁଜୁରାଟି ସ୍କୁଲରେ ଅଳ୍ପ କିଛି ପଢ଼ିଥିଲେ । ବ୍ୟବହାରିକ ଜ୍ଞାନ ତାଙ୍କର ଥିଲା ଅନନ୍ୟ । ରାଣା ଦରବାରରେ ପ୍ରଥମେ ସେ ଏକ କିରାଣୀ ଭାବେ ଯୋଗ ଦେଇଥିଲେ ଏବଂ ରାଣାଙ୍କର ଖୁବ୍ ବିଶ୍ୱାସ ଭାଜନ ହୋଇ ସେ ପରବର୍ତ୍ତୀ ସମୟରେ ପୋର ବନ୍ଦରର ଦିୱାନ୍ ହୋଇଥିଲେ । କାବାଙ୍କ ପରେ ତାଙ୍କ ସାନ ଭାଇ ତୁଳସୀଦାସ ପୋର ବନ୍ଦରର ବି ଦିୱାନ୍ ହୋଇଥିଲେ ।

କାବା ବନାମ୍ କରମଚାନ୍ଦ ଗାନ୍ଧୀ ଚାରୋଟି ସ୍ତ୍ରୀ ବିବାହ କରିଥିଲେ । ଗୋଟିଏ ସ୍ତ୍ରୀ ମୃତ୍ୟୁ ହେବା ପରେ ଅନ୍ୟ ସ୍ତ୍ରୀ ସେ ଗ୍ରହଣ କରିଥିଲେ । ପ୍ରଥମ ଦୁଇ ସ୍ତ୍ରୀଙ୍କର ଗୋଟିଏ ଲେଖାଏଁ ଦୁଇଟି ଝିଅ ଥିଲେ । ତୃତୀୟ ସ୍ତ୍ରୀଙ୍କର କିଛି ସନ୍ତାନ ସନ୍ତତି ନଥିଲା । ସେ ଭାରି ରୋଗିଣୀ ଥିଲେ । କାବାଙ୍କର ଚତୁର୍ଥ ସ୍ତ୍ରୀ ଥିଲେ ପୁତୁଳିବାଇ । ପୁତୁଳିବାଇ ଥିଲେ କାବାଙ୍କ ଠାରୁ ବହୁତ ଛୋଟ । ପାର୍ଥକ୍ୟ ପ୍ରାୟ ବାଇଶି ବର୍ଷ ଥିଲା । ସେ ଦୁହିଁଙ୍କର ବିବାହ ହୋଇଥିଲା ୧୮୫୭ ମସିହାରେ । ପୁତୁଳିବାଇଙ୍କର ବାପା ଥିଲେ ଜୁନାଗଡ଼ର ଜଣେ ଜଣାଶୁଣା ବ୍ୟବସାୟୀ ।

ପୁତୁଳିବାଇ ଥିଲେ ବେଶ୍ ଧର୍ମ ପରାୟଣ ମହିଳା । ସବୁଦିନ ସେ ବୈଷ୍ଣବ ମନ୍ଦିରକୁ ଯାଆନ୍ତି । ପୂଜାପାଠ କରନ୍ତି । ପୂଜାପାଠ ନସରିଲେ ସେ କିଛି ଖାଆନ୍ତି ନାହିଁ । ବ୍ରତ ଉପାସରେ ବେଶି ମନଥାଏ ପୁତୁଳିବାଇଙ୍କର । ଥରେ ସେ କୌଣସି ବ୍ରତ ପାଳନ କରିବାର ଶପଥ ନେଇଗଲେ ଯାହାହେଲେ ବି ସେ ତାକୁ ମାନନ୍ତି । ଦେହ ଖରାପ ହେଲେ ବି ସେ ବ୍ରତ ତାଙ୍କର ଭାଙ୍ଗେନି । ଗାନ୍ଧୀ ପରିବାରର ସମସ୍ତେ ଥିଲେ ନିରାମିଷାଶୀ । ଘରେ ପିଆଜ ରସୁଣ ଛୁଏ ନାହିଁ ।

Digitized by PPRACHIN, SOA

ବଣିଆ ସ୍ତ୍ରୀ ଲୋକମାନେ ରୋଷେଇ କଲାବେଳେ ବେଶ୍ ସତର୍କ ରହନ୍ତି । କାଳେ କୌଣସି ପୋକଜୋକ ଖାଦ୍ୟରେ ପଡ଼ିଯିବେ, ସେଥିପାଇଁ ତାଙ୍କର ନିଘା ଥାଏ । କେତେବେଳେ କେମିତି କାବା ଗାନ୍ଧୀ ସଂଧ୍ୟା ଖାଦ୍ୟ ପ୍ରସ୍ତୁତି ବେଳେ ପୁତୁଳିବାଇଙ୍କୁ ରୋଷେଇରେ ସାହାଯ୍ୟ କରିଦିଅନ୍ତି । ପରିବା କାଟି ଦିଅନ୍ତି ।

ପୁତୁଳିବାଇଙ୍କର ପ୍ରଥମେ ତିନୋଟି ସନ୍ତାନ ଥିଲେ । ପ୍ରଥମ ସନ୍ତାନ ଥିଲେ ପୁଅ । ନାଁ ଲକ୍ଷ୍ମୀଦାସ । ଦ୍ୱିତୀୟ ଥିଲେ ଝିଅ । ନାଁ ରାଲିଏତ । ତାଙ୍କ ନାଁ ଗୋକି ଏବଂ ତୃତୀୟ ସନ୍ତାନ ଥିଲେ ପୁତ୍ର କର୍ଷଣ ଦାସ ।

ପୁତୁଳିବାଇ ତାଙ୍କର ଚତୁର୍ଥ ତଥା ଶେଷ ସନ୍ତାନଙ୍କୁ ଜନ୍ମ ଦେଇଥିଲେ ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ । ଭାଦ୍ରବ ମାସ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ । ଚତୁର୍ଥ ସନ୍ତାନଟି ଥିଲେ କାବା ଗାନ୍ଧୀଙ୍କ ତୃତୀୟ ପୁତ୍ର । ପୁତୁଳିବାଇଙ୍କର ପ୍ରସୂତି ପାଇଁ ଗାନ୍ଧୀ ପରିବାର ରହୁଥିବା ତଳ ମହଲାର ଏକ ଅନ୍ଧାରୁଆ ଘରେ ଏନ୍ତୁଡ଼ି ବ୍ୟବସ୍ଥା ହୋଇଥିଲା ।

ପୁତ୍ର ସନ୍ତାନ ଜନ୍ମ ବେଳେ ପୁତୁଳିବାଇଙ୍କ ପାଖରେ ପରିବାରର ଅନ୍ୟ କେହି ନଥିଲେ । ପାଖରେ କେବଳ ଧାଇଟି ଥିଲା । ଧାଇ ଥିଲା ଜାତିରେ ଧୋବା । ଧାଇ ଆସି ତୁଳସୀବାଇଙ୍କୁ ଖବର ଦେଲା, " ପୁଅ ହୋଇଛି ମା'" । ତୁଳସୀ ସେତେବେଳେ ପାନ ଭାଙ୍ଗୁଥିଲେ । ପାନ ଭଙ୍ଗାକୁ ଅଧା ରଖି ତୁଳସୀ ଘରର ଅନ୍ୟ ବୋହୂ ଏବଂ ନାତୁଣୀ ବୋହୂମାନଙ୍କୁ ଏ ଖବର ଦେଇଦେଲେ । ପରିବାରରେ କିଛି ସମୟ ପାଇଁ ହଲ୍‌ଚଲ୍ ଦେଖାଦେଲା । ପୁତୁଳିବାଇଙ୍କ ଦୁଆର ଆଗରେ ସମସ୍ତେ ରୁଣ୍ଡ ହୋଇଗଲେ । ସମସ୍ତେ ଏକ ସ୍ୱରରେ କହିଲେ, "ପୁତିଲିବାଇ ଭାରି ଭାଗ୍ୟବତୀ । ଶେଷରେ ପୁଅ ହୋଇଛି । ଇଏତ ଈଶ୍ୱରଙ୍କ କୃପା" । ତା'ପରେ ଘରେ ସବୁ ସାମାନ୍ୟ ହୋଇଗଲା । କାବା ଗାନ୍ଧୀ ତାଙ୍କ ପରିବାରର ତୃତୀୟ ପୁତ୍ର ଜନ୍ମ ବେଳେ ପୋରବନ୍ଦରରେ ନଥିଲେ । ରାଜ୍ୟ କାର୍ଯ୍ୟରେ ବାହାରକୁ ଯାଇଥିଲେ ।

ଗୁଜୁରାଟି ପ୍ରଥା ଅନୁସାରେ, ପିଲା ଜନ୍ମର ପ୍ରଥମ ଦଶଦିନ ଛୁତିକିଆ ହୁଏ । ପ୍ରସୂତି ଘରକୁ କେହି ଯାଆନ୍ତି ନାହିଁ । ସବୁ ଏଠି ଛୁଆଁ । ଘର ଲୋକ କେହି ପୁତୁଳିବାଇ ପ୍ରସୂତି ଘରକୁ ଯାଉନଥିଲେ । ଧାଇ କେବଳ ଯାହା ଯିବା ଆସିବା କରୁଥିଲା । ଦୁଆର ମୁହଁରେ ଛିଡ଼ା ହୋଇ ପରିବାର ଲୋକେ ପୁତୁଳିବାଇଙ୍କ ସହ କଥା ହେଉଥିଲେ । ଭଲମନ୍ଦ ବୁଝୁଥିଲେ । ଧାଇ ହାତରେ ପୁଅକୁ ଆଣି ବାହାରେ ଦେଖୁଥିଲେ ।

ଏଇ ଛୁତିକିଆ ଦିନ ଭିତରୁ ଦିନେ ଜେଜେମା', 'ତୁଳସୀବାଇ' ନାତି କର୍ଷଣ ଏବଂ ନାତୁଣୀ ରାଲିଏତ୍‌କୁ ନେଇ ପୁତୁଳିବାଇଙ୍କ ଘର ଆଗରେ ପହଞ୍ଚିଲେ । ପୁଅକୁ ବାହାରକୁ

Digitized by PPRACHIN, SOA

(କାବାଗାନ୍ଧୀ ଓ ପୁତୁଳିବାଈ)

Digitized by PPRACHIN, SOA

ଆଣିବାକୁ ଧାଇକୁ କହିଲେ । ଧାଇ ପୁଅକୁ ଆଣି ତୁଳସୀ ମା'ଙ୍କୁ ଦେଲା । ତୁଳସୀ ଏକ ସଫା ଟାଉଲରେ ପୁଅକୁ ଧରିଲେ । ନାଡି କର୍ଷଣ ଏବଂ ନାଡୁଣି ରାଲିଏତ୍‌କୁ ସେ କୁନି ପୁଅକୁ ଦେଖାଇଲେ ଏବଂ ସେଇଠି ତୁଳସୀ ମା' ପୁଅର ନାମ ଦେଲେ ମୋହନଦାସ । ମୋହନଦାସ କରମଚାନ୍ଦ ଗାନ୍ଧୀ । ମୋହନଦାସ ନାଁ କିନ୍ତୁ ବଡ଼ ଲାଗିଲା ତୁଳସୀବାଇଙ୍କୁ । ସେ ଏହାକୁ ଛୋଟ କରି କହିଲେ, ଏହାକୁ 'ମନୁଆ' ଡ଼ାକିବେ । ଶ୍ରଦ୍ଧାରେ ମନୁ ଓ ମୋହନ ।

କିଏ ବା ସେଦିନ ଜାଣିଥିଲା, ଏଇ ମୋହନ ଦିନେ ମହାତ୍ମା ହୋଇଯିବେ । ଜାତିର ଜନକ 'ବାପୁ' ହୋଇଯିବେ । ଇଂରାଜୀ ବନ୍ଧୁ ସି.ଏଫ୍. ଆଣ୍ଡ୍ରିଉଜ୍ ମୋହନଦାସଙ୍କୁ ତାଙ୍କର ପ୍ରଥମ ନାଁ ମୋହନ ନାଁରେ ହିଁ ଡ଼ାକୁଥିଲେ । ଏଇ ମୋହନ ଡ଼ାକ ଆଣ୍ଡ୍ରିଉଜ୍‌ଙ୍କର ମୃତ୍ୟୁ ପର୍ଯ୍ୟନ୍ତ ହିଁ ଥିଲା ।

୧୮୬୯ ମସିହା ଅକ୍ଟୋବର ମାସ ୨ ତାରିଖରେ ମୋହନଦାସଙ୍କ ଜନ୍ମ ବେଳେ ଗାନ୍ଧୀ ପରିବାରରେ ସେମିତି କିଛି ଚମତ୍କାରିତା ଦେଖା ଦେଇନଥିଲା । କିନ୍ତୁ ସମଗ୍ର ପୃଥିବୀ ପାଇଁ ଏଇ ମୋହନ ଯେ ଦିନେ ଚମତ୍କାର ହୋଇଯିବେ, ଏଇକଥା ରେକର୍ଡ଼ କରିବାକୁ ଇତିହାସ ନିଶ୍ଚୟ ଅପେକ୍ଷାରେ ଥିଲା ।

❖❖❖

Digitized by PPRACHIN, SOA

୨

ମୋହନଙ୍କ ପିଲାବେଳ

ମୋହନଙ୍କ ଜନ୍ମବେଳେ କାବା ଗାନ୍ଧୀଙ୍କର ପୋରବନ୍ଦରରେ ରାଜା ରାଣା ସାହେବଙ୍କ ସହ ଭଲ ସଂପର୍କ ଥିଲା । କାବା ପରିବାର ତେଣୁ ଏକ ଆରାମଦାୟକ ଜୀବନ ବିତାଉ ଥିଲେ । ଘରେ ଡ଼ଜନ ଡ଼ଜନ ଚାକର ଚାକରାଣୀ ଏବଂ ସହାୟକ ଥିଲେ । ବଡ଼ବାପା, ବଡ଼ବୋଉ, କଖା, ଖୁଡ଼ି, ଭାଇ, ଭାଉଜ ଏବଂ ଭାଇ ଭଉଣୀଙ୍କୁ ନେଇ ମୋହନଙ୍କ ପାଇଁ ଏକ ପୂର୍ଣ୍ଣ ଘର ଥିଲା କାବାଙ୍କର ।

ମୋହନ ଘରେ ଭାଇ ଭଉଣୀଙ୍କ ସହ ଖେଳୁଥିଲେ । ସେମାନଙ୍କ ସହ ସେ କଥା ହେଉଥିଲେ । ଗୁରୁଜନଙ୍କୁ ଦେଖିଲେ ସେ କିନ୍ତୁ ହଠାତ୍ ଚୁପ୍ ହୋଇଯାଉଥିଲେ । ସମସ୍ତେ ତାଙ୍କୁ ଯେପରି ଅଜଣା ଅଜଣା ଲାଗୁଥିଲେ । ମନେ ହେଉଥିଲା, ସତେଯେପରି ବଡ଼ ବଡ଼ ନକ୍ଷତ୍ରମାନ ତାଙ୍କ ଚାରିପଟେ ଘୁରି ବୁଲୁଛନ୍ତି । ବଡ଼ମାନେ କିଛି କାମ କରିବା କଥା ମୋହନଙ୍କୁ କହୁଥିଲେ, ମୋହନ ସେ କାମ କରିଦେଉଥିଲେ । କିଛି ଉତ୍ତର ଦେଉନଥିଲେ ।

ମୋହନ ଥିଲେ ଭାରି ଅସ୍ଥିର । ଠିକ୍ ପାରଦ ପରି ଅସ୍ଥିର । ଗୋଟିଏ ଯାଗାରେ ସ୍ଥିର ହୋଇ ଦୀର୍ଘ ସମୟ ବସି ରହିବା ତାଙ୍କ ପାଇଁ ମୋଟେ ସମ୍ଭବ ନଥିଲା । ସେ ଖେଳୁଥିଲେ କିମ୍ୱା ଘର ସାରା ଦଉଡୁଥିଲେ ।

ମା' ପୁତୁଳିବାଈଙ୍କୁ ବେଶି ଭଲ ପାଉଥିଲେ ମୋହନ । ମା'ଙ୍କ ପାଖରେ ରହିବା ସମୟ ସେ ବେଶି ଶାନ୍ତି ଅନୁଭବ କରୁଥିଲେ । ବାପାଙ୍କ ପାଖରେ ରହିବା ବେଳେ ଏ ଶାନ୍ତି ତାଙ୍କର ବଢ଼ି ଯାଉଥିଲା । ବାପା, ମା'ଙ୍କ ଭାରି ଗେଲ୍ଲା ଥିଲେ ମୋହନ ।

ପୁତୁଳିବାଈ କିନ୍ତୁ ମୋହନଙ୍କୁ ବେଶି ସମୟ ଦେଇ ପାରୁନଥିଲେ । ବିଭିନ୍ନ ପୂଜା, ବ୍ରତରେ ବ୍ୟସ୍ତ ରହୁଥିଲେ ପୁତୁଳିବାଈ । ପୂଜା କଲେ ପରିବାରର ମଙ୍ଗଳ ହେବ ଏବଂ ମୃତ୍ୟୁ ପରେ ଶାନ୍ତି ମିଳିବ, ଏ ଥିଲା ମା' ପୁତୁଳିବାଈଙ୍କର ଧାରଣା । ମୋହନ କିନ୍ତୁ ନିଜ

Digitized by PPRACHIN, SOA

ମା'ଙ୍କ ଠାରୁ ତାଙ୍କ ପାଇଁ ବେଶି ସମୟ ରହୁଁଥିଲେ ।

ଚତୁର୍ମାସ ବ୍ରତ କରୁଥିଲେ ପୁତୁଲିବାଇ । ଥରେ ସେ ବ୍ରତ କଲେ ଯେ, ସୂର୍ଯ୍ୟ ଦେଖିଲେ ଅନ୍ନଜଳ ସ୍ପର୍ଶ କରିବେ । କିଛି ଖାଦ୍ୟ ଖାଇବେ । ଯେ ପର୍ଯ୍ୟନ୍ତ ସେ ସୂର୍ଯ୍ୟ ଦେଖି ନାହାନ୍ତି, ସେ ପର୍ଯ୍ୟନ୍ତ ସେ ଉପାସ ରହିବେ । ଏଇ ଚାରିମାସରେ କାବା ଗାନ୍ଧୀ ପରିବାରର ସବୁ ପିଲାଏ ଆକାଶରେ କେବେ ସୂର୍ଯ୍ୟ ଦେଖାଦେବେ ଏବଂ ସୂର୍ଯ୍ୟଙ୍କୁ ଦେଖିଲେ ମା'ଙ୍କର ବ୍ରତ ଭାଙ୍ଗିବ, ଏଇଥିପାଇଁ ଆକାଶକୁ ଅନେଇ ରହୁଥିଲେ ।

ଚତୁର୍ମାସରେ ଗୁଜୁରାଟରେ ଦିନେ ଦିନେ ସୂର୍ଯ୍ୟ ଆକାଶରେ ମୋଟେ ଦେଖା ଯାଆନ୍ତି ନାହିଁ ଏବଂ ଯେତେବେଳେ ଦେଖାଦିଅନ୍ତି ପୁଣି ବାଦଲ ଉହାଡ଼ରେ ଲୁଚି ଯାଆନ୍ତି । ସୂର୍ଯ୍ୟ ଆକାଶରେ ଦେଖାଦେଲେ ମା'ଙ୍କୁ ଦେଖିବାକୁ ମୋହନ ଦଉଡ଼ି ଯାଇ ଡ଼ାକୁଥିଲେ, "ମା' ସୂର୍ଯ୍ୟ ଦେଖାଦେଲେ, ଶୀଘ୍ର ଆସ" । ଧଡ଼ପଡ଼ ହୋଇ ମା' ପୁତୁଲିବାଇ ଅଗଣାକୁ ଚାଲିଆସନ୍ତି । ଆକାଶକୁ ଚାହାଁନ୍ତି । ସୂର୍ଯ୍ୟ କିନ୍ତୁ ସେତେବେଳେ ବାଦଲ ତଳେ ଅଦୃଶ୍ୟ ହୋଇଯାଇଥାନ୍ତି । ଘଡ଼ିଏ ଅପେକ୍ଷା କରି ଛିଡ଼ା ହୁଅନ୍ତି ପୁତୁଲିବାଇ । ଆକାଶକୁ ଅନାନ୍ତି । ସୂର୍ଯ୍ୟଙ୍କୁ ନଦେଖି ସେ ଘରକୁ ଫେରିଯାଆନ୍ତି । ଗଲାବେଳେ କହି ଦିଅନ୍ତି, "ଆଉ ଆଜି କପାଳରେ ଖାଇବା ଲେଖାନାହିଁ । ଈଶ୍ୱର ମୋ ଖାଇବା ଆଜି ଚାହାନ୍ତି ନାହିଁ । ଯାଏଁ, ଘରେ ସିଆଡ଼େ ବହୁତ କାମ" ।

ମୋହନ କିନ୍ତୁ ଆକାଶକୁ ସେମିତି ଅନେଇ ରହୁଥିଲେ ଏବଂ ମା'ଙ୍କୁ ବି । ମା' କ'ଣ ସତରେ କିଛି ଖାଇବେ ନାହିଁ, ଏ ଚିନ୍ତା ବେଶି ବ୍ୟଥିତ କରୁଥିଲା ମୋହନଙ୍କୁ । ଦିନେ ଦିନେ ପୁରା ଉପାସ ରହିଯିବା ପୁତୁଲିବାଇଙ୍କ ପାଇଁ ସେମିତି କିଛି ବଡ଼ କଥା ନଥିଲା ।

ମା' ପୁତୁଲିବାଇ ମୋହନଙ୍କୁ ଭଗବତ ବିଶ୍ୱାସର ରହସ୍ୟ କଥା କହୁଥିଲେ । ଏ ସବୁ ଶିଖି ମନେ ରଖିଲେ, ବଡ଼ ହେଲେ ଏହା କାମରେ ଆସିବ ବୋଲି ବୁଝାଉଥିଲେ ।

ପୁତୁଲିବାଇ ଥିଲେ ବୈଷ୍ଣବୀ । ପ୍ରଣାମୀପନ୍ଥୀ । ଏଇ ପନ୍ଥୀମାନେ ହିନ୍ଦୁ ଏବଂ ମୁସଲମାନ ତତ୍ତ୍ୱର ସମନ୍ୱୟ ଉପରେ ବିଶ୍ୱାସ ରଖନ୍ତି ।

ପୋରବନ୍ଦରରେ ପ୍ରଣାମି ମନ୍ଦିରଟିଏ ଥିଲା । ପୁତୁଲିବାଇ ଏଇ ମନ୍ଦିରକୁ ଯାଉଥିଲେ । ସାଙ୍ଗରେ ବେଳେ ବେଳେ ମୋହନ ବି ଯାଉଥିଲେ । ପ୍ରଣାମି ମନ୍ଦିରରେ ମୂର୍ତ୍ତି ନଥାନ୍ତି । ମନ୍ଦିର କାନ୍ଥରେ ହିନ୍ଦୁ ଧର୍ମଶାସ୍ତ୍ର ଏବଂ କୋରାନ୍‌ର କିଛି ପଂକ୍ତି ଲେଖା ଯାଇଥାଏ ।

Digitized by PPRACHIN, SOA

ଏଇ ପ୍ରଣାମି ମନ୍ଦିରର ପ୍ରତିଷ୍ଠାତା ଥିଲେ ଜଣେ କ୍ଷତ୍ରିୟ । ନାଁ ଥିଲା ତାଙ୍କର ପ୍ରାଣନାଥ । ସେ ଥିଲେ ଜଣେ ଅଷ୍ଟାଦଶ ଶତାବ୍ଦୀର ସନ୍ଥ । ସେ ଦେଶ ଭିତରେ ବହୁ ଯାଗା ଭ୍ରମଣ କରିଥିଲେ । ସେ ଥରେ ମକ୍‌କା ଯାଇଥିବା ବି ଶୁଣାଯାଏ । ମା'ଙ୍କ ଠାରୁ ମୋହନ ବିଭିନ୍ନ ଧର୍ମଶାସ୍ତ୍ରର ସୁନ୍ଦରତା କଥା ଶୁଣୁଥିଲେ ।

ଲୋକ ଗହଳିକୁ ମୋଟେ ପସନ୍ଦ କରୁନଥିଲେ ମୋହନ । ଘରକୁ କୁଣିଆ ଆସିଲେ, ସେ ଘରର ଗୋଟିଏ କୋଣରେ ଛିଡ଼ା ହୋଇ ରହୁଥିଲେ । ଖାଇବାକୁ ଟେବୁଲ ପାଖରେ ଗହଳି ଲାଗିଲେ ଅନ୍ୟ ପିଲାମାନେ ଜମା ହୋଇ ଯାଉଥିଲେ । ଅଥଚ ମୋହନକୁ ଏସବୁ ଭଲ ଲାଗୁ ନଥିଲା ।

କାବା ଗାନ୍ଧୀଙ୍କର ଘର ବହୁତ ବଡ଼ ଥିଲା । ମୋହନ କିନ୍ତୁ ଯେଉଁ କୋଠରୀରେ ମା' ରହନ୍ତି ସେଇଠି ଶୋଇବାକୁ ଭଲ ପାଉଥିଲେ ।

ଭାରି ଭୟାଳୁ ଥିଲେ ମୋହନ । ଅନ୍ଧାରକୁ ସେ ଭୟ କରୁଥିଲେ । ସାପ, ଭୂତ, ଚୋରଙ୍କୁ ସେ ବି ଭୟ କରୁଥିଲେ । ରାତିରେ ଆଲୁଅ ନଜଳିଲେ ଶୋଇ ପାରୁନଥିଲେ ମୋହନଦାସ ।

ରୁମ୍ଭା ଥିଲା ମୋହନଙ୍କ ଧାଇ । ରୁମ୍ଭାର କଥା ମୋହନଙ୍କୁ ଭଲ ଲାଗେ । ରୁମ୍ଭା ପାଖରେ ସେ ଶାନ୍ତିରେ ବି ଶୋଇଯାଉଥିଲେ ।

ରୁମ୍ଭା ରାମାୟଣ କଥା କହୁଥିଲା ମୋହନଙ୍କୁ । ସେ ଥିଲା ରାମ, ସୀତା, ଲକ୍ଷ୍ମଣ, ଭରତ, ହନୁମାନ ଏବଂ ରାବଣର କଥା । ରୁମ୍ଭା କହୁଥିଲା, ରାମାୟଣର ରାମଙ୍କୁ ଭକ୍ତି କଲେ ରାମ ସବୁ ପାପକୁ ନଷ୍ଟ କରି ଦିଅନ୍ତି । ସବୁ ଶତ୍ରୁଙ୍କୁ ଦମନ କରି ଦିଅନ୍ତି । ଯେମିତି ରାମ ରାବଣକୁ ମାରିଥିଲେ ।

ରାମ ରାମ ଉଚ୍ଚାରଣ କରିବାକୁ ମୋହନଙ୍କୁ ଶିଖାଉଥିଲା ରୁମ୍ଭା । ମୋହନ ଏ ଶବ୍ଦ ସ୍ପଷ୍ଟ ଉଚ୍ଚାରଣ କରିପାରୁ ନଥିଲେ । ରାମ ରାମକୁ ସେ 'ଲାମ ଲାମ' କହୁଥିଲେ ଏବଂ ସେଇ ଲାମ ଲାମ କହି କେତେବେଳେ ମୋହନ ଶୋଇ ଯାଉଥିଲେ ।

ପିଲାବେଳେ ମୋହନଙ୍କୁ ବେଶି ଆଦର କରୁଥିଲେ ତାଙ୍କ ବଡ଼ ଭଉଣୀ ରାଲିଏତ୍, ଗୋକି । ଗୋକି ପ୍ରାୟ ପ୍ରତିଦିନ ଛୋଟ ମୋହନଙ୍କୁ ବାହାରକୁ ବୁଲେଇ ନେଉଥିଲେ । ଗାଈ, ମଇଷି, ଘୋଡ଼ା, ବିଲେଇ, କୁକୁର ଦେଖାଉଥିଲେ । କୁକୁରର କାନ ଦେଖିବାକୁ ଏବଂ ତାହା ସହ ଖେଳିବାକୁ ମୋହନ ବେଶି ଭଲ ପାଉଥିଲେ । ଏଥିପାଇଁ ବେଳେ ବେଳେ ଜିଦ୍ କରୁଥିଲେ ମୋହନ ।

Digitized by PPRACHIN, SOA

ମୋହନ



ପୋରବନ୍ଦର ଘର

Digitized by PPRACHIN, SOA

ମୋହନଙ୍କର ରାମଙ୍କ ପ୍ରତି ବେଶି ଭକ୍ତି ଥିଲା । ଭୟ ବି ଥିଲା । ଈଶ୍ୱରଙ୍କ ପ୍ରତି ଭୟ ଏବଂ ଭକ୍ତି କରିବା, ଏ ଉଭୟ ଚିନ୍ତା ଥିଲା ମୋହନଙ୍କର । ଈଶ୍ୱରଙ୍କ ପରେ ଯେଉଁ ଦ୍ୱିତୀୟ ବ୍ୟକ୍ତିଙ୍କୁ ସେ ଭୟ ଏବଂ ଭକ୍ତି କରୁଥିଲେ, ସେ ଥିଲେ ତାଙ୍କ ବାପା କରମଚାନ୍ଦ ଗାନ୍ଧୀ । ବାପାଙ୍କୁ ନେଇ ଏକ ଈଶ୍ୱରୀୟ ଚିତ୍ର ସେ ତାଙ୍କ ମନ ଭିତରେ ତିଆରି କରି ଦେଇଥିଲେ । ଭୟ ଅପେକ୍ଷା ବେଶି ଭକ୍ତି ଥିଲା ତାଙ୍କ ବାପାଙ୍କ ପାଇଁ । ଛୋଟ ଛୋଟ ରାଜ୍ୟ କାର୍ଯ୍ୟ ବୁଝିବା ପାଇଁ କାବା ଗାନ୍ଧୀ ପାଖରେ ଥିବା ମନ୍ଦିର ପାଖକୁ ଗଲାବେଳେ ନିଜ ପୁଅ ମୋହନଙ୍କୁ ସାଙ୍ଗରେ ନେଇ ଯାଉଥିଲେ । ବାପା ଲୋକଙ୍କ କଥା ବୁଝୁଥିଲେ । ମୋହନ ମନ୍ଦିର ଅଗଣାରେ ଖେଳୁଥିଲେ । ଲୋକଙ୍କ ବିଷୟ ବୁଝିଲା ବେଳେ ବି କାବା ଗାନ୍ଧୀ କିଛି କାମ କରୁଥିଲେ । କୌଣସି କାମ ନକରି ଅଳସୁଆ ହୋଇ ବସି ରହିବା କାବା ଗାନ୍ଧୀଙ୍କ ପସନ୍ଦରେ ନଥିଲା । ଅଗଣାରେ ଖେଳିବା ବେଳେ ଦୂରରୁ ଥାଇ ଏହାକୁ ମୋହନ ଲକ୍ଷ କରୁଥିଲେ ।

କଥା କହି ଶିଖିବା ପରେ ମୋହନଙ୍କ ଘଟଶାଳୀ ପାଠପଢ଼ା ହୋଇଥିଲା । ବରଗଛ ତଳେ ପାଠ ପଢ଼ିଲେ ମୋହନ । ବାଲିରେ ଅକ୍ଷର ଲେଖି ଶିଖିଲେ । ଗଣିତ ଶିଖିଲେ ।

ସାଙ୍ଗଙ୍କ ସହ ଖେଳିଲା ବେଳେ କିଛି ସାଙ୍ଗ ମନ୍ଦିରରୁ ମୂର୍ତ୍ତି ଚୋରି କରିନେଲେ । ତଦନ୍ତ ହେଲା । ଚୋର ଧରା ହେଲା । ଘଟଣା ସଂପର୍କରେ ପିଲାଙ୍କୁ ପଚରା ଗଲା । କିଛି ପିଲା ଚୋରୀକୁ ମନା କଲେ । ଅନେକ ଚୁପ୍ ରହିଲେ । ମୋହନ କିନ୍ତୁ ଚୋରୀକୁ ମାନିଲେ ।

ମୋହନଙ୍କୁ ଅନ୍ୟ ସାଙ୍ଗମାନେ ଏଥିପାଇଁ କେବେ ଖରାପ ଭାବି ନଥିଲେ । ବରଂ ଏକ ସଚ୍ଚୋଟ ପିଲା କହି ତାଙ୍କୁ ପ୍ରଶଂସା କରିଥିଲେ । ଏକ ନିର୍ଭିକ ତଥା ସାହାସୀ ବୋଲି ଭାବିଥିଲେ । ସେଇ ଦିନଠୁଁ ସବୁ ଖେଳର ରେଫରୀ ହେଉଥିଲେ ମୋହନ ଦାସ ।

ସାଳିସ ବିହୀନ ଏକ ନିର୍ଭିକ ସଂଗ୍ରାମୀ ନେତାର ଆଭାସ ଦେଉଥିଲା ତାଙ୍କ ପିଲା ବେଳର କାହାଣୀ ।

❖❖❖

Digitized by PPRACHIN, SOA

୩

ମୋହନଙ୍କ ପାଠପଢ଼ା

ପୋରବନ୍ଦରର ରାଣା ସାହେବ କେମିତି କାହିଁକି ଖୁସି ନଥିଲେ କାବା ଗାନ୍ଧୀଙ୍କ ଉପରେ । କାବାଙ୍କୁ ସେ ଦିଓ୍ୱାନ ପଦରୁ ଇସ୍ତଫା ଦେବାକୁ ବାଧ୍ୟ କଲେ । ଏଇ ଇସ୍ତଫା ସଂପର୍କରେ ଅନ୍ୟ କଥା ବି କୁହାଯାଏ । କାବା ଗାନ୍ଧୀ କୁଆଡ଼େ ନିଜେ ନିଜେ ଇସ୍ତଫା ଦେଇଥିଲେ କାରଣ ପୋରବନ୍ଦର ଏକ ତୃତୀୟ ଶ୍ରେଣୀ ରାଜ୍ୟ ପାହ୍ୟାକୁ ଖସିଯିବା ପରେ କାବା ଇସ୍ତଫା ଦେଇ ଦେବାକୁ ଉଚିତ୍ ଭାବି ଥିଲେ । ୧୮୭୪ ମସିହାରେ କାବା ଗାନ୍ଧୀ ପୋରବନ୍ଦର ଛାଡ଼ି ରାଜକୋଟ ଚାଲିଗଲେ । ରାଜକୋଟର ରାଜା କାବାଙ୍କୁ ରାଜ୍ୟର ଏକ ଉପଦେଷ୍ଟା ଭାବେ ନିଯୁକ୍ତି ଦେଲେ ଏବଂ ମାତ୍ର ଦୁଇ ବର୍ଷ ପରେ ଅର୍ଥାତ୍ ୧୮୭୬ ମସିହାରେ କାବା ଗାନ୍ଧୀ ହୋଇଗଲେ ରାଜକୋଟର ଦିଓ୍ୱାନ୍ । ସାନ ଭାଇ ତୁଳସୀ ଦାସଙ୍କୁ ପୋରବନ୍ଦରର ଦିଓ୍ୱାନ୍ ନିଯୁକ୍ତି ମଧ୍ୟ ମିଳିଗଲା ।

ରାଜକୋର୍ଟରେ କାବାଙ୍କର କ୍ଷମତା ପରିସର ବ୍ୟାପକ ଥିଲା । ରାଜ୍ୟର ଅର୍ଥନୀତି ପରିଚାଳନା କରିବା, ଜମି ଜମା ସଂପତ୍ତି ରେଜିଷ୍ଟ୍ରେସନ ଦେଖିବା, କର୍ମଚାରୀଙ୍କ କାର୍ଯ୍ୟ ପରିବେଶକୁ ତଦାରଖ କରିବା, ବିଭିନ୍ନ କାଥିଆୱାଡ଼ ରାଜ୍ୟ ସହ ରାଜକୋଟର ବାଣିଜ୍ୟିକ ସଂପର୍କ କଥା ବୁଝିବା, ଏ ଥିଲା ଦିଓ୍ୱାନ୍ କାବା ଗାନ୍ଧୀଙ୍କ କାର୍ଯ୍ୟ । ବିଭିନ୍ନ ସମସ୍ୟାର ଆପୋଷ ସମାଧାନ ପାଇଁ ରାଜସ୍ଥାନିକ କୋର୍ଟର ସେ ମଧ୍ୟ ଜଣେ ସଦସ୍ୟ ଥିଲେ ।

ରାଜକୋଟର ଦିଓ୍ୱାନ ହେବା ପରେ କାବା ଗାନ୍ଧୀ ନିଜ ସ୍ତ୍ରୀ ଏବଂ ପିଲାଙ୍କୁ ରାଜକୋଟ ନେଇ ଆସିଲେ । କିଛି ଦିନ ସରକାରୀ ଘରେ ରହିବା ପରେ ନିଜ ଘର କରିଥିଲେ କାବା ଗାନ୍ଧୀ ।

ରାଜକୋଟ ଯିବା କଥା ଶୁଣି ମୋହନ ସେତେ ଖୁସି ନଥିଲେ । କେମିତି ଏକ ମାନସିକ ଦ୍ୱନ୍ଦ୍ୱରେ ଥିଲେ ମୋହନ । ସ୍କୁଲ ବଦଳିବ, ସାଙ୍ଗସାଥୀ ବଦଳିବେ, ଶିକ୍ଷକ ବଦଳିବେ ଏବଂ ତାଙ୍କର ଏଇ ଦୁର୍ବଳ ଚେହେରା ଦେଖି ଅନ୍ୟମାନେ କିପରି ପ୍ରତିକ୍ରିୟା

Digitized by PPRACHIN, SOA

କରିବେ ଏ ଚିନ୍ତାରେ ପଡ଼ି ଯାଇଥିଲେ ମୋହନଦାସ ।

ମୋହନଙ୍କ ପାଠପଢ଼ା ପାଇଁ ଏକ ବିରାଟ ସ୍ୱପ୍ନ ଥିଲା କାବା ଗାନ୍ଧୀଙ୍କର । ନିଜେ ଯଦିଓ ସେତେ ପାଠ ପଢ଼ି ନଥିଲେ, ପୁଅକୁ ଉଚ୍ଚ ଶିକ୍ଷିତ କରିବାର ଇଚ୍ଛା ତାଙ୍କର ପ୍ରବଳ ଥିଲା । ରାଜକୋଟର ରାଜକୁମାର କଲେଜ ଦେଖିଲେ, କାବାଙ୍କର ଚିନ୍ତା ବଢ଼ି ଯାଉଥିଲା ।

ରାଜକୋଟର ରାଜକୁମାର କଲେଜ ଥିଲା ଏକ ବ୍ରିଟିଶ ପବ୍ଲିକ ସ୍କୁଲ । କାଥିଆୱାଡ଼ର ରାଜାମାନଙ୍କ ପୁତ୍ର, କନ୍ୟା ଏବଂ ଆତ୍ମୀୟମାନେ ଏଠାରେ ପାଠ ପଢୁଥିଲେ । କିଛି ମୁସଲିମ୍ ପିଲାମାନେ ଯେଉଁମାନେ ମୁସଲିମ୍ ନବାବ୍‌ମାନଙ୍କର ସଂପର୍କୀୟ ଥିଲେ ଏଠାରେ ସେମାନେ ପଢ଼ିବାର ସୁଯୋଗ ପାଉଥିଲେ । ଦିୱାନ୍‌ଙ୍କ ପିଲା ଏଠାରେ ପଢ଼ିବାକୁ ଅନୁମତି ନଥିଲା ।

ରାଜକୋଟ ପାଖ ଏକ ଗାଁ ସ୍କୁଲରେ ମୋହନଙ୍କ ନାଁ ଲେଖା ହେଲା । ଏ ଥିଲା ୧୮୭୯ ମସିହା ଜାନୁୟାରୀ ମାସ ୨୧ ତାରିଖ । ସ୍କୁଲରେ ମୋହନଙ୍କ ପୁରା ନାଁ ଥିଲା ମୋହନଦାସ କରମଚନ୍ଦ ଗାନ୍ଧୀ । ଘରୁ ସ୍କୁଲକୁ ମୋହନ ଚାଲି ଚାଲି ଯାଉଥିଲେ ।

ବଡ଼ ଲାଜକୁଳା ଥିଲେ ମୋହନଦାସ । ସ୍କୁଲରେ କାହା ସହିତ ମିଶିବାକୁ ତାଙ୍କୁ ଭଲ ଲାଗୁନଥିଲା । ସ୍କୁଲର ଘଣ୍ଟା ବାଜିବା ବେଳକୁ ସେ ସ୍କୁଲରେ ପହଞ୍ଚୁଥିଲେ ଏବଂ ସ୍କୁଲ ଶେଷ ହୋଇଗଲେ ସେ ସଙ୍ଗେ ସଙ୍ଗେ ଘରକୁ ଚାଲି ଆସୁଥିଲେ । ସାଙ୍ଗଙ୍କ ସହ କଥା ହେବା ବହୁତ କମ୍ ଥିଲା ମୋହନଙ୍କର । ଭୟ ଥିଲା କାଳେ କିଏ ତାଙ୍କୁ ଥଟ୍ଟା କରି କ'ଣ କହିଦେବ ।

ପ୍ରଥମ ବର୍ଷ ମୋହନଙ୍କ ସ୍କୁଲ ଉପସ୍ଥାନ ଭଲ ନଥିଲା । ୨୩୧ ଦିନର ସ୍କୁଲ ଦିବସରୁ ମୋହନ ଉପସ୍ଥିତ ଥିଲେ ମାତ୍ର ୧୧୦ ଦିନ । ସ୍କୁଲରେ ପାଠ ପଢ଼ିବା କିନ୍ତୁ ଥିଲା ପ୍ରାୟ ସନ୍ତୋଷଜନକ । ପାଟି ଗଣିତ, ଇତିହାସ ଏବଂ ଭୂଗୋଳ ବିଷୟରେ ବେଶ୍ ଭଲ କରୁଥିଲେ ମୋହନଦାସ ।

ପ୍ରଥମ ଷାଣ୍ମାସିକ ପରୀକ୍ଷାରେ ମୋହନ ୪୧.୨୫ ପ୍ରତିଶତ ନମ୍ବର ରଖିଥିଲେ । ଶ୍ରେଣୀର ପ୍ରଥମ ପିଲାର ନମ୍ବର ଥିଲା ୭୬.୫ ପ୍ରତିଶତ ଏବଂ ଶେଷ ପିଲାର ନମ୍ବର ଥିଲା ୩୭.୬ ପ୍ରତିଶତ । ଦ୍ୱିତୀୟ ଷଣ୍ମାସିକ ପରୀକ୍ଷାରେ ମୋହନ ପାଠପଢ଼ାରେ ଟିକିଏ ଉନ୍ନତି କଲେ । ପୂର୍ବ ଅପେକ୍ଷା ଅଧିକ ନମ୍ବର ରଖିଲେ । ବାର୍ଷିକ ପରୀକ୍ଷାରେ ତାଙ୍କର ନମ୍ବର ଥିଲା ୫୩ ପ୍ରତିଶତ ।

୧୮୮୦ ମସିହାରେ କାଟିୟାର ହାଇସ୍କୁଲରେ ମୋହନଙ୍କର ନାମ ଲେଖା

Digitized by PPRACHIN, SOA

ହୋଇଥିଲା ।ପ୍ରବେଶିକା ପରୀକ୍ଷାରେ ପାଶ୍ କଲା ପରେ ହାଇସ୍କୁଲରେ ମୋହନ ନାଁ ଲେଖାଇ ପାରିଥିଲେ ।

କାଟିଆର ହାଇସ୍କୁଲରେ ଇଂରେଜୀ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ସପ୍ତାହରେ ମୋଟ ୧୧ ଘଣ୍ଟା ଇଂରାଜୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା ।

ସ୍କୁଲ ଆରମ୍ଭ ହେଉଥିଲା ସକାଳ ୧୧ଟାରେ ଏବଂ ଶେଷ ହେଉଥିଲା ଅପରାହ୍ନ ୫ଟାରେ । ପ୍ରତି ଶନିବାର ଅଧଘଣ୍ଟା ପୂର୍ବରୁ ସ୍କୁଲ ଛୁଟି ହୋଇଯାଉଥିଲା । ମୋହନଦାସ ପାରମ୍ପରିକ କଥିଆୱାଡ଼ି ପୋଷାକରେ ସ୍କୁଲକୁ ଯାଉଥିଲେ । ବଡ଼ ପାଇଜାମା ଏବଂ ମୁଣ୍ଡରେ ଟୋପି । ୧୮୮୩ ମସିହା ବାର୍ଷିକ ପରୀକ୍ଷାରେ ମୋହନ ଦାସ ୬୮ ପ୍ରତିଶତ ନମ୍ବର ରଖିଥିଲେ ।

ମୋହନଙ୍କ ସ୍କୁଲ ପାଠପଢ଼ା ସଫଳତା ନେଇ ମିଶ୍ରିତ ସୂଚନା ଆସେ । ମୋହନଙ୍କ ଭଉଣୀ ଗୋକି କହୁଥିଲେ- ମୋହନ ଭାରି ଭଲ ପଢୁଥିଲେ । ପ୍ରଥମ ହେଉଥିଲେ । ବିଦ୍ୟାଳୟର ସମସ୍ତେ ତାଙ୍କୁ ଭଲ ପାଉଥିଲେ । ମୋହନ କେବେ ସ୍କୁଲରେ ପାଠ କପି କରିନଥିଲେ । ସ୍କୁଲ ଇନ୍ସପେକ୍ଟରଙ୍କ ପରିଦର୍ଶନ ବେଳେ କପି କରିନଥିବା ହେତୁ ଥରେ ଶିକ୍ଷକଙ୍କ ଠାରୁ ଗାଳି ଖାଇଥିଲେ ମୋହନ ।

ମୋହନଙ୍କ ସ୍କୁଲ ପାଖରେ ମିସନାରୀଟିଏ ଥିଲା । ପ୍ରତିଦିନ ସେଠାରେ ପ୍ରବଚନ ଦିଆଯାଉଥିଲା । ସ୍କୁଲରୁ ଫେରିବା ବେଳେ ମୋହନ ପ୍ରତିଦିନ ଏଇ ପ୍ରବଚନ ଶୁଣୁଥିଲେ । ମିସନାରୀ ପ୍ରବଚକମାନେ ହିନ୍ଦୁଧର୍ମ ବିରୁଦ୍ଧରେ କହୁଥିଲେ । ଏ ପ୍ରବଚନକୁ ମୋଟେ ଗ୍ରହଣ କରିପାରୁନଥିଲେ ମୋହନଦାସ ।

ଘରକୁ ଫେରି ନିଜକୁ ନିଜେ ପ୍ରଶ୍ନ କରୁଥିଲେ ମୋହନ । ଏ ମିସନାରୀ ପ୍ରବଚକମାନେ ହିନ୍ଦୁଧର୍ମକୁ ଏପରି ଗାଳି ଦେଉଛନ୍ତି କାହିଁକି ? ତାଙ୍କୁ କିନ୍ତୁ କିଛି ଉତ୍ତର ମିଳୁନଥିଲା ।

ବାପା କାବା ଗାନ୍ଧୀଙ୍କ ସହ ମୋହନଦାସ ରାଜକୋଟରେ ବିଶିଷ୍ଟ ରାମାୟଣ ପ୍ରବଚକ ଲାଧା ମହାରାଜଙ୍କ ପ୍ରବଚନ ଶୁଣିବାକୁ ଯାଉଥିଲେ । ଘରେ ପ୍ରତି ଏକାଦଶୀରେ ଭାଗବତ ପଢ଼ା ଯାଉଥିଲା । ଏସବୁ ଶୁଣି କେମିତି ଚିଡ୍ ଚିଡ୍ ଲାଗୁଥିଲା ମୋହନଙ୍କୁ । ଅଥଚ ଏଇ ଧାର୍ମିକ ଦର୍ଶନ ଦିନେ ମୋହନଙ୍କ ଜୀବନ ଦର୍ଶନ ପାଲଟି ଯାଇଥିଲା । ମନୁସ୍ମୃତି ପଢୁଥିଲେ ବି ଏ ପୁସ୍ତକର ସବୁ ତତ୍ତ୍ୱ ଉପରେ ଖୁସି ନଥିଲେ ମୋହନ ଦାସ ।

ଧର୍ମଶାସ୍ତ୍ରର ଜଟିଳତା ନେଇ ଅନେକ ସମୟରେ ଦ୍ୱନ୍ଦ୍ୱରେ ପଡ଼ି ଯାଉଥିଲେ

Digitized by PPRACHIN, SOA

ମୋହନ । ଅନ୍ୟ କାହାଠାରୁ ସେ ଏହାର ସମାଧାନର ଉତ୍ତର ମଧ୍ୟ ଚାହୁଁନଥିଲେ । ଜାଣିବାକୁ ଇଚ୍ଛା ବି ନଥିଲା । ମୋହନ ଠିକ୍ କଲେ, ସେ ନିଜର ଆତ୍ମ ସମୀକ୍ଷା କରିବେ । ଆତ୍ମ ନିରୀକ୍ଷଣର ସ୍ତରକୁ ବଢ଼େଇବେ । ସେ ନିଜେ ହିଁ ସତ୍ୟର ସନ୍ଧାନ କରିବେ ।

ସ୍କୁଲ ଜୀବନ ଭିତରେ ପୁରାଣର ଦୁଇଟି ଚରିତ୍ର ମୋହନଙ୍କୁ ଆକର୍ଷିତ କରିଥିଲା । ପ୍ରଥମଟି ଥିଲା ଶ୍ରବଣ କୁମାର ଏବଂ ଦ୍ୱିତୀୟଟି ଥିଲା ରାଜା ହରିଶ୍ଚନ୍ଦ୍ର । ଏ ଦୁଇଟି ଚରିତ୍ରକୁ ସେ ନିଜର ଆଦର୍ଶ କରି ଦେଇଥିଲେ । ଶ୍ରବଣ କୁମାରଙ୍କର ପିତୃଭକ୍ତି ଏବଂ ରାଜା ହରିଶ୍ଚନ୍ଦ୍ରଙ୍କର ସତ୍ୟ ପାଇଁ ରାଜ୍ୟ ତ୍ୟାଗ, ଏ ଦୁଇଟି ଥିଲା ତାଙ୍କ ଆଦର୍ଶର ଧାରକ ।

କାବା ଗାନ୍ଧୀଙ୍କର ଦେହ ଅଧିକାଂଶ ସମୟ ଆଉ ଭଲ ରହୁନଥିଲା । ସେ ଆଜ୍ମା ରୋଗରେ ପୀଡ଼ିତ ଥିଲେ । ତାଙ୍କର ଦୈହିକ ଦୁର୍ବଳତା ମଧ୍ୟ ଆସିଯାଉଥିଲା । ବେକ ଏବଂ ପିଠିରେ ଅନେକ ସମୟରେ ଯନ୍ତ୍ରଣା ସେ ଅନୁଭବ କରୁଥିଲେ । ସ୍କୁଲରୁ ଫେରିବା କ୍ଷଣି ମୋହନଦାସ ବାପାଙ୍କର ସେବାରେ ଲାଗି ଯାଉଥିଲେ । ଗୋଡ଼ ହାତ ମୋଡୁଥିଲେ । ବାପାଙ୍କର ଯେଉଁ ଦେହ, ହାତ ଦିନେ ଲୁହା ପରି ଟାଣ ଲାଗୁଥିଲା, ଆଜି ହଠାତ୍ ସେଇ ଦେହ ହାତ ଯେ ଏତେ ଦୁର୍ବଳ ହୋଇଯିବ, ଏକଥା ଚିନ୍ତା କରିପାରୁନଥିଲେ ମୋହନଦାସ ।

ମୋହନଙ୍କ ପିତୃ ଭକ୍ତି ଥିଲା ଅନନ୍ୟ । ସମସ୍ତ ଧାର୍ମିକ ଅସ୍ତିତ୍ୱ ଏବଂ ଈଶ୍ୱରୀୟ ରୂପର ପ୍ରତିବିମ୍ବ ସେ ନିଜ ବାପାଙ୍କ ପାଖରେ ହିଁ ଦେଖିଥିଲେ ।

ମୋହନଙ୍କୁ ଶୀଘ୍ର ବିବାହ କରିଦେବାକୁ ଏ ଚିନ୍ତାରେ ଥିଲେ ବାପା କାବା ଗାନ୍ଧୀ । ମୋହନଙ୍କ ପାଠ ପଢ଼ା କିନ୍ତୁ ଶେଷ ହୋଇନଥିଲା ।



ସ୍କୁଲ ଘର, ରାଜକୋଟ

❖❖❖

Digitized by PPRACHIN, SOA

୪

ମୋହନଙ୍କ ବିବାହ

କସ୍ତୁରବାଙ୍କ ସହ ମୋହନଙ୍କର ବିବାହ ଠିକ୍ ହୋଇଗଲା । ମୋହନ ସେବେ ସ୍କୁଲରେ ପଢୁଥିଲେ । ବୟସ ଥିଲା ମାତ୍ର ତେର ବର୍ଷ । ବିବାହର ସଠିକ୍ ତାରିଖ ସଂପର୍କରେ ସାମାନ୍ୟ ଦ୍ୱନ୍ଦ୍ୱ ଥିଲେ ବି ଗାନ୍ଧୀଙ୍କ ସ୍ୱୀକାରୋକ୍ତି ଅନୁସାରେ ଏହା ଥିଲା ୧୮୮୩ ମସିହା । ୧୮୮୧ ଏବଂ ୧୮୮୨ ଏପରି ଦୁଇ ବର୍ଷ ମୋହନଙ୍କ ବିବାହ ତାରିଖ ହୋଇପାରେ ବୋଲି ଅନ୍ୟ ଏକ ମତ ମଧ୍ୟ ଆସେ ।

କସ୍ତୁରବାଙ୍କ ବାପ ଘର ମଧ୍ୟ ପୋରବନ୍ଦର । ମୋହନଙ୍କର ଏକା ବୟସର କସ୍ତୁରବା । କସ୍ତୁରବାଙ୍କ ବାପା ଥିଲେ ଜଣେ ବଡ଼ ଲୁଗା ବ୍ୟବସାୟୀ । ସେ ମଧ୍ୟ ବଣିଆ ଥିଲେ । ନାଁ ଥିଲା ମକନଜୀ କାପାଡ଼ିଆ । କାପାଡ଼ିଆ ପରିବାରର ବଡ଼ ଏବଂ ସୁନ୍ଦର ଦୁଇ ମହଲା କୋଠା ଘରଟିଏ ଥିଲା ପୋରବନ୍ଦରରେ ।

ମୋହନ କସ୍ତୁରବାଙ୍କୁ ପୂର୍ବରୁ ଦେଖିନଥିଲେ । ବାହାଘର ସଂପର୍କରେ ତାଙ୍କ ରାଜି କିମ୍ବା ଅରାଜିର ମତାମତ ନେବାକୁ କେହି ଲୋଡ଼ିନଥିଲେ । ବଡ଼ମାନେ ଯେତେବେଳେ ବିବାହ ଠିକ୍ କରିଛନ୍ତି, ଝିଅ ନିଶ୍ଚୟ ଭଲ ହୋଇଥିବ, ଏ ଥିଲା ମୋହନଙ୍କର ଧାରଣା । ଗୁଜୁରାଟର ସେବେ ବାଲ୍ୟ ବିବାହ ବହୁତ ହେଉଥିଲା ।

କସ୍ତୁରବାଙ୍କ ପୂର୍ବରୁ ମୋହନଙ୍କର ଆଉ ଦୁଇଟି ଝିଅଙ୍କ ସହ ନିର୍ବନ୍ଧ ହୋଇଥିଲା । ବିବାହ ପୂର୍ବରୁ ଏ ଦୁଇ ଝିଅଙ୍କର ଅକାଳ ମୃତ୍ୟୁ ହୋଇଯାଇଥିଲା ।

ମୋହନଙ୍କ ସହ ଅନ୍ୟ ଦୁଇ ଭାଇଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହେଉଥିଲା । ସେଥିରେ ଥିଲେ ତାଙ୍କ ଉପର ଭାଇ କର୍ଷଣଦାସ ଏବଂ ଅନ୍ୟ ଜଣେ ଦାଦାପୁଅ ଭାଇ । ଦାଦାପୁଅ ଭାଇ ପ୍ରାୟ ମୋହନଙ୍କ ବୟସର ।

ଏକ କାଳୀନ ତିନି ତିନିଟା ବାହାଘର ପାଇଁ ଗାନ୍ଧୀ ପରିବାର ଥିଲା ଚଳଚଞ୍ଚଳ ।

Digitized by PPRACHIN, SOA

ଘରେ ବନ୍ଧୁ ବାନ୍ଧବଙ୍କ ତାଲିକା ହେଉଥିଲା । ଶାଢ଼ୀ, ଗହଣା କିଣା ହେଉଥିଲା । ଆଗର ଏବଂ ପାଖପଡ଼ ଘରେ ତିଆରି ହେଉଥିଲା । ବରଯାତ୍ରୀ କେମିତି ଯିବେ, ବିବାହ ପ୍ରୋସେସନ କେମିତି ହେବ, ଏଥିନେଇ ଆଲୋଚନା ହେଉଥିଲା । ମୋହନ ଏସବୁକୁ ଲକ୍ଷ କରୁଥିଲେ । ଏସବୁ କାମରେ ତାଙ୍କୁ କିଛି ପଚରା ଯାଉନଥିଲା । ମୋହନ କିନ୍ତୁ ନୂଆ ସାଥୀ ପାଇଁ ବେଶ୍ ଉତ୍ସାହିତ ଥିଲେ । ବାହାଘର ହେଉଥିଲା ସେଇ ପୋରବନ୍ଦରରେ । ବାପା କାବା ଗାନ୍ଧୀଙ୍କୁ କିନ୍ତୁ ରାଜକୋଟର ରାଜା ରାଣା ସାହେବ ଛୁଟି ଦେଉନଥିଲେ । ରାଣାଙ୍କୁ ଅନୁରୋଧ କଲେ କାବା । ଘରେ ତିନି ତିନିଟା ବାହାଘର, ସେ ଘରର ମୁଖିଆ, ତାଙ୍କ ଅନୁପସ୍ଥିତିରେ ଏ ବିବାହା କିପରି ହେବ, କାବା ରାଣାଙ୍କୁ ନେହୁରା ହୋଇ କହିଲେ ।

ରାଣା ମନଦୁଃଖ କଲେ । ନିଜର ଘୋଡ଼ାଟଣା ଟାଙ୍ଗା ଦେଇ ଏଥିରେ ଶୀଘ୍ର ପୋରବନ୍ଦରରେ ପହଞ୍ଚିବାକୁ ସେ କାବାଙ୍କୁ କହିଲେ ।

ରାଜକୋଟରୁ ପୋରବନ୍ଦର ହେଉଛି ଷାଠିଏ କୋଷ । ପାଯ ପାଞ୍ଚ ଦିନର ରାସ୍ତା । ଘୋଡ଼ାକୁ ଶୀଘ୍ର ଦଉଡ଼ାଇ ଆଣିବା ବେଳେ ଗାଡ଼ିଟି ବାଟରେ ଓଲଟି ପଡ଼ିଲା । କାବା ଆହାତ ହେଲେ । ହାତ ଓ ପିଞ୍ଜରା ଭାଙ୍ଗିଗଲା । ପିଞ୍ଜରା ଏବଂ ହାତକୁ ବାଟରେ ସେ ବ୍ୟାଣ୍ଡେଜ୍ କଲେ । ଦେହସାରା ବ୍ୟଥା । ମୋହନଙ୍କ ବିବାହ ସେ କରିବେ । କର୍ତ୍ତା ସେ । ବିବାହରେ ପହଞ୍ଚିବା ତାଙ୍କର ନିତାନ୍ତ ଜରୁରୀ । କାବାଙ୍କୁ ଅପେକ୍ଷା ନକରି ବରଯାତ୍ରୀ ବାହାଘର ପ୍ରୋସେସନ ବାହାରିପଡ଼ିଲା । କସ୍ତୁରବାଙ୍କ ଘରେ ପହଞ୍ଚିଲା ପର୍ଯ୍ୟନ୍ତ ବି କାବା ସେଠାରେ ପହଞ୍ଚି ନଥିଲେ । କାଳେ ବିବାହର ଶୁଭ ମୁହୂର୍ତ୍ତ ଗଡ଼ିଯିବ ସେଥିପାଇଁ କାବାଙ୍କୁ ଅପେକ୍ଷା ନକରି ବାହାଘର ପ୍ରକ୍ରିୟା ଆରମ୍ଭ ହୋଇଗଲା ।

ମୋହନ ଜରି ଜମ୍ଫୁରା କରା ପଗଡ଼ି ପିନ୍ଧିଥିଲେ । ଦେହରେ ବଡ଼ ସେରଓ୍ୱାନୀ । ଏଇ ପୋଷାକରେ ଟିକିଏ ଡେ଼ଙ୍ଗା ଦେଖାଯାଉଥିଲେ ମୋହନ । ବନ୍ଧୁ ବାନ୍ଧବ କହୁଥିଲେ "ମୋହନ ଆଜି ଭାରି ସୁନ୍ଦର ଦିଶୁଛି" । ଦୁର୍ବଳ ଶରୀର ଏବଂ ମାନସିକ ଗ୍ଳାନି ଭିତରେ ମୋହନ ଅନୁଭବ କରୁଥିଲେ, ସେ ଯେମିତି ଏହା ଭିତରେ ହଠାତ୍ ଯୁବକ ପାଲଟିଯାଇଛନ୍ତି ।

ଦେହସାରା ବ୍ୟାଣ୍ଡେଜ୍ ନେଇ କାବା ଗାନ୍ଧୀ ବିବାହ ବେଳେ ପହଞ୍ଚିଗଲେ । ମୋହନ ବାପାଙ୍କ ଦେହକୁ ଚାହିଁଲେ । ଅନ୍ୟ କୌଣସି ସମୟ ହୋଇଥିଲେ ମୋହନ ନିଶ୍ଚୟ ଉଠିପଡ଼ି ବାପାଙ୍କର ସେବା କରିଥାଆନ୍ତେ । ସେ ସମୟ କିନ୍ତୁ ଭିନ୍ନ ଥିଲା । ବେଦୀ ଉପରେ ମୋହନ ବସିଥିଲେ ।

Digitized by PPRACHIN, SOA

କସ୍ତୁରବା ତଳକୁ ମୁହଁକରି ଫୁଲମାଳ ଧରି ଆସିଲେ । ଶାଢ଼ୀ ଏବଂ ଫୁଲମାଳ ଭିତରେ କସ୍ତୁରବାଙ୍କ ମୁହଁ ଅଧେ ଲୁଚି ଯାଇଥିଲା । କସ୍ତୁରବାଙ୍କୁ ଦେଖିଲେ ମୋହନ । ଆଖି ଉପରକୁ ଟେକି କସ୍ତୁରବା ମୋହନଙ୍କୁ ବି ଚାହିଁଲେ । କସ୍ତୁରବାଙ୍କର ଥିଲା ଟଣା ଟଣା ଆଖି । ଆଖି ଯେପରି କଥା କହୁଥିଲା । ମୋହନ ଏବଂ କସ୍ତୁରବା ଉଭୟଙ୍କୁ ଫୁଲମାଳ ପିନ୍ଧାଇଲେ ।

ବାହାଘରର ସପ୍ତପଦୀ ଆରମ୍ଭ ହେଲା । ଘିଅ ଜାଳି ହୋମ ହେଉଥିଲା । ଢ଼ୋଲ ଏବଂ ମହୁରୀ ବାଜୁଥିଲା । ପୁଜାରୀ ବାହାଘର ଶେଷ ହେଲା ବୋଲି ଘୋଷଣା କରିଦେଲେ । ମୋହନ ଏବଂ କସ୍ତୁରବା ସ୍ୱାମୀ ସ୍ତ୍ରୀ ହୋଇଗଲେ ।

ପ୍ରତିବର୍ଷ ବିବାହ ଋତୁ ଆସିଲେ, ଗୁଜୁରାଟରେ ବିବାହ ସଂପର୍କରେ ଛୋଟ ଛୋଟ ପୁସ୍ତିକା ବିକ୍ରୀ ହୋଇଥାଏ । ଏଥିରେ ବିବାହିତ ଜୀବନ, ବିବାହ ଏବଂ ଏକ ପତ୍ନୀ ବ୍ରତ କଥା ଲେଖାଥାଏ ।

ମୋହନ ଏସବୁ ବହି ପଢ଼ିଥିଲେ । ଏବଂ ଜୀବନରେ ଏକ ପତ୍ନୀ ବ୍ରତ ପାଳନ କରିବେ ବୋଲି ନିଷ୍ପତ୍ତି କରିନେଇଥିଲେ ।

ପ୍ରଥମ ରାତିରେ ମୋହନ ଦେଖିଲେ କସ୍ତୁରବାଙ୍କୁ । କସ୍ତୁରବାଙ୍କ ହାତରେ ଛୋଟ ଛୋଟ ମେହେନ୍ଦୀ ଥିଲା । ନିଜର ହାତ ଏବଂ ଦେହ ବି ଥରୁ ଥିଲା ମୋହନଙ୍କର । ସେ କସ୍ତୁରବାଙ୍କ ପାଖରେ ବସିଲେ । ନିଜ କଥା ଏବଂ ଘର କଥା କହିଲେ । ଏତେ ଅଳ୍ପ ସମୟ ଭିତରେ ମୋହନ ଆଗରୁ କେବେ ଏତେ କଥା କହିନଥିଲେ । ରାତିସାରା ଗପିବାକୁ ଇଚ୍ଛା ହେଉଥିଲା ମୋହନଙ୍କର । କସ୍ତୁରବାଙ୍କର ଏତେ କଥା ଶୁଣିବାକୁ ଇଚ୍ଛା ନଥିଲା । ମୋହନ ତ ତାଙ୍କର ନିଜସ୍ୱ । ସାରାଜୀବନ ସେ ତାଙ୍କ ଠାରୁ ଶୁଣିବେ । ଏତେ ବ୍ୟସ୍ତ କାହିଁକି ?

କସ୍ତୁରବା ମୋଟେ ପାଠ ପଢ଼ିନଥିଲେ । ସେ ଥିଲେ ଏକଦମ୍ ସାଧାସିଧା । ଭାରି କର୍ମଠ । ଘରେ ମା' ପୁତୁଲିବାଇଙ୍କର ସେ ଯେମିତି ଥିଲେ ଏକମାତ୍ର ସହାୟିକା । ସବୁ କାମରେ ସେ ମା' ପୁତୁଲିବାଇଙ୍କୁ ସାହାଯ୍ୟ କରୁଥିଲେ । ମା'ଙ୍କର ପରାମର୍ଶ ନେଉଥିଲେ । ଘରର ବଡ଼ ସ୍ୱାମୀମାନେ ବି ପୁତୁଲିବାଇଙ୍କର ପରାମର୍ଶ ନିଅନ୍ତି ।

ମୋହନଙ୍କର ଇଚ୍ଛା ଥିଲା, କସ୍ତୁରବା ସବୁ ସମୟରେ ତାଙ୍କ ପାଖରେ ରହନ୍ତେ । ତାଙ୍କ ସହ କଥା ହୁଅନ୍ତେ । ଏ ସୁଯୋଗ କିନ୍ତୁ କସ୍ତୁରବା ଦେଉନଥିଲେ । ଏଥିପାଇଁ କସ୍ତୁରବାଙ୍କ ଉପରେ ଭାରି ରାଗ ଆସୁଥିଲା ମୋହନଙ୍କର । ବେଳେ ବେଳେ ମୋହନ କଥା ହେଉନଥିଲେ କସ୍ତୁରବାଙ୍କ ସହ ।

Digitized by PPRACHIN, SOA

ବିବାହିତ ନବ ଦମ୍ପତି

Digitized by PPRACHIN, SOA

କସ୍ତୁରବା କିନ୍ତୁ ଏଥିରେ ଗୁରୁତ୍ୱ ଦେଉନଥିଲେ । ଭାବୁଥିଲେ, ଏସବୁ ସମୟକ୍ରମେ ଠିକ୍ ହୋଇଯିବ । ତାଙ୍କ ମୋହନ ଭାରି ଭଲ ।

ରାତିରେ ଆଲୁଅ ଲିଭେଇ ଦେଇ ଅନ୍ଧାର କରିଦେଲେ, କସ୍ତୁରବାଙ୍କ ଉପରେ ଚିଡ଼ି ଯାଉଥିଲେ ମୋହନ । ଅନ୍ଧାର ମୋହନଙ୍କୁ ଖରାପ ଲାଗୁଥିଲା । ସେ ଭୟ କରୁଥିଲେ । କସ୍ତୁରବା କିନ୍ତୁ ବୁଝାଇ କହନ୍ତି, "ପୁରୁଷ ପୁଅର ଅନ୍ଧାରକୁ ପୁଣି ଭୟ କ'ଣ ? ଏଠି ଭୂତ, ସାପ କିମ୍ବା ଚୋର କେହି ନାହାନ୍ତି । କାହାକୁ ଭୟ କରୁଛ" । କସ୍ତୁରବାଙ୍କର ଏସବୁ ପ୍ରତି କେବେ ଭୟ ନଥିଲା । ଏବଂ ପାଖରେ ରଖି ପାଠ ପଢ଼ାଇ କସ୍ତୁରବାଙ୍କୁ ଏକ ଆଦର୍ଶ ସ୍ତ୍ରୀ କରିବେ ବୋଲି ଯେଉଁ ଇଚ୍ଛା କରିଥିଲେ ସେ ଇଚ୍ଛା ଧ୍ୱଂସ ପାଇଯାଉଥିଲା । ଏସବୁ ସ୍ୱପ୍ନ ବି ଭାଙ୍ଗିଯାଇଥିଲା ମୋହନଙ୍କର ।

ବାଲ୍ୟ ବିବାହ ପ୍ରଥା ଅନୁସାରେ ବିବାହିତ ଝିଅଟି ବେଶି ସମୟ ବାପ ଘରେ ରହେ । କସ୍ତୁରବାଙ୍କ ପାଇଁ ଗାନ୍ଧୀ ପରିବାର ସେଇଆ ହିଁ କରୁଥିଲା । ମୋହନ କିନ୍ତୁ କସ୍ତୁରବାଙ୍କ ସାନ୍ନିଧ୍ୟ ସବୁବେଳେ ଚାହୁଁଥିଲେ ।

କୈଶୋରରେ ବିପରୀତ ଲିଙ୍ଗ ପ୍ରତି ଆକର୍ଷଣ ଏକ ସ୍ୱାଭାବିକ ପ୍ରବୃତ୍ତି । ଏ ପ୍ରବୃତ୍ତି ଆହୁରି ବଢ଼ିଯାଏ, ଯେତେବେଳେ ଜଣେ କିଶୋରକୁ ସ୍ତ୍ରୀ ଭାବେ ସାଥୀଟିଏ ମିଳିଯାଏ ।

ମୋହନ ତେଣୁ କିଛି ଅଲଗା ନଥିଲେ । ମୋହନ ବି ମଣିଷ ଥିଲେ ।

❖❖❖

Digitized by PPRACHIN, SOA

୫

କୁସଙ୍ଗ ଓ ପ୍ରାୟଶ୍ଚିତ

ଘରେ ଏକ ବାଳିକା ସ୍ତ୍ରୀ ଏବଂ ସ୍କୁଲରେ ପାଠପଢ଼ା । ଏ ଦୁଇ ପରିସ୍ଥିତି ଭିତରେ ଛନ୍ଦି ହୋଇପଡ଼ିଲେ ମୋହନ । ମନକଥା କହିବା ପାଇଁ ପ୍ରିୟ ସାଙ୍ଗଟିଏ ନଥିଲା । ସାଙ୍ଗ ଖୋଜୁଥିଲେ ମୋହନ ।

କାଟିୟାର ହାଇସ୍କୁଲରେ ମୋହନଙ୍କ ସହ ସାଙ୍ଗ ହେଲେ ତାଙ୍କର ଜଣେ ଶ୍ରେଣୀ ସାଙ୍ଗ । ନାଁ ଶେଖ୍ ମହତାବ । ମହତାବ ମୁସଲିମ୍ ଥିଲେ । ଘର ତା'ର ଥିଲା ସେଇଠି-ପାଖ ଗୋଣ୍ଡାଲ ଷ୍ଟେଟରେ ।

ମହତାବ ଦେଖିବାକୁ ଡେ଼ଙ୍ଗା ଥିଲା । ସ୍ୱାସ୍ଥ୍ୟବାନ୍ । ସ୍କୁଲରେ ସେ ଭଲ ଖେଳୁଥିଲା । ଦୌଡ଼ ଏବଂ ଉଚ୍ଚଡ଼ିଆଁ ସେ ସେ ପୁରସ୍କାର ପାଉଥିଲା । ଜଣେ ଭଲ ଖେଳାଳୀ ଭାବେ ମହତାବଙ୍କୁ ସ୍କୁଲର ପ୍ରଧାନ ଶିକ୍ଷକ ବେଶି ପସନ୍ଦ କରୁଥିଲେ । ଦୁର୍ବଳ ଚେହେରା ପାଇଁ ମନ ଦୁଃଖରେ ଥିବା ମୋହନଦାସ ଶେଖ୍ ମହତାବଙ୍କ ସହ ବନ୍ଧୁତ୍ୱ ରଖିଲେ ।

ପ୍ରକୃତରେ ମହତାବ ଥିଲା ମୋହନଙ୍କର ମଝିଆ ଭାଇ, କଷଣଦାସଙ୍କର ଶ୍ରେଣୀ ସାଙ୍ଗ । ଏ ଦୁଇ ଜଣଙ୍କର ପାଠ ପଢ଼ାରେ ମନ ନଥିଲା । ପରୀକ୍ଷାରେ ଫେଲ୍ ହୋଇ ଏମାନେ ମୋହନଙ୍କ ସହ ଏକା ଶ୍ରେଣୀରେ ପଢୁଥିଲେ । ମୋହନଙ୍କ ସାଙ୍ଗରେ ମହତାବଙ୍କୁ କର୍ଷଣ ପରିଚୟ କରାଇ ଦେଇଥିଲେ ।

ମୋହନ ମନକଥା ଶେଖ୍‌କୁ କହିଲେ । ସ୍ତ୍ରୀ ଉପରେ ସେ କର୍ତ୍ତୃତ୍ୱ ଜାହିର କରିପାରୁନଥିବା ହେତୁ ଦୁଃଖ କଲେ । ଶେଖ୍ ମୋହନଙ୍କୁ କହିଲା- "ଏହାର କାରଣ କ'ଣ ଜାଣୁ ମୋହନ । ତୋର ଦୁର୍ବଳ ଚେହେରା ଏହାର ଏକମାତ୍ର କାରଣ । ମାଂସ ନଖାଇଲେ ଦୁର୍ବଳ ହେବା ସ୍ୱାଭାବିକ । ଇଂରେଜମାନେ ମାଂସାହାରୀ । ସେଇଥିପାଇଁ ସେମାନେ ଭାରତୀୟଙ୍କୁ ଶାସନ କରୁଛନ୍ତି । ଭାରତୀୟଙ୍କ ଠାରୁ ସେମାନେ ବହୁତ ଡେ଼ଙ୍ଗା ।

Digitized by PPRACHIN, SOA

ବଳିଷ୍ଠ । ମୁସଲିମ୍ ଏବଂ ଇଂରେଜମାନେ ଜାଣି ଜାଣି ଭାରତୀୟଙ୍କୁ ନିରାମିଷାଶୀ କରି ରଖିଛନ୍ତି । ମାଂସ ନଖାଇଲେ ଭାରତୀୟମାନେ ଦୁର୍ବଳ ହେବେ ଏବଂ ସେମାନେ ଭାରତକୁ ଶାସନ କରିବେ । ମୋହନ ତେଣୁ ମାଂସ ଖାଇବା ଦରକାର" ।

ମହତାବର କଥା ଶୁଣି ମୋହନ ଆଶ୍ଚର୍ଯ୍ୟ ହୋଇଗଲେ । ମାଂସ ଖାଇବା ଅସମ୍ଭବ । ମା' ପଚାରିଲେ ସେ କ'ଣ ଉତ୍ତର ଦେବେ । ମା' ପୁତୁଳିବାଈ ସବୁଦିନ ମୋହନଙ୍କୁ ପଚାରନ୍ତି- "ଆଜି ମନୁ ତୁ ସ୍କୁଲରେ ଖାଇଛୁ କ'ଣ ?"

ଶେଖ୍ କହିଲା, କର୍ଷଣ ବି ମାଂସ ଖାଏ । ଏ ସ୍କୁଲର ଅନେକ ଶିକ୍ଷକ ବି ମାଂସ ଖାଆନ୍ତି । ପୋରବନ୍ଦରର ଅନେକ ବଣିଆ ସଂପ୍ରଦାୟର ଲୋକ ମଧ୍ୟ ମାଂସାହାରୀ । ମାଂସ ନଖାଇବା ଏଠି ସେମିତି କିଛି ବାଧ୍ୟ ପ୍ରଥା ନୁହେଁ ।

ମୋହନ ମାଂସ ଖାଇବାକୁ ରାଜି ହେଲେ । ଘର ପାଖରେ ଏକ ନଈ । ନଈ କୂଳରେ ମାଂସ ରନ୍ଧା ହେଲା । ଶେଖ୍ ମହତାବ ଲୁଗା ଉପରେ ମାଂସ ରଖି ଉଭୟ କର୍ଷଣ ଏବଂ ମୋହନଙ୍କୁ ଖାଇବାକୁ ଦେଲା । ମାଂସ ଖଣ୍ଡେ ଖାଇବା ବେଳେ ମୋହନ କେମିତି ଅସୁସ୍ଥ ଅନୁଭବ କଲେ । ତାଙ୍କୁ ବାନ୍ତି ବାନ୍ତି ଲାଗିଲା । ଯାହା ହେଲେ ବି ସେ ମାଂସ ଖାଇବେ । ବଳବାନ ହେବେ । ରୋଗ ପ୍ରତି ଖାତିର ନଥିଲା ମୋହନଙ୍କର ।

ମୋହନ ସେଦିନ ତିନି ଚାରିଖଣ୍ଡ ମାଂସ ଖାଇଲେ । ଖାଇ ସାରିବା ପରେ ସେ ଅସୁସ୍ଥ ହୋଇପଡ଼ିଲେ । ଜୋରରେ ବାନ୍ତି କଲେ । ଘରକୁ ଆସି ଶୋଇ ପଡ଼ିଲେ । ଶୋଇବାରେ ସ୍ୱପ୍ନ ଦେଖିଲେ ମୋହନ । ସ୍ୱପ୍ନ ତ ନୁହେଁ, ସେ ଥିଲା ଏକ ଦୁଃସ୍ୱପ୍ନ । ପେଟ ଭିତରେ ଛେଳିଟି ଯେପରି କାନ୍ଦୁଛି । ମୁକ୍ତି ପାଇଁ ନେହୁରା ହେଉଛି ।

ମୋହନ ହଠାତ୍ ବିଛଣାରୁ ଉଠି ପଡ଼ିଲେ । ଦେହ ସାରା ତାଙ୍କର ଝାଳ । କପାଳରେ ବି ବିନ୍ଦୁ ବିନ୍ଦୁ ଝାଳ ଲାଗିଛି । କସ୍ତୁରବା ଉଠିପଡ଼ି ମୋହନଙ୍କ ଏ ଅବସ୍ଥା ଦେଖିଲେ । ନିଜ ପଣତ କାନିରେ ମୋହନଙ୍କ ମୁହଁରୁ ଝାଳ ପୋଛି ଦେଲେ ଏବଂ ଶୋଇଯାଅ ବୋଲି କହିଲେ ।

ଶେଖ୍ ମହତାବଙ୍କ ସହ ମୋହନଙ୍କର ଏ ମାଂସ ଭୋଜି ଅନେକ ଦିନ ପର୍ଯ୍ୟନ୍ତ ଚାଲିଲା । ଗେଷ୍ଟ ହାଉସ୍ ଏବଂ ଡ଼ାକ ବଙ୍ଗଳାରେ ସେମାନେ ଷ୍ଟାଇଲରେ ବସି ମାଂସ ଖାଇଲେ । ଭୋଜି ଦିନ ଘରେ ଆଉ କିଛି ଖାଉ ନଥିଲେ ମୋହନ ଦାସ । ପେଟ ଖରାପ ଅଜିର୍ଣ୍ଣ ଏବଂ ଦେହ ଭଲ ନାହିଁ, ଏପରି ଅନେକ ବାହାନା ସେ କରୁଥିଲେ । ବିରକ୍ତ ହୋଇ ମା' ପୁତୁଳିବାଈ ଥରେ କହିଲେ, "ତୁ କ'ଣ ଖାଉଛୁ କହ । ସେ ମହତାବ ସାଙ୍ଗ ଛାଡ଼ । ସେଇଟା ଭଲ ପିଲା ନୁହେଁ ।"

Digitized by PPRACHIN, SOA

କୁସଂଗରେ ପଡ଼ି ଯାଇଥିଲେ ମୋହନଦାସ । ସାଙ୍ଗ ଭଲ ନହେଲେ ଦୁର୍ଦ୍ଦଶା ଆସେ ।

ମୋହନଦାସଙ୍କୁ ଥରେ ଶେଖ୍ ମହତାବ ବେଶ୍ୟାଳୟକୁ ନେଇଗଲେ । ଶେଖ୍ ବୁଝେଇ ଦେଲା, ସବୁ ସ୍ତ୍ରୀ ଏକା । ସଂପର୍କ ବି ଏକା । ଶେଖ୍ କଥା ମାନୁଥିଲେ ମୋହନ ।

ଶେଖ୍ ସହ ମୋହନ ବେଶ୍ୟାଳୟକୁ ଗଲେ । ଦେଖିଲେ, ଖଟ ଉପରେ ଝିଅଟି ଏକାକୀ ବସିଥିଲା । ହାତରେ ତା'ର ମେହେନ୍ଦି ଲାଗିଥିଲା । ସେ ଥିଲା ବାସି ମେହେନ୍ଦି । ଫିକା ଦେଖାଯାଉଥିଲା ମେହେନ୍ଦି । ପାଖରେ ପାନ ଛେପ ପକାଇବା ପାଇଁ ପିକଦାନୀଟି ରହିଥିଲା । କସରା ଦାନ୍ତ । ଝିଅଟି ସୁନ୍ଦରୀ ଥିଲେ ବି କସ୍ତୁରବାଙ୍କ ପରି ସୁନ୍ଦରୀ ନଥିଲା ।

ଝିଅଟିର ଅଙ୍ଗଭଙ୍ଗୀ ଭଲ ଲାଗିଲାନି ମୋହନଙ୍କୁ । ବାହାରକୁ ଚାଲି ଆସିଲେ ମୋହନ । ଘରକୁ ଦୌଡ଼ିଲେ । ପଛକୁ ଚାହିଁ ନଥିଲେ ।

ମୋହନ କେତେବେଳେ କେମିତି ବିଡ଼ି ଖାଉଥିଲେ । ବିଡ଼ି କିଣିବାକୁ ପଇସା ନମିଳିବାରୁ ସେ ଥରେ ଘର ଚାକର ପକେଟରୁ ଚୋରୀ କରିଥିଲେ । ନିଜକୁ କେମିତି ଏକ ସୁଦୃଢ଼ ପୁରୁଷଟିଏ କରିବାକୁ ପ୍ରୟାସରେ ଥିଲେ ମୋହନଦାସ ।

କସ୍ତୁରବାଙ୍କ ସାମୟିକ ଅନୁପସ୍ଥିତି ବି ମୋହନଙ୍କ ପାଇଁ ଅନେକ ସମୟରେ ଅସହ୍ୟ ଥିଲା । ଏପରିକି କସ୍ତୁରବା କାହା ସଙ୍ଗରେ ବାହାରକୁ ଗଲେ, ମୋହନ ସହ୍ୟ କରିପାରୁନଥିଲେ । ବାପ ଘରକୁ କସ୍ତୁରବା ଗଲେ ମୋହନ ଭାଙ୍ଗି ପଡୁଥିଲେ । ସ୍ତ୍ରୀ ବିଚ୍ଛେଦକୁ ସହ୍ୟ ନକରିବାର ଏ ଅବସ୍ଥା ବି ଥିଲା ତାଙ୍କ ଦାଦା ପୁଅ ଭାଇର । ମୋହନ ଏବଂ ତାଙ୍କ ଭାଇ ଥରେ ଠିକ୍ କଲେ, ଉଭୟେ ଆତ୍ମହତ୍ୟା କରିବେ । ଦୁଦୁରା ଫଳ ଖାଇଦେବେ । ଦୁଦୁରା ଫଳ ଭାରି ବିଷ । ମନ୍ଦିର ପାଖରେ ସେମାନେ ଏ କାମ କରିବେ । ଆତ୍ମହତ୍ୟା କରିବେ ।

ଦିଅଁଙ୍କୁ ସମର୍ପି ଦୁଦୁରା ଫଳ ଖାଇବାକୁ ସେମାନେ ମନ୍ଦିର ପାଖରେ ଏକାଠି ହେଲେ । ଖାଇବା ପୂର୍ବରୁ ସେମାନେ ପରସ୍ପରକୁ ପ୍ରଶ୍ନ କଲେ- ଦୁଦୁରା ଫଳ ଖାଇ ସେମାନଙ୍କର ଯଦି ମୃତ୍ୟୁ ନହୋଇ ସେମାନେ ଅକ୍ରମଣ୍ୟ ହୋଇଯାଆନ୍ତି, ସାରା ଜୀବନ ତ ସେମାନେ ଦୁଃଖ ପାଇବେ । ସ୍ତ୍ରୀମାନେ ତାଙ୍କୁ ପରୁରିବେନି ।

ମୋହନ ଠିକ୍ କରିଦେଲେ, ସେ ଆତ୍ମହତ୍ୟା କରିବେ ନାହିଁ । ଜୀବନ ମୂଲ୍ୟବାନ । ମାନସିକ ଅସନ୍ତୁଳନରେ ଥିଲେ ମୋହନଦାସ ।

ମୋହନ ସବୁ କଥା କସ୍ତୁରବାଙ୍କୁ କହିଲେ । କସ୍ତୁରବା କହିଲେ- "ମା'ଙ୍କୁ

Digitized by PPRACHIN, SOA

କୁହ” । ମା’ଙ୍କୁ ବି ମହତାବ ସହ ସଂପର୍କ କଥା କହିଲେ ମୋହନ । ମା’ କହିଲେ, “ତୁ ଏକଥା ତୋ ବାପାଙ୍କୁ କହିଦିଏ, ଶାନ୍ତି ମିଳିବ ।”

ମୋହନ ଚିନ୍ତା କଲେ, ଏସବୁ କଥା ସେ ବାପାଙ୍କୁ କହିବେ କିପରି ? ବାପା ତ ସହଜରେ ବହୁତ ରାଗି । ମୁଣ୍ଡ ବାଡ଼େଇ ଦେବେ । ଦେହ ତାଙ୍କର ଭଲ ନାହିଁ ।

ମୋହନ କିନ୍ତୁ ସ୍ଥିର କଲେ, ସବୁ ଦୁଷ୍କର୍ମ କଥା ସେ ବାପାଙ୍କୁ କହିବେ । କିନ୍ତୁ ଚିଠିରେ । ସବୁକଥା ସେ ଚିଠିରେ ଲେଖିଦେଲେ । ଚିଠି ନେଇ ବାପାଙ୍କ ପାଖକୁ ଭୟରେ ଗଲେ । ପାଇଲସ୍ ଏବଂ ଭଗନ୍ଦର ଯୋଗୁଁ କାବା ଗାନ୍ଧୀଙ୍କ ଯନ୍ତ୍ରଣା ବଢ଼ିଯାଇଥାଏ । ସେ ଖଟ ଉପରେ ଶୋଇଥାଆନ୍ତି । ମୋହନ ତାଙ୍କ ବାପାଙ୍କ ପାଖରେ ଖଟ ଦାଢ଼ରେ ବସିଲେ । ବାପା ଆଖି ଖୋଲି ପଚାରିଲେ, “କ’ଣ ହେଲା ମନୁ ?” ମୋହନ ଲେଖିଥିବା ଚିଠି ବାପାଙ୍କୁ ଦେଇଦେଲେ । କାବା ଗାନ୍ଧୀ ଚିଠି ପଢ଼ିଲେ । ଆଖିରୁ ତାଙ୍କର ଲୁହ ଗଡୁଥାଏ । ବିନ୍ଦୁ ବିନ୍ଦୁ ହୋଇ ଲୁହ ଚିଠିରେ ପଡୁଥାଏ । ଚିଠି ଧୋଇ ହୋଇଯାଇଥିଲା ଲୁହରେ ।

କାବା ଗାନ୍ଧୀ ଖଟରୁ ଉଠି ବସିଲେ । ପୁଣି ଶୋଇ ପଡ଼ିଲେ । ପଢ଼ିସାରି ଚିଠିକୁ ସେ ଚିରି ଦେଲେ । ଚିରା କାଗଜକୁ ମୋଡ଼ି ମୋଡ଼ି ହାତରେ ସେ ତାକୁ ପିଣ୍ଡୁଳାଟିଏ କରିଦେଲେ । କାନ୍ଥକୁ ଫିଙ୍ଗି ଦେଲେ । ଛାତକୁ ଚାହିଁ ଆଖି ବନ୍ଦ କରି ସେ କାନ୍ଦି ପକାଇଲେ । ଏବଂ ମୋହନଙ୍କୁ ପଛ କରି କାନ୍ଥ ଆଡ଼କୁ କରେଇ ଖଟରେ ଶୋଇ ପଡ଼ିଲେ ବାପା କାବା ଗାନ୍ଧୀ । ଶୋଇ ରହି କାନ୍ଦୁଥିଲେ କାବା ।

ମୋହନ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । କଇଁ କଇଁ ହୋଇ ସେ ବି କାନ୍ଦିଲେ । ଏ କାନ୍ଦ ଭିତରେ ମୋହନ ଯେପରି କହୁଥିଲେ, “ଏ ଭୁଲ୍ ଆଉ ହେବ ନାହିଁ ବାପା । କ୍ଷମା କରିଦିଅ” । କାନ୍ଦର ଲୁହ ଭିତରେ ମୋହନ ପ୍ରାୟଶ୍ଚିତ କରୁଥିଲେ । ପ୍ରାୟଶ୍ଚିତ ସବୁ ପାପକୁ ଧୋଇଦିଏ । ଏହା ଥିଲା ଅହିଂସାର ପ୍ରାଥମିକ ପର୍ବ ।

କାବା କ୍ରମଶଃ ଗୁରୁତର ଭାବେ ଅସୁସ୍ଥ ହୋଇ ପଡିଲେ । ଡ଼ାକ୍ତର ପରାମର୍ଶ ଦେଲେ, ଅପରେସନ କରିଦେଲେ ଭଲ ହେବ । ବୟସ ଯୋଗୁଁ ଘରେ ରାଜି ହେଲେନି । ଯନ୍ତ୍ରଣା ବଢୁଥିଲା କାବାଙ୍କର । ପିଲାମାନେ ପାଳି କରି ବାପାଙ୍କର ସେବା କରୁଥିଲେ । ମୋହନଙ୍କର ସେବା ଥିଲା ବେଶି । ବାପାଙ୍କ ପାଖ ସେ ମୋଟେ ଛାଡୁ ନଥିଲେ । ଦିନେ ସଂଧ୍ୟାରେ ମୋହନଙ୍କ ଦାଦା ତୁଳସୀଦାସ ଆସିଲେ । ବଡ଼ଭାଇଙ୍କ ପାଖରେ ସେ ରହିବାକୁ କହିଲେ ।

ମୋହନ ବାପାଙ୍କୁ ଛାଡ଼ି ନିଜ ଶୋଇବା ଘରକୁ ଚାଲି ଆସିଲେ । କସ୍ତୁରବାଙ୍କ ସହ ଅନ୍ତରଂଗ ହେବାକୁ ଚେଷ୍ଟା କଲେ । କସ୍ତୁରବା ସେବେ ଗର୍ଭବତୀ ଥାଆନ୍ତି ।

Digitized by PPRACHIN, SOA

ଦୁଆର ଠକ୍ ଠକ୍ କଲା ଘକର । କହିଲା, "ବାବୁ ଉଠ । ବଡ଼ବାବୁ ଘଲିଗଲେ" ।

କାବା ଯେପରି ନିଜ ମୃତ୍ୟୁକୁ ଜାଣିପାରିଥିଲେ । ପାଖରେ ବସିଥିବା ନିଜ ସାନଭାଇ ତୁଳସୀ ଦାସଙ୍କୁ କହିଲେ, "କାଗଜ ଖଣ୍ଡେ ଦିଏ" । ତୁଳସୀ କାଗଜ ଦେଲେ । କାଗଜରେ କାବା ଲେଖିଦେଲେ, "ପ୍ରସ୍ତୁତ ହୋଇଯାଅ, ଶେଷ ସମୟ ଆସିଗଲା" ।

ନିଜ ହାତରେ ପିନ୍ଧିଥିବା ଡ଼େଉଁରିଆକୁ ଛିଣ୍ଡାଇ କାବା ତାକୁ ବାହାରକୁ ଫିଙ୍ଗି ଦେଲେ । ବେକର ସୁନା କଣ୍ଠି ଛିଣ୍ଡେଇଲେ । ଆଖି ବଡ଼ ବଡ଼ ହୋଇଗଲା କାବାଙ୍କର । ସେ ଚିର ନିଦ୍ରାରେ ଶୋଇଗଲେ ।

କାବାଙ୍କ ମୃତ୍ୟୁର କିଛିଦିନ ପରେ କସ୍ତୁରବାଙ୍କର ଛୁଆଟିଏ ଜନ୍ମ ହେଲା । ମୋହନଙ୍କର ପ୍ରଥମ ପିଲା । ପିଲାଟି କିନ୍ତୁ ବେଶି ଦିନ ବଞ୍ଚିଲା ନାହିଁ । ତିନି ଘରି ଦିନ ପରେ ଶିଶୁଟିର ମୃତ୍ୟୁ ହୋଇଗଲା ।

ବାପାଙ୍କ ମୃତ୍ୟୁ ଏବଂ ନିଜ ପିଲାର ଅସମୟ ଜନ୍ମ ଏବଂ ମୃତ୍ୟୁ ନେଇ ମୋହନ ନିଜକୁ ଦୋଷ ଦେଲେ । ନିଜେ ସଂଯମ ହୋଇଥିଲେ ବାପାଙ୍କ ମୃତ୍ୟୁ ଶଯ୍ୟା ପାଖରେ ସେଦିନ ସେ ଥାଆନ୍ତେ ଏବଂ ନିଜ ପିଲାଙ୍କୁ ବଞ୍ଚେଇ ପାରିଥାଆନ୍ତେ । ଅନୁତାପ କରିଥିଲେ ମୋହନଦାସ ।

ଅନୁତାପ ଏବଂ ସ୍ୱୀକାରୋକ୍ତି ଜୀବନକୁ ସ୍ୱଚ୍ଛ କରାଏ । ମଣିଷରୁ ମହାତ୍ମାକୁ ନେଇଯାଏ ।

❖ ❖ ❖

Digitized by PPRACHIN, SOA

୬

ମୋହନଙ୍କ ଲଣ୍ଡନ ଯାତ୍ରା

କାବା ଗାନ୍ଧୀଙ୍କ ମୃତ୍ୟୁ ପରେ ଗାନ୍ଧୀ ପରିବାର ଆର୍ଥିକ ଅବସ୍ଥା ସେତେ ଭଲ ନଥିଲା । ପୂର୍ବେ ସେମାନେ ଯେମିତି ଚଳୁଥିଲେ ସେ ଚଳଣିରେ ହ୍ରାସ ଦେଖାଦେଲା । ରାଜକୋଟରେ କାବାଙ୍କ ସାନଭାଇ ତୁଳସୀଦାସଙ୍କୁ ସଙ୍ଗେ ସଙ୍ଗେ ଦିଓ୍ୱାନ ନିଯୁକ୍ତି ବି ମିଳି ନଥିଲା ।

ମୋହନ ମାଟ୍ରିକ ପରୀକ୍ଷା ଦେଲେ ୧୮୮୭ ମସିହା ନଭେମ୍ବର ମାସ ତୃତୀୟ ସପ୍ତାହରେ । ବମ୍ବେ ବିଶ୍ୱବିଦ୍ୟାଳୟ ମାଟ୍ରିକ୍ ପରୀକ୍ଷା ପରିଚାଳନା କରୁଥିଲା । ଏଇ ପରୀକ୍ଷା ପାଇଁ ଅହମଦାବାଦ ଏକ ପରୀକ୍ଷା କେନ୍ଦ୍ର ଥିଲା । ଅହମଦାବାଦ ରାଜକୋଟରୁ ପାଖ । ମୋହନ ଅହମଦାବାଦକୁ ମାଟ୍ରିକ୍ ପରୀକ୍ଷାର କେନ୍ଦ୍ର ଭାବେ ବାଛିଲେ । ଘରୁ ଟ୍ରେନରେ ପରୀକ୍ଷା ଦେବାକୁ ଅହମଦାବାଦ ଗଲେ । ମୋହନଙ୍କର ଏ ଥିଲା ପ୍ରଥମ ଟ୍ରେନ୍ ଯାତ୍ରା ।

୧୮୮୮ ମସିହା ଜାନୁୟାରୀ ମାସରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଲା । ବମ୍ବେ ବିଶ୍ୱବିଦ୍ୟାଳୟରେ ସେ ବର୍ଷ ମୋଟ ତିନିହଜାର ପିଲା ମାଟ୍ରିକ୍ ପରୀକ୍ଷା ଦେଇଥିଲେ । ସେଥିରୁ ପାଶ୍ କରିଥିଲେ ମାତ୍ର ୮୨୩ । ମୋହନଙ୍କ ର୍ୟାଙ୍କ୍ ଥିଲା ୪୦୪ । କାଟିଓ୍ୱାର ହାଇସ୍କୁଲରେ ତାଙ୍କ ନାଁ ଥିଲା ।

ମୋହନ ପରୀକ୍ଷାରେ ସେତେ ଭଲ କରିନଥିଲେ । ମାତ୍ର ୪୦ ପ୍ରତିଶତ ନମ୍ବର ରଖିଥିଲେ । ଇଂରାଜୀ ଏବଂ ଗୁଜୁରାଟି ଭାଷା ବିଷୟରେ ମୋହନ ବହୁତ ଭଲ କରିଥିଲେ ।

ପ୍ରକୃତରେ ମୋହନଙ୍କର ସାହିତ୍ୟରେ ବେଶି ରୁଚି ଥିଲା । ଗୁଜୁରାଟି ଲେଖକ ନରମାଜ୍ ଏବଂ ଗୋବର୍ଦ୍ଧନରାମ ତ୍ରିପାଠୀଙ୍କର ସେ ଲେଖାସବୁ ପଢୁଥିଲେ । ନରମାଜ୍ ଏବଂ ଗୋବର୍ଦ୍ଧନରାମ୍ ତାଙ୍କ ଲେଖାମାନଙ୍କରେ ଜାତି ପ୍ରଥା, ନାରୀ ନିର୍ଯ୍ୟାତନା, ସାଂପ୍ରଦାୟିକତାବାଦ ଏବଂ ଏକଛତ୍ରବାଦୀ ଶାସନ ବିରୁଦ୍ଧରେ ଉଲ୍ଲେଖ କରୁଥିଲେ ।

Digitized by PPRACHIN, SOA

ଏସବୁ ବିଷୟ ବି ପଢ଼ିବାରେ ଆନନ୍ଦ ପାଉଥିଲେ ମୋହନଦାସ ।

ପରୀକ୍ଷାରେ ଆଶାନୁରୂପ ଫଳ ହୋଇନଥିଲେ ବି ଗାନ୍ଧୀ ପରିବାରରେ ମୋହନ ଜଣେ ସଫଳ ପୁତ୍ର ଥିଲେ । ବଡ଼ଭାଇ ଲକ୍ଷ୍ମୀଦାସ ଅଧାରୁ ପାଠ ଛାଡ଼ି ଦେଇଥିଲେ ଏବଂ ମଝିଆ ଭାଇ କର୍ଷଣଦାସ ମାଟ୍ରିକ ପରୀକ୍ଷା ପାଇଁ ସେଣ୍ଟଅପ୍ ହୋଇପାରିନଥିଲେ ।

୧୮୮୮ ମସିହାରେ ମୋହନଦାସ ଭାବନଗରର ସମଲଦାସ କଲେଜରେ ବି.ଏ. ପଢ଼ିଲେ । ରାଜନୀତି ବିଜ୍ଞାନ, ଇତିହାସ, ତର୍କଶାସ୍ତ୍ର ସହିତ ଗଣିତ ଏବଂ ପଦାର୍ଥ ବିଜ୍ଞାନକୁ ସେ ବିଷୟ ଭାବେ ନେଇଥିଲେ ।

ଭାବନଗରରେ ପାଠ ପଢ଼ିବା ପାଇଁ ଘର ଭଡ଼ା ନେଇ ରହିଲେ ମୋହନ । ହାତ ରୋଷେଇ ଖାଇ ବହୁ ସମୟରେ ଦେହ ତାଙ୍କର ଭଲ ରହୁନଥିଲା । ଅଧିକାଂଶ ସମୟ ତାଙ୍କର ମୁଣ୍ଡ ବିନ୍ଧୁଥିଲା ।

କଲେଜରେ ପାଠପଢ଼ା ଥିଲା ବେଶ୍ ଉଚ୍ଚକୋଟୀର । ବିଦ୍ୱାନ୍ ଅଧାପକମାନେ ସେଠି ଥିଲେ । ମୋହନ ଅଧିକାଂଶ ଲେକଚର ବୁଝି ପାରୁନଥିଲେ ।

ଗ୍ରୀଷ୍ମ ଛୁଟି ହେଲା । ମୋହନ ଘରକୁ ଫେରିଲେ । ଦିନେ ଗାନ୍ଧୀ ପରିବାରର ପରମ ବନ୍ଧୁ ଜଣେ ବ୍ରାହ୍ମଣ ବିଦ୍ୱାନ ମାଭାଜୀଡ଼ାଭେ ତାଙ୍କ ଘରକୁ ଆସିଲେ । ପୁତୁଳି ବାଇଙ୍କୁ ପଚାରିଲେ, "ମୋହନ ଏବେ କରୁଛି କ'ଣ ?" ପୁତୁଳିବାଇ ଉତ୍ତର ଦେଲେ, "ମୋହନ ଏବେ ବି.ଏ. ପଢୁଛି । ଚାରି ପାଞ୍ଚ ବର୍ଷ ଲାଗିବ ।

ଡ଼ାଭେଙ୍କ ଡ଼ାକ ନାଁ ଥିଲା ଦୋଷୀଜୀ । ଦୋଷୀଜୀ ପ୍ରସ୍ତାବ ଦେଲେ, "ମୋହନକୁ ବରିଷ୍ଟରୀ ପଢ଼ିବା ପାଇଁ ଲଣ୍ଡନ ପଠେଇ ଦେଲେ ଭଲ ହେବ । ମାତ୍ର ତିନି ବର୍ଷରେ ମୋହନ ପାଶ୍ କରି ବାରିଷ୍ଟର ହୋଇଯିବ । ଆଇନ ପାଶ୍ କଲେ ମୋହନ ରାଜକୋଟର ଦିୱାନ ହେବ । ଆଜିକାଲି ଉଚ୍ଚଶିକ୍ଷା ସବୁ ବଡ଼ ବଡ଼ ପଦବୀ ପାଇଁ ଦରକାର ହେଉଛି । ସମୟ ପରିବର୍ତ୍ତିତ ହେଉଛି ଏବଂ ଏଇ ଦ୍ରୁତ ପରିବର୍ତ୍ତିତ ସମୟ ସହିତ ଆମକୁ ତାଳ ଦେଇ ଯିବାକୁ ହିଁ ହେବ । ମୋ ପୁଅ ବାରିଷ୍ଟରୀ ପାଶ୍ କରି ଲଣ୍ଡନରୁ ଆସିଲାଣି । ବେଶି ଖର୍ଚ୍ଚ ହେଇନି । ମାତ୍ର ଚାରି ପାଞ୍ଚ ହଜାର ଟଙ୍କା ଖର୍ଚ୍ଚ ହେବ ।"

ଦୋଷୀଜୀଙ୍କ ଏ ପ୍ରସ୍ତାବ ପୁତୁଳିବାଇଙ୍କୁ ଭଲ ଲଗିଲା ନାହିଁ । କାବା ଗାନ୍ଧୀ ବଞ୍ଚିଥିଲେ ବି ଏ ପ୍ରସ୍ତାବକୁ ସେ ସଙ୍ଗେ ସଙ୍ଗେ ପ୍ରତ୍ୟାଖ୍ୟାନ କରିଦେଇଥାଆନ୍ତେ । ମୋହନଙ୍କ ଦାଦା ତୁଳସୀଦାସ ମଧ୍ୟ ଏହାକୁ ଗ୍ରହଣ କଲେ ନାହିଁ । ମୋହନଙ୍କୁ ଏ ପ୍ରସ୍ତାବ କିନ୍ତୁ ଗ୍ରହଣୀୟ ଲାଗିଲା । ଲଣ୍ଡନରେ ପାଠ ପଢ଼ିବା ନେଇ ମୋହନ ସ୍ୱପ୍ନ

Digitized by PPRACHIN, SOA

ଦେଖିଲେ ।

ପୁତୁଳିବାଇ ଦ୍ୱନ୍ଦରେ ପଡ଼ିଗଲେ । ପୁଅର ଇଚ୍ଛା ଥିଲା ଲଣ୍ଡନ ଯାଇ ପଢ଼ିବାକୁ । ଦିୱାନ ହେବାକୁ । ଏପଟେ ଜାତି ଭାଇଙ୍କର ବାସନ୍ଦ ଭୟ ।

ମୋଢ଼ ବଣିଆ ସଂପ୍ରଦାୟ ତାଙ୍କ ଜାତିରୁ କାହାକୁ ବିଦେଶ ଯିବାକୁ ଅନୁମତି ଦିଅନ୍ତି ନାହିଁ । ସେମାନଙ୍କର ଧାରଣା, ସାତ ଦରିଆ ତେର ନଈ ଡେ଼ଇଁ ବିଦେଶ କଲେ ଜଣେ ଅପବିତ୍ର ହୋଇଯିବ । ସେଥିପାଇଁ ସେ ଜାତିରୁ ବାସନ୍ଦ କରିଦିଅନ୍ତି ।

ପୁତୁଳିବାଇଙ୍କ ଅନ୍ୟ ଏକ ଭୟ ବି ଥିଲା । ମୋହନ ବିଦେଶ ଗଲେ ମଦ ପିଇବ, ମାଂସ ଖାଇବ । ତୁଳସୀଦାସ ମଧ୍ୟ ଏ ଆଶଂକାକୁ ସମର୍ଥନ କରି କହିଦେଲେ- ବିଦେଶରୁ ଫେରୁଥିବା ସବୁ ଲୋକ ମଦ ମାଂସ ଖାଇଥାଆନ୍ତି । ଲଣ୍ଡନର ଜଳବାୟୁ କୁଆଡ଼େ ଏସବୁ କରିବାକୁ ବାଧ୍ୟ କରାଏ ।

ପୁତୁଳିବାଇଙ୍କର ଜଣେ ଜୈନ ଗୁରୁ ଥିଲେ ବେଚରର୍ଜୀ ସ୍ୱାମୀ । ସ୍ୱାମୀଜୀଙ୍କୁ ପୁତୁଳିବାଇ ନିଜ ପୁଅର ପାଠପଢ଼ା ଏବଂ ପଢ଼ିବାରେ ବ୍ୟକ୍ତିଗତ ଆଶଂକା କଥା କହିଲେ । ଉପଦେଶ ମାଗିଲେ । ଗୁରୁଜୀ କହିଲେ, ମୋହନ ଯଦି ବିଦେଶରେ ମଦ ମାଂସ ଖାଇବ ନାହିଁ ଏବଂ ଅନ୍ୟ ସ୍ତ୍ରୀ ସ୍ପର୍ଶ କରିବନି, ସେ ଲଣ୍ଡନ ଗଲେ କିଛି କ୍ଷତି ନାହିଁ । ବିଦେଶରେ ଉଚ୍ଚଶିକ୍ଷା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଆସେ ।

ପୁତୁଳିବାଇ ରାଜି ହେଲେ । ମୋହନଙ୍କ ପାଇଁ ତିନି ସର୍ତ୍ତ ରଖିଲେ- ମଦ, ମାଂସ ଖାଇବେନି ଏବଂ ପର ସ୍ତ୍ରୀ ସଂଗ କରିବେନି । ମୋହନ ଏ ସର୍ତ୍ତ ମାନିବେ ବୋଲି କହିଲେ । ମା'ଙ୍କୁ ପ୍ରତିଶ୍ରୁତି ଦେଲେ ।

ମୋହନଙ୍କର ଲଣ୍ଡନ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲା । କିନ୍ତୁ ସମସ୍ୟା ଥିଲା ଅର୍ଥ ଚିନ୍ତା । ଲଣ୍ଡନରେ ପାଠ ପଢ଼ା ଖର୍ଚ୍ଚ ବେଶି । ପ୍ରସ୍ତାବ ଆସିଲା- ଜୁନାଗଡ଼ ଏବଂ ରାଜକୋଟ ଶାସକଙ୍କ ଠାରୁ ସ୍କଲାରସିପ୍ ଯୋଗାଡ଼ ହେବ । ଏଇ ଶାସକମାନେ କିନ୍ତୁ କୌଣସି ଆର୍ଥିକ ସାହାଯ୍ୟ ବା ସ୍କଲାରସିପ୍ ଦେବାକୁ ମନା କରିଦେଲେ ।

ତୁଳସୀଦାସ ଟଙ୍କା ଧାର କଲେ । ଘରର ଗହଣା ବିକା ହେଲା । କସ୍ତୁରବା ବି ବିକ୍ରିପାଇଁ ନିଜ ଗହଣା ଦେଇଦେଲେ । ମୋହନଙ୍କର ଭିଣୋଇ କିନ୍ତୁ ଟଙ୍କା ଦେବାକୁ ମନା କଲେ । ତାଙ୍କର ଭୟ ଥିଲା, ଟଙ୍କା ଦେବା ଖବର ପାଇଲା ପରେ ମୋଢ଼ ବଣିଆ ଜାତି ତାଙ୍କୁ ବି ଜାତିରୁ ବାସନ୍ଦ କରିଦେଇପାରେ । କସ୍ତୁରବାଙ୍କ ବାପଘର ବି ମୋହନଙ୍କ ଲଣ୍ଡନ ଯାତ୍ରାକୁ ବିରୁଦ୍ଧ କଲେ ।

Digitized by PPRACHIN, SOA

୧୮୮୮ ମସିହା ଜୁଲାଇ ମାସରେ କସ୍ତୁରବାଙ୍କର ପୁତ୍ର ସନ୍ତାନ ଜନ୍ମ ହେଲା । ନାଁ ଦିଆଗଲା 'ହରିଲାଲ' । ହରିଲାଲଙ୍କ ଜନ୍ମର ସଠିକ୍ ତାରିଖ ଜଣାନାହିଁ ।

ମୋହନଙ୍କ ଲଣ୍ଡନ ଯାତ୍ରା ନେଇ ରାଜକୋଟରେ ପ୍ରଚାର ହୋଇଗଲା । ହାଇସ୍କୁଲର ପୁରୁଣା ଛାତ୍ରମାନେ ମୋହନଙ୍କ ପାଇଁ ସମ୍ବର୍ଦ୍ଧନା ସଭା କଲେ । ଅଗଷ୍ଟ ୯ ତାରିଖରେ ଏ ସଭା ହେଲା । ଏ ଖବର ସଂବାଦପତ୍ରରେ ପ୍ରକାଶ ପାଇଲା । ସମ୍ବାଦ ଥିଲା- "ମିଷ୍ଟର ଗାନ୍ଧୀ ବାରିଷ୍ଟରୀ ଶିକ୍ଷା ପାଇଁ ଲଣ୍ଡନ ଯାଉଛନ୍ତି । ସେ କାଥିଆୱାଡ଼ର ପ୍ରଥମ ବଣିଆ" ।

ଅଗଷ୍ଟ ୧୦ ତାରିଖରେ ମୋହନ ଘରୁ ବିଦାୟ ନେଲେ । ସେ ପ୍ରଥମେ ବମ୍ବେ ଯିବେ ଏବଂ ବମ୍ବେରୁ ଲଣ୍ଡନ । ବମ୍ବେରେ ଜାହାଜରେ ସିଟ୍ ପାଇଁ କିଛି ଦିନ ଅପେକ୍ଷା କରିବାକୁ ହେବ । ବମ୍ବେରେ ମୋହନଙ୍କୁ ବିଦାୟ ଦେବାକୁ ତାଙ୍କ ସହ ତାଙ୍କ ଦାଦା ତୁଳସୀଦାସ ଏବଂ କିଛି ବନ୍ଧୁ ଯିବାକୁ ବାହାରିଲେ ।

ମୋହନଙ୍କ ପାଇଁ ଘରେ ମିଠା ତିଆରି ହେଲା । ସୁସ୍ୱାଦୁ ଗୁଜୁରାଟି ମିଠା । ମିଠା ସହ କିଛି ମିକ୍ସଚର । ଜାହାଜରେ ବାଟରେ ମୋହନଙ୍କ ଖାଇବା ପାଇଁ ଖାଦ୍ୟ ସଜାଡ଼ି ଦିଆଗଲା ।

ପୁତୁଳିବାଇ ମୋହନଙ୍କ ବେକରେ ତୁଳସୀ ମାଳିଟିଏ ପିନ୍ଧେଇ ଦେଲେ । ଆଖିରୁ ଲୁହ ବାହାରି ଆସୁଥିଲା ପୁତୁଳିବାଇଙ୍କର । କାନିରେ ନିଜ ଲୁହ ପୋଛିଲେ ପୁତୁଳିବାଇ । ମୋହନଙ୍କର ବି ଇଛା ହେଉଥିଲା, ମା'ଙ୍କ ସହ କାନ୍ଦିବେ । ମା'ଙ୍କୁ ଭାରି ଭଲ ପାଉଥିଲେ ମୋହନ । ମା' ବି । ଦିନେ ନଦେଖିଲେ କେମିତି ବ୍ୟସ୍ତ ହୋଇଯାଉଥିଲେ ପୁତୁଳିବାଇ ।

ମୋହନ କିନ୍ତୁ କାନ୍ଦିଲେ ନାହିଁ । କାନ୍ଦିଲେ କାଳେ ସାଙ୍ଗମାନେ ତାଙ୍କୁ ଦୁର୍ବଳ ବୋଲି ଭାବିବେ । କାଳେ ଲଣ୍ଡନ ଯିବା ପାଇଁ ଘର ଲୋକ ମନା କରିଦେବେ ।

ଆରପଟେ ଘରେ କସ୍ତୁରବା ଏବଂ ପୁଅ ହରିଲାଲ ଥିଲେ । ମୋହନ କସ୍ତୁରବାଙ୍କ ପାଖକୁ ଗଲେ । ପାଖରେ ଛିଡ଼ା ହେଲେ । ହରିଲାଲର ମୁଣ୍ଡ ସାଉଁଳି ଦେଲେ । କସ୍ତୁରବା ନରମ ସ୍ୱରରେ କହିଲେ, 'ତୁମେ ଯାଅନି' । ଲଣ୍ଡନର ଆକର୍ଷଣ କିନ୍ତୁ ଏସବୁ ଅନୁନୟକୁ ମାନୁ ନଥିଲା । କସ୍ତୁରବାଙ୍କୁ କିଛି ଉତ୍ତର ଦେଲେନି ମୋହନ ।

ବମ୍ବେରେ ମୋଢ଼ ବଣିଆମାନଙ୍କର ଜାତି ମିଟିଙ୍ଗ୍ ବସିଲା । ମୋହନଙ୍କୁ ସେ ଜାତି ସଭାକୁ ଡ଼କା ହେଲା । ମୋହନ ସଭା ମଝିରେ ବସିଲେ । ସଂପ୍ରଦାୟ ଧମକ

Digitized by PPRACHIN, SOA

ଦେଲେ- ମୋହନ ଦରିଆ ଡ଼େଇଁ ଲଣ୍ଡନ ଗଲେ ସେ ଜାତିରୁ ବାହାରିବେ । ମୋହନଙ୍କ ଉତ୍ତର ଥିଲା- "ସେ ବିଦେଶରେ ମଦ, ମାଂସ ଖାଇବେ ନାହିଁ ଏବଂ ପର ସ୍ତ୍ରୀ ସ୍ପର୍ଶ କରିବେନି ବୋଲି ମା'ଙ୍କୁ କଥା ଦେଇଛନ୍ତି । ସେ ତ ପାଠ ପଢ଼ିବା ପାଇଁ ଲଣ୍ଡନ ଯାଉଛନ୍ତି । ଅସୁବିଧା କ'ଣ ?"

ମୋହନଙ୍କ କଥାରେ ମୋଢ଼ ବଣିଆ ସନ୍ତୁଷ୍ଟ ହେଲେନି । ନିର୍ଦ୍ଦେଶ ଜାରି ହେଲା- "ମୋହନ ଜାତିରୁ ବାସନ୍ଦ" । ଏପରି ନିର୍ଦ୍ଦେଶର ପ୍ରଭାବ ମୋହନଙ୍କ ଉପରେ କିଛି ପଡ଼ିନଥିଲା ।

୧୮୮୮ ମସିହା ସେପ୍ଟେମ୍ବର ମାସ ୪ତାରିଖରେ ମୋହନ ଲଣ୍ଡନ ଅଭିମୁଖେ ଯାତ୍ରା କଲେ ।

Digitized by PPRACHIN, SOA

୭

ଲଣ୍ଡନରେ ମୋହନଦାସ

ସେପ୍ଟେମ୍ବର ୪ ତାରିଖରେ ବମ୍ବେ କୂଳରୁ ଜାହାଜ ଛାଡ଼ିଲା ବେଳେ ସଂଧ୍ୟା ହୋଇ ଯାଇଥିଲା । ସଂଧ୍ୟା ୫ଟା । ମୋହନଦାସ ଯେଉଁ ଜାହାଜରେ ଲଣ୍ଡନ ଯାଉଥିଲେ ସେ ଜାହାଜର ନାଁ ଥିଲା ଏସ୍. ଏସ୍. କ୍ଲାଇଡ୍ । ପୋରବନ୍ଦରର ଅଧିବାସୀ ଭାବେ ମୋହନଦାସ ବନ୍ଦରରେ ବଡ଼ ବଡ଼ ନୌକା ଦେଖିଥିଲେ । କିନ୍ତୁ ବଡ଼ ଏକ ଜାହାଜରେ ବସି ନିଜେ ଜଳଯାତ୍ରା କରିବା ଏ ଥିଲା ତାଙ୍କର ପ୍ରଥମ ଅନୁଭୂତି । ମୋହନ ଇଂରାଜୀ ପୋଷାକ ପିନ୍ଧି ଜାହାଜରେ ବସିଥିଲେ । କଳା କୋର୍ଟ ଓ ଟୋପି । ଜଳ ଯାତ୍ରାର ଅନୁଭୂତିକୁ ଏକ ଡ଼ାଏରୀରେ ଲେଖି ରଖିବେ ବୋଲି ମୋହନ ଠିକ୍ କରିଥିଲେ ।

ମୋହନଙ୍କ କ୍ୟାବିନରେ ଅନ୍ୟ ଜଣେ ଯାତ୍ରୀ ଥିଲେ- ମିଷ୍ଟର ମଜୁମ୍‌ଦାର । ତାଙ୍କର ପୁରା ନାଁ ଥିଲା ତ୍ରିୟମ୍ବାକ୍ରାଇ ମଜୁମ୍‌ଦାର । ମିଷ୍ଟର ମଜୁମଦାର ଥିଲେ ଜୁନାଗଡ଼ର ଜଣେ ଯୁବକ । ପାଠ ପଢ଼ିବାକୁ ସେ ବି ଲଣ୍ଡନ ଯାଉଥିଲେ ।

କଣ୍ଟା ଚାମଚର ବ୍ୟବହାର ମୋହନ ଜାଣି ନଥିଲେ । ଇଂରାଜୀ ଚଳଣି ସହିତ ମୋଟେ ଅଭ୍ୟସ୍ତ ନଥିଲେ । ଜାହାଜର ଖାଦ୍ୟ ମେନୁ ସଂପର୍କରେ ବି ଅନଭିଜ୍ଞ ଥିଲେ । ଭଲ ଇଂରେଜୀ ମଧ୍ୟ ସେ କହିପାରୁନଥିଲେ । ପ୍ରଥମ ଦୁଇ ତିନି ଦିନ ମୋହନଙ୍କୁ କିଛି ଭଲ ଲାଗିଲା ନାହିଁ । ସେ କେବଳ ଚୁପଚାପ ବସି ରହିଲେ । କାହା ସାଙ୍ଗରେ କଥା ହେଲେନି । ଜାହାଜର ଖାଦ୍ୟ ଖାଇଲେ ନାହିଁ । ଘରୁ ଆଣିଥିବା ଗୁଜୁରାଟି ମିଠା କେବଳ ଖାଇ ରହିଲେ ।

ଜାହାଜର ଟଏଲେଟ୍‌ରେ ପାଣି ବ୍ୟବହାର ହେଉନଥିଲା । କେବଳ କାଗଜ ବ୍ୟବହାର ହେଉଥିଲା । ଏ ସବୁରେ ବି ସଂପୂର୍ଣ୍ଣ ଅଜଣା ଥିଲେ ମୋହନଦାସ ।

ମିଷ୍ଟର ମଜୁମଦାର ନିଜେ ରୋଷେଇ କରୁଥିଲେ । ନିଜର ରନ୍ଧା ଖାଦ୍ୟରୁ କିଛି ସେ ମୋହନଙ୍କୁ ଖାଇବାକୁ ଦେଉଥିଲେ ।

Digitized by PPRACHIN, SOA

ଜାହାଜରେ ମୋହନ ତାଙ୍କର ଜଣେ ସମବୟସ୍କ ଯୁବକଙ୍କୁ ଦେଖିଲେ- ଅବଦୂଲ ମଜିଦ୍ । ମଜିଦ୍‌ଙ୍କ ସହ ମୋହନଙ୍କର ବନ୍ଧୁତା ହେଲା । ମଜିଦ୍ ପ୍ରଥମ ଶ୍ରେଣୀରେ ଜଳଯାତ୍ରା କରୁଥିଲେ । ମଜିଦ୍ କହିଲେ, "ମିଷ୍ଟର ଗାନ୍ଧୀ, ଜଳଯାତ୍ରାକୁ ଉପଭୋଗ କର । ଛାତ ଉପରକୁ ଯାଇ ସମୁଦ୍ରକୁ ଦେଖ । ଲାଉଞ୍ଜରେ ସମୟ କଟାଅ" ।

ମୋହନ ଲାଉଞ୍ଜକୁ ଗଲେ । ସେଠାରେ ତାସ୍ ଏବଂ ଚେସ୍ ଖେଳ ହେଉଥିଲା । ନାଚ ଗୀତ ବି ଚାଲିଥିଲା । ମଦ ପିଆ ହେଉଥିଲା । ମାଂସ ଖିଆ ହେଉଥିଲା । ଏପରି ପରିବେଶ କିପରି ଅଣନିଃଶ୍ୱାସୀ ଲାଗିଲା ମୋହନଙ୍କୁ ।

ମୋହନ ଥରେ ଦୁଇଥର ପିଆନୋ ବଜେଇବାକୁ ଚେଷ୍ଟା କଲେ । ବଜେଇ ପାରିଲେନି । ଗାନ୍ଧୀ ପରିବାରରେ କେବେ ସଂଗୀତ ବାଜେ ନାହିଁ ।

ମୋହନ ବେଳେବେଳେ ଜାହାଜର ଛାତ ଉପରକୁ ଚାଲି ଯାଉଥିଲେ । ଆକାଶ ଏବଂ ସମୁଦ୍ରକୁ ଦେଖୁଥିଲେ । ଆକାଶ ଏବଂ ସମୁଦ୍ର ଯେଉଁଠି ମିଶି ଯାଇଥାଏ, ସେ ମନୋହର ଦୃଶ୍ୟକୁ ଉପଭୋଗ କରୁଥିଲେ । ଜହ୍ନ ରାତିରେ ଯେତେବେଳେ ଜହ୍ନର ପ୍ରତିବିମ୍ବ ସମୁଦ୍ର ପାଣିରେ ପଡ଼େ ଏବଂ ଢେଉ ସହ ନାଚିବାକୁ ଲାଗେ, ସେ ଦୃଶ୍ୟ ବିମୁଗ୍ଧ କରୁଥିଲା ମୋହନଙ୍କୁ । ଅନ୍ଧାର ରାତିରେ ଆକାଶ ନିର୍ମଳ ଥିଲେ ଯେତେବେଳେ ନକ୍ଷତ୍ରମାନଙ୍କର ପ୍ରତିଛବି ସମୁଦ୍ର ପାଣିରେ ଦେଖାଯାଏ, ସେ ଦୃଶ୍ୟ ମଧ୍ୟ ଥିଲା ମନୋହର । ସାହିତ୍ୟ ଏବଂ ପ୍ରକୃତିକୁ ଖୁବ୍ ଭଲ ପାଉଥିବା ମୋହନଙ୍କୁ ଏ ଦୃଶ୍ୟ ପୁଲ୍ଲକିତ କରୁଥିଲା ।

ପ୍ରତିଦିନ ସକାଳ ଆଠଟାରେ ମୋହନ ବିଛଣାରୁ ଉଠୁଥିଲେ । ଦାନ୍ତ ଘସୁଥିଲେ । ଟଏଲଟ୍ ଯାଉଥିଲେ । ଗାଧୋଉ ଥିଲେ । କାଗଜ ବ୍ୟବହାର ଯୋଗୁଁ ପାଇଖାନା ସବୁ ମଇଳା ହୋଇଯାଇଥିଲା । ଏକ ପ୍ରକାର ଖରାପ ଗନ୍ଧ ସେଥିରୁ ବାହାରୁଥିଲା । ଇଂରେଜମାନେ ଏପରି ପାଇଖାନା କିପରି ବ୍ୟବହାର କରନ୍ତି ବୋଲି ଏକଥା ଭାବି ସେ ମନ ଦୁଃଖ କରୁଥିଲେ ।

ଜାହାଜ ଜଳ ଯାତ୍ରାରେ ମୋହନ ଆସ୍ତେ ଆସ୍ତେ ପ୍ରକୃତିସ୍ଥ ହେଲେ । ଯାତ୍ରା ଜୀବନ ତାଙ୍କୁ ଆଉ ଖରାପ ଲାଗିଲାନି ।

ବମ୍ବେ ଛାଡ଼ିବାର ଛଅ ଦିନ ପରେ ଜାହାଜ ପହଞ୍ଚିଲା ଅଦନରେ । ଦୁଇଜଣ ହିନ୍ଦୁସ୍ଥାନୀ ବନ୍ଧୁଙ୍କସହ ସେ ଅଦନ ଦେଖିବାକୁ ଗଲେ । ପରେ ମୋହନ ମାଲଟା ବୁଲିଲେ । ମାଲଟାର ଏକ ମ୍ୟୁଜିୟମରେ ନେପୋଲିୟନଙ୍କର ଯୁଦ୍ଧ ଅସ୍ତ୍ରଶସ୍ତ୍ର ରହିଥିଲା । ମୋହନ ମ୍ୟୁଜିୟମ ବୁଲି ଦେଖିଲେ ।

ମାଲଟା ପରେ ବ୍ରିନ୍ଦିଶ । ବ୍ରିନ୍ଦିଶ କୂଳରେ ଜାହାଜ ଲାଗିଲା । କୂଳରେ ବୁଲିବାକୁ

Digitized by PPRACHIN, SOA

ଆସିଲେ ମୋହନଦାସ । ସେଠାରେ ଏକ ସ୍ଥାନୀୟ ଯୁବକ ଦେଖାହେଲା । ଯୁବକ କହିଲା, "ସାହେବ, ଝିଅଟିଏ ଅଛି । ବୟସ କମ୍ । ମାତ୍ର ୧୪ ବର୍ଷ । ବେଶି କିଛି ଅଧିକ ଖର୍ଚ୍ଚ ହେବ ନାହିଁ" । ମୋହନ ବୁଝିଗଲେ । କିଛି ଉତ୍ତର ଦେଲେନି ।

ଜାହାଜ ଚାଲୁଥିଲା ଲୋହିତ ସାଗରରେ । ସାଗରର ଗରମ ହାଓ୍ୱା କଥା ମୋହନ ପୂର୍ବରୁ ଶୁଣିଥିଲେ । ଆସିଲା ବେଳେ ଅନେକ ବନ୍ଧୁ କହିଥିଲେ, ଲୋହିତ ସାଗରର ଗରମ ସହ୍ୟ କରିବା କଷ୍ଟ । ଭିତରେ ଟିକିଏ ଭୟ ଥିଲେ ବି ସେତେ ଡ଼ରି ଯାଇନଥିଲେ ମୋହନ । ରାତିରେ ସେ ଡ଼େକ୍‌ରେ ଶୋଇଲେ । ଅନେକ ସହଯାତ୍ରୀ ବି ଏଠାରେ ଶୋଇଥିଲେ ।

ଲଣ୍ଡନରେ ପହଞ୍ଚିବାକୁ ସୁଏଜ କେନାଲ ପାରି ହେବାକୁ ପଡ଼େ । ମଣିଷ ତିଆରି କରିଥିବା ଏଇ ସୁଏଜ କେନାଲ ବସ୍ତବରେ ପ୍ରକୃତିକୁ ହିଁ ଚାଲେଞ୍ଜ କରେ । ଡ଼ିଜାଇନ ଏହାର ଚମତ୍କାର । ଅଦ୍‌ଭୂତ କଳ୍ପନା ଶକ୍ତି ନଥିଲେ ଏପରି ଏକ କେନାଲ ଛବି ଆଙ୍କିବା ନିଶ୍ଚୟ ଅସମ୍ଭବ ।

ଦୁଇଟି ସମୁଦ୍ରକୁ ସଂଯୋଗ କରିଛି ସୁଏଜ୍ କେନାଲ । ଗୋଟିଏ ପଟେ ଲୋହିତ ସାଗର ଏବଂ ଅନ୍ୟପଟେ ମଧ୍ୟୋପସାଗର(ମେଡ଼ିଟାରିଆନସି) । ମୋହନଙ୍କ ଜନ୍ମ ବର୍ଷ ୧୮୬୯ ମସିହାରେ ସୁଏଜ୍ କେନାଲର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲା । ନିର୍ମାଣ ହେବାକୁ ଏହା ୧୧ ବର୍ଷ ଲାଗିଥିଲା । ସୁଏଜ୍ କେନାଲର ଦୈର୍ଘ୍ୟ ହେଉଛି ୧୦୦ ମାଇଲ ଅର୍ଥାତ୍ ୧୬୦ କିଲୋମିଟର । ଓସାର ୧୭୯ ଫୁଟ୍ ଏବଂ ଗଭୀରତା ୪୦ ଫୁଟ୍ ।

ସୁଏଜ୍ କେନାଲରେ ଥରକେ ଗୋଟିଏ ଜାହାଜ ଆସେ ଏବଂ ଯାଇପାରେ । ଖୁବ୍ ଆସ୍ତେ ଆସ୍ତେ ଜାହାଜ ଯାଏ । ଗତି ଏହାର ଜଣାପଡ଼େ ନାହିଁ । ଗୋଟିଏ ଜାହାଜ ଯାଉଥିଲେ ଅନ୍ୟ ଜାହାଜଟି ଆସିପାରେ ନାହିଁ । କେନାଲର ପାଣି ଭାରି ମଇଳା । କେନାଲ ପାରି ହେବାକୁ ଜାହାଜକୁ ପ୍ରାୟ ୨୪ ଘଣ୍ଟା ଲାଗେ । ମୋହନ ୨୪ ଘଣ୍ଟା ବସି ସୁଏଜ୍ କେନାଲ ପାରିହେଲେ ।

ଜାହାଜରେ ଯାତ୍ରା କଲାବେଳେ ମୋହନଙ୍କୁ ମାଂସ ଏବଂ ମଦ ଖାଇବାକୁ ପଡ଼ିନଥିଲା । କୁହାଯାଉଥିଲା, ବିସ୍କେ ଉପସାଗର ଆସିଲେ ସେଠି ମଦ ଆଉ ମାଂସ ଖାଇବାକୁ ବାଧ । କାରଣ ବିସ୍କେ ସାଗରରେ ଥଣ୍ଡା ବେଶି । ଏତେ ଥଣ୍ଡା ଯେ ମଦ ଏବଂ ମାଂସ ନଖାଇଲେ ବଞ୍ଚି ହେବନି । ମାଂସ ନଖାଇଲେ ଜଣେ ବଞ୍ଚିଯିବ, କିନ୍ତୁ ମଦ ନପିଇଲେ ବିସ୍କେ ସାଗରର ଯାତ୍ରାରେ ବଞ୍ଚିବା ଅସମ୍ଭବ । ମୋହନଙ୍କୁ ଏକଥା ଦୃଢ଼ତାର ସହ ଜଣେ ୟୁରୋପିୟ ସହଯାତ୍ରୀ କହିଲେ । ମୋହନ ଉତ୍ତର ଦେଲେ, "ସେ ଏସବୁ

Digitized by PPRACHIN, SOA

ଖାଇ ପାରିବେନି । ଆସିଲାବେଳେ ସେ ମା'ଙ୍କୁ କଥା ଦେଇଛନ୍ତି, ସେ ମଦ, ମାଂସ ଏବଂ ଅନ୍ୟ ସ୍ତ୍ରୀ ଛୁଇଁବେ ନାହିଁ ।

ବିସ୍କେ ସାଗରରେ ମଦ କିମ୍ବା ମାଂସ ଖାଇବାକୁ ପଡ଼ିଲା ନାହିଁ ମୋହନଙ୍କର । ଜାହାଜର ସହଯାତ୍ରୀମାନେ ଆଶ୍ଚର୍ଯ୍ୟ ହୋଇଗଲେ । ହାଡ଼ ଏବଂ ମାଂସରେ ଗଢ଼ା ଥିବା ବ୍ୟକ୍ତି ଜଣକ ଏତେ ଦୃଢ଼ ମନା ଏବଂ ସହିଷ୍ଣୁ ହୋଇପାରିଛି କିପରି ? କ'ଣ ଏହାର କାରଣ ହୋଇପାରେ ?

ମୋହନଙ୍କୁ କୁହାଗଲା, ସେ ଶାକାହାରୀ ସାର୍ଟିଫିକେଟଟିଏ ସଂଗ୍ରହ କରିଦେଲେ ଭଲ ହେବ । ମୋହନଙ୍କୁ ଜଣେ ଇଂରାଜୀ ଭଦ୍ରବ୍ୟକ୍ତି ଏଇ ସାର୍ଟିଫିକେଟ୍ ଦେଇଦେଲେ । ସେ ଯେ ଏକ ଶାକାହାରୀ, ଏପରି ପ୍ରମାଣପତ୍ର ମୋହନ ଅନେକ ଦିନ ଧରି ପାଖରେ ରଖିଥିଲେ । କିନ୍ତୁ ପରେ ସେ ଜାଣିବାକୁ ପାଇଲେ, ଅନେକ ମାଂସାହାରୀ ବ୍ୟକ୍ତି ବି ଶାକାହାରୀ ସାର୍ଟିଫିକେଟ୍ ପାଖରେ ରଖିଛନ୍ତି । ଶାକାହାରୀ ସାର୍ଟିଫିକେଟ ଉପରେ ତେଣୁ ମୋହନ ଆଉ ଗୁରୁତ୍ୱ ଦେଲେନି । ସେ ସାର୍ଟିଫିକେଟ ତାଙ୍କର କୁଆଡ଼େ ହଜି ଯାଇଥିଲା । ନିଜ ଚରିତ୍ର ଏବଂ ଚଳଣି ସଂପର୍କରେ ଅନ୍ୟ ଜଣଙ୍କ ଠାରୁ ସାର୍ଟିଫିକେଟ ପୁଣି କ'ଣ ? ନିଜ ଉପରେ ବିଶ୍ୱାସ ରଖିଥିବା ମୋହନଙ୍କ ପାଇଁ ଶାକାହାରୀର ପ୍ରମାଣ ପତ୍ର କିଛି ଦରକାର ନଥିଲା ।

ବମ୍ବେ ଛାଡ଼ିବାର ତିନି ସପ୍ତାହ ପରେ ଜାହାଜ ଏସ୍. ଏସ୍. କ୍ଲାଇଡ୍ ଲଣ୍ଡନରେ ପହଞ୍ଚିଲା । ତାରିଖ ଥିଲା ୧୮୮୮ ମସିହା ସେପ୍ଟେମ୍ବର ମାସ ୨୯ ତାରିଖ । ଘରୁ ଆଣିଥିବା ଏକ ଧଳା ପୋଷାକ ପିନ୍ଧି ମୋହନ ଜାହାଜରୁ ଓହ୍ଲାଇଲେ । ଏବଂ ମିଷ୍ଟର ମଜୁମ୍‌ଦାରଙ୍କ ସହ ଡ଼କ୍‌ରୁ ବାହାରି ରେଳ ଷ୍ଟେସନକୁ ଗଲେ । ପରେ ଟ୍ରେନ୍‌ରେ ଲଣ୍ଡନ ଗଲେ । ଡ଼କ୍‌ରୁ ଲଣ୍ଡନ ହେଉଛି ପ୍ରାୟ ୨୦ କିଲୋମିଟର । ସେତେବେଳକୁ ସଂଧ୍ୟା ହୋଇଯାଇଥିଲା ।

ମୋହନଦାସ ଗାନ୍ଧୀ ଏବଂ ମିଷ୍ଟର ମଜୁମ୍‌ଦାର ସେ ରାତିରେ ଲଣ୍ଡନର ଭିକ୍ଟୋରିଆ ହୋଟେଲରେ ରହିଲେ ।

❖❖❖

Digitized by PPRACHIN, SOA

୮

ମୋହନଙ୍କ ଲଣ୍ଡନ ଜୀବନ

ଭିକ୍ଟୋରିଆ ହୋଟେଲ ଲଣ୍ଡନର ଏକ ଦାମିକା ହୋଟେଲ । ରହିବା ଖର୍ଚ୍ଚ ଏଠି ଅଧିକ । ଯାହା ଏଠି ଖାଇବାକୁ ମିଳୁଥିଲା, ମୋହନଙ୍କୁ ତାହା ରୁଚିକର ଲାଗୁନଥିଲା । ଲୁଣ ଏବଂ ମସଲା ଭାଗ ଠିକ୍ ନଥିଲା । ମୋହନଙ୍କ ପରି ନିରାମିଷାଶୀଙ୍କ ପାଇଁ ଶାକାହାରୀ ଖାଦ୍ୟ ପାଇବା ଥିଲା କଷ୍ଟ । ଏକ ଭଡ଼ାଘରେ ରହିବାକୁ ତାଙ୍କର ଜଣେ ବନ୍ଧୁ କହିଥିଲେ ।

ହୋଟେଲରେ ରହିବାର ପରଦିନ ଡ଼ାକ୍ତର ପ୍ରାଣଜୀବନ ମେହେଟ୍ଟା ହୋଟେଲରେ ପହଞ୍ଚିଲେ । ମୋହନ ଭାରତରୁ ଆସିବା ବେଳେ ଯେଉଁ କେତେଜଣଙ୍କର ପରିଚୟ ପତ୍ର ଆଣିଥିଲେ ଏଥିରେ ଡ଼ାକ୍ତର ପ୍ରାଣଜୀବନ ମେହେଟ୍ଟା ଥିଲେ ।

ପ୍ରାଣଜୀବନ ଡ଼ାକ୍ତର ହେଲେ ବି ଲଣ୍ଡନରେ ଆଇନ ପଢୁଥିଲେ । ଘର ତାଙ୍କର ଗୁଜୁରାଟର ରାଜକୋଟ ପାଖରେ । ଜାହାଜରେ ଆସିବା ବେଳେ ଅଧା ବାଟରୁ ଡ଼ାକ୍ତର ମେହେଟ୍ଟାଙ୍କ ପାଖକୁ ମୋହନଦାସ ତାର କରିଦେଇଥିଲେ ।

ହୋଟେଲରେ ମୋହନଦାସ ସେଇ ଧଳା ପୋଷାକରେ ଥାଆନ୍ତି । ଏମିତି ପୋଷାକରେ ମୋହନଙ୍କୁ ଦେଖି ମେହେଟ୍ଟାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା । ପଚାରି ବୁଝିଲେ, "ଯାତ୍ରା କେମିତି ହେଲା ? କିଛି ଅସୁବିଧା ହେଲାନି ତ" ?

କଥାବାର୍ତ୍ତା ହେବାବେଳେ ମୋହନଙ୍କ ନଜର ପଡ଼ିଲା ମେହେଟ୍ଟାଙ୍କ ରେଶମୀ ଟୋପି ଉପରେ । ଟୋପିକୁ ସେ ହାତରେ ଉଠାଇ ନେଲେ ଏବଂ ଏପଟ ସେପଟ କରି ଦେଖିଲେ । ଏପରି ନକରିବାକୁ ଆଖିରେ ଇଙ୍ଗିତ ଦେଲେ ପ୍ରାଣଜୀବନ । କହିଲେ, "ଅନ୍ୟ ଜଣଙ୍କର ଜିନିଷ ଛୁଇଁବା ଭଲ ଶିଷ୍ଟାଚାର ନୁହେଁ" ।

ଡ଼ାକ୍ତର ମେହେଟ୍ଟା ବ୍ରିଟେନର ସାମାଜିକ ଚଳଣୀ ସଂପର୍କରେ ମୋହନଙ୍କୁ ବୁଝେଇଲେ । ଲଣ୍ଡନର ଶିଷ୍ଟାଚାର ଭାରତ ଠାରୁ ଅଲଗା ବୋଲି କହିଲେ । "ଶୁଣ ମୋହନ, ଅଜଣା ଲୋକଙ୍କୁ ପ୍ରଶ୍ନ କରିବ ନାହିଁ । ତାଙ୍କ ସହ ସେତେ ଅଯଥା କଥା

Digitized by PPRACHIN, SOA

ହେବନି । ଅନ୍ୟ କାହାକୁ ସାର୍ ବୋଲି ଡ଼ାକିବନି । ଲଣ୍ଡନରେ ଚାକର ଏବଂ ଅଧସ୍ତନ କର୍ମଚାରୀମାନେ ତାଙ୍କ ମାଲିକ ବା ଉପରିସ୍ଥ ଅଧିକାରୀମାନଙ୍କୁ ସାର୍ ବୋଲି ଡ଼ାକନ୍ତି ।"

ଧଳା ପୋଷାକ ପରିବର୍ତ୍ତନ କରିଦେବାକୁ ମେହେଟ୍ଟା କହିଲେ । ସେ ବଣ୍ଡ ଷ୍ଟ୍ରିଟ୍‌ରୁ ଦଶ ପାଉଣ୍ଡ ଦେଇ ମୋହନଙ୍କ ପାଇଁ ନୂଆ ପୋଷାକ କିଣିଲେ । କିଛି ଅଧିକ ପଇସା ଦେଇ ନୂଆ ଫେସନର ଟୋପି କିଣିଲେ । କୋଟ୍ ପକେଟରେ ଲଗାଇବା ପାଇଁ ଡ଼ବଲ ଚେନ୍ ବାଲା ଏକ ନୂଆ ଘଣ୍ଟା କିଣିଲେ । ପାଶ୍ଚାତ୍ ସଂଗୀତ, ନୃତ୍ୟ ଏବଂ ଇଂରାଜୀରେ କଥା ହେବାକୁ ପରାମର୍ଶ ଦେଲେ ।

ମେହେଟ୍ଟାଙ୍କ ପରାମର୍ଶକୁ ମୋହନ ମାନିଲେ । ମାତ୍ର କିଛି ଦିନ ଭିତରେ ମୋହନଦାସ ଏକ ଉନ୍ନତ ଇଂରେଜୀ ଜେଣ୍ଟଲମ୍ୟାନ୍ ପରି ଦେଖାଗଲେ ଏବଂ ସାମାଜିକ ସ୍ତରରେ ପରିଚିତ ହୋଇଗଲେ ।

ପ୍ରଥମ କିଛିଦିନ ଲଣ୍ଡନରେ ମୋହନଙ୍କୁ ଭଲ ଲାଗିଲା ନାହିଁ । ମା'ଙ୍କ କଥା ମନେ ପଡୁଥିଲା । ଏକୁଟିଆ ଥିବା ବେଳେ କେତେବେଳେ କେମିତି କାନ୍ଦି ପକାଉଥିଲେ । କିନ୍ତୁ ସେ ଯେ ବାରିଷ୍ଟର ହେବାର ଲକ୍ଷ ନେଇ ଲଣ୍ଡନ ଆସିଛନ୍ତି, ଏକଥା ସ୍ମରଣ କରି ସେ ଦୃଢ଼ମନା ହୋଇଯାଉଥିଲେ । ଏବଂ ସଫଳତା ପାଇଁ ସେ ଦୁଃଖ ସହ୍ୟ କରିବାକୁ ଧୈର୍ଯ୍ୟ ରଖୁଥିଲେ । ଅଳ୍ପଦିନ ପରେ ସବୁ ସାଧାରଣ ହୋଇ ଆସିଲା । ଘର ଛାଡ଼ିବାର ବିଷାଦ କମିଯାଇଥିଲା । ଲଣ୍ଡନରେ ରହିବାର ମାତ୍ର ତିନି ଦିନ ପରେ ମୋହନ ତାଙ୍କ ବଡ଼ଭାଇ ଲକ୍ଷ୍ମୀଦାସଙ୍କୁ ଚିଠି ଲେଖି ଜଣାଇଦେଲେ, ସେ ଭଲ ଅଛନ୍ତି । ପ୍ରବଳ ଥଣ୍ଡା ସତ୍ତ୍ୱେ ବି ସେ ଲଣ୍ଡନରେ ମଦ କିମ୍ୱା ମାଂସ ଖାଉ ନାହାନ୍ତି ।

ଉଣେଇଶ ଶତାବ୍ଦୀରେ ବି ଲଣ୍ଡନ ଏକ ଉନ୍ନତ ମେଟ୍ରୋପଲିଟାନ ସହର ହୋଇଯାଇଥିଲା । ଏଠାରେ ପ୍ରାୟ ଷାଠିଏ ଲକ୍ଷ ଲୋକ ବସ ବାସ କରୁଥିଲେ । ଏଥିରେ ବିଭିନ୍ନ ସଂପ୍ରଦାୟ ଏବଂ ବିଭିନ୍ନ ଦେଶର ଅଧିବାସୀ ଥିଲେ । ଲଣ୍ଡନର ଏକ ଆନ୍ତରାଷ୍ଟ୍ରିୟ ଚରିତ୍ରଟିଏ ଥିଲା । ମାତ୍ର ଏକ ହଜାର ଭାରତୀୟ ସେବେ ଲଣ୍ଡନରେ ରହୁଥିଲେ । ଏସବୁ ଘରୋଇ ଚାକର, ଡ଼କ୍‌ରେ କାମ କରୁଥିବା ଶ୍ରମିକ ଏବଂ ସଫେଇବାଲା ଥିଲେ । କିଛି ଭାରତୀୟ ଏଠାକୁ ଆଇନ ଏବଂ ଡ଼ାକ୍ତରୀ ପଢ଼ିବାକୁ ଆସୁଥିଲେ । ସଂଭ୍ରାନ୍ତଙ୍କ ଭିତରେ ରାଜ ପରିବାର ଏବଂ ନବାବ୍ ପରିବାରର କିଛି ଲୋକ ଲଣ୍ଡନରେ ରହୁଥିଲେ । ଦାଦାଭାଇ ନାରୋଜୀ ଲଣ୍ଡନର ଏକ ଜଣାଶୁଣା ଭାରତୀୟ ଥିଲେ ।

୧୮୮୮ ମସିହା ନଭେମ୍ବର ୬ତାରିଖରେ ମୋହନ ଲଣ୍ଡନର 'ଇନର ଟେମ୍ପଲ ଇନ୍'ରେ ଆଇନ ଶ୍ରେଣୀରେ ନାଁ ଲେଖାଇଲେ । ଲଣ୍ଡନ କୋର୍ଟକୁ ଇନ୍ କୁହାଯାଏ ।

Digitized by PPRACHIN, SOA

ବାରିଷ୍ଟରୀ ପାଶ୍ କରିବାକୁ ଦୁଇଟି ପାର୍ଟରେ ପରୀକ୍ଷା ଦେବାକୁ ହେଉଥିଲା । ପ୍ରଥମ ପାର୍ଟରେ ୪ଟି ଟର୍ମ ଏବଂ ଦ୍ୱିତୀୟ ପାର୍ଟରେ ୯ଟି ଟର୍ମ ରଖାଯାଇଥିଲା । ଟର୍ମ ବା ସେମିଷ୍ଟାର ପରୀକ୍ଷା ହେଉଥିଲା ଜାନୁୟାରୀ, ଏପ୍ରିଲ, ଜୁନ୍ ଏବଂ ନଭେମ୍ବର ମାସରେ । ପ୍ରତ୍ୟେକ ସେମିଷ୍ଟାର ପରୀକ୍ଷା ୨ ୦ ଦିନ ଅନ୍ତରରେ ହେଉଥିଲା । ବାରିଷ୍ଟରୀ ପାଠ ବହୁତ ସହଜ ଥିଲା ।

ବାରିଷ୍ଟର ହେବାକୁ ହେଲେ ଇନ୍‌ରେ ନୈଶ୍ୟ ଭୋଜନ କରିବାକୁ ହେଉଥିଲା । ଏଥିପାଇଁ ସମୁଦାୟ ୭ ୨ଟି ଡ଼ିନର ଉଦ୍ଦିଷ୍ଟ ଥିଲା । ଶେଷ ପରୀକ୍ଷା ପୂର୍ବରୁ କିଛି ଡ଼ିନର ବାକି ରହିଯାଇଥିଲେ ତାକୁ ଶେଷ କରିବାକୁ ପଡୁଥିଲା ।

ଇନ୍ ବ୍ୟବସ୍ଥା ଖୁବ୍ ମଜା ଲାଗୁଥିଲା ମୋହନଙ୍କୁ । ମଜା ଏଇଥିପାଇଁ ଯେ ଜଣଙ୍କୁ ବାରିଷ୍ଟର ହେବାକୁ ହେଲେ ଡ଼ିନର ଦେବାକୁ ବାଧ୍ୟ ।

ନୈଶ୍ୟ ଭୋଜନ ବେଳେ ପଢ଼ା ସାଙ୍ଗମାନେ ଆସୁଥିଲେ । କିଛି ଆଇନଜୀବୀ ଉପସ୍ଥିତ ହେଉଥିଲେ । ପାଠପଢ଼ା କଥା ଆଲୋଚନା ହେଉଥିଲା । ଛୋଟ ଭାଷଣ ଦେବାକୁ କୁହାଯାଉଥିଲା । ଭିନ୍ନ ଭିନ୍ନ ସଂସ୍କୃତି ଏବଂ ରୁଚିର ପାରସ୍ପରିକ ବିନିମୟ ହେଉଥିଲା ।

ଗୋଟିଏ ଡ଼ିନର ଟେବୁଲରେ ଚାରି ଜଣ ବସୁଥିଲେ । ଏ ସମସ୍ତଙ୍କୁ ଗୋରୁ ବା ଛେଳି ମାଂସ ସହ ଦୁଇ ବୋତଲ ମଦ ଦିଆଯାଉଥିଲା । ମୋହନ କିନ୍ତୁ ଶାକାହାରୀ ଖାଦ୍ୟ ମାଗୁଥିଲେ । ଶାକାହାର ବି ଦିଆଯାଉଥିଲା ମୋହନଙ୍କୁ । ଏଇ ଖାଦ୍ୟ ଭିତରେ କିଛି ସିଝା ଆଳୁ ଏବଂ ସିଝା ବନ୍ଧା କୋବି ଥିଲା । ମୋହନଙ୍କ ଟେବୁଲରେ ବସି ଅନ୍ୟମାନେ ମଦ ଏବଂ ମାଂସ ଖାଉଥିବା ବେଳେ ମୋହନ ଆଳୁ ଏବଂ କୋବି ସିଝା ଖାଉଥିଲେ । ଅନ୍ୟମାନେ ଏସବୁ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । ଅନେକ ପରାମର୍ଶ ଦେଉଥିଲେ, "ମିଷ୍ଟର ଗାନ୍ଧୀ, ମାଂସ ଖାଅ । ପୂର୍ବରୁ ତ ଏ ସବୁ ଖାଇଛ । ସ୍ୱାଦ କ'ଣ ଜାଣିଛ । ଗୋଟିଏ ମିଛ ପ୍ରତିଜ୍ଞାକୁ ସାରା ଜୀବନ ଜାବୁଡ଼ି ଧରିବା ମାନେ କ'ଣ ? ମା' ତ ଆଉ ତୁମର ପାଖରେ ନାହାନ୍ତି ।"

ଏସବୁ ପରାମର୍ଶ ମୋହନଙ୍କ ପାଇଁ ସଂପୂର୍ଣ୍ଣ ଅର୍ଥହୀନ ଥିଲା । ମା'ଙ୍କୁ ପ୍ରତିଶ୍ରୁତି ଥିଲା ତାଙ୍କ ପାଇଁ ଏକ ଦୃଢ଼ ଶପଥ । ବାରିଷ୍ଟରୀ ପାଠ ଟିକିଏ ସହଜ ଦେଖି ମୋହନ ଲଣ୍ଡନ ମାଟ୍ରିକ ପରୀକ୍ଷା ଦେଲେ । ଫରାସୀ ଭାଷା ଏବଂ ଲାଟିନ୍ ଶିଖିଲେ । ରୋମାନ୍ ଲ' ପଢ଼ିଲେ । ତିନୋଟି ଖବର କାଗଜ ଘରକୁ ଆଣି ପଢ଼ିବାକୁ ଲାଗିଲେ । ଗୁଜୁରାଟରେ ସେ କିଛି ଖବର କାଗଜ ପଢୁନଥିଲେ ।

ମୋହନଦାସଙ୍କୁ ଲଣ୍ଡନ ଯେପରି ନୂଆ ଦିଗଦର୍ଶନ ଦେଲା । ସେ ସେଠାରେ

Digitized by PPRACHIN, SOA

ଖୁବ୍ ମୁକ୍ତ ବୋଲି ନିଜକୁ ଭାବିଲେ । ମାନସିକ ଜଡ଼ତା ତାଙ୍କର ଦୂରୀଭୂତ ହୋଇଯାଉଥିଲା । ଚିତ୍ତର ଶକ୍ତି ବୃଦ୍ଧି ପାଉଥିଲା । ରାଜକୋଟରେ ଯେଉଁ ଜିନିଷ ପଢ଼ି ନ ଥିଲେ ମୋହନଦାସ, ଏହାକୁ ପଢ଼ିବାକୁ ଲାଗିଲେ । ଧର୍ମ ବହି ପଢ଼ିଲେ । ଶାକାହାରୀ ଭୋଜନର ବହି ପଢ଼ିଲେ । ସାଙ୍ଗମାନଙ୍କ ସହ ଧର୍ମ ଏବଂ ଈଶ୍ୱରଙ୍କ ସଂପର୍କରେ ଆଲୋଚନା ବି କଲେ । ଘରେ ରାଜକୋର୍ଟରେ ଈଶ୍ୱର ଏବଂ ଧର୍ମ ସଂପର୍କରେ କଥା ହେବାକୁ ମନା ଥିଲା । କାରଣରେ କୁହାଯାଇଥିଲା, ଏସବୁ କଲେ ଜଣେ କୁଆଡ଼େ ନାସ୍ତିକ ହୋଇଯାଏ ।

ମୋହନ ଥିଓସୋଫିଷ୍ଟ ମାନଙ୍କ ସହ ମିଶିଲେ । ମାଡ଼ାମ୍ ବ୍ଲାଭାସ୍କି ଲଜ୍‌ରେ ଜଣେ ସଭ୍ୟ ହେଲେ । ନିୟମିତ ସଂଧ୍ୟାରେ ସେ ସେଠାକୁ ଗଲେ । ପ୍ରତିଦିନ ସଂଧ୍ୟାରେ ଥିଓସୋଫିଷ୍ଟ ମାନଙ୍କର ସମ୍ମିଳନୀ ସେଠି ବସେ । ଆଲୋଚନା ହୁଏ ।

ଥିଓସୋଫି ବା ଈଶ୍ୱରବାଦ ଏକ ଧାର୍ମିକ ଦର୍ଶନ । ଏହା ଈଶ୍ୱରଙ୍କୁ ସର୍ବମୟ ଏବଂ ଏକ ପୂର୍ଣ୍ଣ ବାସ୍ତବତା ବୋଲି ଭାବେ । ସର୍ବ ବିଦ୍ୟମାନ ବୋଲି ବିବେଚନା କରେ । ସୃଷ୍ଟି ଏବଂ ଈଶ୍ୱରଙ୍କ ରହସ୍ୟ ଜାଣିବାର ତତ୍ତ୍ୱ ଏଇ ଦର୍ଶନରେ ଥାଏ । ଏଇ ଦର୍ଶନ ଏକଥା ବି କୁହେ, ରହସ୍ୟମୟ ଅନୁଭୂତିରେ ହିଁ ଈଶ୍ୱରଙ୍କୁ ଅନୁଭବ କରିହୁଏ । ଗୁପ୍ତ ଏବଂ ନିଗୁଢ଼ ତତ୍ତ୍ୱକୁ ଉନ୍ମୋଚନ କରିହୁଏ । କାରଣ ଈଶ୍ୱର ଏକ ଗୁପ୍ତ ସତ୍ତା ।

ଈଶ୍ୱର ଏବଂ ଧର୍ମର ଏକ ନୂଆ ସଂଜ୍ଞା ମୋହନ ବ୍ଲାଭାସ୍କି ଲଜ୍‌ରେ ଜାଣିବାକୁ ପାଇଲେ ।

ଆଇନ ଛାତ୍ର ମୋହନ

Digitized by PPRACHIN, SOA

୯

ଲଣ୍ଡନରେ ପାଠପଢ଼ା

ଭଡ଼ାଘର ମାଲିକାଣୀଙ୍କ ହାତରନ୍ଧା ସିଝା ଖାଦ୍ୟ ମୋହନଙ୍କୁ ରୁଚିକର ଲାଗୁନଥିଲା । କିଛି ଦିନ ସେ ହାତରେ ରୋଷେଇ କଲେ । ସିଏ ବି ସୁଆଦ ଲାଗିଲାନି । ମୋହନ ଲଣ୍ଡନରେ ଶାକାହାରୀ ଭୋଜନାଳୟଟିଏ ଖୋଜିଲେ । କିଙ୍ଗ୍ ଷ୍ଟ୍ରିଟ୍‌ରେ ସେ ଭେଜିଟାରିଆନ୍ ରେଷ୍ଟୁରାଣ୍ଟଟିଏ ଦେଖିଲେ । ରେଷ୍ଟୁରାଣ୍ଟର ବାହାର ବୋର୍ଡ଼ରେ ଲେଖା ଯାଇଥିଲା, 'ମାତ୍ର ୬ ପେନ୍ସରେ ପେଟପୁରା ମିଲ୍' । ମୋହନ ରେଷ୍ଟୁରାଣ୍ଟ ଭିତରକୁ ଗଲେ । ଭିତର କାନ୍ଥରେ ବିଶିଷ୍ଟ ଶାକାହାରୀ ଲେଖକ ହେନେରୀ ସଲ୍‌ଟଙ୍କର ବହିର କିଛି ଅଂଶ ଲେଖାଯାଇଥିଲା । ହେନେରୀ ସଲ୍‌ଟ ଥିଲେ ଭାରତରେ କିଛି ବର୍ଷ ସାମରିକ ଅଫିସର ଭାବେ କାମ କରିଥିବା ଜଣେ ଆର୍ମି ଅଧିକାରୀଙ୍କ ପୁଅ । ସଲ୍‌ଟ ଶାକାହାର ସଂପର୍କରେ ଗବେଷଣା କରିଥିଲେ ଏବଂ ଏ ବହି ଲେଖିଥିଲେ । ବହିର ନାଁ ଥିଲା 'ପ୍ଲି ଫର୍ ଭେଜେଟାରିଆନ୍‌ଜିମ୍' ।

ମୋହନଦାସ ସଲ୍‌ଟଙ୍କର ସେ ବହି କିଣିଲେ । ଛୋଟ ଏକ ପତଳା ବହି । ମୋହନ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ସେ ବହି ପଢ଼ିଲେ । ସଲ୍‌ଟ ଲେଖିଥିଲେ- ସାମାଜିକ, ନୈତିକ, ଆର୍ଥିକ, ଆଧାତ୍ମିକ ଏବଂ ସ୍ୱାସ୍ଥ୍ୟ ଦୃଷ୍ଟି କୋଣରୁ ଜଣେ ନିରାମିଷାଶୀ ହେବା ଉଚିତ୍ । ଜୀବ ଏବଂ ପଶୁ ମାରି ଭକ୍ଷଣ କରିବା ମଣିଷ ପାଇଁ ମାନବଧର୍ମ ନୁହେଁ ।

ମୋହନଦାସ ଏ ପର୍ଯ୍ୟନ୍ତ କେବଳ ସଂସ୍କୃତି ଏବଂ ପରମ୍ପରାରେ ବାଧ୍ୟ ହୋଇ ଶାକାହାରୀ ଥିଲେ । ଏବେ ସେ ସଲଟ୍‌ଙ୍କର ବହି ପଢ଼ିବା ପରେ ନିଜ ପସନ୍ଦରେ ଶାକାହାରୀ ହୋଇଗଲେ ।

ଥରେ ଯେଉଁ କାମରେ ହାତ ଦିଅନ୍ତି ମୋହନ, ସେ କାମକୁ ସେ ନିଷ୍ଠାର ସହ ପାଳନ କରନ୍ତି । ନିଜ ପସନ୍ଦରେ ଶାକାହାର ବ୍ରତ ପାଳନ କରିବାକୁ ଠିକ୍ କଲାପରେ ମୋହନଦାସ ଶାକାହାରୀ ସମିତି ବା ଭେଜେଟାରିଆନ୍ ସୋସାଇଟିର ଜଣେ ସଭ୍ୟ ହେଲେ ଏବଂ ନିଜେ ରହୁଥିବା ଅଞ୍ଚଳରେ ତା'ର ଏକ ଶାଖାଟିଏ କରିଦେଲେ ।

Digitized by PPRACHIN, SOA

ଶାକାହାରୀ ସମିତିରେ ନିୟମିତ ଯୋଗ ଦେଇ ମୋହନଦାସ ଏ ସଂପର୍କରେ ଆଲୋଚନା କରୁଥିଲେ । ଭେଜେଟାରିଆନିଜିମ୍ ଉପରେ ପ୍ରବନ୍ଧ ଲେଖୁଥିଲେ । ଭାଷଣ ବି ଦେଉଥିଲେ । ଲଣ୍ଡନ ଭେଜେଟାରିଆନ୍ ସୋସାଇଟି ଥିଲା ପ୍ରଥମ ସାଧାରଣ ଫୋରମ୍ ଯେଉଁଠି ମୋହନଦାସ ଏକ ସଂଗଠକ ଭାବେ ଆତ୍ମପ୍ରକାଶ କରିଥିଲେ । ଏକଦା ଲାଜକୁଳା, ଅଳ୍ପଭାଷୀ, କାଥିଆୱାଡ଼ର ଯୁବକ ଯେ ବାହାର ଦେଶରେ ଜଣେ ସଂଗଠକ ହୋଇପାରିବ ଏହା ଅସମ୍ଭବ ନଥିଲେ ବି ଆଶ୍ଚର୍ଯ୍ୟ ଲାଗୁଥିଲା ।

ମୋହନଙ୍କ ଏଇ ଶାକାହାରୀ ଜୀବନ ଶୈଳୀକୁ ଆଉ ଜଣେ ଇଂରାଜୀ ବନ୍ଧୁ ଆହୁରି ବଳିଷ୍ଠ ଏବଂ ବ୍ୟାପକ କରିଦେଇଥିଲେ । ସେ ଥିଲେ ଜୋସିଆ ଓଲଡ୍‌ଫିଲଡ୍ । ମୋହନ ଏବଂ ଓଲଡ୍‌ଫିଲଡ୍ କିଛି ଦିନ ଏକାଠି ରହୁଥିଲେ । ବର୍ଣ୍ଣର ବିବିଧତା ସତ୍ତ୍ୱେ ସେ ଦୁହେଁ ପରସ୍ପରର ଭଲ ବନ୍ଧୁ ଥିଲେ ।

ଏ ବନ୍ଧୁତ୍ୱ ପୁରାପୁରି ଭିନ୍ନ ଏବଂ ସାହାସୀ ଥିଲା । ଓଲଡ୍‌ଫିଲଡ୍ ଭେଜେଟାରିଆନ୍ ନାମକ ଏକ ମାଗାଜିନ୍ ସଂପାଦନା କରୁଥିଲେ । ଶାକାହାର ସହ ଏଥିରେ କିଛି ରାଜନୈତିକ ତଥା ସାମାଜିକ ଘଟଣା ସଂପର୍କରେ ଲେଖା ରହୁଥିଲା । ଦୁଇ ବନ୍ଧୁ ଏକାଠି ମିଳିଲେ ଏ ସଂପର୍କରେ ଆଲୋଚନା କରୁଥିଲେ ଏବଂ ସଂଧ୍ୟାରେ ଦୁଇବନ୍ଧୁ ଅନ୍ୟ ବନ୍ଧୁମାନଙ୍କ ସହ ମିଶି ନିରାମିଷାଶୀ ଖାଦ୍ୟ ଖାଇବାକୁ ଯାଉଥିଲେ ।

ଦିନେ ସଂଧ୍ୟାରେ ଓଲଡ୍ ଫିଲଡ୍ ଘରେ ଥାଆନ୍ତି । ମୋହନ ଘରକୁ ଫେରି ଓଲଡ୍‌ଫିଲଡ୍‌କୁ ବାହାରେ ଜଣେ ଡ଼ାକ୍ତରଙ୍କ ସହ ହୋଇଥିବା କଳି କଥା କହିଲେ । କଳିର କାରଣ କ'ଣ ବୋଲି ଓଲଡ୍‌ଫିଲଡ୍ ପ୍ରଶ୍ନ କଲେ । ମୋହନ ଉତ୍ତର ଦେଲେ, "ସକାଳେ ଜଣେ ଡ଼ାକ୍ତରଙ୍କ ସହ ଶାକାହାରୀ ଖାଦ୍ୟ ସଂପର୍କରେ ଆଲୋଚନା ହୋଇଥିଲା । ଡ଼ାକ୍ତର କହିଲେ, ଗରମ ଦେଶରେ ଶାକାହାର ଚଳିବ । କିନ୍ତୁ ଶୀତ ଦେଶରେ ଗୋରୁମାଂସ, ମଟନ୍ ନଖାଇଲେ ଏବଂ ଘି ଏବଂ ମଦ ନପିଇଲେ ଚଳିବ ନାହିଁ । ଯଦି ମଦ ନଖାଉଛ ବିଫ୍‌ଟି ପିଅ । ଯଦି ନପିଇବ, ମୃତ୍ୟୁ ତୁମର ଅନିର୍ବାର୍ଯ୍ୟ ।"

ଓଲଡ୍‌ଫିଲଡ୍ ପ୍ରଶ୍ନ କଲେ- "ଆପଣ କ'ଣ ଉତ୍ତର ଦେଲେ, ମିଷ୍ଟର ଗାନ୍ଧୀ ?" ମୋହନ କହିଲେ, "ମୁଁ କହିଲି, ଯଦି ମୋର ମୃତ୍ୟୁ ଭଗବାନଙ୍କ ଇଚ୍ଛା, ଏହା ନିଶ୍ଚୟ ପୂରଣ ହେବ । ମା'ଙ୍କ ପାଖରେ ମୁଁ ଯେଉଁ ଶପଥ ନେଇଛି, ତାକୁ ମୁଁ ଭାଙ୍ଗି ଦେଇ ପାରିବିନି ।"

ଲଣ୍ଡନରେ ମୋହନଦାସ କୋଟ ଏବଂ ସାର୍ଟ ପିନ୍ଧିଲେ ଭାରି ସୁନ୍ଦର ଦେଖାଯାଉଥିଲେ । ଟୋପି କାଢ଼ି, ମୁଣ୍ଡ ବାଳ ସାଉଁଳି ଅନ୍ୟ କାହାକୁ ଅଭିଭାଦନ ଜଣାଇଲା

Digitized by PPRACHIN, SOA

ବେଳେ ମଧ୍ୟ ଆହୁରି ସୁନ୍ଦର ଲାଗୁଥିଲେ । ବ୍ରିଟିଶ ତରୁଣୀମାନଙ୍କ ପାଇଁ ସେ ଜଣେ ବିବାହଯୋଗ୍ୟ ଯୁବକ ଥିଲେ ।

ମୋହନ ଯେ ବିବାହିତ ଏବଂ ଘରେ ତାଙ୍କର ସ୍ତ୍ରୀ ଏବଂ ପୁଅଟିଏ ଅଛି, କିଛି ଦିନ ପରେ ବ୍ରିଟିଶ ତରୁଣୀମାନେ ଏକଥା ଜାଣିବାକୁ ପାଇଲେ । ବିବାହିତର ପୁଣି ପାଠ ପଢ଼ା, ଆଶ୍ଚର୍ଯ୍ୟ ହେଲେ ବି ସମ୍ଭବ ଥିଲା ।

ଇଂଲଣ୍ଡର କୌଣସି ବିବାହିତ ପୁଅ କେବେ ପାଠ ପଢ଼େ ନାହିଁ । ଭାରତରୁ ଯେଉଁ ବିବାହିତମାନେ ଯାଆନ୍ତି, ସେମାନେ ବିବାହିତ ବୋଲି ପରିଚୟ ଦିଅନ୍ତି ନାହିଁ । କାରଣ ଏକାଠି ରହି ଝିଅମାନଙ୍କ ସହ ଅନ୍ତରଂଗ ସଂପର୍କର ସୁଯୋଗ କାଳେ କଟିଯିବ, ଏଇ ଭୟ ତାଙ୍କର ଥାଏ ।

ଲଣ୍ଡନରେ ଅନ୍ୟ ଝିଅମାନଙ୍କ ପ୍ରତି ମୋହନଙ୍କର କେବେ ଆକର୍ଷଣ ନଥିଲା । ଆଇନ ଛାତ୍ରଙ୍କ ସହ ଥରେ ପ୍ରମୋଦ ଭ୍ରମଣରେ ଯାଇ "ପୋର୍ଟସମାଉଥ୍ ଇନ୍"ରେ ବିଶ୍ରାମ ନେଉଥିବା ବେଳେ ସେଠାରେ ଜଣେ ମହିଳାଙ୍କ ଅସ୍ୱାଭାବିକ ଅନ୍ତରଙ୍ଗତା ଏବଂ ଯୌନ ଆମନ୍ତ୍ରଣକୁ ସେ ପ୍ରତ୍ୟାଖ୍ୟାନ କରିଦେଲେ । ଏବଂ ନିଜକୁ ନିଜେ ପ୍ରଶ୍ନ କରିଥିଲେ, "ନିଜ ଶପଥ ଭାଙ୍ଗି ଦିଅନାହିଁ, ମୋହନ ।"

ଯୁବ ବୟସରେ ବିଚଳିତ ମନକୁ ସଂଯମ କରିଦେବାର ଶକ୍ତି ରଖିଥିଲେ ମୋହନଦାସ । ପୋର୍ଟସମାଉଥ୍‌ରେ ହେବାକୁ ଥିବା ଭେଜେଟାରିଆନ୍ ସମ୍ମିଳନୀରୁ ଅଧାରୁ ଛାଡ଼ି ମୋହନଦାସ ଲଣ୍ଡନ ଫେରି ଆସିଥିଲେ । ଲଣ୍ଡନର ରହଣି ମୋହନଦାସଙ୍କୁ ଆଇନ ଶିକ୍ଷା ଦେଇଥିଲା । ତାହା ସହ ନୀତି, ନୈତିକତା ଏବଂ ଜୀବନର ପ୍ରତିଶ୍ରୁତିବଦ୍ଧତା ପାଳନ କରିବା କଥା ବି ଶିଖେଇଥିଲା ।

୧୮୯୦ ମାର୍ଚ୍ଚ ମାସରେ ମୋହନଙ୍କର ଆଇନର ପ୍ରଥମ ପାର୍ଟ ପରୀକ୍ଷା ହେଲା । ବମ୍ବେ ଛାଡ଼ିବାର ପ୍ରାୟ ଦେଢ଼ବର୍ଷ ପରେ ଏ ପରୀକ୍ଷା ହୋଇଥିଲା । ପରୀକ୍ଷାରେ ମୋହନ ଖୁବ୍ ଭଲ କରିଥିଲେ । ବମ୍ବେର ମାଟ୍ରିକ୍ ପରୀକ୍ଷା ଠାରୁ ଏହା ଥିଲା ଉନ୍ନତ । ମାତ୍ର ୪୬ ଜଣ ପ୍ରଥମ ଭାଗ ଲ' ପାଶ୍ କରିଥିଲେ । ସେଥିରେ ମୋହନଙ୍କ ନାଁ ଥିଲା ଛ ରେ । 'ଦି ଟାଇମ୍‌ସ' ଖବର କାଗଜରେ ମୋହନଙ୍କ ନାଁ ବାହାରିଲା । ପାଶ୍ କରିଥିବା ପିଲାଙ୍କ ଭିତରେ ମୋହନ ଏକମାତ୍ର ଅଣଇଂରାଜୀ ଛାତ୍ର ଥିଲେ ।

୧୮୯୦ ମସିହା ଡ଼ିସେମ୍ବର ମାସରେ ଲ'ର ଶେଷ ପରୀକ୍ଷା ହେଲା । ଫଳ ପ୍ରକାଶ ପାଇଲା ୧୮୯୧ ମସିହା ଜାନୁୟାରୀ ୧୨ ତାରିଖରେ । ମୋହନ ଆଇନର ଶେଷ ପରୀକ୍ଷା କୃତିତ୍ୱର ସହ ପାଶ୍ କରିଦେଇଥିଲେ । ସମୁଦାୟ ୧୦୯ ଜଣ ପାଶ୍ କରା

Digitized by PPRACHIN, SOA

ପିଲାଙ୍କ ମଧ୍ୟରେ ମୋହନଙ୍କ ନାଁ ୩୪ରେ ଥିଲା ।

ପରୀକ୍ଷାରେ ପାଶ୍ କରିଥିଲେ ବି ଲଣ୍ଡନ ଛାଡ଼ିବାକୁ ମୋହନଙ୍କୁ ଅନୁମତି ନଥିଲା । ସେ ୭୨ ଟି ଡ଼ିନର ଶେଷ କରି ନଥିଲେ । ଚୁକ୍ତି ଅନୁସାରେ ଲ' ପରୀକ୍ଷାରେ ପାଶ୍ କରିବାକୁ ହେଲେ ୭୨ଟି ଡ଼ିନର ଶେଷ କରିବା ଦରକାର ।

ଆଉ କିଛିଦିନ ଲଣ୍ଡନରେ ରହିବାକୁ ଓଲଡ୍‌ଫିଲଡ୍ ମୋହନଙ୍କୁ ଅନୁରୋଧ କଲେ । ସବୁ ଡ଼ିନର୍ ଶେଷ କରିବାକୁ କହିଲେ ଏବଂ ଏଇ ସମୟରେ ଭେଜେଟାରିଆନ୍ ମାଗାଜିନ୍ ପାଇଁ କିଛି ଲେଖା ଲେଖିବାକୁ ପ୍ରସ୍ତାବ ଦେଲେ ।

ଭେଜେଟାରିଆନ୍ ମାଗାଜିନ୍‌ରେ ମୋହନଦାସଙ୍କ ଏକ ସ୍ତମ୍ଭ ଥିଲା । ସେ ହିନ୍ଦୁମାନଙ୍କ ଖାଦ୍ୟ ଅଭ୍ୟାସ ନେଇ ଥିବା କିଛି ମିଛ ଏବଂ ଭ୍ରାନ୍ତଧାରଣା ସଂପର୍କରେ ଲେଖୁଥିଲେ । ଗୋଟିଏ ପ୍ରବନ୍ଧରେ ସେ ଲେଖିଥିଲେ, "ହିନ୍ଦୁମାନେ ମାଂସ ଖାଆନ୍ତି ନାହିଁ ବୋଲି ଦୁର୍ବଳ ହୋଇ ନାହାନ୍ତି । ହିନ୍ଦୁମାନଙ୍କର ଦୁର୍ବଳ ଶାରୀରିକ ଗଠନର କାରଣ ହେଲା ବାଲ୍ୟ ବିବାହ । ବାର ବର୍ଷର ଝିଅ ଯେତେବେଳେ ୧୬ ବର୍ଷର ସ୍ୱାମୀ ଠାରୁ ମାତୃତ୍ୱ ହାସଲ କରେ ଏବଂ ସନ୍ତାନ ପ୍ରସବ କରେ, ସେ ସନ୍ତାନ ଦୁର୍ବଳ ହେବା ସ୍ୱାଭାବିକ । ଏବଂ ମଦଖିଆ ବି ଭାରତୀୟଙ୍କୁ ଦୁର୍ବଳ କରିଦେଉଛି । ଇଂରେଜମାନେ ଯେଉଁ କିଛି କୁଅଭ୍ୟାସ ଭାରତୀୟଙ୍କୁ ଦେଇଛନ୍ତି, ସେଥିରେ ମଦ୍ୟପାନ ଏକ ସାଂଘାତିକ କୁତ୍ସିତ ଦାନ ।"

ମୋହନଙ୍କ ମନେ ପଡୁଥିଲା ଭାରତ କଥା । ପରିବାର, ସ୍ତ୍ରୀ, ପୁଅ କଥା । କିନ୍ତୁ ସମୟ କ୍ରମେ ସେ ଶୁଦ୍ଧ ପରିବର୍ତ୍ତିତ ହୋଇଯାଇଥିଲେ, ଭାବୁଥିଲେ ମୋହନ । ଭାରତରେ ଥିଲେ ଏହା ହୁଏତ ହୋଇପାରି ନଥାନ୍ତା । ଭେଜେଟାରିଆନ୍ ସୋସାଇଟି ତାଙ୍କ ଚିନ୍ତାରେ ପରିବର୍ତ୍ତନ ଆଣିଥିଲା । ସଂଗଠକ ହେବା, ପ୍ରବନ୍ଧ ଲେଖିବା, ବର୍ଣ୍ଣର ବୈଷମ୍ୟ ଭୁଲି ବନ୍ଧୁତା କରିବା ଏବଂ ଥିଓସୋଫିକ୍ ସୋସାଇଟିରେ ମିଶି ଧର୍ମର ସାର ଏବଂ ବ୍ରହ୍ମଜ୍ଞାନ ସଂପର୍କରେ ଜାଣିବା, ଏ କେବଳ ଲଣ୍ଡନରେ ହୋଇଥିଲା । ଲଣ୍ଡନରେ ଏକ ସରଳ ଜୀବନ ଯାପନ କରୁଥିଲେ ମୋହନଦାସ । ନିଜର ଖର୍ଚ୍ଚକୁ ସେ କମେଇ ଦେଇଥିଲେ । ଲଫାପାରେ ଚିଠି ନଲେଖି ସେ ପୋଷ୍ଟ କାର୍ଡ଼ରେ ଚିଠି ଲେଖୁଥିଲେ । ଲଣ୍ଡ୍ରିରେ ପୋଷାକ ନଦେଇ ନିଜେ ସଫା କରୁଥିଲେ । ସେଲୁନକୁ ନଯାଇ ନିଜେ ନିଜେ ଖିଅର ହୋଇ ଯାଉଥିଲେ । ପ୍ରତିଦିନ ୧୦/୧୨ ମାଇଲ ବାଟ ସେ ପାଦରେ ଚାଲି ଚାଲି ଯାଆ ଆସ କରୁଥିଲେ । ଦୂର ଯାଗାକୁ ଯିବାର ଥିଲେ ସରକାରୀ ଯାନ ବାହାନରେ ଯାଉଥିଲେ । ଚା, କଫି ପିଇବା ଛାଡ଼ି ଦେଇଥିଲେ । ପ୍ରଥମ ବର୍ଷ ବାର ପାଉଣ୍ଡ ଖର୍ଚ୍ଚ କଲାବେଳେ,

Digitized by PPRACHIN, SOA

ଦ୍ୱିତୀୟ ବର୍ଷ ତାଙ୍କର ଖର୍ଚ୍ଚ ଥିଲା ମାତ୍ର ୪ ପାଉଣ୍ଡ । ନିଜ ଘରକୁ ଆର୍ଥିକ ବୋଝ ହେବାକୁ ମୋହନ ଚାହୁଁ ନଥିଲେ ।

ଲଣ୍ଡନ ସଭ୍ୟତା ସହ ମୋହନ ନିଜକୁ ପରୀକ୍ଷା କରିଥିଲେ ବି ଲଣ୍ଡନ ରାଜନୀତି ଜୀବନ ସହ କିଛି ସଂପର୍କ ରଖି ନଥିଲେ । ସେବେ ଲଣ୍ଡନରେ ମାର୍କ୍ସବାଦ ଏବଂ ଫାବିଆନ୍ ସମାଜବାଦ ବେଶ୍ ଚର୍ଚ୍ଚାରେ ଥିଲା । ମୋହନଙ୍କ ଏଥିପ୍ରତି କୌଣସି ଆକର୍ଷଣ ବା ଆସକ୍ତି ନଥିଲା । କେବଳ ରାଜନୀତି ନୁହେଁ, ଲଣ୍ଡନର ଖେଳ ଏବଂ ଥିଏଟର ସହ ମୋହନଙ୍କର କୌଣସି ରୁଚି ବି ନଥିଲା ।

୧୮୯୧ ମସିହା ଜୁନ୍ ମାସ ୧୦ ତାରରିଖରେ ମୋହନଙ୍କର ୭୨ଟି ଡ଼ିନର ଖିଆ ଶେଷ ହେଲା । ତା'ପରଦିନ ସେ ହାଇକୋର୍ଟର ବାର୍‌ରେ ଓକିଲ ଭାବେ ରେଜିଷ୍ଟ୍ରିଭୁକ୍ତ ହେଲେ ଏବଂ ସେଇ ଦିନ ସଂଧ୍ୟାରେ ଭେଜେଟାରିଆନ୍ ବନ୍ଧୁମାନେ ତାଙ୍କୁ ବିଦାୟ କାଳୀନ ଭୋଜିଦେଲେ । ୧୮୯୧ ମସିହା ଜୁନ୍ ୧୨ ତାରିଖରେ ମୋହନଦାସ ଲିଭରପୁଲ ଷ୍ଟ୍ରିଟ୍ ରେଳ ଷ୍ଟେସନରୁ ଟ୍ରେନ୍ ଧରି ଲଣ୍ଡନ ଡ଼କ୍‌ରେ ପହଞ୍ଚିଥିଲେ । ପ୍ରଥମେ ଅଷ୍ଟ୍ରେଲିୟ ଓସିଆନ୍ ଜାହାଜ ଏବଂ ଆଦନରେ ଜାହାଜ ପରିବର୍ତ୍ତନ କରି ଏସ୍.ଏସ୍. ଆସାମ ନାମକ ଜାହାଜରେ ମୋହନ ବମ୍ବେ ଆସିଲେ ।

ଜାହାଜ ଆସାମ ବମ୍ବେରେ ପହଞ୍ଚିଲା ୧୮୯୧ ମସିହା ଜୁଲାଇ ୫ ତାରିଖରେ । ଜାହାଜ ଯାତ୍ରୀଙ୍କ ଭିତରେ ଏମ୍. କେ. ଗାନ୍ଧୀ, ବାରିଷ୍ଟରଙ୍କ ନାଁ ଥିଲା ।

ଭାରତରେ ସେବେ ବର୍ଷା ଦିନ ଆରମ୍ଭ ହୋଇଯାଇଥିଲା । ବମ୍ବେରେ ପହଞ୍ଚିବା ଦିନ୍ ସେଠାରେ ଝିପିଝିପି ବର୍ଷା ଏବଂ ପବନ ହେଉଥିଲା । ବର୍ଷାରେ ଭିଜି ଅନ୍ୟ ଯାତ୍ରୀମାନଙ୍କ ସହ ଜାହାଜରୁ ଓହ୍ଲାଇଲେ ବାରିଷ୍ଟର ମୋହନଦାସ କରମଚାନ୍ଦ ଗାନ୍ଧୀ ।

ବମ୍ବେର ସମୁଦ୍ରକୂଳ ଖୁବ୍ ସୁନ୍ଦର ଲାଗୁଥିଲା ମୋହନଙ୍କୁ ।

❖❖❖

Digitized by PPRACHIN, SOA

୧୦

ଅସଫଳ ଓକିଲାତି

ବମ୍ବେର ଜାହାଜ ପାଖକୁ ବଡ଼ଭାଇ ଲକ୍ଷ୍ମୀଦାସ ଯାଇଥିଲେ । ମୋହନ ଭାଇଙ୍କ ସହ ଡ଼କ୍ଟର ପ୍ରାଣଜୀବନ ମେହେଟ୍ଟଙ୍କ ଘରକୁ ଆସିଲେ । କେନ୍ଦ୍ରୀୟ ବମ୍ବେରେ ଡ଼କ୍ଟର ମେହେଟ୍ଟାଙ୍କ ଏକ ଘର ଥିଲା । ସୁନା ଅଳଙ୍କାର ବ୍ୟବସାୟ ସେ କରୁଥିଲେ । ଲଣ୍ଡନରେ ପାଠ ପଢ଼ିବା ବେଳେ ଡ଼କ୍ଟର ମେହେଟ୍ଟା ଏବଂ ମୋହନଦାସ ଉଭୟେ ଭଲ ବନ୍ଧୁ ହୋଇଯାଇଥିଲେ ।

ମେହେଟ୍ଟାଙ୍କ ଘରକୁ ଫେରିବା ବେଳେ ବାଟରେ ମୋହନ ପଚାରିଲେ, "ଭାଇ, ମା' କେମିତି ଅଛି" ? ଲକ୍ଷ୍ମୀ ଦାସ ଟିକିଏ ନୀରବ ରହିଲେ ଏବଂ ଉତ୍ତର ଦେଲେ, "ମା' ଆଉ ନାହିଁ । ଏଇ ଅଳ୍ପ କିଛି ମାସ ତଳେ ତାହାର ଦେହାନ୍ତ ହୋଇଯାଇଛି । ଆମେ ତୋତେ ଖବର ଦେଲୁନି । ତୁ କାଳେ ବ୍ୟସ୍ତ ହେବୁ । ତୋର ଲ' ପାଶ୍ ଖବର ପାଇବା ପରେ ତା'ର ମୃତ୍ୟୁ ହୋଇଗଲା । ତୋ ଲ' ପରୀକ୍ଷାକୁ ଅପେକ୍ଷା କରିଥିଲା ମା' ।"

ଖବର ଶୁଣି ମୋହନଦାସ ଭାଙ୍ଗି ପଡ଼ିଲେ । ବାପାଙ୍କ ମୃତ୍ୟୁ ଖବର ପରି ଏ ଖବର ଯନ୍ତ୍ରଣା ଦାୟକ ଥିଲା । କିନ୍ତୁ କାନ୍ଦିବାକୁ ଇଚ୍ଛା ହେଉଥିଲେ ବି କାନ୍ଦି ପାରୁନଥିଲେ ମୋହନଦାସ । ଏପରି କଲେ କାଳେ ହୁଏତ କିଏ ତାଙ୍କୁ ଦୁର୍ବଳ ବୋଲି ଭାବିବ । ଖୁବ୍ ସହଜ ବୋଲି ଅଭିନୟ କଲେ ମୋହନଦାସ । ଇଂରେଜମାନେ ତାଙ୍କ ଭାବପ୍ରବଣତା ବାହାରେ ପ୍ରକାଶ କରନ୍ତି ନାହିଁ ।

ପ୍ରାଣଜୀବନ ମେହେଟ୍ଟା ଆଗରୁ ତ ପରିଚିତ ଥିଲେ । ତାଙ୍କ ପରିବାର ସହ ମୋହନଙ୍କ ସାକ୍ଷାତ ହେଲା । କିଛି ଦିନ ତାଙ୍କ ଘରେ ରହିଲେ ମୋହନଦାସ । ଏଇ ମେହେଟ୍ଟାଙ୍କ ଘରେ ଆଉ ଜଣେ ଭଦ୍ରବ୍ୟକ୍ତିଙ୍କୁ ମୋହନ ଭେଟିଲେ, ଯିଏ ତାଙ୍କର ପରବର୍ତ୍ତୀ ଜୀବନରେ ଶିକ୍ଷକ ହୋଇଯାଇଥିଲେ । ସେ ଥିଲେ ରାଜଚନ୍ଦ୍ର ରାବଜୀ ଭାଇ

Digitized by PPRACHIN, SOA

ମେହେଟା । ମୋହନଙ୍କ ଠାରୁ ରାଜଚନ୍ଦ୍ର ବୟସରେ ଅଳ୍ପକିଛି ବଡ଼ ଥିଲେ । ବୟସ ଥିଲା ତାଙ୍କର ମାତ୍ର ୨୫ବର୍ଷ । ମୋହନ ତାଙ୍କୁ 'ରାୟଚନ୍ଦ୍ର ଭାଇ' ବୋଲି ଡ଼ାକିଲେ ।

ରାଜଚନ୍ଦ୍ର ଥିଲେ ଜଣେ ଜୈନ ବିଦ୍ୱାନ୍, ପଣ୍ଡିତ ଓ କବି । ସେ କୌଣସି ରକ୍ଷଣଶୀଳ ସନାତନୀ ଜୈନ ଧର୍ମାବଲମ୍ବୀ ନଥିଲେ । ମୁହଁରେ ପଟି ନବାନ୍ଧି ବି ଆତ୍ମାକୁ ଅପବିତ୍ରତାରୁ ମୁକ୍ତ ରଖି ହେବ ବୋଲି ସେ କହୁଥିଲେ । ମୋହନ ତାଙ୍କ ଯେଉଁ ତିନିଜଣଙ୍କୁ ଶିକ୍ଷାଗୁରୁ ବୋଲି ଭାବନ୍ତି ସେମାନଙ୍କ ଭିତରେ ଜଣେ ରାୟଚନ୍ଦ୍ର ଭାଇ ଥିଲେ । ଅନ୍ୟ ଦୁଇ ଜଣ ଥିଲେ ଲିଓ ଟଲଷ୍ଟୟ ଏବଂ ରସ୍କିନ୍ । ରସ୍କିନ୍‌ଙ୍କ 'ଅନ୍ ଟୁ ଦିସ୍ ଲାଷ୍ଟ' ମୋହନଙ୍କ ଜୀବନକୁ ଅଧିକ ପ୍ରଭାବିତ କରିଥିଲା ।

ଡ଼କ୍ଟର ମେହେଟାଙ୍କ ଘରେ କିଛି ଦିନ ରହିବା ପରେ ଭାଇ ଲକ୍ଷ୍ମୀଦାସ ମୋହନଙ୍କୁ ସାଙ୍ଗରେ ଧରି ନାସିକ ଗଲେ । ନାସିକରେ ଗୋଦାବରୀରେ ବୁଡ଼ ପକାଇଲେ । ମୋହନଦାସ ଲଣ୍ଡନ ଗଲା ପରେ ତାଙ୍କ ପ୍ରତି ମୋଢ଼ ବଣିଆ ମାନଙ୍କର କ୍ରୋଧ ଥିଲା । ମୋହନଙ୍କୁ ସେମାନେ ଜାତିରୁ ବାସନ୍ଦ କରିଦେଇଥିଲେ । ସେ ନିର୍ଦ୍ଦେଶ ତଥାପି ବି ବଳବତ୍ତର ଥିଲା । ଗୋଦାବରୀରେ ବୁଡ଼ ପକାଇ ଦେଲା ପରେ ମୋହନ ପାପମୁକ୍ତ ହୋଇଗଲେ ବୋଲି ଭାଇ ଲକ୍ଷ୍ମୀଦାସ ମୋହନଙ୍କୁ କହିଦେଲେ ।

❖ ❖ ❖

ରାୟଚନ୍ଦ ଭାଇ

ପ୍ରାଣଜୀବନ ମେହେଟା

Digitized by PPRACHIN, SOA

ମୋହନ ପହଞ୍ଚିଲେ ରାଜକୋଟରେ । ପ୍ରାୟ ତିନିବର୍ଷ ପରେ ପରିବାର ସହ ତାଙ୍କର ଏ ସାକ୍ଷାତ । ବନ୍ଧୁବାନ୍ଧବ ତାଙ୍କୁ ଦେଖା ହେବାକୁ ଆସିଥିଲେ । ପରିବାରର ସମସ୍ତେ ଘରେ ବି ଥିଲେ । ପୁଅ ହରିଲାଲ ଦୂରରେ ଛିଡ଼ା ହୋଇ ବାପାଙ୍କୁ ଦେଖୁଥିଲା । ମୋହନ ହରିଲାଲଙ୍କୁ ଟିକିଏ ଗେଲ କରିଦେଲେ । ଭାରି ଚୁପ୍‌ଚାପ୍ ଥିଲା ହରିଲାଲ ।

କସ୍ତୁରବା ଦୂରରେ ଛିଡ଼ା ହୋଇଥିଲେ । ବଡ଼ ବଡ଼ ଆଖି ଦୁଇଟା ତାଙ୍କର ଅଧିକ କ'ଣ କହିବା ପରି ଲାଗୁଥିଲା । କସ୍ତୁରବା ଖୁସି ଦେଖା ଯାଉଥିଲେ ।

ପିଲାବେଳ କିମ୍ବା ଯୁବତୀ ବେଳର ଫଟୋ କସ୍ତୁରବାଙ୍କର କିଛି ନାହିଁ । ଯେଉଁ ଫଟୋ ଏବେ ଦେଖିବାକୁ ମିଳେ ସେସବୁ କସ୍ତୁରବାଙ୍କର ୩୦ କିମ୍ବା ୪୦ ବର୍ଷ ବୟସର ଫଟୋ । ମୋହନଙ୍କ ଯୁବକ ବେଳର ଫଟୋ ବି ବହୁତ କମ୍ ଅଛି ।

ଲଣ୍ଡନ ଫେରନ୍ତା ବାରିଷ୍ଟର ମୋହନଙ୍କ ପାଇଁ ଘର ସାରା ଖୁସିର ଲହରୀ । ବନ୍ଧୁ ବାନ୍ଧବଙ୍କ ଉପରେ ବାସନ୍ଦର ପ୍ରଭାବ ବି ଥିଲା । ନିଜ ଭଉଣୀ ଘରେ କିମ୍ବା ଶଶୁର ଘରେ ମୋହନ ପାଣି ପିଉ ନଥିଲେ । ଜାତି ଭାଇଙ୍କ ଦ୍ୱାରା ସେମାନେ ଯେ ଅଯଥା ହଇରାଣ ହୁଅନ୍ତୁ, ମୋହନ ଏହା ଚାହୁଁ ନଥିଲେ ।

ବମ୍ବେ ହାଇକୋର୍ଟରେ ଓକିଲାତି ପାଇଁ ଲାଇସେନ୍ସ ପାଇଗଲେ ମୋହନଦାସ । ଲଣ୍ଡନର 'ଇନର ଟେମ୍ପଲ'ର ସାର୍ଟିଫିକେଟ୍ ପାଖରେ ଥିଲା ଏବଂ ଲଣ୍ଡନର ଜଣେ ପ୍ରତିଷ୍ଠିତ ବାରିଷ୍ଟର ତାଙ୍କ ପାଇଁ ଏକ ସୁପାରିଶ ପତ୍ର ଦେଇଥିଲେ । ବମ୍ବେରେ ଘର ଭଡ଼ା ନେଇ ରହିଲେ ମୋହନଦାସ । ପାଖରେ ଏକ ବ୍ରାହ୍ମଣ ରୋଷେୟା ରଖିଥିଲେ ।

ମୋହନ ପ୍ରତିଦିନ ନିଜର ବ୍ରିଫ କେଶ୍ ଧରି ହାଇକୋର୍ଟ ଯାଉଥିଲେ । କୋର୍ଟର ଲମ୍ବା ସିଡ଼ି ଚଢ଼ି ଗୋଟିଏ ରୁମରୁ ଅନ୍ୟ ରୁମରେ ଯାଇ ବସୁଥିଲେ । ଅନେକ କେଶ୍ ବୁଝିପାରୁନଥିଲେ ବି ମୋହନ କେବଳ ସେ ସବୁ ସେ ଶୁଣୁଥିଲେ ଏବଂ ବେଳେବେଳେ କୋର୍ଟ ରୁମରେ ସେ ଘୁମେଇ ପଡୁଥିଲେ । ଭାରତର ଆଇନଶାସ୍ତ୍ର ତାଙ୍କ ପାଇଁ ବଡ଼ କଷ୍ଟ ପାଠ ଥିଲା । ବିଶେଷ କରି ଦେୱାନ୍ ଆଇନ (ସିଭିଲ ପୋସେଡ୍ରୟର କୋର୍ଡ୍) ଏବଂ ସାକ୍ଷ୍ୟ ପ୍ରମାଣ ଆଇନ (ଏଭିଡ଼େନ୍ସ ଆକ୍ଟ) । ମେଇନ ହିନ୍ଦୁ ଲ' ଭଲ ଲାଗୁଥିଲା ।

ତଳ କୋର୍ଟରେ ଏକ ମକଦ୍ଦମା ମିଳିଲା ମୋହନଙ୍କୁ । ଜଣେ ମାମୀବାଇଙ୍କ କେଶ୍ । ବମ୍ବେରେ ଦଲାଲଙ୍କୁ କମିଶନ ନଦେଲେ କେଶ୍ ମିଳୁନଥିଲା । କେଶ୍ ପାଇଁ ମାମୀବାଇ ମୋହନଙ୍କୁ ତିନି ହଜାର ଟଙ୍କା ଦେଇଥିଲେ ।

ପ୍ରଥମ ଥର ପାଇଁ ମୋହନଦାସ ତଳ କାର୍ଜି କୋର୍ଟକୁ ଗଲେ । ମାମୀ ବାଇ

Digitized by PPRACHIN, SOA

କେଶ୍ ତଳ କୋର୍ଟରେ ଚାଲିଥିଲା । ସେ ପ୍ରତିବାଦୀ ଓକିଲ ଥିଲେ । ବାଦୀଙ୍କୁ ତାଙ୍କର ଜେରା କରିବାର ଥିଲା । ଜେରା ପାଇଁ ମୋହନ ଛିଡ଼ା ହେଲେ । ଗୋଡ଼ ତାଙ୍କର ଥରିଲା । ମୁଣ୍ଡ ବୁଲେଇଲା । ଲାଗିଲା, ଯେପରି କଚେରୀ ସାରା ଘୁରୁଛି । ପ୍ରଶ୍ନ କିଛି ପଚାରି ହେଲା ନାହିଁ । ନିଜ ଚୌକୀରେ ନଥ କରି ବସି ପଡ଼ିଲେ ମୋହନଦାସ । ଏବଂ ଦଲାଲଙ୍କୁ କହିଦେଲେ, "ଏ କେଶ୍ ସେ କରିପାରିବେ ନାହିଁ । ମାମୀବାଇ ଦେଇଥିବା ଟଙ୍କା ଫେରାଇଦିଅ" ।

ବମ୍ବେରେ ଜମିଜମା ସଂକ୍ରାନ୍ତରେ ମୋହନଦାସ ଅର୍ଜି ଲେଖିଲେ । ଇଂରାଜୀ ଭଲ ହୋଇଥିବାରୁ ଭଲ ଦରଖାସ୍ତ ଲେଖି ପାରୁଥିଲେ ମୋହନ । ଭେଜିଟାରିଆନ୍ ସୋସାଇଟି ଏବଂ ଭେଜିଟାରିଆନ ମାଗାଜିନ୍ ପାଇଁ ପ୍ରବନ୍ଧ ଲେଖିବାର ଅଭ୍ୟାସ ତାଙ୍କର ବି ଥିଲା । ଘରେ ବସି ଅର୍ଜି ଲେଖାରେ ମୋହନଙ୍କୁ କିଛି ଅର୍ଥ ମିଳିଲା । ମାସକୁ ତିନିଶହ ଟଙ୍କା ପ୍ରାୟ ମିଳିଗଲା । ଚଳିବା କିଛି ଅସୁବିଧା ହେଲା ନାହିଁ ।

ବମ୍ବେରେ ମୋହନଦାସଙ୍କର ସେମିତି କିଛି ଖାସ୍ ଓକିଲାତି ହେଲାନି । ସେ ରାଜକୋଟକୁ ଫେରି ଆସିଲେ । ରାଜକୋଟରେ ସେ ନିଜର ଘର କଲେ । ଛୋଟ ଛୋଟ କିଛି ମକଦ୍ଦମା ଲଢ଼ିଲେ ।

ବଡ଼ ଭାଇ ଲକ୍ଷ୍ମୀଦାସ କିନ୍ତୁ ମୋହନଙ୍କର ଏପରି ଓକିଲାତି ବ୍ୟବସାୟ ଦେଖି ସନ୍ତୁଷ୍ଟ ନଥିଲେ । ମୋହନଙ୍କୁ ନେଇ ସେ ଅନେକ ଗର୍ବ କରୁଥିଲେ । ସ୍ୱପ୍ନ ବି ଦେଖିଥିଲେ । ବାସ୍ତବରେ ଲକ୍ଷ୍ମୀଦାସ ଥିଲେ ଏକ ମହତ୍ତ୍ୱକାଂକ୍ଷୀ ବ୍ୟକ୍ତି । ନିଜେ କିମ୍ବା ମୋହନଙ୍କୁ ସେ କୌଣସି ରାଜ୍ୟର ଦିୱାନ୍ ହେବା ଦେଖିବାକୁ ଚାହୁଁଥିଲେ ।

ପୋରବନ୍ଦର ଯିବା ଲକ୍ଷ୍ମୀଦାସଙ୍କୁ କିନ୍ତୁ ମନାଥିଲା । ପୋରବନ୍ଦରର ରାଜପ୍ରାସାଦର ଆଭ୍ୟନ୍ତରୀଣ କନ୍ଦଳରେ ଲକ୍ଷ୍ମୀଦାସଙ୍କ ଭୂମିକା ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ରାଜକୋଟର ପଲିଟିକାଲ ଏଜେଣ୍ଟଙ୍କୁ ପୋରବନ୍ଦର ବିବାଦ ସମାଧାନ ପାଇଁ ଦାୟିତ୍ୱ ଦିଆଯାଇଥିଲା ।

ଲକ୍ଷ୍ମୀଦାସ ଜାଣିବାକୁ ପାଇଲେ, ରାଜକୋଟର ପଲିଟିକାଲ ଏଜେଣ୍ଟଙ୍କ ସହ ମୋହନଙ୍କ ସଂପର୍କ ଭଲ । ଉଭୟେ ପରସ୍ପରର ଜଣା । ଲଣ୍ଡନରେ ଏ ସଂପର୍କ ଥିଲା । ଲକ୍ଷ୍ମୀଦାସ ତେଣୁ ତାଙ୍କ କଥା ସେ ପଲିଟିକାଲ ଏଜେଣ୍ଟଙ୍କୁ କହିବାକୁ ମୋହନଙ୍କୁ କହିଲେ । ଲକ୍ଷ୍ମୀଦାସ ଯେ ନିର୍ଦ୍ଦୋଷ, ଏକଥା ମୋହନ ରାଜକୋଟର ପଲିଟିକାଲ ଏଜେଣ୍ଟଙ୍କୁ କହିଥାଆନ୍ତେ ।

Digitized by PPRACHIN, SOA

ମୋହନ ଅରାଜି ହେଲେ । ଲକ୍ଷ୍ମୀଦାସ ଚିଡ଼ି ଗଲେ ମୋହନଙ୍କ ଉପରେ । ଯୁକ୍ତି କଲେ- "କାଥିଆୱାଡ଼ର ପ୍ରତ୍ୟେକ ପ୍ରତିଷ୍ଠିତ ବ୍ୟକ୍ତି ନିଜ ପ୍ରଭାବର ସଦୁପୋଯୋଗ କରନ୍ତି । ନିଜ ପାଇଁ ତଥା ପରିବାର ପାଇଁ କିଛି ହାସଲ କରନ୍ତି । ଏ ପୃଥିବୀ ଏବେ ଏକ ଭିନ୍ନ ପୃଥିବୀ" ।

ମୋହନଙ୍କର ନିଜ ବଡ଼ଭାଇ ଲକ୍ଷ୍ମୀଦାସଙ୍କ ପ୍ରତି କୃତଜ୍ଞତା ଥିଲା । ଲଣ୍ଡନରେ ପାଠ ପଢ଼ା ପାଇଁ ସେ ଟଙ୍କା ଯୋଗାଡ଼ କରି ମୋହନଙ୍କୁ ଦେଇଥିଲେ ।

ମୋହନଦାସ ରାଜକୋଟର ପଲିଟିକାଲ ଏଜେଣ୍ଟଙ୍କ ସହ ଦେଖା ହେଲେ । ଲକ୍ଷ୍ମୀଦାସଙ୍କ କଥା କହିଲେ । ତତ୍‌କ୍ଷଣାତ୍ ଏଜେଣ୍ଟ ସାହେବ ଉତ୍‌କ୍ଷିପ୍ତ ହୋଇ ମୋହନଙ୍କୁ ସେ କଥା ନକହିବାକୁ ତାଗିଦ୍ କଲେ । ଲକ୍ଷ୍ମୀଦାସ ଯେ ଜଣେ କୁଚକ୍ରୀ, ପଲିଟିକାଲ ଏଜେଣ୍ଟ ତାହା ସ୍ପଷ୍ଟ କରିଦେଲେ । ମୋହନ କିନ୍ତୁ ନିଜ ଭାଇଙ୍କ ସପକ୍ଷରେ କହି ଚାଲିଥିଲେ । କ୍ରୋଧିତ ପଲିଟିକାଲ ଏଜେଣ୍ଟ ନିଜେ ପିଅନ ଡ଼ାକି ମୋହନଙ୍କୁ ଅଫିସ ବାହାରକୁ ବାହାର କରିଦେବାକୁ ନିର୍ଦ୍ଦେଶ ଦେଲେ ।

ସେ ଦିନ ବେଶି ଅପମାନିତ ଅନୁଭବ କଲେ ମୋହନଦାସ । ବରିଷ୍ଠ ଓକିଲ ମାନେ ବୁଝେଇଲେ- "ଏମିତି ବି ହୁଏ । ସଫଳତା ପାଇବାକୁ ହେଲେ ଏସବୁ ସହିବାକୁ ହେବ" । ଇଂରେଜୀମାନଙ୍କର ଲଣ୍ଡନରେ ଭାରତୀୟଙ୍କ ପ୍ରତି ଗୋଟିଏ ସ୍ୱଭାବ ଏବଂ ଭାରତରେ ଭାରତୀୟଙ୍କ ପ୍ରତି ଅନ୍ୟ ଏକ ବ୍ୟବହାର, ଏସବୁ ଦେଖି କେମିତି ଆଶ୍ଚର୍ଯ୍ୟ ଲାଗିଲା ମୋହନଙ୍କୁ । ଏକଦା ଲଣ୍ଡନରେ ବନ୍ଧୁଥିବା ପଲିଟିକାଲ ଏଜେଣ୍ଟ ଯେ ଭାରତରେ ନିଜର ଜଣେ ଚିହ୍ନା ବ୍ୟକ୍ତି ପ୍ରତି ଏପରି ରୁକ୍ଷ ହୋଇପାରନ୍ତି, ଏହା ଭାବି ପାରୁନଥିଲେ ମେହନଦାସ ।

ଦିୱାନ୍ ହେବାର ସ୍ୱପ୍ନ ତାଙ୍କର ଭାଙ୍ଗିଗଲା । ଇଂଲଣ୍ଡରେ ଇଂରାଜୀ ଶିକ୍ଷା ପ୍ରାପ୍ତ ଜଣେ ବାରିଷ୍ଟରଙ୍କୁ ଯେ ଇଂରେଜମାନେ ନିଶ୍ଚୟ ଦିୱାନ କରିଦେବେ, ଲକ୍ଷ୍ମୀଦାସଙ୍କର ଏପରି ଆଶା ଥିଲା, ଏହା ବି ମଉଳି ଯାଇଥିଲା । ମୋହନଙ୍କ ପାଇଁ ଓକିଲାତି ଏକମାତ୍ର ପନ୍ଥା ଥିଲା । ଓକିଲାତି ପ୍ରତି କିନ୍ତୁ ମୋହନଙ୍କ ରୁଚି ନଥିଲା ।

ମୋହନଙ୍କର ଦ୍ୱିତୀୟ ପୁତ୍ର ଜନ୍ମ ହେଲା ଅକ୍ଟୋବର ୨୮ ତାରିଖ ୧୮୯୨ ମସିହାରେ । ନାଁ ଦିଆଗଲା ମଣିଲାଲ ।

ମୋହନଙ୍କ ପାଇଁ ଲକ୍ଷ୍ମୀଦାସଙ୍କ ପାଖକୁ ଦକ୍ଷିଣ ଆଫ୍ରିକାରୁ ଏକ ସୁଯୋଗ ଆସିଲା । ଦକ୍ଷିଣ ଆଫ୍ରିକାରେ ମୋହନଙ୍କୁ ଚାକିରୀଟିଏ ମିଳିଗଲା । ଓକିଲାତି ସଂପର୍କିତ

Digitized by PPRACHIN, SOA

ଚାକିରୀ । ପୋରବନ୍ଦରର ଜଣେ ମୁସଲିମ୍ ପରିବାର, ଅବଦୁଲାଙ୍କର 'ଦାଦା ଅବଦୁଲା ଆଣ୍ଡ ସନ୍ସ' ନାଁରେ ଦକ୍ଷିଣ ଆଫ୍ରିକାରେ ବଡ଼ ଏକ ବ୍ୟବସାୟ ଥିଲା । ଏଇ ବ୍ୟବସାୟର ଶାଖା ନାତାଲ, ଟ୍ରାନ୍ସବାହାଲ ଏବଂ ପର୍ତ୍ତୁଗୀଜ୍ ଅଧ୍ୟୁଷିତ ପୂର୍ବ ଆଫ୍ରିକାରେ ରହିଥିଲା । ବିଭିନ୍ନ ଜିନିଷକୁ ନେଇ ବ୍ୟବସାୟ କରୁଥିଲେ ଅବ୍‌ଦୁଲା ପରିବାର ।

ବ୍ୟବସାୟକୁ ନେଇ ଦାଦା ଅବଦୁଲା ସେଠ୍‌ଙ୍କର ନିଜ ପୁତୁରା ଠାରୁ ଚବିଶ ହଜାର ସାତଶହ ପାଉଣ୍ଡ ପାଇବାକୁ ଥିଲା । ଏଥିନେଇ କ୍ଲେମ୍ କେଶ୍‌ଟିଏ ଚାଲିଥିଲା କୋର୍ଟରେ । ଦାଦା ଅବଦୁଲା ବଡ଼ ବଡ଼ ଓକିଲ ବି ଦେଇଥିଲେ । କିନ୍ତୁ ଗୋଟିଏ ଅସୁବିଧା ଥିଲା, ଅବଦୁଲା ପରିବାରର ସମସ୍ତ ବ୍ୟବସାୟିକ କାଗଜପତ୍ର ଏବଂ ଚୁକ୍ତି ଗୁଜୁରାଟି ଭାଷାରେ ଲେଖାଯାଇଥିଲା । ଦାଦା ଅବଦୁଲା ତେଣୁ ଏମିତି ଏକ ଓକିଲ ଚାହୁଁଥିଲେ, ଯିଏ ଗୁଜୁରାଟି ଜାଣିଥିବ ଏବଂ ଦକ୍ଷିଣ ଆଫ୍ରିକାରେ ବାଧ୍ୟତାମୂଳକ ଥିବା ଇଂରାଜୀ ଜାଣିଥିବ । ଅବଦୁଲାଙ୍କ ନଜରରେ ମୋହନଦାସ ତେଣୁ ଉପଯୁକ୍ତ ପ୍ରାର୍ଥୀ ଥିଲେ ।

ଲକ୍ଷ୍ମୀଦାସ ଅମଙ୍ଗ ଥିଲେ ବି ମୋହନ ଖୁସି ହୋଇ ଯାଇଥିଲେ । ଭାରତ ଛାଡ଼ିବାକୁ ସେ ମନେ ମନେ ସୁଯୋଗ ଖୋଜୁଥିଲେ । ଦାଦା ଅବଦୁଲା ସ୍ପଷ୍ଟ କରିଦେଇଥିଲେ ଯେ, ମୋହନଙ୍କୁ ଦକ୍ଷିଣ ଆଫ୍ରିକାକୁ ଯିବା ଆସିବା ପାଇଁ ଜାହାଜରେ ପ୍ରଥମ ଶ୍ରେଣୀ ଟିକେଟ ସେ ଦେବେ । ଖାଇବା, ରହିବା ମାଗଣା ଏବଂ ୧୦୫ ପାଉଣ୍ଡ ଫିସ୍ ଦିଆଯିବ । ସମସ୍ତ ଫିସ୍ ଟଙ୍କା ଭାଇଙ୍କୁ ଦେଇ ମୋହନ ଦକ୍ଷିଣ ଆଫ୍ରିକା ଯିବାକୁ ଠିକ୍ କରିନେଲେ ।

ଘରେ ସ୍ତ୍ରୀ ଏବଂ ପରିବାର ଛାଡ଼ି ମୋହନଦାସ ବମ୍ବେରୁ ନାତାଲର ଡର୍ବାନ୍ ଯାତ୍ରା କଲେ ୧୮୯୩ ମସିହା ଏପ୍ରିଲ ୨୪ ତାରିଖରେ । ଗତ ପାଞ୍ଚବର୍ଷ ଭିତରେ ମୋହନଙ୍କର ଏଥିଲା ଦ୍ୱିତୀୟ ବିଦେଶ ଯାତ୍ରା । ଥରେ ବାରିଷ୍ଟରୀ ପଢ଼ିବାକୁ ଏବଂ ଏବେ ପ୍ରଶିକ୍ଷିତ ବାରିଷ୍ଟର ଭାବେ ଚାକିରୀ କରିବାକୁ ।

କିଏ ବା ଜାଣିଥିଲେ, ଦକ୍ଷିଣ ଆଫ୍ରିକାକୁ ଜଣେ ଓକିଲ ଭାବେ ଯାଉଥିବା ମୋହନଦାସ ଭାରତକୁ ଦିନେ ମହାତ୍ମା ହୋଇ ଫେରିବେ ।

❖❖❖

Digitized by PPRACHIN, SOA

୧୧

ଦକ୍ଷିଣ ଆଫ୍ରିକାରେ ଭାରତୀୟ ଓକିଲ

୧୮୯୩ ମସିହା ମେ' ମାସ ୨୪ ତାରିଖରେ ମୋହନଦାସ ଗାନ୍ଧୀ ଦର୍ବାନ୍‌ରେ ପହଞ୍ଚିଲେ । ଦର୍ବାନ ହେଉଛି ନାତାଲର ଏକ ପ୍ରମୁଖ ବନ୍ଦର ସହର । ମୋହନଙ୍କୁ ଡ଼କ୍ ପାଖରୁ ନେଇଯିବାକୁ ଦାଦା ଅବଦୁଲା ନିଜେ ଆସିଥିଲେ । ଏବଂ ପ୍ରଥମ ଦେଖାରେ ମୋହନଙ୍କ ପରି ଏକ ଶିକ୍ଷିତ ଧଳା ହାତୀକୁ କାମ କ'ଣ ଦେବେ ବୋଲି ଚିନ୍ତାରେ ପଡ଼ିଗଲେ ।

ଦାଦା ଅବଦୁଲା ଥିଲେ ଦର୍ବାନ୍‌ର ଜଣେ ବଡ଼ ଧନୀ ବ୍ୟବସାୟୀ । ଅଳ୍ପ କେତେକ ଧନୀଙ୍କ ଭିତରୁ ସେ ଜଣେ ଥିଲେ । ଦର୍ବାନ ସହରରେ ମୁସଲିମ ବ୍ୟବସାୟୀମାନେ ବେଶି ରହୁଥିଲେ । ଏମାନଙ୍କୁ ଆରବ ବୋଲି କୁହାଯାଉଥିଲା ।

ଅବଦୁଲା ସେଠ୍ ତାଙ୍କ ଘରକୁ ମୋହନଙ୍କୁ ନେଇ ଆସିଲେ । ମଧ୍ୟ ଦର୍ବାନର 'ଗ୍ରେ ଷ୍ଟ୍ରିଟ୍'ରେ ଥିଲା ଅବଦୁଲାଙ୍କ ନିଜ ଘର । ଘର ପାଖରେ ଥିଲା ଅନେକ ମୁସଲିମ୍ ବ୍ୟବସାୟୀଙ୍କ ଦୋକାନ । ଦୋକାନ ଆଗରେ ଜାଭେରୀ, ମୂଷା, ମେହଟ୍ଟା, ଅବଦୁଲା, ରୁସ୍ତମଜୀ ଏପରି ଅନେକ ନାଁ ର ଫଳକ ଲାଗିଥିଲା ।

ମୋହନଦାସ ଦାଦା ଅବଦୁଲାଙ୍କ ଘରେ ରହିଲେ । ଲଣ୍ଡନରେ ପାଠ ପଢ଼ିଲା ବେଳେ ଜୋସିଆ ଓଲଡ୍‌ଫିଲଡ୍ ନାମକ ଜଣେ ଖ୍ରୀଷ୍ଟିଆନ୍ ଯୁବକଙ୍କ ସହ ମୋହନ ଏକାଠି ରହିଥିଲେ । ଅନ୍ୟ ଧର୍ମର ଲୋକଙ୍କ ସହ ଏକତ୍ର ରହିଲେ ଯେ ଧର୍ମ, ଜାତି ଗଲିଯିବ ଏଥିରେ ଆଉ ଖାତିର ନଥିଲା ମୋହନଦାସଙ୍କର । ଭାରତରେ ନିଜ ଜାତି ମୋଢ଼ ବଣିଆଙ୍କ ଜାତିରୁ ବାସନ୍ଦକୁ ବି ତାଙ୍କର ଭ୍ରୁକ୍ଷେପ ନଥିଲା । ମୋହନ ଆଉ ବି କୌଣସି ଧର୍ମାନ୍ଧ ହିନ୍ଦୁ ନଥିଲେ ।

ମେ' ୨୪ ତାରିଖରେ ପାଖ ରାଜ୍ୟ ଟ୍ରାନ୍ସବାହାଲର ରାଷ୍ଟ୍ରପତି ଭାବେ ଶପଥ ନେଲେ 'ପଲ୍ କ୍ରୁଜର' । ଟ୍ରାନ୍ସବାହାଲ ଥିଲା ଦକ୍ଷିଣ ଆଫ୍ରିକା ରିପବ୍ଲିକ୍‌ର ଅନ୍ୟ ଏକ

Digitized by PPRACHIN, SOA

ନାଁ । ଏଠାରେ 'ବୋର୍'ମାନଙ୍କର ଶାସନ ଚାଲୁଥିଲା ।

ଶପଥ ଉତ୍ସବ ଦିନ 'ପଲ୍ କ୍ରୁଜର'ଙ୍କ ଭାଷଣ ଥିଲା- "ସେ ସେମିତି କିଛି କରିବେ ନାହିଁ, ଯେଉଁଥିରେ ଦକ୍ଷିଣ ଆଫ୍ରିକାର ଅଧିବାସୀମାନଙ୍କର ସ୍ୱାଧୀନତା କ୍ଷୁର୍ଣ୍ଣ ହେବ । ଏବଂ ଏମିତି କିଛି ଅଧିକାର ଅନ୍ୟ କାହାକୁ ଦେବେନି ଯେଉଁଥିରେ ଦକ୍ଷିଣ ଆଫ୍ରିକା ରିପବ୍ଲିକ ଟ୍ରାନ୍ସବାହାଲ ବିପଦରେ ପଡ଼ିଯିବ ।" ଟ୍ରାନ୍ସବାହାଲର ସମସ୍ତ ଖବର କାଗଜ ଏହାକୁ ପ୍ରମୁଖ ଖବର ଭାବେ ଛାପିଥିଲେ ।

ଦାଦା ଅବଦୁଲାଙ୍କ କ୍ଲେମ୍ କେଶ୍ ଲଢ଼ିବାକୁ ମୋହନଦାସ ଦକ୍ଷିଣ ଆଫ୍ରିକା ଯାଇଥିଲେ । ନିଜ ଘରେ କିଛି ଦିନ ରହିବା ପରେ ଅବଦୁଲା ସେଠ୍ ମୋହନଙ୍କୁ ଦର୍ବାନ୍‌ର ମାଜିଷ୍ଟ୍ରେଟଙ୍କ କୋର୍ଟକୁ ନେଇଗଲେ । ଅବଦୁଲା ଏବଂ ମୋହନ ମୁଣ୍ଡରେ ଦୁଇଟି କାଥିଆୱାର୍ଡ଼ି ପଗଡ଼ି ପିନ୍ଧିଥିଲେ । ଓକିଲ ଭାବେ ପରିଚୟ ଏବଂ ଶପଥ ପାଇଁ ବିଚାରପତିଙ୍କ ପାଖକୁ ମୋହନ ଯାଇଥିଲେ ।

ମୁଣ୍ଡରେ ପଗଡ଼ି ପିନ୍ଧି ଜଣେ କଳା ଭାରତୀୟ ବିଚାରପତିଙ୍କୁ ଅଭିବାଦନ ଜଣାଉଥିବା ଦେଖି ବିଚାରପତିଙ୍କର ଭୃକୁଞ୍ଚନ ହେଲା । ମୁଣ୍ଡରୁ ପଗଡ଼ି କାଢ଼ି ଦେବାକୁ ମୋହନଙ୍କୁ ସେ ଆଦେଶ ଦେଲେ । ପଗଡ଼ି କାଢ଼ି ସମ୍ମାନ ନଜଣାଇଲେ ଏହା ବିଚାରପତିଙ୍କ ପ୍ରତି ଅସମ୍ମାନ ବୋଲି ସ୍ପଷ୍ଟ କରିଦେଲେ ବିଚାରପତି ।

ମୋହନ କହିଲେ, ପଗଡ଼ି ଟୋପି ନୁହେଁ । ଇଂରେଜ ହ୍ୟାଟ ନୁହେଁ । ମୁଣ୍ଡର ଟୋପି ବା ହ୍ୟାଟ୍ କାଢ଼ି ଜଣଙ୍କୁ ସମ୍ମାନ ଦିଆଯାଏ କିନ୍ତୁ ମୁଣ୍ଡର ପଗଡ଼ି କାଢ଼ି କାହାକୁ ଅଭିବାଦନ ଦେଲେ ଏହା ଅସମ୍ମାନର ପ୍ରତୀକ ହୋଇଥାଏ । ବିଚାରପତି ମୁଣ୍ଡରୁ ପଗଡ଼ି କାଢ଼ିବାକୁ ମୋହନଙ୍କୁ ବାରମ୍ବାର ଆଦେଶ ଦେଉଥିଲେ । ମୁଣ୍ଡର ପଗଡ଼ି କାଢ଼ିଲେନି ମୋହନ । କାରଣ ମୁଣ୍ଡରୁ ପଗଡ଼ି ଉତାରି ଦେଲେ ନିଜ ପ୍ରତି ଅସମ୍ମାନ ବି ହୋଇଯିବ । ଭାରତୀୟଙ୍କ ପ୍ରତି ଅସମ୍ମାନ ହୋଇଯିବ । ଦାଦା ଅବଦୁଲା ଏବଂ ମୋହନ ଦାସ ଅପମାନିତ ଅନୁଭବ କରି କୋର୍ଟରୁମରୁ ବାହାରକୁ ବାହାରି ଆସିଲେ । କୋର୍ଟ ରୁମରେ ମୁଣ୍ଡରେ ତାଙ୍କର ବି ସେମିତି ପଗଡ଼ି ଥିଲା ।

ପରଦିନ ନାତାଲ ଇଂରାଜୀ ଖବର କାଗଜ "ନାତାଲ ଅଡ୍‌ଭଟାଇଜର"ରେ 'ଅଲୋଡ଼ା ଅତିଥି' (ଅନ୍ ୱେଲକମ୍ ଗେଷ୍ଟ) ଶିରୋନାମାରେ ଏକ ଖବର ପ୍ରକାଶ ପାଇଲା । ଏଥିରେ ଲେଖା ଥିଲା- କାଲି ଦିପହରରେ ଏକ ହିନ୍ଦୁସ୍ଥାନୀ ଟୋପି ନକାଢ଼ି ବିନା ସଲାମରେ କୋର୍ଟକୁ ଆସିଥିଲା । ମାଜିଷ୍ଟ୍ରେଟ ତାକୁ ନିନ୍ଦା କଲେ ।

ମୋହନ କିନ୍ତୁ ସଂଗେ ସଂଗେ ଖବର କାଗଜକୁ ଏକ ଉତ୍ତର ଲେଖି ଜଣାଇଲେ ।

Digitized by PPRACHIN, SOA

ଖବରର ଜବାବ ଦେଲେ । ମୋହନ ଲେଖିଲେ, ଖବର ସତ୍ୟ ଅଥଚ ମୁଣ୍ଡରୁ ହ୍ୟାଟ ନକାଢ଼ିବା ଯେପରି ଅସମ୍ମାନର ସୂଚକ, ଠିକ୍ ସେମିତି ପଗଡ଼ି ନପିନ୍ଧି ଖାଲି ମୁଣ୍ଡରେ ନିଜର ଉପରିସ୍ଥ ସମ୍ମାନନୀୟ ବ୍ୟକ୍ତିଙ୍କ ପାଖକୁ ଯିବା ଅସମ୍ମାନ ସୂଚକ ।

ଖବର କାଗଜରେ ମୋହନଙ୍କ ଚିଠି ପ୍ରକାଶ ପାଇଲା । ଗୋଟିଏ ବିଦେଶୀ ରାଷ୍ଟ୍ରରେ ଜଣେ ଭାରତୀୟର ଏ ସ୍ପଷ୍ଟିକରଣ, ପ୍ରତିବାଦର ପ୍ରଥମ ଝଲକ ଥିଲା । ଦର୍ବାନ୍‌ରେ ଭାରତୀୟ ଓକିଲ 'ଗାନ୍ଧୀ'ଙ୍କ ନାଁ ନଜରକୁ ଆସିଲା ।

ନିଜେ ଆଉ ମୁଣ୍ଡରେ ଗୁଜୁରାଟି ପଗଡ଼ି ନପିନ୍ଧିବା କଥା ମୋହନ ଚିନ୍ତା କଲେ ଏବଂ ପରିବର୍ତ୍ତେ ସେ ଯେ ମୁଣ୍ଡରେ ହ୍ୟାଟ ପିନ୍ଧିବେ, ଏ ଚିନ୍ତାକୁ ସେ ଦାଦା ଅବଦୁଲାଙ୍କୁ କହିଲେ । ଅବଦୁଲା କିନ୍ତୁ ମୋହନଙ୍କ ପ୍ରସ୍ତାବରେ ରାଜି ହେଲେ ନାହିଁ । ଦାଦା ବୁଝେଇ ଦେଲେ- ପଗଡ଼ି ମୋହନଙ୍କୁ ଭଲ ମାନୁଛି । ହ୍ୟାଟ ପିନ୍ଧିଲେ ମୋହନ ହୋଟେଲର ୱେଟର ପରି ଦେଖାଯିବେ । ଏହା ବି ସତ, ଦକ୍ଷିଣ ଆଫ୍ରିକାକୁ ଏ ପର୍ଯ୍ୟନ୍ତ ଏତେ ବଡ଼ ଶିକ୍ଷିତ ଭାରତୀୟ କେବେ ଆସିନଥିଲେ । ଏମିତି ଏକ ସମୟରେ ମୁଣ୍ଡର ପଗଡ଼ି କାଢ଼ି ଦେବା ଗୋଟିଏ ଧମକରେ ତାଙ୍କ ସମ୍ମାନର ସମର୍ପଣ କରି ଦେବା ପରି ମନେ ହେବ ।

ଦାଦା ଅବଦୁଲାଙ୍କ କ୍ଲେମ୍ କେଶ୍ ପ୍ରିଟୋରିଆରେ ହେଉଥିଲା । ପ୍ରିଟୋରିଆ ଥିଲା ଦକ୍ଷିଣ ଆଫ୍ରିକା ରିପବ୍ଲିକ୍‌ର ରାଜଧାନୀ । ଗ୍ରେ ଷ୍ଟ୍ରିଟ୍‌ରେ ଅବଦୁଲାଙ୍କ ଘରେ ଆଠ ଦିନ ରହିବା ପରେ ମୋହନଙ୍କୁ ଅବଦୁଲା ପ୍ରିଟୋରିଆରେ ଥିବା ତାଙ୍କ ଓକିଲ ଏ.ଡ଼ବ୍ଲ୍ୟୁ. ବାକରଙ୍କ ପାଖକୁ ପଠାଇ ଦେଲେ । ଏବଂ ତାଙ୍କର ରେଳଯାତ୍ରା ପାଇଁ ଗୋଟିଏ ପ୍ରଥମ ଶ୍ରେଣୀ ଟିକେଟ କାଟି ଦେଲେ ।

ରଂଗ ଭେଦର ପ୍ରଥମ ଏବଂ ଦୟନୀୟ ଅନୁଭୂତି ମୋହନ ଟ୍ରେନ୍‌ରେ ଅନୁଭବ କଲେ । ପ୍ରଥମ ଶ୍ରେଣୀ ଡ଼ବାରେ ମୋହନଙ୍କ ସହଯାତ୍ରୀ ଥିଲେ ଜଣେ ଗୋରା ବ୍ରିଟିଶ୍ ଲୋକ । ମୋହନ ତାଙ୍କ ପାଖରେ ବସିବା ବେଳେ ଗୋରା ଜଣଙ୍କ କାଗଜ ପଢୁଥିଲେ । ମୋହନଙ୍କୁ ସେ ଦେଖି ପାରିନଥିଲେ । ପିଟରମାରିଜବର୍ଗ ଷ୍ଟେସନ ପୂର୍ବରୁ ଗୋରା ବ୍ୟକ୍ତି ଜଣକ ମୋହନଙ୍କୁ ଦେଖିଲେ । ଘୃଣାରେ ସେ ଅସ୍ତବ୍ୟସ୍ତ ହୋଇପଡ଼ିଲେ । ଜଣେ କଳା ବ୍ୟକ୍ତିଙ୍କ ସହ ସେ ଯେ କିପରି ରାତ୍ରି ଯାପନ କରିବେ, ଏ ଥିଲା ଗୋରା ଯାତ୍ରୀଙ୍କର ବଡ଼ ଚିନ୍ତା ।

ଡ଼ବାର କଣ୍ଡକ୍ଟରଙ୍କୁ ଡ଼ାକିଲେ ଗୋରା ଯାତ୍ରୀ । ମୋହନଙ୍କୁ ଅନ୍ୟତ୍ର ନେଇଯିବାକୁ ସେ କହିଲେ । କଣ୍ଡକ୍ଟର ଗୋରା ଯାତ୍ରୀଙ୍କ ଅଭିଯୋଗ ଗ୍ରହଣ କଲେ ଏବଂ ମୋହନଙ୍କୁ ଅନ୍ୟତ୍ର ଚାଲିଯିବାକୁ ନିର୍ଦ୍ଦେଶ ଦେଲେ । ମୋହନ କିନ୍ତୁ ଏହା ମାନିଲେ ନାହିଁ । କାହିଁକି

Digitized by PPRACHIN, SOA

ବା ମାନିବେ । ସେ ଜଣେ ପ୍ରଥମ ଶ୍ରେଣୀ ଯାତ୍ରୀ । ପ୍ରଥମ ଶ୍ରେଣୀର ଟିକେଟ ତାଙ୍କ ପାଖରେ ରହିଛି । ଏଥିରେ ଅସୁବିଧା କ'ଣ ବୋଲି ପ୍ରଶ୍ନ କଲେ ମୋହନ । ପିଟରମାରିଜବର୍ଗ ରେଳ ଷ୍ଟେସନରେ କନେଷ୍ଟବଳଙ୍କ ଦ୍ୱାରା ମୋହନଦାସଙ୍କୁ ପ୍ରଥମ ଶ୍ରେଣୀ ଡ୍‌ବାରୁ ବାହାରକୁ ଜବରଦସ୍ତ ଫିଙ୍ଗି ଦିଆଗଲା । ଅସହ୍ୟ ଥଣ୍ଡାରେ ରାତିସାରା ରେଳ ଷ୍ଟେସନର ବେଞ୍ଚ ଉପରେ ବସି ରହିଲେ ମୋହନଦାସ । ପରଦିନ ଏହି ଘଟଣାର ପ୍ରତିବାଦ କରି ରେଲ ଅଧିକାରୀଙ୍କୁ ମୋହନ ଟେଲିଗ୍ରାମ କଲେ । ରେଳ ବିଭାଗରୁ ଉତ୍ତର ଆସିଲା, "ଘଟଣା ଦେଖାଯିବ । ଏଣିକି ହେବନି" ।

ମୋହନ ଚିନ୍ତା କଲେ, ସେ ଦକ୍ଷିଣ ଆଫ୍ରିକା ଛାଡ଼ି ଦେବେ । ଚୁକ୍ତି ଅନୁଯାୟୀ ଦାଦା ଅବଦୁଲା ଦେଇଥିବା ଟଙ୍କା ଫେରାଇ ଦେଇ ସେ ଭାରତ ଚାଲିଯିବେ । ରଂଗ ଭେଦର ରୁଗ୍‌ଣ ମାନସିକତା ଭିତରେ ଏଠି ରହିବା ଅସମ୍ଭବ । ଏବଂ ପରେ ନିଜକୁ ନିଜେ ପ୍ରଶ୍ନ କଲେ, ଜଣେତ କିଏ ଏହାର ପ୍ରତିବାଦ କରିବା ଦରକାର ? ଯଦି ଏଥିପାଇଁ ସେ ନିଜେ ହୁଅନ୍ତି ତେବେ କ୍ଷତି କ'ଣ ? ଆହୁରି ଅନେକ ଅସମ୍ମାନ ପାଇଁ ମାନସିକ ସ୍ତରରେ ଦୃଢ଼ ହୋଇଯାଇଥିଲେ ମୋହନଦାସ ।

'ଚାର୍ଲସ ଟାଉନ' ଠାରେ ରେଲ ଲାଇନ ଶେଷ ହୋଇଯାଇଥିଲା । ମୋହନଦାସ ଗୋଟିଏ ଘୋଡ଼ା ଗାଡ଼ିରେ ପ୍ରିଟୋରିଆ ଯାତ୍ରା କଲେ । ଗାଡ଼ିର ମାଷ୍ଟର ମୋହନଙ୍କୁ ଭିତରେ ସିଟ୍ ନଦେଇ ଡ୍ରାଇଭର ପାଖରେ ବସେଇଦେଲା । ଏବଂ କିଛି ବାଟଯିବା ପରେ ନିଜେ ଡ୍ରାଇଭର ପାଖରେ ସିଗାରେଟ ଟାଣିବ ବୋଲି କହି, ମୋହନଙ୍କୁ ଗାଡ଼ିର ଦୁଆର ମୁହଁ ତଳେ ଫୁଟ୍‌ଷ୍ଟେପ ପାଖରେ ଏକ ଗାମୁଛା ପକାଇ ବସିବାକୁ କହିଲା । ମୋହନ ଏହାର ପ୍ରତିବାଦ କଲେ । ଜଣେ ଭାରତୀୟର ଏପରି ପ୍ରତିବାଦକୁ ସହ୍ୟ କରିପାରିଲାନି ଗାଡ଼ିର ମାଷ୍ଟର । ମୋହନଙ୍କୁ ସେ ନିର୍ଘୃମ ପିଟିଲା । ଗୋଇଠା ମାରିଲା । ମୁହଁକୁ ଚାପୁଡ଼ା ପରେ ଚାପଡ଼ା ଦେଲା । ଗାଡ଼ିର ରେଲିଂ ଧରି ଓହଳି ରହିଥିଲେ ଭାରତୀୟ ବାରିଷ୍ଟର ମୋହନ ଦାସ କରମଚାନ୍ଦ ଗାନ୍ଧୀ ।

ଭାରତୀୟ ସାମୀ (କୁଲି)ଟିଏର ଏତେ ଶକ୍ତି ଆସିଲା କୁଆଡୁ ବୋଲି ବେଶି ଆଶ୍ଚର୍ଯ୍ୟ ହୋଇଯାଇଥିଲା ଘୋଡ଼ା ଗାଡ଼ିର ଡ୍ରାଇଭର । ଗାଡ଼ିର ସହଯାତ୍ରୀମାନେ ଏତିକିରେ ମୋହନଙ୍କୁ ଛାଡ଼ି ଦେବାକୁ ମାଷ୍ଟରକୁ ଅନୁରୋଧ କଲେ । ବଡ଼ ବଡ଼ ଆଖି କରି ମାଷ୍ଟର କହୁଥିଲା, "ରହ, ଆଗରେ ଦେଖିନେବି" ।

ପ୍ରିଟୋରିଆର ଗ୍ରାଣ୍ଡ ହୋଟେଲ ପାଖରେ ଅବଦୁଲାଙ୍କ ଲୋକଙ୍କ ସହ ମୋହନଙ୍କର ଦେଖା ହେଲା । ମୋହନଦାସ ବାଟର ଅନୁଭୂତି କଥା ତାଙ୍କୁ କହିଲେ । ଅବଦୁଲାଙ୍କ

Digitized by PPRACHIN, SOA

ଲୋକମାନେ ଉତ୍ତର ଦେଲେ, "ଏତେ ବଡ଼ ଶିକ୍ଷିତ ଭାରତୀୟଙ୍କ ପାଇଁ ଦକ୍ଷିଣ ଆଫ୍ରିକା ଠିକ୍ ଯାଗା ନୁହେଁ । ଆମେ ଏଠିକୁ ବଞ୍ଚିବା ପାଇଁ ଆସିଛୁ । ଟଙ୍କା ରୋଜଗାର ପାଇଁ ଆସିଛୁ । ତେଣୁ ଏପରି ଅପମାନ ଆମ୍ଭମାନଙ୍କ ପାଇଁ ବଡ଼ କଥା ନୁହେଁ । ଆମ୍ଭେମାନେ ତ ଏଠାରେ କୁଲି । ଡ଼ାକ ନାଁ ଆମର 'ସାମୀ' ।

ଭାରତୀୟମାନଙ୍କୁ 'ସାମୀ' ବୋଲି ଗୋରାମାନେ ସମ୍ବୋଧନ କରୁଥିଲେ । ତାମିଲ ସାଙ୍ଗିଆ ସ୍ୱାମୀଙ୍କୁ ଅପଭ୍ରଂଶ କରି ସେମାନେ 'ସାମୀ' ବୋଲି ଉଚ୍ଚାରଣ କରୁଥିଲେ । ଦକ୍ଷିଣ ଆଫ୍ରିକାରେ ଗୁଜୁରାଟିଙ୍କ ସହ ତାମିଲମାନେ ବେଶିଥିଲେ ।

ମୋହନଦାସ ଭାରତୀୟଙ୍କ ମାନସିକତା କଥା ଦେଖିଲେ । ଟଙ୍କା ପାଇଁ ସେମାନେ ଯେ ସବୁ ଅପମାନକୁ ସହ୍ୟ କରିଯିବେ, ଏକଥା ତାଙ୍କୁ ବ୍ୟଥିତ କଲା । ମୋହନ ଠିକ୍ କଲେ, ରଂଗଭେଦର ଅପମାନ ପାଇଁ ଭାରତୀୟମାନେ ନିଜେ ଦାୟୀ । ଏହା ଏକ ରୋଗ । ଏ ରୋଗର ନିରାକରଣ ହେବା ଦରକାର ।

ଓକିଲ ମୋହନଦାସ

❖❖❖

Digitized by PPRACHIN, SOA

୧୨

କୁଲି ବାରିଷ୍ଟର

ପ୍ରିଟୋରିଆ ହୋଟେଲରେ ରାତି କାଟି ମୋହନଦାସ ସକାଳୁ ସକାଳୁ ଦାଦା ଅବଦୁଲାଙ୍କ ଓକିଲ ଏ.ଡ଼ବ୍ଲ୍ୟୁ. ବେକରଙ୍କ ପାଖକୁ ଗଲେ । ବେକରଙ୍କୁ ମୋହନ ତାଙ୍କର ପରିଚୟ ଦେଲେ । ସେ ଜଣେ ଇଂଲଣ୍ଡ ଇନ୍‌ରୁ ପାଶ୍ କରିଥିବା ବାରିଷ୍ଟର ବୋଲି କହିଲେ ।

ମୋହନଙ୍କୁ ବେକର ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ଦେଖିବାକୁ ଲାଗିଲେ । ବସିବାକୁ କହିଲେ । ଏବଂ ଦାୟିତ୍ୱ ଦେଲେ ଗୁଜୁରାଟିରେ ଲେଖାଥିବା ଅବଦୁଲାଙ୍କ ବ୍ୟବସାୟ ସଂପର୍କିତ ସମସ୍ତ କାଗଜପତ୍ରକୁ ମୋହନ ପଢ଼ିବେ; ତା'ର ଇଂରେଜୀ ଅନୁବାଦ କରିବେ । ମୋହନ ଯେ ଏ ଦାୟିତ୍ୱକୁ ଖୁବ୍ ଭଲ ଭାବେ ତୁଲାଇ ପାରିବେ, ସେ (ମୋହନ) ନିଶ୍ଚିତ ଥିଲେ ।

ପ୍ରଥମ ସାକ୍ଷାତରେ ହିଁ ବେକରଙ୍କୁ କେମିତି ଭଲ ଲଗିଲେ ଭାରତୀୟ ଓକିଲ ମୋହନଦାସ । ମୋହନଙ୍କ ଧର୍ମ ସଂପର୍କରେ ସେ ଜାଣିବାକୁ ଚାହିଁଲେ । ମୋହନ ଦାସ ଉତ୍ତର ଦେଲେ, ସେ ଜଣେ ହିନ୍ଦୁ । କିନ୍ତୁ ହିନ୍ଦୁ ଧର୍ମ ସଂପର୍କରେ ସେ ବେଶି କିଛି ଜାଣନ୍ତି ନାହିଁ । ହିନ୍ଦୁ ଧର୍ମ ନେଇ ତାଙ୍କର ଜାଣିବାକୁ ଇଚ୍ଛା । ଅନ୍ୟ ଧର୍ମ ସଂପର୍କରେ ତାଙ୍କର ଜାଣିବାର ବି ଇଚ୍ଛା ରହିଛି ।

ବେକର ଥିଲେ ଜଣେ ଖ୍ରୀଷ୍ଟିଆନ୍ ଧର୍ମ ପ୍ରଚାରକ । ଜେନେରାଲ ମିଶନର ସେ ଥିଲେ ପରିଚାଳକ । ବେକରଙ୍କ ଚର୍ଚ୍ଚଟିଏ ବି ଥିଲା । ସବୁ ସଂପ୍ରଦାୟର ଲୋକେ ସେଠାକୁ ପ୍ରାର୍ଥନା କରିବାକୁ ଯାଉଥିଲେ । ଗୋରା କଳାର ବିଭେଦ ସେଠି ନଥିଲା । ମୋହନଙ୍କୁ ବେକର ଯିଶୁଖ୍ରୀଷ୍ଟଙ୍କ ସଂପର୍କରେ ସୂଚନା ଦେଲେ । ବେକର କହିଲେ, 'ଯିଶୁ ଈଶ୍ୱରଙ୍କ ଏକମାତ୍ର ସନ୍ତାନ ବୋଲି ନମାନିଲେ କିମ୍ବା ତାଙ୍କୁ ଏକମାତ୍ର ରକ୍ଷାକର୍ତ୍ତା' ବୋଲି ଗ୍ରହଣ ନକଲେ ପରମ ଶାନ୍ତି ମିଳେ ନାହିଁ । ମୋହନଦାସ ଏହା ଶୁଣି ଚୁପ୍ ରହିଲେ । କିଛି

Digitized by PPRACHIN, SOA

ଉତ୍ତର ଦେଲେ ନାହିଁ । ଅନ୍ୟ ଧର୍ମ ସଂପର୍କରେ ଜାଣିବାର ଇଚ୍ଛା ହିଁ ତାଙ୍କୁ ବିବସ କରିଦେଇଥିଲା ।

ବେକରଙ୍କ ଜେନେରାଲ ମିଶନର ସମର୍ଥକମାନେ ମୋହନଙ୍କୁ ତାଙ୍କ ପ୍ରାର୍ଥନା ସଭାକୁ ଯିବାକୁ କହିଲେ । ମୋହନ ଗଲେ । ପ୍ରାର୍ଥନା ସଭାରେ ଖ୍ରୀଷ୍ଟିଆନ୍ ମହିଳା ମିସ୍ ହାରିସ୍, ମିସ୍ ଗେବ୍ ଏବଂ ମିଷ୍ଟର କ୍ୱାକର କୋଟ୍‌ସଙ୍କ ସହ ସାକ୍ଷାତ ହେଲା । ଏମାନେ ସମସ୍ତେ ଜେନେରାଲ ମିଶନ ଆନ୍ଦୋଳନର ହିଁ ସଭ୍ୟ ଥିଲେ । ମିସ୍ ହାରିସ୍ ଏବଂ ମିସ୍ ଗେବ୍ ଅବିବାହିତ ଥିଲେ । ଅଥଚ ଟିକିଏ ବୟସ୍କା ଥିଲେ । ମିଷ୍ଟର କୋଟ୍‌ସ କିନ୍ତୁ ଯୁବକ ଏବଂ ଜଣେ ଜ୍ଞାନୀ ପାଦ୍ରୀ ଥିଲେ । ସେଦିନ ପ୍ରାର୍ଥନା ସଭାରେ ଏ ସମସ୍ତେ ଗାନ୍ଧୀଙ୍କ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲେ । "ଯେଉଁ ଶାନ୍ତି ତୁମେ ଆମକୁ ଦେଇଛ ପ୍ରଭୁ, ସେ ଶାନ୍ତି ତୁମେ ଗାନ୍ଧୀଙ୍କୁ ଦିଅ । ଆମକୁ ପାପ ମୁକ୍ତ କରିଛ । ଗାନ୍ଧୀଙ୍କୁ ବି ପାପମୁକ୍ତ କର" ।

ମୋହନଙ୍କ ଆଗ୍ରହ ଦେଖି କୋଟ୍‌ସ ବିଭିନ୍ନ ଖ୍ରୀଷ୍ଟିଆନ ଧର୍ମ ବହି ମୋହନଙ୍କୁ ପଢ଼ିବାକୁ ଦେଲେ । ମୋହନ ବହି ସବୁ ପଢ଼ିଲେ । ସେଥିରେ ପିୟରସନ୍‌ଙ୍କ ମେନି ଇନଫଲିବ୍ଲ ପ୍ରୁଫସ୍ ଏବଂ ବଟଲରଙ୍କ 'ଆନାଲୋଜି' ପରି ପୁସ୍ତକମାନ ଥିଲା । ଏସବୁ ଧର୍ମ ବହିରୁ ଅନେକ କଥା ସେ ବୁଝୁଥିଲେ । ଅନେକ କଥା ସେ ବୁଝି ପାରୁନଥିଲେ ।

ମୋହନଙ୍କ ବିଶେଷତ୍ୱ ଥିଲା, କୌଣସି କଥା ନବୁଝିଲେ ତାକୁ ସେ ଗ୍ରହଣ କରନ୍ତି ନାହିଁ । ଏବଂ ଥରେ କୌଣସି କଥାକୁ ସେ ଗ୍ରହଣ କରିନେଲେ ତାକୁ ସେ ପରିତ୍ୟାଗ କରନ୍ତି ନାହିଁ । ଏହାକୁ ସେ ବ୍ରତ ପରି ମାନନ୍ତି ।

ପାଠ ପଢ଼ିବାକୁ ଲଣ୍ଡନ ଯିବାବେଳେ ମା' ପୁତୁଳିବାଇ ଦେଇଥିବା ତୁଳସୀମାଳ(ବୈଷ୍ଣବ ମାଳି)ଟି ମୋହନଙ୍କ ବେକରେ ଥିଲା । ମିଷ୍ଟର କୋଟସ୍ ଥରେ ଏହାକୁ ଦେଖିଦେଲେ ଏବଂ ଏହା ଏକ କୁସଂସ୍କାର ବୋଲି ଦୁଃଖ ପ୍ରକାଶ କଲେ । କୋଟସ କହିଲେ, "ଏସବୁ କୁସଂସ୍କାର ତୁମ ଭଳି ଲୋକଙ୍କୁ ଶୋଭା ଦିଏ ନାହିଁ, ମିଷ୍ଟର ଗାନ୍ଧୀ । ଆଣ, ସେ ମାଳିକୁ ମୁଁ ଛିଣ୍ଡାଇ ଦିଏ" ।

ମୋହନ କୋଟସଙ୍କ କଥାରେ ଟିକିଏ ବ୍ୟସ୍ତ ହୋଇପଡ଼ିଲେ । ବେକରେ ପିନ୍ଧିଥିବା ମାଳିକୁ ସେ ହାତରେ ସାଉଁଳି ଦେଲେ । ଏବଂ ଉତ୍ତର ଦେଲେ, "ଏ ମାଳି ଛିଣ୍ଡାଇ ହେବନି ମିଷ୍ଟର କୋଟସ୍ । ଏ ମୋର ମା'ର ପ୍ରସାଦ" ।

ତୁମେ କ'ଣ ଏଥିରେ ବିଶ୍ୱାସ ରଖ, ମିଷ୍ଟର ଗାନ୍ଧୀ ? ପ୍ରଶ୍ନ କଲେ କୋଟସ୍ ।

Digitized by PPRACHIN, SOA

ଗାନ୍ଧୀଙ୍କ ଉତ୍ତର ଥିଲା, "ମୁଁ ଏହାର ପ୍ରକୃତ ଅର୍ଥ କ'ଣ ଜାଣେ ନାହିଁ । ଏହାକୁ ନ ପିନ୍ଧିଲେ ଯେ ମୋର ଅନିଷ୍ଟ ହେବ, ସେଭଳି ଧାରଣା ବି ମୋର ନାହିଁ । କିନ୍ତୁ ଯେଉଁ ମାଳି ମୋ ମା' ମୋତେ ସ୍ନେହରେ ପିନ୍ଧିବାକୁ ଦେଇଛନ୍ତି, ତାକୁ ବିନା କାରଣରେ ମୁଁ ଛାଡ଼ି ପାରିବିନି ।"

"ହଁ , ଏକଥା ମୁଁ କହିଦେଉଛି, ଯେତେବେଳେ ସେ ମାଳି ପୁରୁଣା ହୋଇ ଛିଡ଼ି ଯିବ, ସେତେବେଳେ ଆଉ ଗୋଟିଏ ମାଳି ପିନ୍ଧିବାର ମୋର ଲୋଭ ନାହିଁ । କିନ୍ତୁ ଏବେ ଏ ମାଳିକୁ ମୁଁ ଛିଣ୍ଡାଇ ପାରିବି ନାହିଁ, ମିଷ୍ଟର କୋଟସ୍ ।"

କୋଟସ୍ ଏହାର ଅର୍ଥ ବୁଝିପାରିଲେ ନାହିଁ । କାରଣ ହିନ୍ଦୁ ଧର୍ମ ଉପରେ ତାଙ୍କର ଆସ୍ଥା ନ ଥିଲା ।

ବେକର, କ୍ରୋଟସ୍ ଏବଂ ପଲିମଥ୍ ବ୍ରିଦେରନଙ୍କର ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ମୋହନଦାସଙ୍କୁ ଧର୍ମାନ୍ତରୀକରଣ ପାଇଁ ଯଥେଷ୍ଟ ଚେଷ୍ଟା କରିଥିଲେ । ମୁସଲିମ୍‌ଙ୍କ ଭିତରେ ମଧ୍ୟ କେତେକଙ୍କ ଇଚ୍ଛା ଥିଲା, ଗାନ୍ଧୀ ଧର୍ମ ପରିବର୍ତ୍ତନ କରନ୍ତୁ । ମୋହନଦାସ ତାଙ୍କର ପଲିମଥ୍ ବ୍ରିଦେରନଙ୍କ ସାଙ୍ଗମାନଙ୍କୁ ସ୍ପଷ୍ଟ କରିଦେଇଥିଲେ, ସେ ପାପର ପରିଣାମରୁ ମୁକ୍ତି ଚାହାଁନ୍ତି ନାହିଁ । ସେ ମୁକ୍ତି ଚାହାଁନ୍ତି ପାପ ପ୍ରବୃତ୍ତିରୁ । ପାପ କର୍ମରୁ । ଯେ ପର୍ଯ୍ୟନ୍ତ ଏହା ତାକୁ ନମିଳିଛି, ପାଇବାର ବ୍ୟାକୁଳତା ହିଁ ତାଙ୍କୁ ପ୍ରତି ମୁହୂର୍ତ୍ତରେ ଭଲ ଲାଗୁଥିବ ।

ଧର୍ମ ନେଇ ସଙ୍କଟରେ ଥିବା ବେଳେ ମୋହନଦାସ ତାଙ୍କର ଧର୍ମଗୁରୁ ଏବଂ ଶିକ୍ଷକ ରାଇଚନ୍ଦ ଭାଇଙ୍କ ପାଖକୁ ଚିଠି ଲେଖୁଥିଲେ । ରାଇଚନ୍ଦ ଭାଇ ତା'ର ଉତ୍ତର ବି ଦେଉଥିଲେ । ଚିଠିରେ ମୋହନ ଲେଖୁଥିଲେ, ଆତ୍ମା କ'ଣ, ମୋକ୍ଷ କ'ଣ, ଈଶ୍ୱର କ'ଣ, ପୁନର୍ଜନ୍ମ କ'ଣ, ଧର୍ମ କ'ଣ, ବିଶ୍ୱର ଭବିଷ୍ୟତ କ'ଣ ଏବଂ ପ୍ରଳୟ କ'ଣ । ଉତ୍ତର ପାଉଥିଲେ ବି ମୋହନଙ୍କ ଜିଜ୍ଞାସା କମୁ ନଥିଲା । ସେ ରାଇଚନ୍ଦଙ୍କୁ ପଚାରିଲେ, "ପଶୁବଳି କ'ଣ, ଭକ୍ତିରେ ମୋକ୍ଷ ମିଳେ କି ନା, ରାମକୃଷ୍ଣ ଅବତାର କି ନା, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର କ'ଣ ଏବଂ ଆମକୁ ସାପ କାମୁଡ଼ିବାକୁ ଆସିଲେ ଆମେ କ'ଣ କରିବା ଉଚିତ୍ ।"

ରାଇଚନ୍ଦ ଭାଇ ଏ ସବୁର ଉତ୍ତର ଦେଉଥିଲେ ମୋହନଙ୍କୁ । ଧର୍ମ ସଙ୍କଟରୁ ମୁକୁଳିବା ପାଇଁ ଏ ସବୁ ଉତ୍ତର ମୋହନଙ୍କର ସହାୟକ ହୋଇଥିଲା ।

ଦାଦା ଅବଦୁଲ୍ଲାଙ୍କ ପ୍ରିଟୋରିଆର କ୍ଲେମ୍ କେଶ୍ ନେଇ ରହଣି ଭିତରେ ମୋହନ କେବଳ ଆଇନ ଭିତରେ ଆବଦ୍ଧ ହୋଇ ରହିନଥିଲେ । ଧର୍ମ ଠାରୁ ଆରମ୍ଭ କରି ଦକ୍ଷିଣ

Digitized by PPRACHIN, SOA

ଆଫ୍ରିକାରେ ଭାରତୀୟଙ୍କ ସାମାଜିକ ତଥା ଆର୍ଥିକ ଅବସ୍ଥା ସଂପର୍କରେ ବିଶେଷ ଜାଣିବାକୁ ଚେଷ୍ଟାରେ ହିଁ ଥିଲେ ।

ଦକ୍ଷିଣ ଆଫ୍ରିକାରେ ତିନି ପ୍ରକାର ଭାରତୀୟ ରହୁଥିଲେ । ଦଳେ ଥିଲେ ବ୍ୟବସାୟୀ । ଏ ସବୁ ଥିଲେ ପ୍ରାୟତଃ ମୁସଲିମ୍ । କିଛି ପାର୍ଶି ବି ଥିଲେ । ହିନ୍ଦୁ ଏବଂ ଅଳ୍ପ ପାର୍ଶିମାନେ ଛୋଟ ଛୋଟ କିରାଣୀ ଥିଲେ । ଏବଂ ତୃତୀୟ ଗୋଷ୍ଠୀ ଟି ଥିଲା ଶ୍ରମିକ ଏବଂ ମୂଲିଆ । ଏମାନଙ୍କୁ ଗିରିମାଟିଆ ମୂଲିଆ ବା ଚୁକ୍ତି ଭିତ୍ତିକ ମୂଲିଆ ବୋଲି କୁହାଯାଉଥିଲା । ବଗିଚ୍ଛ, ଋଷ ଜମି ଠାରୁ ଆରମ୍ଭ କରି ନିର୍ମାଣ ସଂସ୍ଥା ମାନଙ୍କରେ ଏମାନେ ଶ୍ରମିକ ଭାବେ କାମ କରୁଥିଲେ । ଏମାନେ ସମସ୍ତେ କୁଲି ଶ୍ରେଣୀର ଥିଲେ । ଗୋରାମାନେ ଭାରତୀୟ ବ୍ୟବସାୟୀଙ୍କୁ ବି କୁଲି ବ୍ୟବସାୟୀ ବୋଲି କହୁଥିଲେ । ଏପରିକି ମୋହନଦାସଙ୍କୁ କୁଲି ବାରିଷ୍ଟର କହିବାକୁ ପଛାଉନଥିଲେ । ଭାରତୀୟ ଶ୍ରମିକଙ୍କ କାର୍ଯ୍ୟ, ପରିବେଶ ଏବଂ ଅଭିଯୋଗ ଶୁଣିବାକୁ ନାତାଲ ସରକାର ପ୍ରବାସୀ ଭାରତୀୟଙ୍କ ପାଇଁ ଏକ ପ୍ରୋଟେକ୍ଟର ନିଯୁକ୍ତ କରିଥିଲେ ।

ନାତାଲରେ କିଛି ଭାରତୀୟ ବ୍ୟବସାୟୀଙ୍କ ନାଁ ଭୋଟର ତାଲିକାରେ ଥିଲା । ସଂପତ୍ତିକୁ ଆଧାର କରି ଏମାନଙ୍କୁ ଭୋଟ ଦାନର ଅଧିକାର ଦିଆଯାଇଥିଲା । ଏହି ଶ୍ରେଣୀର ଲୋକଙ୍କ ସଂଖ୍ୟା ମାତ୍ର ୧୦୦ ଥିଲା । ସେପ୍ଟେମ୍ବର ୧୮୯୩ରେ ଆଣ୍ଟି ଏସିଆଟିକ୍ ଲିଗ୍ ତିଆରି ହୋଇଥିଲା ନାତାଲରେ । ଏହା କେବଳ ଏକ ଗୋରାମାନଙ୍କର ସଂଗଠନ ଥିଲା । ଲିଗ୍ ଦାବି କଲେ, ଭାରତୀୟମାନଙ୍କୁ ଭୋଟ ଦାନ ଅଧିକାରରୁ ତୁରନ୍ତ ବିରତ କରାଯାଉ । ଏ ଅଧିକାର ତାଙ୍କ ଠାରୁ ପ୍ରତ୍ୟାହାର ହେଉ । ୟୁରୋପୀୟମାନଙ୍କ ପରି ଭାରତୀୟଙ୍କୁ ସମାନ ଭୋଟ ଦାନ ଅଧିକାର ଦିଆଯିବା ଉଚିତ୍ ନୁହେଁ । ଭାରତୀୟମାନେ ଅର୍ଦ୍ଧ ପଶୁ ପରି ଏକ ପ୍ରାଣୀ । ଭୋଟ ଦାନ ପରି ଏକ ସଭ୍ୟ ଅଧିକାର ପାଇବାକୁ ଏମାନେ ଯୋଗ୍ୟ ନୁହନ୍ତି ।

ଏସିଆଟିକ୍ ଲିଗ୍‌ର ଏ ଯୁକ୍ତି ବି ଥିଲା, ଯେହେତୁ ନାତାଲରେ ଏସିୟ ଜନସଂଖ୍ୟା ଅପେକ୍ଷାକୃତ ଭାବେ ଅଧିକ, ଏମାନଙ୍କୁ ଭୋଟ ଦାନ ଅଧିକାର ଦେଲେ, ଦିନେ ହୁଏତ ଏଇ ଭାରତୀୟମାନେ ୟୁରୋପୀୟଙ୍କ ଠାରୁ ଅଧିକ ହୋଇଯିବେ ଏବଂ ଭୋଟରେ ଜିତି ଏମାନେ ଶାସନକୁ ଅକ୍ତିଆର କରିନେବେ ।

ଖବର କାଗଜରେ ମୋହନଦାସ ଏ ଖବର ପଢ଼ିଲେ । ତୁରନ୍ତ ସେ ଏହାର ପ୍ରତିବାଦ କଲେ ଏବଂ ଚିଠି ଲେଖି ଖବର କାଗଜକୁ ଜଣାଇଲେ । ମୋହନଙ୍କ ଯୁକ୍ତି ଥିଲା- ବ୍ରିଟିଶ ଭାରତରେ ଭାରତୀୟମାନେ ହାଇକୋର୍ଟର ବିଚାରପତି ଅଛନ୍ତି । ଜଣେ

Digitized by PPRACHIN, SOA

ଭାରତୀୟ ଦାଦା ଭାଇ ନାରୋଜୀ ବ୍ରିଟିଶ ସଂସଦର ବର୍ତ୍ତମାନ ଜଣେ ସଭ୍ୟ । ନାତାଲରେ ଭୋଟ ଦେବା ପାଇଁ ଯେଉଁ ଭଦ୍ରତା ଦରକାର, ଭାରତୀୟଙ୍କର ତାହା ରହିଛି । ଏବଂ ଗୋରା ୟୁରୋପୀୟମାନେ ଏଥିନେଇ ନିଶ୍ଚିତ ରହିବା ଦରକାର ଯେ ଭାରତୀୟମାନେ ଏଠାକୁ ରାଜନୀତି କରିବାକୁ ଆସିନାହାନ୍ତି । ସେମାନେ ମର୍ଯ୍ୟଦାର ସହ ରୋଜଗାର କରିବାକୁ ଆସିଛନ୍ତି । ଭୋଟଦାନର ଅଧିକାର ଏଇ ମର୍ଯ୍ୟାଦାକୁ ଅହୁରି ପୁଷ୍ଟ କରିବ ।

ମୋହନଙ୍କ ପ୍ରତିବାଦ ଚିଠି ଖବର କାଗଜରେ ପ୍ରକାଶ ପାଇଥିଲା ।

କୌଣସି ଅନ୍ୟାୟ ପ୍ରତି ଉଦାସୀନ ନଥିଲେ ମୋହନ ଏବଂ ଉଦାସୀନତାକୁ ବି ସେ ସହିଷ୍ଣୁତାର ନାଁ ଦେବାକୁ ଚାହୁଁ ନଥିଲେ ।

ଜୋହାନ୍ସବର୍ଗରେ ଗାନ୍ଧୀଙ୍କ ଟଲଷ୍ଟୟ ଫାର୍ମ

Digitized by PPRACHIN, SOA

୧୩

ଗାନ୍ଧୀ ଭାଇ, ରହିଯାଅ -

ପ୍ରିଟୋରିଆରେ ଦାଦା ଅବଦୁଲାଙ୍କ କ୍ଲେମ୍ କେଶ୍ ବୁଝିବା ସହିତ ମୋହନଦାସ ସେଠାରେ ଥିବା ଭାରତୀୟଙ୍କ ଅବସ୍ଥା ଜାଣିବା ପାଇଁ ବ୍ୟସ୍ତ ଥିଲେ । ଟ୍ରାନ୍ସବାହାଲ ଏବଂ ଫ୍ରିଷ୍ଟେଟ୍‌ରେ ଭାରତୀୟଙ୍କ ସାମାଜିକ ତଥା ଆର୍ଥିକ ପରିସ୍ଥିତି ଉଭୟଙ୍କ ପାଇଁ ଏକା ନା ଭିନ୍ନ ଏକଥା ଜାଣିବା ଥିଲା ମୋହନଦାସଙ୍କ ଇଚ୍ଛା ।

ପ୍ରିଟୋରିଆରେ ଜଣେ ଜଣାଶୁଣା ଭାରତୀୟ ରହୁଥିଲେ । ନାଁ, ସେଠ୍ ତୟାବଜୀ ହାଜୀ ଖାଁ ମହମ୍ମଦ । ନାତାଲରେ ଦାଦା ଅବଦୁଲାଙ୍କ ଯେମିତି ଖ୍ୟାତି, ସେମିତି ଖ୍ୟାତି ଏବଂ ପ୍ରତିଷ୍ଠା ଥିଲା ପ୍ରିଟୋରିଆରେ ହାଜୀ ଖାଁ ମହମ୍ମଦଙ୍କର । ମୋହନଦାସ ଦକ୍ଷିଣ ଆଫ୍ରିକା ଯିବା ବେଳେ ଯେଉଁ ଦୁଇଁ ଜଣ ଦକ୍ଷିଣ ଆଫ୍ରିକୀୟ ଭାରତୀୟଙ୍କର ସୂଚନା ପତ୍ର ନେଇଥିଲେ, ସେ ଥିଲେ ଦୁଇ ମୁସଲିମ୍ ବ୍ୟକ୍ତି, ଦାଦା ଅବଦୁଲା ଏବଂ ହାଜୀ ମହମ୍ମଦ ।

ହାଜୀ ମହମ୍ମଦଙ୍କ ଘରେ ମୋହନଦାସ ପ୍ରିଟୋରିଆରେ ଥିବା ଭାରତୀୟଙ୍କର ଏକ ସଭା ଡ଼ାକିଲେ । ସେତେବେଳେ ପ୍ରିଟୋରିଆରେ କମ୍ ଭାରତୀୟ ରହୁଥିଲେ । ସଭାକୁ କିଛି ଭାରତୀୟ ଆସିଲେ । ଯେଉଁମାନେ ଆସିଥିଲେ, ସେ ସମସ୍ତେ ଥିଲେ ଭାରତୀୟ ବ୍ୟବସାୟୀ । ସଭା ବସିଲା । ମୋହନ ଏଥିରେ ଭାଷଣ ଦେଲେ । ଏ ଭାଷଣ ଥିଲା ମୋହନଙ୍କର ପ୍ରଥମ ଜନସଭା ଭାଷଣ । ମୋହନଦାସ ଉପସ୍ଥିତ ବ୍ୟବସାୟୀଙ୍କୁ ସାଧୁତା ସହ ବ୍ୟବସାୟ କରିବା କଥା କହିଲେ । ଇଂରାଜୀ ଶିଖିବାକୁ କହିଲେ । ପରିଷ୍କାର ପରିଚ୍ଛନ୍ନ ରହିବାକୁ ଉପଦେଶ ଦେଲେ । ଯେହେତୁ ସାଧୁତା ଏବଂ ପରିଚ୍ଛନ୍ନତା ଭାରତୀୟତାର ପ୍ରତୀକ, ପ୍ରତ୍ୟେକ ଭାରତୀୟଙ୍କର ତେଣୁ ଏହା ସ୍ୱଭାବ ଏବଂ ପ୍ରକୃତି ହେବା ଦରକାର । ସଭ୍ୟ ଭାରତୀୟ ବୋଲି ସାଧାରଣରେ ପରିଚୟ ଦେବା ଆମ ସମସ୍ତ ଭାରତୀୟଙ୍କର ସଂକଳ୍ପ ହେବା ଉଚିତ୍ ବୋଲି ମୋହନଙ୍କ ପ୍ରସ୍ତାବ ଥିଲା ।

ସଭା ଶେଷରେ ସମସ୍ତେ ମୋହନଙ୍କୁ ପ୍ରଶଂସା କଲେ । ଭାଷଣଟି ବେଶ୍ ମର୍ମସ୍ପର୍ଶୀ

Digitized by PPRACHIN, SOA

ବୋଲି କହିଲେ ଏବଂ କେତେକ ଭାରତୀୟ ଇଂରାଜୀ ଶିଖିବାକୁ ଇଚ୍ଛା ପ୍ରକାଶ କଲେ । ସେମାନଙ୍କୁ ଇଂରାଜୀ ଶିଖାଇବାର ଦାୟିତ୍ୱ ନେଲେ ମୋହନଦାସ ।

ଭାରତୀୟଙ୍କ ଅବସ୍ଥା ଭଲ ନଥିଲା ପ୍ରିଟୋରିଆରେ । ରାତି ୯ଟା ପରେ ଏସିୟମାନଙ୍କୁ ରାସ୍ତାରେ ଯିବା ବାରଣ ଥିଲା । ରବିବାର ଦିନ ବ୍ୟବସାୟୀ ଦୋକାନ ଖୋଲିବାକୁ ଅନୁମତି ନଥିଲା । ବ୍ୟବସାୟ ବନ୍ଦ ହେବାର ନିଷ୍ପତ୍ତି ପ୍ରକୃତରେ ଭାରତୀୟ ବ୍ୟବସାୟୀଙ୍କ ସ୍ୱାର୍ଥର ପରିପନ୍ଥୀ ଥିଲା । ରବିବାର ଥିଲା ଭଲ ବ୍ୟବସାୟର ଦିନ । ସେଦିନ ଭାରତୀୟ ଶ୍ରମିକମାନଙ୍କର ଛୁଟି ଦିନ ହେଉଥିଲା । ଛୁଟି ଦିନରେ ସେମାନେ ନିଜ ପାଇଁ କିଣା ବିକା କରୁଥିଲେ । ରବିବାର ବ୍ୟବସାୟ ବନ୍ଦ ନିଷ୍ପତ୍ତିକୁ ଭାରତୀୟମାନେ ଋହୁଁନଥିଲେ ବି ଏହାର ଏକ ପ୍ରଭାବଶାଳୀ ବିରୋଧ କରିପାରୁନଥିଲେ ।

ସରକାରୀ ଓକିଲ ଡ଼କ୍ଟର କ୍ରାଉଜଙ୍କୁ ଦେଖା ହେଲେ ମୋହନଦାସ । କ୍ରାଉଜ୍ ଏବଂ ମୋହନ ଥିଲେ ଏକଦା ଉଭୟେ ଗୋଟିଏ ଇନ୍‌ର ବାରିଷ୍ଟର । ଏକାଠି ସେମାନେ ପଢୁଥିଲେ । ରାତି ୯ଟା ପରେ ବାହାରକୁ ବାହାରିବା ଅନୁମତି ନଥିବା କଥା ଶୁଣି ଡ଼କ୍ଟର କ୍ରାଉଜ୍ ଦୁଃଖ ପ୍ରକାଶ କଲେ । ମୋହନଙ୍କୁ ସେ ନିଜେ ପାଶ୍‌ଟିଏ ଦେଇଦେଲେ । ଏବଂ କହିଦେଲେ, ଯଦି ଦରକାର ହୁଏ, ଏ ଚିଠିକୁ ସେ ପୋଲିସକୁ ଦେଖାଇବେ ।

ମୋହନଙ୍କର ଏ ଚିଠି ଦରକାର ହେଉନଥିଲା । ସେ କିନ୍ତୁ ଏହା ପାଖରେ ରଖିଥିଲେ ।

ପ୍ରିଟୋରିଆରେ ରହିବା ବେଳେ ମୋହନଦାସ ପ୍ରତିଦିନ ସଂଧ୍ୟାରେ ଭ୍ରମଣ କରୁଥିଲେ । ପାଖ ପଡ଼ିଆକୁ ବୁଲିବାକୁ ଯାଉଥିଲେ । ଟ୍ରାନ୍ସବାହାଲରେ ରାଷ୍ଟ୍ରପତିଙ୍କ ଘର ପାଖରେ ଏକ ଖୋଲା ପଡ଼ିଆ । ପଡ଼ିଆକୁ ଯିବାକୁ ପାଦଚଲା ରାସ୍ତା - ଫୁଟପାଥ୍ । ମୋହନ ପ୍ରତିଦିନ ସେଇ ବାଟରେ ଯାଆନ୍ତି । ଦିନେ ସେ ଫୁଟପାଥ୍ ତଳକୁ ଗଡ଼ି ରାସ୍ତା ପାର ହେବାକୁ ଉଦ୍ୟମ କରୁଥିବା ବେଳେ ରାଷ୍ଟ୍ରପତିଙ୍କ ଗେଟ୍ ଆଗରେ ପଇଁତରା ମାରୁଥିବା ଜଣେ କନେଷ୍ଟବଳ ଆସି ତାଙ୍କୁ ପଛରୁ ଧକ୍‌କା ଦେଲା । ମୋହନ ତଳେ ପଡ଼ିଗଲେ । ମୁହଁ ବିକୃତ କରି କନେଷ୍ଟବଳ ଟି କେମିତି ମୋହନଙ୍କୁ ତାଗିଦ୍ କରୁଥିଲା । କୌଣସି ଦୋଷ ନଥାଇ ଏ ମାଡ଼ କାହିଁକି, ମୋହନ ଆଶ୍ଚର୍ଯ୍ୟ ହୋଇଗଲେ ।

ଏଇ ଘଟଣା ସେତେବେଳେ ମିଷ୍ଟର କୋଟସ୍ ଦେଖୁଥିଲେ । କୋଟସ୍ ସେବେ ସେଇ ବାଟରେ ନିଜ ଘୋଡ଼ାରେ ଚଢ଼ି ଯାଉଥିଲେ । ମୋହନଙ୍କୁ ମିଷ୍ଟର କୋଟସ୍ କହିଲେ, "ମିଷ୍ଟର ଗାନ୍ଧୀ, ଆପଣ ମକଦ୍ଦମା କରନ୍ତୁ । ମୁଁ ସାକ୍ଷ୍ୟ ଦେବି" । ମୋହନ ଦାସ ଧନ୍ୟବାଦ ଦେଲେ କୋଟସ୍‌ଙ୍କୁ ଏବଂ କହିଦେଲେ, "ଶୁଣ ମିଷ୍ଟର କୋଟସ୍, ଏହା

Digitized by PPRACHIN, SOA

ମୋର ବ୍ୟକ୍ତିଗତ ମାମଲା । ମୋର ବ୍ୟକ୍ତିଗତ ନିର୍ଯ୍ୟାତନା ନେଇ କୌଣସି କେଶ୍ କିମ୍ବା ପ୍ରତିବାଦ କରିବିନି ବୋଲି ଠିକ୍ କରିଛି । ମୁଁ କେବଳ ଭାରତୀୟ ସଂପ୍ରଦାୟଙ୍କ ପାଇଁ ହିଁ ପ୍ରତିବାଦ କରିବି ।"

ମିଷ୍ଟର କ୍ୱାକର କୋଟସ୍ ମୋହନ ଦାସଙ୍କୁ ଚାହିଁଲେ ଏବଂ ମୋହନଙ୍କର ବ୍ୟକ୍ତିତ୍ୱକୁ ମନେ ମନେ ବିଶ୍ଳେଷଣ କରୁଥିଲେ ।

ପ୍ରିଟୋରିଆରେ ପ୍ରତିଦିନ ସଂଧ୍ୟା ସମୟ ମୋହନଙ୍କର ବହି ଲେଖାରେ କଟୁଥିଲା । ଇଂଲଣ୍ଡରେ ପଢ଼ିବାକୁ ଚାହୁଁଥିବା ଭାରତୀୟ ଛାତ୍ରଙ୍କ ପାଇଁ ମୋହନ ଏକ ଗାଇଡ୍ ଲେଖୁଥିଲେ । ଏ ଗାଇଡ୍ ମୋହନଙ୍କ ଜୀବ ଦଶାରେ ପ୍ରକାଶିତ ହୋଇପାରିନାହିଁ । ଏହା କଲକ୍ଟେଡ଼ ଓ୍ୱାର୍କସ ଅଫ୍ ମହାତ୍ମା ଗାନ୍ଧୀରେ ରହିଛି ।

ବହିର ପ୍ରଥମ ପରିଚ୍ଛେଦରେ କେଉଁ କେଉଁ ଭାରତୀୟ ଛାତ୍ର ଇଂଲଣ୍ଡ ଯିବା ଉଚିତ୍ ବୋଲି ମୋହନଦାସ ଲେଖିଛନ୍ତି । ମୋହନ କହନ୍ତି- ଯେଉଁମାନଙ୍କର ହୃଦୟ ଦୁର୍ବଳ, ଧଡ଼ଧଡ଼ ଛାତି ଏବଂ ମଦ ପିଇବା ପ୍ରବୃତି ରହିଛି, ସେମାନେ ଇଂଲଣ୍ଡ ଯିବା ଉଚିତ୍ ନୁହେଁ । ୨୫ ବର୍ଷରୁ ଉର୍ଦ୍ଧ୍ୱ ଯୁବକଙ୍କ ପାଇଁ ଇଂଲଣ୍ଡ ଯିବା ମନା ହେବା ଦରକାର । ଯେଉଁମାନେ ସିଭିଲ ସର୍ଭିସ ଦେବାକୁ ଚାହାଁନ୍ତି, ବାରିଷ୍ଟର, ଡ଼ାକ୍ତର, ଇଂଜିନିୟର ହେବାକୁ ଚାହାଁନ୍ତି ଏମାନଙ୍କ ପାଇଁ ପାଠ ପଢ଼ିବାକୁ ଭାରତ ଅପେକ୍ଷା ଇଂଲଣ୍ଡରେ ବେଶି ସୁଯୋଗ ରହିଛି । ସ୍ତ୍ରୀ, ପିଲାଛୁଆ ଏବଂ ବାପ ମା' ପାଖରେ ନଥିଲେ ପାଠପଢ଼ା ଲଣ୍ଡନରେ ଭଲ । ଏ ଥିଲା ମୋହନଙ୍କର ନିଜସ୍ୱ ଅନୁଭୂତି ଏବଂ ମୋହନ ଏକଥା ବି ଲେଖିଥିଲେ, ଖୁବ୍ ଅଳ୍ପ ପଇସାରେ ଭଲ ଖାଦ୍ୟ ମିଳେ ଲଣ୍ଡନରେ ।

ମୋହନଙ୍କର ଏ ଥିଲା ପ୍ରଥମ ବହି । ଯଦିଓ ଅପ୍ରକାଶିତ ଥିଲା, ମୋହନଦାସ ଯେ ଭଲ ଲେଖି ପାରନ୍ତି, ଏହି ଗାଇଡ୍ ବହି ତା'ର ଆଭାସ ଦେଉଥିଲା ।

ପ୍ରିଟୋରିଆରେ ମୋହନଙ୍କ ରହଣି ପ୍ରାୟ ଶେଷ ହୋଇ ଆସୁଥିଲା । ଦାଦା ଅବଦୁଲାଙ୍କ ମକଦ୍ଦମା ଶେଷ ପର୍ଯ୍ୟାୟରେ ଥିଲା । ୧୮୯୪ ମସିହା ବସନ୍ତ ଋତୁରେ ଦାଦା ଅବଦୁଲା ଏବଂ ତାଙ୍କ ପୁତୁରା ତାୟବ ଖାଁଙ୍କ ମକଦ୍ଦମା ଆର୍ବିଟ୍ରେସନକୁ ଆସିଲା । ଦାଦା ଅବଦୁଲା ଏଥିରେ ଜିତିଲେ । ମୋହନଙ୍କ ଏହ ଥିଲା ପ୍ରଥମ ଓକିଲାତି ବିଜୟ । ମକଦ୍ଦମାର ରାୟ ଶୁଣାଗଲା, ତୟାବ ଖାଁ ତାଙ୍କ ଆତ୍ମୀୟ ଦାଦା ଅବଦୁଲାଙ୍କୁ ସବୁ ଖର୍ଚ୍ଚ ସହିତ ୩୭ ହଜାର ୪୦୦ ପାଉଣ୍ଡ ଦେବେ ।

ଏଇ ରାୟ ଥିଲା ତାୟବ ଖାଁଙ୍କ ପାଇଁ ପ୍ରତିଷ୍ଠା ଏବଂ ଆର୍ଥିକ ସଙ୍କଟର ପ୍ରଶ୍ନ । ଏଥିରେ ତାୟବଙ୍କର ସାମାଜିକ ପ୍ରତିଷ୍ଠା ନଷ୍ଟ ହେବାର ଥିଲା ଏବଂ ଦେବାଳିଆ ହେବାର

Digitized by PPRACHIN, SOA

ସମ୍ଭାବନା ମଧ୍ୟ ଥିଲା । ମୋହନଦାସ ଦାଦା ଓ ପୁତୁରାଙ୍କ ଭିତରେ ଆପୋଷ ସମାଧାନର ପ୍ରସ୍ତାବ ଦେଲେ । ଏବଂ ରାୟ ଅର୍ଥକୁ କିସ୍ତିରେ ଦେବାକୁ ତାୟବଙ୍କୁ କହିଲେ । ଦାଦା ଅବଦୁଲା ବି ଏଥିରେ ରାଜି ହେଲେ ।

କଚେରୀରେ ମକଦ୍ଦମା ଅପେକ୍ଷା ଆପୋଷ ବୁଝାମଣାରେ ସମାଧାନ ଯେ ଓକିଲାତି ବ୍ୟବସାୟର ଅନ୍ୟ ଏକ ଦିଗ, ଏକଥା ମୋହନଦାସ ସୂଚେଇ ଦେଇଥିଲେ ।

୧୮୯୪ ମସିହା ମେ' ମାସ ତୃତୀୟ ସପ୍ତାହରେ ମୋହନଦାସ ପ୍ରିଟୋରିଆ ଛାଡ଼ି ଦର୍ବାନ୍ ଆସିଲେ । ଆସିବା ବେଳେ ସେ ଟ୍ରେନ୍‌ର ତୃତୀୟ ଶ୍ରେଣୀରେ ଆସିଲେ । ପ୍ରଥମ ଶ୍ରେଣୀ ଟିକେଟ କରି ସେ ଆଉ ବିପଦକୁ ଆଣିବାକୁ ଋହିଁନଥିଲେ ।

ଭାରତ ଫେରି ଆସିବାକୁ ପ୍ରସ୍ତୁତି ଆରମ୍ଭ କଲେ ମୋହନଦାସ । ଦାଦା ଅବଦୁଲାଙ୍କର ମକଦ୍ଦମା ଶେଷ ହୋଇ ଗଲା ପରେ ମୋହନଙ୍କର ଦକ୍ଷିଣ ଆଫ୍ରିକାରେ ଆଉ କିଛି କାମ ନଥିଲା ।

ଦାଦା ଅବଦୁଲା ମୋହନଙ୍କ ପାଇଁ ଏକ ବିଦାୟ କାଳୀନ ପାର୍ଟିର ଆୟୋଜନ କଲେ । ଏଥିରେ ଅନେକ ଭାରତୀୟ ଯୋଗ ଦେଲେ । ଆଲୋଚନା ଭିତରେ ଦାଦା ଅବଦୁଲା ମତାଧିକାରକୁ ବଞ୍ଚିତ କରିବାର ବିଲ୍ କଥା କହିଲେ । ଗୋରାମାନଙ୍କର ଆଣ୍ଟି ଏସିଆଟିକ୍ ଲିଗ୍‌ର ଦାବୀକୁ ମାନି ନାତାଲ ବିଧାନସଭା ଭାରତୀୟଙ୍କ ପାଇଁ ଏପରି କଳା ଆଇନକୁ ପାରିତ କରିବାକୁ ଯାଉଛନ୍ତି ବୋଲି ଯୁକ୍ତି ଦେଲେ । ଭାରତୀୟମାନେ ଭୋଟ ଅଧିକାର ପାଇଁ ହକ୍‌ଦାର ନୁହନ୍ତି, ଏ ଥିଲା ଗୋରାମାନଙ୍କର ଦାବି ।

ଦିନ ସାରା ଏଇ ପ୍ରସ୍ତାବିତ ବିଲ୍‌ର ବିଭିନ୍ନ ଦିଗ ନେଇ ଆଲୋଚନା ହେଲା । ଏପରି ଏକ ଜଘନ୍ୟ ବିଲ୍‌କୁ ବିରୁଦ୍ଧ କରିବା ଉଚିତ୍ ବୋଲି ସାମୁହିକ ମତ ଆସିଲା, "ଅଧିକାର ସାବ୍ୟସ୍ତ ହେଲେ, ନାତାଲରେ ଭାରତୀୟଙ୍କ ଭୋଟରଙ୍କ ସଂଖ୍ୟା ବଢ଼ିବ, ନୀତି ଏବଂ ନିଷ୍ପତ୍ତିକୁ ଏମାନେ ପ୍ରଭାବିତ କରିବାକୁ ସକ୍ଷମ ହେବେ, ପ୍ରତିଷ୍ଠା ବଢ଼ିବ ଏବଂ ପ୍ରତିଷ୍ଠା ବଢ଼ିଲେ ସମ୍ମାନ ଆପେ ଆପେ ଆସିବ । ଭୋଟ ଦାନରୁ ବଞ୍ଚିତ ହେଲେ କିନ୍ତୁ ଦକ୍ଷିଣ ଆଫ୍ରିକାରେ ରଂଗ ଭେଦ ଆହୁରି ତୀବ୍ର ହେବ । ଭାରତୀୟଙ୍କ ସଂପତ୍ତି ତଥା ବ୍ୟବସାୟ ପ୍ରତି ବିପଦ ଆସିଯିବ ।"

ଏ ଥିଲା ମିଟିଂର ସାରାଂଶ । ସେଦିନ ମୋହନଙ୍କ ଉଦ୍ଦେଶ୍ୟରେ ହୋଇଥିବା ବିଦାୟ କାଳୀନ ସଭା ଏକ କର୍ଯ୍ୟକାରିଣୀ କମିଟିରେ ପରିଣତ ହୋଇଯାଇଥିଲା । ଉପସ୍ଥିତ ଭାରତୀୟମାନେ ଅନୁରୋଧ କଲେ, ଏଇ ବିଲ୍‌ର ପ୍ରତିବାଦ କରିବାକୁ 'ଗାନ୍ଧୀ ଭାଇ' ଏକ ମାତ୍ର ବ୍ୟକ୍ତି । ଜଣେ ଇଂରାଜୀ କହୁଥିବା ଏବଂ ଲେଖିପାରୁଥିବା ଭାରତୀୟ ଓକିଲ

Digitized by PPRACHIN, SOA

ହିଁ ଭାରତୀୟଙ୍କ ସ୍ୱାର୍ଥ ପ୍ରତି ନିଶ୍ଚୟ ଅନୁକୂଳ ହେବେ । ଏବଂ ବ୍ୟବସାୟୀମାନେ ପ୍ରସ୍ତାବ ବି ଦେଇଦେଲେ, ଦକ୍ଷିଣ ଆଫ୍ରିକାରେ ରହିବାକୁ ମୋହନଙ୍କୁ ସେମାନେ କିଛି ରହିବା ଖର୍ଚ୍ଚ ଦେଇପାରନ୍ତି ।

ନୈଶ୍ୟ ଭୋଜି ସେଦିନ ଏକ ପ୍ରଶ୍ନର କମିଟି ହୋଇଗଲା । ମୋହନଦାସ ନାଟାଲରେ ରହିବେ ବୋଲି ନିଷ୍ପତ୍ତି କଲେ । ଭାବିଲେ, "ଦକ୍ଷିଣ ଆଫ୍ରିକାରେ ରହିବା ପାଇଁ ବୋଧେ ଈଶ୍ୱର ଚାହାଁନ୍ତି ଏବଂ ମୋ ସ୍ଥିତିକୁ ସ୍ୱିକୃତି ଦେଇ ଗୋଟିଏ ଜାତିର ଆତ୍ମ ସମ୍ମାନ ପାଇଁ ସଂଗ୍ରାମର ପ୍ରଥମ ବୀଜ ବୁଣି ଦେଉଛନ୍ତି" ।

ଓକିଲ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କର ନୂଆ ରୂପରେ ପରିବର୍ତ୍ତନ ଆସିଥିଲା - 'ଏକ ସଂଗ୍ରାମୀ ଗାନ୍ଧୀ ଭାଇ' ।

❖ ❖ ❖

ଫିନିକ୍ସ ଆଶ୍ରମରେ ଗାନ୍ଧୀଙ୍କ ସମ୍ବୋଧନ

Digitized by PPRACHIN, SOA

୧୪

ଓକିଲାତିରୁ ସାମାଜିକ କର୍ମୀ

ମୋହନଦାସ ରାତିସାରା ଅନିଦ୍ରା ହୋଇ ଫ୍ରାଞ୍ଚାଇଜ୍ ବିଲ୍ ବିରୁଦ୍ଧରେ ଦରଖାସ୍ତ ପ୍ରସ୍ତୁତ କଲେ । ସେ ନିଜେ ଲେଖୁଥିଲେ ଏବଂ ପଢ଼ି ସଂଶୋଧନ କରୁଥିଲେ । ଦରଖାସ୍ତରେ ଥିଲା, ଭାରତୀୟଙ୍କୁ ମତାଧିକାରରୁ ବଞ୍ଚିତ କରିବା ଗଣତାନ୍ତିକ ବ୍ରିଟିଶ ଚିନ୍ତା ନୁହେଁ । ନାତାଲ ଏକ ବ୍ରିଟିଶ ଉପନିବେଶ । ବ୍ରିଟିଶ ଶାସନ ଏଠି ଚାଲେ । ବ୍ରିଟିଶ ରାଜନୈତିକ ଦର୍ଶନ ତେଣୁ ଏଠି ପ୍ରତିଫଳିତ ହେବା ଦରକାର । ଭାରତୀୟମାନେ ସାମାନ୍ୟ ଭୋଟ ଦାତା ହୋଇଗଲେ ଯେ ନାତାଲର ଶାସନ ବହୁଳ ପ୍ରଭାବିତ ହୋଇଯିବ, ଏହା ଏକ ଅମୂଳକ ଆଶଂକା । କାରଣ ଭାରତୀୟଙ୍କ ସଂଖ୍ୟା ଏତେ ବେଶି ହେବ ନାହିଁ, ଯେଉଁଥିରେ ନାତାଲ ବିଧାନସଭା ଗୋରାମାନଙ୍କ ଆୟତରୁ ଚାଲିଯିବ ।

ମୋହନଙ୍କ ଏ ଦରଖାସ୍ତକୁ କପି କରାଗଲା । ମିଷ୍ଟର ଆର୍ଥର ନାମକ ଇଂରାଜୀ ଜାଣିଥିବା ଜଣେ ବୃଦ୍ଧ ଏହାକୁ କପି କଲେ । ଆର୍ଥରଙ୍କର ଅକ୍ଷର ଥିଲା ଖୁବ୍ ଭଲ । ସେ ଲେଖି ସାରିବା ପରେ ଏହାର ଆଉ କିଛି କପି କରାଗଲା । ଏସବୁ ଦରଖାସ୍ତକୁ ନାତାଲ ବିଧାନସଭାର ବାଚସ୍ପତି, ପ୍ରଧାନମନ୍ତ୍ରୀ ସାର୍ ରବିନସନ୍ ଏବଂ ମିଷ୍ଟର ହାରି ଏସ୍କମ୍ବେଙ୍କ ପାଖକୁ ପଠାଇ ଦିଆଗଲା । ଏସ୍କମ୍ବେ ଥିଲେ ଜଣେ ଓକିଲ ଏବଂ ବିଧାୟକ । ଦାଦା ଅବଦୁଲାଙ୍କର ସେ ଜଣେ ଭଲ ବନ୍ଧୁ ଥିଲେ ।

ମିଷ୍ଟର ଏସ୍କମ୍ବେ ଦରଖାସ୍ତ ପଢ଼ିଲେ । ଭାରତୀୟଙ୍କ ଦାବୀ ଯଥାର୍ଥ ବୋଲି ମତ ଦେଲେ । କିନ୍ତୁ ସେ କିଛି କରିପାରିବେ ନାହିଁ ବୋଲି ସ୍ପଷ୍ଟ ମନା କରିଦେଲେ । ନାତାଲରେ ସେବେ ଭାରତୀୟଙ୍କୁ ମତାଧିକାର ଦେବା ବିରୁଦ୍ଧରେ ଗୋରାମାନଙ୍କ ମଧ୍ୟରେ ବିରୁଦ୍ଧ ବେଶ୍ ପ୍ରବଳ ଥିଲା ।

ନାତାଲ ବିଧାନସଭାରେ ଫ୍ରାଞ୍ଚାଇଜ୍ ବିଲ୍ ଉପରେ ଚର୍ଚ୍ଚା ଚାଲିଲା । ଏଥିଲା ୧୮୯୪ ମସିହା ଜୁନ୍ ମାସର ଘଟଣା । ଭାରତୀୟଙ୍କ ଦରଖାସ୍ତରେ ଥିବା ଦାବି ମଧ୍

Digitized by PPRACHIN, SOA

ଚର୍ଚ୍ଚାର ପରିସରକୁ ଆସିଲା । ଏଥିପାଇଁ ଅଧିକ ଦୁଇଦିନ ସମୟ ନିଆଯାଇଥିଲା ବିଧାନସଭାରେ । ଭାରତୀୟମାନେ ଏକ ସକରାତ୍ମକ ପରିଣତି ନେଇ ବେଶ୍ ଆଶାବାଦୀ ହୋଇଯାଇଥିଲେ ।

ପ୍ରତିଦିନ ସନ୍ଧ୍ୟାରେ ଦାଦା ଅବଦୁଲାଙ୍କ ଘରେ ମିଟିଂ ଚାଲିଥିଲା । ଭାରତୀୟଙ୍କ ଭିତରେ ଉନ୍ମାଦ ଥିଲା ବେଶି । ବ୍ୟବସାୟୀ, କିରାଣୀ ଏବଂ ବମ୍ବେ ତଥା ମାଡ୍ରାସରୁ ଆସିଥିବା ଭାରତୀୟ ଏଥିରେ ଯୋଗ ଦେଉଥିଲେ । ଭାରତୀୟମାନେ ଯେ ଏକ ଜାତି ଏବଂ ଏକ ସମାଜ, ସେମାନେ ତାହା ଉପଲବ୍ଧି କରୁଥିଲେ । କେବଳ ଭୋଟଦାନ ଅଧିକାର ନୁହେଁ, ସମସ୍ତ ଭାରତୀୟ ଅଧିକାର ପାଇଁ ଯେ ସେମାନେ ଲଢ଼ିବା ଦରକାର, ଏଥିପାଇଁ ସେମାନେ ନିଜକୁ ପ୍ରସ୍ତୁତ କରୁଥିଲେ । ସବୁ ଭାରତୀୟଙ୍କ ଭିତରେ ଦେଶ ଭକ୍ତିର ପ୍ରବୃତ୍ତି ଥିଲା । ମୋହନଦାସ ଏହାକୁ ଖାଲି ଉତ୍ସାହିତ କରିଦେଇଥିଲେ ।

ନାତାଲ ବିଧାନସଭା ଜୁଲାଇ ମାସରେ ମତାଧିକାର ବିଲ୍‌କୁ ପାଶ୍ କରିଦେଲେ । ଭାରତୀୟଙ୍କ କୌଣସି ଯୁକ୍ତିକୁ ଗ୍ରହଣ କରାଗଲା ନାହିଁ । ପାରିତ ବିଲ୍‌କୁ ବ୍ରିଟିଶ ରାଣୀଙ୍କ ଅନୁମୋଦନ ପାଇଁ ଲଣ୍ଡନ ପଠାଇ ଦିଆଗଲା ।

ମୋହନ ଚିନ୍ତାକଲେ, ଭାରତୀୟଙ୍କ ରାଜନୈତିକ ଅଧିକାର ଏବଂ ସାମାଜିକ ମର୍ଯ୍ୟାଦା ନିମନ୍ତେ ଲଢ଼େଇ ପାଇଁ ଏକ ଅନୁଷ୍ଠାନ ହେବା ଦରକାର । ନାତାଲ ଭାରତୀୟ କଂଗ୍ରେସ (ନାତାଲ ଇଣ୍ଡିଆନ୍ କଂଗ୍ରେସ) ନାମରେ ଏକ ସଂଗଠନ ପ୍ରତିଷ୍ଠା ହେଲା । ଭାରତୀୟ ଜାତୀୟ କଂଗ୍ରେସ ନାଁର ଅନୁକରଣରେ ଏହାର ନାମକରଣ କରାଯାଇଥିଲା । ଦର୍ବାନ୍‌ରେ ରହୁଥିବା ଭାରତୀୟମାନେ ଏହାର ସଭ୍ୟ ରହିଲେ । ନାତାଲ ଭାରତୀୟ କଂଗ୍ରେସ ଅଧକ୍ଷ ହେଲେ ଅବଦୁଲା ହାଜି ଆଦାମ୍ । ହାଜି ଆଦାମ୍ ସାହେବ ଦାଦା ଅବଦୁଲାଙ୍କ କଂପାନୀର ମ୍ୟାନେଜର ଥିଲେ । ସଂଗଠନରେ ୨୨ଜଣ ଉପସଭାପତି ରହିଲେ । ତାମିଲ କହୁଥିବା କିଛି ହିନ୍ଦୁ, ଜଣେ ପାର୍ଶି ବ୍ୟବସାୟୀ ରୁସ୍ତମଜୀ ଏଇ ସଭାପତି ମଣ୍ଡଳୀରେ ଥିଲେ । ମୋହନ ନିଜେ ନାତାଲ ଭାରତୀୟ କଂଗ୍ରେସର ସଂପାଦକ ହେଲେ ।

ନାତାଲ କଂଗ୍ରେସର ସଂବିଧାନ ତିଆରି ହେଲା । ମୋହନ ଏହାକୁ ନିଜେ ପ୍ରସ୍ତୁତ କଲେ । ନୈତିକ, ଶୈକ୍ଷିକ ଏବଂ କଲ୍ୟାଣକାରୀ ବିଷୟ ଉପରେ ଆଲୋଚନା ହେବ ବୋଲି ଏଇ ବାଇଲ'ରେ ଉଲ୍ଲେଖ ରହିଲା । ବ୍ୟକ୍ତିଗତ ଏବଂ ଗୋଷ୍ଠୀ ଗତ ଅଭାବ ମଧ ଏଥିରେ ଆଲୋଚିତ ହେବ, ସଂବିଧାନରେ ଥିଲା । ସଭ୍ୟ ଚାନ୍ଦା ବର୍ଷକୁ ତିନି ପାଉଣ୍ଡ ରହିଲା ।

ପ୍ରତି ଦିନ ସଭା ଚାଲିଲା । ସଭାରେ ସମସ୍ତେ ଭାଷଣ ଦେବାକୁ ଶିଖିଲେ । ସଭା

Digitized by PPRACHIN, SOA

ଚାଲୁଥିବା ବେଳେ ପାନ, ସିଗାରେଟ୍ ଖିଆ ବନ୍ଦ ହେଲା । ମାଲିକମାନେ ଦେଉଥିବା ଅତ୍ୟାଚାର, ଭାରତୀୟ ପୂଜା ପର୍ବାଣୀରେ ଗୋରାମାନେ କରୁଥିବା ହଇରାଣ, ରେସନ ମିଳିବାରେ ଅବ୍ୟବସ୍ଥା ଏବଂ ପ୍ରୋଟେକ୍ଟର ଅଫିସରେ ଥିବା ଅସୁବିଧା ସଂପର୍କରେ ଆଲୋଚନା ହେଉଥିଲା । ମୋହନଙ୍କ ପାଇଁ ଘର ଗହଳି ହେଉଥିଲା ପ୍ରତିଦିନ ।

ମୋହନ ନିଜେ ରହିବା ପାଇଁ ଏକ ସ୍ୱତନ୍ତ୍ର ଭଡ଼ା ଘରଟିଏ ଖୋଜିଲେ । ଦର୍ବାନର ବିଚ୍ ଗ୍ରୋଭ୍ ଷ୍ଟ୍ରିଟ୍‌ରେ ଘର ମିଳିଲା । ଏହା ଥିଲା ଗୋରାମାନଙ୍କର ସଂଭ୍ରାନ୍ତ ରେସିଡ଼େନ୍ସିଆଲ ଅଞ୍ଚଳ । ଏଠାରେ କେବଳ ମଧ୍ୟବର୍ଗୀମାନେ ରହୁଥିଲେ । ଭଡ଼ାଘର ପାଇଁ ଭଲ ଫର୍ଣ୍ଣିଚର କିଣିଦେଲେ ଦାଦା ଅବଦୁଲା । ବିଚ୍ ଗ୍ରୋଭ୍‌ର ସେ ଭଡ଼ାଘରେ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ଆସର ଜମୁଥିଲା । ଧର୍ମ, ରାଜନୀତି, ସଂସ୍କାର ଉପରେ କଥା ହେଉଥିଲା । ଖ୍ରୀଷ୍ଟିଆନ୍, ମୁସଲମାନ, ଆସ୍ତିକ ଏବଂ ନାସ୍ତିକମାନେ ଏଥିରେ ଯୋଗ ଦେଉଥିଲେ । ମାତ୍ର ୨୫ ବର୍ଷ ବୟସରେ ମୋହନଦାସ ସମସ୍ତଙ୍କ ପାଇଁ ଖୁବ୍ ଆତ୍ମିକ ଏବଂ ଅନ୍ତରଂଗ ହୋଇଯାଇଥିଲେ ।

ମୋହନଙ୍କ ଘର କଥା ମନେ ପଡୁଥିଲା । ସୁଦୂର ଭାରତରେ ଘରେ ଥିବା ନିଜ ସ୍ତ୍ରୀ ଏବଂ ଦୁଇ ପୁଅଙ୍କ କଥା । କିନ୍ତୁ ଯେତେବେଳେ ଭାରତୀୟଙ୍କ ମତାଧିକାର ଉପରେ ସେମିତି କିଛି ନିଷ୍ପତ୍ତି ହୋଇପାରିନାହିଁ, ସେତେବେଳେ ଅଧାରୁ ଛାଡ଼ି ଭାରତକୁ ଯିବାକୁ ମୋହନଦାସ ମନ କରୁନଥିଲେ । ଜାତୀୟତାବୋଧ ପାଖରେ ପାରିବାରିକ ଆବେଗ ମୋହନଙ୍କ ପାଇଁ ଗୌଣ ଥିଲା । କାଥିଆୱାଡ଼ରେ ଜାତି ରକ୍ଷଣଶୀଳତାରେ ବଢ଼ିଥିବା ମୋଢ଼ ବଣିଆ ସଂପ୍ରଦାୟର ମୋହନଦାସ ଧର୍ମ, ଜାତି ଠାରୁ ଉପରକୁ ଉଠି ଯାଉଥିଲେ । ଘରର ଆବେଗକୁ ଅତିକ୍ରମ କରିଯାଉଥିଲେ ।

ମୋହନଦାସ ଠିକ୍ କଲେ, ସେ ନାତାଲରେ ଓକିଲାତି କରିବେ । ନିଜ ପାଇଁ ସେ କିଛି ରୋଜଗାର କରିବେ । ବ୍ୟବସାୟୀଙ୍କ ଚାନ୍ଦା ଉପରେ ବଞ୍ଚିବାକୁ ସେ ପସନ୍ଦ କରିନଥିଲେ । ଏଥିପାଇଁ ସେ ନାତାଲ ହାଇକୋର୍ଟର ଓକିଲ ସଂଘରେ ସଭ୍ୟ ହେବାକୁ ଆବେଦନ କଲେ । ବାର୍ କାଉନସିଲ ମୋହନଙ୍କ ସଭ୍ୟ ପଦକୁ ବିରୁଦ୍ଧ କଲେ । ଯୁକ୍ତି ଆସିଲା, ନାତାଲ ଓକିଲ ସଂଘ କେବଳ ଗୋରା ଲୋକଙ୍କ ପାଇଁ ଉଦ୍ଦିଷ୍ଟ । କଳା ଲୋକ ଏଥିରେ ସଭ୍ୟ ହେବାର ଅଧିକାର ନାହିଁ । କଥା ଗଲା ସୁପ୍ରିମକୋର୍ଟକୁ । ମାନ୍ୟବର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଲେ, ଓକିଲ ପାଇଁ ସଭ୍ୟ ହେବାରେ କଳା ଗୋରା ବର୍ଣ୍ଣ ଭେଦ କିଛି ନାହିଁ । ମୋହନଦାସ କରମଚାନ୍ଦ ଗାନ୍ଧୀ ସଭ୍ୟ ହେବାର ସମସ୍ତ ଅଧିକାର ରହିଛି । ଆଖିରେ ଅନ୍ଧ ପୁଟୁଳି ବାନ୍ଧି ନ୍ୟାୟର ନିକିତି ଧରିଥିବା ନ୍ୟାୟଦେବୀ ନିଜର ପ୍ରତୀକକୁ ଯଥାର୍ଥ କରିଦେଲେ । ମୋହନଙ୍କ ବିରୁଦ୍ଧରେ ନାତାଲ ଓକିଲ ପରିଷଦ ଆଣିଥିବା

Digitized by PPRACHIN, SOA

ସମସ୍ତ ଆପତ୍ତି ପ୍ରତ୍ୟାଖିତ ହୋଇଗଲା ଏବଂ ମୋହନଦାସ ନାତାଲ ହାଇକୋର୍ଟରେ ଓକିଲ ହୋଇଗଲେ ।

ସଭ୍ୟ ଭାବେ ଶପଥ ନେବା ବେଳେ ସେଇ ପୁଣି ଏକା କଥା ଯାହା ପ୍ରଥମେ ନାତାଲ ତଳ କୋର୍ଟରେ ହୋଇଥିଲା । ବିଚାରପତି କହିଲେ, "ମିଷ୍ଟର ଗାନ୍ଧୀ, ମୁଣ୍ଡରୁ ତୁମର ପଗଡ଼ି କାଢ଼ିଦିଅ । ପଗଡ଼ି ପିନ୍ଧି ଶପଥ ନେଲେ କୋର୍ଟ ପ୍ରତି ଅସମ୍ମାନ ହେଉଛି ।" ମୋହନଦାସ ମୁଣ୍ଡରୁ ପଗଡ଼ି କାଢ଼ିଦେଲେ । ପୂର୍ବଥର ପରି ପ୍ରତିବାଦ କଲେନି । ଦାଦା ଅବଦୁଲା ଦୁଃଖ କରି କହିଲେ- "ତୁମେ ଠିକ୍ କଲନି ମିଷ୍ଟର ଗାନ୍ଧୀ । ଏହା ତୁମର ନୀତି ବିରୁଦ୍ଧ । ମୁଣ୍ଡରେ ପଗଡ଼ି ପିନ୍ଧି ଅଭିବାଦନ ଦେବା ତୁମର ନୀତି ହୋଇଥିଲା ।" ମୋହନଦାସ ଉତ୍ତର ଦେଲେ, "ଏକ ବୃହତ୍ତର ସଂଗ୍ରାମ ପାଇଁ ମୁଁ ଶକ୍ତି ସଂଗ୍ରହ କରି ରଖୁଛି ।"

ବାର କାଉନ୍‌ସିଲରେ ମୋହନଙ୍କ ସଭ୍ୟପଦ ନେଇ ଦକ୍ଷିଣ ଆଫ୍ରିକା ସାରା ବେଶ୍ ଚର୍ଚ୍ଚା ଚାଲିଲା । ଖବର କାଗଜମାନଙ୍କରେ ସପକ୍ଷ ଏବଂ ବିପକ୍ଷରେ ଏହାର ପ୍ରଚାର ହେଲା । ମୋହନ ଖୁସି ହୋଇଥିଲେ, ମାଗଣାରେ ତାଙ୍କର ପ୍ରଚାର ହେଉଛି । ମୋହନଦାସ ମିଷ୍ଟର ଗାନ୍ଧୀ ଭାବେ ପରିଚିତ ହୋଇ ଯାଉଥିଲେ ।

ଫ୍ରାଞ୍ଚାଇଜ୍ ବିଲ୍ ବ୍ରିଟିଶ ରାଣୀଙ୍କ ଦସ୍ତଖତ ପାଇଁ ଲଣ୍ଡନରେ ଅଟକି ରହିଥିଲା । ଶୀଘ୍ର ଅନୁମୋଦନ ପାଇଁ ରାଜ୍ୟପାଳ ସୁପାରିଶ କରିଦେଇଥିଲେ । ଆଇନ ଅନୁସାରେ ରାଣୀଙ୍କ ଦସ୍ତଖତ ହେଲେ ହେଁ ବିଲ୍ ଆଇନରେ ପରିଣତ ହେବ ।

ବିଲ୍‌କୁ ଅନୁମୋଦନ ନଦେବାକୁ ମୋହନଦାସ ଏକ ଦୀର୍ଘ ଦରଖାସ୍ତ ଲେଖିଲେ ଲର୍ଡ୍ ରିପନ୍‌ଙ୍କ ପାଖକୁ । ଏହା ଛତିଶି ପରିଚ୍ଛେଦ ବିଶିଷ୍ଟ ଏକ ଦରଖାସ୍ତ ଥିଲା । ସାବାଳକ ମତାଧିକାର ସଂପର୍କରେ ଏଥିରେ ଅନେକ ତଥ୍ୟ ଏବଂ ରାଜନୈତିକ ଦାର୍ଶନିକ ତତ୍ତ୍ୱ ସନ୍ନିବେଶିତ ହୋଇଥିଲା । ପୃଥିବୀର ପ୍ରାୟ ଅନେକ ବଡ଼ ବଡ଼ ଆଇନଜ୍ଞଙ୍କର ମନ୍ତବ୍ୟକୁ ଏଥିରେ ଉଲ୍ଲେଖ କରାଯାଇଥିଲା । ବିଶିଷ୍ଟ ଆଇନ ଶାସ୍ତ୍ରବିତ୍ ହେନେରୀ ମେନ୍‌ଙ୍କ ମତକୁ ମୋହନ ତାଙ୍କ ଦରଖାସ୍ତରେ ରଖିଥିଲେ ।

ଲର୍ଡ୍ ରିପନ ଥିଲେ ଭାରତର ଜଣେ ପୂର୍ବତନ ଭାଇସରାୟ । ସେ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଥିଲେ । ସମସ୍ତ ବ୍ରିଟିଶ ଉପନିବେଶ କଥା ସେ ବୁଝୁଥିଲେ । ଦରଖାସ୍ତରେ ନାତାଲରେ ଥିବା ପ୍ରାୟ ୧୦ ହଜାର ଲୋକ ଦସ୍ତଖତ କରିଥିଲେ । ମାତ୍ର ୧୫ ଦିନ ଭିତରେ ଏହି ଦସ୍ତଖତ ସଂଗୃହିତ ହୋଇଯାଇଥିଲା । ଏହାର ଏକକିତା ନକଲ ଇଂଲଣ୍ଡରେ ଥିବା ଦାଦା ଭାଇ ନାରୋଜୀଙ୍କ ପାଖକୁ ପଠାଇ ଦିଆଯାଇଥିଲା ।

Digitized by PPRACHIN, SOA

ଦାଦାଭାଇ ନାରୋଜୀ ସେବେ ବ୍ରିଟିଶ ପାର୍ଲ୍ୟାମେଣ୍ଟର ଜଣେ ଏମ୍.ପି. ଥିଲେ ଏବଂ ଲର୍ଡ଼ ରିପନଙ୍କର ସେ ଜଣେ ଭଲ ସହକର୍ମୀ ଥିଲେ । ଦାଦାଭାଇଙ୍କୁ ମୋହନଦାସ ନିଜର ଉପଦେଷ୍ଟା ଏବଂ ଗୁରୁ ବୋଲି ମାନୁଥିଲେ । ମୋହନ ବି ସ୍ପଷ୍ଟ କରିଦେଇଥିଲେ, ଆନ୍ଦୋଳନ କରିବାରେ ମୋହନଙ୍କ ସେତେ ଅଭିଜ୍ଞତା ନାହିଁ । ବୟସ ବି ସେତେ ଅଧିକ ହୋଇନି ।

ଫ୍ରାଞ୍ଚାଇଜ୍ ବିଲ୍ ନେଇ ବ୍ରିଟେନରେ ବିତର୍କ ହେଲା । ଲର୍ଡ଼ ରିପନ ମତ ଦେଇଥିଲେ, ଏ ବିଲ୍ ପାରିତ ହୋଇଗଲେ ଭାରତରେ ଏହାର ତୀବ୍ର ପ୍ରତିକ୍ରିୟା ଦେଖାଦେବ । ଏହାର ତେଣୁ ପୁନଃ ବିଚାର ହେବା ଆବଶ୍ୟକ ।

ରାଣୀ ଦସ୍ତଖତ ଦେବାରେ ବିଳମ୍ବ କରିଦେଲେ । ନାତାଲ ବିଧାନସଭାର କିନ୍ତୁ ଏକ ଜିଦ୍ ଥିଲା, ରାଣୀଙ୍କ ଦସ୍ତଖତ ପାଇବା ପର୍ଯ୍ୟନ୍ତ ସେମାନେ ଫ୍ରାଞ୍ଚଇଜ୍ ବିଲ୍‌କୁ ପାଶ୍ କରି ବାରମ୍ବାର ଇଂଲଣ୍ଡ ପଠାଇବେ ।

ମୋହନଦାସ ଏକ ଖୋଲା ଚିଠି ଦେଲେ ସବୁ ବିଧାୟକଙ୍କୁ । ଏଥିରେ ଲେଖାଥିଲା, ଭାରତୀୟଙ୍କୁ ମତାଧିକାର ନମିଳିଲେ ଏଥିରେ ଗୋରାମାନଙ୍କ ମଙ୍ଗଳ ହେବନି । ବରଂ ଭାରତୀୟମାନେ ମତଦାନ ଅଧିକାର ପାଇଲେ, ଗୋରାମାନଙ୍କର ସେମାନେ ବନ୍ଧୁ ଏବଂ ସହଯୋଗୀ ହୋଇଯିବେ । ଏଇ ଚିଠିର କପି ନାତାଲର ସବୁ ବିଧାୟକ, ଖବର କାଗଜର ସଂପାଦକ ଏବଂ ବୁଦ୍ଧିଜୀବୀମାନଙ୍କୁ ଦିଆଯାଇଥିଲା । ଚିଠିର ପ୍ରାୟ ଏକ ହଜାର କପି ଛପା ଯାଇ ନାତାଲ ଭାରତୀୟ କଂଗ୍ରେସର ସଭ୍ୟମାନେ ନିଜ ଆତ୍ମୀୟମାନଙ୍କୁ ବାଣ୍ଟି ଥିଲେ ।

'ନାତାଲ ମର୍କୁରୀ' ନାମକ ଖବର କାଗଜ ଲେଖିଲା, ନାତାଲରେ ସମାନ ଅଧିକାର ମାଗିବା ଭାରତୀୟଙ୍କର କୌଣସି ଅଧିକାର ନାହିଁ । ଅନ୍ୟ ଏକ ଖବର କାଗଜ ଗାନ୍ଧୀଙ୍କୁ 'ଘାନ୍ଦୀ' ବୋଲି ଉଚ୍ଚାରଣ କରି ନକରାତ୍ମକ ମନ୍ତବ୍ୟ ଦେଇ କହିଦେଲା, ଘାନ୍ଦୀ ଏପରି ଆନ୍ଦୋଳନ କରି ଭାରତୀୟଙ୍କର କିଛି ମଙ୍ଗଳ କରୁନାହାନ୍ତି । ଭଲ ହୁଅନ୍ତା ସେ ଯଦି ଭାରତୀୟଙ୍କୁ ଦକ୍ଷିଣ ଆଫ୍ରିକା ଆସିବାକୁ ମନା କରିଦିଅନ୍ତେ । ଟାଇମସ୍ ଅଫ୍ ଇଣ୍ଡିଆ ଏବଂ ଲଣ୍ଡନ ଟାଇମସ୍‌ରେ ମୋହନଙ୍କ ଆନ୍ଦୋଳନକୁ ସମର୍ଥନ କରି ଲେଖା ପ୍ରକାଶ ପାଇଲା ।

ଓକିଲ ମୋହନଦାସ ଏକ ଶକ୍ତ ସାମାଜିକ ତଥା ରାଜନୈତିକ କର୍ମୀ ଭାବେ ପରିଚିତ ହୋଇଯାଇଥିଲେ । ବ୍ୟକ୍ତିଗତ ଅତ୍ୟାଚାର ବିରୁଦ୍ଧରେ ସେ ପ୍ରତିବାଦ କରୁଥିଲେ । ରାଜନୈତିକ ଅଧିକାର ପାଇଁ ସଂଗଠନ ମାଧ୍ୟମରେ ବି ସ୍ୱର ଉତ୍ତୋଳନ କରୁଥିଲେ ।

Digitized by PPRACHIN, SOA

ଗରିବ ମୂଲିଆ ଭାରତୀୟଙ୍କ ଉପରେ ତିନି ପାଉଣ୍ଡିଆ କର ମୋହନଙ୍କୁ ଅତ୍ୟାଚାରର ଅନ୍ୟ ଏକ ପ୍ରତୀକ ଭାବେ ଲାଗିଲା । ୧୩ ବର୍ଷରୁ ଉର୍ଦ୍ଧ୍ୱ ପିଲାଙ୍କ ଉପରେ ପୋଲ୍ ଟିକସ ବସାଇବା ଯେ ଅତ୍ୟାଚାରର ଅନ୍ୟ ଏକ ଉପାଦାନ, ମୋହନ ଏଥିପାଇଁ ବ୍ୟସ୍ତ ଥିଲେ । ଏ ଟିକସକୁ ମଧ୍ୟ ନାଟାଲ ଭାରତୀୟ କଂଗ୍ରେସ ବିରୁଦ୍ଧ କରୁଥିଲା ।

ମୋହନ ଠିକ୍ କଲେ ସେ ନାଟାଲର ଗ୍ରାମାଞ୍ଚଳକୁ ଯିବେ । ଦର୍ବାନ୍ ସହରରେ ରହୁଥିବା ବ୍ୟବସାୟୀଙ୍କ ଦୁର୍ଦ୍ଦଶା ଏବଂ ଅଭାବ ଅପେକ୍ଷା ଗ୍ରାମାଞ୍ଚଳରେ ରହୁଥିବା ଶ୍ରମିକମାନଙ୍କର ଦୁର୍ଦ୍ଦଶା ବେଶି । ଗାଁକୁ ଯିବାକୁ କର୍ମୀମାନଙ୍କୁ ମୋହନଦାସ ଅନୁରୋଧ କଲେ ।

ମୋହନଙ୍କୁ ଥରେ ଦେଖାହେଲା ତାମିଲ ଶ୍ରମିକ ବାଲ୍‌ସୁନ୍ଦରମ୍ । ବାଲ୍‌ସୁନ୍ଦରମ୍ ହାତରେ ବ୍ୟାଣ୍ଡେଜ ଥିଲା । ଆଗ ଦାନ୍ତ ଦିଇଟା ଭାଙ୍ଗିଯାଇଥିଲା । ପାଟିରୁ ରକ୍ତ ବୋହୁଥିଲା । ମୁଣ୍ଡରୁ ପଗଡ଼ି କାଢ଼ି ସେ ହାତରେ ଧରିଥିଲା । ବାଲସୁନ୍ଦରମ୍ ଯନ୍ତ୍ରଣାରେ କାନ୍ଦୁଥିଲା । ମୋହନଙ୍କୁ ସାକ୍ଷାତ କରି କହିଲା- ଏ ଦୁର୍ଦ୍ଦଶା ତାକୁ ତା'ର ଆଖୁ ଫାର୍ମର ମାଲିକ ଦେଇଛି । ମୁଣ୍ଡରୁ ପଗଡ଼ି କାଢ଼ି ପ୍ରଣାମ କଲା ନାହିଁ ବୋଲି ତା ମାଲିକ ତାକୁ ଜୋରରେ ପିଟିଛି ଏବଂ ଦାନ୍ତ ଭାଙ୍ଗି ଦେଇଛି ।

ମୋହନଦାସ ବାଲସୁନ୍ଦରମ୍‌କୁ ଡ଼ାକ୍ତର ପାଖକୁ ନେଇଗଲେ । ମାଜିଷ୍ଟ୍ରେଟଙ୍କ ପାଖରେ ଆଖୁଋଷୀ ମାଲିକ ବିରୁଦ୍ଧରେ କେଶ୍ କଲେ । ବାଲସୁନ୍ଦରମ୍‌ର ମାଲିକ ଦୁଃଖ ପ୍ରକାଶ କଲେ । ଆଉ ଏପରି ନିର୍ଯ୍ୟାତନା ଦେବେ ନାହିଁ ବୋଲି କୋର୍ଟଙ୍କୁ କହିଲେ । ମାଲିକ ଯେ ଦଣ୍ଡ ପାଉ ଏହା ମୋହନ ବି ଋହୁଁ ନଥିଲେ । କିନ୍ତୁ ସେଇ ମାଲିକ ଅଧୀନରେ ବାଲସୁନ୍ଦରମ୍ ଯେ କାମ କରୁ ଏହା ବି ଇଛା କରୁନଥିଲେ ମୋହନ । କୋର୍ଟ ବାଲସୁନ୍ଦରମ୍‌ଙ୍କୁ ଅନ୍ୟ ଏକ ମାଲିକ ପାଖକୁ ପଠେଇଦେଲେ । ବାଲସୁନ୍ଦରମ୍ ସେଠି ଏକ ଠିକା ଶ୍ରମିକ ଭାବେ ରହିଲା । ନାଟାଲରେ ଠିକା ଶ୍ରମିକ ନେଇ କୋର୍ଟ ନିଷ୍ପତ୍ତି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଥିଲା । ଥରେ ଚୁକ୍ତିବଦ୍ଧ ଶ୍ରମିକ ହୋଇଗଲେ ସମୟ ନପୁରୁଣୁ ଚୁକ୍ତିମୁକ୍ତ ହୋଇଯିବା ନାଟାଲର ଠିକା ଶ୍ରମିକ ଆଇନରେ ନିୟମ ନଥିଲା ।

ବାଲସୁନ୍ଦରମ୍ ଘଟଣା ସମଗ୍ର ଦକ୍ଷିଣ ଆଫ୍ରିକାରେ ଚହଳ ସୃଷ୍ଟି କଲା ଯେ ଦକ୍ଷିଣ ଆଫ୍ରିକାରେ ଥିବା ଠିକା ଶ୍ରମିକମାନଙ୍କ କଥା ବୁଝିବାକୁ ଜଣେ ଓକିଲ 'ଗାନ୍ଧୀ ଭାଇ' ଅଛନ୍ତି ।

ମୋହନଦାସ ଗରିବ ଭାରତୀୟଙ୍କ ଭରସାର ପାତ୍ର ହୋଇଗଲେ ।

Digitized by PPRACHIN, SOA

୧୫

ଧର୍ମ ଓ ରାଜନୀତି

ଡ୍ରବାନ୍‌ରେ ମୋହନଦାସଙ୍କ ଭଡ଼ାଘର ଏକ ସାମାଜିକ କେନ୍ଦ୍ରସ୍ଥଳ ହୋଇଥିଲା । ଦିନସାରା ସେଠି ମିଟିଂ ବସୁଥିଲା । ବିଭିନ୍ନ ଧର୍ମର ଲୋକ ଏକାଠି ହେଉଥିଲେ । ବିଭିନ୍ନ ଧର୍ମ ନେଇ ଆଲୋଚନା ଚାଲିଥିଲା । କିଛି କିଛି ଧାର୍ମିକ ତତ୍ତ୍ୱ ଉପରେ ବିତର୍କ ବି ହେଉଥିଲା । ମୋହନଦାସ ଏସବୁ ଶୁଣୁଥିଲେ । ନିଜ ମତ ଦେଉଥିଲେ । ସେ ମତ ଥିଲା ତାଙ୍କର ପୁରା ମୌଳିକ । ତାଙ୍କ ସହ ଯେଉଁମାନେ ଆଲୋଚନା କରୁଥିଲେ, ମୋହନଙ୍କ ସ୍ୱଚ୍ଛ ଧାର୍ମିକ ବିଶ୍ଳେଷଣରେ ସେମାନେ ଖୁବ୍ ନିମଗ୍ନ ହୋଇ ଯାଉଥିଲେ ଏବଂ ମୋହନଙ୍କ ଆନ୍ଦୋଳନରେ ନିଜକୁ ସାମିଲ କରିବାକୁ ଆଗ୍ରହ ପ୍ରକାଶ କରୁଥିଲେ ।

କିଛି ଧାର୍ମିକ ବହି ପଢ଼ିବାକୁ ଇଚ୍ଛା ହେଲା ମୋହନଙ୍କର । ଖ୍ରୀଷ୍ଟଧର୍ମର ଅନେକ ବହି ସେ ପଢ଼ିଲେ । ଯେଉଁ ବହି ତାଙ୍କୁ ବେଶି ପ୍ରଭାବିତ କରିଥିଲା ସେ ଥିଲା ରୁଷ ଲେଖକ ଲିଓ ଟଲଷ୍ଟୟଙ୍କର ପୁସ୍ତକ, "ଦି କିଙ୍ଗଡ୍‌ମ୍ ଅଫ୍ ଗଡ୍ ଇଜ୍ ଉଇଦିନ ୟୁ" । ଏଥିରେ ଟଲଷ୍ଟୟଙ୍କ ମତ ଥିଲା- ବ୍ୟକ୍ତି ହିଁ ନିଜ ପାଇଁ ନିଜର ନିର୍ବାଣ ଆଣିବ । ବିଶପ ବା ଚର୍ଚ୍ଚ କୌଣସି ବ୍ୟକ୍ତିଙ୍କୁ ନିର୍ବାଣ ଦେଇପାରିବେ ନାହିଁ । ସରଳ ଜୀବନ ହିଁ ମୁକ୍ତିର ଏକ ମାତ୍ର ବାଟ ।

'କିଙ୍ଗଡ୍‌ମ୍ ଅଫ୍ ଗଡ୍' ପୁସ୍ତକଟି ମୋହନଙ୍କ ପାଇଁ ଥିଲା ଏକ ଅନନ୍ୟ ପୁସ୍ତକ । ଏକ ଔପନ୍ୟାସିକ ଟଲଷ୍ଟୟଙ୍କ ବଦଳରେ ଏ ପୁସ୍ତକରେ ମୋହନଦାସ ଏକ ନୀତିବାଦୀ ଟଲଷ୍ଟୟଙ୍କର ସନ୍ଧାନ ପାଇଥିଲେ । ଶକ୍ତି ଏବଂ ସତ୍ୟ ଉପରେ ଟଲଷ୍ଟୟ ଏଥିରେ ଦେଇଥିବା ଟିପ୍ପଣୀ ମୋହନଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ଟଲଷ୍ଟୟ କହିଥିଲେ, ବ୍ୟକ୍ତି ଯେତେବେଳେ ନିଜ ଭିତରେ ଥିବା ଶକ୍ତିକୁ ସତ୍ୟ ଖୋଜିବାରେ ବ୍ୟୟ କରେ ଏବଂ ସତ୍ୟକୁ ବାସ୍ତବରେ ପ୍ରୟୋଗ ପାଇଁ ଅଭ୍ୟାସ କରେ, ଏହା ସେତେବେଳେ ବ୍ୟକ୍ତିଙ୍କୁ ପରମ ତୃପ୍ତି ଦେଇଥାଏ । ଟଲଷ୍ଟୟଙ୍କ ଏଇ ମତ ପ୍ରକୃତରେ ମୋହନଦାସଙ୍କ ଚିନ୍ତାକୁ ଆନ୍ଦୋଳିତ କରିଥିଲା ।

Digitized by PPRACHIN, SOA

ନାତାଲରେ ମାସ ମାସ ଧରି ଭାରତୀୟ କଳା ବାରିଷ୍ଟର ମୋହନଦାସ ନିଜ ପାଇଁ ସତ୍ୟ ଖୋଜିଲେ । ମାତ୍ର ପଚିଶ ବର୍ଷିୟ ମୋହନଦାସ ଯେମିତି ପରିପକ୍ୱ ହୋଇ ଯାଇଥିଲେ । ଏଇ ପରିପକ୍ୱତା ତାଙ୍କର ଚିନ୍ତାରେ ଏବଂ କାର୍ଯ୍ୟରେ ମଧ୍ୟ ଆସିଥିଲା ।

ମାରିୟାନ୍ ହିଲସରେ ରହୁଥିବା 'ଟ୍ରାପିଷ୍ଟ' ସାଧୁମାନଙ୍କ ସହ ମୋହନଦାସଙ୍କର ଥରେ ସାକ୍ଷାତ ହେଲା । ସାଧୁମାନେ ଏଠି ଏକ ମଠ କରି ରହୁଥିଲେ । ଏଥିରେ ସନ୍ନ୍ୟାସୀ, ସନ୍ନ୍ୟାସିନୀ ଏବଂ ଛୋଟପିଲା ଅନ୍ତେବାସୀ ଥିଲେ ।

ମଠ ଥିଲା ଖୁବ୍ ଶାନ୍ତ ଏବଂ ପରିଷ୍କାର । ଭିକ୍ଷୁମାନେ ଖୁବ୍ ସରଳ ଜୀବନଯାପନ କରୁଥିଲେ । ଏଠାରେ ପୁରୁଷ ସାଧୁମାନଙ୍କ ପାଇଁ ଆମିଷ ଖାଇବା ମନା ଥିଲା । ସାଧୁମାନେ ମାଛ, ମାଂସ ଖାଉନଥିଲେ । ସନ୍ନ୍ୟାସିନୀଙ୍କ ପାଇଁ ଏଇ ମାଂସାହାର କଟକଣା କିନ୍ତୁ ଟିକିଏ କୋହଳ ଥିଲା । ସନ୍ନ୍ୟାସିନୀମାନେ ସପ୍ତାହରେ ଚାରି ଥର ଆମିଷ ଖାଉଥିଲେ । ଦୁର୍ବଳ ଶରୀର ରଖିଥିବା ମହିଳାମାନେ ମାଛ, ମାଂସ ଖାଇବା ଉଚିତ୍ ବୋଲି ଟ୍ରାପିଷ୍ଟ ସାଧୁମାନଙ୍କର ମଠର ନିଷ୍ପତ୍ତି ଥିଲା ।

ମଠର ଅନ୍ତେବାସୀମାନେ ସକାଳେ ଏବଂ ସଂଧ୍ୟାରେ ପ୍ରାର୍ଥନା କରୁଥିଲେ । ଦିନରେ ଯୋତା, ଟେବୁଲ, ଚୌକୀ ଏବଂ ରୋଷେଇ ଘରର ଆସବାବ ପତ୍ର ସେମାନେ ନିଜେ ତିଆରି କରୁଥିଲେ । ମଠରେ ରଂଗଭେଦ ନଥିଲା । ଉଭୟେ କଳା ଏବଂ ଗୋରାଙ୍କ ପାଇଁ ଏକା ପ୍ରକାର ବ୍ୟବସ୍ଥା ଥିଲା । ଖାଦ୍ୟ ମଧ୍ୟ ଥିଲା ଏକା । ଏଇ ଟ୍ରାପିଷ୍ଟ ମଠ ମୋହନଦାସଙ୍କୁ ଭବିଷ୍ୟତରେ ଆଶ୍ରମ ତିଆରି ପାଇଁ ମୌଳିକ ଧାରଣାଟିଏ ଦେଇ ଦେଇଥିଲା ।

ମୋହନଦାସଙ୍କ ପାଇଁ ଧର୍ମର ସ୍ୱରୂପ ନିଆରା ଦିଶୁଥିଲା । ତାଙ୍କର ମତ ଥିଲା- ଧର୍ମର ପ୍ରଚାରକମାନେ ହିଁ ଧର୍ମକୁ ଭଗବତ କରିପାରିବେ ଏବଂ ଅସୁରୀୟ କରିପାରିବେ । ଧର୍ମର ପ୍ରଚାର ଯେମିତି ହେବ, ଧର୍ମର ସ୍ୱରୂପ ସେମିତି ହେବ ।

ଭାରତରୁ ମୋହନଙ୍କ ସ୍କୁଲ ଦିନର ସାଙ୍ଗ ଶେଖ୍ ମହତାବ ହଠାତ୍ ମୋହନଙ୍କ ଘରେ ପହଞ୍ଚିଗଲା । ଶେଖ୍‌ଙ୍କୁ ମୋହନ ନିଜ ଘରେ ରଖିଲେ ।

ଦିନେ ମୋହନଙ୍କ ରୋଷେୟା ମୋହନଙ୍କୁ ତୁରନ୍ତ ଘରକୁ ଆସିବାକୁ ଡ଼ାକିଲା । ମୋହନ ସଙ୍ଗେ ସଙ୍ଗେ ଘରକୁ ଆସିଲେ । ରୋଷେୟା ମୋହନଙ୍କ ଶୋଇବା ଘର ଖୋଲିଦେଲା । ମୋହନ ଦେଖିଲେ ନିଜ ଶଯ୍ୟାରେ ମହତାବ ଏକ ତରୁଣୀ ସହ ଅସଂଯତ ଅବସ୍ଥାରେ ଅଛି । ତରୁଣୀ ଜଣକ ଡ଼ର୍ବାନର ଏକ ଦେହଜୀବୀ ଥିଲା । ମହତାବଙ୍କୁ ଶୀଘ୍ର ଘର ଛାଡ଼ି ଚାଲି ଯିବାକୁ ମୋହନଦାସ ନିର୍ଦ୍ଦେଶ ଦେଇଦେଲେ । ପିଲାବେଳୁ ହିଁ ଏଇ

Digitized by PPRACHIN, SOA

ଶେଖ୍ ମହତାବ ଯେ ମୋହନଙ୍କ ଜୀବନକୁ କଳୁଷିତ କରୁଛି, ଏହା ଭାବି ମୋହନ ମନେ ମନେ ଦୁଃଖିତ ହେଲେ ।

ଭାରତୀୟଙ୍କ ମତାଧିକାର ନେଇ ନାଟାଲରେ ସେମିତି ବିତର୍କ ଚାଲିଥିଲା । ଗୋରାମାନେ ଭାରତୀୟଙ୍କୁ କୌଣସି ଭୋଟଦାନ ଅଧିକାର ଦେବାକୁ ରାଜି ନଥିଲେ । ଦକ୍ଷିଣ ଆଫ୍ରିକୀୟମାନେ ଭାରତୀୟଙ୍କ ବିରୁଦ୍ଧରେ ଏଥିନେଇ ସଂଘବଦ୍ଧ ବି ହେଉଥିଲେ ।

୧୮୯୫ ମସିହା ଡ଼ିସେମ୍ବରମାସ ଶେଷ ସପ୍ତାହରେ ଭାରତୀୟଙ୍କ ମତାଧିକାର ଉପରେ ମୋହନଦାସ ଏକ ଦୀର୍ଘ ପାମ୍ଫଲେଟ୍ ଲେଖିଲେ । ଏହାଥିଲା ୫୦ ପୃଷ୍ଠାର ଏକ ପାମ୍ଫଲେଟ୍ । ଏହା ଛପା ଯାଇ ବଣ୍ଟାଗଲା । ଏଥିରେ ମୋହନଙ୍କ ସ୍ପଷ୍ଟ ଯୁକ୍ତି ଥିଲା, ଭାରତୀୟମାନେ ବି ଏକ ଗୋରା ଦକ୍ଷିଣ ଆଫ୍ରିକୀୟଙ୍କ ପରି ସଭ୍ୟ ତଥା ଭଦ୍ର । ଏଇ ସଭ୍ୟତା ଏବଂ ଭଦ୍ରତା ଭାରତୀୟଙ୍କ ଚିନ୍ତା ଏବଂ କାର୍ଯ୍ୟରେ ରହିଛି । ସୁତରାଂ ଭାରତୀୟମାନେ ଗୋରାଙ୍କ ପରି ମତାଧିକାର ପାଇବା ଦରକାର । ବ୍ରିଟିଶ ଭାରତରେ ଭାରତୀୟମାନେ ବିଭିନ୍ନ ପଦ ପଦବୀରେ ରହିଛନ୍ତି । ସେମାନେ ପ୍ରଶାସନିକ ସେବାରେ ଅଛନ୍ତି; ବିଚାରପତି ଅଛନ୍ତି ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ଅଛନ୍ତି । ଭାରତୀୟ ସୈନିକମାନେ ବ୍ରିଟିଶ ଶାସନର ରକ୍ଷା ପାଇଁ ନିଜର ରକ୍ତ ଦେଇ ସେବା ମଧ୍ୟ କରୁଛନ୍ତି । ଦକ୍ଷିଣ ଆଫ୍ରିକାରେ ତେଣୁ ଭାରତୀୟଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ରଖିବା କେବେ ଠିକ୍ ହେଉନାହିଁ ।

ଏଇ ପାମ୍ଫଲେଟ୍‌ର ଏକ କପି ମୋହନଦାସ ଇଂଲଣ୍ଡର ବରିଷ୍ଠ ପ୍ରଶାସନିକ ସେବା ଅଧିକାରୀ ଡ଼ବ୍ଲ୍ୟୁ. ଡ଼ବ୍ଲ୍ୟୁ. ହଣ୍ଟରଙ୍କ ପାଖକୁ ପଠାଇଥିଲେ । ଏବଂ ଭାରତର ବିଶିଷ୍ଟ ଗୁଢ଼ୀବାଦୀ ନେତ୍ରା ବାଲ୍ ଗଙ୍ଗାଧର ତିଲକଙ୍କ ପାଖକୁ ମଧ୍ୟ ଏହାର କପି ଯାଇଥିଲା ।

ଭାରତୀୟଙ୍କ ମତାଧିକାର ଉପରେ ଲେଖାଥିବା ଏଇ ପାମ୍ଫଲେଟ୍‌କୁ ନେଇ ଦକ୍ଷିଣ ଆଫ୍ରିକାରେ ଚର୍ଚ୍ଚା ଚାଲିଲା । ଖବର କାଗଜରେ ବିଭିନ୍ନ ମତ ପ୍ରକାଶ ପାଇଲା । ନିଜ ନାଁକୁ ସଂକ୍ଷିପ୍ତରେ ‘ଏଚ୍’ ବୋଲି କହି ସ୍ତମ୍ଭ ଲେଖୁଥିବା ଜଣେ ସ୍ତମ୍ଭକାର, ମୋହନଦାସଙ୍କୁ ଏକ ‘କିଣା ଆନ୍ଦୋଳନକାରୀ’ ବା ‘ପେଡ୍ ଏଜିଟେଟର’ ବୋଲି ସଂବୋଧନ କରି ସମାଲୋଚନାର ଏକ ଲେଖା ଲେଖିଲେ । ଏଥିରେ ଉଲ୍ଲେଖ ଥିଲା, ଭାରତୀୟ ବ୍ୟବସାୟୀମାନେ ମାସକୁ ୩୦୦ ପାଉଣ୍ଡ ଅଗ୍ରିମ ଦେଇ ଭଡ଼ାରେ ଜଣେ ଆନ୍ଦୋଳନକାରୀ ଏଠାରେ ରଖିଛନ୍ତି । ଏବଂ ଗୋରା ଦକ୍ଷିଣ ଆଫ୍ରିକୀୟମାନେ ଏକାଠି ହୋଇ ଏପରି ଏକ ଭଡ଼ାଟିଆ ଆନ୍ଦୋଳନକାରୀଙ୍କୁ ପ୍ରତିରୋଧ କରିବା ଉଚିତ୍ ।

‘ନାଟାଲ ଆଡ଼ଭଟାଇଜର’ ଖବର କାଗଜ ମୋହନଦାସଙ୍କୁ ତାଚ୍ଛଲ୍ୟ କରି ଏକ

Digitized by PPRACHIN, SOA

କବିତା ଛାପିଲା । କବିତାର ସାରଂଶ ଥିଲା- 'ମୁଁ ଗାନ୍ଧୀ ଉଚ୍ଚ ଡ଼ିଗ୍ରୀ ନେଇ ଭାରତରୁ ଆସିଛି । କୁଲି ଭାରତୀୟଙ୍କ ପାଇଁ ମୁଁ ଲଢ଼େଇ କରିବି । ମୁଁ ରାଜନେତା ହେବି । ମୁଁ ସେଥିପାଇଁ ପାମ୍ପଲେଟ୍ ବାଣ୍ଟୁଛି । ମୁଁ ରାଜହଂସୀ ଗାନ୍ଧୀ – ଗୁଜି ଗୁଜି ଗାନ୍ଧୀ ।'

ଖବର କାଗଜମାନେ ମୋହନଙ୍କ ବିରୁଦ୍ଧରେ ଜନମତ ସୃଷ୍ଟି କରୁଥିଲେ ।

୧୮୯୬ ମସିହା ମେ' ମାସରେ ମୋହନ ଠିକ୍ କଲେ, ସେ କିଛି ମାସ ପାଇଁ ଭାରତ ଯିବେ । ସ୍ତ୍ରୀ କସ୍ତୁରବା ଏବଂ ଦୁଇ ପୁଅଙ୍କୁ ସାଙ୍ଗରେ ନେଇ ପୁଣି ସେ ଦକ୍ଷିଣ ଆଫ୍ରିକା ଫେରିଆସିବେ । ଦକ୍ଷିଣ ଆଫ୍ରିକାରେ ସଂଗ୍ରାମ ତାଙ୍କର ଶେଷ ହୋଇନାହିଁ ।

ମାତ୍ର ପଚିଶ ବର୍ଷ ବୟସରେ ମୋହନଦାସ ସମଗ୍ର ନାତାଲରେ ଏକ ବିଶିଷ୍ଟ ବ୍ୟକ୍ତି ହୋଇ ସାରିଥିଲେ । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍ ପ୍ରାୟ ସମସ୍ତେ ମୋହନଦାସଙ୍କ ଠାରୁ ଆଇନଗତ ଏବଂ ରାଜନୈତିକ ଉପଦେଶ ପାଇଁ ଆସୁଥିଲେ ।

ଅନ୍ୟ ଭାରତୀୟଙ୍କ ପରି ମୋହନଦାସ ଦକ୍ଷିଣ ଆଫ୍ରିକାକୁ ପରୀକ୍ଷା ମୂଳକ ଭାବେ ଆସିଥିଲେ ବି ସମୟକ୍ରମେ ସେ ନିଜ ପାଇଁ ଏକ ସ୍ଥାୟୀ କ୍ୟାରିୟର ପାଇ ଯାଇଥିଲେ । ଏଇ ସ୍ଥାୟୀ କ୍ୟାରିୟର ଥିଲା ପ୍ରବାସୀ ଭାରତୀୟଙ୍କ ପାଇଁ ସାମାଜିକ କାର୍ଯ୍ୟ କରିବା ।

କିଛିଦିନ ପାଇଁ ଭାରତ ଯିବାକୁ ପ୍ରସ୍ତୁତି ଆରମ୍ଭ କରିଦେଲେ ମୋହନଦାସ ।

Digitized by PPRACHIN, SOA

୧୬

ଭାରତ ଆଗମନ

ଦାଦା ଅବଦୁଲ୍ଲାଙ୍କ ପାଇଁ ଓକିଲାତି କରିବା ନିମନ୍ତେ ୧୮୯୩ ମସିହା ମେ' ମାସରେ ମୋହନଦାସ ଦକ୍ଷିଣ ଆଫ୍ରିକା ଆସିବା ବେଳେ ଭାବିଥିଲେ, ସେ ନିଶ୍ଚୟ ଅଳ୍ପ ଦିନ ଭିତରେ ଭାରତ ଫେରି ଆସିବେ । ମକଦ୍ଦମା ଶେଷ ହୋଇଗଲେ କାମ ତାଙ୍କର ସରିଯିବ । ମକଦ୍ଦମା ଶେଷ ହେଲା, ଅଥଚ କାମ ଶେଷ ହେଲା ନାହିଁ । ଭାରତୀୟଙ୍କ ଅଧିକାର ନେଇ ଲଢ଼ିବା ନିମନ୍ତେ ମୋହନ ଦକ୍ଷିଣ ଆଫ୍ରିକାରେ ରହିଗଲେ । ଏହା ଭିତରେ ତିନି ବର୍ଷ ବିତିଯାଇଥିଲା । କାଲି ପରି ଲାଗୁଥିଲା ମୋହନଙ୍କୁ । ଭାରତୀୟ କଲୋନି ପାଇଁ ସେ ଯେପରି ଏକ ଅପରିହାର୍ଯ୍ୟ ଅଂଶ ହୋଇ ପଡ଼ିଥିଲେ ।

ମୋହନ ଭାରତ ଆସି ଦକ୍ଷିଣ ଆଫ୍ରିକାକୁ ପୁଣି ନିଜ ପରିବାର ନେଇଯିବାକୁ ଚିନ୍ତା କଲେ । ଘରେ ସ୍ତ୍ରୀ ଏବଂ ଦୁଇ ପୁଅ । ବଡ଼ପୁଅ ହରିଲାଲର ବୟସ ୮ ବର୍ଷ ଏବଂ ଦ୍ୱିତୀୟ ପୁଅ ମଣିଲାଲର ବୟସ ୩ ବର୍ଷ । ସେମାନେ ବଡ଼ ହୋଇଯାଇଥିବେ ନିଶ୍ଚୟ ।

୧୮୯୬ ମସିହା ଜୁନ୍‌ମାସ ୪ ତାରିଖରେ ଡ୍ରବାନ୍‌ରେ ମୋହନଙ୍କ ପାଇଁ ଏକ ବିଦାୟକାଳୀନ ପାର୍ଟିର ଆୟୋଜନ ହେଲା । ଏ ପାର୍ଟି ଆୟୋଜନ କରିଥିଲେ ମାଡ୍ରାସୀ ଏବଂ ଗୁଜୁରାଟି ଭାରତୀୟ । ନାତାଲରେ ମୋହନଙ୍କ କାମ ପାଇଁ ଏଇ ଭାରତୀୟମାନେ ତାଙ୍କୁ ଶାଲ ଏବଂ ମେଡ଼ାଲ ଉପହାର ଦେଲେ । ଉପସ୍ଥିତ ଲୋକଙ୍କ ଭିତରୁ କେତେକ ଭାଷଣ ଦେଲେ । ସଂଗୀତ ବୋଲା ହେଲା । ବିଦାୟ ଉତ୍ସବ ଖୁବ୍ ଜୀବନ୍ତ ହୋଇଗଲା ।

ଏହାର ଠିକ୍ ପରଦିନ ଅର୍ଥାତ୍ ଜୁନ୍ ୫ ତାରିଖରେ ମୋହନଦାସ ଭାରତ ଆସିଲେ । ଜାହାଜ ପାଖରେ ବିଦାୟ ଦେବାକୁ ପ୍ରାୟ ୫୦୦ ଭାରତୀୟ ରୁଣ୍ଡ ହୋଇଥିଲେ । ରାସ୍ତା ସାରା 'ଗାନ୍ଧୀ ଭାଇ କୀ ଜୟ'ର ସ୍ଲୋଗାନ୍ ଶୁଭୁଥିଲା ।

ପୂର୍ବ ଆଫ୍ରିକାର ବନ୍ଦର 'ଲରେଂନ୍ସ' ଏବଂ 'ମାର୍କଉଇସ୍'ରେ ମୋହନଙ୍କ ଜାହାଜ କିଛି ସମୟ ପାଇଁ ରହିଲା । ସେଠାରେ ବି ଭାରତୀୟମାନେ ବିଦାୟ ଦେବାକୁ ଜାହାଜ

Digitized by PPRACHIN, SOA

ପାଖକୁ ଆସିଥିଲେ । ପର୍ତ୍ତୁଗୀଜ ବନ୍ଦର ପାଖରେ ଥିବା ଭାରତୀୟଙ୍କୁ ଏଥିପାଇଁ ରୁସ୍ତମଜୀ ଟେଲିଗ୍ରାମ୍ କରି ଦେଇଥିଲେ- "ବାରିଷ୍ଟର ଗାନ୍ଧୀ ଆଜି ଭାରତ ଯାଉଛନ୍ତି । ଜାହାଜ ପାଖକୁ ଯାଇ ତାଙ୍କୁ ସମ୍ମାନ ଦିଅ" ।

ଜାହାଜ ଯାତ୍ରା ମୋହନଙ୍କ ପାଇଁ ନୂଆ ନଥିଲା । ଦୀର୍ଘ ୩ ସପ୍ତାହ ଜାହାଜରେ ବେଶ୍ ଭଲ କଟିଲା ମୋହନଙ୍କର । ଜାହାଜରେ ସେ ନିଜେ ନିଜେ ଉର୍ଦ୍ଦୁ ଶିଖିଲେ । ତାମିଲ ଶିଖିଲେ । ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟ ପ୍ରସଙ୍ଗ ପ୍ରଚାର କରିବାକୁ ଏକ ପାମ୍ପଲେଟ୍ ପ୍ରସ୍ତୁତ କରିଦେଲେ । ଦକ୍ଷିଣ ଆଫ୍ରିକାର ଅନୁଭୂତିକୁ ଭାରତରେ କହିବା ଏହା ମଧ୍ୟ ଥିଲା ମୋହନଙ୍କ ଭାରତ ଆସିବାର ଅନ୍ୟ ଏକ ଉଦ୍ଦେଶ୍ୟ ।

ଦୀର୍ଘ ୨୪ ଦିନ ଯାତ୍ରା ପରେ ଜାହାଜ ପହଞ୍ଚିଲା କଲିକତାରେ । କଲିକତାରୁ ଟ୍ରେନ୍‌ରେ ମୋହନ ବାହାରି ପଡ଼ିଲେ ବମ୍ବେକୁ । ବମ୍ବେରୁ ସେ ରାଜକୋଟ ଯିବେ । ରାଜକୋଟରେ ତାଙ୍କର ପରିବାର ରହୁଥିଲେ । ଗାଡ଼ୀ ଆହ୍ଲାବାଦରେ ରହିଲେ । ଏଠାରେ ଟ୍ରେନ୍‌ର ଦୀର୍ଘ ୪୫ ମିନିଟର ରହଣି ଥିଲା । ରାତି ହୋଇଯାଇଥିଲା । ଏତେ ସମୟର ହଲ୍ଟ ଦେଖି ମୋହନ ନିଜ ପାଇଁ ଔଷଧ କିଣିବାକୁ ଟାଉନ ଭିତରକୁ ଚାଲିଗଲେ । ଦୋକାନୀ ନିଦରୁ ଉଠି ତାଙ୍କୁ ଔଷଧ ଦେବାରେ ବିଳମ୍ବ କଲା । ଟ୍ରେନ୍ କିନ୍ତୁ ଅପେକ୍ଷା କଲାନି । ମୋହନଙ୍କ ଲଗେଜକୁ ଅଲଗା ରଖିଦେଲେ ଷ୍ଟେସନ ମାଷ୍ଟର । ରାତିରେ ମୋହନଦାସ ପ୍ଲାଟଫର୍ମରେ ରହିଲେ ।

ପରଦିନ ମୋହନ ଦୈନିକ ଇଂରାଜୀ ଖବର କାଗଜ 'ପାଓନିୟର'ର ସଂପାଦକଙ୍କୁ ସାକ୍ଷାତ କଲେ । ସେତେବେଳେ ପାଓନିୟରର ସଂପାଦକ ଥିଲେ ମିଷ୍ଟର 'ଚେଜନୀ' । ପାଓନିୟର ଖବର କାଗଜ ଲୋକ ବିରୋଧି ଏବଂ ସରକାରୀ ସମର୍ଥକ ବୋଲି ମୋହନ ଶୁଣିଥିଲେ । ପ୍ରଥମ ସାକ୍ଷାତରେ ଚେଜନୀ ସାହେବ ପ୍ରତିଶ୍ରୁତି ଦେଲେ- "ତୁମେ ଯାହା ପଠାଇବ, ମୁଁ ତାକୁ ପରୀକ୍ଷା କରି ଦେଖିବି ଏବଂ ଉପଯୁକ୍ତ ହେଲେ ଛାପିବି । ଔପନିବେଶିକ ସ୍ୱାର୍ଥ ପ୍ରତି ବି ଦୃଷ୍ଟି ଦେବି" ।

ପାଓନିୟର ସଂପାଦକଙ୍କ ମନ୍ତବ୍ୟରେ ମୋହନ ଖୁସି ହେଲେ । ପରବର୍ତ୍ତୀ ସମୟରେ ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ଦୁର୍ଦ୍ଦଶା କଥା ପ୍ରଥମେ ପାଓନିୟର ହିଁ ଛାପିଥିଲା ଏବଂ ପାଓନିୟରରେ ପ୍ରକାଶିତ ଲେଖା ଦକ୍ଷିଣ ଆଫ୍ରିକାରେ ଏକ ଝଡ଼ ସୃଷ୍ଟି କରି ଦେଇଥିଲା ।

ବମ୍ବେରେ ନରହି ମୋହନ ସଙ୍ଗେ ସଙ୍ଗେ ରାଜକୋଟ ଚାଲିଗଲେ । ଘରେ ପହଞ୍ଚିଲେ । ଦୂରରେ ଛିଡ଼ା ହୋଇ 'ବାପୁ'ଙ୍କୁ ଦେଖୁଥିଲେ ହରିଲାଲ ଏବଂ ମଣିଲାଲ । କସ୍ତୁରବା ବି ଦେଖୁଥିଲେ ମୋହନଙ୍କୁ । ଘରେ ଖୁସିର ପରିବେଶ । ଟିକିଏ ମିଶିବା ପରେ

Digitized by PPRACHIN, SOA

କସ୍ତୁରବା ପଚାରି ବୁଝୁଥିଲେ, "କେମିତି ରହୁଥିଲ, କ'ଣ ଖାଉଥିଲ । ଭାରତୀୟଙ୍କ ଅବସ୍ଥା ସେଠି କ'ଣ ଭଲ ନାହିଁ ?" ମୋହନଙ୍କର ଉତ୍ତର ସଂକ୍ଷିପ୍ତ ଥିଲା ।

ଘରେ ବେଶି ସମୟ କାଟିବାକୁ ସମୟ ନଥିଲା ମୋହନଙ୍କର । ଦକ୍ଷିଣ ଆଫ୍ରିକାରେ ଭାରତୀୟ ଅବସ୍ଥା ନେଇ ଜାହାଜରେ ସେ ଯେଉଁ ପାମ୍ଫଲେଟ୍ ପ୍ରସ୍ତୁତ କରିଥିଲେ, ମୋହନ ତାକୁ ଘରେ ପୂର୍ଣ୍ଣାଙ୍ଗ କରି ଲେଖିଲେ । ପାମ୍ଫଲେଟ୍‌ର ଶିରୋନାମା ଥିଲା, "ଦକ୍ଷିଣ ଆଫ୍ରିକାରେ ବ୍ରିଟିଶ ଭାରତୀୟଙ୍କ ଦୁଃଖ" । 'ଗ୍ରିଭାନ୍‌ସେସ୍ ଅଫ୍ ଦି ବ୍ରିଟିଶ ଇଣ୍ଡିଆନ୍ସ ଇନ୍ ସାଉଥ୍ ଆଫ୍ରିକା' । ଏହାଥିଲା ୫୦ ପୃଷ୍ଠାର ପାମ୍ଫଲେଟ୍ । ମୋହନଦାସ ଏହାର ଦଶ ହଜାର କପି ପ୍ରକାଶ କଲେ । ପାମ୍ଫଲେଟର କଭର ଥିଲା ସବୁଜ । ସେଇଥି ପାଇଁ ଏହାର ଚିହ୍ନା ନାଁ ଥିଲା ଗ୍ରୀନ୍ ପାମ୍ଫଲେଟ୍ । ସାହିର ଛୋଟ ପିଲାଙ୍କୁ ଧରି ମୋହନ ଏ ପାମ୍ଫଲେଟ୍ ବାଣ୍ଟିଲେ । ଭାରତର ସବୁ ଖବର କାଗଜର ସଂପାଦକ ଏବଂ ବଡ଼ ବଡ଼ ରାଜନେତାଙ୍କୁ ପାଖକୁ ଏ ପାମ୍ଫଲେଟର କପି ପଠାଗଲା । ବମ୍ବେର ଓକିଲ ସାର୍ ଫିରୋଜ ଶାହା ମେହେଟ୍ଟା, ପୁନାର ବାଲ୍ ଗଙ୍ଗାଧର ତିଲକ ଏବଂ ଗୋପାଳକୃଷ୍ଣ ଗୋଖଲେଙ୍କୁ ମଧ୍ୟ ଦିଆଗଲା ।

ମୋହନ ଠିକ୍ କଲେ, ସେ ଭାରତସାରା ବୁଲି ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟଙ୍କ ଦୁର୍ଦ୍ଦଶା କଥା ଏଠି ଲୋକଙ୍କୁ କହିବେ । ସେ ବମ୍ବେ, ପୁନା, ମାଡ୍ରାସ, କଲିକତା ଗଲେ ଏବଂ ମିଟିଂ କଲେ । ଗ୍ରୀନ୍ ପାମ୍ଫଲେଟ୍‌ରେ ଲେଖାଥିବା ତଥ୍ୟକୁ ସେ ବ୍ୟକ୍ତିଗତ ଭାବେ ଲୋକଙ୍କୁ ବୁଝାଇଲେ । ପ୍ରଥମେ ପ୍ରଥମେ ମୋହନଦାସ ଟିକିଏ ଡ଼ରି ଯାଇଥିଲେ । ନର୍ଭସ ଥିଲେ । ବମ୍ବେର ବିଶିଷ୍ଟ ଓକିଲ ସାର୍ ଫିରୋଜଶାହା ମେହେଟ୍ଟାଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ମୋହନଦାସ ଏତେ ଡ଼ରିଯାଇଥିଲେ ଯେ ନିଜ ହାତଲେଖା ଭାଷଣକୁ ପଢ଼ିପାରି ନଥିଲେ । ସେଠାରେ ଉପସ୍ଥିତ ଥିବା ପାର୍ଶି ନେତା ଡ଼ି. ଆଇ. ୱାଚ୍ଛ ତାହାକୁ ପାଠ କରିଥିଲେ । ୱାଚ୍ଛଙ୍କ ଗମ୍ଭୀର ସ୍ୱରରେ ଖୁବ୍ ଚମତ୍କାର ଲାଗିଲା ମୋହନ ଲେଖା ଭାଷଣ ।

ସମୟକ୍ରମେ ମୋହନଙ୍କ ଡ଼ର ଭାବ ଭାରତରେ କମି ଯାଇଥିଲା । ମୋହନ କହୁଥିଲେ- "ଦାବି ହାସଲ ପାଇଁ ଆମେ ଦକ୍ଷିଣ ଆଫ୍ରିକାରେ ଟଲଷ୍ଟୟଙ୍କ ମତକୁ ଆଧାର କରିଛୁ । ଅନ୍ୟର ଘୃଣାକୁ ଆମେ ପ୍ରେମରେ ଜିତିବୁ ।" ମୋହନଙ୍କ ଏ ପ୍ରଚାରକୁ ଭାରତରେ ଦି ହିନ୍ଦୁ, ଷ୍ଟେଟ୍‌ସମ୍ୟାନ, ଦି ଟେଲିଗ୍ରାଫ, ଅମୃତବଜାର ପତ୍ରିକା ଏବଂ ପାଓନିୟର ପ୍ରଚାର କଲେ । ଦକ୍ଷିଣ ଆଫ୍ରିକା ସଂପର୍କରେ ଅନେକ କଥା ଖୁବ୍ କମ୍ ଭାରତୀୟଙ୍କୁ ସେବେ ଜଣାଥିଲା ।

Digitized by PPRACHIN, SOA

ଯୁବ ବାରିଷ୍ଟର ମୋହନଦାସଙ୍କ ଖ୍ୟାତି ବହୁତ ବଢ଼ି ଯାଇଥିଲା ଭାରତରେ । ସାର୍ ଫିରୋଜଶାହା ମେହେଟ୍ଟା, ଗୋପାଳକୃଷ୍ଣ ଗୋଖଲେ, ବାଲ୍ ଗଙ୍ଗାଧର ତିଲକ, ଡ଼ି.ଆଇ. ଓ୍ୱାଛ ଏବଂ ଭାରତର ବିଭିନ୍ନ ଖବର କାଗଜ ସଂପାଦକଙ୍କ ସହ ସାକ୍ଷାତ ଏବଂ ଦକ୍ଷିଣ ଆଫ୍ରିକାରେ ଭାରତୀୟ ପ୍ରସଙ୍ଗକୁ ସମ୍ମାନ ଦେଇ ପ୍ରଚାର କରିବାର ସେମାନଙ୍କର ପ୍ରତିଶ୍ରୁତି ମୋହନଙ୍କ ଆତ୍ମବିଶ୍ୱାସକୁ ଆହୁରି ଦୃଢ଼ କରି ଦେଇଥିଲା ।

ଆଉ କିଛିଦିନ ଭାରତରେ ରହିବାକୁ ଚାହୁଁଥିଲେ ମୋହନଦାସ । ନାତାଲରୁ ଟେଲିଗ୍ରାମ୍ ଆସିଲା- 'ଶୀଘ୍ର ଫେରିଆସ । ନାତାଲରେ ଭାରତୀୟଙ୍କ ବିରୁଦ୍ଧରେ ଅଶାନ୍ତି ତୀବ୍ରତର ହେଉଛି' ।

ଋଷ୍ ଲେଖକ ଲିଓ ଟଲଷ୍ଟୟ

Digitized by PPRACHIN, SOA

୧୭

ନାତାଲରେ ଆକ୍ରମଣ

ଦାଦା ଅବଦୁଲାଙ୍କ ଠାରୁ ଟେଲିଗ୍ରାମ୍ ପାଇ ଦକ୍ଷିଣ ଆଫ୍ରିକା ଯିବାକୁ ମୋହନଦାସ ବ୍ୟସ୍ତ ହୋଇପଡ଼ିଲେ । କଲିକତାରେ ମିଟିଂ ଶେଷ ହେବା ପରେ ଦାଦା ଅବଦୁଲାଙ୍କ ଏଜେଣ୍ଟଙ୍କୁ ମୋହନ ଜଣାଇ ଦେଲେ, 'ମୁଁ ଏବଂ ମୋ ପରିବାର ପାଇଁ ଯେତେଶୀଘ୍ର ପାରୁଛ, ଜାହାଜରେ ଟିକେଟ କିଣିଦିଅ' ।

'କୁରଲ୍ୟାଣ୍ଡ' ନାମକ ଜାହାଜରେ ଗାନ୍ଧୀ ଏବଂ ତାଙ୍କ ପରିବାର ନିମନ୍ତେ ବ୍ୟବସ୍ଥା ହେଲା । କୁରଲ୍ୟାଣ୍ଡ ଥିଲା ଦାଦା ଅବଦୁଲାଙ୍କର ନୂଆ ଏକ ଜାହାଜ । ସେ ତାକୁ କିଣିଥିଲେ । ନିଜ ନୂଆ ଜାହାଜରେ ଯିବାକୁ ଅବଦୁଲାଙ୍କ ଅନୁରୋଧ ଥିଲା ମୋହନଙ୍କୁ । ମୋହନଙ୍କ ପାଇଁ ମାଗଣା ଟିକେଟର ବନ୍ଦୋବସ୍ତ ହୋଇଗଲା ।

ମୋହନଙ୍କ ସହ ଏଥର ତାଙ୍କ ପରିବାରର ଆଉ ଚାରିଜଣ ନାତାଲ ଯାଉଥିଲେ । ସେ ଥିଲେ ସ୍ତ୍ରୀ କସ୍ତୁରବା, ଦୁଇପୁଅ ହରିଲାଲ ଓ ମଣିଲାଲ ଏବଂ ଭଣଜା ଗୋକୁଳଦାସ । ଗୋକୁଳଦାସ ଥିଲେ ବଡ଼ ଭଉଣୀ ରାଲିଏତ୍‌ଙ୍କର ପୁଅ । ଭିଣୋଇଙ୍କର ମୃତ୍ୟୁ ପରେ ଭଣଜାର ଦେଖାଶୁଣା କଥା ମୋହନ ବୁଝୁଥିଲେ । ଗୋକୁଳଦାସ ହରିଲାଲ ଠାରୁ ବର୍ଷେ ବଡ଼ ଥିଲେ ।

ରାଜକୋଟ ଛାଡ଼ି କସ୍ତୁରବା କେବେ ପୂର୍ବରୁ ବାହାରକୁ ଯାଇ ନଥିଲେ । ମୋହନ ଚିନ୍ତାକଲେ ୟୁରୋପୀୟ ପୋଷାକରେ କସ୍ତୁରବା ଦକ୍ଷିଣ ଆଫ୍ରିକା ଯିବେ । ବଡ଼ ସ୍କାର୍ଟ ପିନ୍ଧିବେ । ମୁଣ୍ଡରେ ବଡ଼ ଟୋପି । ପିଲାମାନେ ବି ଜୋତା ଏବଂ ମୋଜା ପିନ୍ଧିବେ । ସମସ୍ତ ୟୁରୋପୀୟ ଟେବଲ ଚଳଣି ଶିଖିବେ ।

କସ୍ତୁରବାଙ୍କୁ ପଶ୍ଚିମା ସଂସ୍କୃତି ଢାଞ୍ଚାରେ ରଖିବାକୁ ମୋହନଦାସ ଆଗରୁ ବହୁଥର ଚେଷ୍ଟା କରିଥିଲେ । ସେଥିରେ ସେ ସଫଳ ହୋଇ ନଥିଲେ ।

ୟୁରୋପୀୟ ପୋଷାକରେ କସ୍ତୁରବାଙ୍କୁ ଦକ୍ଷିଣ ଆଫ୍ରିକା ନେଇଯିବାକୁ ମୋହନଙ୍କୁ

Digitized by PPRACHIN, SOA

ନିଜକୁ କେମିତି କାହିଁକି ଅଡୁଆ ବି ଲାଗିଲା । ତାଙ୍କର ସନ୍ଦେହ ହେଲା, ଦକ୍ଷିଣ ଆଫ୍ରିକାରେ ଭାରତୀୟମାନେ କସ୍ତୁରବାଙ୍କର ଏପରି ପୋଷାକକୁ ପସନ୍ଦ ନକରି ପାରନ୍ତି । ସେଠା ଭାରତୀୟମାନେ ସାଧାରଣତଃ ନିଜ ସ୍ତ୍ରୀ ନେଇ ଭାରି ରକ୍ଷଣଶୀଳ । ବହୁତ କମ୍ ଲୋକ ନିଜ ସ୍ତ୍ରୀମାନଙ୍କୁ ବାହାରକୁ ଛାଡ଼ନ୍ତି ।

କସ୍ତୁରବାଙ୍କୁ ୟୁରୋପୀୟ ପୋଷାକ ପିନ୍ଧେଇ ଅଯଥା ବିବାଦ ଏବଂ କ୍ରୋଧ ଆଣିବାକୁ ମୋହନ ପସନ୍ଦ କଲେନି । ସେ ତେଣୁ ନିଜେ ଠିକ୍ କଲେ, କସ୍ତୁରବା ପାର୍ଶି ପୋଷାକରେ ଦକ୍ଷିଣ ଆଫ୍ରିକା ଯିବେ । ପାର୍ଶି ପୋଷାକକୁ ଭାରତରେ ସେବେ ଆଧୁନିକ ଫେସନ ଭାବେ ଗଣାଯାଉଥିଲା । ପିଲାମାନେ ଜୋତା ଏବଂ ମୋଜା ପିନ୍ଧିବେ ବୋଲି ମୋହନ ଜିଦ୍ ଧରିଲେ । ଟାଇଟ୍ ଜୋତା ଯୋଗୁଁ ପିଲାଏ କାନ୍ଦୁଥିଲେ ବି ବାପୁଙ୍କ ନିର୍ଦ୍ଦେଶ ଥିଲା, ପିଲାଏ ଜୋତା ମୋଜା ନପିନ୍ଧିଲେ ତାଙ୍କ ସହ ଦକ୍ଷିଣ ଆଫ୍ରିକା ଯାଇ ପାରିବେ ନାହିଁ ।

୧୮୯୬ ମସିହା ଡ଼ିସେମ୍ବର ମାସ ପ୍ରଥମ ସପ୍ତାହାରେ 'କୁରଲ୍ୟାଣ୍ଡ' ବମ୍ବେ ଛାଡ଼ିଲା । ଜାହାଜରେ ଛ'ଶହ ଯାତ୍ରୀ ଥିଲେ । ବମ୍ବେ ଛାଡ଼ିଲା ବେଳେ ବମ୍ବେ ଆଖ ପାଖରେ ପ୍ଲେଗ୍ ରୋଗ ବ୍ୟାପିଥିଲା । ପ୍ଲେଗର ତେଣୁ ଭୟ ଥିଲା ଜାହାଜରେ । ସମୁଦ୍ରରେ ଭୟଙ୍କର ଝଡ଼କୁ ଅତିକ୍ରମ କରି ଜାହାଜ ଡ଼ର୍ବାନ୍‌ରେ ପହଞ୍ଚିଲା ୧୮୯୬ ମସିହା ଡ଼ିସେମ୍ବର ମାସ ୧୮ ତାରିଖରେ ।

ଗାନ୍ଧୀଙ୍କ ଅନୁପସ୍ଥିତିରେ ମୋହନଦାସଗାନ୍ଧୀ ଏବଂ ଭାରତୀୟଙ୍କ ବିରୁଦ୍ଧରେ ଗୋରା ଜନ ଅସନ୍ତୋସ ନାତାଲରେ ବଢ଼ି ଯାଇଥିଲା । ଭାରତରେ ବଣ୍ଟା ଯାଇଥିବା ସବୁଜ ପାମ୍ପଲେଟ୍ ସଂପର୍କରେ ରଏଟର ସଂବାଦ ସମଗ୍ର ଦକ୍ଷିଣ ଆଫ୍ରିକାରେ ଚର୍ଚ୍ଚା ସୃଷ୍ଟି କରିଥିଲା । ଗୋରାମାନେ ମୋହନଙ୍କୁ ବ୍ଲାକ୍ ଭର୍ମିନ୍ ବା କଳା ବିଷ ବୋଲି ସଂବୋଧନ କରୁଥିଲେ । ନାତାଲର ବିଭିନ୍ନ ଯାଗାରେ ଗାନ୍ଧୀଙ୍କ ବିରୁଦ୍ଧରେ ଗୋରାମାନେ ସଭା କରିଥିଲେ । ମିଷ୍ଟର ଗାନ୍ଧୀ ଯେ ଜାହାଜରେ ଭାରତୀୟଙ୍କୁ ନାତାଲ ଦଖଲ କରିବାକୁ ଆଣୁଛନ୍ତି, ଏପରି ସଂବାଦ ପ୍ରକାଶ ପାଉଥିଲା । କୁରଲ୍ୟାଣ୍ଡରେ ଆସୁଥିବା ଯାତ୍ରୀମାନଙ୍କର କିଛି କାଳ୍ପନିକ ସଂଖ୍ୟା ଦିଆଯାଉଥିଲା । କୁହାଯାଉଥିଲା, ଗାନ୍ଧୀ ଖବର କାଗଜ ଛପାଇବା ପାଇଁ କଂପୋଜିଟର ଏବଂ ଟେକନିସିଆନ୍ ନେଇ ଆସୁଛନ୍ତି । ପ୍ରକୃତରେ ଜାହାଜରେ ନାତାଲକୁ ଯେଉଁ ଭାରତୀୟମାନେ ଆସୁଥିଲେ ସେମାନଙ୍କ ଭିତରୁ ଅଧିକାଂଶ ନାତାଲର ପୁରୁଣା ଅଧିବାସୀ ଥିଲେ । ସେମାନଙ୍କର ପରିବାର ଲୋକ ସାଙ୍ଗରେ ଥିଲେ ।

ନାତାଲରେ ଗୋରାଙ୍କ କ୍ରୋଧ ବଢୁଥିଲା । ଗାନ୍ଧୀ ବିରୋଧୀ ଗୋଷ୍ଠୀ ଜାହାଜରୁ

Digitized by PPRACHIN, SOA

ଗାନ୍ଧୀ ଏବଂ ଭାରତୀୟ ଯାତ୍ରୀଙ୍କୁ ଓହ୍ଲାଇ ନଦେବାକୁ ଯୋଜନା କଲେ । ଯଦି ଦରକାର ହୁଏ ଗାନ୍ଧୀ ଉପରେ ଦୈହିକ ଆକ୍ରମଣ ପାଇଁ ସେମାନେ ପ୍ରସ୍ତୁତ ଥିଲେ । ନାତାଲର ତତ୍‌କାଳୀନ ଆଟର୍ଣ୍ଣି ଜେନେରାଲ ଏବଂ ରକ୍ଷାମନ୍ତ୍ରୀ ହାରି ଏସ୍କମ୍ବେ ଗୋରା ଆନ୍ଦୋଳନକାରୀଙ୍କୁ ଭରସା ମଧ୍ୟ ଦେଇଦେଲେ, ଗାନ୍ଧୀଙ୍କ ବିରୁଦ୍ଧରେ ଆନ୍ଦୋଳନ କର୍ତ୍ତାଙ୍କ ପ୍ରତି କିଛି କାର୍ଯ୍ୟାନୁଷ୍ଠାନ ହେବ ନାହିଁ ।

ଗାନ୍ଧୀଙ୍କ ବିରୁଦ୍ଧରେ ଅଭିଯୋଗ ଥିଲା, ନାତାଲରେ ଏ ପର୍ଯ୍ୟନ୍ତ ଅଶିକ୍ଷିତ ଶ୍ରମିକମାନେ କାମ କରୁଥିଲେ । ଦକ୍ଷିଣ ଆଫ୍ରିକୀୟମାନେ ତାଙ୍କୁ ସହ୍ୟ କରୁଥିଲେ । କିନ୍ତୁ କୁଶଳୀ କାରିଗରଙ୍କୁ ନେଇ ଭାରତରୁ ଜାହାଜ ଆସିବାକୁ ଗୋରାମାନେ ସହ୍ୟ କରିପାରୁନଥିଲେ । ନାତାଲର ଟୋଙ୍ଗଟ ଚିନି କଳ କୁଶଳୀ କାରିଗର ପାଇଁ ବିଜ୍ଞାପନ ଦେଇଥିଲା ।

କୁରଲ୍ୟାଣ୍ଡ ଜାହାଜ ଭାରତୀୟ ଯାତ୍ରୀଙ୍କୁ ଧରି ଦର୍ବାନ୍ ବନ୍ଦରରେ ରହିଲା । ପ୍ଲେଗ୍ ଯୋଗୁଁ କାଳେ ସଂକ୍ରମଣ ଥିବ ଜାହାଜକୁ କ୍ୱାରାଣ୍ଟାଇନରେ ରଖାଗଲା । ଶୋଧ ହେବାକୁ ନିଷେଧାଜ୍ଞା ଜାରିହେଲା । ବନ୍ଦର ବାହାରେ ଆନ୍ଦୋଳନକାରୀମାନେ ସେମିତି ଆଡ୍ଡା ଜମାଇ ରହିଥିଲେ । ଜାହାଜର କ୍ୟାପଟେନ୍ ଲୋକଙ୍କୁ ଓହ୍ଲାଇ ଦେବାକୁ ଅନୁମତି ଦେଲେନି । ନାତାଲ ଗୋରାଙ୍କ ଏକା ଜିଦ୍, ଜାହାଜ ଫେରିଯାଉ । ସମସ୍ତ ଫେରନ୍ତା ଖର୍ଚ୍ଚ ନାତାଲ ଗୋରାମାନେ ବହନ କରିବେ ।

ପ୍ରାୟ ତିନି ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ଜାହାଜ ଅଟକି ରହିଲା ଦର୍ବାନ ବନ୍ଦରରେ । ୧୮୯୭ ମସିହା ଜାନୁୟାରୀ ୧୩ ତାରିଖରେ ଜାହାଜରୁ ଓହ୍ଲାଇବାକୁ ଯାତ୍ରୀମାନଙ୍କ ପାଇଁ ଅନୁମତି ଆସିଲା । ସେ ଅନୁମତିରେ କିନ୍ତୁ ଗୋଟିଏ ସର୍ତ୍ତ ଥିଲା ଯେ, ମୋହନଦାସ ଗାନ୍ଧୀ ସଂଧ୍ୟା ହେଲେ ଜାହାଜରୁ ବାହାରକୁ ଆସିବେ । ଆନ୍ଦୋଳନକାରୀମାନେ ଯେପରି ତାଙ୍କୁ ନଦେଖି ପାରନ୍ତି, ସେ ଦୃଷ୍ଟି ଦେବେ । ଏଇ ସର୍ତ୍ତ କଥା ଏସ୍କମ୍ବେଙ୍କର ଜଣେ ଦୂତ ଆଣି ମୋହନଙ୍କୁ ଦେଲେ । ମୋହନଦାସ ଏଥିରେ ବି ରାଜି ହେଲେ ।

ଦୂତଙ୍କ ସହ ମୋହନଙ୍କର ଇଂରାଜୀରେ କଥା ବାର୍ତ୍ତାକୁ କସ୍ତୁରବା ବୁଝି ପାରୁନଥିଲେ । କିନ୍ତୁ ଅଟକି ରହିବାର କାରଣ ସେ ବୁଝୁଥିଲେ । ମୋହନ କସ୍ତୁରବାଙ୍କୁ କହିଦେଲେ, "ତୁମେ ପିଲାଙ୍କୁ ଧରି ସୋରାବ୍‌ଜୀ ସେଠ୍‌ଙ୍କ ସହ ଆଗ ଯାଅ । ରୁସ୍ତମଜୀଙ୍କ ଘରେ ଥିବ । ମୁଁ ପଛରେ ଯାଉଛି" ।

କସ୍ତୁରବା ଏକଥା ଶୁଣି କାନ୍ଦିଲେ । ମୋହନଙ୍କୁ ଏକୁଟିଆ ଛାଡ଼ି ଯିବାକୁ ସେ ମୋଟେ ରାଜି ନଥିଲେ । କାଳେ ଯଦି ମୋହନଙ୍କର କିଛି ହୋଇଯାଏ, ଦକ୍ଷିଣ ଆଫ୍ରିକାରେ

Digitized by PPRACHIN, SOA

ତାଙ୍କର ଆଉ ବା କିଏ ଅଛି ?

ମୋହନଦାସ ସଂଧାରେ ଲୁଚି ଲୁଚି ଯିବାକୁ ଦାଦା ଅବଦୁଲା ପସନ୍ଦ କେଲେନି । ନିଜ ଓକିଲ, ମିଷ୍ଟର ଲାଫ୍‌ଟନ୍‌ଙ୍କ ଦ୍ୱାରା ସେ ଖବର ଦେଲେ- ଗାନ୍ଧୀ ଚୋର ପରି ଲୁଚି ଲୁଚି ଅନ୍ଧାରରେ ଆସନ୍ତୁ ନାହିଁ । ମର୍ଯ୍ୟାଦାର ସହ ଆସନ୍ତୁ ।

ମୋହନ ଦାଦା ଅବଦୁଲାଙ୍କ କଥା ମାନିଲେ । ଓକିଲ ବନ୍ଧୁ ଲାଫ୍‌ଟନ୍‌ଙ୍କ ସହ ସେ ଜାହାଜରୁ ବାହାରକୁ ଆସିଲେ । ରାସ୍ତାରେ ଅପେକ୍ଷା କରିଥିବା କିଛି ଗୁଣ୍ଡା ଯୁବକ ମୋହନଙ୍କ ଉପରେ ଆକ୍ରମଣ କଲେ । ପଥର ଫିଙ୍ଗିଲେ । ଅଣ୍ଡାମାଡ଼ କଲେ । ବିଧା ଗୋଇଠା ମାରିଲେ । ମୋହନ ରିକ୍ସାର ବାଡ଼ ଧରି ନିଜକୁ ରକ୍ଷା କରିନେଲେ । ଶେଷରେ ସମ୍ଭାଳି ନପାରି ତଳେ ପଡ଼ିଗଲେ ମୋହନଦାସ । ଚାରିଦିଗ ତାଙ୍କୁ ଅନ୍ଧାର ଦେଖାଯାଉଥିଲା । ପ୍ରାୟ ଚେତାଶୂନ୍ୟ ସେ ହୋଇ ଯାଇଥିଲେ । ଚେତାଫେରି ସେ ଦେଖିଲେ, ତାଙ୍କ ପାଖରେ ଜଣେ ମହିଳା ବସି ତାଙ୍କୁ ସୁରକ୍ଷା ଦେଉଛନ୍ତି । ନିଜ ଛତାଟାଣି ତାଙ୍କ ଉପରେ ଧରି ରଖିଛନ୍ତି । ସେ ମହିଳା ଜଣଙ୍କ ଅନ୍ୟ କେହି ନଥିଲେ, ସେ ଥିଲେ ସ୍ଥାନୀୟ ପୋଲିସ ସୁପରିଟେଣ୍ଡେଣ୍ଟ ମିଷ୍ଟର ଆଲେକ୍‌ଜାଣ୍ଡରଙ୍କ ସ୍ତ୍ରୀ ।

ପୋଲିସ ଏସ୍.ପି. ଆଲେକଜାଣ୍ଡର ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଗଲେ । ଲୋକଙ୍କୁ ବୁଝେଇ ଗାନ୍ଧୀଙ୍କୁ ସେଠାରୁ ଅନ୍ୟତ୍ର ନେଇଗଲେ । ସଂଧ୍ୟାବେଳେ ମୋହନ ନିଜ ଘରେ କସ୍ତୁରବାଙ୍କ ପାଖରେ ପହଞ୍ଚିଲେ । ମୋହନଙ୍କ ମୁହଁ ଏବଂ ଦେହସାରା ମାଡ଼ର ଚିହ୍ନ ଥିଲା । ନିଜ ସ୍ୱାମୀଙ୍କ ଏ ଅବସ୍ଥା ଦେଖୁଥିଲେ କସ୍ତୁରବା ।

ଗାନ୍ଧୀଙ୍କ ଉପରେ ଏପରି ବର୍ବୋରଚିତ ଆକ୍ରମଣ ନେଇ ସମଗ୍ର ଦକ୍ଷିଣ ଆଫ୍ରିକାରେ ଚର୍ଚ୍ଚା ଚାଲିଲା । ଖବର କାଗଜରେ ଏହାର ନିନ୍ଦା କରାଗଲା । ମୋହନଦାସଙ୍କର ସାକ୍ଷାତକାର ଏଥିରେ ଛପାଗଲା । ଗାନ୍ଧୀ ସ୍ପଷ୍ଟ କରିଦେଲେ, "ମୁଁ ଏଠାକୁ ଅର୍ଥ ରୋଜଗାର ପାଇଁ ଆସିନି । ମୁଁ କେବଳ ଏଠାରେ ଥିବା ଦୁଇ ସଂପ୍ରଦାୟ ଭିତରେ ବନ୍ଧୁତ୍ୱପୂର୍ଣ୍ଣ ଯୋଗସୂତ୍ର ସ୍ଥାପନ କରିବାକୁ ଆସିଛି । ମୁଁ ଏ ପ୍ରୟାସରେ ସେ ପର୍ଯ୍ୟନ୍ତ ରହିଥିବି, ଯେ ପର୍ଯ୍ୟନ୍ତ ଏ ଦୁଇ ସଂପ୍ରଦାୟ ମୋତେ ଚାହିଁବେ । ଯଦି କାହାର ଆପତ୍ତି ଆସିବ, ମୁଁ ଏ ପ୍ରୟାସରୁ ଓହରିଯିବି ।"

ଲଣ୍ଡନରେ ଉପନିବେଶର ପରରାଷ୍ଟ୍ର ସଚିବ, ମିଷ୍ଟର ଚାମ୍ବରଲିନ୍ ନାତାଲ ସରକାରଙ୍କୁ ଗାନ୍ଧୀ ଆକ୍ରମଣ ଘଟଣାର ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଲେ । ନାତାଲର ଆର୍ଟର୍ଣ୍ଣି ଜେନେରାଲ ମିଷ୍ଟର ଏସ୍କମ୍ବେ ମୋହନଦାସଙ୍କୁ ତାଙ୍କ ଚାମ୍ବରକୁ ଡ଼ାକିଲେ । ଦୋଷୀଙ୍କୁ ଚିହ୍ନଟ କରିବାକୁ ସେ ମୋହନଦାସଙ୍କୁ ଅନୁରୋଧ କଲେ । ଗାନ୍ଧୀଙ୍କର

Digitized by PPRACHIN, SOA

ସ୍ପଷ୍ଟ ଉତ୍ତର ଥିଲା, "ଦୋଷ ଆନ୍ଦୋଳନକାରୀଙ୍କର ନୁହେଁ, ଦୋଷ ହେଉଛି ୟୁରୋପୀୟ କମିଟିର । ଭାରତରେ ଗ୍ରୀନ୍ ପାମ୍ପଲେଟ୍ ଏବଂ ମୋର ସଭା ନେଇ ପରିବେଷିତ ଭାଷଣକୁ କମିଟି ଭଲ ଭାବେ ପରଖି ଦେଖିନାହାନ୍ତି । ମୋର ନାତାଲ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ଭଲ ହୋଇଥାଆନ୍ତା । ମୋର କିନ୍ତୁ କାହା ବିରୁଦ୍ଧରେ କିଛି ଅଭିଯୋଗ ନାହିଁ । ଏହା ଏକ ରାଜନୈତିକ ପ୍ରସଙ୍ଗ । ମୁଁ କେବଳ ରାଜନୈତିକ ସ୍ତରରେ ଏହାକୁ ହିଁ ମୁକାବିଲା କରିବି । ମୁଁ ନ୍ୟାୟାଳୟ ଯିବାକୁ ଚାହେଁନି" ।

ମିଷ୍ଟର ଏସ୍କମେ କିଛି କହିପାରିଲେ ନାହିଁ । ବାକ୍‌ଶୂନ୍ୟ ହୋଇଗଲେ । ଗାନ୍ଧୀଙ୍କୁ ସସମ୍ମାନେ ବାହାରକୁ ଆସି ଛାଡ଼ିଲେ ଏବଂ ନିଜେ ଚୌକୀ ଉପରେ ବସି ଯୁବକ ମୋହନଦାସଙ୍କର ଶକ୍ତିର ଅନ୍ତରାଳେ ରହସ୍ୟ କ'ଣ ତାହା ଖୋଜୁଥିଲେ ।

ଦର୍ବାନ୍‌ରେ ମୋହନଙ୍କ ଉପରେ ଦୈହିକ ଆକ୍ରମଣ ଥିଲା ଆଫ୍ରିକାରେ ଦ୍ୱିତୀୟ ଆକ୍ରମଣ । ପ୍ରଥମେ ୧୮୯୩ ମସିହାରେ ପ୍ରିଟୋରିଆ ଗଲା ବେଳେ ପିଟରମାରିଜ୍‌ବର୍ଗ ରେଳ ଷ୍ଟେସନରେ ଟ୍ରେନରେ ମୋହନଙ୍କ ଉପରେ ଆକ୍ରମଣ ହୋଇଥିଲା । ପ୍ରଥମ ଶ୍ରେଣୀ ବଗିରୁ ତାଙ୍କୁ ବାହାରକୁ ଫିଙ୍ଗି ଦିଆଯାଇଥିଲା । ସେତେବେଳେ ସେତେ ଦୈହିକ କ୍ଷତି ହୋଇନଥିଲା ମୋହନଙ୍କର । ନିଜକୁ ସେ ସମ୍ଭାଳି ନେଇଥିଲେ ଏବଂ ପୁଣି ସେ ଯାତ୍ରା କରିଥିଲେ । ପିଟରମାରିଜବର୍ଗର ଆକ୍ରମଣ ଥିଲା ଜଣେ ଆଫ୍ରିକୀୟର ବ୍ୟକ୍ତିଗତ ରଂଗଭେଦ ଭାବନାର ପରିଣତି । କିନ୍ତୁ ଡ଼ର୍ବାନ୍ ଆକ୍ରମଣ ଥିଲା ନାତାଲରେ ଥିବା ଗୋରାମାନଙ୍କର ସାମଗ୍ରିକ କ୍ରୋଧର ପ୍ରତିଫଳନ । ଦକ୍ଷିଣ ଆଫ୍ରିକାର ବର୍ଣ୍ଣ ରାଜନୀତି ମୋହନଙ୍କ ପାଇଁ ଥିଲା ଚାଲେଞ୍ଜ ।

❖ ❖ ❖

Digitized by PPRACHIN, SOA

୧୮

ଡର୍ବାନ୍‌ରେ ମୋହନଙ୍କ ପରିବାର

ଡର୍ବାନ୍‌ର ବିଚ୍ ଗ୍ରୋଭ ଷ୍ଟ୍ରିଟ୍‌ରେ ଯେଉଁ ଘରେ ମୋହନଦାସ ରହୁଥିଲେ ସେଇ ଘରେ ତାଙ୍କ ପରିବାର ରହିଲେ । ପୂର୍ବେ ମୋହନ ଏକାକୀ ରହୁଥିଲେ । ଏବେ ତାଙ୍କର ଏକ ବଡ଼ ପରିବାର । ମୋଟ ୫ଜଣଙ୍କୁ ନେଇ ଏ ପରିବାର । ସ୍ତ୍ରୀ, ଦୁଇପୁଅ, ଭଣଜା ଏବଂ ନିଜେ । ବିବାହର ପନ୍ଦର ବର୍ଷ ପରେ ମୋହନଙ୍କ ସହ ଏକାଠି ରହିବାର ସୁଯୋଗ ପାଇଥିଲେ କସ୍ତୁରବା । ରାଜକୋଟରେ କାବା ଗାନ୍ଧୀଙ୍କ ଯୌଥ ପରିବାରରେ ସେ ରହୁଥିଲେ । ଶଶୁରଙ୍କ ଦୁଇ ମହଲା ବଡ଼ ଘର । ଚାକର ଚାକରାଣୀ ଅନେକ ଥିଲେ । ୧୮୮୫ ମସିହାରେ କାବାଗାନ୍ଧୀଙ୍କ ମୃତ୍ୟୁ ପରେ ବି ଗାନ୍ଧୀ ପରିବାର ଏଇଠି ରହୁଥିଲେ ।

ରାଜକୋଟରେ ହରିଲାଲ୍ ଏବଂ ମଣିଲାଲ୍‌ଙ୍କ ପାଇଁ କିଛି ଅସୁବିଧା ନଥିଲା । ସେମାନେ ଏଠି ବଡ଼ବାପା, ଦାଦାପୁଅ ଭାଇମାନଙ୍କ ସହ ଖେଳୁଥିଲେ । ଏକାଠି ବସି ଖାଉଥିଲେ । ବାହାରକୁ ମଧ୍ୟ ଏଇ ମାନଙ୍କ ସହ ଯାଉଥିଲେ । ବିଚ୍ ଗ୍ରୋଭର ଭଡ଼ାଘରେ କିନ୍ତୁ ଏମାନଙ୍କ ସହ ଖେଳିବାକୁ କେହି ନଥିଲେ ।

ସକାଳ ହେଲେ ମୋହନଦାସ ନିଜ ଓକିଲାତି ଚାମ୍ବରକୁ ଚାଲିଯାଉଥିଲେ । ଚାମ୍ବର ଭଡ଼ାଘର ଠାରୁ ଟିକିଏ ଦୂରରେ ଥିଲା । ଘରେ କସ୍ତୁରବା ଏକାକୀ ରହୁଥିଲେ । କାହା ସହ କଥା ହେବାକୁ ତାଙ୍କର ସୁଯୋଗ ନଥିଲା । ଇଂରେଜୀ ଭାଷାରେ କଥା ହେବା କଥା ତାଙ୍କୁ ଜଣାନଥିଲା । ଗୁଜୁରାଟି ମୁସଲିମ୍‌ଙ୍କ ସହ କସ୍ତୁରବା କେବେ କଥା ହେଉ ନଥିଲେ । ଘର ପାଇଁ ବାହାରୁ କିଛି ଜିନିଷ କିଣି ଆଣିବାକୁ ଘରେ ଥିବା ପୁଅ ଚାକରକୁ ଅନୁରୋଧ କରୁଥିଲେ । ଘରେ ରହି ରୋଷେଇ କରିବା ଏବଂ ନିଜ ପିଲାଙ୍କ କଥା ବୁଝିବାରେ କସ୍ତୁରବାଙ୍କର ସମୟ କଟୁଥିଲା ।

ପାଠ ପଢ଼ିବା ପାଇଁ ବୟସ ହୋଇ ଯାଇଥିଲା ପୁଅ ହରିଲାଲ ଏବଂ ମଣିଲାଲଙ୍କର । ପିଲାଙ୍କ ପାଠପଢ଼ା କିନ୍ତୁ ଥିଲା ବଡ଼ ସମସ୍ୟା । ନାତାଲରେ ଭାରତୀୟଙ୍କ ପାଇଁ ଭଲ ସ୍କୁଲ

Digitized by PPRACHIN, SOA

ନଥିଲା । ଖ୍ରୀଷ୍ଟିଆନ୍ ମିସିନାରୀମାନେ ଭାରତୀୟ କୁଲି ଶ୍ରମିକଙ୍କ ପିଲାଙ୍କ ପାଇଁ କିଛି ସ୍କୁଲ ପ୍ରତିଷ୍ଠା କରିଥିଲେ । ନିଜ ପିଲାଙ୍କୁ କିନ୍ତୁ ସେଠି ପଢ଼ାଇବାକୁ ମୋହନ ଚାହୁଁ ନଥିଲେ । ଗୋରାମାନଙ୍କ ସ୍କୁଲରେ ଭାରତୀୟଙ୍କ ପିଲା ପଢ଼ିବା ଥିଲା ମନା । ଏପରିକି ଖ୍ରୀଷ୍ଟିଆନ୍ ଭାରତୀୟଙ୍କ ପିଲା ବି ସେଠାରେ ପଢ଼ିପାରୁ ନଥିଲେ । ରଂଗ ଭେଦକୁ ଆଧାର କରି ଗୋରା ସ୍କୁଲରେ ନାଁ ଲେଖା ହେଉଥିଲା ।

ମୋହନଦାସ ନିଜ ପିଲାଙ୍କୁ ଘରେ ପଢ଼େଇବା କଥା ଠିକ୍ କଲେ । ଇଂରାଜୀ ପଢ଼ାଇବା ପାଇଁ ସେ ଜଣେ ଶିକ୍ଷୟିତ୍ରୀ ଆଣିଲେ । ନିଜେ ଗୁଜୁରାଟି ଭାଷା ପଢ଼ାଇଲେ । ଏବଂ କସ୍ତୁରବାଙ୍କୁ ସଦାଚାର ଏବଂ ପୁରାଣ କଥା ପିଲାଙ୍କୁ କହିବାକୁ କହିଲେ ।

ଦର୍ବାନ୍‌ରେ ପରିବାର ବଢ଼ିଲା ମୋହନଙ୍କର । ୧୮୯୮ ମସିହାରେ ତାଙ୍କର ତୃତୀୟ ପୁତ୍ର ରାମଦାସଙ୍କର ଜନ୍ମ ହେଲା । ପ୍ରଥମ ଦୁଇଟି ପିଲା ଜନ୍ମ ହେବା ବେଳେ କସ୍ତୁରବାଙ୍କ ପ୍ରସବ କଥା ଘରେ ଅନ୍ୟ ସ୍ତ୍ରୀ ଲୋକମାନେ ବୁଝିଥିଲେ । କିନ୍ତୁ ଦର୍ବାନ୍‌ରେ ଏ ସୁଯୋଗ ନଥିଲା । ଦର୍ବାନ୍‌ରେ ତେଣୁ କସ୍ତୁରବାଙ୍କ ପାଇଁ ମୋହନ ହୋଇଗଲେ ଧାଇ, ଡ଼ାକ୍ତର, ସେବିକା । ନିଜେ ସ୍ତ୍ରୀ ରୋଗ ସଂପର୍କରେ ପଢ଼ିଲେ । ଔଷଧ ବହି ଆଣି ଔଷଧ ଦେବା ଶିଖିଲେ । ସେବା ଏବଂ ଚିକିତ୍ସା ସଂପର୍କରେ ପୂର୍ବରୁ କିଛି ଜ୍ଞାନ ବି ଥିଲା ମୋହନଦାସଙ୍କର । ଡ଼ର୍ବାନରେ ଥିବା ରେଭେରେଣ୍ଡ ଡ଼ାକ୍ତର ବୁଥ୍‌ଙ୍କ ଡ଼ାକ୍ତରଖାନାରେ କିଛିଦିନ ଧରି ସ୍ୱେଚ୍ଛାସେବୀ କାମ ମୋହନ କରୁଥିଲେ ।

ରାମଦାସଙ୍କ ଜନ୍ମର ଦୁଇବର୍ଷ ପରେ ଅର୍ଥାତ୍ ୧୯୦୦ ମସିହାରେ ମୋହନଙ୍କ ଚତୁର୍ଥ ସନ୍ତାନ ଦେବଦାସଙ୍କ ଜନ୍ମ ହେଲା । ଏଥର ପିଲାଜନ୍ମର ସମସ୍ତ ସେବା ଶୁଶ୍ରୂଷା ବିଷୟ ମୋହନ ନିଜେ ବୁଝିଥିଲେ । ଚାରିପୁଅ, ଭଣଜା ଏବଂ ସ୍ୱାମୀଙ୍କ କଥା ବୁଝିବା ଦକ୍ଷିଣ ଆଫ୍ରିକା ପରି ଏକ ଅଜଣା ଯାଗାରେ କସ୍ତୁରବାଙ୍କ ପାଇଁ ଏକ କଠିନ ସମସ୍ୟା ଥିଲା । କସ୍ତୁରବାଙ୍କର କିନ୍ତୁ କୌଣସି ଆପତ୍ତି ନଥିଲା କେଉଁଥିରେ ।

ଥରେ କିନ୍ତୁ ଗୋଟିଏ କଥାରେ ଆପତ୍ତି ଉଠାଇଥିଲେ କସ୍ତୁରବା । ଏ ଆପତ୍ତି ଥିଲା ଘରେ ପାଇଖାନା ସଫାକୁ ନେଇ । ଡ଼ର୍ବାନର ସେ ଭଡ଼ାଘର ପାଇଖାନାରେ ପରିସ୍ରା ବାହାରକୁ ଯିବାକୁ କିଛି ସୁବିଧା ନଥିଲା । ଏଥିପାଇଁ ପାଇଖାନାରେ ପାତ୍ରଟିଏ ରଖାଯାଉଥିଲା ଏବଂ ପରିସ୍ରା ସବୁ ଏଇଥିରେ ରହୁଥିଲା । ପରେ ପାତ୍ରଟିକୁ ସଫା କରାଯାଉଥିଲା । ଏ କାମ ନିଜେ ମୋହନ ଏବଂ କସ୍ତୁରବା କରୁଥିଲେ ।

ବିଚ୍ ଗ୍ରୋଭ୍ ଘରେ ମୋହନଙ୍କର ଜଣେ ମୋହରୀର ଥିଲା । ନାଁ ଥିଲା ଭିନ୍‌ସେଟ୍ ଲରେନ୍ସ । ଲରେନ୍ସ ଖ୍ରୀଷ୍ଟିଆନ୍ ହେବା ପୂର୍ବରୁ ଏକ ନୀଚ ଜାତିର ଥିଲା- ଅସ୍ପୃଶ୍ୟ । ତାଙ୍କୁ

Digitized by PPRACHIN, SOA

ଭଣଜା ଗୋକୁଳଦାସଙ୍କ ସହ ଗାନ୍ଧୀ ପରିବାର

ଯୁବକ ହରିଲାଲ୍

Digitized by PPRACHIN, SOA

ପଞ୍ଚମ ଜାତିର ବୋଲି କୁହାଯାଉଥିଲା । ଲରେନ୍ସର ପରିସ୍ରାକୁ ସଫା କରିବାକୁ କସ୍ତୁରବା ମନାକଲେ ଏବଂ ମୋହନଙ୍କୁ ବି ଏହା କରିବାକୁ ବାରଣ କଲେ ।

ମୋହନ ହଠାତ୍ ରାଗିଗଲେ । ବଡ଼ପାଟିରେ ଚିତ୍କାର କରି କହିଲେ, "ଏସବୁ ମୋ ଘରେ ଚଳିବ ନାହିଁ । ତୁମକୁ କରିବାକୁ ହିଁ ହେବ" ।

କସ୍ତୁରବା ବି ଏଥିରେ ପ୍ରତିକ୍ରିୟା ରଖିଲେ । କହିଲେ, "ନିଅ, ତୁମ ଘର ରଖ । ମୁଁ ଯାଉଛି" ।

ମୋହନଙ୍କ ରାଗ ଚଢ଼ିଗଲା । କସ୍ତୁରବାଙ୍କ ହାତଧରି ଟାଣି ଟାଣି ସେ ଦୁଆର ପାଖକୁ ନେଲେ । କବାଟ ଖୋଲିଲେ । କସ୍ତୁରବା କାନ୍ଦୁଥିଲେ । ମୋହନଙ୍କ ପାଟି ଶୁଭୁଥିଲା । କସ୍ତୁରବା କହିଲେ, "ମୁଁ ବାହାରକୁ ଯାଇ ଯିବି କୁଆଡ଼େ । ଏଠି ମୋର ମା', ବାପା ନାହାନ୍ତି ଯେ ତାଙ୍କ ପାଖକୁ ଚାଲିଯିବି" ।

ପ୍ରକୃତିସ୍ଥ ହୋଇଗଲେ ମୋହନଦାସ । ସତରେ ସେ ଏ କ'ଣ କରୁଛନ୍ତି । ବାଟରେ ସେ ଅଟକି ଗଲେ । ଅଧା ଖୋଲା ଦୁଆରକୁ ସେ ବନ୍ଦ କରିଦେଲେ । କସ୍ତୁରବାଙ୍କ ସହ ଘର ଭିତରକୁ ଚାଲିଆସିଲେ । ନିଜ ଆତ୍ମଜୀବନୀରେ ମୋହନ ଲେଖନ୍ତି, "ଯେବେ ସ୍ତ୍ରୀ ମୋତେ ଛାଡ଼ି ପାରିବନି, ମୁଁ ମଧ୍ୟ ତାଙ୍କୁ ଛାଡ଼ି ପାରିବି କେମିତି । ଆମ ଭିତରେ କଜିଆତ ବହୁତ ହୋଇଛି କିନ୍ତୁ ସବୁବେଳେ ଫଳ ମଙ୍ଗଳ ହିଁ ହୋଇଛି । ସ୍ତ୍ରୀ ମୋର ନିଜର ଅଦ୍ଭୁତ ସହନଶକ୍ତିରେ ସବ ଜିତିଯାଇଛି ।"

ବାସ୍ତବରେ କସ୍ତୁରବାଙ୍କ ଏକ ଅଦ୍ଭୁତ ଗୁଣ ଥିଲା । ତାହା ଥିଲା, ଇଚ୍ଛା ପୂର୍ବକ ହେଉ ବା ଅନିଚ୍ଛାପୂର୍ବକ ହେଉ ମୋହନଙ୍କୁ ସେ କେବେ ଅସଦାଚରଣ କରିବାର ମାନସିକତା ରଖିନଥିଲେ ଏବଂ ସ୍ୱାମୀଙ୍କର ସଂଯମୀ ଜୀବନ କଟେଇବା ପାଇଁ ସେ କେବେ ବାଧା ଦେଇନଥିଲେ ।

ବ୍ରହ୍ମଚର୍ଯ୍ୟ ପାଳନ କରିବାର ଖିଆଲ ଦିନେ ମୋହନଙ୍କର ଆସିଥିଲା । ସ୍ତ୍ରୀ ଯେ କେବଳ ଏକ ଉପଭୋଗ୍ୟର ସାମଗ୍ରୀ ନୁହେଁ, ଏ ଧାରଣାରେ ପରିବର୍ତ୍ତନ ଆସିବା ଦରକାର ବୋଲି ମୋହନ ଭାବିଲେ ଏବଂ ବ୍ରହ୍ମଚର୍ଯ୍ୟ ଜୀବନ ବଞ୍ଚିବା ଏହାର ଏକ ସମାଧାନ ବୋଲି ସେ ଠିକ୍ କରିନେଲେ ।

❖❖❖

Digitized by PPRACHIN, SOA

୧୯

ବୋଅର୍ ଯୁଦ୍ଧ

ଦର୍ବାନ୍‌ରେ ନିଜ ପରିବାର ଘରପ ସହ କାର୍ଯ୍ୟଘପ ବି ବଢୁଥିଲା ମୋହନଙ୍କର । ୧୮୯୭ ମସିହା ମାର୍ଚ୍ଚ ମାସରେ ହାରି ଏସ୍କମ୍ବେ ନାତାଲର ପ୍ରଧାନମନ୍ତ୍ରୀ ହେଲେ । ଏସ୍କମ୍ବେଙ୍କ ସହ ମୋହନଙ୍କର ଭଲ ସଂପର୍କ ଥିଲା । ତଥାପି ହାରି ଭାରତୀୟ ପ୍ରସଙ୍ଗକୁ ଯେ ସମର୍ଥନ କରିବେ ତା'ର କିଛି ନିର୍ଦ୍ଦିଷ୍ଟ ଆଭାସ ମିଳୁନଥିଲା । ଏସ୍କମ୍ବେ ପ୍ରଧାନମନ୍ତ୍ରୀ ହେବା ପରେ ନାତାଲ ପାର୍ଲ୍ୟାମେଣ୍ଟରେ ତିନୋଟି ପ୍ରସ୍ତାବ ପେଶ୍ କଲେ । ପ୍ରଥମଟି ଥିଲା- ପ୍ଲେଗ୍ ସଂକ୍ରମିତ ଅଞ୍ଚଳରୁ ଆସିଥିବା ଭାରତୀୟଙ୍କୁ ବହିଷ୍କାର କରାଯିବ । ଦ୍ୱିତୀୟଟି ହେଲା- କୁଲି ଭାରତୀୟମାନେ କୌଣସି ଏକ ୟୁରୋପୀୟ ଭାଷାରେ ନିଜ ନାଁ ଦସ୍ତଖତ କରିବେ ଏବଂ ତୃତୀୟ ପ୍ରସ୍ତାବ ହେଲା- ଭାରତୀୟ ବ୍ୟବସାୟୀମାନେ ନିଜ ବ୍ୟବସାୟ ସଂପର୍କିତ ଆକାଉଣ୍ଟସ୍ ବହି ଇଂରେଜୀରେ ଲେଖିବେ ।

ମୋହନଦାସ ଏହା ବିରୁଦ୍ଧରେ ନାତାଲ ପାର୍ଲ୍ୟାମେଣ୍ଟରେ ଦରଖାସ୍ତ ଦେଲେ । ଦରଖାସ୍ତର ବିଚାର ପୂର୍ବରୁ ୧୮୯୭ ମସିହା ସେପ୍ଟେମ୍ବର ମାସରେ ଏସ୍କମ୍ବେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଦେଲେ ଏବଂ ଯିବା ପୂର୍ବରୁ ସେ ଗାନ୍ଧୀଙ୍କୁ ଚିଠି ଲେଖି ଜଣାଇଦେଲେ, "ଆମେ ଯେ ପରସ୍ପରକୁ ଭଲ ଭାବେ ବୁଝି ପାରିଛେ, ଏଇଟା ହିଁ ଲାଭ" ।

ନାତାଲର ତାତି କମିନଥିଲା । ଅଥଚ ଏକାପରି ଭାରତୀୟ ବିରୋଧୀ ସରକାରୀ ପଦକ୍ଷେପ ନାତାଲର ପାଖ ରାଜ୍ୟ ଟ୍ରାନ୍ସବାହାଲରେ ନିଆଗଲା । ସେତେବେଳେ ବୋଅରମାନେ ଟ୍ରାନ୍ସବାହାଲ ଶାସନ କରୁଥିଲେ । ସେମାନେ ଯଦିଓ ଆଫ୍ରିକୀୟ ଭାଷା କହୁଥିଲେ, ସେମାନେ କିନ୍ତୁ ଡ଼ଚ୍ ଅର୍ଥାତ୍ ନେଦରଲ୍ୟାଣ୍ଡ ବଂଶୋଦ୍ଭବ ଥିଲେ । ବୋଅରମାନେ ବ୍ରିଟିଶ ଶାସନ ଠାରୁ ପୃଥକ ରହିବାକୁ ସର୍ବଦା ଚେଷ୍ଟାରେ ହିଁ ଥିଲେ । ଟ୍ରାନ୍ସବାହାଲ ସହ ଅନ୍ୟ ଏକ ଆଫ୍ରିକୀୟ ରାଜ୍ୟ ଅରେଞ୍ଜ ଫ୍ରି ଷ୍ଟେଟ୍ ମଧ୍ୟ ବୋଅରମାନଙ୍କର ଶାସନାଧୀନ ଥିଲା ।

Digitized by PPRACHIN, SOA

ଟ୍ରାନ୍ସବାହାଲର ରଂଗ ଭେଦ ରାଜନୀତି ନାଟାଲ ଠାରୁ ଥିଲା ବେଶି ଜଟିଳ । ନାଟାଲରେ ବ୍ରିଟିଶ ଶାସନ ଥିଲା । ନାଟାଲ ଥିଲା ସଂପୂର୍ଣ୍ଣ ଏକ ବ୍ରିଟିଶ କଲୋନି । ଭାରତୀୟମାନେ ବ୍ରିଟିଶ ଭାରତର ବି ଅଧିବାସୀ ଥିଲେ । ନାଟାଲରେ ତେଣୁ ସମାନ ଅଧିକାର ଦାବି ଯୁକ୍ତି ସଂଗତ ଥିଲା । ଟ୍ରାନ୍ସବାହାଲରେ ଭିନ୍ନ ରଂଗ ଭେଦ ରାଜନୀତିରେ ଭାରତୀୟଙ୍କ ଦୁଃଖ ବୁଝିବା ମୋହନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ଆଣିଥିଲା ।

ଜୋହାନ୍ସବର୍ଗରେ ସୁନାଖଣି ସନ୍ଧାନ ପରେ ଇଂରେଜମାନେ ଟ୍ରାନ୍ସବାହାଲର ରାଜନୈତିକ କ୍ଷମତା ଦଖଲ ପାଇଁ ଉଦ୍ୟମରେ ବି ରହିଥିଲେ । କ୍ରମଶଃ ସେମାନେ ଜୋହାନ୍ସବର୍ଗରେ ହୋଟେଲ, ରେଷ୍ଟୁରାଣ୍ଟ, କ୍ଲବ ଏବଂ ଡ଼ାକ୍ତରଖାନା ତିଆରି କଲେ । ଏହାର ମାଲିକ ହେଲେ ଇଂରେଜ ଲୋକ । ବୋଅରମାନଙ୍କୁ ଏଥିରେ ମ୍ୟାନେଜର ଏବଂ ସୁପରଭାଇଜର କାମ ମିଳିଲା ଏବଂ ଭାରତୀୟମାନଙ୍କୁ ଏଇ ସଂସ୍ଥାମାନଙ୍କରେ କେବଳ ୱେଟର ଭାବେ ରଖିବାକୁ ଇଂରେଜମାନେ ବେଶି ପସନ୍ଦ କରୁଥିଲେ । କାରଣ ଥିଲା, ଭାରତୀୟମାନେ ବେଶି ଭଦ୍ର, ସଭ୍ୟ ଏବଂ ଶୃଙ୍ଖଳିତ ଥିଲେ । ଟ୍ରାନ୍ସବହାଲରେ ଭାରତୀୟ ବ୍ୟବସାୟୀଙ୍କ ସଂଖ୍ୟା ମଧ୍ୟ ବଢ଼ିଯାଇଥିଲା । ଏସବୁ ବେଶି ଗୁଜୁରାଟି ବ୍ୟବସାୟୀ ଥିଲେ ।

ଭାରତୀୟଙ୍କ ବସତି ନେଇ ଟ୍ରାନ୍ସବାହାଲ ସଂସଦ ଏକ ନିଷ୍ପତ୍ତି ନେଲା । ଏ ନିଷ୍ପତ୍ତିରେ ଥିଲା, ଭାରତୀୟ ଶ୍ରମିକମାନେ ଏକ ନିର୍ଦ୍ଦିଷ୍ଟ ଯାଗାରେ ବସବାସ କରିବେ । ବ୍ୟବସାୟୀଙ୍କ ପାଇଁ ବି ଏକ ନିର୍ଦ୍ଦିଷ୍ଟ ଯାଗା ଦିଆଯିବ । ଏହାକୁ ସେମାନେ 'ଲୋକେସନ' ବୋଲି କହିଲେ । ଏଇ ଲୋକେସନ ବାହାରେ କୌଣସି ଭାରତୀୟ ରହିବାକୁ ମନା ଥିଲା । ଆଇନତଃ ଦଣ୍ଡିତ ହେବାର ମଧ୍ୟ ବ୍ୟବସ୍ଥା ରହିଥିଲା ।

ସେତେବେଳେ ଟ୍ରାନ୍ସବାହାଲର ରାଷ୍ଟ୍ରପତି ଥିଲେ 'ପଲ୍ କ୍ରୁଜର' । କ୍ରୁଜର ଥିଲେ ଜଣେ ପୂର୍ବତନ ସେନା ଜେନେରାଲ ଏବଂ ଏକ ସନାତନୀ ଧର୍ମାନ୍ଧ ଖ୍ରୀଷ୍ଟିଆନ୍ । ଭାରତୀୟମାନେ କ୍ରୁଜରଙ୍କୁ ସାକ୍ଷାତ କରି ଏଇ ଲୋକେସନ ଉଚ୍ଛେଦ କରିବା ସଂପର୍କରେ ତାଙ୍କୁ କହିବାକୁ ତାଙ୍କ ବାସଭବନକୁ ଗଲେ । କ୍ରୁଜର ଭାରତୀୟ ପ୍ରତିନିଧିଙ୍କୁ ସାକ୍ଷାତ ଦେବାକୁ ରାଜିହେଲେ ।

କ୍ରୁଜର ଏବଂ ଭାରତୀୟଙ୍କ ସାକ୍ଷାତ ହେଲା କ୍ରୁଜରଙ୍କ ଘର ବାହାରେ । କ୍ରୁଜର ହାତରେ ବାଇବେଲ ଧରି ଭାରତୀୟଙ୍କୁ ସାକ୍ଷାତ କରିବାକୁ ବାହାରକୁ ଆସିଲେ । ଉପସ୍ଥିତ ଭାରତୀୟଙ୍କ ଠାରୁ ସେ ଦାବି ଶୁଣିଲେ ଏବଂ ଉତ୍ତର ଦେଲେ, 'ଏହା ଭାରତୀୟଙ୍କ ଜନ୍ମ ଦୋଷ । ପୂର୍ବଜନ୍ମର ମନ୍ଦ ଫଳ । ଈଶ୍ୱର ଚାହାନ୍ତି, ଭାରତୀୟମାନେ ଅନ୍ୟର ଦାସ ହୋଇ

Digitized by PPRACHIN, SOA

ବୋଅର ଯୁଦ୍ଧରେ ସ୍ୱେଚ୍ଛାସେବୀ ସର୍ଜେଣ୍ଟ ଗାନ୍ଧୀ

Digitized by PPRACHIN, SOA

ରହିବେ । କ୍ରୁଜର ଏ ଉତ୍ତର ବାଇବେଲ ଦେଖି କହୁଥିଲେ ।

ଏତିକି କହି କ୍ରୁଜର ଘର ଭିତରକୁ ଚାଲିଗଲେ ।

ଟ୍ରାନ୍ସବାହାଲ ପାର୍ଲ୍ୟାମେଣ୍ଟର ଭାରତ ବିରୋଧି ନିଷ୍ପତ୍ତି ବିରୁଦ୍ଧରେ ମୋହନଦାସ ପ୍ରିଟୋରିଆ ହାଇକୋର୍ଟରେ ମକଦ୍ଦମା କଲେ । ୧୮୯୮ ମସିହା ଅଗଷ୍ଟ ମାସରେ ପ୍ରିଟୋରିଆ ଉଚ୍ଚ ନ୍ୟାୟାଳୟ ମକଦ୍ଦମାକୁ ନାକଚ କରିଦେଲେ । ଏଇ କେଶ୍ ୨-୧ ଭୋଟରେ ମୋହନଦାସ ହାରିଗଲେ ।

ମୋହନ ଚାହୁଁଥିଲେ ଭାରତରୁ କିଛି ବାରିଷ୍ଟର ଓକିଲାତି ପାଇଁ ଦକ୍ଷିଣ ଆଫ୍ରିକା ଆସିବା ଦରକାର । ସେଥିପାଇଁ ସେ ଏଫ୍.ଏସ୍. ତଲ୍ୟାର ଖାଁ ଏବଂ ଏମ୍. ଏ. ଜିନ୍ନାଙ୍କୁ ଅନୁରୋଧ କରିବା କଥା ଜଣାଯାଏ । ଏ ଦୁଇଜଣ ଦକ୍ଷିଣ ଆଫ୍ରିକା ଆସିନଥିଲେ ।

ରାଷ୍ଟ୍ରପତି କ୍ରୁଜରଙ୍କ ଏକଛତ୍ରବାଦୀ ଶାସନକୁ ଇଂରେଜମାନେ ସହ୍ୟ କରି ପାରୁନଥିଲେ । କ୍ରୁଜରଙ୍କୁ ଗାଦୀଚ୍ୟୁତ କରିବାକୁ ଯୋଜନା ବି ହେଲା । ଜେମେସନ୍ ନାମକ ଜଣେ ବ୍ରିଟିଶ ସେନାଧ୍ୟକ୍ଷ ପ୍ରାୟ ଏକ ହଜାର ବ୍ରିଟିଶ ସୈନ୍ୟ ନେଇ ଟ୍ରାନ୍ସବାହାଲ ଆକ୍ରମଣ କଲେ । ପରେ ଜେମେସନ୍ଙ୍କ ସହ ଆହୁରି ଅଧିକ ବ୍ରିଟିଶ ସୈନ୍ୟ ଯୋଗ ଦେଲେ । ୧୮୯୯ ମସିହା ଅକ୍ଟୋବର ମାସରେ ବୋଅର ଏବଂ ଇଂରେଜଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଗଲା । ଜୋହାନ୍ସବର୍ଗର ସୁନାଖଣିର ଆକର୍ଷଣ ଏହାର ବି ଏକ କାରଣ ଥିଲା ।

ମୋହନଦାସ ଏଇ ଯୁଦ୍ଧରେ ଭାରତୀୟମାନେ ଇଂରେଜମାନଙ୍କୁ ସାହାଯ୍ୟ କରିବାକୁ ନାଟାଲ ଭାରତୀୟ କଂଗ୍ରେସରେ ପ୍ରସ୍ତାବ ଦେଲେ । କଂଗ୍ରେସରେ ଏଥିନେଇ ପୁଣି ତର୍କ ଚାଲିଲା । ମୋହନଙ୍କ ଯୁକ୍ତି ଥିଲା, ଭାରତୀୟମାନେ ବ୍ରିଟିଶ ଭାରତୀୟ ନାଗରିକ । ଇଂରେଜମାନଙ୍କୁ ବିପଦ ବେଳେ ସାହାଯ୍ୟ କରିବା ତା'ର ନାଗରିକର ନୈତିକ ଦାୟିତ୍ୱ । ନାଟାଲ ଭାରତୀୟ କଂଗ୍ରେସ ଶେଷରେ ଗାନ୍ଧୀଙ୍କ କଥାରେ ରାଜି ହେଲା ଏବଂ ଚାନ୍ଦା ଆଦାୟ କରି ବ୍ରିଟିଶ ସେନାଙ୍କୁ ସାହାଯ୍ୟ ପାଇଁ ପଠାଗଲା ।

ପ୍ରତ୍ୟେକ୍ଷ ଭାବେ ଯୁଦ୍ଧରେ ଭାଗ ନେବାକୁ ମୋହନଦାସ ଇଚ୍ଛା କଲେ । ଉଦ୍ଦେଶ୍ୟ ଥିଲା, ଯୁଦ୍ଧର ବିଭୀଷିକାକୁ ସେ ଅତି ନିକଟରୁ ଦେଖିବେ । ଯୁଦ୍ଧ ବିଭୀଷିକାର ପ୍ରତ୍ୟେକ୍ଷ ଅନୁଭୂତି ନଥାଇ ଯୁଦ୍ଧ ବିରୁଦ୍ଧରେ କହିବା, ଯୁକ୍ତି ସଂଗତ ନୁହେଁ ।

ମୋହନଙ୍କ ସାମରିକ ଶିକ୍ଷା କିଛି ନଥିଲା । ପ୍ରଶ୍ନ ହେଲା, ଯୁଦ୍ଧରେ ସେ ଭାଗ ନେବେ କିପରି । ଡ଼କ୍ଟର ବୁଥ୍ଙ୍କ ସହାୟତାରେ ମୋହନ ଏକ ସ୍ୱେଚ୍ଛାସେବୀ ଆମ୍ବୁଲାନ୍ସ

Digitized by PPRACHIN, SOA

ଗୋଷ୍ଠୀ ତିଆରିକଲେ । ଏହାର କାମ ଥିଲା, ଯୁଦ୍ଧ ପଡ଼ିଆରେ ଆହାତ ସୈନିକମାନଙ୍କର ସେବା ଶୁଶ୍ରୁଷା କରିବା; ଖାଦ୍ୟ ପାଣି ଦେବା । ଏକ ହଜାର ଷ୍ଟ୍ରେଚର ବାହିନୀ ପ୍ରସ୍ତୁତ ହୋଇଗଲା ।

ସ୍ୱେଚ୍ଛାସେବାର ଆମ୍ବୁଲାନ୍ସ ବାହିନୀରେ ଭାଗ ନେଇ ଯୁଦ୍ଧର ଅନୁଭୂତି ଥିଲା ମୋହନଙ୍କ ପାଇଁ ରୋମାଞ୍ଚକର । ମଦ, ମାଂସ ନଖାଇ ବି ମୋହନ ଯୁଦ୍ଧ ଭୂଇଁରେ ଛିଡ଼ା ହୋଇ ଆହାତଙ୍କ ସେବା କରିଥିଲେ । ଭୋକ ହେଲେ ରାସ୍ତା କଡ଼ରେ ବସି ସେ ବିସ୍କୁଟ୍ ଖାଇ ଜୀବନ କାଟିଥିଲେ ।

୧୯୦୦ ମସିହା ଗ୍ରୀଷ୍ମ ଋତୁ ଦକ୍ଷିଣ ଆଫ୍ରିକାରେ ଆରମ୍ଭ ହୋଇଗଲା । ଦକ୍ଷିଣ ଆଫ୍ରିକୀୟମାନେ ଇଂରେଜଙ୍କ ସହ ଅତ୍ୟଧିକ ଗରମରେ ଯୁଦ୍ଧ କରିପାରିଲେ ନାହିଁ । ବୋଅର ଯୁଦ୍ଧ ଶେଷ ହେଲା । ଇଂରେଜମାନେ ଜିତିଲେ । ଏ ଯୁଦ୍ଧ କିନ୍ତୁ ସଂପୂର୍ଣ୍ଣ ହୋଇନଥିଲା । ବୋଅରମାନେ ଗରିଲା ଯୁଦ୍ଧ କରୁଥିଲେ । ନାତାଲରେ ଭାରତୀୟମାନଙ୍କ କାର୍ଯ୍ୟକୁ ବୋଅର ଯୁଦ୍ଧରେ ଭାଗ ନେଇଥିବା ଯୋଗୁଁ ପ୍ରଶଂସା କରାଗଲା । ଭାରତୀୟଙ୍କ ପରି ମଧ୍ୟ 'ଜୁଲୁ' ଏବଂ ଅନ୍ୟ କଳା ଆଫ୍ରିକୀୟମାନେ ଏ ଯୁଦ୍ଧରେ ଭାଗ ନେଇଥିଲେ । କଳାମାନେ ଆଶା କରିଥିଲେ, ଇଂରେଜମାନେ ଜିତିଲେ ରାଜନୈତିକ, ଶୈକ୍ଷିକ ଏବଂ ସ୍ୱାସ୍ଥ୍ୟଗତ କିଛି ସୁବିଧା ମିଳିବ ।

୧୯୦୧ ମସିହା ମେ' ମାସରେ ରାୟଚନ୍ଦ ଭାଇଙ୍କ ମୃତ୍ୟୁ ଖବର ମୋହନ ପାଇଲେ । ଦକ୍ଷିଣ ଆଫ୍ରିକାରେ ଆଉ ମନ ଲାଗିଲାନି ମୋହନଦାସଙ୍କର । ସେ ଠିକ୍ କଲେ, ସେ ଭାରତ ଫେରିଯିବେ ଏବଂ ଭାରତରେ ଭାରତୀୟଙ୍କ ସେବା କରିବେ ।

ପରିବାର ବି ବଡ଼ ହୋଇଯାଇଥିଲା ମୋହନଙ୍କର । ହରିଲାଲ ଏବଂ ମଣିଲାଲଙ୍କର ପାଠ ପଢ଼ା ଚିନ୍ତା ଥିଲା ବେଶି । ହରିଲାଲର ବୟସ ତେରବର୍ଷ ହୋଇଯାଇଥିଲା । ବମ୍ବେ ବିଶ୍ୱବିଦ୍ୟାଳୟରେ ହରିଲାଲ କିପରି ମାଟ୍ରିକ୍ ପରୀକ୍ଷା ଦେବେ, ଏ ଚିନ୍ତା ବି ଥିଲା ମୋହନଙ୍କର । ରାଜକୋଟରେ ଯେଉଁ ହାଇସ୍କୁଲରେ ମୋହନଦାସ ପାଠ ପଢ଼ିଥିଲେ, ସେ ସ୍କୁଲରେ ହରିଲାଲଙ୍କ ନାଁ ଲେଖାଇବା କଥା ଥିଲା ।

ଭାରତ ଫେରିଯିବାକୁ କସ୍ତୁରବା ବି ଚାହୁଁଥିଲେ ।

❖ ❖ ❖

Digitized by PPRACHIN, SOA

୨୦

ସଂପତ୍ତି ବୈରାଗ୍ୟ

ବାରିଷ୍ଟର ମୋହନଦାସ ଗାନ୍ଧୀ ସବୁଦିନ ପାଇଁ ଦକ୍ଷିଣ ଆଫ୍ରିକା ଛାଡ଼ି ଭାରତ ଫେରି ଯିବାକୁ ପ୍ରସ୍ତୁତି ଆରମ୍ଭ କଲେ । ୧୯୦୧ ମସିହା ଅକ୍ଟୋବର ମାସ ୧୭ ତାରିଖରେ ନାତାଲ ଭାରତୀୟ କଂଗ୍ରେସ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଏକ ବିଦାୟ କାଳୀନ ଉତ୍ସବର ଆୟୋଜନ କଲା । ଏ ଉତ୍ସବରେ ଅନେକ ଉପହାର ଦିଆଗଲା ଗାନ୍ଧୀଙ୍କୁ । ଉପହାର ମଧ୍ୟରେ ଥିଲା, ସୁନାମୁଦି, ବଡ଼ ସୁନାଚେନ୍, ହୀରା ମୁଦି, ସୁନା ଘଣ୍ଟା, ସୁନା ଲକେଟ୍, ସୁନା ମେଡ଼ାଲ ଏବଂ ଅନ୍ୟ କିଛି ସୁନା ଗହଣା । ଗାନ୍ଧୀ ସେଦିନ ସଂଧ୍ୟାରେ ଏ ସବୁ ସୁନା ଉପହାର ଗ୍ରହଣ କଲେ । ରାତିରେ କିନ୍ତୁ ସେ ଶୋଇ ପାରିଲେନି । ବ୍ୟସ୍ତ ହୋଇ ସେ ଘର ସାରା ଚାଲିଲେ । ମନକୁ ମନ ପ୍ରଶ୍ନ କଲେ, ଏ ସୁନା ଗହଣା, ସୁନା ହାର, ସୁନା ଚେନ୍ ତାଙ୍କର ହେବ କ'ଣ ? ନିଷ୍ପତ୍ତି ନେଲେ, ଏସବୁ ମୂଲ୍ୟବାନ ଉପହାରକୁ ସେ ନାତାଲ ଭାରତୀୟ କଂଗ୍ରେସ ଏବଂ ପାର୍ଶି ରୁସ୍ତମଜୀଙ୍କୁ ଫେରାଇ ଦେବେ । ଏସବୁ ଏକ ଟ୍ରଷ୍ଟରେ ରହିବ । ନାତାଲ କଂଗ୍ରେସ ସାମୁହିକ କାର୍ଯ୍ୟରେ ଦରକାର ବେଳେ ଏହାକୁ ଖର୍ଚ୍ଚ କରିବ ।

ମୋହନଦାସ ସକାଳେ ତାଙ୍କର ଏ ନିଷ୍ପତ୍ତିକୁ କସ୍ତୁରବାଙ୍କୁ ଜଣାଇଲେ । ଉପହାର ଫେରାଇଦେବା ସପକ୍ଷରେ କିନ୍ତୁ କସ୍ତୁରବା ନଥିଲେ । ସେ ଗାନ୍ଧୀଙ୍କୁ ଉତ୍ତର ଦେଲେ, "ତୁମେ ଏ ସୁନା ଉପହାର ଦରକାର କରିନପାର; ତୁମ ପିଲାଏ ଯିଏ ତୁମ କଥାରେ ନାଚୁଛନ୍ତି, ସେମାନେ ମଧ୍ୟ ଏହାକୁ ଦରକାର କରିନପାରନ୍ତି; ମୁଁ ବି ଏ ଗହଣା ନିଜେ ପିନ୍ଧିବାକୁ ଚାହେଁନି । ତଥାପି ଏ ଗହଣା ସବୁ ମୁଁ ରଖିବି । ମୋ ବୋହୁମାନଙ୍କ ପାଇଁ ଏ ଗହଣା ଦରକାର ହେବ । କିଏ କହିପାରିବ କାଲି କ'ଣ ଅଛି" ?

ମୋହନଦାସ ଏଥିରେ ଟିକିଏ ରାଗି ଗଲେ । କହିଲେ, "ଏ ଉପହାର ତୁମକୁ ମିଳିନି । ମୋତେ ମୋର ସେବା ପାଇଁ ମିଳିଛି" । କସ୍ତୁରବା ସଂଗେ ସଂଗେ ଉତ୍ତର

Digitized by PPRACHIN, SOA

ଦେଇଦେଲେ, "ତୁମ ସେବା ସଫଳ ହେବା ପାଇଁ ମୋର ବି କିଛି ଭୂମିକା ରହିଛି । ତୁମର ମୁଁ ଯେଉଁ ସେବା କରିଛି, ଏ କ'ଣ ସେବା ନୁହେଁ ?"

ମୋହନଦାସ ଏଥର ପିଲାଙ୍କ ଆଡ଼କୁ ଚାହିଁଲେ । ସେମାନଙ୍କର ମତାମତ ଦରକାର କଲେ । ହରିଲାଲ ଏବଂ ମଣିଲାଲ 'ବାପୁ'ଙ୍କୁ ସମର୍ଥନ କଲେ ।

ପିଲାଙ୍କ କଥା ଶୁଣି କସ୍ତୁରବା ଟିକିଏ ଶାନ୍ତ କଣ୍ଠରେ କହିଲେ, "ମୁଁ ତୁମ କଥାରେ ରାଜି । ଏ ସଂପତ୍ତିରେ ମୋର ଆଉ ଲୋଭ ନାହିଁ" ।

ପାର୍ଶି ରୁସ୍ତମଜୀ କିନ୍ତୁ ମୋହନଦାସଙ୍କ ଉପହାର ଫେରାଇଦେବା ନିଷ୍ପତ୍ତିରେ ସନ୍ତୁଷ୍ଟ ହେଲେ ନାହିଁ । ଉପହାର ଫେରାଇଦେଲେ ଯେ ଏହାର ଏକ ଭିନ୍ନ ଅର୍ଥ ବାହାରିବ ଏବଂ ଦାତାଙ୍କର ଉଦ୍ଦେଶ୍ୟ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବ, ଏପରି ଅଭିଯୋଗ ବି ସେ ଆଣିଲେ । ମୋହନ କିନ୍ତୁ ଜିଦ୍ ଧରିଥିଲେ, ସେ ନିଶ୍ଚୟ ହିଁ ଉପହାର ସବୁ ଫେରାଇବେ । ଏ ସଂପତ୍ତି ସବୁ ଭାରତୀୟଙ୍କ ସାମୁହିକ ସ୍ୱାର୍ଥରେ ଲାଗିବ । ତାହା ହିଁ ହେଲା । ବିଦାୟ କାଳୀନ ଉତ୍ସବରେ ମିଳିଥିବା ସମସ୍ତ ମୂଲ୍ୟବାନ ଗହଣା ନାଟାଲ ଭାରତୀୟ କଂଗ୍ରେସକୁ ଦିଆଗଲା । ମୋହନଙ୍କ ସଂପତ୍ତି ବୈରାଗ୍ୟ ଆଲୋଚନାକୁ ଆସିଲା । ମହାତ୍ମାମାନେ ହିଁ ସଂପତ୍ତି ପ୍ରତି ଏମିତି ବିମୁଖ ହୋଇଥାଆନ୍ତି ।

୧୯୦୧ ମସିହା ଅକ୍ଟୋବର ମାସ ତୃତୀୟ ସପ୍ତାହରେ ମୋହନଦାସ ଡ଼ର୍ବାନ ଛାଡ଼ିଲେ । ଏବଂ ନଭେମ୍ବର ମାସ ଶେଷ ସପ୍ତାହରେ ସେ ବମ୍ବେରେ ପହଞ୍ଚିଲେ । ବମ୍ବେରୁ ସିଧାସଳଖ ସେ ନିଜ ସ୍ତ୍ରୀ ଏବଂ ପିଲାଙ୍କୁ ଧରି ରାଜକୋଟ ଚାଲିଗଲେ ।

ଘରେ ବସି ରହିବାକୁ ମନ ହେଲାନି ମୋହନଙ୍କର । ସେ ଭାରତ ବୁଲିବାକୁ ଚାହିଁଲେ । ସେତେବେଳେ ଭାରତୀୟ ଜାତୀୟ କଂଗ୍ରେସର ୧୭ତମ ଅଧିବେଶନ କଲିକତାରେ ବସିବାକୁ ଯାଉଥିଲା । ମୋହନଦାସ ବମ୍ବେ ପ୍ରେସିଡ଼େନ୍ସି ତରଫରୁ ଏଥିରେ ଏକ କଂଗ୍ରେସ ପ୍ରତିନିଧି ଭାବେ ଯୋଗ ଦେଲେ । କଲିକତା ଅଧିବେଶନରେ ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଚାରିଶହ ପ୍ରତିନିଧି ଯୋଗ ଦେଇଥିଲେ । ଏଥିରେ ଅଧ୍ୟକ୍ଷତା କରୁଥିଲେ ଡ଼ି. ଇ. ୱାଚ୍ଛା । ୱାଚ୍ଛାଙ୍କ ସହ ପୂର୍ବରୁ ମୋହନଦାସଙ୍କର ଜଣାଶୁଣା ଥିଲା ।

ଅଧିବେଶନର ପ୍ରାରମ୍ଭରେ ରବୀନ୍ଦ୍ରନାଥ ଟାଗୋରଙ୍କ ଝିଆରୀ ସରଳା ଦେବୀଙ୍କ ରଚିତ ଗୀତକୁ ଏକ ସମୁହ ସଂଗୀତ ଭାବେ ଗାନ କରାଗଲା ଏବଂ ଉପସ୍ଥିତ ସମସ୍ତ ଚାରିଶହ ପ୍ରତିନିଧି ଏଇ କୋରସ୍ ଗାନରେ ଯୋଗ ଦେଲେ । ସଂଗୀତର ପ୍ରଭାବ ଥିଲା ଅବର୍ଣ୍ଣନୀୟ । ଭାଷଣରେ ପ୍ରାୟ ଅଧିକାଂଶ ବକ୍ତା ବ୍ରିଟିଶ ଶାସନରେ ଭାରତରେ ଭାରତୀୟଙ୍କ ଦୁଃଖ, ଦୁର୍ଦ୍ଦଶା ବର୍ଣ୍ଣନା କରୁଥିଲେ ।

Digitized by PPRACHIN, SOA

ଗାନ୍ଧୀ ତାଙ୍କ ଭାଷଣରେ ଦକ୍ଷିଣ ଆଫ୍ରିକା କଥା କହିଲେ ଏବଂ ସ୍ପଷ୍ଟ କରିଦେଲେ, କଂଗ୍ରେସର ସଭାପତି ୱାଚ୍ଛ ସାହେବ ଯଦି ଦକ୍ଷିଣ ଆଫ୍ରିକା ଯାଆନ୍ତି, ସେଠି ତାଙ୍କୁ ବି କୁଲି ଶ୍ରେଣୀଭୁକ୍ତ କରିଦିଆଯିବ ।

ଗୋପାଳକୃଷ୍ଣ ଗୋଖଲେଙ୍କ ସହ ମୋହନଙ୍କର ପୂର୍ବ ସଂପର୍କ କଲିକତା କଂଗ୍ରେସ ଅଧିବେଶନରେ ଆହୁରି ଦୃଢ଼ୀଭୂତ ହୋଇଗଲା । ଗୋଖଲେ ଥିଲେ ମୋହନଦାସଙ୍କ ଠାରୁ ପ୍ରାୟ ତିନିବର୍ଷ ବଡ଼ । ଫର୍ଗୁସନ୍ କଲେଜରେ ଗୋପାଳକୃଷ୍ଣ ଅଧ୍ୟାପକ ଥିଲେ । ସାଧାରଣ ଜୀବନ ସଂପର୍କରେ ତାଙ୍କର ଅନୁଭୂତି ଗାନ୍ଧୀଙ୍କ ଠାରୁ ଅଧିକ ଥିଲା । ଗାନ୍ଧୀ ଗୋଖଲେଙ୍କୁ ସମ୍ମାନ ଜଣାଉଥିଲେ । କଲିକତା କଂଗ୍ରେସ ଶେଷ ହେବା ପରେ ବି କଲିକତାରେ ମୋହନଦାସ ଆଉ କିଛିଦିନ ରହିଲେ । ସେଠି ବିଭିନ୍ନ ସଭାରେ ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ଦୁର୍ଦ୍ଦଶା କଥା ଭାଷଣରେ କହିଲେ ।

୧୯୦୨ ମସିହା ଜାନୁୟାରୀ ଶେଷ ସପ୍ତାହରେ ମୋହନଦାସ କଲିକତାରୁ ରେଙ୍ଗୁନ୍ ଗଲେ । ରେଙ୍ଗୁନରେ ତାଙ୍କର ପୁରୁଣା ବନ୍ଧୁ ପ୍ରାଣଜୀବନ ମେହେଟ୍ଟା ରହୁଥିଲେ । ଲଣ୍ଡନରେ ଉଭୟେ ପାଠପଢ଼ା ବେଳେ ବନ୍ଧୁ ହୋଇଯାଇଥିଲେ ।

ରେଙ୍ଗୁନରୁ ରାଜକୋଟ ଫେରିଆସି ମୋହନଦାସ ଠିକ୍ କଲେ ସେ ରାଜକୋଟରେ ହିଁ ଓକିଲାତି କରିବେ । ହରିଲାଲଙ୍କର ସେ ବୋର୍ଡ଼ ସ୍କୁଲରେ ନାଁ ଲେଖାଇଦେଲେ ଏବଂ ଅନ୍ୟ ପିଲାମାନଙ୍କୁ ପାଠପଢ଼ାଇବା ଦାୟିତ୍ୱ ନିଜ ପୁତୁରା ଛଗନଲାଲଙ୍କୁ ଦେଇଦେଲେ । ଛଗନଲାଲ୍ ବି ସେତେ ବଡ଼ ନଥିଲେ । ବୟସ ସେବେ ତାଙ୍କର ତିରିଶ ବର୍ଷ ଥିଲା ।

ରାଜକୋଟରେ ଭଲ ଓକିଲାତି ହେଲାନି ମୋହନଙ୍କର । ସେ ଓକିଲାତି ପାଇଁ ବମ୍ବେ ହାଇକୋର୍ଟକୁ ଗଲେ । ଏଠାରେ ବି ଠିକ୍ ଏକା ଅବସ୍ଥା । ମକଦ୍ଦମା ଏଠି ମଧ୍ୟ ମିଳିଲାନି । ବରିଷ୍ଠ ଓକିଲ ସାର୍ ଫିରୋଜଶାହା ମେହେଟ୍ଟା ମୋହନଙ୍କୁ ପରାମର୍ଶ ଦେଇ କହିଲେ, "ଏଠାରେ ସମୟ ଏବଂ ଅର୍ଥ ଅପଚୟ କରନି, ମିଷ୍ଟର ଗାନ୍ଧୀ ।" ବ୍ୟବସାୟ ଅପେକ୍ଷା ଦେଶ ସେବା ପାଇଁ ଯେ ସେ ଏଠି ଭାରତ ପାଇଁ ଆକୃଷ୍ଟ, ଏକଥା କହିପାରୁନଥିଲେ ବି ନିଜ ବ୍ୟବସାୟିକ ବିଫଳତାର ଟିପ୍ପଣୀକୁ ମୋହନଦାସ ସହ୍ୟ କରିଯାଉଥିଲେ ।

ଦୀର୍ଘ ଦୁଇ ବର୍ଷ ଧରି ଟ୍ରାନ୍ସବାହାଲରେ ଚାଲିଥିବା ବୋଅରଙ୍କ ଗରିଲା ଯୁଦ୍ଧ ସମାପ୍ତ ହେଲା । ଶେଷରେ ବୋଅର ଏବଂ ଇଂରେଜମାନଙ୍କ ଭିତରେ ଏକ ଚୁକ୍ତି ସ୍ୱାକ୍ଷରିତ ହେଲା । ବୋଅରମାନେ ଇଂଲଣ୍ଡ ରାଜାଙ୍କୁ ନିଜର ସାର୍ବଭୌମ ଶାସକ ଭାବେ

Digitized by PPRACHIN, SOA

ମାନିନେଲେ । ଫଳରେ ଟ୍ରାନ୍ସବାହାଲ ଏବଂ ଅରେଂଜ ଫ୍ରି ଷ୍ଟେଟ୍ ସିଧାସଳଖ ଲଣ୍ଡନ ଶାସନାଧୀନ ହେଲା ।

ନୂଆ କଲୋନିକୁ ନୂଆ ବର୍ଷ ଆରମ୍ଭରେ ପରିଦର୍ଶନରେ ଆସିବାକୁ ଇଂଲଣ୍ଡର ସେକ୍ରେଟାରୀ ଅଫ୍ ଷ୍ଟେଟ୍, ଜୋସେଫ୍ ଚାମ୍ବରଲିନ୍ ସ୍ଥିର କଲେ । ଏଇ ପରିଦର୍ଶନର କାର୍ଯ୍ୟକ୍ରମ ଜାନୁଆରୀ ନୂଆ ବର୍ଷରେ ହିଁ ହେବାର ଥିଲା ।

ନାଟାଲ ଭାରତୀୟ କଂଗ୍ରେସ ମୋହନଦାସଙ୍କୁ ଶୀଘ୍ର ଦକ୍ଷିଣ ଆଫ୍ରିକା ଚାଲି ଆସିବାକୁ ଅନୁରୋଧ କଲେ । ଚାମ୍ବରଲିନ୍‌ଙ୍କୁ ଦକ୍ଷିଣ ଆଫ୍ରିକାରେ ସାକ୍ଷାତ କରି ଭାରତୀୟଙ୍କ କଥା କହିବାର ଏ ଥିଲା ଏକ ସୁନ୍ଦର ସୁଯୋଗ । ଏ ସୁଯୋଗକୁ ହାତଛଡ଼ା କରି ଦେବାକୁ ନାଟାଲ ଭାରତୀୟ କଂଗ୍ରେସ ଚାହୁଁ ନଥିଲା । ଗାନ୍ଧୀ ଭାଇଙ୍କ ନେତୃତ୍ୱ ଏଥିପାଇଁ ଅପରିହାର୍ଯ୍ୟ ଥିଲା ।

ମୋହନଦାସ ପୁଣି ଦକ୍ଷିଣ ଆଫ୍ରିକା ଫେରିଯିବାକୁ ପ୍ରସ୍ତୁତି ଆରମ୍ଭ କରିଦେଲେ ଏବଂ ସ୍ଥିରକଲେ ରାଜକୋଟର ନିଜ ଘରେ ସ୍ତ୍ରୀ ଏବଂ ପିଲାମାନେ ରହିବେ । ବର୍ଷକ ପରେ ସେ ଭାରତ ଫେରି ଆସିବେ । ଯଦି ଡ଼େରି ହୁଏ, ସେ କସ୍ତୁରବାଙ୍କୁ ଦକ୍ଷିଣ ଆଫ୍ରିକା ନେଇଯିବେ ଏବଂ ବଡ଼ ପୁତୁରା ଛଗନଲାଲ୍ ପିଲାଙ୍କ ପାଠପଢ଼ା କଥା ବୁଝିବେ ।

ଭାରତରେ ସ୍ଥାୟୀ ଭାବେ ରହି ସେବା କରିବାର ଇଛା ମୋହନଦାସଙ୍କ ଥିଲେ ବି ଏହା ଈଶ୍ୱରଙ୍କ ଇଛା ନଥିଲା । ଓକିଲ ମୋହନଦାସଙ୍କୁ ମହାତ୍ମା ଆଖ୍ୟା ଦେବାକୁ ଯେପରି ଦକ୍ଷିଣ ଆଫ୍ରିକା ଅପେକ୍ଷା କରିଥିଲା । ଯଦିଓ ମୋହନଦାସ ଭାରତରେ ଏକ ଅସଫଳ ଓକିଲ ଥିଲେ, ଦକ୍ଷିଣ ଆଫ୍ରିକାରେ ସେ ଥିଲେ ବେଶ୍ ସଫଳ ଆଡ଼ଭୋକେଟ୍ । ପ୍ରଶଂସକ ତାଙ୍କର ବେଶି ଥିଲେ । ୧୯୦୨ ମସିହା ନଭେମ୍ବର ଶେଷ ସପ୍ତାହରେ ମୋହନଦାସ ନିଜ ସହ ତାଙ୍କର ଦୁଇ ପୁତୁରା ମଗନଲାଲ୍ ଏବଂ ଆନନ୍ଦଲାଲ୍‌ଙ୍କୁ ନେଇ ବମ୍ବେରୁ ଦକ୍ଷିଣ ଆଫ୍ରିକା ଯାତ୍ରା କଲେ ।

❖❖❖

Digitized by PPRACHIN, SOA

୨୧

ଟ୍ରାନ୍ସବାହାଲରେ ଗାନ୍ଧୀ

ମୋହନଦାସ ଏବଂ ତାଙ୍କର ଦୁଇ ପୁତୁରା ମଗନଲାଲ୍ ଓ ଆନନ୍ଦଲାଲ୍ ୧୯୦୨ ମସିହା ଡ଼ିସେମ୍ବର ମାସ ତୃତୀୟ ସପ୍ତାହରେ ଦର୍ବାନରେ ପହଞ୍ଚିଲେ । ଦର୍ବାନରୁ ଆନନ୍ଦ ଓ ମଗନ ଟୋଙ୍ଗାଟ ଗଲେ । ସେଠାରେ ଦୁଇ ଭାଇ ବ୍ୟବସାୟ କରିବାର ଥିଲା । ମୋହନ ଡ଼ର୍ବାନରେ ରହିଗଲେ । କାରଣ ଡ଼ିସେମ୍ବର ୨୬ ତାରିଖ ଅପରାହ୍ନରେ ତାଙ୍କର ଭାରତୀୟ ପ୍ରତିନିଧିଙ୍କ ସହ ଚାମ୍ବରଲିନ୍‌ଙ୍କ ସାକ୍ଷାତ କାର୍ଯ୍ୟକ୍ରମ ଥିଲା ।

ଚାମ୍ବରଲିନ୍‌ଙ୍କ ପାଖରେ ସେମିତି କିଛି ବଡ଼ ଦାବି ରଖୁନଥିଲେ ଭାରତୀୟ ପ୍ରତିନିଧି । ଦାବି ଭିତରେ ଥିଲା, ନାତାଲରେ ବ୍ୟବସାୟ ପାଇଁ ଲାଇସେନ୍ସ ପ୍ରଦାନକୁ କୋହଳ କରିବା ଏବଂ ଭାରତୀୟ ପିଲାଙ୍କ ପାଇଁ ସ୍କୁଲ ସ୍ଥାପନ କରିବା । ଚାମ୍ବରଲିନ୍ ଭାରତୀୟଙ୍କ ଦାବି ପତ୍ର ଗ୍ରହଣ କଲେ ।

ଠିକ୍ ତା'ପରଦିନ ଅର୍ଥାତ୍ ଡ଼ିସେମ୍ବର ମାସ ୨୭ ତାରିଖରେ ମୋହନଦାସ ଟ୍ରାନ୍ସବାହାଲର ଜୋହାନ୍ସବର୍ଗ ଗଲେ । ଚାମ୍ବରଲିନ୍‌ଙ୍କ ସେଠାରେ ମଧ୍ୟ ପରିଦର୍ଶନ କାର୍ଯ୍ୟକ୍ରମ ଥିଲା ଏବଂ ଏକ ଭାରତୀୟ ପ୍ରତିନିଧି ମଣ୍ଡଳୀକୁ ସାକ୍ଷାତ ପାଇଁ ଅନୁମତି ମଧ୍ୟ ଥିଲା । କିନ୍ତୁ ପ୍ରତିନିଧି ମଣ୍ଡଳୀରେ ମୋହନଦାସଙ୍କ ଉପସ୍ଥିତିକୁ ଟ୍ରାନ୍ସବାହାଲ ସରକାର ଅନୁମତି ଦେଲେ ନାହିଁ । ଯୁକ୍ତି ଦେଲେ, ମିଷ୍ଟର ଗାନ୍ଧୀ ଟ୍ରାନ୍ସବାହାଲର ବାସିନ୍ଦା ନୁହନ୍ତି । ସେ ଜଣେ ବିଦେଶୀ । ଭାରତୀୟଙ୍କ ସହ ତାଙ୍କର ଏଠି କୌଣସି ସଂପର୍କ ନାହିଁ । ସୁତରାଂ ଭାରତୀୟଙ୍କ ଦାବି ଉପସ୍ଥାପନ ପାଇଁ ତାଙ୍କର କୌଣସି ଅଧିକାର ନାହିଁ ।

ଚାମ୍ବରଲିନ୍‌ଙ୍କୁ ଦେଖା ନକରି ପାରିବାରେ ମୋହନଦାସଙ୍କ ମନଦୁଃଖ ହେଲା । ପୂର୍ବରୁ ପ୍ରସ୍ତୁତ ହୋଇଥିବା ଦରଖାସ୍ତକୁ ଭାରତୀୟ ପ୍ରତିନିଧି ମଣ୍ଡଳୀର ଅନ୍ୟ ସଦସ୍ୟମାନେ ଚାମ୍ବରଲିନ୍‌ଙ୍କୁ ଦେଲେ । ଦରଖାସ୍ତରେ ଲେଖାଥିଲା, ଦକ୍ଷିଣ ଆଫ୍ରିକୀୟ ଭାରତୀୟମାନଙ୍କୁ ଟ୍ରାନ୍ସବାହାଲରେ ବ୍ରିଟିଶ ରାଜା ଏଡ଼୍‌ୱାର୍ଡ଼ଙ୍କର ପ୍ରଜା ଭାବେ ସ୍ୱୀକୃତି ମିଳୁ ।

Digitized by PPRACHIN, SOA

ଟ୍ରାନ୍ସବାହାଲରେ ସ୍ଥାୟୀ ଭାବେ ରହିବାକୁ ମୋହନ ଠିକ୍ କଲେ ଏବଂ ନିଷ୍ପତ୍ତି ନେଲେ ସେ ଏଠି ରହି ଆଇନ ବ୍ୟବସାୟ କରିବେ । ବଞ୍ଚିବା ପାଇଁ ସେ କିଛି ରୋଜଗାର କରିବେ ଏବଂ ଭାରତୀୟଙ୍କ ପାଇଁ କାମ କରିବେ ।

ଟ୍ରାନ୍ସବାହାଲ ସୁପ୍ରିମକୋର୍ଟରେ ଓକିଲାତି ଲାଇସେନ୍ସ ପାଇଁ ମୋହନଦାସ ଆବେଦନ କଲେ । ମୋହନଙ୍କୁ ଲାଇସେନ୍ସ ମିଳିଗଲା । ଜୋହାନ୍ସବର୍ଗର ଆଣ୍ଡରସନ ଷ୍ଟ୍ରିଟ୍‌ରେ ଏକ ଘର ଭଡ଼ା ନେଇ ଗାନ୍ଧୀ ନିଜ ଆଇନ ବ୍ୟବସାୟ ଆରମ୍ଭ କଲେ । ସକାଳ ୯ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମୋହନଦାସ ନିଜ ଓକିଲାତି ବ୍ୟବସାୟ ସହ ସାଧାରଣ ଲୋକଙ୍କ ଅଭାବ ଅସୁବିଧା କଥା ବୁଝୁଥାଆନ୍ତି । ଖାଇବା ପାଇଁ ଟିକିଏ ସମୟ ନିଅନ୍ତି ଏବଂ ମଝିରେ ଅଳ୍ପ ସମୟ ବୁଲାବୁଲି କରନ୍ତି ।

ଭାରତରୁ ଫେରିବା ବେଳେ ସେ କସ୍ତୁରବାଙ୍କୁ କଥା ଦେଇଥିଲେ, ବର୍ଷେକ ଭିତରେ ଭାରତ ଫେରି ନଆସିଲେ କସ୍ତୁରବାଙ୍କୁ ସେ ଦକ୍ଷିଣ ଆଫ୍ରିକା ନେଇ ଆସିବେ । ସମୟ କିନ୍ତୁ ଗଡୁ ଥିଲା । ଗାନ୍ଧୀଙ୍କ ଭାରତ ଫେରିବାର କୌଣସି ଆଭାସ ମିଳୁନଥିଲା । ଟ୍ରାନ୍ସବାହାଲରେ କାର୍ଯ୍ୟର ଚାପ ବୃଦ୍ଧି ପାଉଥିଲା ମୋହନଙ୍କ ପାଇଁ ।

ଭାରତରେ ଥିବା ପୁତୁରା ଛଗନଲାଲଙ୍କ ପାଖକୁ ମୋହନ ନିୟମିତ ଚିଠି ଲେଖୁଥିଲେ । ସେଥିରୁ କିଛି ଚିଠି ଥିଲା ସ୍ତ୍ରୀ କସ୍ତୁରବାଙ୍କ ପାଇଁ । କସ୍ତୁରବା ଗୁଜୁରାଟି ପଢ଼ି ନଥିଲେ । ସୁତରାଂ କସ୍ତୁରବାଙ୍କୁ ଯାହା କହିବାର କଥା, ମୋହନଦାସ ସେକଥା ଛଗନଲାଲଙ୍କ ମାଧ୍ୟମରେ କହୁଥିଲେ ।

ଗୋଟିଏ ଚିଠିରେ ମୋହନ ଲେଖିଲେ, "ଏବେ ସେ ଭାରତ ଫେରିବା ଅସମ୍ଭବ । କସ୍ତୁରବାଙ୍କୁ ଆଣିବା ବି ଠିକ୍ ହେବ ନାହିଁ । ଜୋହାନ୍ସବର୍ଗରେ ବଞ୍ଚିବା ଭାରି କଷ୍ଟ । ସବୁ ଜିନିଷ ଏଠି ଭାରି ମହଙ୍ଗା । ଓକିଲାତିରୁ ସେ ଏଠି ଯେତିକି ରୋଜଗାର କରିନ୍ତି, ସେ ସେତିକି ପଇସାରେ କସ୍ତୁରବା ଭାରତରେ ରହିଲେ ଭଲ ଭାବେ ଚଳି ହେବ ।"

ମୋହନଙ୍କ ଏ ଚିଠି ଥିଲା ଦୀର୍ଘ । ଏ ଚିଠିରେ କସ୍ତୁରବାଙ୍କ ପାଇଁ ମୋହନ ଲେଖିଥିଲେ, ନାତାଲରେ ଥିବା ବେଳେ ଘର କାମ ପାଇଁ ତାଙ୍କୁ ଟିକିଏ ସମୟ ମିଳୁଥିଲା । ତଥାପି ଏ ସମୟ ପରିବାରପାଇଁ ଯଥେଷ୍ଟ ନଥିଲା । ଟ୍ରାନ୍ସବାହାଲରେ କିନ୍ତୁ ମୋଟେ ସମୟ ମିଳୁନି ।

ମୋହନଙ୍କ ଚିଠିରେ ଅନ୍ୟ କଥାଟି ବି ଥିଲା । ଛଗନଲାଲଙ୍କୁ ନିର୍ଦ୍ଦେଶ ଦେଇ ମୋହନ ଲେଖିଲେ- ମଣିଲାଲର ସଂଗୀତ ଶିକ୍ଷା ଯେପରି ବନ୍ଦ ନହୁଏ ଦେଖିବ । ତା' ଟିଉସନ ମାଷ୍ଟରଙ୍କୁ ଫିସ୍ ଦେବ । ମଣିଲାଲ ଯେପରି ବାଦ୍ୟ ସଂଗୀତ ଶିଖିବ ।

Digitized by PPRACHIN, SOA

ନିଜ ପିଲାଙ୍କ ପାଠପଢ଼ା ନେଇ ବେଶ୍ ସତର୍କ ଥିଲେ ମୋହନଦାସ । ଛଗନଙ୍କୁ ଏ ନିର୍ଦ୍ଦେଶ ମଧ୍ୟ ଥିଲା, "ପିଲାମାନେ ଯେପରି ପଶ୍ଚିମୀ ଶିକ୍ଷା ନପାଆନ୍ତି, ଦେଖିବୁ । ନଳ, ସୁଦାମା, ଅଙ୍ଗଦର ଚରିତ୍ର ସଂପର୍କରେ ପିଲାଙ୍କୁ କହିବୁ । ପାଶ୍ଚାତ୍ କବିଙ୍କର କିଛି ନାଟକ ପଢ଼ିବାକୁ ତାଙ୍କୁ ଦେବୁନି । ପିଲାମାନେ ଯେପରି କିଛି ଖରାପ ଅଭ୍ୟାସ ନକରନ୍ତି, ଏଥିପ୍ରତି ଦୃଷ୍ଟି ଦେବୁ ଏବଂ ସବୁବେଳେ ମନେ ରଖିଥିବୁ, ପିଲାମାନେ ଯେପରି ସତ୍ୟକାମୀ ହୁଅନ୍ତି ।"

ଟ୍ରାନ୍ସବାହାଲରେ ଭାରତୀୟଙ୍କ ଅବସ୍ଥା ଥିଲା ନାତାଲ ଠାରୁ ଗମ୍ଭୀର । ଟ୍ରାନ୍ସବାହାଲରେ ଭାରତୀୟମାନେ କେବଳ କୁଲି, ଶ୍ରମିକ ଏବଂ କିଛି ବ୍ୟବସାୟୀ ଭାବେ ରହୁଥିଲେ । ଗାନ୍ଧୀଙ୍କ ବ୍ୟତୀତ ଅନ୍ୟ କୌଣସି ଭାରତୀୟ ଏଠି ପ୍ରଫେସନାଲ ଭାବେ କାମ କରୁନଥିଲେ । ଜଣେ କିଏ ଏଠି ଓକିଲ, ଡ଼ାକ୍ତର, ଇଂଜିନିୟର, ସଂପାଦକ କିମ୍ବା ମ୍ୟାନେଜର ଭାବେ ନଥିଲେ ।

କୁଲି ଭାରତୀୟଙ୍କ ରହିବା ପାଇଁ ବସ୍ତିମାନ ଥିଲା । ତାଙ୍କୁ ଲୋକେସନ କୁହାଯାଉଥିଲା । ବସ୍ତିରେ ପାଣି ନଥିଲା । ଆଲୁଅ ନଥିଲା ଏବଂ ପରିମଳ ବ୍ୟବସ୍ଥା ନଥିଲା । ଏସବୁକୁ ଦେବାରେ ସରକାରଙ୍କର କୌଣସି ଉଦ୍ୟମ ମଧ୍ୟ ନଥିଲା ।

ଥରେ ଭୟଙ୍କର ପ୍ଲେଗ୍ ଲାଗିଲା ଏ ବସ୍ତିରେ । ସରକାର ବସ୍ତି ଉଚ୍ଛେଦ କରିଦେଲେ । ବସ୍ତିକୁ ନିଆଁ ଲଗେଇ ପୋଡ଼ି ଦେଲେ ଏବଂ ବସ୍ତିକୁ ସହରର ଦଶ ମାଇଲ ଦୂରକୁ ଉଠାଇ ନିଆଗଲା । ସହର ଭିତରେ କୁଲି ବସ୍ତି ରହିବା ଠିକ୍ ନୁହେଁ ବୋଲି ସରକାର ଯୁକ୍ତି କଲେ ।

ବର୍ଷ ବର୍ଷ ଧରି ଜମିର ସ୍ଥାୟୀ ପଟ୍ଟା ଧରି ଏଠାରେ ଭାରତୀୟମାନେ ରହୁଥିଲେ ବି ବସ୍ତି ଉଚ୍ଛେଦ ପରେ ଏମାନଙ୍କୁ କ୍ଷତିପୂରଣ ଦିଆ ଗଲାନାହିଁ । ମୋହନଦାସ ଏଥିନେଇ କୋର୍ଟରେ ମକଦ୍ଦମା କଲେ । କେବଳ ଗୋଟିଏ ମକଦ୍ଦମା ବ୍ୟତୀତ ଅନ୍ୟ ସମସ୍ତ ମକଦ୍ଦମା ଗାନ୍ଧୀ ହାରିଗଲେ । କୌଣସି ବସ୍ତି ଭାରତୀୟଙ୍କୁ କ୍ଷତି ପୂରଣ ମିଳିଲାନି । ବସ୍ତିର ଶ୍ରମିକମାନଙ୍କ ଜୀବିକା ଚିନ୍ତା ବଢ଼ିଗଲା ।

ଟ୍ରାନ୍ସବାହାଲର ସେବେ ଗଭର୍ଣ୍ଣର ଥାଆନ୍ତି ଲର୍ଡ଼ ମିଲନର । ମିଲନର ଭାରତୀୟଙ୍କ ପ୍ରତି ମୋଟେ ସଂବେଦନଶୀଳ ନଥିଲେ । ସେ ଖୋଲା ଖୋଲି କହିଦେଲେ, ଭାରତୀୟମାନେ କୁଲି, ଦିନମଜୁରିଆ ଏବଂ ବ୍ୟବସାୟୀ ହେବା ଏତିକି ହିଁ ଯଥେଷ୍ଟ । ଜଣେ ସଭ୍ୟ ମଣିଷର ଯେତିକି ସାମାଜିକ ଷ୍ଟାଣ୍ଡାର୍ଡ଼ ଦରକାର ଭାରତୀୟମାନଙ୍କର ତାହା ନାହିଁ । ସେମାନେ ଅଧିକ ପାଠ ପଢ଼ିବା ଏଠି ଠିକ୍ ବି ନୁହଁ । ଅଧିକ ପାଠ ପଢ଼ିଦେଲେ,

Digitized by PPRACHIN, SOA

ଭାରତୀୟମାନେ ବୃତ୍ତିଭୋଗୀ ପ୍ରଫେସନାଲ ହୋଇଯିବେ ଏବଂ ଟ୍ରାନ୍ସବାହାଲର ଗୋରା ସଂପ୍ରଦାୟଙ୍କ ପାଇଁ ଏମାନେ ବିପଦ ହୋଇଯିବେ ।

ସମଗ୍ର ଟ୍ରାନ୍ସବାହାଲର ଭାରତୀୟଙ୍କ ବିରୁଦ୍ଧରେ ଗୋରାମାନଙ୍କର ସଭା ହେଲା । ଭାରତୀୟଙ୍କ ଦାବିକୁ ବିରୁଦ୍ଧ କରାଗଲା । ବିରୁଦ୍ଧରେ ଯୁକ୍ତି ଦିଆଗଲା; ଭାରତୀୟମାନଙ୍କୁ ବସବାସର ଅଧିକାର ମିଳିଗଲେ ସେମାନେ ଏଠାରେ ଯାଗା ଏବଂ ଚାକିରୀ ନେଇଯିବେ ଏବଂ ଏପରିକି ସେମାନେ ଗୋରା ମହିଳାମାନଙ୍କୁ ବିବାହ କରିଦେବେ ।

ଭାରତୀୟଙ୍କ ଦାବିକୁ ବିରୁଦ୍ଧ ଅପେକ୍ଷା ଏଥିରେ ଗୋରାମାନଙ୍କର ଘୃଣା ଥିଲା ବେଶି ।

ଗୋରାଙ୍କ ବିରୁଦ୍ଧ ଦେଖି ଗାନ୍ଧୀଙ୍କ ଚିନ୍ତା ବଢ଼ିଗଲା । କ'ଣ କରିବେ ଚିନ୍ତାରେ ପଡ଼ିଲେ । ନାତାଲରେ ସେ ଯେପରି ଭୋଟଦାନ ଅଧିକାର ଦାବି କରି ଆନ୍ଦୋଳନ କରୁଥିଲେ, ସେପରି ଆନ୍ଦୋଳନ ସେ ଟ୍ରାନ୍ସବାହାଲରେ କରିବେ ନା ସାଲିସ କରିବେ । ପୂର୍ବରୁ ଥିବା ବ୍ରିଟିଶ ଇଣ୍ଡିଆନ୍ ଆସୋସିଏସନ ଅଫ୍ ଟ୍ରାନ୍ସବାହାଲକୁ ସେ ପୁନର୍ଗଠନ କଲେ ଏବଂ ନିଜେ ଏହାର ସଂପାଦକ ହେଲେ ।

ଗାନ୍ଧୀ ଜାଣିଥିଲେ ଯେ, ଟ୍ରାନ୍ସବାହାଲରେ ଭାରତୀୟଙ୍କୁ ଭୋଟଦାନ ଅଧିକାର ମିଳିବା କଷ୍ଟ । ସେଥିପାଇଁ ସେ ଟ୍ରାନ୍ସବାହାଲରେ ଘର କରି ରହିବାର ଅଧିକାର, କାମ କରିବା ପାଇଁ ସୁଯୋଗ, ଗୋରାଙ୍କ ସହ ଗୋଟିଏ ଷ୍ଟ୍ରିଟ୍‌ରେ ଏକାଠି ରହିବାର ଅନୁମତି ଏବଂ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ପାଇଁ ଦାବି ରଖିଲେ ।

ଟ୍ରାନ୍ସବାହାଲରେ ମୋହନଙ୍କର ମାତ୍ର ଗୋଟିଏ ଚିନ୍ତା ଥିଲା । ତାହା ଥିଲା, ଭାରତୀୟଙ୍କ ଚିନ୍ତା । ଓକିଲାତି ଏବଂ ପରିବାର ଗୌଣ ହୋଇଯାଇଥିଲା ।

❖❖❖

Digitized by PPRACHIN, SOA

୨୨

ଦକ୍ଷିଣ ଆଫ୍ରିକାରେ ମୋହନଙ୍କ ନୂଆ ବନ୍ଧୁ

ଜୋହାନ୍ସବର୍ଗରେ ମୋହନଦାସ ଥିଲେ ଏକମାତ୍ର ଉଚ୍ଚ ପ୍ରଫେସନାଲ ଯାହାଙ୍କର ଜୀବନଶୈଳୀ ଥିଲା ଭିନ୍ନ । ଅନ୍ୟ ସବୁ ଉଚ୍ଚ ବୃତ୍ତି ଭୋଗୀଙ୍କ ଠାରୁ ଏହା ଥିଲା ସ୍ୱତନ୍ତ୍ର ଏବଂ ନିଆରା । ବିବାହିତ ଏବଂ ଏକାକୀ ରହୁଥିଲେ ବି ମୋହନଦାସ ଏକ ସରଳ ଜୀବନଯାପନ କରୁଥିଲେ । ଅନ୍ୟ ପ୍ରଫେସନାଲମାନେ ଯେତେବେଳେ କ୍ଲବ, ଥିଏଟର, ରଗ୍‌ବୀ ଖେଳ ଏବଂ ଘୋଡ଼ା ଦୌଡ଼ ପ୍ରତିଯୋଗୀତାରେ ସମୟ କାଟୁଥିଲେ, ଯୁବକ ଗାନ୍ଧୀ କିନ୍ତୁ ସେତେବେଳେ ନୂଆ ଭାବେ ନିଜକୁ ପ୍ରସ୍ତୁତ କରୁଥିଲେ ।

ଜୋହାନ୍ସବର୍ଗରେ ଏକ ଭେଜିଟାରିଆନ୍ ରେଷ୍ଟୁରାଣ୍ଟ ତିଆରି ହେଲା । ଏହା ଜଣେ ଦକ୍ଷିଣ ଆଫ୍ରିକୀୟ ମହିଳା ତିଆରି କଲେ । ଏଇ ଭେଜିଟାରିଆନ୍ ରେଷ୍ଟୁରାଣ୍ଟ ପାଇଁ ମୋହନଦାସ ତାଙ୍କ ସଂଚିତ ଅର୍ଥରୁ ଏକହଜାର ପାଉଣ୍ଡ ସାହାଯ୍ୟ କଲେ । ଅବଶ୍ୟ ସେ ଟଙ୍କା ଆଉ ମୋହନଦାସ ଫେରି ପାଇପାରିନାହାନ୍ତି । ରେଷ୍ଟୁରାଣ୍ଟ ଭଲ ନଚାଲି ସମୟକ୍ରମେ ବୁଡ଼ି ଯାଇଥିଲା ।

ମୋହନଦାସ ନିୟମିତ ଭାବେ ଏଇ ରେଷ୍ଟୁରାଣ୍ଟ ଯାଉଥିଲେ । ସଂଧ୍ୟାବେଳେ କିଛି ବିଦେଶୀ ବନ୍ଧୁଙ୍କ ସହ ତାଙ୍କର ସାକ୍ଷାତ ହେଉଥିଲା । ମୋହନଙ୍କ ସହ ଏମାନେ ଆଲୋଚନା କରୁଥିଲେ । ଧର୍ମ, ରାଜନୀତି, ନୈତିକତା ଏବଂ ସରଳ ଜୀବନଯାପନ ଥିଲା ଏ ଆଲୋଚନାର କିଛି ଅଂଶ । ଜୋହାନ୍ସବର୍ଗରେ ଚାରି ଜଣ ବିଦେଶୀ ଗୋରା ବ୍ୟକ୍ତିଙ୍କ ସହ ବନ୍ଧୁତ୍ୱ ହୋଇଗଲା ମୋହନଙ୍କର । ସେମାନେ ଥିଲେ ଏଲ୍. ଡ଼ବ୍ଲୁ. ରିଚ୍, ହେନେରୀ ପୋଲକ, ଆଲବର୍ଟ ୱେଷ୍ଟ ଏବଂ ହରମ୍ୟାନ୍ କେଲିନବେକ୍ । ମୋହନଙ୍କର ମହାତ୍ମା ପ୍ରସ୍ତୁତିରେ ଏଇ ଚାରିଜଣଙ୍କର ଭୂମିକା ଥିଲା ବେଶି ।

ଏଲ୍. ଡ଼ବ୍ଲୁ. ରିଚ୍ ଥିଲେ ରୁଷୀୟ ଅଧିବାସୀ । ବୃତ୍ତିରେ ସେ ଥିଲେ ଜଣେ ପୂର୍ବତନ ଟେଲର । ଜଣେ ଥିଓସୋଫିଷ୍ଟ । ବୋଅର ଯୁଦ୍ଧବେଳେ ରିଚ୍‌ଙ୍କ ସହ ସାକ୍ଷାତ ହୋଇଥିଲା ମୋହନଦାସଙ୍କର । ସେଇଠୁଁ ଆରମ୍ଭ ହୋଇଥିଲା ବନ୍ଧୁତ୍ୱ । ବୋଅର ଯୁଦ୍ଧ ପରେ ଶାନ୍ତି

Digitized by PPRACHIN, SOA

ପ୍ରତିଷ୍ଠିତ ହୋବାରେ ରିଚ୍ ଟ୍ରାନ୍ସବାହାଲ ଆସି ଯାଇଥିଲେ । ଗାନ୍ଧୀଙ୍କ ସଂପର୍କରେ ରିଚ୍ ଆନିବେସାନ୍ତଙ୍କ ପାଖକୁ ଚିଠି ଲେଖିଲେ । ସେ ଚିଠିଥିଲା ଖୁବ୍ ଦରଦୀ ଏବଂ ସ୍ପଷ୍ଟ । ସେ ଚିଠିରେ ଥିଲା, 'ନାଟାଲରେ ରଂଗ ଭେଦ ବିରୁଦ୍ଧରେ ଏବଂ ଭାରତୀୟଙ୍କ ସମସ୍ୟା ନେଇ ବାରିଷ୍ଟର ଗାନ୍ଧୀ କେବଳ ଏକାକୀ ଲଢୁଛନ୍ତି । ଭାରି ଭଦ୍ର ଲୋକ ମିଷ୍ଟର ଗାନ୍ଧୀ" ।

ରେଷ୍ଟୁରାଣ୍ଟରେ ଦିନେ ଅନ୍ୟ ଏକ ବନ୍ଧୁ ହେନେରି ପୋଲକଙ୍କ ସହ ସାକ୍ଷାତ ହୋଇଥିଲା ଗାନ୍ଧୀଙ୍କର । ଏହା ଥିଲା ୧୯୦୪ ମସିହା ପ୍ରଥମାର୍ଦ୍ଧର କଥା । ପୋଲକ ଥିଲେ ଜଣେ ବ୍ରିଟିଶ ଅଧିବାସୀ । ଇହୁଦୀ । ଦେଖିବାକୁ ସେ ଥିଲେ ପତଳା ଏବଂ ଦୁର୍ବଳ । ସେ 'କ୍ରିଟିକ୍' ନାମକ ଏକ ଖବର କାଗଜରେ କାମ କରୁଥିଲେ ।

ମନେ ପକାଇ ପୋଲକ କହନ୍ତି, "ଦେଖିବାକୁ ସୁନ୍ଦର ଏବଂ ପତଳା କଳା ଜଣେ ଭାରତୀୟଙ୍କୁ ସେଦିନ ରେଷ୍ଟୁରାଣ୍ଟର ଟେବୁଲ ପାଖରେ ଏକାକୀ ବସି ରହିବାର ଦେଖିଲି । ମୁଣ୍ଡରେ ତାଙ୍କର ଥିଲା କଳା ଟୋପି ଏବଂ କଳା ଚେହେରା ବ୍ୟତୀତ ତାଙ୍କୁ ଚିହ୍ନିବାକୁ ସେମିତି ଆଉ କିଛି ସ୍ୱତନ୍ତ୍ର ଚିହ୍ନ ତାଙ୍କର ନଥିଲା । ମୁଁ ଆଶ୍ଚର୍ଯ୍ୟ ହେଲି । ଭାବିଥିଲି, ଗାନ୍ଧୀ ନିଶ୍ଚୟ ଜଣେ ହୃଷ୍ଟ, ପୁଷ୍ଟ, ବଳିଷ୍ଠ ବ୍ୟକ୍ତିଟିଏ ହୋଇଥିବେ । କାରଣ ଗାନ୍ଧୀ ବୋଅର ଯୁଦ୍ଧରେ ଜଣେ ସର୍ଜେଣ୍ଟ ମେଜର ଥିଲେ । ଏ ଚିନ୍ତାରେ ବି ନଥିଲା, ଗାନ୍ଧୀ ଆମ ସମୟର ଜଣେ ବଳିଷ୍ଠ ବ୍ୟକ୍ତିତ୍ୱ ହୋଇଯିବେ ।"

ଗାନ୍ଧୀଙ୍କୁ ମଧ୍ୟ ଆଲବର୍ଟ ୱେଷ୍ଟ ସେଇ ରେଷ୍ଟୁରାଣ୍ଟରେ ଦେଖିଥିଲେ । ୱେଷ୍ଟ ପ୍ରଥମ ସାକ୍ଷାତରେ ଆଶ୍ଚର୍ଯ୍ୟ ହେଲେ । ଜୋହାନ୍ସବର୍ଗରେ ଯେତେବେଳେ ପ୍ରଫେସନାଲମାନେ ଏକାଠି ବସିଲେ ସେୟାର ବଜାର ସଂପର୍କରେ ଆଲୋଚନା କରୁଥିଲେ, ସେତେବେଳେ ଗାନ୍ଧୀ ଅନ୍ୟ ବନ୍ଧୁଙ୍କ ସହ କୁନେ ସ୍ନାନ, ଖାଦ୍ୟ ସଂସ୍କାର, ଉପବାସ କଥା ଆଲୋଚନା କରୁଥିଲେ । କୁନେଙ୍କ ବହିରେ ପ୍ରାକୃତିକ ଚିକିତ୍ସା କଥା ଲେଖା ଯାଇଥିଲା । କୁନେ ସ୍ନାନ ହେଉଛି ଏକ ବିଶେଷ ସ୍ନାନ ଯେଉଁଥିରେ ପାଣିରେ ଲୁଣ ଏବଂ ବେକିଙ୍ଗ ସୋଡ଼ା ମିଶାଇ ସ୍ନାନ କରାଯାଏ । ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଏଇ ଚିକିତ୍ସା ପଦ୍ଧତି ପଶ୍ଚିମ ୟୁରୋପୀୟ ରାଷ୍ଟ୍ର ଏବଂ ଉତ୍ତର ଆମେରିକାରେ ବେଶି ପ୍ରଚଳିତ ଥିଲା । ଜ୍ୱର, ଯନ୍ତ୍ରଣାର ଉପଶମ ପାଇଁ ଗରମ ପାଣି ସହ ଥଣ୍ଡା ପାଣି ଏବଂ ବାମ୍ଫର ବ୍ୟବହାର ହେଉଥିଲା ।

ଗାନ୍ଧୀ ଏବଂ ୱେଷ୍ଟ ଏଇ ଟେବୁଲ କଥାବାର୍ତ୍ତାରୁ ବନ୍ଧୁ ହୋଇଯାଇଥିଲେ ।

ମୋହନଙ୍କର ଚତୁର୍ଥ ବନ୍ଧୁ ଥିଲେ ହରମ୍ୟାନ୍ କେଲିନ୍‌ବେକ୍ । କେଲିନ୍‌ବେକ୍ ଥିଲେ ଜଣେ ପ୍ରୁସିଆର ଅଧିବାସୀ; ଜର୍ମାନ୍ । ବୃତ୍ତିରେ ସେ ସ୍ଥପତି । ଗାନ୍ଧୀଙ୍କ ଠାରୁ ସେ ଥିଲେ ଦୁଇ ବର୍ଷ ବଡ଼ । ବଳିଷ୍ଠ ଚେହେରା । ଜୋହାନ୍ସବର୍ଗର ବଡ଼ ବଡ଼ କୋଠାର ସେ ଡ଼ିଜାଇନ୍ କରୁଥିଲେ । ରୋଜଗାର ଥିଲା ତାଙ୍କର ବେଶ୍ ଅଧିକ । ପାଶ୍ଚାତ୍ୟ ଶୈଳୀରେ

Digitized by PPRACHIN, SOA

ସେ ଜୀବନ କାଟୁଥିଲେ ଏବଂ ଏକ ସ୍ୱତନ୍ତ୍ର ପ୍ରାଚୁର୍ଯ୍ୟ ଭରା ଜୀବନଶୈଳୀକୁ ସେ ବେଶି ପସନ୍ଦ କରୁଥିଲେ ।

ଗାନ୍ଧୀଙ୍କ ଅଫିସ ପାଖରେ ଥିଲା କେଲିନ୍‌ବେକ୍‌ଙ୍କର ଅଫିସ୍ । ଜଣେ ବ୍ୟବସାୟୀ ମହକିଲଙ୍କ ମାଧ୍ୟମରେ ଗାନ୍ଧୀ ଏବଂ କେଲିନ୍‌ବେକ୍‌ଙ୍କର ସାକ୍ଷାତ ହୋଇଥିଲା । କେଲିନ୍‌ବେକ୍ ଅବିବାହିତ ଥିଲେ ଏବଂ ମାନସିକ ଅଶାନ୍ତି ଭିତରେ ଥିଲେ । ଅନ୍ୟ ଜଣଙ୍କର ମାନସିକ ଦ୍ୱନ୍ଦ୍ୱ ଏବଂ ଅଶାନ୍ତି ଦୂର ପାଇଁ ଯେ ଗାନ୍ଧୀଙ୍କ ପାଖରେ କ୍ଷମତା ରହିଛି, କେଲିନ୍‌ବେକ୍ ତାହା ଲକ୍ଷ କରିଥିଲେ । କେଲିନ୍‌ବେକ୍ ଏବଂ ଗାନ୍ଧୀଙ୍କର ସଂପର୍କ ଥିଲା ଖୁବ୍ ଅନ୍ତରଂଗ । ଏକଦମ୍ ପାରିବାରିକ ।

ମୋହନଦାସ ଏଇ ଋରିବନ୍ଧୁଙ୍କ ସହ ସମୟ କାଟୁଥିଲେ । ନିଜର ଚିନ୍ତା ଏବଂ ଯୋଜନାକୁ ସେମାନଙ୍କ ସହ ବାଣ୍ଟୁଥିଲେ । ନିଜର ଅଫିସରେ ଏକ ବିଦେଶୀ ତରୁଣୀଙ୍କୁ ମୋହନ ନିଜର ଟାଇପିଷ୍ଟ ଭାବେ ରଖିଲେ । ତରୁଣୀ ଜଣକ ଥିଲେ ଖୁବ୍ ଅଳ୍ପ ବୟସ୍କା । ହରିଲାଲ ଠାରୁ ଛୋଟ । ନାଁ ଥିଲା ମିସ୍ ସୋଞ୍ଜା ସେଲ୍‌ସିନ୍ । ସମୟକ୍ରମେ ମିସ୍ ସେଲସିନ୍ ଦକ୍ଷିଣ ଆଫ୍ରିକାରେ ଗାନ୍ଧୀ ସତ୍ୟାଗ୍ରହର ଏକ ଅଭିଜ୍ଞ ଯୋଦ୍ଧା ହୋଇ ଯାଇଥିଲେ ।

୧୮୯୭-୯୮ରେ ନାତାଲରେ ଥିବା ବେଳେ ମୋହନଦାସ ଏକ ଖବର କାଗଜ ପ୍ରକାଶ କରିବାକୁ ଚିନ୍ତା କରିଥିଲେ । ତାହା କିନ୍ତୁ ସମ୍ଭବ ହୋଇନଥିଲା । ଟ୍ରାନ୍ସବାହାଲରେ ନିଜ ଚିନ୍ତାକୁ ସାକାର କରିବାକୁ ମୋହନ ନାତାଲ ଭାରତୀୟ କଂଗ୍ରେସର ସଭ୍ୟ ଥିବା ଦୁଇଜଣ ବ୍ୟକ୍ତିଙ୍କର ସାହାଯ୍ୟ ନେଲେ । ପ୍ରଥମ ଜଣ ଥିଲେ, ମନସୁଖାଇ ହିରାଲାଲ ନାଜର ଏବଂ ଦ୍ୱିତୀୟ ଜଣଙ୍କ ଥିଲେ ମଦନଜୀତ୍ ବ୍ୟବହାରିକ । ନାଜର ଥିଲେ ଜଣେ ଡ଼ାକ୍ତର । ସେ ଥିଲେ ଖୁବ୍ ଭ୍ରମଣ ପ୍ରିୟ । ଇଂଲଣ୍ଡରେ ତାଙ୍କର ବ୍ୟବସାୟ ଥିଲା । ବ୍ୟବସାୟ ଛାଡ଼ି ସେ ଦକ୍ଷିଣ ଆଫ୍ରିକା ଋଲି ଆସିଥିଲେ । ମଦନଜୀତ୍ ଥିଲେ ଜଣେ ପୂର୍ବତନ ଶିକ୍ଷକ । ଦର୍ବାନ୍‌ରେ ତାଙ୍କର ପ୍ରିଣ୍ଟିଙ୍ଗ ପ୍ରେସଟିଏ ଥିଲା । ସେତେବେଳେ ଦର୍ବାନରେ ଯେତେ ପ୍ରିଣ୍ଟିଂ ପ୍ରେସ ଥିଲା ମଦନଜୀତ୍‌ଙ୍କୁ ଛାଡ଼ିଦେଲେ ଅନ୍ୟସବୁ ପ୍ରେସ୍ ଗୋରାମାନଙ୍କର ହିଁ ଥିଲା ।

ନିଷ୍ପତ୍ତି ହେଲା, ଦର୍ବାନ୍‌ରେ ଖବର କାଗଜ ପ୍ରକାଶ ପାଇବ । ନାଁ ତା'ର "ଇଣ୍ଡିଆନ୍ ଓପିନିୟନ୍" । ନାଜର ହେଲେ ଏହାର ସଂପାଦକ । ଇଣ୍ଡିଆନ୍ ଓପିନିୟନ୍‌ରେ ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟଙ୍କ ଖବର, ଭାରତରେ ଭାରତୀୟଙ୍କ ଅବସ୍ଥା ଏବଂ ସାମାଜିକ, ନୈତିକ ତଥା ବୌଦ୍ଧିକ ପ୍ରସଙ୍ଗ ନେଇ ପ୍ରବନ୍ଧ ପ୍ରକାଶ ପାଇବ । ଏହା ଇଂରାଜୀ ବ୍ୟତୀତ ଅନ୍ୟ ତିନୋଟି ଭାଷାରେ ଛପା ହେବ ଯଥା- ଗୁଜୁରାଟି, ହିନ୍ଦୀ ଏବଂ ତାମିଲ । ମୋହନଦାସ ଜୋହାନ୍ସବର୍ଗରେ ରହି ଏଇ ଖବର କାଗଜକୁ ବୌଦ୍ଧିକ ସାହାଯ୍ୟ କରିବେ ।

Digitized by PPRACHIN, SOA

ଚିନ୍ ନେତା ଲିଉଙ୍ଗ୍ କୁଇନ୍

ଆଲବର୍ଟ ୱେଷ୍ଟ

ହରମ୍ୟାନ୍ କେଲିନ୍‌ବେକ୍

ମିସ୍ ସୋଞ୍ଜା ସେଲସିନ୍

Digitized by PPRACHIN, SOA

ଇଣ୍ଡିଆନ୍ ଓପିନିୟନର ପ୍ରଥମ ସଂଖ୍ୟା ପ୍ରକାଶ ପାଇଲା ୧୯୦୩ ମସିହା ଜୁନ୍ ମାସ ୪ ତାରିଖରେ । ପ୍ରଥମ ସଂଖ୍ୟାଟି ୮ ପୃଷ୍ଠା ବିଶିଷ୍ଟ ଥିଲା । ପ୍ରତି ସପ୍ତାହର ଶେଷ ଦିନ ମୋହନଦାସ ଇଣ୍ଡିଆନ୍ ଓପିନିୟନ ପାଇଁ ଡ଼ର୍ବାନ୍ ଯାଉଥିଲେ ।

୧୯୦୪ ମସିହା ଶେଷାର୍ଦ୍ଧ ସମୟ । ମିଷ୍ଟର ୱେଷ୍ଟଙ୍କ ଠାରୁ ଏକ ଜରୁରୀ ଖବର ପାଇ ମୋହନଦାସ ଡ଼ର୍ବାନ୍ ଯାତ୍ରରେ ବାହାରିଲେ । ଗାନ୍ଧୀଙ୍କୁ ଛାଡ଼ିବାକୁ ରେଳଷ୍ଟେସନ ପାଖକୁ ହେନେରି ପୋଲକ ଆସିଥିଲେ । ଷ୍ଟେସନରେ ପୋଲକ ଗାନ୍ଧୀଙ୍କୁ ଜହନ ରସ୍କିନ୍‌ଙ୍କର 'ଅନ୍ ଟୁ ଦିସ୍ ଲାଷ୍ଟ' ପୁସ୍ତକଟି ପଢ଼ିବାକୁ ଦେଲେ । ଜୋହାନ୍ସବର୍ଗରୁ ଦର୍ବାନ୍ ୨୪ ଘଣ୍ଟାର ରାସ୍ତା । ଗାନ୍ଧୀଙ୍କୁ ବାଟରେ ସମୟ କାଟିବାକୁ ପୋଲକ ଏଇ ବହିଟି ଦେଇଥିଲେ ।

ରସ୍କିନ୍‌ଙ୍କର ସେ ବହି ଗାନ୍ଧୀ ପଢ଼ିଲେ । ରାତିରେ ସେଦିନ ସେ ଶୋଇ ପାରିଲେ ନାହିଁ । ରସ୍କିନଙ୍କର 'ଅନ୍ ଟୁ ଦିସ୍ ଲାଷ୍ଟ' ପୁସ୍ତକଟି ଗାନ୍ଧୀଙ୍କ ମନରେ ପ୍ରଚୁର ରେଖା ପାତ କଲା । ଏକ ଯାଦୁକରୀ ପ୍ରଭାବ ରଖିଥିଲା ଯେମିତି । ରସ୍କିନ୍ ଲେଖିଥିଲେ- ମାଲିକ ଏବଂ ଚାକର ଭିତରେ ଥିବା ସଂପର୍କ ପାରସ୍ପରିକ ଶ୍ରଦ୍ଧା ଏବଂ ବିଶ୍ୱାସ ଦ୍ୱାରା ପରିଚାଳିତ ହେବା ଦରକାର । ଗୋଟିଏ ନୈତିକତାପୂର୍ଣ୍ଣ ଅର୍ଥନୀତି ହିଁ ସୁଖୀ ମଣିଷ ସମାଜଟିଏ ସୃଷ୍ଟି କରିପାରିବ ।

ଗାନ୍ଧୀଙ୍କ ପାଇଁ ଏ ଥିଲା ସର୍ବୋଦୟର ମନ୍ତ୍ର । ଜଣେ କୃଷକ ଏବଂ ଶ୍ରମିକର କାମ ଜଣେ ଓକିଲ ଏବଂ ମ୍ୟାନେଜରର କାମ ଠାରୁ କିଛି କମ୍ ମୂଲ୍ୟବାନ୍ ନୁହେଁ ।

ଗାନ୍ଧୀ ନିଜ ଜୀବନର ଗତିପଥକୁ ଏଇଠୁଁ ବଦଳାଇବାକୁ ନିଷ୍ପତ୍ତି ନେଲେ ।

ଡ଼ର୍ବାନରେ ପହଞ୍ଚି ମିଷ୍ଟର ୱେଷ୍ଟଙ୍କ ସହ ମୋହନଦାସ ସର୍ବୋଦୟ କଥା କହିଲେ । ଏବଂ ପ୍ରସ୍ତାବ ଦେଲେ, ଇଣ୍ଡିଆନ୍ ଓପିନିୟନ ଏକ ବଡ଼ ଚାଷ ଜମି ଉପରେ ହେବା ଉଚିତ୍ । ସେଠାରେ ଯେଉଁମାନେ ରହିବେ, ଖାଇବା ପିଇବା ପାଇଁ ଆବଶ୍ୟକୀୟ ଖର୍ଚ୍ଚ ସେମାନେ ସମାନ ରୂପେ ନେବେ । ସମସ୍ତେ ଆପଣା ଜମିରେ ଚାଷ କରିବେ ଏବଂ ଅବସର ସମୟରେ ଇଣ୍ଡିଆନ ଓପିନିୟନରେ କାମ କରିବେ । ପ୍ରତ୍ୟେକଙ୍କୁ ସେମାନଙ୍କ ଖାଇବା ଖର୍ଚ୍ଚ ପାଇଁ ଅନ୍ୟୁନ ୩ ପାଉଣ୍ଡ ଦିଆଯିବ ବୋଲି ପ୍ରସ୍ତାବ ହେଲା । ଏହା ଏକ ଆଶ୍ରମ ଜୀବନ ହିଁ ହେବ । ଟ୍ରାପିଷ୍ଟ ସାଧୁଙ୍କ ପରି ଜୀବନ । ଏଠାରେ କଳା ଗୋରାର ଭେଦଭାବ ରହିବ ନାହିଁ ।

ଯାଗା ଖୋଜିବାକୁ ୱେଷ୍ଟଙ୍କୁ ଅନୁରୋଧ କଲେ ମୋହନଦାସ । ଯାଗା ମିଳିଗଲା । ଶହେ ଏକର ଯାଗା । ଡ଼ର୍ବାନରୁ ଏହାର ଦୂରତା ଥିଲା ପ୍ରାୟ ତେର ମାଇଲ ଏବଂ ଫିନିକ୍ସ ରେଳ ଷ୍ଟେସନରୁ ଏହା ଥିଲା ଅଢ଼େଇ ମାଇଲ । ଯାଗା ଉପରେ କେତେଗୁଡ଼ିଏ କମଳା

Digitized by PPRACHIN, SOA

ଲେମ୍ବୁ ଗଛ, ଆମ୍ବଗଛ ଏବଂ ଫଳ ଗଛ ଥିଲା । ଏଥିରେ ସୁନ୍ଦର ଝରଣାଟିଏ ରହିଥିଲା । ଝରଣା କୂଳରେ ବଡ଼ ବଡ଼ ଗଛ ଏବଂ ପାଖ ଜଙ୍ଗଲରେ ଅନେକ ସାପ ରହିଥିଲେ । ନିଜେ ମୋହନଦାସ ଏଇ ଯାଗା ଉପରେ ଶୀଘ୍ର ଘର ତୋଳିବାକୁ ୩୫ଶହ ପାଉଣ୍ଡ ଦେଲେ । ରୁସ୍ତମଜୀ ଟଙ୍କା ସହ କିଛି ଘର ତିଆରି ଜିନିଷ କିଣି ଦେଇଦେଲେ । ମାସକ ଭିତରେ ଘର ତିଆରି ହୋଇଗଲା । ଏବଂ ଡ଼ର୍ବାନରୁ ଇଣ୍ଡିଆନ୍ ଓପିନିୟନ ଉଠି ଆସିଲା ଫିନିକ୍ସକୁ । ଫିନିକ୍ସ ଏକ ଯାଗାର ନାଁ ଥିଲେ ବି ଏହା ମୋହନଦାସଙ୍କର ସର୍ବୋଦୟ ଚିନ୍ତାର ଏକ ପରୀକ୍ଷାଗାର ଥିଲା ।

ଟ୍ରାନ୍ସବାହାଲରେ ଭାରତୀୟଙ୍କ ସମସ୍ୟା କ୍ରମଶଃ ଗମ୍ଭୀର ହେଉଥିଲା । ଏହାର ସମାଧାନ କେମିତି ଅନିଶ୍ଚିତ ଦେଖାଯାଉଥିଲା । ୧୯୦୪ ମସିହାରେ ଟ୍ରାନ୍ସବାହାଲର ଗଭର୍ଣ୍ଣର ପୂର୍ବରୁ ମୋହନଦାସ ଦେଇଥିବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲେ । ଭାରତୀୟମାନେ ଟ୍ରାନ୍ସବାହାଲରେ ଯାଗା କିଣି ଘର କରିବାର ଅଧିକାର, କାମ କରିବାର ଅଧିକାର, ଗୋରା ବସ୍ତିରେ ରହିବାର ଅଧିକାର ଏବଂ ମର୍ଯ୍ୟାଦାପୂର୍ଣ୍ଣ ଏକ ଜୀବନ କାଟିବାରେ ସରକାରୀ ସାହାଯ୍ୟକୁ ନେଇ ଗାନ୍ଧୀ ଯେଉଁ ଦାବି ରଖିଥିଲେ ସେ ଦାବିକୁ ସରକାର ମନା କରିଦେଲେ । ଦକ୍ଷିଣ ଆଫ୍ରିକାରେ ଯେ ଗାନ୍ଧୀଙ୍କୁ ଆଉ କିଛି ଦିନ ରହିବାକୁ ହେବ, ଗାନ୍ଧୀ ନିଶ୍ଚିତ ହୋଇଗଲେ । କସ୍ତୁରବା ଏବଂ ପିଲାମାନେ ଦକ୍ଷିଣ ଆଫ୍ରିକା ଚାଲି ଆସିବାକୁ ମୋହନଦାସ ଭାରତକୁ ଖବର ଦେଇଦେଲେ ।

ପିଲାଙ୍କ ସହ କସ୍ତୁରବା ୧୯୦୪ ମସିହା ଶେଷ ଆଡ଼କୁ ଦକ୍ଷିଣ ଆଫ୍ରିକାରେ ପହଞ୍ଚିଲେ । ବଡ଼ପୁଅ ହରିଲାଲଙ୍କ ବ୍ୟତୀତ ଅନ୍ୟ ତିନିପୁଅ, କସ୍ତୁରବା, ଭଣଜା ଗୋକୁଳଦାସ ଏବଂ ପୁତୁରା ଛଗନଲାଲ ଆସିଥିଲେ । ହରିଲାଲଙ୍କର ବୟସ ସେବେ ୧୬ ବର୍ଷ ହୋଇଯାଇଥିଲା । ସେ ବମ୍ବେ ବିଶ୍ୱବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ।

ହରିଲାଲ ଦକ୍ଷିଣ ଆଫ୍ରିକା ନଆସିବାର ଅନ୍ୟ ଏକ କଥା ବି କୁହାଗଲା । ହରିଲାଲ ଭଲ ପାଇଥିଲେ ମୋହନଦାସଙ୍କ ବନ୍ଧୁ ରାଜକୋଟର ଆଡ଼ଭୋକେଟ୍ ହରିଦାସ ଭୋରାଙ୍କ ଝିଅ ଚଞ୍ଚଳଙ୍କୁ । ଚଞ୍ଚଳଙ୍କର ଡ଼ାକ ନାଁ ଥିଲା ଚଞ୍ଚି । ଚଞ୍ଚଳକୁ ବି 'ଗୁଲାବ' ନାଁରେ ଡ଼କା ଯାଉଥିଲା । ସୌରାଷ୍ଟ୍ରରେ ସାଧାରଣତଃ ଅଧିକାଂଶ ଝିଅମାନଙ୍କ ଦୁଇଟି ନାଁ ଥାଏ । ଗୋଟିଏ ନାଁ ମାମୁଁଘର ପଟୁ ଥାଏ ଏବଂ ଅନ୍ୟଟି ନିଜ ଘରୁ ।

କାରଣ ଯାହା ହେଉନା କାହିଁକି, ଦକ୍ଷିଣ ଆଫ୍ରିକାରେ ଗାନ୍ଧୀ ପରିବାର ସହ ହରିଲାଲ ନଥିଲେ ।

Digitized by PPRACHIN, SOA

୨୩

କାର୍ଯ୍ୟ ଚାପ

କସ୍ତୁରବା ଏବଂ ପୁଅମାନେ ଜୋହନସ୍‌ବର୍ଗରେ ପହଞ୍ଚିଲା ପରେ ମୋହନଦାସ ଆଲବେମା ଷ୍ଟ୍ରିଟ୍‌ରେ ଗୋଟିଏ ବଡ଼ଘର ଭଡ଼ା ନେଲେ । ଦୁଇ ମହଲା ଘର । ଆଠଟା ବଡ଼ ବଡ଼ ରୁମ୍ । ବାଲକୋନି ଥିଲା । ଘର ଆଗରେ ବଗିଚା । ପାଖରେ କେହି ଭାରତୀୟ ପଡ଼ୋଶୀ କିନ୍ତୁ ନଥିଲେ । ଗୋରା ଲୋକଙ୍କ ସାହି ଭିତରେ ମୋହନଙ୍କ ଏ ଭଡ଼ାଘର ଥିଲା ।

ଦକ୍ଷିଣ ଆଫ୍ରିକାରେ ମୋହନଙ୍କ ଆର୍ଥିକ ଚାପ ଦେଖାଦେଲା । ଫିନିକ୍ସରେ ବସତି, ଖବର କାଗଜ ପ୍ରକାଶନ, ଜୋହନସ୍‌ବର୍ଗରେ ପରିବାର ଏବଂ ଭାରତରେ ଆତ୍ମୀୟମାନଙ୍କୁ ଆର୍ଥିକ ସାହାଯ୍ୟ, ଏସବୁ ମୋହନଦାସଙ୍କୁ ଅଧିକ ରୋଜଗାର ପାଇଁ ବାଧ୍ୟ କରିଥିଲା । ବିଭିନ୍ନ ଯାଗାରେ ଘର ଚଳାଇବା ଖୁବ୍ ବଡ଼ କାମ ଥିଲା ମୋହନଙ୍କ ପାଇଁ ।

ପ୍ରତିଦିନ ସକାଳୁ ଉଠି ମୋହନଦାସ କସ୍ତୁରବାଙ୍କୁ କାମରେ ସାହାଯ୍ୟ କରନ୍ତି । ରୁଟି ପାଇଁ ଅଟା ପେଷି ଦିଅନ୍ତି । ଏବଂ ନିଜ ପିଲାଙ୍କ ପାଠ ପଢ଼ା କଥା ବୁଝି ନିଜ ଚାମ୍ବରକୁ ବାହାରି ଯାଆନ୍ତି ।

ମୋହନଙ୍କ ଅଫିସ ଥିଲା ଜୋହନସବର୍ଗର ରିସିକ୍ ଷ୍ଟ୍ରିଟରେ । ଭଡ଼ାଘର ଠାରୁ ଏହା ଥିଲା ପ୍ରାୟ ପାଞ୍ଚ ମାଇଲ ଦୂର । ମୋହନଦାସ ପ୍ରତିଦିନ ଚାଲି ଚାଲି ନିଜ ଅଫିସ ଯାଉଥିଲେ । ଅଫିସ୍ ଗଲାବେଳେ ନିଜ ଦିପହର ଖାଇବା ପାଇଁ ଖାଦ୍ୟ ନେଇଯାଉଥିଲେ । ଖାଦ୍ୟ ଭିତରେ ଥିଲା କିଛି ରୁଟି, ଚଣା, ଲହୁଣୀ, ଏବଂ ଋତୁକାଳୀନ ଫଳ । ରାତିରେ ଘରକୁ ଫେରିଲେ ଖାଇ ସାରି ନିଜ ପିଲାଙ୍କ ପାଠ ପଢ଼ା ବୁଝୁଥିଲେ ମୋହନ । ପିଲାମାନେ ଜୋହନସବର୍ଗର ଏକ ସାଧାରଣ ସ୍କୁଲରେ ନାଁ ଲେଖାଇଥିଲେ ।

ନୈତିକତାର ଶିକ୍ଷା ଏବଂ ଚରିତ୍ର ଗଠନର ଶିକ୍ଷା ହିଁ ଥିଲା ମୋହନଙ୍କ ଅର୍ଥରେ

Digitized by PPRACHIN, SOA

ପ୍ରକୃତ ଶିକ୍ଷା । ସମାଜ ଏବଂ ନୈତିକତାର ଏକ ସନ୍ତୁଳିତ ବୁଝାମଣାକୁ ହିଁ ଗାନ୍ଧୀ ଏକ ଯଥାର୍ଥ ଶିକ୍ଷା ବୋଲି ଭାବିଥିଲେ । ଗାନ୍ଧୀଙ୍କ ପିଲାମାନେ କିନ୍ତୁ ଏ ଶିକ୍ଷାତତ୍ତ୍ୱରେ ମୋଟେ ସନ୍ତୁଷ୍ଟ ନଥିଲେ ।

ଫିନିକ୍ସରେ ଇଣ୍ଡିଆନ୍ ଓପିନିୟନର ପ୍ରକାଶନ କଥା ବୁଝିବାକୁ ମୋହନଦାସ ଫିନିକ୍ସକୁ ଛଗନଲାଲଙ୍କୁ ପଠାଇଦେଲେ । ଛଗନଲାଲ ଏବଂ ଓ୍ୱେଷ୍ଟ ଖବର କାଗଜ କଥା ଦେଖିଲେ । ନିଜ ଖବର କାଗଜ କ୍ରିଟିକ୍ ଛାଡ଼ି ଇଣ୍ଡିଆନ୍ ଓପିନିୟନରେ ଯୋଗ ଦେଇଥିବା ବ୍ରିଟିଶ ବନ୍ଧୁ ପୋଲକଙ୍କୁ ମୋହନଦାସ ଫିନିକ୍ସରୁ ଜୋହାନସବର୍ଗ ନେଇ ଆସିଲେ । ନିଜ ଅଫିସ୍ କାମ ଏବଂ ଆଇନ କାମରେ ସହାୟତା ପାଇଁ ପୋଲକଙ୍କର ସାହାଯ୍ୟ ମୋହନଦାସ ଋହିଁଥିଲେ । ମୋହନଙ୍କ ଅଫିସରେ ହେନେରି ପୋଲକ କିରାଣୀ କାମ କଲେ ।

ଉଭୟେ ହେନେରି ପୋଲକ ଏବଂ ଆଲବର୍ଟ ଓ୍ୱେଷ୍ଟ ମୋହନଙ୍କୁ ନିଜ ବଡ଼ ଭାଇ ଭାବେ ଦେଖୁଥିଲେ । ଗାନ୍ଧୀଙ୍କ କଥାକୁ ଏ ଦୁଇଜଣ ଖୁବ୍ ଗୁରୁତ୍ୱର ସହ ନେଉଥିଲେ । ମୋହନ ଏମାନଙ୍କୁ ଶୀଘ୍ର ବିବାହ କରିବାକୁ ପରାମର୍ଶ ଦେଲେ ।

ପୋଲକଙ୍କର ପ୍ରେମିକା ଥିଲା ମିଲି । ମିଲି ସହ ପୋଲକର ବିବାହକୁ ମୋହନ ବି ଋହିଁଥିଲେ । ପୋଲକ ଏବଂ ଓ୍ୱେଷ୍ଟ ଶୀଘ୍ର ବିବାହ କରିବାକୁ ମୋହନଙ୍କ କଥାରେ ରାଜିହେଲେ । ଲଣ୍ଡନରେ ମିଲିକୁ ବିବାହ କରି ପୋଲକ ଜୋହାନସବର୍ଗ ଆସିଲେ । ସାଂଗରେ ମିଲି ଆସିଥିଲେ । ଏବଂ ଓ୍ୱେଷ୍ଟ ତାଙ୍କ ପତ୍ନୀ, ମା' ଏବଂ ଭଉଣୀଙ୍କୁ ଧରି ଫିନିକ୍ସ ଋଲି ଆସିଲେ । ଫିନିକ୍ସ ଆଶ୍ରମରେ ଓ୍ୱେଷ୍ଟଙ୍କ ଭଉଣୀ ଖୁବ୍ ଆଦରଣୀୟ ହୋଇଗଲେ । ଆଶ୍ରମବାସୀମାନେ ଶ୍ରଦ୍ଧାରେ ତାଙ୍କୁ 'ଦେବୀ ବେହନ' ବୋଲି ଡାକୁଥିଲେ ।

ଜୋହନସବର୍ଗରେ ଗାନ୍ଧୀଙ୍କ ପରିବାର ଭିତରେ ପୋଲକଙ୍କ ପରିବାର ଏକାଠି ରହିଲେ । କସ୍ତୁରବାଙ୍କ ପାଇଁ ଭାଷାର ସମସ୍ୟା ଥିଲେ ବି ଚଳୁଥିଲା । କୌଣସି ଅଭିଯୋଗ ନକରି ଗାନ୍ଧୀଙ୍କ ସବୁ ଇଚ୍ଛାକୁ ସମ୍ମାନ ଦେବା ଥିଲା କସ୍ତୁରବାଙ୍କର ଗୁଣ । ଭଡ଼ା ଘରକୁ ଅନେକ ସମୟରେ ବି ହରମ୍ୟାନ୍ କେଲିନ୍‌ବେକ୍ ଆସୁଥିଲେ । ମୋହନଙ୍କ ପିଲାମାନେ କେଲିନ୍‌ବେକ୍‌ଙ୍କୁ ଭଲ ପାଉଥିଲେ ।

ଇଣ୍ଡିଆନ୍ ଓପିନିୟନ କାଗଜର କଳେବର ବଢ଼ିଗଲା । ପ୍ରଥମେ ଏହା ଆଠପୃଷ୍ଠାର ଖବର କାଗଜ ଥିଲା । ମାତ୍ର ଅଳ୍ପ ସମୟ ଭିତରେ ଏହା ଛତିଶି ପୃଷ୍ଠା ହୋଇଗଲା ।

'ଇଣ୍ଡିଆନ୍ ଓପିନିୟନ' କେବଳ ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ସମସ୍ୟା ନେଇ ବ୍ୟସ୍ତ ନଥିଲା । ଏଥିରେ ପୃଥିବୀ ସଂବାଦ ବି ପ୍ରକାଶ ପାଉଥିଲା । ଏଥିରେ

Digitized by PPRACHIN, SOA

ଭାରତର ଖବର ଥିଲା । ଗର୍କି, ଆବ୍ରାହିମ୍ ଲିଙ୍କନ, ଫରେନ୍ସ ନାଇଟିଙ୍ଗଲଙ୍କର ଜୀବନୀ ଓ ଟିପ୍ପଣୀ ସହ ଶ୍ରଦ୍ଧା ସୁମନ ଥିଲା । ୧୯୦୫ ମସିହାରେ ବଂଗ ବିଭାଜନ ବେଳେ ହୋଇଥିବା ପ୍ରତିବାଦ ଏବଂ ସ୍ୱଦେଶୀ ଆନ୍ଦୋଳନକୁ ସମର୍ଥନ କରି ଲେଖାମାନ ଇଣ୍ଡିଆନ୍ ଓପିନିୟନ ଛାପିଥିଲା ।

ଇଣ୍ଡିଆନ୍ ଓପିନିୟନ ମୋହନଦାସଙ୍କୁ ଏକ ସାମାଜିକ ସଂସ୍କାରକ ଏବଂ ଏକ ସାମାଜିକ କର୍ମକର୍ତ୍ତା ଭାବେ ଚିତ୍ରିତ କରୁଥିଲା । କେବଳ ସାମାଜିକ ସ୍ତରରେ ନୁହେଁ, ଗାନ୍ଧୀ ଜଣେ ଆଧ୍ୟାତ୍ମିକତାର ନିଛକ ସଂଧାନୀ ଥିଲେ, ଏପରି ବି ବର୍ଣ୍ଣନା କରୁଥିଲା ଇଣ୍ଡିଆନ୍ ଓପିନିୟନ । ବାସ୍ତବରେ ମୋହନଦାସ ଏପରି ଚରିତ୍ରରେ ଅଧିକାରୀ ବି ହୋଇ ସାରିଥିଲେ । ମହାତ୍ମାର ପ୍ରସ୍ତୁତି ଇଚ୍ଛାକୃତ ନଥିଲେ ବି ହୋଇଯାଇଥିଲା ।

ଟ୍ରାନ୍ସବାହାଲରେ କିନ୍ତୁ ଶାସକମାନଙ୍କର ଭାରତୀୟଙ୍କ ପ୍ରତି ଥିବା ଦୃଷ୍ଟିଭଙ୍ଗୀ ବଦଳୁ ନଥିଲା । ଲର୍ଡ ମିଲନରଙ୍କ ପରେ ଲର୍ଡ ସେଲେବର୍ଣ୍ଣ ଟ୍ରାନସ୍‌ବାହାଲର ଗଭର୍ଣ୍ଣର ହେଲେ । ସେଲେବର୍ଣ୍ଣ ମିଲନରଙ୍କ ଅସମାପ୍ତ ଏଜେଣ୍ଡାକୁ କାର୍ଯ୍ୟକାରୀ କରିବାକୁ ଋହିଁଲେ । ସେକ୍ରେଟାରୀ ଅଫ୍ ଷ୍ଟେଟ୍‌କୁ ସେଲେବର୍ଣ୍ଣ ଚିଠି ଲେଖି ଜଣାଇ ଦେଲେ – ଟ୍ରାନ୍ସବାହାଲରେ ଭାରତୀୟଙ୍କୁ ମତାଧିକାର ଦେବାର କୌଣସି ଯଥାର୍ଥତା ନାହିଁ । ଭାରତୀୟମାନେ ବି ଅସ୍ତ୍ର ବିଦ୍ୟା ଜାଣନ୍ତି ନାହିଁ । ସେମାନେ ଯୋଦ୍ଧା ଜାତି ମଧ୍ୟ ନୁହଁନ୍ତି । ବୋଅରମାନେ ପୁଣି କେବେ ବିଦ୍ରୋହ କଲେ ଟ୍ରାନସବାହାଲରେ ଅସ୍ତ୍ର ଚଳେଇ ଜାଣିଥିବା ଯୋଦ୍ଧା ଅଭାବରୁ ଯୁଦ୍ଧରେ ସେ ହାରିଯିବେ ।

ମୋହନଙ୍କୁ ଏ ଚିଠି କଥା ଜଣା ନଥିଲା । ସେ ନିଜେ ତାଙ୍କ ସାଥୀଙ୍କ ସହ ସେଲେବର୍ଣ୍ଣଙ୍କୁ ଦେଖାକରି ବିସ୍ଥାପିତଙ୍କୁ ଫେରାଇ ଆଣି ଥଇଥାନ କରିବା ଏବଂ ଜମି ଅଧିକାର ବିଷୟ ପ୍ରସଙ୍ଗ କହିଲେ । ସେଲେବର୍ଣ୍ଣ ଏ ସବୁ ଶୁଣିଲେ । କିନ୍ତୁ ଏଥିରେ କିଛି ଆଗ୍ରହ ଦେଖାଇ ନଥିଲେ । ଭାରତୀୟଙ୍କ ପାଇଁ ଏକ କଠିନ ସମୟର ଭବିଷ୍ୟତର ଗନ୍ଧ ମୋହନ ବାରି ପାରୁଥିଲେ ଏବଂ ଘଟଣାଟି ଗୁରୁତର ହୋଇଥିଲା, ଯେତେବେଳେ ଜୋହନ୍ସବର୍ଗରେ ପ୍ରଥମ କରି ଋଲିବାକୁ ଯାଉଥିବା ଟ୍ରାମ୍‌ରେ ଭାରତୀୟମାନେ ଯାତ୍ରା କରିପାରିବେନି ବୋଲି ଆଦେଶ ଜାରି ହେଲା । ଟ୍ରାମ୍ କେବଳ ଗୋରା, ୟୁରୋପୀୟଙ୍କ ପାଇଁ ସୁରକ୍ଷିତ ଥିଲା ।

ରାଜକୋଟରେ ନିଜ ଓକିଲ ବନ୍ଧୁ ହରିଦାସ ଭୋରାଙ୍କ ଝିଅ ଚଞ୍ଚଳକୁ ବଡ଼ପୁଅ ହରିଲାଲ ବିବାହ କରିଥିବା ଖବର ମୋହନଦାସ ପାଇଲେ । ବିବାହ ପାଇଁ ହରିଲାଲଙ୍କର ବୟସ ସେତେବେଳେ ହୋଇନଥିଲା । ହରିଲାଲ ଥିଲେ ମାତ୍ର ଅଠର ବର୍ଷର । ମୋହନଙ୍କ

Digitized by PPRACHIN, SOA

ବଡ଼ ଭାଇ ଲକ୍ଷ୍ମୀଦାସ ହରିଲାଲର ବିବାହ କରାଇଦେଲେ । ଖବର ପାଇ ମୋହନଙ୍କ ଦୁଃଖ ହେଲା । ସବୁ ଦୁଃଖକୁ ସାହସିକତାର ସହ ସାମ୍ନା କରିବା ମୋହନଦାସଙ୍କ ଥିଲା ଏକ ଅଦ୍‌ଭୂତ ଗୁଣ । ସେ ଅର୍ଥିକ ସଂକଟ ହେଉ ବା ପାରିବାରିକ ।

ବଡ଼ ଭାଇ ଲକ୍ଷ୍ମୀଦାସ ମୋହନଙ୍କୁ ଚିଠି ଲେଖି ଜଣାଇଦେଲେ – 'ରାଜକୋଟରେ ଭାଇମାନଙ୍କୁ ଭୁଲି ଯିବା ଠିକ୍ ହେଉନି । ପରିବାରର ଆର୍ଥିକ ସ୍ଥିତି ସୁଧାରିବା ବି ତୁମର କର୍ତ୍ତବ୍ୟ ।'

ମୋହନ ତତ୍‌କ୍ଷଣାତ୍ ଉତ୍ତର ଦେଇଦେଲେ, "ମୋ ପାଇଁ ପରିବାର କହିଲେ କେବଳ ଦୁଇ ଭାଇଙ୍କୁ ବୁଝାଏ ନାହିଁ । ମୋ ପରିବାର ଭିତରେ ମୋ ବଡ଼ ଭଉଣୀ, ଭଣଜା ଏବଂ ପୁତୁରାମାନେ ଅଛନ୍ତି । ଏହା କହିଲେ ଅସଂଗତ ହେବନି, ଏବେ ସାରା ସଂସାର ମୋର ପରିବାର ହୋଇଯାଇଛି ।"

"ମୁଁ ଯାହା ରୋଜଗାର କରୁଛି, ଏ ସବୁର ମାଲିକ ମୁଁ ନୁହେଁ । ମୁଁ ମୋର ରୋଜଗାରକୁ ସମସ୍ତ ସାଧାରଣ ଜନତାଙ୍କୁ ସମର୍ପି ଦେଉଛି । ଏଠି ଯାହା ମୁଁ ଆୟ କରୁଛି, ମୁଁ ମୋ ପାଇଁ କରୁନାହିଁ । ଈଶ୍ୱର ମୋତେ ଏ ଆୟ ଲୋକଙ୍କ ହିତ ପାଇଁ ଦେଇଛନ୍ତି ।

"ମୁଁ ଦକ୍ଷିଣ ଆଫ୍ରିକାକୁ କେବଳ ଅର୍ଥ ଉପାର୍ଜନ କରିବାକୁ ଆସିନି । ଲୋକଙ୍କ ସେବା କରିବା ମୋର ଉଦ୍ଦେଶ୍ୟ । ମୁଁ ଯାହା ରୋଜଗାର ଏପର୍ଯ୍ୟନ୍ତ କରିଛି, ଏଥିରୁ ତୁମକୁ ମୁଁ ୬୦ ହଜାର ଟଙ୍କା ଦେଇ ସାରିଲାଣି । ତୁମେ ମୋତେ ଲଣ୍ଡନରେ ପାଠ ପଢ଼ା ପାଇଁ ମାତ୍ର ୧୩ ହଜାର ଟଂକା ଦେଇଥିଲ । ମୁଁ ଶୁଣୁଛି, ତୁମେ କୁଆଡ଼େ ବେଶ୍ ଅଯସରେ ଅଛ । ବିଳାସ ବ୍ୟସନ କରୁଛ ।"

ବଡ଼ ଭାଇ ଲକ୍ଷ୍ମୀଦାସଙ୍କ ଚିଠି ଯେପରି କଟୁ ଥିଲା, ମୋହନଙ୍କ ଉତ୍ତର ଅତି କଠୋର ବି ଥିଲା । ଦକ୍ଷିଣ ଆଫ୍ରିକାରେ ଚଳଣି ସେମିତି କିଛି ଉଚ୍ଚକୋଟିର ନଥିଲା ମୋହନଙ୍କର ।

ମୋହନଙ୍କର ପାରିପାର୍ଶ୍ୱିକ ସମସ୍ୟା ବଢ଼ିଯାଇଥିଲା ।

୧୯୦୬ ମସିହା ଏପ୍ରିଲରେ ନାତାଲରେ ଜୁଲୁ ବିଦ୍ରୋହ ଦେଖାଦେଲା । କାରଣ ଥିଲା 'ପୋଲ ଟାକ୍ସ' । ନାତାଲ ସରକାର ସ୍ଥିର କଲେ, ପ୍ରତି ପୁରୁଷ ଆଫ୍ରିକୀୟମାନେ ଏଠାରେ ଏକ ପାଉଣ୍ଡ ନିର୍ବାଚନ ଟିକସ ଦେବେ । ଜୁଲୁମାନେ ଏହାକୁ ବିରୋଧ କଲେ । ସେମାନେ ଅସ୍ତ୍ର ଶସ୍ତ୍ର ଧରି ଟିକସ ଆଦାୟକାରୀଙ୍କ ଉପରେ ଆକ୍ରମଣ କଲେ । ବ୍ରିଟେଶ ସେନା ବିଦ୍ରୋହୀମାନଙ୍କୁ ଦମନରେ ଲାଗିଗଲା । ଏକ ଯୁଦ୍ଧ ପରିସ୍ଥିତି ଦେଖାଦେଲା ।

Digitized by PPRACHIN, SOA

ମୋହନଦାସ ବୋଅର ଯୁଦ୍ଧ ପାଇଁ ଏଥର ମଧ୍ୟ ବ୍ରିଟିଶ ସରକାର ପ୍ରତି ଆନୁଗତ୍ୟ ଦେଖାଇଲେ । ସ୍ୱେଚ୍ଛାସେବୀ ଆମ୍ବୁଲାନ୍‌ସ ଗୋଷ୍ଠୀ ଧରି ଆହତଙ୍କ ଚିକିତ୍ସା ପାଇଁ ଯୁଦ୍ଧ କ୍ଷେତ୍ରକୁ ଗଲେ । ଆହତଙ୍କର ସେବା କଲାବେଳେ ମୋହନଙ୍କ ରଂଗ ଭେଦ ନଥିଲା । ପ୍ରାୟ ୬ ସପ୍ତାହ ପରେ ବିଦ୍ରୋହ ଶେଷ ହେଲା ।

ଯୁଦ୍ଧ ପରେ ନିଜର ଆତ୍ମ ସମୀକ୍ଷା କଲେ ମୋହନଦାସ । ମଣିଷ ମଣିଷ ଭିତରେ ଏ ପାଚେରି କାହିଁକି ? ଏହାକୁ ଗଢ଼ିଛି କିଏ ? ହିଂସା ଏବଂ ଦ୍ୱେଷ ବ୍ୟତୀତ ଏଠି ଶାନ୍ତିରେ ରହିବା କ'ଣ ଅସମ୍ଭବ ହେବ ?

ଜୁଲୁ ବିଦ୍ରୋହ ବେଳେ କସ୍ତୁରବା ଜୋହନସବର୍ଗ ଛାଡ଼ି ଫିନିକ୍ସ ଚାଲି ଆସିଥିଲେ । ମୋହନଙ୍କ ପାଖରେ ରହିବାକୁ କସ୍ତୁରବା ଚାହିଁଥିଲେ । ଜୁଲୁମାନେ କସ୍ତୁରବାଙ୍କୁ ବି ବିଦ୍ରୋହରେ ମୋହନଙ୍କ ବ୍ରିଟିଶ ସେନାର ସହାୟତା ନେଇ ଧମକ ଦେଇଥିଲେ ।

ଜୁଲୁ ବିଦ୍ରୋହ ଶେଷ ହେବା ପରେ ମୋହନଦାସ ଫିନିକ୍ସ ଆସିଲେ । ଜୋହନସବର୍ଗ ଗଲେ ନାହିଁ ।

ଫିନିକ୍ସରେ ଏକ ବିରାଟ ମାନସିକ ପରିବର୍ତ୍ତନ ହେଲା ମୋହନଦାସଙ୍କର । ଚାରିବର୍ଷ ତଳେ ଅର୍ଥାତ୍ ୧୯୦୨ ମସିହାରେ ବ୍ରହ୍ମଚର୍ଯ୍ୟର ଯେଉଁ ଖିଆଲ ମନରେ ଆସିଥିଲା, ଏହା କାର୍ଯ୍ୟକାରୀ କରିବାକୁ ମୋହନ ମନସ୍ଥ କଲେ । ନିଜ ଇଚ୍ଛା କଥା ସେ କସ୍ତୁରବାଙ୍କୁ ଜଣାଇଲେ । ମୋହନଙ୍କ କୌଣସି ଇଚ୍ଛାକୁ କସ୍ତୁରବା କେବେ ଅଗ୍ରାହ୍ୟ କରି ନଥିଲେ । ମୋହନଙ୍କ ଏ କଥାକୁ ବି କସ୍ତୁରବା ଗ୍ରହଣ କରିନେଲେ । ୩୭ ବର୍ଷ ବୟସରେ ବ୍ରହ୍ମଚର୍ଯ୍ୟ ପାଳିବେ ବୋଲି ଏକ ଦୃଢ଼ ନିଷ୍ପତ୍ତି ହୋଇଗଲେ ମୋହନ । ଶୋଇବା ପାଇଁ ଦୁଇଟି ବିଛଣା ହୋଇଗଲା । କସ୍ତୁରବାଙ୍କ ସହ ମୋହନଙ୍କର କୌଣସି ଯୌନ ସମ୍ପର୍କ ରହିଲାନି । କସ୍ତୁରବା ଆଉ ମୋହନଙ୍କର ଯୌନ ସଂଗୀ ନହୋଇ ପ୍ରକୃତ ସହଧର୍ମିଣୀ ଏବଂ ସଫଳ ଚିନ୍ତାର ସହଯୋଗୀ ହୋଇଗଲେ ।

ବ୍ରହ୍ମଚର୍ଯ୍ୟ ନିଷ୍ପତ୍ତି ମୋହନଙ୍କର ଏକ ହଠାତ୍ ନିଷ୍ପତି ନଥିଲା । ଏଥିନେଇ ସେ ଅନେକ ଚିନ୍ତା କରିଥିଲେ ।

ବ୍ରହ୍ମଚର୍ଯ୍ୟ କଥା ମୋହନଦାସ ରାଇଚାନ୍ଦ ଭାଇଙ୍କ ଠାରୁ ଶୁଣିଥିଲେ । ଜୈନ ପରମ୍ପରାରେ ବ୍ରହ୍ମଚର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ ଏବଂ ଶୁଦ୍ଧ ଅହିଂସାର ଏକ ଅଂଶ ଭାବେ ଏହାକୁ ଗଣାଯାଏ ।

ମହାଭାରତରେ ପିତାମହ ଭୀଷ୍ମଙ୍କର ବ୍ରହ୍ମଚାରୀ ଜୀବନ ବି ମୋହନଙ୍କୁ ପ୍ରଭାବିତ

Digitized by PPRACHIN, SOA

କରିଥିଲା । ବ୍ରାହ୍ମଣ ସନ୍ନ୍ୟାସୀ ଟି ପରି ବ୍ରହ୍ମଚର୍ଯ୍ୟ ପରେ ସମାଜରୁ ଦୂରେଇ ନଯାଇ ସମାଜ ଭିତରେ ରହି ଧର୍ମର ପ୍ରତିଷ୍ଠା କରିବା ଥିଲା ଭୀଷ୍ମଙ୍କର ଲକ୍ଷ୍ୟ ।

ଟଲଷ୍ଟୟଙ୍କର ପ୍ରବନ୍ଧ "ଦି ଫାଷ୍ଟ ଷ୍ଟେପ୍" ବି ମୋହନଙ୍କୁ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ନେଇ ପ୍ରଭାବିତ କରିଥିଲା । ଟଲଷ୍ଟୟ ଲେଖିଥିଲେ, ସଂଯମତା ନରହିଲେ ଭଗବାନଙ୍କର କଥା ଚିନ୍ତା କରିବା ନିରର୍ଥକ । ସଂଯମତା କହିଲେ, କାୟ ମନୋବାକ୍ୟରେ ସଂଯମତାକୁ ହିଁ ବୁଝାଏ । ଆହାର ଏବଂ ପାନରେ ସଂଯମତାକୁ କଥା କହେ । ଯୌନ ଜୀବନରେ ସଂଯମତାକୁ ହିଁ ପ୍ରାଧାନ୍ୟ ଦିଏ ।

ମୋହନଦାସ ଜଣେ ନିରାମିଷାଶୀ ଥିଲେ । ପୂର୍ଣ୍ଣ ଶାକାହାରୀ ତଥା ଶୃଙ୍ଖଳିତ ଥିଲେ । କଠିନ ଅଧ୍ୟବସାୟୀ ଏବଂ ଜଣେ ଉତ୍ତମ ପ୍ରଫେସନାଲ ବି ଥିଲେ । କେବଳ ଯୌନ ଜୀବନ ପ୍ରତି ତାଙ୍କର ବେଳେବେଳେ ଅନ୍ତରଂଗ ଏବଂ ଅଦମ୍ୟ ଆଗ୍ରହ ଥିଲା ଯାହା ମୋହନଙ୍କୁ ଅନେକ ସମୟରେ ବ୍ୟଥିତ କରୁଥିଲା ।

ବ୍ରହ୍ମଚର୍ଯ୍ୟର ନିଷ୍ପତ୍ତି ନେଇ ଯୌନ ଜୀବନର ଦୁର୍ବଳତାକୁ ଶେଷରେ ମୋହନ ଅତିକ୍ରମ କରିଗଲେ । ଗୃହୀ ସନ୍ନ୍ୟାସୀ ହୋଇଗଲେ ମୋହନ ଦାସ ॥

❖❖❖

INDIAN OPINION

PUBLISHED WEEKLY

No. 25—Vol. IX

TRANSVAAL DRAFT MUNICIPAL ORDIN[ANCE]

BRITISH INDIAN ASSOCIATION'S PETITION

MR. A. M. Cachalia, Chairman of the Transvaal British Indian Association, has forwarded the following Petition to the Honourable, the Administrator and the Members of the Provincial Council

Digitized by PPRACHIN, SOA

୨୪

ପ୍ରତିବାଦର ସ୍ୱର

ଫିନିକ୍ସରେ କିଛିଦିନ ରହିବା ପରେ ସେଠାରେ କସ୍ତୁରବା ଏବଂ ପିଲାମାନଙ୍କୁ ଛାଡ଼ି ମୋହନ ଦାସ ଟ୍ରାନସବାହାଲ ଫେରି ଆସିଲେ । ସାଂଗରେ ପୋଲକ ଏବଂ ତାଙ୍କ ସ୍ତ୍ରୀ ମିଲି ପୋଲକ ଥିଲେ । ସେମାନେ ଗାନ୍ଧୀଙ୍କ ସହ ଟ୍ରାନସବାହାଲରେ ରହିବେ ବୋଲି ଠିକ୍ ହୋଇଥିଲା ।

ପୂର୍ବର ସେ ବଡ଼ ଭଡ଼ା ଘରକୁ ମୋହନଦାସ ଛାଡ଼ିଦେଲେ । ନୂଆ ଘରଟିଏ ନେଲେ । ଏଥରର ଘର ଛୋଟ ଥିଲା । ମାତ୍ର ୪ ବଖରା ଘର । ଭଡ଼ା ବି କମ୍ । ମୋହନ ନିଜ ଖର୍ଚ୍ଚ କମେଇବା ଉଦ୍ୟମରେ ହିଁ ଥିଲେ । ଆଇନ ବ୍ୟବସାୟ ଉପରେ ଏଣିକି ଗୁରୁତ୍ୱ ନଦେଇ ସେ ଲୋକ ସେବା ଉପରେ ଜୋର ଦେବାକୁ ନିଷ୍ପତ୍ତି କରିଥିଲେ ।

କସ୍ତୁରବାଙ୍କ ଦୁଃଖ କିନ୍ତୁ ଥିଲା ବଡ଼ ପୁଅ ହରିଲାଲଙ୍କ ପାଇଁ । ହରିଲାଲ ଏକାକୀ ଭାରତରେ ଥିଲେ । ବାପା ପୁଅଙ୍କ ସଂପର୍କ କ୍ରମଶଃ ତିକ୍ତ ହୋଇଯାଉଥିଲା । ମୋହନ ବି ଦୁଃଖ କରୁଥିଲେ - ପୁଅ ତାଙ୍କର କଥା ମାନୁନି । ପାଠ ପଢୁନି । ବାରମ୍ୱାର ସ୍କୁଲ ବଦଳାଉଛି । ବାପାଙ୍କୁ ନ ଜଣାଇ କମ୍ ବୟସରେ ବାହା ହୋଇ ପଡୁଛି ।

କସ୍ତୁରବା ଚାହୁଁଥିଲେ ପୁଅ ହରିଲାଲ ଦକ୍ଷିଣ ଆଫ୍ରିକା ଆସୁ । ଏକାଠି ଆସି ରହୁ । ହରିଲାଲ ଦକ୍ଷିଣ ଆଫ୍ରିକା ଆସିବାକୁ କସ୍ତୁରବା ଭାରତ ଖବର ଦେଇଦେଲେ । ତାଙ୍କୁ ବୁଝାଇବାକୁ ଆତ୍ମୀୟଙ୍କୁ କହିଲେ । ଦକ୍ଷିଣ ଆଫ୍ରିକା ଆସିବାକୁ ରାଜି ହୋଇଗଲେ ହରିଲାଲ । ଏସିଆଟିକ୍‌ର ପ୍ରୋଟେକ୍ଟର ମଣ୍ଟଫୋର୍ଡ ଚମନେଙ୍କୁ ନିଜ ପୁଅର ପାଶ୍ କରିଦେବାକୁ ମୋହନଦାସ ବ୍ୟକ୍ତିଗତ ଅନୁରୋଧ ବି କଲେ ।

ହରିଲାଲ ମା'ଙ୍କ କଥା ମାନି ଦର୍ବାନରେ ପହଞ୍ଚିଲେ । ଫିନିକ୍ସରେ ସେ କସ୍ତୁରବାଙ୍କ ପାଖରେ ରହିଲେ ଏବଂ ଏଠି ରହିବାର ମାତ୍ର ଅଳ୍ପ କିଛି ଦିନ ପରେ ହରିଲାଲ 'ବାପୁ'ଙ୍କ ପାଖକୁ ଟ୍ରାନ୍‌ସବାହାଲ ଚାଲିଗଲେ । ପୁଅକୁ ପାଖରେ ପାଇ ବାପୁଙ୍କ ଆନନ୍ଦ ଥିଲା

Digitized by PPRACHIN, SOA

ଅମାପ । ଯେତେ ହେଲେ ବଡ଼ ପୁଅ ତ ।

ଟ୍ରାନ୍ସବାହାଲ ସରକାର ଏସୀୟମାନଙ୍କ ସ୍ଥିତି ସଂପର୍କରେ ଏକ ଅଧ୍ୟାଦେଶ ଆଣିଲେ । ଅଧ୍ୟାଦେଶରେ ଥିଲା, ଆଠ ବର୍ଷରୁ ଉର୍ଦ୍ଧ୍ୱ ଥିବା ପ୍ରତ୍ୟେକ ଏସିୟ ପୁରୁଷ, ସ୍ତ୍ରୀ, ଏବଂ ଶିଶୁ ସମସ୍ତଙ୍କୁ ନୂଆ ଭାବେ ରେଜିଷ୍ଟ୍ରି ଭୁକ୍ତ କରିବାକୁ ହେବ । ନୂଆ ପରିଚୟ ପତ୍ର ସେମାନେ ନେବେ । ଏଇ ପରିଚୟ ପତ୍ର ଏସୀୟମାନେ ସବୁ ସମୟରେ ପାଖରେ ରଖିବେ । ପୋଲିସ୍ ଯେତେବେଳେ ଚାହିଁବେ ସେ ଏହା ମାଗି ପାରିବେ । ପରିଚୟ ପତ୍ର ଦେଖାଇବାକୁ ଏସିୟମାନେ ବାଧ୍ୟ । ଯଦି ଦରକାର ହୁଏ, ପୋଲିସ୍ ଘରକୁ ଯାଇ ବି ପରିଚୟ ପତ୍ର ଯାଞ୍ଚ କରିପାରେ ।

ଟ୍ରାନ୍ସବାହାଲକୁ ୟୁରୋପୀୟଙ୍କ ପାଇଁ ଏକ ସଂରକ୍ଷିତ ଯାଗା କରି ରଖିବାକୁ ସେଠାର ସରକାର ଚାହୁଁଥିଲେ । ଏବଂ ଏଇ ଅଧ୍ୟାଦେଶରେ ଭାରତୀୟମାନେ ବେଶି ପ୍ରଭାବିତ ହେବାକୁ ଯାଉଥିଲେ ।

ଅଧ୍ୟାଦେଶ ନେଇ ଟ୍ରାନ୍ସବାହାଲରେ ଭାରତୀୟଙ୍କ ଭିତରେ ଚର୍ଚ୍ଚା ଚାଲିଲା । ଅଶାନ୍ତି ଦେଖା ଦେଲା । ଏମିତି ଏକ ଆଇନ ଯେ ଭାରତୀୟଙ୍କ ବ୍ୟକ୍ତିଗତ ଜୀବନ ଏବଂ ସ୍ୱାଧୀନତା ପ୍ରତି ଆକ୍ରମଣ କରୁଛି, ଏହା ସବୁ ଭାରତୀୟଙ୍କ ପାଇଁ ଚିନ୍ତାର ବିଷୟ ଥିଲା । ଭାରତୀୟମାନେ ଚାହୁଁଥିଲେ ଏହା ବିରୁଦ୍ଧରେ ସାଧାରଣରେ ପ୍ରତିବାଦ ହେବା ଦରକାର । କିଛି କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍ । ମୋହନ ବି ଠିକ୍ କରିଦେଲେ, ଆଉ କେବଳ ଦରଖାସ୍ତ ଉପରେ ଭରସା କରି ହେବନି । ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରିବାକୁ ହିଁ ହେବ ।

ଟ୍ରାନ୍ସ୍‌ବାହାଲର ବ୍ରିଟିଶ ଭାରତୀୟ ସଂଘ ଏକ ପ୍ରତିବାଦ ସଭାର ଆୟୋଜନ କଲା । ସ୍ଥାନ ଠିକ୍ ହେଲା, ଜୋହନସବର୍ଗର ଏମ୍ପାୟାର ଥିଏଟର ହଲ୍ ଏବଂ ସମୟ ଥିଲା ୧୯୦୬ ମସିହା ସେପ୍ଟେମ୍ବର ୧୧ ତାରିଖ ଦିନ ସାଢ଼େ ଗୋଟାଏ, ରବିବାର । ଏଥିପାଇଁ ପାମ୍ପଲେଟ୍ ବଣ୍ଟା ଗଲା । ବ୍ୟକ୍ତିଗତ ସଂପର୍କ ରଖି ସଭାକୁ ଆସିବାକୁ ଭାରତୀୟଙ୍କୁ ଅନୁରୋଧ କରାଗଲା । ସେଦିନ ରବିବାର ଥିବାରୁ ବେପାରୀମାନେ ଦୋକାନ ବନ୍ଦ କରି ଏମ୍ପାୟାର ଥିଏଟର ହଲ ପାଖକୁ ଆସିଲେ । ମିଟିଂ ସମୟ ସାଢ଼େ ଗୋଟାଏ ବେଳକୁ ମିଟିଂ ହଲ୍ ପୁରା ପୂର୍ଣ୍ଣ ହୋଇଗଲା । ବସିବାକୁ ଯାଗା ନଥିଲା । ହଲ୍‌ର ପ୍ରବେଶ ଦ୍ୱାରରେ ଭିଡ଼ ଜମିଗଲା । ସେଦିନ ପ୍ରାୟ ତିନି ହଜାର ଲୋକ ଉପସ୍ଥିତ ଥିଲେ ।

କଲୋନୀ ସେକ୍ରେଟାରୀଙ୍କୁ ମିଟିଂକୁ ଆସିବାକୁ ମୋହନ ନିଜେ ନିମନ୍ତ୍ରଣ କରିଥିଲେ । ସଚୀବ ନିଜେ ନ ଆସି ଏସିଆଟିକ୍ ପ୍ରୋଟେକ୍ଟର ମଣ୍ଟଫୋର୍ଡ ଚାମେନଙ୍କୁ

Digitized by PPRACHIN, SOA

ତାଙ୍କର ପ୍ରତିନିଧି କରି ପଠାଇ ଦେଲେ । ସଭା ମଂଚ ଉପରେ ଉପସ୍ଥିତ ଥିଲେ ଋମନେ ।

ସଭାରେ ସଭାପତିତ୍ୱ କରୁଥିଲେ ବ୍ରିଟିସ୍ ଇଣ୍ଡିଆନ୍ ଆସୋସିଏସନର ସଭାପତି ଅବଦୁଲ୍ ଗାନି । ଗାନି ଥିଲେ ଜଣେ ଜଣାଶୁଣା ଭାରତୀୟ ବ୍ୟବସାୟୀ । ସଭାପତି ତାଙ୍କ ଭାଷଣରେ ପ୍ରାରମ୍ଭରେ କହିଦେଲେ, ଭାରତୀୟମାନେ ଅଧ୍ୟାଦେଶର ଏ କଳା ଆଇନକୁ ମାନିବେ ନାହିଁ । ନୂଆ ରେଜିଷ୍ଟ୍ରେସନ କରିବେ ନାହିଁ । ଏଥିପାଇଁ ଯଦି ଆବଶ୍ୟକ ପଡ଼େ ସେମାନେ ଜେଲ୍ ଯିବେ ।

ଲୋକଙ୍କ ଭିତରେ ନାମଲାଲ ସାହା ନାମକ ଜଣେ ଭାରତୀୟ ବସିଥିଲେ । ସେ ଉଠିଯାଇ ସଭା ମଂଚ ନିକଟକୁ ଋଲି ଆସିଲେ । ମଂଚ ଉପରକୁ ଗଲେ । ପାଖରେ ଥିବା ତାଙ୍କର ସେ ପୁରୁଣା ପରିଚୟ ପତ୍ର ସମବେତ ଲୋକଙ୍କୁ ଦେଖାଇଲେ । କହିଲେ, " ଏ ପରିଚୟ ପତ୍ରରେ ସବୁ ତଥ୍ୟ ରହିଛି, ନାଁ, ସ୍ତ୍ରୀର ନାଁ, ଜାତି, ବୁଢ଼ା ଆଙ୍ଗୁଠି ଚିହ୍ନ । ଜଣଙ୍କର ପରିଚୟ ପାଇଁ ଯାହା ଦରକାର ସବୁ ଏଥିରେ ରହିଛି । ଆଉ କ'ଣ ବା ଦରକାର ? ଏ ଟ୍ରାନ୍ସବାହାଲ ସରକାର କ'ଣ ସବୁ ଭାରତୀୟଙ୍କ କପାଳରେ ଭାରତୀୟ ବୋଲି ଲେଖି ଦେବାକୁ ଋହେଁ । ଏହା ବିରୁଦ୍ଧରେ ନିଶ୍ଚୟ ଲଢ଼େଇ ହେବ ।"

ସଭା କକ୍ଷ ତାଳି ମାଡ଼ରେ ଉଚ୍ଛୁଳି ପଡୁଥିଲା । ଲୋକଙ୍କ ମତିଗତି ଏବଂ ପ୍ରତିକ୍ରିୟାକୁ ମଂଚ ଉପରେ ମୋହନଦାସ ଲକ୍ଷ୍ୟ କରୁଥିଲେ ।

ମୋହନ ଶେଷରେ ଭାଷଣ ଦେଲେ । ନରମ ସ୍ୱର । ଭାଷଣ ଥିଲା ଏକଦମ୍ ସ୍ପଷ୍ଟ ଏବଂ ଗମ୍ଭୀର । ଗାନ୍ଧୀ ଲୋକଙ୍କୁ କହିଦେଲେ, ଆଉ ଦରଖାସ୍ତ ଦେଇ ସରକାରଙ୍କୁ ଅନୁରୋଧ କରି ହେବନି । ଏହା ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନର ସମୟ । ଭାରତୀୟମାନେ ନିଜେ କଷ୍ଟ ସହି ଏବଂ ଅନ୍ୟକୁ କ୍ଷତି ନଦେଇ ପ୍ରତିବାଦ କରିବେ । ଏହା ଅହିଂସା ପ୍ରତିବାଦ ହେବ । ପାସିଭ୍ ରେଜିଷ୍ଟାନ୍ସ ।

ସେଦିନ ଏମ୍ପାୟାର ଥିଏଟର ହଲ୍ ସଭାରେ ପାଞ୍ଚୋଟି ସଂକଳ୍ପ ପାରିତ ହେଲା । ପ୍ରଥମ ସଂକଳ୍ପ ଥିଲା, ଭାରତୀୟଙ୍କ ଏକ ପ୍ରତିନିଧି ମଣ୍ଡଳୀ ଲଣ୍ଡନ ଯିବେ । ସେଠାରେ ହାଉସ୍ ଅଫ୍ କମନ୍ସର ପ୍ରତିନିଧିଙ୍କୁ ସାକ୍ଷାତ କରି ଟ୍ରାନ୍ସବାହାଲରେ ଥିବା ଭାରତୀୟଙ୍କ ଅବସ୍ଥା କଥା କହିବେ । ଅର୍ଡିନାନ୍ସ ସଂପର୍କରେ ବୁଝେଇବେ ଏବଂ ଏଇ ଅଧ୍ୟାଦେଶକୁ ପ୍ରତ୍ୟାହାର ପାଇଁ ଯେପରି ବ୍ରିଟିଶ ସରକାର ଟ୍ରାନ୍ସବାହାଲ ସରକାରଙ୍କ ଉପରେ ଋପ ଦିଅନ୍ତି, ଚେଷ୍ଟା କରିବେ ।

ଦ୍ୱିତୀୟ ସଂକଳ୍ପ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହା ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଥିଲା । ଏଥିରେ ଥିଲା, ଯଦି ଆଇନ ପ୍ରତ୍ୟାହୃତ ନହୁଏ, ଭାରତୀୟମାନେ ଏହାର

Digitized by PPRACHIN, SOA

ପ୍ରତିବାଦ କରି ଆଇନଭଂଗ କରିବେ ଏବଂ ଜେଲ୍ ଯିବେ । ସଭା ଶେଷରେ ତାମିଲ ନେତା ଥାମ୍ବି ନାଇଡୁ ତାମିଲମାନଙ୍କୁ ଏ ସଂଘର୍ଷ ପାଇଁ ପ୍ରସ୍ତୁତ ହୋଇଯିବାକୁ ନିବେଦନ କଲେ । ଏମ୍ପାୟର ଥିଏଟର ହଲ୍‌ର ସେ ଦିନ ସଭାକୁ କିଛି ଚୀନ ଲୋକ ମଧ୍ୟ ଆସିଥିଲେ । କାରଣ ଏସିଟିକ୍ ଅର୍ଡିନାନ୍‌ସ ସମସ୍ତ ଏସିୟ ମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ।

ଏପରି ପ୍ରତିବାଦ ଶୈଳୀ ଅନନ୍ୟ ବୋଲି ସେତେବେଳେ କୁହାଗଲା । ଏହା ଏକ ନୂଆ ପାସିଭ୍ ରେଜିଷ୍ଟାନ୍‌ସ, ସିଭିଲ୍ ଡିସଓବେଡିଏନ୍‌ସ ଏବଂ ନୂଆ ପ୍ରକାର ଆଇନ ଭଂଗ ମାଧ୍ୟମ ବୋଲି ବର୍ଣ୍ଣନା ଆସିଲା । ଗାନ୍ଧୀ ସ୍ପଷ୍ଟ କରିଦେଲେ, ଏପରି ଆନ୍ଦୋଳନ ନୂଆ ନୁହେଁ । ଭାରତରେ ଏପରି ଆନ୍ଦୋଳନକୁ 'ହରତାଳ' ବୋଲି କୁହାଯାଏ । ଶ୍ରମିକମାନେ ନିଜ ବେତନ ବୃଦ୍ଧି ପାଇଁ କାମ ବନ୍ଦ କରନ୍ତି । ହରତାଳ ଏବଂ ଧାରଣା ଭିତରେ ପାର୍ଥକ୍ୟ ରହିଛି । ହରତାଳ ସବୁ ସମୟରେ ଏକ ସାମୁହିକ ପ୍ରତିବାଦ । ଧାରଣା କିନ୍ତୁ ସାମୁହିକ ହୋଇପାରେ ଏବଂ ବ୍ୟକ୍ତିଗତ ବି ହୋଇପାରେ । ହରତାଳର ଅର୍ଥ ହେଲା ଶାସକର ଅତ୍ୟାଚରୀ ଆଦେଶକୁ ଗ୍ରହଣ ନକରିବା ।

ଲଣ୍ଡନରେ ଲବି ପାଇଁ ଯିବାକୁ ପ୍ରସ୍ତୁତି ଆରମ୍ଭ ହେଲା । ପ୍ରତିନିଧି ଠିକ୍ ହେଲେ । ମୋହନ ପ୍ରତିନିଧି ମଣ୍ଡଳୀରେ ରହିଲେ । ତାଙ୍କ ସହ ଅନ୍ୟ ଜଣେ ଭାରତୀୟ ଯିବାକୁ ସ୍ଥିର ହେଲା । ସେ ଥିଲେ ହାଜି ଓଜିର ଆଲି । ଆଲି ଥିଲେ ଜଣେ ସାମାଜିକ କର୍ମୀ ।

ଲଣ୍ଡନ ଯାତ୍ରା ପାଇଁ ଟ୍ରାନସବାହାଲର ବ୍ରିଟିଶ ଇଣ୍ଡିଆନ୍ ଆସୋସିଏସନ ଅର୍ଥ ସାହାଯ୍ୟ ଦେଇଥିଲେ ॥

ମିଲି ପୋଲକ

ହେନେରି ପୋଲକ

Digitized by PPRACHIN, SOA

୨୫

ଲଣ୍ଡନ ଲବି

ମିଷ୍ଟର ଆଲି ଏବଂ ମୋହନଦାସ ଟ୍ରାନ୍ସବାହାଲର ଭାରତୀୟଙ୍କ ସଂପର୍କରେ ଲବି କରିବାକୁ ୧୯୦୬ ମସିହା ଅକ୍ଟୋବର ମାସ ୩ ତାରିଖରେ ଲଣ୍ଡନ ଯାତ୍ରା କଲେ । ପୂର୍ବଦିନ ମୋହନଙ୍କର ଜନ୍ମଦିନ ପଡ଼ିଥିଲା । ସଇଁତିରିଶି ପୁରି ଅଠତିରିଶି ଚାଲୁଥିଲା ମୋହନଙ୍କୁ । 'ଏସ୍.ଏସ୍: ଅରମଡେଲେ' ନାମକ ଜାହାଜରେ ମୋହନ ଏବଂ ଆଲେ ଲଣ୍ଡନ ଯାତ୍ରା କଲେ । ସେମାନେ ଲଣ୍ଡନରେ ପହଞ୍ଚିଲେ ଅକ୍ଟୋବର କୋଡ଼ିଏ ତାରିଖରେ ।

ମୋହନଦାସଙ୍କର ଏ ଥିଲା ଦ୍ୱିତୀୟ ଲଣ୍ଡନ ଯାତ୍ରା । ପ୍ରଥମ ଯାତ୍ରା ଥିଲା ୧୮୮୮ ମସିହା ସେପ୍ଟେମ୍ବର ମାସରେ । ୧୮ ବର୍ଷ ପରେ ଏବେ ପୁଣି ଥରେ ସେ ଲଣ୍ଡନ ଆସିଛନ୍ତି । ଏ ଦୁଇ ଯାତ୍ରାର ଉଦ୍ଦେଶ୍ୟ ଥିଲା କିନ୍ତୁ ଭିନ୍ନ । ନିଆରା । ପ୍ରଥମ ଯାତ୍ରାରେ ସେ ଆଇନ ପଢ଼ିବାକୁ ଆସିଥିଲେ । ଏଥର ଭାରତୀୟଙ୍କ ଦାବି ନେଇ ବ୍ରିଟିଶ ରାଜନେତା ଏବଂ ଶାସକଙ୍କୁ ବୁଝେଇବାକୁ ଆସିଛନ୍ତି ।

୧୮୮୮ ମସିହାରେ ଲଣ୍ଡନ ଆସିବା ବେଳେ ମା' ପୁତୁଳି ବାଈ ମୋହନଙ୍କ ବେକରେ ତୁଳସୀ ମାଳି ପିନ୍ଧେଇ ଦେଇଥିଲେ । ଉଦ୍ଦେଶ୍ୟ ଥିଲା, ମୋହନଙ୍କଠି କାହାର ଯେପରି ନଜର ନଲାଗୁ । ମଦ, ମାଂସ ପ୍ରଲୋଭନରେ ମୋହନ ଯେପରି ନପଡ଼ନ୍ତୁ । କୌଣସି ଗୋରା ସୁନ୍ଦରୀ ତରୁଣୀ ଯେପରି ମୋହନଙ୍କୁ କିମିଆଁ ନକରୁ ।

ଦ୍ୱିତୀୟ ଥର ଲଣ୍ଡନ ଆସିବା ବେଳେ ମୋହନ ଆଉ ପିଲା ନଥିଲେ । ସେ ଜଣେ ସ୍ୱୟଂ ସମୃଦ୍ଧ ବ୍ୟକ୍ତିତ୍ୱ ହୋଇ ଯାଇଥିଲେ । ଯୁବକ ହେଲେ ବି ବିଚାର ଏବଂ ନିଷ୍ପତ୍ତି ଥିଲା ତାଙ୍କର ଖୁବ୍ ତୀକ୍ଷ୍ଣ ଏବଂ ନିର୍ଭୀକ । ଚରିତ୍ର ଥିଲା ବେଶ୍ ସ୍ୱଚ୍ଛ । ଭରପୁର ଆତ୍ମବିଶ୍ୱାସ ଥିଲା ତାଙ୍କର ଏବଂ ଦୈହିକ ବୟସ ଠାରୁ ମାନସିକ ବୟସ ଯେପରି ଥିଲା ଢ଼େର ଅଧିକ ।

ମୋହନ ଏବଂ ଆଲି ଲଣ୍ଡନର ଏକ ହୋଟେଲରେ ରହିଲେ । ଲଣ୍ଡନର

Digitized by PPRACHIN, SOA

ହୋଟେଲ ରହଣି ଭାରି ବିଳାସପୂର୍ଣ୍ଣ । ଦାମିକା ବି ।

ମୋହନଙ୍କ ଠାରୁ ମିଷ୍ଟର ଆଲି ବୟସରେ ବଡ଼ ଥିଲେ । ସେ ମାଛ, ମାଂସ ଖାଉଥିଲେ । ବେଳେବେଳେ ସିଗାରେଟ୍ ଟାଣୁଥିଲେ ।

ଟ୍ରାନ୍ସବାହାଲରୁ ଆସିବା ବେଳେ ବନ୍ଧୁ ପୋଲକଙ୍କ ଠାରୁ ତାଙ୍କ ନିଜ ଘର ଠିକଣା ମୋହନ ଆଣିଥିଲେ ।

ପୋଲକଙ୍କ ଘରକୁ ଗାନ୍ଧୀ ଗଲେ । ତାଙ୍କ ବାପା ଏବଂ ଦୁଇ ଭଉଣୀଙ୍କୁ ଭେଟିଲେ । ଫେରିବା ପରେ ପୋଲକଙ୍କୁ ଏକ ଥଟା ଭରା ଚିଠି ଲେଖିଦେଲେ ମୋହନ । "ତୁମ ବାପା ବହୁତ ଜ୍ଞାନୀ । ବୁଦ୍ଧିମାନ । ତୁମ ଦୁଇ ଭଉଣୀ ବହୁତ ଭଲ । ସୁନ୍ଦରୀ ଏବଂ ସ୍ନେହୀ । ମୁଁ ଯଦି ଅବିବାହିତ ଥାଆନ୍ତି କିମ୍ବା ଯୁବକ ହୋଇଥାଆନ୍ତି କିମ୍ବା ମିଶ୍ର ବିବାହରେ ବିଶ୍ୱାସ ରଖିଥାଆନ୍ତି, ମୁଁ ସତ କହୁଛି ପୋଲକ, ମୁଁ ତୁମକୁ ଅନ୍ୟ ପ୍ରସ୍ତାବ ଦେଇ ଥାଆନ୍ତି ।"

ଲଣ୍ଡନରେ ଭାରି ବ୍ୟସ୍ତ ରହୁଥିଲେ ମୋହନଦାସ । ହୋଟେଲରେ ସକାଳୁ ଉଠି ମଧ ରାତ୍ର ପର୍ଯ୍ୟନ୍ତ ମୋହନ ଚିଠି ଏବଂ ଦରଖାସ୍ତ ଲେଖୁଥିଲେ ଏବଂ ପୋଲକଙ୍କ ବାପା, ସିନିୟର ପୋଲକ ବନ୍ଦୋବସ୍ତ କରି ଦେଇଥିବା ଜଣେ ମହିଳା ଟାଇପିଷ୍ଟ ଦ୍ୱାରା ଏହାକୁ ସେ ଟାଇପ କରୁଥିଲେ । ଏ ସମସ୍ତ ଚିଠି ଇଂଲଣ୍ଡର ବିଭିନ୍ନ ରାଜନେତା, ସାଂସଦ, ଏବଂ ଖବର କାଗଜର ସଂପାଦକଙ୍କ ପାଖକୁ ପଠାଯାଉଥିଲା । ଏସବୁ ଚିଠିରେ ଟ୍ରାନ୍ସବାହାଲର ଆଇନ କିପରି ବ୍ରିଟିଶ ଆଇନର ସିଦ୍ଧାନ୍ତିକ ତତ୍ତ୍ୱକୁ ବିରୁଦ୍ଧ କରୁଛି, ସେ କଥା ଲେଖାଥିଲା । ଦିନ ବେଳେ କିଛି ପତ୍ରକାରକୁ ମୋହନଦାସ ସାକ୍ଷାତକାର ଦେଉଥିଲେ ।

ସେକ୍ରେଟାରୀ ଅଫ୍ ଷ୍ଟେଟ୍, ଲର୍ଡ ଏଲ୍‌ଗିନ୍‌ଙ୍କ ସାକ୍ଷାତ ପାଇଁ ଏକ ତାରିଖ ନିର୍ଦ୍ଧାରଣ ପାଇଁ ମୋହନ ଚିଠି ଲେଖିଲେ । ଏଲଗିନ୍ ସାକ୍ଷାତ ପାଇଁ ଅନୁମତି ଦେଲେ । ତାରିଖ ଠିକ୍ ହେଲା, ୧୯୦୬ ମସିହା ନଭେମ୍ବର ମାସ ୮ ତାରିଖ ।

ଗାନ୍ଧୀ ଏବଂ ଆଲି ଏ ଦୁଇ ଜଣ କେବଳ ଲର୍ଡ ଏଲଗିନ୍‌ଙ୍କୁ ସାକ୍ଷାତ କରିବାକୁ ଇଚ୍ଛା ନକରି ପ୍ରତିନିଧି ମଣ୍ଡଳୀରେ ଅନ୍ୟ କିଛି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେବାକୁ ଚେଷ୍ଟାରେ ଥିଲେ । ପୂର୍ବତନ ସାଂସଦ ଦାଦାଭାଇ ନାରୋଜି, ସାଂସଦ ଏମ୍.ଏମ୍. ଭୋନଗରୀ ଏବଂ ହାଉସ ଅଫ୍ କମନ୍ସର ଉଦାରବାଦୀ ସାଂସଦ ହାର୍ଲଡ କକ୍ସ ପ୍ରତିନିଧି ମଣ୍ଡଳୀରେ ସାମିଲ ହେବାକୁ ରାଜି ହେଲେ । ଭାରତରେ କାମ କରିଥିବା ଆଉ କିଛି ବ୍ରିଟିଶ ପ୍ରଶାସନିକ ଅଧିକାରୀ ମଧ ଏଲ୍‌ଗିନଙ୍କୁ ସାକ୍ଷାତ କରିବାକୁ ଗାନ୍ଧୀ ଏବଂ ଆଲିଙ୍କ ସହ ଯିବାକୁ ଠିକ୍ ହେଲା । ଭାରତୀୟ ପ୍ରତିନିଧି ମଣ୍ଡଳୀରେ ମୋଟ ୧୨ଜଣ ପ୍ରତିନିଧିଙ୍କ ନାଁ ଥିଲା । ଲର୍ଡ

Digitized by PPRACHIN, SOA

ଏଲଗିନ୍ ମଧ୍ୟ ଭାରତୀୟ ସମସ୍ୟା ନେଇ ଅବଗତ ଥିଲେ । ସେ ଥିଲେ ଭାରତର ଜଣେ ପୂର୍ବତନ ଭାଇସରାୟ ।

ଏତିକିବେଳେ ଗାନ୍ଧୀ ଏବଂ ଆଲିଙ୍କ ବିରୁଦ୍ଧରେ ସେକ୍ରେଟାରୀ ଅଫ୍ ଷ୍ଟେଟ୍‌ଙ୍କ ପାଖକୁ ଟ୍ରାନସବାହାଲରୁ ଚିଠି ଆସିଲା । ଚିଠି ଦେଇଥିଲେ ଜଣେ ତାମିଲ ଭଦ୍ରବ୍ୟକ୍ତି ସି.ଏମ୍. ପିଲାଇ ଏବଂ ଅନ୍ୟ ଜଣେ ଉଇଲିୟମ ଗଡଫ୍ରେ । ଏ ଦୁଇଜଣ ଅନ୍ୟ କିଛି ଭାରତୀୟଙ୍କ ଦସ୍ତଖତ ସହ ଆପତ୍ତି କରିଥିଲେ - ଗାନ୍ଧୀ ଏବଂ ଆଲିଙ୍କୁ ଟ୍ରାନ୍ସବାହାଲର ଭାରତୀୟମାନେ ଲଣ୍ଡନରେ ଆଲୋଚନା ପାଇଁ ପଠାଇ ନାହାନ୍ତି । ଏମାନେ କ୍ଷମତାଧାରୀ ପ୍ରତିନିଧି ନୁହଁନ୍ତି । ଓକିଲ ଗାନ୍ଧୀ ତ ଜଣେ ଜଣାଶୁଣା ବ୍ୟବସାୟିକ ରାଜନୈତିକ ଆନ୍ଦୋଳନକାରୀ, ଯିଏ ଆନ୍ଦୋଳନ କରି ନିଜର ରୋଜଗାର କରନ୍ତି ।

ଏ ଖବର ପ୍ରଚାର ହୋଇଗଲା ଟ୍ରାନସବାହାଲରେ ଏବଂ ଲଣ୍ଡନରେ । ଟ୍ରାନସବାହାଲର ବ୍ରିଟିଶ ଭାରତୀୟ ସଂଘ ତୁରନ୍ତ ଟେଲିଗ୍ରାମ କରି ଲର୍ଡ ଏଲ୍‌ଗିନଙ୍କୁ ଜଣାଇଦେଲା, "ଗାନ୍ଧୀ ଏବଂ ଆଲି ତାଙ୍କର ଦୁଇ ଅଧିକୃତ ପ୍ରତିନିଧି । ସାଧାରଣ ସଭାରେ ଏ ଦୁଇଙ୍କର ନାଁ ରିଜୋଲ୍ୟୁସନ ହୋଇଛି ।"

ସତକଥା ହେଲା 'ଗଡ଼ଫ୍ରେ' ଗାନ୍ଧୀଙ୍କ ସହ ପ୍ରତିନିଧି ଭାବେ ଲଣ୍ଡନ ଆସିବାକୁ ଇଚ୍ଛା କରିଥିଲେ । ଏମ୍ପାୟାର ଥିଏଟରରେ ଯେଉଁ ମିଟିଂ ହୋଇଥିଲା ସେ ସେଥିରେ ଟ୍ରାନ୍ସବାହାଲର ଆଇନ ବିରୁଦ୍ଧରେ ଗରମା ଗରମ ଭାଷଣ ଦେଇଥିଲେ । ଈର୍ଷା ବଶତଃ ଗଡଫ୍ରେ ଏପରି ଅଭିଯୋଗ କରିଥିଲେ ବୋଲି ଗଡଫ୍ରେଙ୍କର ଦୁଇ ଭାଇ ତାଙ୍କ ନିଜ ଭାଇଙ୍କୁ ବିରୁଦ୍ଧ କଲେ ।

ଲର୍ଡ ଏଲ୍‌ଗିନ୍‌ଙ୍କ ସହ ସାକ୍ଷାତ ପୂର୍ବରୁ ମିଷ୍ଟର 'ଆଲି' ଅସୁସ୍ଥ ହୋଇପଡ଼ିଲେ । ଗାନ୍ଧୀଙ୍କର ପାଠ ପଢ଼ା ସମୟର ପୁରୁଣା ବନ୍ଧୁ ଜୋସିଆ ଓଲଡ୍‌ଫିଲଡ୍‌ଙ୍କର ଏକ ଡାକ୍ତରଖାନାରେ ଆଲିଙ୍କୁ ଚିକିତ୍ସା ପାଇଁ ଗାନ୍ଧୀ ଭର୍ତ୍ତି କରିଦେଲେ ଏବଂ ଓଲଡ୍‌ଫିଲଡ୍‌ଙ୍କୁ ଆଲିଙ୍କ ଚିକିତ୍ସାରେ ବ୍ୟକ୍ତିଗତ ଯତ୍ନ ନେବାକୁ ଅନୁରୋଧ କରିଥିଲେ ।

ଓଲଡ୍‌ଫିଲଡ୍‌ଙ୍କ ଡାକ୍ତରଖାନାରେ ରୋଗୀଙ୍କ ଚିକିତ୍ସା ପାଇଁ କିଛି ଔଷଧ ଦିଆ ଯାଉନଥିଲା । ଖାଦ୍ୟର ପରିବର୍ତ୍ତନ ଏବଂ ପ୍ରୟୋଗ କରି ଚିକିତ୍ସା କରାଯାଉଥିଲା । ଖାଦ୍ୟ ଥିଲା ସଂପୂର୍ଣ୍ଣ ଶାକାହାରୀ ।

ଆଲି ଖୁବ୍ ଶୀଘ୍ର ସୁସ୍ଥ ହୋଇଗଲେ । ଡାକ୍ତରଖାନାରୁ ଆଲେଙ୍କୁ ଆଣିଲାବେଳେ ଗାନ୍ଧୀ ଓଲଡ୍‌ଫିଲଡଙ୍କୁ ପଚାରିଲେ, ଜାହାଜରେ ଲଣ୍ଡନ ଆସିଲାବେଳେ ବାଟରେ ଚଣା ଖାଇବା ସମୟରେ ତାଙ୍କର ଦୁଇ ଦାନ୍ତ ଅଧା ଭାଙ୍ଗି ଯାଇଛି । ସେ ଦାନ୍ତ ଡାକ୍ତର ପାଖକୁ

Digitized by PPRACHIN, SOA

ଯିବେ ନା ଏଠାରେ ଭଲ ହୋଇଯିବେ । ନିଜର ଭଂଗା ଦାନ୍ତର ଚିକିତ୍ସା କରିବାକୁ ମୋହନଙ୍କର ସମୟ ନଥିଲା ।

୧୯୦୬ ମସିହା ନଭେମ୍ବର ମାସ ଆଠ ତାରିଖରେ ଗାନ୍ଧୀ, ଆଲି ଏବଂ ଅନ୍ୟ ଦଶ ଜଣ ପ୍ରତିନିଧି ଲର୍ଡ ଏଲ୍‌ଗିନଙ୍କୁ ସାକ୍ଷାତ କଲେ । ଲର୍ଡ ଏଲ୍‌ଗିନ୍ ଭାରତୀୟ ପ୍ରତିନିଧିଙ୍କ ଠାରୁ ସବୁ କଥା ଶୁଣିଲେ । ଏଲ୍‌ଗିନ୍ ଉତ୍ତରରେ କହିଲେ – 'ମୁଁ ମିଷ୍ଟର ଗାନ୍ଧୀଙ୍କର ଉପସ୍ଥାପନା ଶୁଣିଲି ଏବଂ ଅନ୍ୟମାନଙ୍କର କଥା ଶୁଣିଲି । ମୁଁ ପ୍ରତିଶ୍ରୁତି ଦେଉଛି, "ଗାନ୍ଧୀଙ୍କ ଦରଖାସ୍ତକୁ ମୋର ସମସ୍ତ ଦକ୍ଷତା ସହ ବିଚାର କରିବି । ଏହା ମୋର ଏକ ଦାୟିତ୍ୱପୂର୍ଣ୍ଣ କର୍ତ୍ତବ୍ୟ ହେବ ।"

ସାକ୍ଷାତ ଖୁବ୍ ସଫଳ ଏବଂ ଆଶା ଦେଇଥିଲା ବୋଲି ଗାନ୍ଧୀ ଲଣ୍ଡନରୁ ଚିଠି ଲେଖି ପୋଲକଙ୍କୁ ଜଣାଇଦେଲେ ।

ବ୍ରିଟିଶ ହାଉସ୍ ଅଫ୍ କମନସ୍‌ରେ ଟ୍ରାନ୍ସବାହାଲର ଭାରତୀୟଙ୍କ ପ୍ରସଂଗ ଉଠିଲା । ଦୁଇଜଣ ବ୍ରିଟିଶ ଲିବରାଲ ଏମ୍.ପି. ସରକାରଙ୍କୁ ଏଥିନେଇ ପ୍ରଶ୍ନ କଲେ । ତତ୍‌କାଳୀନ ଅଣ୍ଡର ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଉନ୍‌ଷ୍ଟନ୍ ଚର୍ଚ୍ଚିଲ୍ ଏହାର ଉତ୍ତର ଦେଲେ – ଟ୍ରାନ୍ସବାହାଲର ନିରାପତ୍ତା ଦୃଷ୍ଟିରୁ କଳା ଏବଂ ଗୋରାଙ୍କୁ ପୃଥକ୍ ଭାବେ ରଖାଯାଇଛି ।

ଗାନ୍ଧୀ ଠିକ୍ କଲେ, ସେ ଚର୍ଚ୍ଚିଲ୍‌ଙ୍କୁ ତାଙ୍କ ଘରରେ ସାକ୍ଷାତ କରିବେ । ସାକ୍ଷାତ୍ ପାଇଁ ସମୟ ଦେଲେ ଚର୍ଚ୍ଚିଲ । ଗାନ୍ଧୀ ଏବଂ ଆଲି ଚର୍ଚ୍ଚିଲଙ୍କୁ ତାଙ୍କ ଅଫିସ୍ ଘରରେ ସାକ୍ଷାତ କଲେ । ନିଜର ପରିଚୟ ଦେବା ବେଳେ ମିଷ୍ଟର ଆଲେ ମନେପକାଇ ଚର୍ଚ୍ଚିଲ୍‌ଙ୍କୁ କହିଦେଲେ- ବୋଅର ଯୁଦ୍ଧରୁ ଫେରିବା ବେଳେ ସେ ଏବଂ ଗାନ୍ଧୀ ଚର୍ଚ୍ଚିଲଙ୍କୁ ଡ଼ର୍ବାନରେ ସ୍ୱାଗତ କରିଥିଲେ ।

ଚର୍ଚ୍ଚିଲ ଏଥିରେ ଟିକିଏ ହସିଦେଲେ । ଆଲିଙ୍କ ପିଠି ଥାପୁଡ଼େଇ କହିଦେଲେ "ଯାହା କରିହେବ ମୁଁ କରିବି ।"

ଗାନ୍ଧୀଙ୍କର ଲଣ୍ଡନ ଯାତ୍ରା ସଫଳ ହେଲା । ଲବି ବି ବେଶ୍ ପ୍ରଭାବଶାଳୀ ଥିଲା । ଗାନ୍ଧୀ ଯେ ନିଜ ଦାବି ନେଇ ଅନ୍ୟଙ୍କୁ ଭଲ ବୁଝେଇ ପାରନ୍ତି, ତାର ଏକ ସୂଚନା ମିଳିଗଲା । ଇଂଲଣ୍ଡରେ ଭାରତୀୟଙ୍କ ପାଇଁ ଲବି କରିବା ନିମନ୍ତେ ଏଲ୍.ଡବ୍ଲୁ. ରିଚ୍‌ଙ୍କ ତତ୍ତ୍ୱାବଧାନରେ ବ୍ରିଟିଶ ଇଣ୍ଡିଆନ୍ କମିଟି ନାମରେ ଏକ କମିଟି ତିଆରି କରିଥିଲେ ଗାନ୍ଧୀ ।

ଟ୍ରାନ୍ସବାହାଲର ଗଭର୍ଣ୍ଣର ସେଲେବର୍ଣ୍ଣଙ୍କ ପାଖକୁ ଚିଠି ଆସିଲା ଲଣ୍ଡନରୁ ।

Digitized by PPRACHIN, SOA

ଚିଠିରେ ଥିଲା, ଗାନ୍ଧୀଙ୍କ ଆଲୋଚନାରେ ସମ୍ରାଟଙ୍କର ସରକାର ଖୁସି । ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଖୁସି । ସେ ପ୍ରଭାବିତ ହୋଇଛନ୍ତି । ଆଣ୍ଟି ଏସିଆଟିକ୍ ଆଇନର ତେଣୁ ପୁନଃ ବିଚାର ହେଉ ।

ସେଲେବର୍ଣ୍ଣ ଉତ୍ତର ଦେବାକୁ ଆଉ ଡେରି କଲେନି । ସେ ବ୍ରିଟିଶ ସରକାରଙ୍କୁ ତୁରନ୍ତ ଜଣାଇଦେଲେ, ଏହା ଆଉ ସମ୍ଭବ ନୁହେଁ । ଟ୍ରାନ୍‌ସବାହାଲର ସମସ୍ତ ୟୁରୋପୀୟ ଏପରି ଆଇନ ବି ଚାହାନ୍ତି । ଗାନ୍ଧୀ ବି ଜଣେ ଓକିଲ । ଆଇନ ଥରେ ହେଇଗଲେ, ତାର ସ୍ଥିତି କଥା ଗାନ୍ଧୀ ନିଶ୍ଚୟ ଜାଣନ୍ତି ।

ଜୋହନ୍‌ସବର୍ଗର ଏଲ. ଇ. ନିଲେ ନାମକ ଜଣେ ପତ୍ରକାର 'ଦି ଏସିଆଟିକ୍ ଡେଞ୍ଜର ଟୁ ଦି କଲୋନିଜ୍' ନାଁରେ ଏକ ବହି ଲେଖି ବ୍ରିଟିସ ଶାସକଙ୍କୁ ସାବଧାନ କରିଦେଲେ, "ଯଦି ଗାନ୍ଧୀଙ୍କ ଦାବି ମାନି ନିଆଯାଏ, ଭାରତରେ ଯେଉଁ ଜାତୀୟତାବାଦ ସୃଷ୍ଟି ହୋଇଛି ଏହା ତାହାକୁ ଆହୁରି ବାହାବା ଦେବ ।"

ଦାବି ନେଇ ଗାନ୍ଧୀଙ୍କର ସଂଗ୍ରାମ ଚାଲୁଥିଲା ଏବଂ ସଂଗ୍ରାମ ବିରୁଦ୍ଧରେ ବିରୋଧ ବି ଥିଲା ।

ମିଷ୍ଟର ଆଲି ଏବଂ ମୋହନଦାସ ଲଣ୍ଡନରୁ ଟ୍ରାନ୍‌ସବାହାଲ ଫେରି ଆସିଲେ । ଆସିଲା ବେଳେ ବାଟରେ ପୁଅ ରାମଦାସଙ୍କ ପାଖକୁ ଚିଠି ଲେଖିଲେ ମୋହନ । "ତୋ ପାଇଁ କିଛି ନେଇ ପାରୁନି । ଲଣ୍ଡନର ଲୋକମାନେ ଭାରି ଭଲ । ଚାଲିଚଳନ କିନ୍ତୁ ଭଲ ନୁହେଁ ।"

Digitized by PPRACHIN, SOA

୨୬

ପ୍ରତ୍ୟକ୍ଷ ଆନ୍ଦୋଳନ

୧୯୦୬ ମସିହା ଡିସେମ୍ବର ମାସ ତୃତୀୟ ସପ୍ତାହରେ ମୋହନଦାସ ଏବଂ ମିଷ୍ଟର ଆଲି ଲଣ୍ଡନରୁ ଦକ୍ଷିଣ ଆଫ୍ରିକା ଫେରିଲେ । କେପ୍‌ଟାଉନରେ ଓହ୍ଲାଇ ସେମାନେ ଜୋହନ୍‌ସବର୍ଗ ଆସିଲେ । ଜୋହନ୍‌ସବର୍ଗର ରେଳ ଷ୍ଟେସନରେ ଶହ ଶହ ଭାରତୀୟ ଗାନ୍ଧୀଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରିଥିଲେ । 'ଗାନ୍ଧୀ ଭାଇ କୀ ଜୟ'ର ସ୍ଲୋଗାନ ଶୁଭୁଥିଲା ।

ଜୋହନ୍‌ସବର୍ଗରେ ମିଟିଂ ସାରି ପରଦିନ ମୋହନଦାସ ଡ୍‌ର୍ବାନ୍ ଗଲେ । ନାତାଲ ସରକାର ଭାରତୀୟଙ୍କ ବିରୁଦ୍ଧରେ ଏକ ନିୟମ କରୁଥିବା ଯୋଜନା କଥା ଗାନ୍ଧୀଙ୍କୁ ପୂର୍ବରୁ ଜଣାଇ ଦିଆଯାଇଥିଲା । ନୂଆ ନିୟମରେ ନାତାଲରେ ଯେଉଁମାନେ ଗୋରା ଅଧିବାସୀ ନୁହଁନ୍ତି, ସେମାନଙ୍କ ପାଇଁ ନୂତନ କଟକଣା ଜାରି ହେବାର ଥିଲା । ଭାରତୀୟ ବ୍ୟବସାୟୀମାନେ ଏଥିନେଇ ଖୁବ୍ ବ୍ୟସ୍ତ ହୋଇପଡ଼ିଥିଲେ । ବ୍ୟବସାୟୀଙ୍କୁ ଗାନ୍ଧୀଙ୍କ ପରାମର୍ଶ ଥିଲା, 'ଆକାଉଣ୍ଟ ଠିକ୍ ରଖ । ଦୋକାନ ଘର ସଫା ରଖ ଏବଂ ପରିଷ୍କାର ବସ୍ତ୍ର ପିନ୍ଧ । ଭେଖ ରଖ । ମର୍ଯ୍ୟାଦା ମିଳିବ ।'

୧୯୦୭ ମସିହା ଫେବୃୟାରୀ ମାସରେ ଟ୍ରାନ୍‌ସବାହାଲରେ ନିର୍ବାଚନ ହେଲା । ଏଇ ନିର୍ବାଚନରେ କେବଳ ପୁରୁଷମାନେ ଭୋଟର ଥିଲେ । ବୋଅର ପାର୍ଟି, 'ହେଟ୍ ଭୋଲକ' ଏଥିରେ ନିର୍ବାଚନ ଜିତିଲେ ଏବଂ ସରକାର ଗଠନ କଲେ । ଜେନେରାଲ ଲୁଇ ବୋଥା ହେଲେ ପ୍ରଧାନମନ୍ତ୍ରୀ ଏବଂ ଜେନେରାଲ ଜେ.ସି. ସ୍ମଟସ୍ କଲୋନୀ ସେକ୍ରେଟାରୀ ନିଯୁକ୍ତ ହେଲେ । ବୋଅର ଯୁଦ୍ଧର ସମସ୍ତ ଶତ୍ରୁତା ଭୁଲିଯାଇ ବୋଅର ଏବଂ ଇଂରେଜଙ୍କ ଭିତରେ ବନ୍ଧୁତ୍ୱ ବଢ଼ିଯାଇଥିଲା । ଇଂରେଜ ଏବଂ ବୋଅର ଯେ ସମଭାବେ ଦୁଇଟି ସଭ୍ୟ ଜାତି ଏବଂ ଗୋଟିଏ ରାଙ୍କର ଏକଥା ଉଭୟେ ବୋଅର ଏବଂ ଇଂରେଜ ସାଧାରଣ ଲୋକଙ୍କୁ ବୁଝାଉଥିଲେ । କଳାମାନଙ୍କୁ କୌଣସି ପ୍ରାରମ୍ଭିକ ନାଗରିକ ଅଧିକାର ନଦେବାକୁ ସେମାନେ ନିଷ୍ପତ୍ତି ନେଲେ ।

Digitized by PPRACHIN, SOA

୧୯୦୭ ମସିହା ମାର୍ଚ୍ଚ ୨୦ ତାରିଖରେ ୧୯୦୬ ମସିହା ଏସିଆଟିକ୍ ଅଧାଦେଶକୁ ଆଇନରେ ପରିଣତ କରିବାକୁ ଟ୍ରାନସବାହାଲ ସଂସଦରେ ବିଲ୍ ଆସିଲା । ବିଲର ତିନୋଟି ପଠନ (ରିଡିଂ) ଗୋଟିଏ ଦିନରେ ହୋଇଗଲା ଏବଂ ତା ପରଦିନ ବିଲ୍‌ଟି ବିଧାନ ପରିଷଦକୁ ଗଲା । ଏବଂ ବିଧାନ ପରିଷଦ (ଲେଜିସ୍‌ଲେଟିଭ କାଉନସିଲ) ଏହାକୁ ତୁରନ୍ତ ପାଶ୍ କରିଦେଲା । ମାର୍ଚ୍ଚ ୨୨ ତାରିଖରେ ବିଲ୍‌ର ଗେଜେଟ୍ ନୋଟିଫିକେସନ ହୋଇଗଲା ।

ବିଲ୍‌ଟି ଆଇନରେ ପରିଣତ ହେବାକୁ ଇଂରେଜ ସମ୍ରାଟଙ୍କର ଦସ୍ତଖତ ଥିଲା ବାଧ୍ୟତାମୂଳକ । ଟ୍ରାନ୍‌ସବାହାଲର ଗଭର୍ଣ୍ଣର ସେଲେବର୍ଣ୍ଣ ବିଲ୍‌କୁ ଇଂଲଣ୍ଡର ସମ୍ରାଟଙ୍କ ପାଖକୁ ଦସ୍ତଖତ ପାଇଁ ପଠାଇଦେଲେ ଏବଂ ଯଥାଶୀଘ୍ର ସମ୍ରାଟ ଏଥିରେ ଦସ୍ତଖତ ଦେଲେ ଭଲ ହେବ ବୋଲି ସେ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ବିଭାଗକୁ ଅନୁରୋଧ କଲେ । ସେଲେବର୍ଣ୍ଣ ତାଙ୍କ ଚିଠିରେ ଲେଖିଥିଲେ 'ଅନଧିକୃତ ଭାବେ ଟ୍ରାନ୍‌ସବାହାଲରେ ଏସିୟମାନଙ୍କ ଜନସଂଖ୍ୟା ବୃଦ୍ଧିକୁ ରୋକିବାକୁ ଏଇ ଆଇନ ଆବଶ୍ୟକ ହେଉଛି ।'

ଜୁଲାଇ ଏକ ତାରିଖରୁ ଭାରତୀୟଙ୍କ ସମେତ ସମସ୍ତ ଏସିୟମାନେ ବାଧ୍ୟତାମୂଳକ ଭାବେ ରେଜିଷ୍ଟ୍ରେସନ୍ କରିବା ପାଇଁ ଆଇନରେ ବ୍ୟବସ୍ଥା ଥିଲା ଏବଂ ଏଇ ଆଇନ ବାଧ୍ୟତାମୂଳକ ନହୋଇ ସ୍ୱେଚ୍ଛାକୃତ ହେବା ଉଚିତ ବୋଲି ବ୍ରିଟିଶ ଭାରତୀୟ ସଂଘ ଦାବି ଉଠାଇ ସରକାରଙ୍କୁ ଅନୁରୋଧ କଲେ । ଏଇ ଦାବିକୁ ବି ଟ୍ରାନ୍‌ସବାହାଲରେ ଥିବା ଚୀନ୍ ବ୍ୟବସାୟୀ ଏବଂ ଅଧିବାସୀମାନେ ସମର୍ଥନ କଲେ । ଚୀନ୍‌ମାନଙ୍କର ନେତା ଲିୟଙ୍ଗ୍ କୁଇନ୍ ଗାନ୍ଧୀଙ୍କ ପ୍ରତିବାଦକୁ ସମର୍ଥନ କରୁଥିବା କଥା ଖୋଲା ଖୋଲି ପ୍ରକାଶ କଲେ । ଗାନ୍ଧୀ ଏବଂ କୁଇନ୍‌ଙ୍କର ଭଲ ବନ୍ଧୁତ୍ୱ ଆସିଗଲା ।

ବିଲ୍‌ରେ ବ୍ରିଟିଶ ସମ୍ରାଟ ଦସ୍ତଖତ ନଦେବାକୁ ଇଂଲଣ୍ଡର ବ୍ରିଟିଶ ଭାରତୀୟ କମିଟିର ଦାୟିତ୍ୱରେ ଥିବା ଗାନ୍ଧୀଙ୍କ ପୁରୁଣା ବନ୍ଧୁ ଏଲ୍. ଡବ୍ଲୁ. ରିଚ୍ ବ୍ରିଟିଶ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କଲେ । ଭାରତୀୟଙ୍କ ପ୍ରତିବାଦର ସ୍ୱର ବି ଲଣ୍ଡନରେ ଉଠିଲା ।

କଲୋନୀ ସେକ୍ରେଟାରୀ ଜେନେରାଲ ସ୍ମଟସ୍‌ଙ୍କୁ ସାକ୍ଷାତ କରି ଭାରତୀୟଙ୍କ ଦାବୀ ସଂପର୍କରେ ପ୍ରତ୍ୟେକ୍ଷ ଭାବେ ଆଲୋଚନା କରିବାକୁ ମୋହନ୍‌ଦାସ ଜେନେରାଲ ସ୍ମଟସଙ୍କୁ ଅନୁରୋଧ କରି ପତ୍ର ଲେଖିଲେ । ସାକ୍ଷାତ୍ ପାଇଁ ଅନୁମତି ମିଳିଗଲା । ସାକ୍ଷାତ୍ ତାରିଖ ଥିଲା ଏପ୍ରିଲ ୪ ତାରିଖ ଗୁରୁବାର । ସାକ୍ଷାତ୍ ପ୍ରିଟୋରିଆରେ ହେବାକୁ ସ୍ଥିର ହୋଇଗଲା ।

ଜେନେରାଲ ସ୍ମଟସ ବୟସରେ ମାତ୍ର ଅଳ୍ପ କିଛି ମାସ ମୋହନଦାସଙ୍କ ଠାରୁ ସାନ ଥିଲେ । ସ୍ମଟସ ଜନ୍ମ ଥିଲା ୧୮୭୦ ମସିହା ମେ ମାସ । ସେ ଜଣେ ଭଲ ଛାତ୍ର ଥିଲେ । ଭଲ ଇଂରାଜୀ କହୁଥିଲେ । ଇଂଲଣ୍ଡରେ ପାଠ ପଢ଼ିଥିଲେ । ଆଇନ ପଢ଼ିଥିଲେ ।

Digitized by PPRACHIN, SOA

ଆମେରିକୀୟ କବିତା ପଢ଼ିବା ତାଙ୍କର ସଉକ ଥିଲା । ୟୁରୋପୀୟ ରାଜନୈତିକ ଦର୍ଶନରେ ସ୍ମଟସ୍ ଖୁବ୍ ପାରଙ୍ଗମ ବି ଥିଲେ । ସ୍ମଟସ୍‌ଙ୍କର ଗାନ୍ଧୀଙ୍କ ସହ ପୂର୍ବରୁ ବନ୍ଧୁତ୍ୱ ମଧ୍ୟ ଥିଲା ।

ମିଷ୍ଟର ଆଲି ଏବଂ ଅନ୍ୟ ପାଞ୍ଚଜଣ ସାଥୀଙ୍କ ସହ ଗାନ୍ଧୀ ସାକ୍ଷାତ କଲେ ସ୍ମଟସଙ୍କୁ । ଗାନ୍ଧୀଙ୍କ ଦାବି ଥିଲା ସ୍ପଷ୍ଟ । ଭାରତୀୟମାନେ ବହୁବାର ରେଜିଷ୍ଟ୍ରେସନ କରି ସାରିଛନ୍ତି । ଆଉ ଥରେ ରେଜିଷ୍ଟ୍ରେସନ କରିବାର ଆବଶ୍ୟକ ନାହିଁ ଏବଂ ପରିଚୟ ପତ୍ର ଯେକୌଣସି ସମୟରେ ଯାଞ୍ଚ କରିବା ଏକ କଳା ନିୟମ । ବ୍ୟକ୍ତିଗତ ସ୍ୱାଧୀନତା ଉପରେ ଏହା ଆକ୍ରମଣ ।

ସ୍ମଟସ୍ ସବୁ ଶୁଣିଲେ । ଉତ୍ତର ଦେଲେ, ଏ ସଂପର୍କରେ ସେ ବିଚାର କରି ତାଙ୍କ ନିଷ୍ପତ୍ତି ଲିଖିତ ଆକାରରେ ଜଣାଇଦେବେ ।

ଜୁନ୍ ୪ ତାରିଖରେ ପ୍ରଧାନମନ୍ତ୍ରୀ ଜେନେରାଲ ବୋଥାଙ୍କୁ ସାକ୍ଷାତ କରିବାକୁ ଗାନ୍ଧୀ ଅନୁମତି ମାଗିଲେ । ସେଇ ଜୁନ୍ ମାସରେ ବ୍ରିଟିଶ ସମ୍ରାଟ ଆଣ୍ଟି ଏସିଆଟିକ୍ ବିଲ୍‌ରେ ଦସ୍ତଖତ କଲେ ଏବଂ ଦସ୍ତଖତ ପରେ ବିଲ୍ ଆଇନ ହୋଇଗଲା ।

ଜୁଲାଇ ଏକ ତାରିଖରୁ ଭାରତୀୟମାନଙ୍କ ରେଜିଷ୍ଟ୍ରେସନ ପାଇଁ ଟ୍ରାନ୍‌ସବାହାଲର ବିଭିନ୍ନ ସହରରେ ପରମିଟ୍ ଅଫିସ ମାନ ଖୋଲା ହେଲା । ପରମିଟ ଅଫିସରମାନେ ନିଯୁକ୍ତ ହେଲେ । ରେଜିଷ୍ଟ୍ରେସନ ଆରମ୍ଭ କରିବାକୁ ପ୍ରିଟୋରିଆକୁ ପ୍ରଥମ ସହର ଭାବେ ନିଆଗଲା । ପ୍ରିଟୋରିଆରେ ଭାରତୀୟଙ୍କ ସଂଗଠନ ସେତେ ଭଲ ନଥିଲା । ଜୁନ୍ ମାସ ତିରିଶି ତାରିଖ ସନ୍ଧ୍ୟାରେ ଏକ ମସ୍‌ଜିଦ୍‌ରେ ଏକାଠି ହୋଇ ଭାରତୀୟମାନଙ୍କୁ ରେଜିଷ୍ଟ୍ରେସନ ନକରିବାକୁ ମୋହନଦାସ ଭାଷଣ ଦେଲେ ।

ପ୍ରିଟୋରିଆ ସାରା ପୋଷ୍ଟର ମରାଗଲା । ଏଇ ସବୁ ପୋଷ୍ଟର ଭାରତୀୟମାନେ ମାରିଥିଲେ । ପୋଷ୍ଟରରେ ଲେଖାଥିଲା- "ବୟକଟ୍ ପରମିଟ୍ ଅଫିସ୍ । ଆମେ ଜେଲ ଯିବାକୁ ରାଜି । ସାମୁହିକ ମଙ୍ଗଳ ପାଇଁ କଷ୍ଟ ସହିବାକୁ ରାଜି ।"

ପରମିଟ୍ ଅଫିସ୍ ଆଗରେ ସ୍ୱେଚ୍ଛାସେବୀ ଭାରତୀୟମାନେ ଛିଡ଼ା ହୋଇ ରେଜିଷ୍ଟ୍ରି କରିବାକୁ ଆସୁଥିବା ଭାରତୀୟଙ୍କୁ ଘରକୁ ଫେରିଯିବାକୁ ଅନୁରୋଧ କଲେ । ଲୋକ ବି ଫେରିଗଲେ । ରାତି ଅଧରେ କେଉଁଠି କିଛି ଭାରତୀୟଙ୍କୁ ପ୍ରଲୋଭିତ କରି ରେଜିଷ୍ଟ୍ରେସନ କରିବା ସଂବାଦ ଟ୍ରାନ୍‌ସବାହାଲର ବ୍ରିଟିଶ ଭାରତୀୟ ସଂଘର କର୍ମକର୍ତ୍ତାଙ୍କ ପାଖରେ ପହଞ୍ଚିଲା । ତା ପରଦିନ ଠାରୁ କିନ୍ତୁ ଆଉ କୌଣସି ଭାରତୀୟ ରେଜିଷ୍ଟ୍ରେସନ କରି ନଥିଲେ । ପରମିଟ୍ ଅଫିସରମାନେ ବିନା କାମରେ ବସି ରହିଥିଲେ ।

ଭାରତୀୟଙ୍କୁ ଉତ୍ସାହିତ କରି ଇଣ୍ଡିଆନ୍ ଓପିନିୟନ ଏକ ରିପୋର୍ଟ ଛାପିଲା । ରିପୋର୍ଟରେ ଥିଲା - "ଯେତେବେଳେ ବୋଅରମାନେ ଇଂରେଜଙ୍କ ସହ ଯୁଦ୍ଧ କରୁଥିଲେ

Digitized by PPRACHIN, SOA

ଜେନେରାଲ କ୍ରୁଜର ତାଙ୍କ ସଂପତ୍ତି ଏବଂ ପରିବାର କଥା ଚିନ୍ତା କରି ନଥିଲେ । ବୋଅର ଯୁଦ୍ଧରେ ଜେନେରାଲ ଜୋବର୍ଟ ମୃତ୍ୟୁ ବରଣ କଲେ । ଜେନେରାଲ ସ୍ମଟସ୍ ଖୁବ୍ ହତାଶ ହୋଇ ଯୁଦ୍ଧ କରୁଥିଲେ । ମିଷ୍ଟର ଡ଼ି. ଭିଲିୟରସ୍ ଜେଲ ଗଲେ । ଜେନେରାଲ ବୋଥା ଶେଷ ପର୍ଯ୍ୟନ୍ତ ଯୁଦ୍ଧରେ ଥିଲେ ଏବଂ ବୋଅର ମହିଳାମାନେ ନିଜେ କଷ୍ଟ ସହି ନିଜ ସ୍ୱାମୀ ଏବଂ ପୁତ୍ରମାନଙ୍କୁ ଶକ୍ତି ଏବଂ ସାହସ ଦେଉଥିଲେ । ବୋଅରମାନେ ତାଙ୍କ ନାଯ୍ୟ ପ୍ରାପ୍ୟ ଏବେ ପାଇଛନ୍ତି ।"

ବୋଅର ଯୁଦ୍ଧ ପରି ଭାରତୀୟଙ୍କ ଏ ପ୍ରତିବାଦ ସେତେ ଜଟିଳ ବା ଭୟଙ୍କର ନୁହେଁ । ଭାରତୀୟମାନେ ସରକାରଙ୍କୁ ବିରୁଦ୍ଧ କରୁନାହାନ୍ତି କିମ୍ବା ସରକାରଙ୍କ ବିରୁଦ୍ଧରେ ଅସ୍ତ୍ର ଉଠାଉ ନାହାନ୍ତି । ସେମାନେ କେବଳ ଅହିଂସାପୂର୍ଣ୍ଣ ପ୍ରତିବାଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ହୁଏତ ଏଥିରେ କିଛି ବ୍ୟବସାୟିକ କ୍ଷତି ହୋଇପାରେ ।

ଭାରତୀୟମାନେ କ'ଣ ଏତିକି କରି ପାରିବେ ନାହିଁ ? ଭୟ ତେଣୁ କାହିଁକି ? ଭାରତୀୟ ପୁରାଣ ଶାସ୍ତ୍ର କହେ - "କେବଳ ଇଶ୍ୱରଙ୍କୁ ଭୟ କରିବା ଦରକାର । ଅନ୍ୟ କାହାକୁ ଭୟ କରିବା ଦରକାର ନାହିଁ ।"

ଗାନ୍ଧୀ ତାଙ୍କ ବିଭିନ୍ନ ଭାଷଣରେ ଏଇ କଥା ହିଁ କହୁଥିଲେ । ଦଶ ବର୍ଷ ତଳେ କହିଲା ବେଳେ ଥଙ୍ଗ୍ ଥଙ୍ଗ୍ ହେଉଥିବା ଏବଂ କୋର୍ଟରେ ପାଟିରୁ କଥା ବାହାରୁ ନଥିବା ମୋହନଦାସ, ଏଇ ଦଶ ବର୍ଷ ଭିତରେ ଏକ ଶକ୍ତିଶାଳୀ ବକ୍ତା ହୋଇଯାଇଥିଲେ ।

ଟ୍ରାନ୍ସବାହାଲର 'ଷ୍ଟାର' ଖବର କାଗଜ ଗାନ୍ଧୀଙ୍କ ଭାଷଣ ଏବଂ ନେତୃତ୍ୱକୁ ନେଇ ଭୂୟସୀ ପ୍ରଶଂସା କରୁଥିଲା ॥

ପ୍ରତିବାଦ ସଭା

Digitized by PPRACHIN, SOA

୨୭

ଜେଲ୍‌ରେ ମୋହନଦାସ

ଭାରତୀୟଙ୍କୁ ପରମିଟ୍ ନେଇ ଟ୍ରାନ୍‌ସବାହାଲ ସାରା ଜନ ଅଶାନ୍ତି ଲାଗି ରହିଥିଲା । ପ୍ରବାସୀ ଭାରତୀୟଙ୍କ ବିରୁଦ୍ଧ ସେମିତି ଜାରିଥିଲା । ଦୁଇଜଣ ଓକିଲ, ଗାନ୍ଧୀ ଏବଂ ସ୍ମଟସ୍ କିଏ କାହା ପକ୍ଷ କୋହଳ କରିଦେବାକୁ ଅବସ୍ଥାରେ ନଥିଲେ । ପରମିଟ ଶେଷ ତାରିଖକୁ ଆହୁରି ଅଧିକ ଏକ ମାସ ପାଇଁ ଜେନେରାଲ ସ୍ମଟସ୍ ବଢ଼େଇଦେଲେ । ସ୍ମଟସ୍‌ଙ୍କ ଆଶା ଥିଲା, ଯେତେ ସମୟ ଗଡ଼ିବ, ଭାରତୀୟଙ୍କ ପ୍ରତିବାଦ କ୍ରମଶଃ ଦୁର୍ବଳ ହୋଇଯିବ ।

୧୯୦୭ ମସିହା ଅକ୍ଟୋବର ଏକ ତାରିଖରେ ଜୋହନ୍‌ସବର୍ଗରେ ଅନ୍ୟ ଏକ ପରମିଟ ଅଫିସ ଖୋଲାଗଲା । ଜୋହନସବର୍ଗ ଥିଲା ଟ୍ରାନ୍‌ସବାହାଲର ସବୁଠାରୁ ବଡ଼ ତଥା ଧନୀ ସହର । ଏଠାରେ ଭାରତୀୟଙ୍କ ସଂଖ୍ୟା ବି ବେଶ୍ ଅଧିକ ରହିଥିଲା ।

ଜେନେରାଲ ସ୍ମଟସ୍ ସାଧାରଣରେ ଭାରତୀୟଙ୍କ ବିରୁଦ୍ଧରେ କିଛି କୁତ୍ସିତ ଅଭିଯୋଗ ଆଣୁଥିଲେ । ଅଭିଯୋଗ ଥିଲା – ଭାରତୀୟଙ୍କ ରେସିଡେନ୍‌ସି ସାର୍ଟିଫିକେଟ୍ ବାହାରେ ବିକା କିଣା ହେଉଛି । ଜୋହନ୍‌ସବର୍ଗ ଏବଂ ଦର୍ବାନରେ ଲୋକେ ସାର୍ଟିଫିକେଟ୍ କିଣୁଛନ୍ତି ଏବଂ ବିକୁଛନ୍ତି । ବମ୍ବେରେ ଦଲାଲମାନେ ଏଇ ବିକା କିଣା କାମ ବି କରୁଛନ୍ତି ।

ଗାନ୍ଧୀଙ୍କ ବିରୁଦ୍ଧରେ ମଧ୍ୟ ଗୋରା ପରିଚାଳିତ ଖବର କାଗଜ ଜବରଦସ୍ତ ପ୍ରଚାରରେ ଥିଲେ । ଗୋଟିଏ ଖବର କାଗଜ ଛାପିଲା – 'ଭାରତୀୟମାନେ ଗାନ୍ଧୀଙ୍କ କଥା ଶୁଣନି । ଗାନ୍ଧୀ ଜଣେ ବଦମାସ୍ । ଗଣ୍ଡଗୋଳ ଶେଷ ହୋଇଗଲା ପରେ ସେ ତାର ବ୍ରିଫ୍‌କେଶ୍ ଧରି ଅନ୍ୟତ୍ର ଚାଲିଯିବ ।'

ଭାରତୀୟମାନେ କିନ୍ତୁ ଏପରି ଖବର ଏବଂ ଗୁଜବରେ ବିଶ୍ୱାସ ରଖିନଥିଲେ । ସେମାନଙ୍କର ପ୍ରତିବାଦ ସେମିତି ଅବ୍ୟାହତ ଥିଲା । ଜୋହନ୍‌ସବର୍ଗର ହାମିଦିଆ ଇସ୍‌ଲାମିକ ସୋସାଇଟିରେ ପ୍ରତି ରବିବାର ଦିନ ଭାରତୀୟଙ୍କ ମିଟିଂ ବସୁଥିଲା । ଗାନ୍ଧୀ, ଥମ୍ବି ନାଇଡୁ, ଅବଦୁଲ୍ ଗାନି ପରି ଭାରତୀୟ ନେତାମାନେ ଭାଷଣ ଦେଉଥିଲେ । ବେଳେବେଳେ

Digitized by PPRACHIN, SOA

ଏସବୁ ସଭାକୁ ହେନେରି ପୋଲକ ଏବଂ ଚୀନ ନେତା ଲିୟଙ୍ଗ୍ କୁଇନ୍‌ଙ୍କୁ ଅତିଥି ବକ୍ତା ଭାବେ ନିମନ୍ତ୍ରଣ କରାଯାଉଥିଲା । ଗାନ୍ଧୀ ଚାହୁଁନଥିଲେ, କିଏ କାଳେ କହୁ ଭାରତୀୟଙ୍କ ସଭା ପୁରାପୁରି ସାଂପ୍ରଦାୟିକ । ଏଥିରେ ବର୍ଣ୍ଣବାଦ ଭାବନା ରହିଛି ।

ମୋହନଦାସଙ୍କ ବିରୁଦ୍ଧରେ ମଧ୍ୟ କିଛି ଭାରତୀୟ ସଂଗଠିତ ହେଉଥିଲେ । ଏସ୍. ହାଲୁ ନାମକ ଜଣେ ବ୍ୟକ୍ତି ତା'ର ନେତୃତ୍ୱ ନେଉଥିଲେ । ମୋହନଦାସ କାହିଁକି ସ୍ୱେଚ୍ଛାକୃତ ରେଜିଷ୍ଟ୍ରେସନକୁ ଅନୁମତି ଦେଉଛନ୍ତି, ଏଇ ଅଭିଯୋଗ ଆଣି ଶ୍ରୀଯୁକ୍ତ ହାଲୁ ମୋହନଙ୍କ ଉପରେ ଆକ୍ରମଣ କରିବେ ବୋଲି ଦିନେ ଧମକ ବି ଦେଇଦେଲେ । ଏଥିରେ କିନ୍ତୁ ଗାନ୍ଧୀ ଡରି ଯାଇନଥିଲେ । ଟ୍ରାନ୍ସବାହାଲରେ ଥିବା ବିଶ୍ୱାସୀ ଏବଂ ବିଶ୍ୱାସଘାତକ ଭାରତୀୟଙ୍କ ତାଲିକା ଇଣ୍ଡିଆନ୍ ଓପିନିୟନ ପ୍ରକାଶ କରୁଥିଲା । ଇଣ୍ଡିଆନ୍ ଓପିନିୟନର ପ୍ରସାରଣ ସଂଖ୍ୟା ବଢ଼ିଯାଇଥିଲା ।

୧୯୦୭ ମସିହା ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରେ ଏସିଆଟିକ୍ ଆଇନ ଭଂଗ କରିବାର ପ୍ରଥମ କେଶ୍ କୋର୍ଟକୁ ଆସିଲା । ଏହାର ପ୍ରଥମ ଅଭିଯୁକ୍ତ ଥିଲେ ରାମସୁନ୍ଦର ପଣ୍ଡିତ । ରାମସୁନ୍ଦର ଥିଲେ ଜଣେ ହିନ୍ଦୁ ପୂଜକ । ଜୋହନ୍ସବର୍ଗରୁ ଅଳ୍ପ ଦୂରରେ ଥିବା ଏକ ଟାଉନର ହିନ୍ଦୁ ମନ୍ଦିରରେ ସେ ପୂଜାରୀ କାମ କରୁଥିଲେ । ଏଇ ହିନ୍ଦୁ ମନ୍ଦିରକୁ ସନାତନ ଧର୍ମ ସଭା ନାମକ ଏକ ଟ୍ରଷ୍ଟ ପରିଚାଳନା କରୁଥିଲା ।

ରାମସୁନ୍ଦରଙ୍କର ପରମିଟ୍ ସେପ୍ଟେମ୍ବର ୩୦ ତାରିଖ ୧୯୦୭ ମସିହାରେ ଶେଷ ହୋଇଯାଇଥିଲା । ସେ ଆଉ ନୂଆ ପରମିଟ୍ କରିନଥିଲେ । କଲୋନି ଛାଡ଼ି ଚାଲିଯିବାକୁ ରାମସୁନ୍ଦରଙ୍କୁ ସରକାରୀ ନିର୍ଦ୍ଦେଶ ଆସିଥିଲା । ରାମସୁନ୍ଦର କଲୋନୀ ଛାଡ଼ିବାକୁ ସ୍ପଷ୍ଟ ମନା କରିଦେଇଥିଲେ । ତାଙ୍କର ଯୁକ୍ତି ଥିଲା, ସେ ଏଠି ଧର୍ମ କାମରେ ଅଛନ୍ତି । ଏବେ ଛାଡ଼ିଯିବା ଅସମ୍ଭବ ।

ନଭେମ୍ବର ୮ ତାରିଖରେ ତାଙ୍କୁ ଗିରଫ କରାଗଲା ଏବଂ ଜେଲ୍‌କୁ ପଠାଇ ଦିଆଗଲା । ନଭେମ୍ବର ୧୪ ତାରିଖରେ ତାଙ୍କର କୋର୍ଟରେ ବିଚାର ହେଲା । ରାମସୁନ୍ଦରଙ୍କର ଓକିଲ ଥିଲେ ମୋହନଦାସ ଗାନ୍ଧୀ ।

ରାମସୁନ୍ଦରଙ୍କ ସପକ୍ଷରେ ମୋହନଙ୍କ ଯୁକ୍ତି ଥିଲା – ରାମସୁନ୍ଦର କୌଣସି ଆଇନ ଭାଂଗି ନାହାନ୍ତି । ସେ କେବଳ ଏସିଆଟିକ୍ ଆଇନରେ ଥିବା ପ୍ରାବଧାନକୁ ବିରୋଧ କରିଛନ୍ତି । ଏପରି ବିରୁଦ୍ଧ କରିବା ଯଦି ଅପରାଧ ହୁଏ, ତେବେ ଏଠି ଥିବା ପ୍ରାୟ ଅଧିକାଂଶ ଭାରତୀୟ ନିଶ୍ଚୟ ଅପରାଧୀ ହୋଇଯିବେ, କାରଣ ଭାରତୀୟମାନେ ଏସିଆଟିକ୍ ଆଇନକୁ ମାନିବାକୁ ପ୍ରସ୍ତୁତ ନାହାନ୍ତି । ପରମିଟ ରେଜିଷ୍ଟ୍ରେସନ ସହ ଏହାର କିଛି ଯା ଆସ ନାହିଁ ।

Digitized by PPRACHIN, SOA

ଗାନ୍ଧୀଙ୍କ ଯୁକ୍ତିକୁ ମାଜିଷ୍ଟ୍ରେଟ ମଝିରେ ଅଟକାଇଲେ । ଅନୁରୋଧ କରି କହିଲେ - "ମିଷ୍ଟର ଗାନ୍ଧୀ, କେଶ୍‌କୁ ଆହୁରି ଆଗକୁ ବଢ଼େଇବା ଠିକ୍ ହେବନି । ଏହାର ବିଚାର ପାଇଁ ଅଧିକ ସାକ୍ଷ୍ୟ ଦରକାର ହେବ ।" ଗାନ୍ଧୀ ଆଉ ଯୁକ୍ତି କଲେନି । ମାଜିଷ୍ଟ୍ରେଟ ରାୟ ଦେଲେ-ଆଇନ ଭଙ୍ଗ୍ ଯୋଗୁ ରାମସୁନ୍ଦର ଏକମାସ ବିନା ଶ୍ରମରେ ଜେଲ ଭୋଗିବେ ଏବଂ ଏପରି ଏକ ସଂବେଦନଶୀଳ ମକଦ୍ଦମାକୁ ଭଲ ଭାବେ ପରିଚାଳନା କରିଛନ୍ତି ବୋଲି ଗାନ୍ଧୀଙ୍କୁ ମାଜିଷ୍ଟ୍ରେଟ୍ ପ୍ରଶଂସା କଲେ ।

ଭାରତୀୟ ଜାତୀୟ କଂଗ୍ରେସର ମହାଅଧିବେଶନ ସେବେ ଗୁଜୁରାଟର ସୁରାଟରେ ବସୁଥିଲା । ଦକ୍ଷିଣ ଆଫ୍ରିକାର ଭାରତୀୟଙ୍କ ପ୍ରତିନିଧି ଭାବେ ତିନିଜଣ ଭାରତୀୟ ସୁରାଟ ଆସିଲେ ।

ଟ୍ରାନ୍‌ସବାହାଲରେ ଗୁଜବ ପ୍ରଚାର ହେଲା ଯେ କୌଣସି ସମୟରେ ମୋହନଦାସ ଗିରଫ ହୋଇପାରନ୍ତି । ୧୯୦୭ ମସିହା ନଭେମ୍ବର ମାସ ୨୪ ତାରିଖରେ ଏକ ମସ୍‌ଜିଦ୍‌ରେ ଭାରତୀୟଙ୍କ ସଭା ବସିଲା । ଏଥିରେ ପ୍ରାୟ ଦୁଇ ହଜାର ଲୋକ ଉପସ୍ଥିତ ଥିଲେ । ସଭାରେ ନିଷ୍ପତ୍ତି ହେଲା, ଗାନ୍ଧୀ ଯଦି ଗିରଫ ହୋଇ ଜେଲ୍ ଯାଆନ୍ତି ତାଙ୍କ ଅନୁପସ୍ଥିତିରେ ହେନେରି ପୋଲକ ଚିଠି ଏବଂ ଟେଲିଗ୍ରାମ ଲେଖିବେ । ଆନ୍ଦୋଳନ ଚଳେଇ ରଖିବେ ।

ଟ୍ରାନ୍‌ସବାହାଲର ରାଜ୍ୟପାଳ ଲର୍ଡ ସେଲେବର୍ଣ୍ଣ ଟ୍ରାନ୍‌ସବାହାଲ ସରକାର ଏବଂ ଭାରତୀୟଙ୍କ ମଧ୍ୟରେ ଦ୍ୱନ୍ଦ ନେଇ ମୋଟେ ଖୁସି ନଥିଲେ । ଏହାର ଏକ ଆପୋଷ ସମାଧାନ ପାଇଁ ସେ ଜେନେରାଲ ସ୍ମଟସ୍‌କୁ ନିର୍ଦ୍ଦେଶ ଦେଲେ । ଭାରତୀୟଙ୍କ ଆନ୍ଦୋଳନ ଏବଂ ସରକାରୀ ଦମନ ବ୍ରିଟିଶ ଆଇନର ମର୍ଯ୍ୟାଦା ପ୍ରତି ଆଂଚ ଆଣୁଥିଲା । ସ୍ମଟସ୍ ଉତ୍ତର ଦେଲେ - ସେ ବ୍ୟକ୍ତିଗତ ଭାବେ ରାଜି ଯେ ଭାରତୀୟଙ୍କ ସମସ୍ୟାର ତୁରନ୍ତ ସମାଧାନ ହେଉ । କିନ୍ତୁ ଗୋରା ୟୁରୋପୀୟମାନେ ଭାରତୀୟଙ୍କୁ କୌଣସି ରିହାତି ଦେବାକୁ ଆଦୌ ରାଜି ନୁହନ୍ତି ।

ଡିସେମ୍ବର ମାସ ଦ୍ୱିତୀୟ ସପ୍ତାହରେ ଗାନ୍ଧୀଙ୍କୁ ଗିରଫ ପାଇଁ ପରୱାନା ଜାରି ହେଲା । ଗାନ୍ଧୀଙ୍କ ସହ ତାମିଲ ନେତା ଥମ୍ବି ନାଇଡୁ, ଚୀନ୍ ନେତା ଲିୟାଙ୍ଗ କୁଇନ, ପଣ୍ଡିତ ରାମସୁନ୍ଦର ଏବଂ ଗାନ୍ଧୀଙ୍କ ଏକଦା ଚରମ ବିରୋଧ ସି.ଏସ୍. ପିଲେଇ ଏଥିରେ ଥିଲେ । ଜୋହନ୍‌ସବର୍ଗର କ୍ରିମିନାଲ କୋର୍ଟରେ ଡିସେମ୍ବର ୨୮ତାରିଖ, ୧୯୦୭ ମସିହାରେ ମକଦ୍ଦମା ପେଶ୍ ହେଲା । ଗାନ୍ଧୀ ଏବଂ ତାଙ୍କ ସହଯୋଗୀମାନଙ୍କୁ କୋର୍ଟରେ ହାଜର କରାଗଲା । ଏହି କେଶ୍‌ରେ ଗାନ୍ଧୀ ନିଜ ପାଇଁ ଏକ ବକ୍ତବ୍ୟ ଦେବାକୁ

Digitized by PPRACHIN, SOA

ମାଜିଷ୍ଟ୍ରେଟଙ୍କୁ ଅନୁରୋଧ କଲେ ଏବଂ ବକ୍ତବ୍ୟ ପାଇଁ ପାଞ୍ଚ ମିନିଟ୍ ସମୟ ମାଗିଲେ । ସେବେ ମାଜିଷ୍ଟ୍ରେଟ ଥିଲେ ଏଚ୍.ଏଚ୍. ଜୋର୍ଡାନ୍ । ଜୋର୍ଡାନ୍‌ଙ୍କର ଏସିଆଟିକ୍ ଆଇନ ସଂପର୍କରେ ଅନେକ ଜ୍ଞାନ ଏବଂ ଅନୁଭୂତି ଥିଲା । ଗାନ୍ଧୀଙ୍କ ଉପରେ ଟିକିଏ ଅସନ୍ତୁଷ୍ଟ ହୋଇ ମାଜିଷ୍ଟ୍ରେଟ କହିଲେ - "ମୁଁ କୌଣସି ରାଜନୈତିକ ଭାଷଣ ଶୁଣିବାକୁ ଚାହେଁନି । ତୁମେ ମିଷ୍ଟର ଗାନ୍ଧୀ, ଆଇନ ଭାଂଗିଛ । ତେଣୁ ଦଣ୍ଡ ପାଇବ ।"

ଜୋର୍ଡାନ୍ ରାୟ ଶୁଣାଇଲେ । ଗାନ୍ଧୀଙ୍କୁ ସାତ ଦିନ ଭିତରେ କଲୋନି ଛାଡ଼ିବାକୁ ହିଁ ହେବ । ଯଦି ସେ ନଛାଡ଼ନ୍ତି ତାଙ୍କୁ ଏକ ମାସ ଜେଲ୍ ଯିବାକୁ ହେବ ଏବଂ ଏକ ମାସ ଜେଲ ଦଣ୍ଡ ପରେ ଜେଲରୁ ଫେରିବା ପରେ ଯଦି ମିଷ୍ଟର ଗାନ୍ଧୀ କଲୋନୀ ତ୍ୟାଗ ନକରନ୍ତି ତାଙ୍କୁ ଛ ମାସ ଜେଲରେ ରହିବାକୁ ହେବ ।

ଗାନ୍ଧୀ ମାଜିଷ୍ଟ୍ରେଟଙ୍କୁ ଅନୁରୋଧ କରି କହିଦେଲେ- "ଏ ସାତଦିନ କାହିଁକି ସାର୍ ? ଏହାକୁ ୪୮ ଘଣ୍ଟା କରି ଦିଆଯାଉ ।"

ମାଜିଷ୍ଟ୍ରେଟ ଜୋର୍ଡାନ୍ ଏହାର ତୁରନ୍ତ ରାୟ ଦେଇ କହିଲେ - "ଏହା ଯଦି ତୁମେ ଚାହଁ ମିଷ୍ଟର ଗାନ୍ଧୀ, ମୁଁ ତୁମକୁ ନିରାଶ କରିବି ନାହିଁ । ତୁମକୁ ଆଦେଶ ହେଲା, ତୁମେ ୪୮ ଘଣ୍ଟା ମଧ୍ୟରେ ଏ କଲୋନୀ ଛାଡ଼ି ଚାଲିଯାଅ ।"

ଗାନ୍ଧୀଙ୍କ ଜେଲ ଦଣ୍ଡାଦେଶ ଖବର ବିଜୁଳି ପରି ପ୍ରସାରିତ ହୋଇଗଲା । ଜୋହନ୍‌ସବର୍ଗ, ପିଟରମାରିଜବର୍ଗ, ଡ଼ର୍ବାନ, କେପ୍‌ଟାଉନ, ବମ୍ବେ, ମାଡ୍ରାସରେ ଏ ଖବର ଉପରେ ଆଲୋଚନା ଚାଲିଲା । ଲଣ୍ଡନରେ ମଧ ଏ ତାତି ଅନୁଭୂତ ହେଲା । ଗାନ୍ଧୀଙ୍କ ଗିରଫକୁ ପ୍ରତିବାଦ କରି ଲଣ୍ଡନରେ ଭାରତୀୟମାନେ ସ୍ୱର ଉଠାଇଲେ ।

ଦକ୍ଷିଣ ଆଫ୍ରିକୀୟ ଭାରତୀୟଙ୍କ ଏଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ସିଭିଲ ଡିସଓବେଡିଏନସ୍ ବା ପାସିଭ୍ ରେଜିଷ୍ଟାନ୍‌ସ ନାଁରେ ଡ଼ାକିବାକୁ ମୋହନଦାସ ଚାହୁଁ ନଥିଲେ । ସେ ଏହାର ଏକ ଭାରତୀୟ ନାଁ ଦେବାକୁ ଚାହୁଁଥିଲେ । ଆନ୍ଦୋଳନର ନାମକରଣ କରିବାକୁ ଇଣ୍ଡିଆନ୍ ଓପିନିୟନରେ ଏକ ବିଜ୍ଞାପନ ଦିଆଗଲା । ମଗନଲାଲ ଗାନ୍ଧୀ ଏହାର ନାଁ ଦେଲେ, ସଦାଗ୍ରହ । ସତ୍+ଆଗ୍ରହ = ସଦାଗ୍ରହ । ଯାହାର ଅର୍ଥ ହେଲା ଗୋଟିଏ ଉତ୍ତମ ଉଦ୍ଦେଶ୍ୟ ପ୍ରତି ଦୃଢ଼ ହେବା । ଗାନ୍ଧୀ ଏଇ ନାଁକୁ ପସନ୍ଦ କଲେ କିନ୍ତୁ ଏ ଶବ୍ଦ ଯେ ତାଙ୍କର ଭାବନାକୁ ସଂପୂର୍ଣ୍ଣ ପ୍ରକଟିତ କରିପାରୁନାହିଁ, ଏହା ତାଙ୍କର ହୃଦ୍‌ବୋଧ ହେଲା । ଗାନ୍ଧୀ ଏଇ ଆନ୍ଦୋଳନର ନାଁ 'ସତ୍ୟାଗ୍ରହ' ରଖିଲେ । ଅର୍ଥ ହେଲା ସତ୍ୟ, ପ୍ରେମ ଏବଂ ଅହିଂସାରୁ ଜନ୍ମ ନେଉଥିବା ଶକ୍ତି ଆଗରେ ନିଜକୁ ସମର୍ପି ଦେବା ।

୧୯୦୭ ମସିହା ଡିସେମ୍ବରରେ ଏଇ ସତ୍ୟାଗ୍ରହ ଶବ୍ଦକୁ ପ୍ରୟୋଗ କରାଗଲା ।

Digitized by PPRACHIN, SOA

ଏବଂ ଇଣ୍ଡିଆନ୍ ଓପିନିୟନର ଅନ୍ୟ ଏକ ନାଁ ସତ୍ୟାଗ୍ରହ ହେଲା ।

କୋର୍ଟଙ୍କ ରାୟ ନେଇ ପ୍ରାୟ ଦୁଇ ସପ୍ତାହ ଧରି ମୋହନଦାସଙ୍କ ପାଖକୁ କୌଣସି ନୋଟିସ୍ ଆସି ନଥିଲା । ନୂଆ ବର୍ଷ ଉପଲକ୍ଷେ ଜଜ୍ ଏବଂ ପୋଲିସମାନେ ବ୍ୟସ୍ତଥିଲେ ବୋଲି କାରଣରେ କୁହାଯାଉଥିଲା ।

ଜାନୁଆରୀ ୧ ତାରିଖରେ ଯୋସେଫ୍ ଡ଼ୋକ୍ ନାମକ ଜଣେ ଖ୍ରୀଷ୍ଟିଆନ୍ ମିସିନାରୀ ଗାନ୍ଧୀଙ୍କୁ ତାଙ୍କ ଅଫିସ ଘରରେ ଦେଖା କଲେ । ଡୋକ୍‌ଙ୍କର ଭାରତ ସଂପର୍କରେ ଭଲ ଜ୍ଞାନ ଥିଲା । ଖ୍ରୀଷ୍ଟିଆନ୍ ମିସିନାରୀ ଭାବେ ସେ ଭାରତର ବିଭିନ୍ନ ସହର ବୁଲିଥିଲେ । ହିନ୍ଦୁ, ମୁସଲମାନଙ୍କ ସଂପର୍କରେ ତାଙ୍କର ଧାରଣା ଥିଲା ସ୍ପଷ୍ଟ ।

ଗାନ୍ଧୀଙ୍କ ସହ ତାଙ୍କର ପ୍ରଥମ ସାକ୍ଷାତର ବର୍ଣ୍ଣନା ଦିଅନ୍ତି ଖ୍ରୀଷ୍ଟିଆନ୍ ବାପିଷ୍ଟ ଜେ. ଡୋକ୍ । ଗାନ୍ଧୀଙ୍କ ଅଫିସ ଘରକୁ ପ୍ରବେଶ କଲାବେଳେ ଡୋକ୍ ସେଠାରେ ଉପସ୍ଥିତ ଥିବା ଅନେକ ପୁରୁଷ ଏବଂ ସ୍ତ୍ରୀଙ୍କୁ ଦେଖିଲେ । କେତେକ ସ୍ତ୍ରୀ ଲୋକ କାଖରେ ପିଲା ଧରି ଛିଡ଼ା ହୋଇଥିଲେ । ପାଖ ଘରେ ଗାନ୍ଧୀଙ୍କର ଲେଡି ଟାଇପିଷ୍ଟ କୁମାରୀ ସୋଞ୍ଜା ସେଲସିନ୍ ଟାଇପ କରୁଥିଲେ ।

ରେଭେରେଣ୍ଡ ଡୋକ୍ ସିଧା ଗାନ୍ଧୀଙ୍କ ପାଖକୁ ଗଲେ । ଜଣେ ଖ୍ରୀଷ୍ଟିଆନ୍ ଅତିଥିଙ୍କୁ ଦେଖି ଉପସ୍ଥିତ ଲୋକେ ଅଫିସ୍ ଛାଡ଼ି ବାହାକୁ ଚାଲିଗଲେ । ଡୋକ୍ ସିଧା ଗାନ୍ଧୀଙ୍କୁ ପ୍ରଶ୍ନ କଲେ – "ମିଷ୍ଟର ଗାନ୍ଧୀ ! ଆପଣ ସାଧାରଣ ପ୍ରସଂଗ ନେଇ କେତେ ଦିନ ଶହୀଦ ହେବେ ?" ଗାନ୍ଧୀ ଉତ୍ତର ଦେଲେ- "ମୁଁ ଯେକୌଣସି ସମୟରେ ମରିବାକୁ ପ୍ରସ୍ତୁତ ଅଛି ଏବଂ ଭାରତୀୟଙ୍କ ସ୍ୱାର୍ଥପାଇଁ ଯାହା କିଛି କରିବାକୁ ମଧ ପ୍ରସ୍ତୁତ ରହିଛି ।"

ଡୋକ୍ ଗାନ୍ଧୀଙ୍କୁ ଚାହିଁଲେ ଏବଂ ଅଫିସ୍ ଛାଡ଼ି ଚାଲି ଆସିଲେ ।

୧୯୦୮ ମସିହା ଜାନୁୟାରୀ ୧୦ ତାରିଖରେ ଗାନ୍ଧୀଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଆସିଲା ଯେ, ଗାନ୍ଧୀଙ୍କ ବିଚାର ହେବ । କାରଣ ୪୮ ଘଣ୍ଟା ଭିତରେ ଗାନ୍ଧୀ କଲୋନୀ ଛାଡ଼ି ଯାଇ ନଥିଲେ ।

ଗାନ୍ଧୀ ସେଦିନ କୋର୍ଟରେ ପହଞ୍ଚିଲେ ସକାଳ ଦଶଟାରେ । ବର୍ଷା ହେଉଥିଲା । ମୋହନଙ୍କ ଜଣେ ସମର୍ଥକ ତାଙ୍କୁ ତାର ଛତା ତଳେ ନେଇ ଯାଉଥିଲା । ଅନ୍ୟ ସତ୍ୟାଗ୍ରହୀ ବି କୋର୍ଟରେ ପହଞ୍ଚି ସାରିଥିଲେ ।

କୋର୍ଟରେ ମାଜିଷ୍ଟ୍ରେଟ୍ ଜୋର୍ଡାନ୍‌ଙ୍କ ଆଗରେ ଗାନ୍ଧୀ ନିଜ ଦୋଷ ସ୍ୱୀକାର କଲେ । ସେ କୋର୍ଟର ରାୟ ମାନି ନାହାନ୍ତି ବୋଲି କହିଲେ । ତାଙ୍କୁ ଛଅ ମାସ ଜେଲ ଦଣ୍ଡ ସହ

Digitized by PPRACHIN, SOA

୫୦୦ ପାଉଣ୍ଡ ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଜଜ୍‌ଙ୍କୁ ଗାନ୍ଧୀ ଅନୁରୋଧ କଲେ ।

ଜୋର୍ଡାନ୍ ଉତ୍ତର ଦେଲେ - "ତୁମ କହିବା ଅନୁସାରେ ଦଣ୍ଡ ଦିଆଯାଇ ପାରିବ ନାହିଁ, ମିଷ୍ଟର ଗାନ୍ଧୀ । ଆଇନର ବ୍ୟବସ୍ଥା ଅନୁଯାୟୀ ଦଣ୍ଡ ମିଳିବ । ବିନା ଶ୍ରମରେ ତୁମେ ଦୁଇମାସ ଜେଲ ଦଣ୍ଡ ଭୋଗିବ ।"

ରାୟ ଘୋଷଣା ପରେ ସଂଗେ ସଂଗେ ଗାନ୍ଧୀଙ୍କୁ ଫୋର୍ଟ ପ୍ରିଜିନ୍‌କୁ ନିଆଗଲା । ଦଣ୍ଡ ଭୋଗୁଥିବା ଭାରତୀୟମାନେ ଯେଉଁ କୋଠରୀରେ ରୁହନ୍ତି ସେଇ କୋଠରୀରେ ମୋହନଙ୍କୁ ରଖାଗଲା । ଫୋର୍ଟ ଜେଲରେ ଉଭୟେ କଳା ଏବଂ ଗୋରା ଲୋକଙ୍କ ପାଇଁ ପୃଥକ୍ ପୃଥକ କୋଠରୀ ରହିଥିଲା ।

ଗାନ୍ଧୀଙ୍କ ଜେଲ ଦଣ୍ଡାଦେଶ ପରେ ନାତାଲ ଭାରତୀୟ କଂଗ୍ରେସ ଦର୍ବାନରେ ସଭା କଲେ । ଗାନ୍ଧୀଙ୍କୁ ପ୍ରଶଂସା କରି ଭାଷଣବାଜି ହେଲା । ଡକ୍ଟର ନାନ୍‌ଜୀ ତାଙ୍କ ଭାଷଣରେ ଭିନ୍ନ ଏକ ପ୍ରସ୍ତାବ ଦେଲେ - "ଗାନ୍ଧୀଙ୍କ ପାଇଁ ଚିନ୍ତା କରିବା ଦରକାର ନାହିଁ । ଗାନ୍ଧୀ ପୃଥିବୀର ଏକ ପରିଚିତ ବ୍ୟକ୍ତିତ୍ୱ । ତାଙ୍କ ବିଷୟରେ ଚିନ୍ତା ଏବେ ସବୁଠି । ବର୍ତ୍ତମାନ କିନ୍ତୁ ବଡ଼ ଚିନ୍ତା ହେଉଛି ଶ୍ରୀମତୀ ଗାନ୍ଧୀ (କସ୍ତୁରବା) ଏବଂ ତାଙ୍କ ପିଲାଙ୍କର । ଗାନ୍ଧୀଙ୍କ ଜେଲ ଯିବା ପରେ ସେମାନେ ଏବେ ଦୁଃଖରେ ଅଛନ୍ତି । ତାଙ୍କୁ ସମବେଦନା ଦେବା ଦରକାର ।"

ସମବେଦନା ଜଣାଇ ଫିନିକ୍ସରେ କସ୍ତୁରବାଙ୍କ ପାଖକୁ ଟେଲିଗ୍ରାମ କରାଗଲା । ସେଦିନ ଅଠଚାଳିଶିଟି ଟେଲିଗ୍ରାମ କସ୍ତୁରବା ପାଇଥିଲେ । ଗୋଟିଏ ଟେଲିଗ୍ରାମରେ ଲେଖାଥିଲା - 'ଭାରତ ବର୍ଷ ଏପରି ଆହୁରି ଅନେକ ଗାନ୍ଧୀଙ୍କୁ ଜନ୍ମ ଦେଉ ।' (ମେ ଇଣ୍ଡିଆ ପ୍ରଡ୍ୟୁସ୍ ମେନି ମୋର ଗାନ୍ଧିସ୍ ।)

❖ ❖ ❖

Digitized by PPRACHIN, SOA

୨୮

ମୋହନଙ୍କ ପ୍ରଥମ ଜେଲ୍ ଜୀବନ

ଫୋର୍ଟ ଜେଲରେ ମୋହନଦାସ ଗାନ୍ଧୀ ଜଣେ ରାଜନୈତିକ କଏଦୀ ଥିଲେ । ତଥାପି ଜଣେ ସାଧାରଣ ଅପରାଧି ପରି ତାଙ୍କୁ ଜେଲରେ ବ୍ୟବହାର ଦେଖାଯାଉଥିଲା । ଜେଲ୍ କୋଠରୀକୁ ପଠାଇବା ପୂର୍ବରୁ ମୋହନଙ୍କ ଦେହରୁ ଲୁଗା କାଢ଼ି ନିଆଗଲା । ସଂପୂର୍ଣ୍ଣ ତାଙ୍କୁ ଉଲଗ୍ନ କରି ଦିଆଗଲା । ଦେହର ଓଜନ ତାଙ୍କର ମପାଗଲା । ଆଙ୍ଗୁଠି ଛାପ ନିଆଗଲା ଏବଂ ଜେଲ ପୋଷାକ ତାଙ୍କୁ ପିନ୍ଧିବାକୁ ଦିଆଗଲା । ଜେଲ ପୋଷାକ ଭିତରେ ଥିଲା ଟ୍ରାଉଜର, ସାର୍ଟ, ଟୋପି, ମୋଜା ଏବଂ ସାଣ୍ଡାଲ । ଛୋଟ ଖଟ ଏବଂ ବାକ୍ସଟିଏ ମିଳିଥିଲା । ତକିଆ ନଥିଲା । ମୁଣ୍ଡ କୁଣ୍ଡାଇବାକୁ ପାନିଆ କିମ୍ବା ହାତ ପୋଛିବାକୁ ଟାଉଲ ଦିଆଯାଇ ନଥିଲା । ଗାନ୍ଧୀଙ୍କ ସେଲରେ ଆଉ ବାରଜଣ ଭାରତୀୟ କଏଦୀ ରହିଥିଲେ । ଏହା ଥିଲା ୧୯୦୮ ମସିହା ଜାନୁୟାରୀ ମାସ ୧୦ ତାରିଖ । ପ୍ରଥମ ଦିନ ରାତିରେ ଗାନ୍ଧୀଙ୍କୁ ମାତ୍ର ଆଠ ଆଉନସ୍ ପାଉରୁଟି ଖାଇବାକୁ ମିଳିଥିଲା । ଅନୁରୋଧ କରିବାରୁ ତା ପରଦିନ ତାଙ୍କୁ କିଛି ସିଝା ପରିବା ଖାଇବାକୁ ଦିଆଯାଇଥିଲା ।

ୱାର୍ଡର ଭାରି କଡା ପ୍ରକୃତିର ଲୋକ ଥିଲେ । ପରିହାସ କରି ଜେଲରେ ଥିବା କଏଦୀମାନେ ତାଙ୍କୁ ଅନ୍ୟ ଏକ ଜେନେରାଲ ସ୍ମଟସ୍ ବୋଲି ଡାକୁଥିଲେ । ଗାନ୍ଧୀଙ୍କ କୋଠରୀରେ ଗୋଟିଏ ମାତ୍ର ଇଲେକ୍ଟ୍ରିକ୍ ବଲ୍‌ବ ଲାଗିଥିଲା । ୱାର୍ଡରଙ୍କ ନିର୍ଦ୍ଦେଶ ଥିଲା, ବିଜୁଳୀ ବତୀ କେବଳ ରାତି ୮ଟା ପର୍ଯ୍ୟନ୍ତ ଜଳି ପାରିବ । ଆଠଟା ହେଲେ ସୁଇଚ ବନ୍ଦ କରି ଦିଆଯିବ । କଏଦୀମାନେ ତାଙ୍କ କାମ ଯେପରି ରାତି ଆଠଟା ଭିତରେ ଶେଷ କରିବେ ।

ବହି ପଢ଼ିବା ପାଇଁ ଗାନ୍ଧୀଙ୍କୁ ଟେବୁଲଟିଏ ଦିଆଗଲା । ଜେଲକୁ ଆସିବା ବେଳେ ମୋହନଦାସ ନିଜ ସଂଗରେ କିଛି ବହି ଆଣିଥିଲେ । ଏଥିରେ ଭାଗବତ ଥିଲା ଏବଂ ଟଲଷ୍ଟୟ, ସକ୍ରେଟିସ୍ ଏବଂ ରସ୍କିନଙ୍କର ଆଉ କିଛି ବହି ରହିଥିଲା । ଜେଲ ଲାଇବ୍ରେରୀରୁ

Digitized by PPRACHIN, SOA

ମୋହନଦାସ ବାଇବେଲ ମଗାଇ ଆଣିଥିଲେ ।

ଗାନ୍ଧୀ ଜେଲ ଆସିବାର ତିନି ଚାରିଦିନ ପରେ ଆଉ କିଛି ସତ୍ୟାଗ୍ରହୀ ଜେଲକୁ ଆସିଲେ । ଏଥିରେ ଥାମ୍ବି ନାଇଡୁ, ଚୀନ୍ ନେତା କୁଇନ୍ ଥିଲେ । ପରେ ପୁଣି ଆଉ ୨୦୦ ଭାରତୀୟ ଜେଲ ଦଣ୍ଡାଦେଶ ପାଇ ଜେଲକୁ ଆସିଲେ । ସେମାନେ କେବଳ ହିନ୍ଦୁ କଏଦୀ ନଥିଲେ । ଜେଲ ଭୋଗିବାକୁ ଆସିଥିବା କଏଦୀଙ୍କ ଭିତରେ ହିନ୍ଦୁ, ମୁସଲମାନ୍, ଖ୍ରୀଷ୍ଟିଆନ୍ ଏବଂ ପାର୍ଶି ଥିଲେ ।

ଏତେ ସଂଖ୍ୟକ କଏଦୀଙ୍କ ପାଇଁ ଯାଗା ନଥିଲା ଜେଲରେ । ଜେଲ ଅଗଣାରେ ତମ୍ବୁ ପକାଇ କୃତ୍ରିମ ଘର ତିଆରି କରାଗଲା । କଏଦୀମାନେ ସେଇ ତମ୍ବୁରେ ରହିଲେ । ମୋହନଦାସ ସେଇ ତମ୍ବୁ ତଳେ କଏଦୀଙ୍କ ଭିତରେ ଶୋଉଥିଲେ ।

ଗାନ୍ଧୀଙ୍କୁ ଜେଲ ଖାଦ୍ୟ ଭଲ ଲାଗୁନଥିଲା । ସେ ଥମ୍ବି ନାଇଡୁଙ୍କୁ ରୋଷେଇ କରିବାକୁ କହିଲେ । ଅନୁରୋଧ କରିବାରେ ଜେଲ କର୍ତ୍ତୃପକ୍ଷ ରେସନ ଏବଂ ଚାଉଳ ଯୋଗାଇଦେଲେ । ଥମ୍ବି ନାଇଡୁ ରୋଷେଇ କଲେ ଏବଂ ଖାଇବା ବେଳେ ମୋହନଦାସ ଖାଦ୍ୟ ପରଷୁଥିଲେ ଏବଂ ରୋଷେଇ ବାସନ ସଫା କରୁଥିଲେ ।

ଗାନ୍ଧୀଙ୍କ ସତ୍ୟାଗ୍ରହର ସ୍ୱରୂପ ଏବଂ ଢ଼ାଞ୍ଚା ଥିଲା ଅଦ୍‌ଭୁତ । ଆମେରିକୀୟ ଦାର୍ଶନିକ ଥୋରେଙ୍କ ପାସିଭ୍ ରେଜିଷ୍ଟାନସ୍ ତତ୍ତ୍ୱ ଠାରୁ ସଂପୂର୍ଣ୍ଣ ଥିଲା ନୂଆ । କଳ୍ପନାତୀତ ।

ଜେନେରାଲ ସ୍ମଟସ୍‌ଙ୍କ ଠାରୁ ଖବର ଆସିଲା – ସେ ଗାନ୍ଧୀଙ୍କୁ ଦେଖା କରିବାକୁ ଚାହାଁନ୍ତି । ଜାନୁୟାରୀ ତିରିଶ ତାରିଖ ପ୍ରିଟୋରିଆରେ । ଗାନ୍ଧୀ ରାଜି ହେଲେ । ପୋଲିସ୍ ସୁରକ୍ଷା ଭିତରେ ମୋହନଙ୍କୁ ସ୍ମଟସ୍‌ଙ୍କ ପାଖକୁ ନିଆଗଲା ।

ଗାନ୍ଧୀଙ୍କ ସହ ସ୍ମଟସ୍‌ଙ୍କ ସାକ୍ଷାତ ଯେପରି ବହୁ ପୁରୁଣା ବନ୍ଧୁଙ୍କ ପରି ସାକ୍ଷାତ ଥିଲା । ଏକ ଜଣାଶୁଣା ପୁରୁଣା ସାଥୀ ପରି ସ୍ମଟସ କଥାହେଲେ । ସ୍ମଟସ କହିଲେ, ସେ ଭାରତୀୟଙ୍କୁ ଭଲ ପାଆନ୍ତି । ଭାରତୀୟଙ୍କ ଦାବି ପ୍ରତି ସେ ସଂବେଦନଶୀଳ । ଲଣ୍ଡନରେ ଆଇନ ପଢ଼ିବା ବେଳେ ତାଙ୍କର ଅନେକ ଭାରତୀୟ ବନ୍ଧୁ ଥିଲେ । ସେ ବର୍ତ୍ତମାନ ଏକ ବୁଝାମଣା କରିବାକୁ ଚାହାଁନ୍ତି । ସ୍ୱେଚ୍ଛାକୃତ ଭାବେ ରେଜିଷ୍ଟ୍ରେସନ ଶେଷ ହୋଇଗଲା ପରେ ସେ ଏସିଆଟିକ୍ ଆଇନକୁ ପ୍ରତ୍ୟାହାର କରିନେବେ ।

ଗାନ୍ଧୀଙ୍କୁ ସ୍ମଟସ୍ ପ୍ରସ୍ତାବ ଗ୍ରହଣୀୟ ଲାଗିଲା ।

ଗାନ୍ଧୀ ସବୁବେଳେ ବିବାଦର ଆପୋଷ ସମାଧାନ ଚାହୁଁଥିଲେ । ଯୁଦ୍ଧକୁ ଏକ ଶେଷ ଅସ୍ତ୍ର ଭାବେ ରଖୁଥିଲେ । ସେଇଥିପାଇଁ ତାଙ୍କ ସତ୍ୟାଗ୍ରହର ଢ଼ାଞ୍ଚା ଥିଲା ସ୍ୱତନ୍ତ୍ର ।

Digitized by PPRACHIN, SOA

ପ୍ରଥମରେ ପ୍ରତିବାଦ ଏବଂ ପରେ ଜେଲଯାତ୍ରା । କିନ୍ତୁ ଶହ ଶହ ଭାରତୀୟ ବ୍ୟବସାୟୀ ଜେଲ ଯିବାପରେ ଗାନ୍ଧୀଙ୍କ ଚିନ୍ତାଥିଲା- ଏପରି ଜେଲ ଯାତ୍ରା ଜାରି ରହିଲେ ବ୍ୟବସାୟୀଙ୍କ ଜୀବିକା କ'ଣ ହେବ ? ନିଜ ପରିବାର ଠାରୁ ଏମାନେ କେତେଦିନ ଦୂରେଇ ରହିବେ ? ଯଦି ସ୍ମଟସ ଏକ ଆପୋଷ ବୁଝାମଣା ଋହୁଁ ଥାଆନ୍ତି, ତାହାକୁ ଗ୍ରହଣ କରିନେବା ଉଚିତ ହେବ ।

ସ୍ମଟସ୍‌ଙ୍କ ସହ ସାକ୍ଷାତ ଶେଷ ହେବା ପରେ ସେଇ ଜାନୁୟାରୀ ତିରିଶି ତାରିଖରେ ଗାନ୍ଧୀଙ୍କୁ ଜେଲରୁ ଖଲାସ କରାଗଲା ଏବଂ ତାଙ୍କ ସହ ଆଉ ଦୁଇଶହ ସତ୍ୟାଗ୍ରହୀ କଏଦୀ ଜେଲରୁ ମୁକ୍ତ ହେଲେ । ଗାନ୍ଧୀଙ୍କ ଜେଲରୁ ବାହାରିବା ଖବର ସମସ୍ତ ଟ୍ରାନ୍‌ସବାହାଲରେ ପ୍ରସାରିତ ହୋଇଗଲା ।

ତା ପରଦିନ ଶହ ଶହ ଭାରତୀୟ ଗାନ୍ଧୀଙ୍କୁ ସାକ୍ଷାତ କରିବାକୁ ତାଙ୍କ ଅଫିସ୍ ପାଖକୁ ଆସିଲେ । ଗାନ୍ଧୀ ସେଦିନ ସାଇକେଲରେ ନିଜ ଅଫିସକୁ ଆସିଥିଲେ । ଲୋକଙ୍କ ସହ କଥା ହୋଇ ଗାନ୍ଧୀ ସେଦିନ ସ୍ମଟସ୍‌ଙ୍କ ହୋଇଥିବା କଥା କହିଲେ ଏବଂ ସେ ନିଜେ ସ୍ୱେଚ୍ଛାକୃତ ରେଜିଷ୍ଟ୍ରେସନ କରିବେ ବୋଲି ସ୍ପଷ୍ଟ କଲେ ।

ଫେବୃୟାରୀ ୧୦ ତାରିଖ ଦିନ ଦଶଟା ବେଳେ ଗାନ୍ଧୀ ତାଙ୍କର କିଛି ସାଥୀଙ୍କ ସହ ପରମିଟ୍ ଅଫିସକୁ ବାହାରିଲେ । ଗାନ୍ଧୀଙ୍କ ଏ ନିଷ୍ପତ୍ତିକୁ ମୁସଲିମ ସଂପ୍ରଦାୟର କିଛି ଲୋକ ବିରୁଦ୍ଧ କରୁଥିଲେ । ସେମାନଙ୍କ ଭିତରୁ ଅଳ୍ପ କିଛିଲୋକ ଗାନ୍ଧୀଙ୍କୁ ବାଟରେ ଅଟକାଇଲେ ଏବଂ ରେଜିଷ୍ଟ୍ରେସନ ଅଫିସ ନଯିବାକୁ ବାଧ କଲେ । ଗାନ୍ଧୀ କିନ୍ତୁ ତାଙ୍କ ପ୍ରଚ୍ଛନ୍ନ ଧମକ ମାନିନଥିଲେ । ବାଟ କାଟି ଗଲାବେଳେ ଗାନ୍ଧୀଙ୍କ ଉପରେ ଠେଙ୍ଗାରେ ଆକ୍ରମଣ ହେଲା । ଠେଙ୍ଗାମାଡ଼ ଗାନ୍ଧୀଙ୍କ ମୁଣ୍ଡରେ ବାଜିଥିଲା । ଗାନ୍ଧୀଙ୍କ ସହ ଥମ୍ବି ନାଇଡୁ ଏବଂ ବ୍ରିଟିଶ ଭାରତୀୟ ସଂଘର ଅଧ୍ୟକ୍ଷ ମିଷ୍ଟର ଏସପ୍ ମିଆଁ ଥିଲେ । ନାଇଡୁ ନିଜ ସହ ଆଣିଥିବା ଏକ ଛତା ସାହାଯ୍ୟରେ ଆକ୍ରମଣକାରୀଙ୍କ ଠାରୁ ଗାନ୍ଧୀଙ୍କୁ ରକ୍ଷା କଲେ । ମିଆଁ ଅନ୍ୟ ଏକ ଆକ୍ରମଣକାରୀକୁ ତଳେ ପଡ଼ିଥିବା ଏକ ଲୁହା ଛଡ ଗୋଟାଇ ଆଣି ପ୍ରତିରୋଧ କଲେ । ଆକ୍ରମଣକାରୀ ଦୁଇଜଣ ଭିନ୍ନ ଭିନ୍ନ ସଂପ୍ରଦାୟର ଥିଲେ । ଜଣେ ପଞ୍ଜାବୀ ଥିଲା ଏବଂ ଅନ୍ୟଜଣେ ମୁସଲିମ୍ ଥିଲା । ମୁସଲିମ୍ ଆକ୍ରମଣକାରୀଙ୍କ ନାଁ ଥିଲା ମିର୍ ଆଲାମ ଖାଁନ୍ । ଏଇ ଦୁଇଜଣ ଆକ୍ରମଣକାରୀଙ୍କୁ ପୋଲିସ୍ ଘଟଣାସ୍ଥଳରୁ ଗିରଫ କରିଥିଲା ।

ଆକ୍ରମଣରେ ଗାନ୍ଧୀ ପ୍ରାୟ ଚେତା ଶୂନ୍ୟ ହୋଇଯାଇଥିଲେ । ଓଠରୁ ରକ୍ତ ବାହାରୁଥିଲା । କପାଳ ଫାଟି ଯାଇଥିଲା । ଆଗ ଦାନ୍ତ ଦୁଇଟା ହଲୁଥିଲା । ଗାନ୍ଧୀଙ୍କୁ ସଂଗେ ସଂଗେ ଏକ ଘରୋଇ ଡାକ୍ତରଖାନାକୁ ନିଆଗଲା ।

Digitized by PPRACHIN, SOA

ରେଭେରେଣ୍ଡ୍ ଜୋସେଫ୍ ଡୋକ୍ ଡାକ୍ତରଖାନାରେ ପହଞ୍ଚିଲେ । ପ୍ରଥମ ସାକ୍ଷାତ ଠାରୁ ଏହା ଭିତରେ ଗାନ୍ଧୀଙ୍କ ସହ ଡୋକ୍‌ଙ୍କର ସଂପର୍କ ବଢ଼ିଯାଇଥିଲା । ଡୋକ୍‌ଙ୍କୁ ଖୁବ୍ ଭଲ ଲାଗୁଥିଲେ ଗାନ୍ଧୀ ।

ଗାନ୍ଧୀଙ୍କୁ ଡୋକ୍ ନିଜ ଘରକୁ ନେଇଗଲେ । ଘରକୁ କିଛି ଭଲଭଲ ଡାକ୍ତରଙ୍କୁ ଡାକିଲେ । ଗାନ୍ଧୀଙ୍କ ଓଠ ଏବଂ କପାଳରେ ଷ୍ଟିଚ୍ ପଡିଲା । ମୋହନଦାସ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ଶ୍ରୀମତୀ ଡୋକ୍ ଗାନ୍ଧୀଙ୍କୁ ଜାବୁଡ଼ି ଧରିଥିଲେ । ନିଜ ମା ପରି ଦେହରେ ତାଙ୍କର ହାତ ବୁଲାଇ ଆଣୁଥିଲେ । ସବୁ ଠିକ୍ ହୋଇଯିବ ବୋଲି ଆଶ୍ୱାସନା ଦେଉଥିଲେ । ଡୋକ୍‌ଙ୍କ ତରୁଣୀ ଝିଅ ଅଲିଭ୍ ଡୋକ୍ ଦୂରରେ ଛିଡ଼ା ହୋଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରି ଯନ୍ତ୍ରଣା ଭୋଗୁଥିବା ଜଣେ ଭାରତୀୟଙ୍କୁ ଦେଖୁଥିଲେ ।

ଗାନ୍ଧୀଙ୍କ ବିରୁଦ୍ଧରେ କିଛି ପଠାଣ ଅଶାନ୍ତି ସୃଷ୍ଟି କରୁଥିଲେ । ଆଙ୍ଗୁଠି ଛାପକୁ ସେମାନେ ବିରୁଦ୍ଧ କରୁଥିଲେ । ପଠାଣଙ୍କ ମତରେ ଆଙ୍ଗୁଠି ଛାପ ତାଙ୍କ ସଂପ୍ରଦାୟ ପାଇଁ ଆପତ୍ତିଜନକ । ଅଧିକାଂଶ ମୁସଲିମ୍ କିନ୍ତୁ ଗାନ୍ଧୀଙ୍କୁ ସମର୍ଥନ କରୁଥିଲେ । ପ୍ରଥମ ଦିନ ସ୍ୱେଚ୍ଛାକୃତ ରେଜିଷ୍ଟ୍ରେସନ ପାଇଁ ଯେଉଁମାନେ ପରମିଟ୍ ଅଫିସକୁ ଯାଇଥିଲେ, ସେମାନଙ୍କ ଭିତରେ ଅଧିକାଂଶ ମୁସଲିମ୍ ଥିଲେ ।

ହିନ୍ଦୁ ମୁସଲିମଙ୍କ ଭିତରେ ବିଭାଜନ ଆସିଛି ବୋଲି ପ୍ରଚାର ହେଲା । ଦକ୍ଷିଣ ଆଫ୍ରିକା ସାରା ଏଥିନେଇ ଚର୍ଚ୍ଚା ଚାଲିଲା । ଗୋରାମାନଙ୍କ ମହାସଂଘ ଏଇ କଥିତ ବିଭାଜନକୁ ବଢ଼େଇବାକୁ ଚେଷ୍ଟାରେ ଲାଗିପଡ଼ିଲେ । ଗାନ୍ଧୀଙ୍କ ବିରୁଦ୍ଧରେ ଗୋରାମାନେ ସତ୍ୟାଗ୍ରହ କରିବେ ବୋଲି ପ୍ରସ୍ତାବ ବି ଆଣିଥିଲେ ।

ଡୋକ୍‌ଙ୍କ ଘରୁ ଗାନ୍ଧୀ ଭଲ ହୋଇ ଫେରିଲେ । ୧୮୯୭ ମସିହାରେ ଗାନ୍ଧୀ ଭାରତରୁ ଫେରିବା ବେଳେ ଦକ୍ଷିଣ ଆଫ୍ରିକୀୟମାନେ ତାଙ୍କୁ ଆକ୍ରମଣ କରିଥିଲେ । ସେତେବେଳେ ଡ଼ର୍ବାନର ଏସ୍.ପି. ମିଷ୍ଟର ଆଲେକଜାଣ୍ଡର ଏବଂ ତାଙ୍କ ସ୍ତ୍ରୀ ଶ୍ରୀମତୀ ଆଲେକ୍‌ଜାଣ୍ଡର ଗାନ୍ଧୀଙ୍କୁ ରକ୍ଷା କରିଥିଲେ । ସେମାନେ ଖ୍ରୀଷ୍ଟିଆନ୍ ଥିଲେ । ଏବେ ଖ୍ରୀଷ୍ଟିଆନ୍ ବାପିଷ୍ଟ ମିଷ୍ଟର ଏବଂ ମିସେସ୍ ଡୋକ୍ ଗାନ୍ଧୀଙ୍କୁ ସେବା ଶୁଶ୍ରୂଷା କରି ବଂଚେଇ ଦେଇଥିଲେ ।

ଡୋକ୍‌ଙ୍କ ପ୍ରତି ଅନେକ ଶ୍ରଦ୍ଧା ଏବଂ ସମ୍ମାନ ଆସିଯାଇଥିଲା ଭାରତୀୟଙ୍କର । ଡୋକଙ୍କୁ ଏକ ସୁନା ଗହଣାର ଉପହାର ମିଳିଥିଲା ଭାରତୀୟ ସଂପ୍ରଦାୟଙ୍କ ଠାରୁ । ଡୋକ୍ ଏଇ ଉପହାରକୁ ଭାରତୀୟ ପିଲାଙ୍କ ଶିକ୍ଷା ପାଇଁ ଏକ ଟ୍ରଷ୍ଟକୁ ଦାନ କରିଦେଇଥିଲେ ।

Digitized by PPRACHIN, SOA

ମିଷ୍ଟର ଏବଂ ମିସେସ୍ ଡୋକ୍‌ଙ୍କ ଠାରୁ ବାପା ଏବଂ ମା'ର ସ୍ନେହ ପାଇବା ପରେ ଡୋକ୍‌ଙ୍କର ଝିଅ ଗାନ୍ଧୀଙ୍କ ପାଇଁ ଯେପରି ନିଜ ସାନ ଭଉଣୀଟିଏ ହୋଇଯାଇଥିଲେ । ଗାନ୍ଧୀଙ୍କର ବହୁତ ଆପଣାର ହୋଇଥିଲେ ସିଷ୍ଟର ଅଲିଭ୍ ଡୋକ୍ । ମିସ୍ ଅଲିଭ୍ ଡୋକ୍ ତାଙ୍କର ସୁନ୍ଦର କଣ୍ଠରେ 'ଲିଡ୍ କାଇଣ୍ଡଲି ଲାଇଟ୍' ଗାଇଲା ବେଳେ ଗାନ୍ଧୀ ଏକ ଉଚ୍ଚ ଆଧ୍ୟାତ୍ମିକତା ସ୍ତରରେ ବୁଡ଼ି ରହୁଥିଲେ ।

ଗାନ୍ଧୀଙ୍କୁ ଆକ୍ରମଣ କରିଥିବା ଦୁଇ ଆକ୍ରମଣକାରୀଙ୍କ କେଶ୍ କୋର୍ଟରେ ବିଚାର ହେଲା । କେଶ୍ ବିଚାର ହେଉଥିଲା ଜୋହାନସବର୍ଗର ଫୌଜଦାରୀ କୋର୍ଟରେ । ମାଜିଷ୍ଟ୍ରେଟ ଥିଲେ ଏଚ୍.ଏଚ୍. ଜୋର୍ଡାନ୍ । ସାକ୍ଷୀ ଦେବାକୁ ଥମ୍ବି ନାଇଡୁ ଏବଂ ମିଆଁ ଆସିଥିଲେ ।

ବିଚାର ବେଳେ ଅଭିଯୁକ୍ତ ମିର୍ ଆଲାମ୍ ଖାଁ ସଫେଇ ଦେଲା – ବାଟରେ ଓଗାଳି ପଚାରିଲା ବେଳେ ଗାନ୍ଧୀ ତାଙ୍କୁ ଅଭଦ୍ର ଭାଷାରେ ଇଂରାଜୀରେ ଗାଳି ଦେଲେ । ଗାନ୍ଧୀଙ୍କ ଠାରୁ ଏମିତି ଭାଷା ଶୁଣିବେ ବୋଲି ସେ ଆଶା କରିନଥିଲା । ଭାଷା ସହି ନପାରି ସେ ରାଗିଗଲା । ମୁଣ୍ଡକୁ ତାର ରକ୍ତ ଚଢ଼ିଗଲା । ଗାନ୍ଧୀଙ୍କୁ ତେଣୁ ସେ ଲାଠିରେ ଆକ୍ରମଣ କରିଦେଲା । ସେ ଦୁଃଖିତ ଯେ ଠେଙ୍ଗାମାଡ଼ରେ ମିଷ୍ଟର ଗାନ୍ଧୀ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ କ୍ଷମା ଦିଆଯାଉ ।

ମାଜିଷ୍ଟ୍ରେଟ ମିଆଁ ଠାରୁ ଏ ସବୁ ଶୁଣିଲେ । ରାୟ ଦେଲେ – "ଗାନ୍ଧୀ ତୁମକୁ ଯେଉଁ ଅଭଦ୍ର ଭାଷା ବ୍ୟବହାର କରିବା କଥା କହୁଛ, ମୁଁ ବିସ୍ମିତ । ମିଷ୍ଟର ଗାନ୍ଧୀ ଏପରି ଭାଷା ବ୍ୟବହାର କରି ନଥିବେ । ମୁଁ ମିଷ୍ଟର ଗାନ୍ଧୀଙ୍କୁ ଭଲ ଭାବେ ଜାଣେ । ସେ ଏପରି ଭାଷା ବ୍ୟବହାର କରି ପାରିବେ ନାହିଁ । କୌଣସି କାରଣ ନଥାଇ ଗାନ୍ଧୀଙ୍କୁ ଆକ୍ରମଣ କରିବା ହେତୁ ମୁଁ ତୁମକୁ ତିନି ମାସ ସଶ୍ରମ କାରାଦଣ୍ଡ ଦେଉଛି ।"

ଭାଷା ବ୍ୟବହାର କରିବାରେ ଗାନ୍ଧୀଙ୍କର ଅଖଣ୍ଡ ନିୟନ୍ତ୍ରଣ ଥିଲା । ସେ ନିଜ ବିରୋଧୀଙ୍କ ପ୍ରତି କେବେ ବି ଖରାପ ଭାଷା ବ୍ୟବହାର କରୁନଥିଲେ ॥

❖❖❖

Digitized by PPRACHIN, SOA

୨୯

ଜେଲରେ ହରିଲାଲ

ସ୍ୱେଚ୍ଛାକୃତ ରେଜିଷ୍ଟ୍ରେସନ ସତ୍ତ୍ୱେ ମଧ୍ୟ ଏସିଆଟିକ୍ ଆଇନ ପ୍ରତ୍ୟାହୃତ ହେଲା ନାହିଁ । ଜେନେରାଲ ସ୍ମଟସ୍ ଏହାକୁ ଉଠାଇ ନେବାକୁ ମୋହନଦାସଙ୍କୁ ଆଶ୍ୱାସନା ଦେଇଥିଲେ । ଆଇନ ଉଠିଲା ନାହିଁ କିମ୍ବା ଏଥିରେ କିଛି ପରିବର୍ତ୍ତନ ହେଲା ନାହିଁ ।

୧୯୦୮ ମସିହା ଜୁନ୍ ମାସରେ ସ୍ମଟସ୍‌ଙ୍କୁ ଗାନ୍ଧୀ ଦେଖାହେଲେ । ସେ ଦେଇଥିବା ଆଶ୍ୱାସନା ଏବଂ ପ୍ରତିଶ୍ରୁତି କଥା ମନେ ପକାଇଦେଲେ । ଏମିତି କିଛି ଆଶ୍ୱାସନା ଦେଇଥିବା କଥା ତାଙ୍କର ମନେ ନାହିଁ ବୋଲି ସ୍ମଟସ କହିଲେ । ସ୍ମଟସଙ୍କ୍ ବରଂ ଯୁକ୍ତି ହେଲା, ଯଦିଓ ଗାନ୍ଧୀଙ୍କ ସହ ତାଙ୍କର ଏସିଆଟିକ୍ ଆଇନ ସଂପର୍କରେ ଆଲୋଚନା ହୋଇଛି, ଆଇନ କୋହଳ ପାଇଁ ସେମିତି କିଛି ସେ ପ୍ରତିଶ୍ରୁତି ଦେଇ ନାହାନ୍ତି । ଗାନ୍ଧୀ ତାଙ୍କୁ ଭୁଲ୍ ଅର୍ଥ କରୁଛନ୍ତି ।

ଗୋରା ଶାସକମାନଙ୍କର ଏଇଟା ହିଁ ଏକ ନୀତି । ନିଜ ସ୍ୱାର୍ଥ ପାଇଁ ସେମାନେ ପ୍ରତିଜ୍ଞା କରି ଦିଅନ୍ତି ଏବଂ ପ୍ରତିଜ୍ଞା ଭାଂଗି ଦେବା ଯଦି ତାଙ୍କର ସ୍ୱାର୍ଥ ପାଇଁ ଅନୁକୂଳ ହେଉଥାଏ, ତାକୁ ଭାଂଗି ଦେବାରେ ସେମାନେ ମୋଟେ କୁଣ୍ଠା କରନ୍ତି ନାହିଁ । ସ୍ମଟସ୍ ସେଇ ତତ୍ତ୍ୱକୁ ହିଁ ପାଳନ କରୁଥିଲେ ।

ଗାନ୍ଧୀ ଓ ଚୀନ ନେତା ଲିଉଙ୍ଗ କୁଇନ୍ ରେଜିଷ୍ଟ୍ରେସନ ବେଳେ ନେଇଥିବା ସମସ୍ତ ଆଙ୍ଗୁଠି ଛାପ ଏବଂ ଦସ୍ତଖତ କାଗଜକୁ ସରକାରଙ୍କ ଠାରୁ ଫେରାଇ ଆଣିବାକୁ ଚିଠି ଲେଖିଲେ । ତାଙ୍କ ସହ ବୁଝାମଣାର ସରକାର ଏକତରଫା ଭାଂଗି ଦେଇଥିଲେ । ସେମାନେ ଏପରି ପଦକ୍ଷେପ ନେବାକୁ ତେଣୁ ବାଧ୍ୟ ହୋଇଛନ୍ତି ବୋଲି କହିଲେ । ବିଶ୍ୱାସ ଦେଇ ବିଶ୍ୱାସକୁ ଭାଂଗିବା ସଭ୍ୟତା ନୁହେଁ ।

୧୯୦୮ ମସିହା ଜୁନ୍ ମାସ ୨୪ ତାରିଖରେ ଗାନ୍ଧୀ ସବୁ ଭାରତୀୟଙ୍କୁ ଏକ ନିବେଦନ କଲେ । ନିବେଦନରେ ଥିଲା, ଆଉଥରେ ସତ୍ୟାଗ୍ରହରେ ହିଁ ଯିବାକୁ ହେବ ।

Digitized by PPRACHIN, SOA

ପୁଣି ସମୟ ଆସିଛି । ଗୋଟିଏ ବଡ଼ ଯୁଦ୍ଧ ଜିତିବା ପୂର୍ବରୁ ଅନେକ ଛୋଟ ଯୁଦ୍ଧ କରିବାକୁ ପଡ଼େ ।

ନିଷ୍ପତ୍ତି ହେଲା, ଗାନ୍ଧୀ ଏ ସତ୍ୟାଗ୍ରହରେ ଯୋଗ ଦେବେନି । ସେ ସତ୍ୟାଗ୍ରହୀଙ୍କ ପାଇଁ ଓକିଲ ହେବେ । କୋର୍ଟରେ ଭାରତୀୟଙ୍କ ପାଇଁ ଲଢ଼ିବେ ।

ଗାନ୍ଧୀଙ୍କ ପରିବାର ଫିନିକ୍ସରେ ରହୁଥିଲେ । ହରିଲାଲଙ୍କ ସ୍ତ୍ରୀ ଚଞ୍ଚଳ ଆସି ଫିନିକ୍ସରେ ପହଞ୍ଚି ଯାଇଥିଲେ । ହରିଲାଲ ମଧ୍ୟ ପୂର୍ବରୁ ମା' କସ୍ତୁରବାଙ୍କ ସହ ଫିନିକ୍ସରେ ଥିଲେ । ଗାନ୍ଧୀ କେବଳ ଜୋହନସବର୍ଗରେ ରହୁଥିଲେ । ପୋଲକଙ୍କର ଦୁଇଟି ପିଲା ହେବାପରେ ଜୋହନ୍‌ସବର୍ଗରେ ଗାନ୍ଧୀ ରହୁଥିବା ଭଡ଼ାଘର କେମିତି ଛୋଟ ଲାଗିଲା । ଗାନ୍ଧୀ କେଲିନ୍‌ବେକଙ୍କ ଘରକୁ ଚାଲିଗଲେ । କେଲିନ୍‌ବେକଙ୍କର ମଧ୍ୟ ସେବେ ଏକ ଉତ୍ତମ ଚାରିତ୍ରିକ ପରିବର୍ତ୍ତନ ଆସିଯାଇଥିଲା । କେଲିନ୍‌ବେକ ଆଉ ବିଳାସପୂର୍ଣ୍ଣ ଜୀବନ ଯାପନ କରୁନଥିଲେ । ମାସକୁ ପୂର୍ବରୁ ଯେତିକି ଖର୍ଚ୍ଚ କରୁଥିଲେ ସେ ତାର ମାତ୍ର ୧୦ ପ୍ରତିଶତ ଖର୍ଚ୍ଚ କରୁଥିଲେ । କେଲିନ୍‌ବେକ୍ ଆଉ ମାଂସ ଖାଉ ନଥିଲେ ।

ହରିଲାଲ ଶୀଘ୍ର ଜୋହନସବର୍ଗ ଚାଲି ଆସିବାକୁ ଗାନ୍ଧୀ ଫିନିକ୍ସକୁ ଖବର ଦେଲେ । ଉଦ୍ଦେଶ୍ୟ ଥିଲା, ହରିଲାଲ ସତ୍ୟାଗ୍ରହରେ ଯୋଗ ଦେବେ ।

'ବାପୁ'ଙ୍କ ଖବର ପାଇ ହରିଲାଲ ଫିନିକ୍ସରୁ ଜୋହନ୍‌ସବର୍ଗ ଅଭିମୁଖେ ବାହାରିଲେ । ପ୍ରିଟୋରିଆ ସୀମା ପାଖରେ ହରିଲାଲଙ୍କୁ ଅଟକାଇ ପୋଲିସ ତାଙ୍କର ପରମିଟ୍ ମାଗିଲା । ହରିଲାଲଙ୍କ ପାଖରେ ପ୍ରିଟୋରିଆ ପରମିଟ ନଥିଲା, କିମ୍ବା ପରମିଟ କରିବାକୁ ସେ ପ୍ରସ୍ତୁତ ନଥିଲେ । ପ୍ରିଟୋରିଆ ନଯାଇ ହରିଲାଲ ସିଧା ସଳଖ ଜୋହନ୍‌ସବର୍ଗ ଚାଲି ଆସିଲେ ।

ଗାନ୍ଧୀ ଏଥର ସତ୍ୟାଗ୍ରହର ଧାରା ପରିବର୍ତ୍ତନ କରିଦେଲେ । ଏହାକୁ ତିନିଭାଗରେ ବିଭକ୍ତ କରିଦିଆଗଲା । ପ୍ରଥମଟି ଥିଲା ଯେଉଁମାନେ ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ ପାଇଛନ୍ତି ତାଙ୍କୁ ସେମାନେ ନିଆଁ ଜାଳି ପୋଡ଼ି ଦେବେ । ଏହା ଏକ ସମୁହ ପୋଡ଼ା ହେବ । ଦ୍ୱିତୀୟଟି ଥିଲା, କୌଣସି ବ୍ୟବସାୟୀ ଦସ୍ତଖତ କିମ୍ବା ଆଙ୍ଗୁଠି ଛାପ ଦେବେ ନାହିଁ ଏବଂ ତୃତୀୟଟି ହେଲା, ଦସ୍ତଖତ ଅଭାବରୁ ଯଦି ବ୍ୟବସାୟ ଲାଇସେନ୍ସ ରଦ୍ଦ ହେବ, ତେବେ ଭାରତୀୟ ବ୍ୟବସାୟୀମାନେ ବିନା ଲାଇସେନ୍‌ସରେ ବ୍ୟବସାୟ କରିବେ । ହକିଙ୍ଗ୍ କରିବେ । ରାସ୍ତାରେ ବୁଲି ବୁଲି ବିକିବେ । ଯେପରି ପୂର୍ବରୁ କରୁଥିଲେ ।

୧୯୦୮ ମସିହା ଜୁଲାଇ ୧୨ ତାରିଖ ଥିଲା ରବିବାର । ସେଦିନ ଭାରତୀୟମାନେ ଏକାଠି ହୋଇ ସମୁହ ଭାବେ ତାଙ୍କ ରେଜିଷ୍ଟ୍ରେସନ ସାର୍ଟିଫିକେଟ୍

Digitized by PPRACHIN, SOA

ପୋଡ଼ିଲେ । ଏହା ଶହ ଶହ ସଂଖ୍ୟାରେ ଥିଲା । ବ୍ୟବସାୟୀମାନେ ମୁଣ୍ଡରେ ଫଳ ବୋଝ ମୁଣ୍ଡାଇ ବିନା ଲାଇସେନସ୍‌ରେ ଫଳ ବିକିଲେ । ଘରକୁ ଘର ଗଲେ । ପୋଲିସ୍ ଗିରଫ କରିବାକୁ ଆସିବା ପର୍ଯ୍ୟନ୍ତ ମୁଣ୍ଡରେ ସେମିତି ଫଳ ବୋଝ ଧରି ସେମାନେ ପୋଲିସ୍‌କୁ ଅପେକ୍ଷା କଲେ । ଏ ସତ୍ୟାଗ୍ରହ ଥିଲା ଅନନ୍ୟ । ଲୋକଙ୍କ ଯୋଗଦାନ ଥିଲା ଅଭୂତପୂର୍ବ । ଗାନ୍ଧୀଙ୍କ ନେତୃତ୍ୱରେ ଭରସା ରଖି ସତ୍ୟାଗ୍ରହ ଯେପରି ଭାରତୀୟଙ୍କ ପାଇଁ ନୂଆ ଏକ ଜୀବନ ଶୈଳୀ ହୋଇଯାଇଥିଲା ।

ଜୁଲାଇ ୨୮ ତାରିଖରେ ୬ଜଣ ଭାରତୀୟ ଗିରଫ ହୋଇ କୋର୍ଟକୁ ଆସିଲେ । ସେଇ ୬ଜଣଙ୍କ ଭିତରେ ହରିଲାଲ ଥିଲେ । ବିନା ଲାଇସେନ୍‌ସରେ ଫଳ ହକିଙ୍ଗ କରୁଥିବା ଅପରାଧରେ ହରିଲାଲ ଧରା ହୋଇଥିଲେ ।

ହରିଲାଲ ଏବଂ ଅନ୍ୟମାନଙ୍କ ପାଇଁ ଗାନ୍ଧୀ ଓକିଲାତି କଲେ କୋର୍ଟରେ । ହରିଲାଲଙ୍କୁ ନିର୍ଦ୍ଦେଶ ହେଲା ହରିଲାଲ ସାତ ଦିନ ଭିତରେ ଜୋହନ୍‌ସବର୍ଗ ଛାଡ଼ି ଚାଲିଯିବେ ।

ସାତଦିନ ପରେ ବି ହରିଲାଲ ଜୋହନସବର୍ଗ ଛାଡ଼ିଲେ ନାହିଁ । ଅଗଷ୍ଟ ଦଶ ତାରିଖରେ ପୋଲିସ୍ ଘରେ ପଶି ହରିଲାଲଙ୍କୁ ଗିରଫ କଲା । ଜବରଦସ୍ତ କରି ତାଙ୍କର ଦସ୍ତଖତ ଏବଂ ଆଙ୍ଗୁଠି ଛାପ ନେଲା । ହରିଲାଲଙ୍କ ଆଙ୍ଗୁଠି ଛାପ ଏବଂ ଦସ୍ତଖତ କରା କାଗଜରେ ଲେଖାଥିଲା ନାଁ ହରିଲାଲ । ପିତା ମୋହନଦାସ କରମଚାନ୍ଦ ଗାନ୍ଧୀ । ଉଚ୍ଚତା ୫ଫୁଟ ୪ ଇଞ୍ଚ । ଦେହର ରଙ୍ଗ ଗୋରା । ସବଳ ଚେହେରା । କପାଳରେ ଦୁଇଟା କଟା ଦାଗ ।

ହରିଲାଲଙ୍କୁ ପୁଣି କୋର୍ଟରେ ପେଶ୍ କରାଗଲା । ମକଦ୍ଦମା ବିଚାର କରି ହରିଲାଲଙ୍କୁ ମାଜିଷ୍ଟ୍ରେଟ ଜୋର୍ଡାନ୍ ଏକମାସ ସଶ୍ରମ କାରାଦଣ୍ଡ ଆଦେଶ ଦେଲେ ।

ଉଭୟ ନାତାଲ ଏବଂ ଟ୍ରାନ୍‌ସବାହାଲରେ ହରିଲାଲଙ୍କ ପାଇଁ ସମବେଦନା ସଭା ହେଲା । ହରିଲାଲଙ୍କୁ ଗର୍ବ ବୋଲି ବର୍ଣ୍ଣନା କରାଗଲା । ଭାରତୀୟ ଖବର କାଗଜ ମଧ୍ୟ ଭାରତରେ ଭୂୟସୀ ପ୍ରଶଂସା କଲା ହରିଲାଲଙ୍କୁ । ଭାରତରେ ଗରିବୀ ସତ୍ତ୍ୱେ ଯେ ଏଠି ଭୀଷ୍ମ, ଦ୍ରୋଣ, ଅର୍ଜୁନଙ୍କର ଅଭାବ ନାହିଁ, ଭାରତୀୟ ଖବର କାଗଜ ଏପରି ଟିପ୍‌ପଣୀ ଦେଲେ ।

ହରିଲାଲଙ୍କ ପାଇଁ ମୋହନଦାସ ଖୁସି ହେଲେ । ହରିଲାଲଙ୍କ ଗିରଫ ଏବଂ ଜେଲ୍ ଯିବା ସଂବାଦ ଫିନିକ୍ସରେ ଥିବା କସ୍ତୁରବା ଏବଂ ଚଞ୍ଚଳଙ୍କ ପାଖରେ ପହଞ୍ଚି ଯାଇଥିଲା ॥

❖❖❖

Digitized by PPRACHIN, SOA

୩୦

ସରକାରଙ୍କ ଗାନ୍ଧୀ ଭୟ

ଗାନ୍ଧୀଙ୍କ ସତ୍ୟାଗ୍ରହର ସଫଳତା ଦେଖି ଟ୍ରାନ୍‌ସବାହାଲରେ ସରକାରଙ୍କ ବିରୁଦ୍ଧରେ ପ୍ରତିକ୍ରିୟା ଆସିବା ଆରମ୍ଭ ହୋଇଗଲା । ଗୋରା ଖବର କାଗଜ ସବୁ ସରକାରଙ୍କ ଅପରିଣାମଦର୍ଶିତା ସଂପର୍କରେ ଲେଖିଲେ । ଜେନେରାଲ ସ୍ମଟସଙ୍କ ପ୍ରତି ଅଭିଯୋଗ ଆଣି ଗୋଟିଏ ଖବର କାଗଜ ଏପରି ବି ମନ୍ତବ୍ୟ ଦେଲେ - ସ୍ମଟସ୍ ଯଦି ଗାନ୍ଧୀଙ୍କ ସହ ଚୁକ୍ତି କରିଥିଲେ, ଏହାକୁ ସେ ଟ୍ରାନ୍‌ସବାହାଲ ସଂସଦରେ ପାରିତ କଲେ ନାହିଁ କାହିଁକି ? ଅନ୍ୟ ଏକ ଖବର କାଗଜର ମନ୍ତବ୍ୟ ଥିଲା - ଗୋରା ନେତାଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁଁ ଏସିୟମାନେ ଏଠି ବେଶି କଷ୍ଟ ପାଉଛନ୍ତି ।

ଦକ୍ଷିଣ ଆଫ୍ରିକାର ଖବର କାଗଜମାନଙ୍କରେ ସରକାରୀ ବିରୋଧି ମତ ସରକାରଙ୍କୁ ମାନସିକ ଭାବେ ଦୁର୍ବଳ କରି ଦେଉଥିଲା । ଜନମତ ଯେ କ୍ରମଶଃ ସରକାରଙ୍କ ବିରୁଦ୍ଧରେ ଯାଇପାରେ, ସରକାର ଚିନ୍ତିତ ଥିଲେ ।

୧୯୦୮ ମସିହା ଅଗଷ୍ଟ ୧୪ ତାରିଖରେ ଗାନ୍ଧୀ ପୁଣି ଚିଠି ଲେଖିଲେ ସ୍ମଟସ୍‌ଙ୍କୁ । ଚିଠିରେ ଥିଲା - ଭାରତୀୟମାନେ ତାଙ୍କର ପରମିଟ ପୁଣି ସମୁହ ପୋଡ଼ିବେ । ବ୍ରିଟିଶ ଇଣ୍ଡିଆ ଆସୋସିଏସନ ଏଥିପାଇଁ ନୋଟିସ ଦେଲା । ସାର୍ଟିଫିକେଟ୍ ସମୁହ ଦାହ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହେଲା ।

ଅଗଷ୍ଟ ୧୬ ତାରିଖରେ ଏଥିପାଇଁ ଏକ ସଭାର ଆୟୋଜନ ହେଲା ଫୋର୍ଡସବର୍ଗ ମସ୍‌ଜିଦ୍‌ରେ । ମଂଚ ଉପରେ ମୋହନଦାସ ଗାନ୍ଧୀ, ଏସପ୍. ମିଆଁ, ରୁସ୍ତମଜୀ ଏବଂ ଚୀନ୍ ନେତା ଲିୟଙ୍ଗ୍ କୁଇନ୍ ବସିଥିଲେ । ମଂଚ ତଳେ ପ୍ରେସ ରିପୋର୍ଟର ମାନେ ବସିବାକୁ ବ୍ୟବସ୍ଥା ହୋଇଥିଲା । ମିଟିଂର ଭାଷଣ କାର୍ଯ୍ୟ ଶେଷ ହେବା ପରେ ଏକ ହୁଇସିଲ୍ ବାଜିଲା । ଭାରତୀୟମାନେ ଜଣ ଜଣ କରି ମଂଚ ଉପରକୁ ଆସିଲେ ଏବଂ ମଂଚର ଗୋଟିଏ କୋଣରେ ଥିବା ଜଳନ୍ତା କ୍ୟାଣ୍ଡଲରେ ନିଜ ସାର୍ଟିଫିକେଟ୍‌ରେ ନିଆଁ ଲଗାଇଲେ ।

Digitized by PPRACHIN, SOA

ଜଳି ଯାଉଥିବା ସାର୍ଟିଫିକେଟକୁ ଲୋକଙ୍କୁ ଦେଖାଇଲେ । ଖବର କାଗଜରେ ଏ ସବୁ ଖବର ଖୁବ୍ ବିସ୍ତୃତ ଭାବେ ପ୍ରକାଶ ପାଇଲା ।

ପ୍ରିଟୋରିଆ ସରକାରଙ୍କ ସହ ଆଲୋଚନା ପାଇଁ ଗାନ୍ଧୀଙ୍କୁ ଡକରା ଆସିଲା । ଲିୟଙ୍ଗ କୁଇନ୍ ଏବଂ ଅନ୍ୟମାନଙ୍କ ସହ ଗାନ୍ଧୀ ପ୍ରିଟୋରିଆ ଗଲେ । ଗାନ୍ଧୀଙ୍କ ସହ ଆଲୋଚନା ପାଇଁ ସେଦିନ ମିଟିଂରେ ପ୍ରଧାନମନ୍ତ୍ରୀ ଜେନେରାଲ ବୋଥା, ସ୍ୱରାଷ୍ଟ୍ରମନ୍ତ୍ରୀ ଜେନେରାଲ ସ୍ମଟସ୍ ଏବଂ ବିରୋଧୀ ଦଳର ନେତା ସାର ପରସି ଫିଜ୍ ପାଟ୍ରିକ ଉପସ୍ଥିତ ଥିଲେ । ଆଲୋଚନା ତିନି ଘଣ୍ଟା ଚାଲିଲା । କିଛି ଦାବି ସରକାର ମାନିବାକୁ ରାଜି ହେଲେ ଏବଂ ଅନ୍ୟ କିଛି ଦାବି ଉପରେ ସରକାରଙ୍କ ଜିଦ୍ ସେମିତି ଅଟକି ରହିଲା । ୨୦୦୭ ମସିହା ଆଣ୍ଟି ଏସିଏଟିକ୍ ଆଇନର ସଂଶୋଧନ ହେବ ବୋଲି ସରକାର ଜଣାଇ ଦେଲେ ।

ଆଲୋଚନାର ଖୁବ୍ ଅଳ୍ପ ଦିନ ପରେ ଟ୍ରାନ୍ସବାହାଲ ସରକାର ନୂଆ ଏକ ସଂଶୋଧିତ ବିଲ୍ ସଂସଦରେ ପେଶ୍ କରିଦେଲେ । ନୂଆ ବିଲ୍‌ରେ ଉଲ୍ଲେଖ ଥିଲା – ଶିକ୍ଷିତ ଭାରତୀୟଙ୍କୁ ପୂର୍ବପରି ଦକ୍ଷିଣ ଆଫ୍ରିକା ଆସିବାକୁ ଅନୁମତି ମିଳିବ ନାହିଁ । ବ୍ୟବସାୟ ଲାଇସେନସ୍ ପାଇଁ ଜଣେ ଚାହିଁଲେ ଦସ୍ତଖତ ଦେଇ ପାରିବ କିମ୍ବା ଆଙ୍ଗୁଠି ଛାପ ଦେଇପାରିବ । ଷୋଳ ବର୍ଷରୁ କମ୍ ବୟସର ପିଲାଙ୍କୁ ରେଜିଷ୍ଟ୍ରେସନ କରିବାକୁ ପଡ଼ିବ ନାହିଁ ଏବଂ ଏସିଆଟିକ୍ ଆଇନ ବାତିଲ ହେବନି । ଏହା କିନ୍ତୁ ଏବେ କାର୍ଯ୍ୟକାରୀ ହେବନାହିଁ ।

ବିଲ୍‌ଟି ଗୋଟିଏ ଦିନରେ ପାଶ୍ ହୋଇ ରାଜ୍ୟପାଳଙ୍କ ଦସ୍ତଖତ ପାଇ ସମ୍ରାଟଙ୍କ ଅନୁମୋଦନ ନିମନ୍ତେ ଲଣ୍ଡନ ପଠାଗଲା ।

ଏଇ ସଂଶୋଧିତ ବିଲ୍‌ରେ ଗାନ୍ଧୀ ବି ଖୁସି ନଥିଲେ । ସେ ଏହାର ପ୍ରତିବାଦ କଲେ । ପ୍ରସ୍ତାବ ଦେଲେ, ବର୍ଷକୁ ଅନ୍ତତଃ ଛଅ ଜଣ ଶିକ୍ଷିତ ଭାରତୀୟଙ୍କୁ ଟ୍ରାନସବାହାଲ ଆସିବାକୁ ଅନୁମତି ମିଳୁ । ଦକ୍ଷିଣ ଆଫ୍ରିକାର ଗଣମାଧ୍ୟମମାନେ ଗାନ୍ଧୀଙ୍କର ଏପରି ପ୍ରସ୍ତାବକୁ ଏକ ଯୁକ୍ତିସଂଗତ ପ୍ରସ୍ତାବ ବୋଲି ପ୍ରଶଂସା କଲେ । ଜେନେରାଲ ସ୍ମଟସ୍ କିନ୍ତୁ ମନ୍ତବ୍ୟ ଦେଇ ସ୍ପଷ୍ଟ କରିଦେଲେ, ଗୋଟିଏ ଗାନ୍ଧୀଙ୍କୁ ଯେତେବେଳେ ଏଠି ନିୟନ୍ତ୍ରଣ କରି ହେଉନାହିଁ, ଛଅଟା ଗାନ୍ଧୀଙ୍କୁ ନିୟନ୍ତ୍ରଣରେ ରଖିବା କଷ୍ଟ ହେବ ।

ବ୍ରିଟିଶ ଇଣ୍ଡିଆ ଆସୋସିଏସନର କର୍ମକର୍ତ୍ତା ପରିବର୍ତ୍ତନ ହେଲେ । ସଭାପତି ଥିବା ଏସପ ମିଆଁ ଇସ୍ତଫା ଦେଲେ । ସେ ତୀର୍ଥ ଯାତ୍ରାରେ ବାହାରକୁ ଯାଉଥିଲେ । ମିଆଁଙ୍କ ବଦଳରେ ଅନ୍ୟ ଜଣେ ବ୍ୟବସାୟୀ ବ୍ରିଟିଶ ଇଣ୍ଡିଆ ସଂଘର ସଭାପତି ହେଲେ ।

Digitized by PPRACHIN, SOA

ନାଁ- ଅହମ୍ମଦ ମହମ୍ମଦ କାଛଲିଆ । ସତ୍ୟାଗ୍ରହ କରି କାଛଲିଆ ବି ଦୁଇଥର ପୂର୍ବରୁ ଜେଲ ଯାଇ ସାରିଥିଲେ ।

ଗାନ୍ଧୀ ଜୋହନସବର୍ଗରୁ ଫିନିକ୍ସ ଗଲେ । କିଛିଦିନ ତଳେ ଫିନିକ୍ସରେ ପିଲାଙ୍କ ପାଇଁ ସ୍କୁଲଟି ହୋଇଥିଲା । ସେ ସ୍କୁଲ ଉଦ୍‌ଘାଟନ କରିବାକୁ ଗାନ୍ଧୀଙ୍କୁ ଡକାଯାଇଥିଲା । ସ୍କୁଲର ଶିକ୍ଷକ ଥିଲେ ପୁରୁଷୋତ୍ତମ ଦେଶାଇ, ଆଲବର୍ଟ ୱେଷ୍ଟ୍ ଏବଂ ଜନ୍ କୋଡେ । ଏଇ ସ୍କୁଲରେ ସବୁ ଧର୍ମର ପିଲାଙ୍କୁ ପାଠ ପଢ଼ା ଯାଉଥିଲା । ଗାନ୍ଧୀ କିନ୍ତୁ ସମସ୍ତଙ୍କ ଖାଇବାକୁ ନିରାମିଷ କରିଦେବାକୁ ନିର୍ଦ୍ଦେଶ ଦେଲେ ।

ଫିନିକ୍ସରେ ବେଶି ଦିନ ରହିପାରିଲେନି ମୋହନଦାସ । ନାତାଲ ଭାରତୀୟ ଆସୋସିଏସନର କିଛି କର୍ମକର୍ତ୍ତାଙ୍କୁ ନେଇ ଗାନ୍ଧୀ ଟ୍ରାନ୍ସବାହାଲ ଆସିଲେ । ନାତାଲ ସୀମା ପାର ହେବା ବେଳେ ଗାନ୍ଧୀଙ୍କୁ ଗିରଫ କରାଗଲା ଏବଂ ଗିରଫ ପରେ ଭୋଲକାରଷ୍ଟ ଜେଲକୁ ଗାନ୍ଧୀଙ୍କୁ ପଠାଇ ଦିଆଗଲା ।

ଗାନ୍ଧୀଙ୍କୁ ଜେଲ ପରେ ଉଭୟେ ଭାରତରେ ଏବଂ ଲଣ୍ଡନରେ ମଧ୍ୟ ପ୍ରତିକ୍ରିୟା ହେଲା । ଲାଲ୍ ଲଜପତ୍ ରାୟ, ବିପିନଚନ୍ଦ୍ର ପାଲ୍‌ଙ୍କ ପରି ଭାରତୀୟ ନେତାମାନେ ଗାନ୍ଧୀଙ୍କୁ ନେଇ ପ୍ରତିକ୍ରିୟା ରଖିଲେ । ପଛକୁ ଆଉ ନ ଫେରିବାକୁ ଗାନ୍ଧୀଙ୍କୁ ସେମାନେ ସାହସ ଦେଲେ । ଲଣ୍ଡନର କାକ୍‌ସଟନ ହଲରେ ଗାନ୍ଧୀଙ୍କୁ ସମର୍ଥନ କରି ରିଜଲ୍ୟୁସନ ପାରିତ ହେଲା । ଛାତ୍ର ନେତା ଭି.ଡ଼ି. ସବରକର ସେ ସଭାରେ ଅନ୍ୟମାନଙ୍କ ସହ ନେତୃତ୍ୱ ନେଉଥିଲେ ।

ଟ୍ରାନସବାହାଲରେ ମିଟିଂ ହେଲା । ଏଥର ମିଟିଂରେ ହରିଲାଲ ଭାଷଣ ଦେଲେ । ହରିଲାଲଙ୍କ ଭାଷଣ ବେଶ୍ ଆବେଗିକ ଥିଲା । ଦକ୍ଷିଣ ଆଫ୍ରିକାରେ ତେର ବର୍ଷ ଓକିଲାତି କଲାପରେ ମୋହନଦାସଙ୍କୁ ପରିଚୟ ମଗାଯାଉଛି, ଏହା ହିଁ ଆଶ୍ଚର୍ଯ୍ୟ । ହରିଲାଲ ଦୁଃଖ କରୁଥିଲେ ।

ଭୋଲ୍‌କାରଷ୍ଟ ଜେଲରେ ମୋହନଦାସ ଅକ୍ଟୋବର ମାସରେ ଥିଲେ । ରମ୍‌ଜାନ୍ ପର୍ବ ଆରମ୍ଭ ହୋଇଯାଇଥିଲା । କଏଦୀ ମୁସଲିମମାନେ ରୋଜା ପାଳୁଥିଲେ । ଯେ କାରାବାସ ଥିଲା ସଶ୍ରମ । ଅନ୍ୟ କଏଦୀଙ୍କ ସହ ଗାନ୍ଧୀଙ୍କୁ ଏକ ପଡ଼ିଆକୁ ସକାଳେ ନିଆ ଯାଉଥିଲା । ଏକ ପଥୁରିଆ ଯାଗାକୁ କୋଦାଳରେ ହାଣିବାକୁ କୁହାଯାଉଥିଲା । କୋଦାଳର ଓଜନ ଥିଲା ପ୍ରାୟ ମହଣେ । ଗାନ୍ଧୀ ଏତେ ଓଜନର କୋଦାଳକୁ ଉଠାଇ ପାରୁନଥିଲେ ।

ଭୋଲକାରଷ୍ଟ ଜେଲରେ ଦଶ ଦିନ ରହିବା ପରେ ଗାନ୍ଧୀଙ୍କୁ ଜୋହନସବର୍ଗ ନିଆଗଲା । ଟ୍ରେନର ଏକ ତୃତୀୟ ଶ୍ରେଣୀ ବଗିରେ ଗାନ୍ଧୀ ବସିଥିଲେ । ଜେଲ ପୋଷାକ

Digitized by PPRACHIN, SOA

ପିନ୍ଧିଥିଲେ । ଜୋହନସବର୍ଗର ପାର୍କ ରେଳ ଷ୍ଟେସନରେ ଭାରତୀୟ ହକରମାନେ ତାଙ୍କ ପ୍ରିୟ ନେତା ଗାନ୍ଧୀଙ୍କୁ ଏପରି ଅବସ୍ଥାରେ ଦେଖି କାନ୍ଦି ପକାଇଥିଲେ । ଗାନ୍ଧୀ କଏଦୀର ହାପ୍ ପ୍ୟାଣ୍ଟ ପିନ୍ଧିଥିଲେ । ମୁଣ୍ଡରେ ଟୋପି, ପାଦରେ ଥିଲା ଏକ ପତଳା ସାଣ୍ଡାଲ ।

ଗାନ୍ଧୀଙ୍କୁ ଦମନ କରୁଥିଲା ଟ୍ରାନସବାହାଲ ସରକାର । ମିସିନାରୀ କର୍ମକର୍ତ୍ତାମାନେ ଗାନ୍ଧୀଙ୍କ ପ୍ରତି ହେଉଥିବା ଦମନ ଲୀଳାର ପ୍ରତିବାଦ କଲେ । ସରକାରଙ୍କ ପକ୍ଷରୁ ଉତ୍ତର ଆସିଲା – "ହାତକଡ଼ି ପକାଇ ନାହୁଁ ।"

ଜୋହନ୍‌ସବର୍ଗ ଜେଲରୁ ଗାନ୍ଧୀଙ୍କୁ ପୁଣି ଭୋଲକାରଷ୍ଟ ଜେଲକୁ ଅଣାଗଲା । ଜୋହନ୍‌ସବର୍ଗ ଜେଲରେ ଗୋରା ଅସଭ୍ୟତାର ନମୁନା ଦେଖିଲେ ମୋହନଦାସ । ଗୋରା କଏଦୀମାନେ ସଂପୂର୍ଣ୍ଣ ଲଙ୍ଗଳା ହୋଇ ଏସିୟମାନଙ୍କୁ ଅଶ୍ଳୀଳ ଇଂଗିତ କରି ଖେଳେଇ ହେଉଥିଲେ ।

ଗାନ୍ଧୀ ଭୋଲକାରଷ୍ଟ ଜେଲରେ ଥିବାବେଳେ ଫିନିକ୍ସର ଖବର ଆସିଲା, କସ୍ତୁରବା ଭଲ ନାହାନ୍ତି । ସେ ସାଂଘାତିକ ଭାବେ ଅସୁସ୍ଥ । ବଂଚିବା ଅନିଶ୍ଚିତ । ଯେକୌଣସି ସମୟରେ କସ୍ତୁରବାଙ୍କର ଦେହାନ୍ତ ହୋଇପାରେ । କସ୍ତୁରବାଙ୍କର ହାମରେଜ ହୋଇଯାଇଛି ।

ଗାନ୍ଧୀ ଉତ୍ତର ଦେଲେ, "ଏ ସଂଗ୍ରାମରେ ଯୋଗେ ଦେବାବେଳେ ଏହାର ପରିଣତି କ'ଣ ହେବ ଜାଣିଥିଲି । କସ୍ତୁରବାଙ୍କର ଯଦି ଏପରି ଭାବେ ମୋ ଠାରୁ ଚିର ବିଦାୟ ନେବାକୁ ଥିବ, ସେ ନେବେ । ଭାବିବି, ଏହା ଭଗବାନଙ୍କ ଇଚ୍ଛା । ସ୍ତ୍ରୀଙ୍କୁ ଖୁବ୍ ଶ୍ରଦ୍ଧା କରୁଥିବା ସ୍ୱାମୀ ଭାବେ ମୋ ସ୍ତ୍ରୀଙ୍କର ଏଇ ଅବସ୍ଥାରେ ମୁଁ ତାଙ୍କୁ ସାନ୍ତ୍ୱନା ଦେଇପାରୁନି, ଏଇଆ ହିଁ ଦୁଃଖ ।"

ଗାନ୍ଧୀ ପୁଣି ପୁଅ ମଣିଲାଲଙ୍କ ପାଖକୁ ଚିଠି ଲେଖିଲେ । କହିଲେ – ଏ ଚିଠି ମା'କୁ ପଢ଼ି ଶୁଣାଇଦେବୁ । ଚିଠିରେ ଥିଲା- "କସ୍ତୁର; ସାହସ ରଖିବ । ପୁଷ୍ଟିକର ଖାଦ୍ୟ ଖାଇବ । ମୁଁ ଜାଣିଛି, ତୁମର କିଛି ହେବନି । ତୁମେ ଶୀଘ୍ର ଭଲ ହୋଇଯିବ । ତୁମର ଯଦି କିଛି ହୋଇଯାଏ, ତୁମେ ମୋ ପାଇଁ ଅମର ହୋଇ ରହିବ । ମୁଁ କଥା ଦେଉଛି, ମୁଁ ଆଉ ଦ୍ୱିତୀୟ ବିବାହ କରିବିନି ।"

ଦୁଇ ମାସର ସଶ୍ରମ କାରାବାସ ପରେ ୨୦୦୮ ମସିହା ଡିସେମ୍ବର ମାସରେ ମୋହନଙ୍କୁ ଭୋଲ୍‌କାରଷ୍ଟ ଜେଲରୁ ମୁକ୍ତ କରାଗଲା ॥

❖❖❖

Digitized by PPRACHIN, SOA

୩୧

ଗାନ୍ଧୀଙ୍କ କସ୍ତୁରବା ଚିନ୍ତା

କସ୍ତୁରବାଙ୍କ ଅସୁସ୍ଥତା କଥା ଶୁଣି ଭୋଲକାରଷ୍ଟ ଜେଲରେ ଗାନ୍ଧୀଙ୍କର ମନ ଭଲ ନଥିଲା । ଖୁବ୍ ଶୀଘ୍ର କସ୍ତୁରବାଙ୍କୁ ଭେଟିବାକୁ ପ୍ରବଳ ଇଚ୍ଛା ହେଉଥିଲା ମୋହନଙ୍କର । ଗୋଟିଏ ପଟେ ସ୍ତ୍ରୀ କସ୍ତୁରବାଙ୍କ ସ୍ୱାସ୍ଥ୍ୟ ଏବଂ ଅନ୍ୟପଟେ ସତ୍ୟାଗ୍ରହର ସ୍ଥିତି । କେମିତି ଛନ୍ଦି ହୋଇ ପଡ଼ିଥିଲେ ମୋହନଦାସ ।

ଡିସେମ୍ବରରେ ଜେଲରୁ ମୁକ୍ତ ହେବାପରେ ଗାନ୍ଧୀ ଫିନିକ୍ସ ଆସିଲେ । ଫିନିକ୍ସ ବି ଗାନ୍ଧୀଙ୍କୁ ଅପେକ୍ଷା କରିଥିଲା । ମୋହନଦାସ ଆସୁଛନ୍ତି ଶୁଣି ବେଶି ଖୁସି ଥିଲେ ଫିନିକ୍ସର ଅନ୍ତେବାସୀ । ବଗିଚାରୁ ଅନାବନା ଗଛ ସଫା କରିଦିଆଯାଇଥିଲା । ଝରକା କବାଟରୁ ଧୂଳି ଛାଡ଼ି ଦିଆଯାଇଥିଲା । ପିଲାମାନେ ଗାନ୍ଧୀଙ୍କୁ ସୁନ୍ଦର ବଗିଚାଟିଏ ଉପହାର ଦେବାକୁ ପ୍ରସ୍ତୁତ ଥିଲେ । ବାପୁଙ୍କୁ ପାଛୋଟି ଆଣିବାକୁ ସବୁ ପିଲାଏ ଷ୍ଟେସନକୁ ଗଲେ । ବାପୁ ଆସୁଥିଲେ ଫିନିକ୍ସ । ଆଶ୍ରମର ପିଲାମାନେ ଶ୍ରଦ୍ଧାରେ ଗାନ୍ଧୀଙ୍କୁ 'ବାପୁ' ଡାକୁଥିଲେ ।

ଗାନ୍ଧୀ କସ୍ତୁରବାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ବହୁତ ଦୁର୍ବଳ ହୋଇଯାଇଥିଲେ କସ୍ତୁରବା । ସେ ଭଲଭାବେ ଚାଲି ପାରୁନଥିଲେ । ଚାଲିବାକୁ ତାଙ୍କର ଶକ୍ତି ନଥିଲା ।

ମୋହନ ଠିକ୍ କଲେ, ଭଲ ଏକ ଡାକ୍ତରଙ୍କ ପାଖରେ କସ୍ତୁରବାଙ୍କର ତୁରନ୍ତ ଚିକିତ୍ସା ହେବା ଦରକାର । ଡ୍ରବାନର ପ୍ରସିଦ୍ଧ ଡାକ୍ତର ନାନ୍‌ଜୀଙ୍କ ପାଖକୁ ଗାନ୍ଧୀ କସ୍ତୁରବାଙ୍କୁ ନେଇଗଲେ ।

ଡାକ୍ତର ନାନ୍‌ଜୀ ସତ୍ୟାଗ୍ରହର ବି ଜଣେ ଭଲ ସମର୍ଥକ ଥିଲେ । ମୋହନଦାସଙ୍କ ସହ ତାଙ୍କର ଚିହ୍ନା ଜଣା ଥିଲା । ମୋହନ କିଛିଦିନ କସ୍ତୁରବାଙ୍କ ସହ ଡାକ୍ତର ନାନଜୀଙ୍କ ଚିକିତ୍ସା ପାଇ ଡ୍ରବାନରେ ରହିଲେ । ଜୋହନସବର୍ଗରୁ ଗାନ୍ଧୀଙ୍କୁ ଖବର ଆସିଲା, "ଶୀଘ୍ର ଆସ ।" ଡାକ୍ତର ନାନଜୀଙ୍କ ଚିକିତ୍ସାଧୀନରେ କସ୍ତୁରବାଙ୍କୁ ଛାଡ଼ିଦେଇ ମୋହନ

Digitized by PPRACHIN, SOA

ଜୋହନସବର୍ଗ ଚାଲିଗଲେ ।

ଜୋହନସବର୍ଗର ପରିସ୍ଥିତି ଥିଲା ଖୁବ୍ ଜଟିଳ । ଖବର ଆସୁଥିଲା – ନାଟାଲ, କେପ୍, ଆରେଞ୍ଜ ଫ୍ରି ଷ୍ଟେଟ୍ ଏବଂ ଟ୍ରାନ୍ସବାହାଲକୁ ମିଶାଇ ଦକ୍ଷିଣ ଆଫ୍ରିକାରେ ଏକ ୟୁନିୟନ ହେବ । ଏହା ଏକ ଅର୍ଥନୈତିକ ୟୁନିୟନ ହୋଇ ରହିବ । ସାମୁହିକ ଅର୍ଥନୈତିକ ସ୍ୱାର୍ଥ ଏହି ମହାସଂଘର ଲକ୍ଷ୍ୟ ରହିବ ।

କେପ୍ ରାଜ୍ୟରେ ଭାରତୀୟମାନଙ୍କୁ ମତାଧିକାର ଦିଆଯାଇଥିଲା । ଅନ୍ୟ କୌଣସି ରାଜ୍ୟରେ କିନ୍ତୁ ଭାରତୀୟଙ୍କ ପାଇଁ ଭୋଟଦାନ ଅଧିକାର ନଥିଲା । ଆଫ୍ରିକୀୟ ୟୁନିୟନ ଗଠନ ହେବା ପରେ କେପ୍‌ରେ ଥିବା ଭାରତୀୟଙ୍କ ଅଧିକାର ଅନ୍ୟ ତିନୋଟି ରାଜ୍ୟକୁ ସଂପ୍ରସାରିତ ହେବ ନା ଏହା କେପ୍‌ରେ ସଂକୁଚିତ ହୋଇଯିବ, ଏହା ଥିଲା ଆଶଂକା ।

ଗାନ୍ଧୀଙ୍କ ସତ୍ୟାଗ୍ରହ ଆନ୍ଦୋଳନରେ ପୁଅ ହରିଲାଲ ଏକ ପ୍ରମୁଖ ଭୂମିକା ଗ୍ରହଣ କରିସାରିଥିଲେ । ୧୯୦୯ ମସିହା ବେଳକୁ ହରିଲାଲ ଦୁଇଥର ଜେଲ୍ ଯାଇସାରିଥିଲେ ।

ହରିଲାଲଙ୍କ ଝିଅଟିଏ ହୋଇଥିଲା ଫିନିକ୍ସରେ । ଜେଲ ଜୀବନ ଭିତରେ ହରିଲାଲ ନିଜ ଝିଅ ପ୍ରତି ସ୍ନେହ ଦେଇ ପାରୁନଥିଲେ । ସ୍ତ୍ରୀ ଚଞ୍ଚଳ ବି ଦୁଃଖ କରୁଥିଲେ । ହରିଲାଲଙ୍କ ବେଳେବେଳେ ଧର୍ମ ସଂକଟରେ ପଡ଼ିଯାଉଥିଲେ । ନିଷ୍ପତ୍ତି ନେବା କଷ୍ଟ ହେଉଥିଲା । ଭଲ ପାଇ ବାହା ହୋଇଥିବା ସ୍ତ୍ରୀ ଚଞ୍ଚଳ ପ୍ରତି କର୍ତ୍ତବ୍ୟ ଥିଲା ଏବଂ ବାପା ମୋହନଦାସଙ୍କ ସତ୍ୟାଗ୍ରହ ପ୍ରତି ନିଷ୍ଠା ଥିଲା । ହରିଲାଲ ତୃତୀୟ ଥର ଜେଲ ଯାତ୍ରା ପାଇଁ ବି ପ୍ରସ୍ତୁତିରେ ଥିଲେ ।

ସାନ ପୁଅ ଦେବଦାସଙ୍କ ପାଇଁ ଝିଆରୀ ଥିଲା ସବୁଠାରୁ ପ୍ରିୟ । ଝିଆରୀ ସହ ସେ ଖେଳୁଥିଲେ । ହରିଲାଲଙ୍କ ଠାରୁ ଦେବଦାସ ପ୍ରାୟ ୧୩ ବର୍ଷ ସାନ ଥିଲେ । ଏବଂ ହରିଲାଲଙ୍କ ଝିଅ ଠାରୁ ମାତ୍ର ଅଳ୍ପ ବଡ଼ ।

ଦେବଦାସ ଦେଖିବାକୁ ଥିଲେ ସୁନ୍ଦର । କୁଞ୍ଚୁକୁଞ୍ଚିଆ ମୁଣ୍ଡ ବାଳକୁ ସେ ମଝିରେ ସୁତାଣି କରି କୁଣ୍ଡାଇ ଦେଲେ ଆହୁରି ସୁନ୍ଦର ଦେଖାଯାଆନ୍ତି ଦେବଦାସ ।

ଜେଲରୁ ହରିଲାଲଙ୍କ ବିଷୟରେ କିଛି ଖବର ଆସିଲେ ଚଞ୍ଚଳ କାନ୍ଦୁଥିଲେ । ରାଜକୋଟରେ ନିଜ ଓକିଲ ବାପାଙ୍କ ଘରେ ଖୁବ୍ ଅଲିଅଳରେ ବଢ଼ିଥିଲେ ଚଞ୍ଚଳ ।

ଡ଼ର୍ବାନରୁ ଡାକ୍ତର ନାନ୍‌ଜୀ ଟେଲିଫୋନ୍ କଲେ ଗାନ୍ଧୀଙ୍କୁ । "ଶୀଘ୍ର ଆସ । କସ୍ତୁରବାଙ୍କ ଦେହ ଭଲ ନାହିଁ । ତାଙ୍କୁ ରକ୍ତହୀନତା ହୋଇଛି । ଗୋରୁମାଂସର ସୁରୁଆ ତାଙ୍କୁ ଦେବାକୁ ହେବ । ଆପଣଙ୍କୁ ନପଚାରି ମୁଁ ଏହା ତାଙ୍କୁ ଦେଇପାରିବିନି ।"

Digitized by PPRACHIN, SOA

ଗାନ୍ଧୀ ଜୋହନ୍‌ସବର୍ଗରୁ ଡ଼ର୍ବାନ ଆସିଲେ । ଡାକ୍ତର ନାନଜୀ କହିଲେ, "ମୁଁ ଆପଣଙ୍କୁ ଟେଲିଫୋନ୍ କରିବା ପୂର୍ବରୁ ମିସେସ୍ ଗାନ୍ଧୀଙ୍କୁ ମାଂସ ସୁରୁଆ ଦେଇ ସାରିଛି ।"

ଡାକ୍ତର ନାନଜୀଙ୍କ ଏ କଥାକୁ ଗାନ୍ଧୀ ପସନ୍ଦ କଲେନି । ଏହା ଏକ ବିଶ୍ୱାସ ଭଂଗର କଥା ବୋଲି କହିଲେ ।

କସ୍ତୁରବା ଯେ ଗୋମାଂସର ସୁରୁଆ ଖାଆନ୍ତୁ ଏହା ଗାନ୍ଧୀ ମୋଟେ ଚାହୁଁ ନଥିଲେ । ପାଖରେ ଥିବା ମଝିଆ ପୁଅ ଉତ୍ତର ବି ଦେଲା- "ବା'ଙ୍କୁ ମାଂସ ଦିଆଯାଇ ପାରିବନି" । ଗୁଜୁରାଟିରେ ବା' ଶବ୍ଦର ଅର୍ଥ ମା' । ମାଂସ ସୁରୁଆ ଖାଇବାକୁ ମଧ କସ୍ତୁରବା ଡାକ୍ତରକୁ ମନା କରିଦେଲେ ।

କସ୍ତୁରବାଙ୍କୁ ଫିନିକ୍ସ ନେଇ ଯିବାକୁ ଗାନ୍ଧୀ ଡାକ୍ତର ନାନଜୀଙ୍କୁ କହିଲେ । ଗାନ୍ଧୀଙ୍କ ଏପରି ନିଷ୍ପତ୍ତିରେ ଖୁସି ନଥିଲେ ଡାକ୍ତର ଏବଂ ତାଙ୍କ ପତ୍ନୀ । ସେ ମନା କଲେ । କଟୁ ସ୍ୱରରେ କହିଲେ - 'ତୁମେ କ'ଣ ପାଗଳ ହୋଇଯାଇଛ ମିଷ୍ଟର ଗାନ୍ଧୀ । କସ୍ତୁରବା ଏଇ ଅବସ୍ଥାରେ କ'ଣ କୁଆଡେ ଯାଇପାରିବେ ?'

ଗାନ୍ଧୀଙ୍କ ଏକ ଜିଦ୍, ସେ କସ୍ତୁରବାଙ୍କୁ ଫିନିକ୍ସ ନେଇଯିବେ । ସେଇଠି ସେ କସ୍ତୁରବାଙ୍କର ଚିକିତ୍ସା କରିବେ ।

କସ୍ତୁରବାଙ୍କୁ ଗାନ୍ଧୀ ଷ୍ଟେସନକୁ ଆଣିଲେ । ଡ଼ର୍ବାନ ରେଳ ଷ୍ଟେସନରୁ ସେ ଫିନିକ୍ସ ରେଳ ଷ୍ଟେସନ ଯିବେ । ସେଦିନ ଡ଼ର୍ବାନରେ ଜୋରରେ ବର୍ଷା ହେଉଥିଲା ।

ଫିନିକ୍ସ ରେଳ ଷ୍ଟେସନରୁ ଆଶ୍ରମ ଥିଲା ଅଢ଼େଇମାଇଲ ଦୂର । ଗାନ୍ଧୀ ମିଷ୍ଟର ୱେଷ୍ଟଙ୍କୁ ଖବର ଦେଇଥିଲେ, ଆଶ୍ରମରେ ଥିବା ହେମକ୍ ଆଣିବାକୁ । ହେମକ୍ ଥିଲା ଏକ ଜାଲିମୁକ୍ତ କନାର ଏକ ଝୁଲା । ଏହାର ମୁଣ୍ଡକୁ ଦେଉଳିଆ କରି ବାଉଁଶରେ ବାନ୍ଧି ଦିଆଯାଇଥିଲା । ହେମକରେ ବୋହି ନେବାକୁ ଆଉଜଣେ ଲୋକ ମଧ ଫିନିକ୍ସ ରେଳ ଷ୍ଟେସନକୁ ଆସିଥିଲା ।

ଫିନିକ୍ସରେ ବା'ଙ୍କର ଚିକିତ୍ସା ହେଲା । କୁନେସ୍ନାନ ଏବଂ ଫଳ ଆହାର ଥିଲା କସ୍ତୁରବାଙ୍କର ଚିକିତ୍ସା । ଚିକିତ୍ସା ହେତୁ କସ୍ତୁରବା ଟିକିଏ ସୁସ୍ଥ ଦେଖା ଗଲେ । ତାଙ୍କୁ ଛାଡ଼ି ଗାନ୍ଧୀ ବାହାରକୁ ଯାଆନ୍ତୁ, ବା' ମୋଟେ ଚାହୁଁ ନଥିଲେ । ପିଲାଙ୍କ ପରି ବେଳେବେଳେ ବା' ଗାନ୍ଧୀଙ୍କୁ ଜାବୁଡ଼ି ଧରୁଥିଲେ ।

୧୯୦୯ ମସିହା ଫେବୃୟାରୀ ମାସରେ ଲର୍ଡ କର୍ଜନ୍ ଚିଠି ଲେଖିଲେ ଗାନ୍ଧୀଙ୍କୁ - ଆଫ୍ରିକୀୟ ମହାସଂଘ ହେବ । ଏ ଚିଠି ଥିଲା ଗାନ୍ଧୀଙ୍କ ଜୋହନ୍‌ସବର୍ଗ ଠିକଣାରେ ।

Digitized by PPRACHIN, SOA

କର୍ଜନଙ୍କ ଚିଠିକୁ ଗାନ୍ଧୀଙ୍କ ପାଖକୁ ଫିନିକ୍ସ ପଠାଇ ଦିଆଗଲା ।

ଅଗତ୍ୟା ଗାନ୍ଧୀ ଟ୍ରାନସବାହାଲ ଫେରିଲେ । ଫେବୃୟାରୀ ୨୫ ତାରିଖରେ ଗାନ୍ଧୀଙ୍କୁ ପୁଣି ଗିରଫ କରାଯାଇ ଭୋଲ୍କାରଷ୍ଟ ଜେଲକୁ ପଠାଇ ଦିଆଗଲା । ଭୋଲକାରଷ୍ଟରୁ ପୁଣି ପ୍ରିଟୋରିଆ ଜେଲ । ପ୍ରିଟୋରିଆ ଜେଲକୁ ନେବାବେଳେ ଗାନ୍ଧୀଙ୍କ ହାତରେ ହାତକଡି ଥିଲା । ଜେଲରେ ଗାନ୍ଧୀଙ୍କୁ ଦେଖା କରିବାକୁ ବାହାରର କାହାକୁ ଅନୁମତି ନଥିଲା । ଏଥର ମୋହନଦାସଙ୍କ ସହ ତାଙ୍କ ପୁଅ ହରିଲାଲ ବି ଜେଲ ଯାଇଥିଲେ ।

ଜେଲରେ ଗାନ୍ଧୀଙ୍କ ମନୋବଳକୁ ଭାଂଗି ଦେବାକୁ ଚାହିଁଥିଲେ ଜେଲ କର୍ତ୍ତୃପକ୍ଷ । ମୋହନଙ୍କୁ ଜେଲରେ ଏକାନ୍ତ ରଖାଗଲା । ୭୦ ବର୍ଗ ଫୁଟ୍‌ର ଏକ କୋଠରୀ ଭିତରେ ତାଙ୍କୁ ଚାବି ପକାଇ ରଖାଯାଇଥିଲା ।

ଏକୁଟିଆ ଜୀବନ ଥିଲା ମୋହନଙ୍କ ପାଇଁ ଦୁର୍ବିସହ । ସେ ଘର ଭିତରେ ଚାଲିବାକୁ ଲାଗିଲେ । ଓ୍ୱାର୍ଡର ଚିତ୍କାର କରି କହିଲା, "ବେଶି ଚାଲିବାରେ ଘରର ଚଟାଣ ଖରାପ ହୋଇଯାଉଛି । ଚାଲିବା ବନ୍ଦ କର ।" ଚାଲିବା ବନ୍ଦ କରି ଘରର ଗୋଟିଏ କଣରେ ଛିଡ଼ା ହୋଇ ରହିଲେ ମୋହନଦାସ ।

ରାତିରେ ଶୋଇବା ପାଇଁ ଗାନ୍ଧୀଙ୍କ ନିମନ୍ତେ କତା ଶେଯ ଏବଂ ଦୁଇଟା କମଳ ଦିଆଯାଇଥିଲା । ଗାନ୍ଧୀ ଶୋଇବାକୁ ବେଞ୍ଚଟିଏ ମାଗିଲେ । ଜେଲ କର୍ତ୍ତୃପକ୍ଷ ଏହା ଦେବାକୁ ମନା କରିଦେଲେ । ରାତିରେ ତଳେ ଶୋଉଥିଲେ ମୋହନଦାସ । ନିଦ ହେଉନଥିଲା । ଓ୍ୱାର୍ଡର ରାତିସାରା ଲାଇଟି ଜଳାଇ ରଖୁଥିଲା । ୨୪ ଘଣ୍ଟା ପାଇଁ ଗାନ୍ଧୀଙ୍କ ଉପରେ ନଜର ରଖିବାକୁ ଓ୍ୱାର୍ଡରଙ୍କୁ ଉପରୁ ନିର୍ଦ୍ଦେଶ ଥିଲା ।

ଗାନ୍ଧୀଙ୍କୁ ଜ୍ୱର ହୋଇଗଲା । ଜ୍ୱର ସହ କାଶ । ଫୁସ୍ ଫୁସ୍ ସଂକ୍ରମିତ ହୋଇଯାଇଥିଲା । ଗାନ୍ଧୀ ଘିଅ ମାଗିଲେ ଖାଇବାକୁ । ଘିଅ ବଦଳରେ ତାଙ୍କୁ ପଶୁ ଚର୍ବି ଦିଆଗଲା । ଗାନ୍ଧୀ ଚର୍ବି ଖାଇବାକୁ ମନା କଲେ । ଜେଲ କର୍ତ୍ତୃପକ୍ଷ ସଫେଇ ଦେଲେ – ମୋହନଦାସ ଗାନ୍ଧୀ ବ୍ୟତିକ୍ରମ ନୁହଁନ୍ତି, କଏଦୀ ତ କଏଦୀ ।

ଗାନ୍ଧୀଙ୍କୁ ଗିରଫ ଏବଂ ହାତକଡି ଦେଖି ମାନବାଧିକାର ଉଲ୍ଲଘନ କଥା ଉଠିଲା । ଗାନ୍ଧୀଙ୍କ ପ୍ରତି ଅମାନୁଷିକ ବ୍ୟବହାରକୁ ନେଇ ଖବର କାଗଜରେ ନିନ୍ଦା କରାଗଲା । ବ୍ରିଟିଶ ହାଉସ୍ ଅଫ୍ ଲର୍ଡସରେ ପ୍ରତିନିଧିମାନେ ଗାନ୍ଧୀଙ୍କ ମାନବାଧିକାର ଭଂଗ ପ୍ରସଂଗକୁ ନେଇ ସମାଲୋଚନା କଲେ । ମାଡ୍ରାସର ପୂର୍ବତନ ଗଭର୍ଣ୍ଣର ଲର୍ଡ ଆମ୍‌ପଥିଲ ଗାନ୍ଧୀ ଯେ ଭାରତୀୟଙ୍କ ମର୍ଯ୍ୟଦା ପାଇଁ ସଂଗ୍ରାମ କରୁଛନ୍ତି, ଏପରି ଏକ ମନ୍ତବ୍ୟ ହାଉସ୍ ଅଫ୍ ଲର୍ଡସରେ ରଖିଲେ ।

Digitized by PPRACHIN, SOA

ମେ' ମାସ ୨୪ ତାରିଖ, ୧୯୦୯ ମସିହାରେ ପ୍ରିଟୋରିଆ ଜେଲରୁ ମୋହନଦାସ ଖଲାସ ହେଲେ । ବ୍ରିଟିଶ ଇଣ୍ଡିଆନ୍ ଆସୋସିଏସନ ପ୍ରସ୍ତାବ ଦେଲା, ଏକ ପ୍ରତିନିଧି ମଣ୍ଡଳୀ ଯଥାଶୀଘ୍ର ଲଣ୍ଡନ ଯିବା ଦରକାର । ଆଫ୍ରିକୀୟ ୟୁନିୟନ ସଂପର୍କରେ ସର୍ବଶେଷ ତଥ୍ୟ ସଂଗ୍ରହ କରିବା ଉଚିତ୍ ଏବଂ ଇଂଲଣ୍ଡର ନେତୃମଣ୍ଡଳୀଙ୍କୁ ଭାରତୀୟଙ୍କ ଦାବି ସଂପର୍କରେ ପ୍ରତ୍ୟକ୍ଷ ଭାବେ ଜଣାଇବା ଜରୁରୀ ।

୧୯୦୯ ମସିହା ଜୁନ୍ ମାସ ୨୩ ତାରିଖରେ ମୋହନଦାସ ଏବଂ ହାଜୀ ହବିବ୍ ଲଣ୍ଡନ ଯାତ୍ରା ଆରମ୍ଭ କଲେ । ଯଦିଓ ପ୍ରଥମେ ଗାନ୍ଧୀଙ୍କ ସହ ଆଉ ତିନିଜଣ ପ୍ରତିନିଧି ଲଣ୍ଡନ ଯିବାକୁ ସ୍ଥିର ହୋଇଥିଲା, ଏହା ଶେଷ ମୁହୂର୍ତ୍ତରେ ଦୁଇ ଜଣରେ ସୀମିତ ରଖାଯାଇଥିଲା ॥

❖ ❖ ❖

ଦକ୍ଷିଣ ଆଫ୍ରିକାରେ ଗାନ୍ଧୀ ଓ କସ୍ତୁରବା

Digitized by PPRACHIN, SOA

୩୨

ବିଫଳ ଲଣ୍ଡନ ମିଶନ

ଗାନ୍ଧୀ ଏବଂ ହବିବ୍ ଲଣ୍ଡନରେ ପହଞ୍ଚିଲେ ୧୯୦୯ ମସିହା ଜୁଲାଇ ଦଶ ତାରିଖରେ । ଗାନ୍ଧୀଙ୍କୁ ଦେଖା କରିବାକୁ ପୋଲକଙ୍କ ସ୍ତ୍ରୀ ମିଲି ପୋଲକ, ପୋଲକଙ୍କର ଦୁଇ ଭଉଣୀ ମାଉଦ୍ ଏବଂ ସାଲି ଏବଂ ଏଲ୍. ଡବ୍ଲ୍ୟୁ ରିଚ୍ ଆସିଥିଲେ । ଲଣ୍ଡନରେ ରହିବା ସମୟରେ ଗାନ୍ଧୀଙ୍କ ସମସ୍ତ ଚିଠିକୁ ଟାଇପ୍ କରିଦେବାକୁ ପୋଲକ ତାଙ୍କ ଭଉଣୀ ମାଉଦ୍‌ଙ୍କୁ ଦାୟିତ୍ୱ ଦେଇଥିଲେ ।

ଲଣ୍ଡନରେ ଗାନ୍ଧୀ ପହଞ୍ଚିବା ବେଳେ ଲଣ୍ଡନ ଅବସ୍ଥା ଭଲ ନଥିଲା । ସେଠାରେ ଭାରତ ବିରୋଧି ହାଓ୍ୱା ଟିଏ ବୋହୁଥିଲା । ଭାରତୀୟ ସନ୍ତ୍ରାସବାଦ ସଂପର୍କରେ ଆଲୋଚନା ସବୁଠି ଚାଲୁଥିଲା ।

ଗାନ୍ଧୀ ଲଣ୍ଡନରେ ପହଞ୍ଚିବାର ଦଶ ଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ଏକ ତାରିଖରେ ମଦନଲାଲ ଧିଙ୍ଗ୍ରା ନାମକ ଜଣେ ଭାରତୀୟ ଇଂଜିନିୟରିଂ ଛାତ୍ର ସାର୍ କର୍ଜନ ଓ୍ୱାଲିଙ୍କୁ ନିକଟରୁ ଗୁଳି କରି ହତ୍ୟା କରିଦେଇଥିଲେ । ଲଣ୍ଡନର ଇମ୍ପିରିଆଲ ଇନଷ୍ଟିଚ୍ୟୁଟରେ ଏ ଘଟଣା ଘଟିଥିଲା । ସେଠାରେ ହେଉଥିବା ଭାରତୀୟଙ୍କ ଏକ ପାର୍ଟିକୁ ସାର୍ କର୍ଜନ ଓ୍ୱାଲି ଅତିଥି ଭାବେ ଆସିଥିଲେ । କର୍ଜନ ଥିଲେ ଭାରତର ଜଣେ ପୂର୍ବତନ ସାମରିକ ଅଫିସର ।

ନ୍ୟାୟାଳୟରେ ଧିଙ୍ଗ୍ରାଙ୍କର ତୁରନ୍ତ ବିଚାର ହୋଇଗଲା । ବ୍ରିଟିଶ କୋର୍ଟ ଜୁଲାଇ ୨୩ ତାରିଖରେ ଧିଙ୍ଗ୍ରାଙ୍କୁ ନରହତ୍ୟା ଅଭିଯୋଗରେ ଫାସି ଦଣ୍ଡାଦେଶ ଶୁଣାଇ ଦେଇଥିଲେ । ଧିଙ୍ଗ୍ରା ତାଙ୍କର ସଫେଇରେ କହିଥିଲେ – "ଇଂରେଜମାନେ ଭାରତରେ ଲକ୍ଷଲକ୍ଷ ଭାରତୀୟଙ୍କୁ ଅନାହାରରେ ରଖୁଛନ୍ତି । ବର୍ଷକୁ ପ୍ରାୟ ୧୦ କୋଟି ପାଉଣ୍ଡ ଭାରତରୁ ଲଣ୍ଡନ ଆସୁଛି । ଶହ ଶହ ଲୋକଙ୍କୁ ଫାସି ଦିଆଯାଉଛି ଭାରତରେ । ବ୍ରିଟିଶ ଆଇନ ଉପରେ ତାଙ୍କର ଭରସା ନାହିଁ ।"

ଗାନ୍ଧୀ ଲଣ୍ଡନରେ ଥିବା ବେଳେ ହିଁ ଧିଙ୍ଗ୍ରାଙ୍କୁ ଫାସି ଦିଆଯାଇଥିଲା ।

ଉଗ୍ରବାଦ ଏବଂ ଉଦାରବାଦ ନେଇ ଗାନ୍ଧୀ ତାଙ୍କର ମତ ରଖିଲେ । କାଁ ଭାଁ

Digitized by PPRACHIN, SOA

କାହାକୁ ହତ୍ୟା କରିଦେଲେ ଯେ ସ୍ୱାଧୀନତା ମିଳିଯିବ, ଏପରି ତତ୍ତ୍ୱ ନିରର୍ଥକ । ଏପରି ତତ୍ତ୍ୱରେ ବି ମୋହନଙ୍କର ବିଶ୍ୱାସ ନାହିଁ । ହିଂସାକୁ ଦୃଢ଼ ଭାବେ ନିନ୍ଦା କଲେ ମୋହନଦାସ ।

ଡ଼ାକ୍ତର ପ୍ରାଣ ଜୀବନ ମେହେଟା ସେତେବେଳେ ଲଣ୍ଡନରେ ଥିଲେ । ଗାନ୍ଧୀଙ୍କର ଜଣେ କିଏ ଆତ୍ମୀୟଙ୍କୁ ଲଣ୍ଡନ ଆସି ଆଇନ ପଢ଼ିବାକୁ ମେହେଟା ପ୍ରସ୍ତାବ ଦେଲେ । ଗାନ୍ଧୀ ଉତ୍ତର ଦେଲେ- ଛଗନଲାଲ ଏଠାକୁ ଆସିବେ । ଭାରତୀୟ ଛାତ୍ରଙ୍କୁ ସେ ଏଠି ସଂଗଠିତ କରିବେ ଏବଂ ତାଙ୍କୁ ଅହିଂସା ଏବଂ ଶାକାହାରୀ ଭୋଜନ ସଂପର୍କରେ କହିବେ ।

ଲଣ୍ଡନରେ ଗାନ୍ଧୀଙ୍କର ଉପଦେଷ୍ଟା ଥିଲେ ଲର୍ଡ ଆମ୍ପଥିଲ୍ । ଲର୍ଡ ଆମ୍ପଥିଲ ଥିଲେ ଗାନ୍ଧୀଙ୍କ ବୟସର । ୧୮୬୯ ମସିହାରେ ଆମ୍ପଥିଲଙ୍କର ଜନ୍ମ ହୋଇଥିଲା ।

ଗାନ୍ଧୀଙ୍କୁ ଆମ୍ପଥିଲ୍‌ଙ୍କ ସର୍ତ୍ତ ଥିଲା – ସେମାନେ ଲଣ୍ଡନରେ ପ୍ରଥମେ କୂଟନୀତିରେ ଲବି କରିବେ । ପୂର୍ବରୁ କୌଣସି ରାଜନୈତିକ ମନ୍ତବ୍ୟ ଦିଆଯିବ ନାହିଁ । କିମ୍ବା କୌଣସି ସଭା ହେବନି ବା କୌଣସି ଗଣମାଧ୍ୟମକୁ ସାକ୍ଷାତକରି କିଛି କୁହାଯିବନି । ଘଟଣାକୁ ରାଜନୈତିକ କରିଦେଲେ ବ୍ରିଟିଶ ରାଜନେତାମାନେ ବିରକ୍ତ ହୋଇଯିବାର ସମ୍ଭାବନା ରହିଛି । ବିରକ୍ତି ଆସିଲେ ମିଶନ ବିଫଳ ହୋଇଯାଇପାରେ ।

ଠିକ୍ କରାଗଲା, କେବଳ ଦୁଇଟି ପ୍ରସଂଗର ସମାଧାନ ନେଇ ଲଣ୍ଡନରେ ଲବି କରାଯିବ । ପ୍ରଥମଟି ହେଲା, ଟ୍ରାନ୍‌ସବାହାଲରୁ ଏସିଆଟିକ୍ ଆଇନ ଉଠିବ ଏବଂ ଦ୍ୱିତୀୟଟି ହେଲା ପ୍ରତିବର୍ଷ ଭାରତରୁ ୬ଜଣ ଶିକ୍ଷିତ ଭାରତୀୟ ଦକ୍ଷିଣ ଆଫ୍ରିକା ଆସିବେ ।

ଦୀର୍ଘ ଛ ସପ୍ତାହ ଧରି ଲଣ୍ଡନରେ ଲବି ଚାଲିଲା ପରେ ମଧ୍ୟ ସମାଧାନର କିଛି ଅଗ୍ରଗତି ହେଲାନାହିଁ । ବ୍ରିଟିଶ ରାଜନେତାମାନେ ଭାରତୀୟଙ୍କ କୌଣସି ଦାବି ଶୁଣିବାକୁ ଯେପରି ପ୍ରସ୍ତୁତ ନଥିଲେ ।

ଗାନ୍ଧୀଙ୍କ ବ୍ୟସ୍ତତା ବଢ଼ିଗଲା । ଲର୍ଡ ଆମ୍ପଥିଲ ଗାନ୍ଧୀଙ୍କ ଉପରେ ବିରକ୍ତ ହୋଇ ଗାନ୍ଧୀ ବହୁତ ତରବର ହେଉଯାଉଛନ୍ତି ବୋଲି ଅଭିଯୋଗ ଆଣିଲେ ।

ମୋହନଦାସ ଆଉ କୁଟନୀତିରେ ବିଶ୍ୱାସ କଲେନାହିଁ । ଇଣ୍ଡିଆନ୍ ଓପିନିୟନକୁ ଚିଠି ଲେଖି ସେ ଜଣାଇଦେଲେ, ଲଣ୍ଡନ ମିଶନ ତାଙ୍କର ସଫଳ ହେବନାହିଁ । ପ୍ରତିଦିନ ମିଟିଂ ହେଉଛି । ରାଜନେତା, ବୁଦ୍ଧିଜୀବୀଙ୍କ ସହ ସାକ୍ଷାତ ହେଉଛି । ଅନେକଙ୍କୁ ଚିଠି ଲେଖାଯାଉଛି । ଅଥଚ ଅନେକ ଚିଠିର ଉତ୍ତର ଆସୁନି । ରାଜନେତାଙ୍କ ଠାରୁ କିଛି ଦୃଢ଼ ପ୍ରତିଶ୍ରୁତି ମିଳୁନାହିଁ । ସୁତରାଂ ସତ୍ୟାଗ୍ରହ ହିଁ ଏକମାତ୍ର ବାଟ । ସତ୍ୟାଗ୍ରହରେ ହିଁ ଦାବି ହାସଲ ପାଇଁ ବିରୋଧିଙ୍କୁ ବାଧ୍ୟ କରାଯାଇ ପାରିବ ଏବଂ ସତ୍ୟାଗ୍ରହରେ ଭୟ ସୃଷ୍ଟି କରାଯାଇ ପାରିବ । ଗାନ୍ଧୀଙ୍କର ଏ ଚିଠି ଇଣ୍ଡିଆନ୍ ଓପିନିୟନରେ ପ୍ରକାଶ ପାଇଲା ।

Digitized by PPRACHIN, SOA

ଲଣ୍ଡନରେ ଲବି ବ୍ୟତୀତ ମୋହନଦାସଙ୍କର ଅନ୍ୟ କିଛି କାମ ନଥିଲା । କୌଣସି ମନୋରଂଜନ ସେ କରୁନଥିଲେ କିମ୍ବା ପାର୍ଟିରେ ଯୋଗ ଦେଉନଥିଲେ । ଥରେ ସେ କେବଳ ଲଣ୍ଡନ ପାଖରେ ଥିବା ଟଲଷ୍ଟୟାନ୍ ଫାର୍ମ ଦେଖିବାକୁ ଯାଇଥିଲେ ଏବଂ ସେଠାରୁ ଫେରି ଟଲଷ୍ଟୟଙ୍କ ସହ କିଛି ଚିଠି ଆଦାନ ପ୍ରଦାନ କରିଥିଲେ । ଏକ ଶାନ୍ତିପୂର୍ଣ୍ଣ ସଂଘର୍ଷ ପାଇଁ ଗାନ୍ଧୀଙ୍କୁ ବଳ ଏବଂ ପ୍ରେରଣା ଦେଇଥିଲେ ବିଶିଷ୍ଟ ରୁଷ୍ ସାହିତ୍ୟିକ ଲିଓ ଟଲଷ୍ଟୟ ।

ଗାନ୍ଧୀଙ୍କ ଜୀବନୀ ନେଇ ଯୋସେଫ ଡୋକ୍ ଲେଖିଥିବା ପୁସ୍ତକ ଲଣ୍ଡନରେ ଉନ୍ମୋଚନ ହେଲା । ପ୍ରାଣଜୀବନ ମେହେଟା ତାର ପ୍ରସାର ଦାୟିତ୍ୱ ନେଲେ । ଗାନ୍ଧୀଙ୍କ ଜୀବନୀ ପୁସ୍ତକରେ ଗାନ୍ଧୀଙ୍କର କାଥିଆୱାଡ଼ର ପିଲା ଜୀବନ, ଲଣ୍ଡନରେ ପାଠ ପଢ଼ା, ଦକ୍ଷିଣ ଆଫ୍ରିକାରେ ଅପମାନ ଏବଂ ଆକ୍ରମଣ କଥା ଯୋଶେଫ୍ ଲେଖିଥିଲେ । ଜଣେ ବରିଷ୍ଠ ଖ୍ରୀଷ୍ଟିଆନ୍ ଦୃଷ୍ଟିଭଂଗି ନେଇ ଗାନ୍ଧୀଙ୍କ ଜୀବନକୁ ପରଖି ଦେଖିଥିଲେ ବାପ୍ଟିଷ୍ଟ ଯୋଶେଫ ଡୋକ୍ । ଗାନ୍ଧୀଙ୍କ ସରଳ ଜୀବନ, ସତ୍ୟବାଦିତା ଏବଂ ନ୍ୟାୟ ପାଇଁ ମୃତ୍ୟୁକୁ ଭୟ ନକରିବାର ପ୍ରବୃତ୍ତିକୁ ଯୋଶେଫ୍ ବେଶ୍ ପ୍ରଶଂସା କରିଥିଲେ ତାଙ୍କ ବହିରେ ।

ଗାନ୍ଧୀ ଲଣ୍ଡନରେ ଥିବା ବେଳେ ହେନେରି ପୋଲକ ସେତେବେଳେ ଭାରତରେ ଭ୍ରମଣ କରୁଥିଲେ । ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ଦୁରାବସ୍ଥା ଏବଂ ଏ ସଂପର୍କରେ ଗାନ୍ଧୀଙ୍କ ଅଭିଯାନ ନେଇ ସେ ପ୍ରଚାର କରୁଥିଲେ । ଏଥିନେଇ ସେ ଏକ ପାମ୍ପଲେଟ୍ ଛାପିଥିଲେ । ପାମ୍ପଲେଟ୍‌ର ନାଁ ଥିଲା, "ଏମ୍.କେ. ଗାନ୍ଧୀ । ଏ ସ୍କେଚ୍ ଅଫ୍ ହିଜ୍ ଲାଇଫ୍ ଆଣ୍ଡ ୱାର୍କସ୍ ।" ପୋଲକ ଉକ୍ତ କ୍ଷୁଦ୍ର ପୁସ୍ତିକାରେ ଲେଖିଥିଲେ – ଏ ପିଢ଼ୀରେ ଭାରତ ବୋଧେ ଏକମାତ୍ର ମହାନ୍ ବ୍ୟକ୍ତିତ୍ୱକୁ ଜନ୍ମ ଦେଇଛି । ସେ ହେଉଛନ୍ତି ମୋହନଦାସ କରମ ଚାନ୍ଦ ଗାନ୍ଧୀ । ଗାନ୍ଧୀ ଏକାଧାରରେ ଜଣେ ସାଧୁ, ଦେଶଭକ୍ତ ଏବଂ ରାଜନେତା ।

ପୋଲକଙ୍କ ଗତିବିଧିକୁ ଅନୁଧ୍ୟାନ କରିବାକୁ ବ୍ରିଟିଶ ସରକାର ପୋଲକଙ୍କ ପଛରେ ଗୁପ୍ତଚର ରଖିଥିଲା । ତଥାପି ବି ହେନେରି ପୋଲକ ଭାରତରେ ଥିବା ରୁଢ଼ୀବାଦୀ ଏବଂ ଉଦାରବାଦୀ ନେତାଙ୍କୁ ଭେଟୁଥିଲେ । ଏଇ କ୍ରମରେ ସେ ଚରମପନ୍ଥୀ ଅରବିନ୍ଦ ଘୋଷଙ୍କୁ ସାକ୍ଷାତ କରିଥିଲେ ଏବଂ ଉଦାରବାଦୀ ଗୋପାଳକୃଷ୍ଣ ଗୋଖଲେଙ୍କୁ ମଧ୍ୟ ଭେଟିଥିଲେ । ଉଭୟଙ୍କ ସହଯୋଗ ନରହିଲେ ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ ସଫଳ ହେବନାହିଁ ବୋଲି ପୋଲକ ଉଭୟଙ୍କୁ ଅନୁରୋଧ କରିଥିଲେ ।

ଦକ୍ଷିଣ ଆଫ୍ରିକାରେ ମୋହନଦାସଙ୍କୁ ଯେ ଏବେ ସାହାଯ୍ୟ କରିବା ଜରୁରୀ ହୋଇପଡିଛି, ଏମିତି ଏକ ଚିଠି ଗୋଖଲେଙ୍କୁ ଡକ୍ଟର ପ୍ରାଣଜୀବନ ମେହେଟ୍ଟା ବି ଲେଖିଥିଲେ । ମାଡ୍ରାସୀ ବୁଦ୍ଧିଜୀବୀ ଭି.ଏସ୍. ଶ୍ରୀନିବାସ ଶାସ୍ତ୍ରୀଙ୍କୁ ଦକ୍ଷିଣ ଆଫ୍ରିକା ଆସିବାକୁ ସେ ଅନୁରୋଧ କରିଥିଲେ । ସବୁଠାରୁ ବଡ଼କଥା ହେଲା, ଏ ଚିଠିରେ ପ୍ରାଣଜୀବନ

Digitized by PPRACHIN, SOA

ମେହେଟା ମୋହନଙ୍କୁ 'ମହାତ୍ମା' ବୋଲି କହିଥିଲେ । ପ୍ରଥମେ ହିଁ ମୋହନଙ୍କୁ ଏପରି ମହାତ୍ମା ନାଁରେ ପ୍ରାଣଜୀବନ ସଂବୋଧନ କରିଥିବା କଥା ଇତିହାସରେ ନଜରକୁ ଆସେ । ଯଦିଓ ପାରମ୍ପରିକ ଭାବେ ଟାଗୋର ଗାନ୍ଧୀଙ୍କୁ ମହାତ୍ମା କରିଥିବା କଥା କୁହାଯାଏ ।

୧୯୦୯ ମସିହା ଅକ୍ଟୋବର ବେଳକୁ ଲଣ୍ଡନରେ ଆଉ କିଛି ହୋଇ ପାରିବନି ବୋଲି ଲର୍ଡ ଆମ୍ପଥିଲ୍ କହିଦେଲେ । କୁଟନୈତିକ ପଦକ୍ଷେପ ବିଫଳ ହୋଇଗଲା । ମୋହନଦାସ ସାଧାରଣ ସଭା କଲେ । ଲଣ୍ଡନର ବିଭିନ୍ନ ଖବର କାଗଜରେ ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ଅବସ୍ଥା ନେଇ ନିଜର ମନ୍ତବ୍ୟ ପ୍ରକାଶ କଲେ ।

ଦୁଇପୁଅ ମଣିଲାଲ ଏବଂ ରାମଦାସଙ୍କୁ ଗାନ୍ଧୀ ଦୁଇଟି ଚିଠି ଲେଖିଥିଲେ ଲଣ୍ଡନରୁ । ମଣିଲାଲ ବହୁତ ବଡ଼ ହୋଇଯାଇଥିଲେ । ବୟସ ଥିଲା ପାଖାପାଖି ୧୫ ବର୍ଷ । ମଣିଲାଲଙ୍କୁ ଗାନ୍ଧୀ ଚିଠି ଲେଖି ବାଲ୍ୟ ବିବାହ ଏବଂ ଅଳ୍ପ ବୟସରେ ବିବାହ ବିରୁଦ୍ଧରେ ବାର୍ତ୍ତାଟିଏ ଦେଲେ । ଚିଠିରେ ଥିଲା- କମ୍ ବୟସରେ ବିବାହ କଲେ କିଛି ଲାଭ ନଥାଏ । ଦୈହିକ ସୁଖ ବ୍ୟତୀତ ସମାଜର କିଛି ହିତ ହୁଏନି । ୨୫ ବର୍ଷରେ ବିବାହ କରିବା ଭଲ । ତା ଠାରୁ ଅଧିକ ବୟସ ହେଲେ ବି ଉତ୍ତମ ।

ପୁଅ ରାମଦାସଙ୍କୁ ଲେଖିଥିବା ଚିଠିରେ ଗାନ୍ଧୀ ଲେଖିଦେଲେ - ସେ ଲଣ୍ଡନରୁ ତା ପାଇଁ କିଛି ଆଣୁ ନାହାନ୍ତି । ୟୁରୋପୀୟ କୌଣସି ଜିନିଷ ପ୍ରତି ତାଙ୍କର ଶ୍ରଦ୍ଧା ନାହିଁ ।

ଏ ଚିଠି ଦୁଇଟି ଗାନ୍ଧୀଙ୍କର ଏକ ସଫଳ ପିତାର କଥା ହିଁ କହିଥିଲା ।

ଲଣ୍ଡନରେ ଚାରି ମାସ ପନ୍ଦର ଦିନ ରହିବା ପରେ ଗାନ୍ଧୀ ଏବଂ ମିଷ୍ଟର ହବିବ୍ ଦକ୍ଷିଣ ଆଫ୍ରିକା ଫେରି ଆସିବାକୁ ପ୍ରସ୍ତୁତ ହେଲେ । ଫେରିବା ପୂର୍ବଦିନ ଲଣ୍ଡନରେ କିଛି ବିଶିଷ୍ଟ ଲୋକଙ୍କୁ ନେଇ ପାର୍ଟିର ଆୟୋଜନ ହୋଇଥିଲା । ସେ ପାର୍ଟିରେ କିଛି ବ୍ରିଟିଶ ସାଂସଦ, ରାଜନେତା, ଭାରତୀୟ ନେତା ମୋତିଲାଲ ନେହେରୁ ଏବଂ ବିଶିଷ୍ଟ ଐତିହାସିକ ଆର୍ନଲଡ ଟଏନ୍‌ବୀଙ୍କର କନ୍ୟା ଜେରୁଦ୍ ଟଏନ୍‌ବୀ ଉପସ୍ଥିତ ଥିଲେ ।

ଲର୍ଡ କର୍ଜନଙ୍କ ପାଖକୁ ଲର୍ଡ ଆମ୍ପଥିଲ ଏକ ଚିଠି ଲେଖି ଜଣାଇଦେଲେ - ବ୍ରିଟିଶ ସାମ୍ରାଜ୍ୟ ଇତିହାସର ଏହା ପ୍ରଥମ ଘଟଣା, ଗୋଟିଏ ଉଦାରବାଦୀ ଇଂରେଜ ଶାସନ ବର୍ଣ୍ଣଭେଦ ନୀତି ଦକ୍ଷିଣ ଆଫ୍ରିକାରେ ଆପଣାଉଛି ।

୧୯୦୯ ମସିହା ନଭେମ୍ବର ମାସ ୧୩ ତାରିଖରେ ଗାନ୍ଧୀ ଲଣ୍ଡନ ଛାଡ଼ିଲେ । ବିଦାୟ ଦେବାକୁ ଆସି ହେନେରି ପୋଲକଙ୍କର ଭଉଣୀ ମାଉଦ ପୋଲକ ଷ୍ଟେସନରେ କାଇଁ କାଇଁ ହୋଇ କାନ୍ଦୁଥିଲା । ମାଉଦ୍‌କୁ ମୋହନଦାସ ଗାନ୍ଧୀ ତାଙ୍କର ଏକ ଜନ୍ମିତ ଝିଅ ଭାବେ ଦେଖୁଥିଲେ ।।

Digitized by PPRACHIN, SOA

୩୩

ହିନ୍ଦ୍ ସ୍ୱରାଜ

ଇଂଲଣ୍ଡ ରହଣୀର ବିଫଳ ଅନୁଭୂତି ଏବଂ ଅନେକ ବିମୁଖତା ନେଇ ମୋହନଦାସ ଏବଂ ତାଙ୍କ ସାଥୀ ୧୯୦୯ ମସିହା ନଭେମ୍ବର ମାସରେ ଦକ୍ଷିଣ ଆଫ୍ରିକା ଫେରିଲେ । ଭାରତୀୟ ପ୍ରସଙ୍ଗ ପ୍ରତି ବ୍ରିଟିଶ ରାଜନୈତିକ ତୁଙ୍ଗ ନେତାମାନେ ପୁରାପୁରି କିପରି ଅସଂବେଦନଶୀଳ ଥିଲେ । ଜେନେରାଲ ସ୍ମଟସ୍ ଏବଂ ପ୍ରଧାନମନ୍ତ୍ରୀ ଜେନେରାଲ ବୋଥାଙ୍କର ବେଶ୍ କର୍ତ୍ତୃତ୍ୱ ଚାଲିଥିଲା ଇଂଲଣ୍ଡରେ ।

ଲଣ୍ଡନରୁ ଏସ୍.ଏସ୍. କିଡୋନାନ ନାମକ ଜାହାଜରେ ଯାତ୍ରା କରୁଥିଲେ ମୋହନଦାସ । ଜାହାଜରେ ଚୁପ୍ ଚାପ୍ ବସି ସେ ବହି ଲେଖିଲେ । ଏ ବହିଟି ସେ ଗୁଜୁରାଟି ଭାଷାରେ ଲେଖୁଥିଲେ । ବହିର ନାଁ ଥିଲା – 'ହିନ୍ଦ୍ ସ୍ୱରାଜ' । ଏହାର ଇଂରାଜୀ ନାଁ ହେଲା 'ଇଣ୍ଡିଆନ୍ ହୋମ୍ ରୁଲ' । ମୋହନ ଠିକ୍ କରିଥିଲେ, ସେ ଏଇ ବହି ଲେଖା ହିଁ ସେ ଜାହାଜ ଯାତ୍ରାରେ ଶେଷ କରିବେ । ଲଗାତର ଭାବେ ଲେଖିବା ଯୋଗୁଁ ଡାହାଣ ହାତ ତାଙ୍କର ଅବଶ ଲାଗିଲା । ସେ ତେଣୁ ବାଁ ହାତରେ ଲେଖିଲେ ।

ହିନ୍ଦ୍ ସ୍ୱରାଜ ଲେଖିବା ପାଇଁ ଲଣ୍ଡନର ଚର୍ଚ୍ଚିତ ଘଟଣା ତାଙ୍କୁ ଉତ୍ତେଜିତ କରିଥିଲା । ସେ ଥିଲା ମଦନଲାଲ ଧିଙ୍ଗ୍ରାଙ୍କ ଘଟଣା । କର୍ଜନ ୱାଲିଙ୍କୁ ହତ୍ୟା ଏବଂ ହିଂସାକୁ ନେଇ ଧିଙ୍ଗ୍ରାଙ୍କର ଯୁକ୍ତିକୁ ଭି.ଡ଼ି. ସବରକରଙ୍କ ପରି ଅନେକ ଭାରତୀୟ ଛାତ୍ରଙ୍କୁ ବି ପ୍ରଭାବିତ କରିଥିଲା । ଛାତ୍ରମାନେ ଧିଙ୍ଗ୍ରାଙ୍କୁ ସମର୍ଥନ କରୁଥିଲେ ।

ଗୁଜୁରାଟିରେ ହିନ୍ଦ୍ ସ୍ୱରାଜ ପୁସ୍ତିକା ଛପା ହେଲା ଫିନିକ୍ସ ପ୍ରେସରେ । ଏହା ପ୍ରକାଶ ପାଇଲା ୧୯୧୦ ମସିହା ଜାନୁୟାରୀ ମାସରେ । ଏହାର ଦୁଇମାସ ପରେ ହିନ୍ଦ୍ ସ୍ୱରାଜର ଇଂରାଜୀ ଅନୁବାଦ ପ୍ରକାଶିତ ହେଲା । ମୋହନଦାସ ଇଂରାଜୀରେ ଏହାକୁ ଡାକିଥିଲେ ଏବଂ ବନ୍ଧୁ କେଲିନ୍‌ବେକ୍ ତାକୁ ଲେଖିଥିଲେ ।

ହିନ୍ଦ୍ ସ୍ୱରାଜ ବହିଟି ଜଣେ ପାଠକ ଏବଂ ସଂପାଦକଙ୍କ କଥୋପକଥନ ଶୈଳୀରେ

Digitized by PPRACHIN, SOA

ଲେଖା ଯାଇଛି । ପାଠକ ଏଥିରେ କିଛି ପ୍ରଶ୍ନ କରୁଛନ୍ତି ଏବଂ ସଂପାଦକ ଉତ୍ତର ଦେଉଛନ୍ତି । ପାଠକ ଜଣଙ୍କ ଡାକ୍ତର ପ୍ରାଣଜୀବନ ମେହେଟା ବୋଲି ଅନୁମାନ କରାଯାଏ ଏବଂ ସଂପାଦକ ହେଉଛନ୍ତି ନିଜେ ମୋହନଦାସ କରମଚନ୍ଦ ଗାନ୍ଧୀ । ଭାରତୀୟ ରାଜନୀତି ଏବଂ ଭାରତୀୟ ସାମାଜିକ ପରିସ୍ଥିତି ଉପରେ ଗାନ୍ଧୀଙ୍କର ଏହା ପ୍ରଥମ ପୁସ୍ତକ । ପୂର୍ବରୁ ସେ ଯେଉଁ ସବୁ ପ୍ରବନ୍ଧ ଲେଖୁଥିଲେ ସେ ସବୁ ପ୍ରବନ୍ଧ ନିର୍ଦ୍ଦିଷ୍ଟ ବିଷୟ ଉପରେ ପର୍ଯ୍ୟବେସିତ ଥିଲା । ନିରାମିଷ ଭୋଜନ, ବର୍ଣ୍ଣ ବୈଷମ୍ୟବାଦ, ସତ୍ୟାଗ୍ରହର ପରିଣାମ, ଜେଲରେ ଅନୁଭୂତି ଏବଂ ଅନେକ ଆନ୍ତର୍ଜାତିକ ବ୍ୟକ୍ତିତ୍ୱଙ୍କ ଉପରେ ସେସବୁ ଲେଖାଥିଲା । ହିନ୍ଦ୍ ସ୍ୱରାଜ କିନ୍ତୁ ଏକ ଭିନ୍ନ ପୁସ୍ତକ । ସତ୍ୟାଗ୍ରହର ଉତ୍କର୍ଷତା ପ୍ରତିପାଦନ କରିବାକୁ ପୁସ୍ତକରେ ଚେଷ୍ଟା କରାଯାଇଛି ।

୧୯୧୦ ମସିହା ଫେବୃୟାରୀ ମାସରେ 'ଚିବା ପ୍ରଭୁ' ନାମକ ଜଣେ ବ୍ୟକ୍ତି ହିନ୍ଦ୍ ସ୍ୱରାଜର କିଛି କପି ଧରି ଡ୍ରର୍ବାନରୁ ବମ୍ବେ ଆସିଲେ । ବମ୍ବେରେ ବହି ଶୁଳ୍କ ବିଭାଗ ଏହି ପୁସ୍ତିକାକୁ ଦେଖିଲା ଏବଂ ପରୀକ୍ଷା କରି ଏହାକୁ ଦେଖିବାକୁ ବହି ଏବଂ 'ଚିବା' ଉଭୟଙ୍କୁ ଅଟକ ରଖିଲା । ଚିବା ପ୍ରଭୁ ଗୁଜୁରାଟି ସଂକଳନ ହିନ୍ଦ୍ ସ୍ୱରାଜର ୪୧୫ଟି କପି ଆଣିଥିଲା ।

ବହିଃଶୁଳ୍କ ବିଭାଗ ଏ ପୁସ୍ତିକାକୁ ବମ୍ବେର ସ୍ୱରାଷ୍ଟ୍ର ବିଭାଗକୁ ପଠାଇଦେଲେ ଏବଂ ସ୍ୱରାଷ୍ଟ୍ର ବିଭାଗ ଏଇ ପୁସ୍ତକର ଇଂରାଜୀ ଅନୁବାଦ କରି ଏକ ନୋଟ୍ ଦେବାକୁ ଆଞ୍ଚଳିକ ପୂର୍ବଦେଶୀୟ ଭାଷା ଅନୁବାଦକଙ୍କୁ ନିର୍ଦ୍ଦେଶ ଦେଲେ । ଭାଷା ଅନୁବାଦକ ଥିଲେ ସୟିଦ୍ ଶାମସୁଦ୍ଦିନ କାଜ୍ରି । ଫେବୃୟାରୀ ମାସ ୧୬ ତାରିଖରେ କାଜ୍ରି ସାହେବ ହିନ୍ଦ୍ ସ୍ୱରାଜର ଇଂରାଜୀ ଅନୁବାଦ ବମ୍ବେର ପୋଲିସ୍ କମିଶନରଙ୍କୁ ଦେଲେ । ନୋଟ୍ ଥିଲା ଠିକ୍ ଏମିତି –

'ହିନ୍ଦ ସ୍ୱରାଜ' ଏକ ବାର୍ତ୍ତାଳାପ । ଏ ବାର୍ତ୍ତାଳାପ ଜଣେ ସଂପାଦକ ଏବଂ ପାଠକଙ୍କ ଭିତରେ । ଭାରତରେ ବର୍ତ୍ତମାନର ରାଜନୈତିକ ଅବସ୍ଥା ଏବଂ ଭାରତର ରାଜନୈତିକ ଭବିଷ୍ୟତ ସଂପର୍କରେ ସଂପାଦକ ବିସ୍ତୃତ ମତ ଦେଇଛନ୍ତି । ପାଠକ ଜଣକ ସାଧାରଣ ଜନତାଙ୍କୁ ପ୍ରତିନିଧିତ୍ୱ କରୁଛି । ସେ ପାଠକ ହୁଏତ ଟ୍ରାନ୍ସବାହଲର ଜଣେ ସତ୍ୟାଗ୍ରହୀ ହୋଇପାରେ । ରାଜନୈତିକ ଆନ୍ଦୋଳନ ମାଧ୍ୟମରେ ବ୍ରିଟିଶ ଶାସନ ଭାରତରୁ ବିତାଡ଼ିତ ହେବା ସେ (ପାଠକ) ଚାହାନ୍ତି । ସଂପାଦକଙ୍କ ଇଚ୍ଛା ମଧ୍ୟ ଠିକ୍ ଅନୁରୂପ । ଭାରତର ଶାସନ ଭାରତୀୟଙ୍କ ହାତକୁ ଯାଉ ସଂପାଦକ ବି ଚାହାଁନ୍ତି । ସଂପାଦକ କିନ୍ତୁ ସଶସ୍ତ୍ର ଆନ୍ଦୋଳନକୁ ପସନ୍ଦ କରନ୍ତି ନାହିଁ । ଏହାର ପରିଣାମ ସଂପର୍କରେ ସେ ବେଶ୍ ସଚେତନ ଅଛନ୍ତି । ଏହା ଟଲଷ୍ଟୟଙ୍କ ମତ ଠାରୁ ଅଲଗା । ଯଦିଓ ସଂପାଦକ ଟଲଷ୍ଟୟଙ୍କ ଦର୍ଶନରୁ ବେଶ୍ ପ୍ରେରଣା ପାଇଛନ୍ତି ।

Digitized by PPRACHIN, SOA

ଭାରତର ଅବସ୍ଥା ସଂପର୍କରେ ସଂପାଦକ ମହାଶୟ ଏଇ ପୁସ୍ତିକାରେ ନିଜର ମନ୍ତବ୍ୟ ରଖିଛନ୍ତି । ପ୍ଲେଗ୍, ଦୁର୍ଭିକ୍ଷ, ଦାରିଦ୍ର୍ୟ, ଏବଂ ଅପରାଧରୁ ଆରମ୍ଭ କରି ରେଲୱେ, ଶିକ୍ଷା, ସଂସ୍କାର, ଓକିଲ, ଡାକ୍ତର ପର୍ଯ୍ୟନ୍ତ ଏପରି ପ୍ରସଂଗ ଉପରେ ଏଥିରେ ସଂପାଦକଙ୍କ ପ୍ରତିକ୍ରିୟା ରହିଛି । ସଂପାଦକ କହନ୍ତି, ଏସବୁ ଭାରତରେ ଇଂରାଜୀ ଶାସନର ଉପଲବ୍ଧି । ଭାରତୀୟ ସଂସ୍କୃତି ଏବଂ ସଭ୍ୟତାକୁ ପଶ୍ଚିମା ସଭ୍ୟତା ଠାରୁ ଦୂରେଇ ରଖିବାକୁ ସଂପାଦକ ଗୁରୁତ୍ୱ ଦିଅନ୍ତି । କାରଣ ପଶ୍ଚିମା ସଂସ୍କୃତି ସହ ମିଶିଲେ ନିର୍ମଳ ଭାରତୀୟ ସଂସ୍କୃତି କଳୁଷିତ ହୋଇଯିବ ।

ସଂପାଦକ କହନ୍ତି – ଇଂରାଜୀ ମାନଙ୍କର ଭାରତରେ ସ୍ଥାନ ନାହିଁ, ଯଦି ସେମାନେ ତାଙ୍କର କ୍ଷତିକାରକ ସଂସ୍କୃତି ଏବଂ ସଭ୍ୟତାକୁ ଭାରତକୁ ଆଣିବାକୁ ଚେଷ୍ଟାରେ ଥାଆନ୍ତି ଏବଂ ଇଂରେଜମାନେ ଭାରତରେ ଗୋଟିଏ ସର୍ତ୍ତରେ ରହି ପାରିବେ ଯଦି ସେମାନେ ତାଙ୍କ ସଭ୍ୟତାର ପ୍ରଚଳନ ଏଠାରେ ନ କରନ୍ତି ।

‘ହିନ୍ଦ୍ ସ୍ୱରାଜ’ରେ କେବଳ ପାଠକର ପ୍ରଶ୍ନ ଏବଂ ସଂପାଦକଙ୍କର ଉତ୍ତର ନାହିଁ । ଏଥିରେ ପାଠକର ନିଜସ୍ୱ ମତ ବି ରହିଛି । ବିପ୍ଳବୀ ଚିନ୍ତାଧାରା ଏବଂ ରାଜନୈତିକ ହତ୍ୟାକୁ ଗ୍ରହଣୀୟ କରି ପାଠକ ତାର ମତ ପ୍ରକାଶ କରିଛି । ସେ କହିଛି, ଆମେ କିଛି ଇଂରେଜଙ୍କୁ ହତ୍ୟାକରି ତାଙ୍କୁ ଭୟଭୀତ କରିବା । ତାପରେ ପ୍ରଶିକ୍ଷିତ ହୋଇଥିବା ଆମର କିଛି ବିପ୍ଳବୀ ଖୋଲା ଖୋଲି ଇଂରେଜଙ୍କ ସହ ଯୁଦ୍ଧ କରିବେ । ଏହା ହୋଇପାରେ, ଏଇ ଯୁଦ୍ଧରେ ଆମର ୨୦ରୁ ୨୫ଲକ୍ଷ ଲୋକ ମୃତ୍ୟୁ ବରଣ କରିପାରନ୍ତି । କିନ୍ତୁ ଶେଷରେ ଆମେ ଯୁଦ୍ଧ ଜିତିବା ଏବଂ ଏ ଦେଶ ଆମର ହୋଇଯିବ । ଆମେ ଗରିଲା ଯୁଦ୍ଧରେ ଇଂରେଜଙ୍କୁ ହଟେଇ ଦେଇ ପାରିବା ।

ପାଠକର ଏଇ ତତ୍ତ୍ୱକୁ ସଂପାଦକ ଖୁବ୍ ଦୃଢ଼ତାର ସହ ନିନ୍ଦା ଏବଂ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ କହିଛନ୍ତି – ରକ୍ତପାତରେ ଭାରତ ସ୍ୱାଧୀନତା ପାଇ ପାରିବ ନାହିଁ । ଯଦିଓ ସେ ଧିଙ୍ଗ୍ରାଙ୍କୁ ଜଣେ ଦେଶ ଭକ୍ତ ବୋଲି ଭାବନ୍ତି, କିନ୍ତୁ ଧିଙ୍ଗ୍ରାଙ୍କ ହିଂସାତ୍ମକ କାର୍ଯ୍ୟକୁ ସେ ଦେଶ ଭକ୍ତି ବୋଲି ମାନନ୍ତି ନାହିଁ । ଧିଙ୍ଗ୍ରାଙ୍କର ହିଂସା ଏକ ନିଛକ ପାଗଳାମି ।

ପାଠକ ପୁଣି ପ୍ରଶ୍ନ କରନ୍ତି – ଧିଙ୍ଗ୍ରାଙ୍କ ଘଟଣା ପରେ ତ ଲର୍ଡ ମୋର୍ଲେ କିଛି ବିଶେଷ ସୁବିଧାର ଘୋଷଣା ଭାରତୀୟଙ୍କ ପାଇଁ କରିଛନ୍ତି ।

ସଂପାଦକ ଉତ୍ତର ଦିଅନ୍ତି – ଏହା ସତ ଯେ କିଛି ସୁବିଧା ଏବଂ ରିହାତି ଲର୍ଡ ମୋର୍ଲେ ଘୋଷଣା କରିଛନ୍ତି । ଏହା କିନ୍ତୁ ଭୟରୁ କରାଯାଇଛି । ଭୟରୁ ଆସିଥିବା ଯେକୌଣସି ସୁବିଧା ତାହା କେବଳ ସେ ଭୟ ଥିବା ପର୍ଯ୍ୟନ୍ତ ହିଁ ଥାଏ । ଭୟ ଚାଲିଗଲେ,

Digitized by PPRACHIN, SOA

ସେ ସୁବିଧା ଚାଲିଯାଏ । ସୁତରାଂ ସଂପାଦକ ଏକ ଶାନ୍ତିର ପନ୍ଥାକୁ ଆପଣାଇବାକୁ କହନ୍ତି । ସେ ଭିତରେ ଅହିଂସ ଆନ୍ଦୋଳନ ବା ପାସିଭ୍ ରେଜିଷ୍ଟାନ୍ସ ରହିଛି । ଏ ଥିଲା ଅନୁବାଦକଙ୍କ ନୋଟ୍ ।

ଅନୁବାଦକଙ୍କ ନୋଟ୍‌କୁ ଆଧାର କରି ବମ୍ବେ ସରକାର ହିନ୍ଦ୍ ସ୍ୱରାଜକୁ ପ୍ରେସ୍ ଆଇନ ଅନୁସାରେ ନିଷେଧ କରିଦେଲେ । ଏହାର ପ୍ରତିବାଦ କରି ମୋହନଦାସ ଭାରତରେ ଗୃହ ସଚୀବଙ୍କ ପାଖକୁ ଚିଠି ଲେଖିଲେ । ଚିଠିରେ ହିନ୍ଦ୍ ସ୍ୱରାଜର ଇଂରାଜୀ କପି ଇଣ୍ଡିଆନ୍ ହୋମ୍ ରୁଲ୍ ପୁସ୍ତିକାକୁ ସେ ସଂଲଗ୍ନ କରିଥିଲେ । ମାଡ୍ରାସରେ ମଧ୍ୟ ଇଂରାଜୀ ଇଣ୍ଡିଆନ୍ ହୋମ୍ ରୁଲ୍ ବହିକୁ ନିଷେଧ କରିଦିଆ ଯାଇଥିଲା ।

ହିନ୍ଦ୍ ସ୍ୱରାଜରେ ମୋହନଦାସ ଭାରତରେ ମେସିନ୍ ପ୍ରଚଳନ, ଇତିହାସ, ଧର୍ମ ବିଦ୍ୱେଷ, ଶିକ୍ଷା ଏବଂ ବ୍ରିଟିଶ ସଂସଦର ଅସହାୟତା, ଭାରତ ଏବଂ ବ୍ରିଟିଶ ରାଜନୈତିକ ଅବସ୍ଥା ସଂପର୍କରେ ଦେଇଥିବା ଚିନ୍ତା ଏକଦମ୍ ଅନନ୍ୟ । ଗାନ୍ଧୀ କହନ୍ତି, ଇତିହାସ କେବଳ ଯୁଦ୍ଧର ହିସାବ ରଖେ । ହିଂସାର ହିସାବ ଦିଏ । ଠିକ୍ ଯେମିତି ଦୁଇ ଭାଇ କଳି କଲେ ବାହାର ଲୋକଙ୍କର ସେଥିରେ ରୁଚିଥାଏ । ପୃଥିବୀରେ ଏବେ ଅନେକ ରାଷ୍ଟ୍ର ଶାନ୍ତିରେ ଅଛନ୍ତି । ଇତିହାସ ତାଙ୍କର ହିସାବ ରଖିନି । ଅହିଂସା ଠାରୁ ଶକ୍ତିଶାଳୀ ଅସ୍ତ୍ର ଏଠି ଆଉ କିଛି ନାହିଁ । ହିନ୍ଦ୍ ସ୍ୱରାଜରେ ଉପସଂହାର ସହ ୨୦ଟି ପରିଚ୍ଛେଦ ରହିଛି ।

ଗାନ୍ଧୀ ପୁଣି କହନ୍ତି- ଇଂରେଜମାନେ ହିନ୍ଦୁ ଏବଂ ମୁସଲମାନଙ୍କ ଭିତରେ ଶତ୍ରୁତାକୁ ଜନ୍ମଗତ କହି ଯେପରି ପ୍ରଚାର କରନ୍ତି, ଏହା ଠିକ୍ ନୁହେଁ । ମୁସଲିମ୍ ସାମ୍ରାଜ୍ୟରେ ହିନ୍ଦୁମାନେ ବେଶ୍ ଉନ୍ନତି କରିଥିଲେ । ଠିକ୍ ସେମିତି ହିନ୍ଦୁ ସମ୍ରାଟଙ୍କ ଅଧୀନରେ ମୁସଲିମମାନେ ଶାନ୍ତିରେ ଥିଲେ । ପ୍ରତ୍ୟେକ ପକ୍ଷ ସ୍ୱୀକାର ବି କରନ୍ତି ପରସ୍ପର ସହ ସଂଗ୍ରାମ କରିବା ଆତ୍ମଘାତୀ ହିଁ ହେବ । ଏହା ନିଶ୍ଚିତ ଯେ, କୌଣସି ବ୍ୟକ୍ତି ନିଜ ଧର୍ମକୁ ଅନ୍ୟ ବ୍ୟକ୍ତିର ଅସ୍ତ୍ର ବା ଭୟ ପାଇଁ ଛାଡ଼ିଦେଇ ପାରିବନି । ଇଂରେଜ ଆସିବା ପରେ ଭାରତରେ ଧର୍ମ ବିଦ୍ୱେଷର ପୁନଃ ଆବିର୍ଭାବ ହୋଇଛି ।

ହିନ୍ଦ୍ ସ୍ୱରାଜ ପୁସ୍ତିକା ନେଇ ଭାରତରେ ଏବଂ ଭାରତ ବାହାରେ ପ୍ରତିକ୍ରିୟା ଆସିଛି । ଉଭୟ ଉଦାରବାଦୀ ଏବଂ ଉଗ୍ରବାଦୀମାନେ ଅସନ୍ତୁଷ୍ଟ ହୋଇଛନ୍ତି ।

ଗାନ୍ଧୀ କିନ୍ତୁ ଏ ସମାଲୋଚନକୁ ନେଇ ନିଜର ପ୍ରତିକ୍ରିୟା ରଖି କହନ୍ତି – ମୋର ସତ୍ୟାଗ୍ରହ ଉପରେ ବିଶ୍ୱାସ ଅଛି । ଆମ ସପକ୍ଷରେ କେତେ ସଂଖ୍ୟକ ଯୋଦ୍ଧା ରହିବେ ତାହା ଅପ୍ରାସଂଗିକ ।।

❖❖❖

Digitized by PPRACHIN, SOA

୩୪

ଟଲ୍‌ଷ୍ଟୟ ଫାର୍ମ

ଲଣ୍ଡନରୁ ୧୯୦୯ ମସିହା ନଭେମ୍ବର ମାସରେ ଏକ ବିଫଳ ମିଶନ ଶେଷ କରି ମୋହନଦାସ ଜୋହନ୍‌ସବର୍ଗ ଫେରିଲା ପରେ ଦେଖିଲେ, ଆନ୍ଦୋଳନ ପାଇଁ ଆଉ ଅର୍ଥ ନାହିଁ । ସବୁ ଅର୍ଥ ଖର୍ଚ୍ଚ ହୋଇଗଲାଣି । ଏପରିକି ଇଣ୍ଡିଆନ୍ ଓପିନିୟନ ଖବର କାଗଜ ପ୍ରକାଶ ପାଇବା କଷ୍ଟ । ଗାନ୍ଧୀ ନିଜ ପୁତୁରା ମଗନଲାଲଙ୍କୁ କହିଦେଲେ, ଇଣ୍ଡିଆନ୍ ଓପିନିୟନ ଯେପରି ବନ୍ଦ ନହେବ, ଦେଖିବ । ଗୋଟିଏ ପୃଷ୍ଠା ହେଲେ ବି ଏହା ଯେପରି ପ୍ରକାଶ ପାଏ ।

ଆନ୍ଦୋଳନ ଚଳିବା ପାଇଁ ଅର୍ଥ ଦରକାର । ସେ ଅର୍ଥ ଆସିବ କୁଆଡୁ, ଏହା ଥିଲା ଗାନ୍ଧୀ ପାଇଁ ଏକ ବଡ଼ ପ୍ରଶ୍ନ ।

ସତ୍ୟାଗ୍ରହରେ ଯୋଗ ଦେଇ ଜେଲ ଯାଉଥିବା ଲୋକଙ୍କ ପରିବାରର ଭରଣ ପୋଷଣ ଦାୟିତ୍ୱ ଗାନ୍ଧୀଙ୍କ ଉପରେ ରହୁଥିଲା । ସତ୍ୟାଗ୍ରହର ଏହା ଏକ ଦୃଢ଼ ନୀତି ଥିଲା । ପାଞ୍ଚ ଜଣିଆ ପରିବାରକୁ ଚଳିବା ପାଇଁ ଯେତିକି ସର୍ବନିମ୍ନ ଅର୍ଥ ଦରକାର, ସତ୍ୟାଗ୍ରହ ଫଣ୍ଡରୁ ତାହା ଦିଆଯାଉଥିଲା । ଯେଉଁମାନେ ଅବିବାହିତ ଥିଲେ ତାଙ୍କ ପାଇଁ ପୃଥକ ଭତ୍ତାର ବନ୍ଦୋବସ୍ତ ଥିଲା । ଏଇ ଭତ୍ତା ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ କଥା ବି ଗାନ୍ଧୀଙ୍କ ପାଖକୁ ଆସୁଥିଲା । ଏହାର ଏକ ସମାଧାନର ବାଟ ଖୋଜୁଥିଲେ ମୋହନଦାସ ଗାନ୍ଧୀ ।

ଭାରତରୁ ଖବର ଆସିଲା, ରତନ ଟାଟା ୨୫ ହଜାର ଟଂକା ସତ୍ୟାଗ୍ରହକୁ ଚାନ୍ଦା ଦେଇଛନ୍ତି । ଗାନ୍ଧୀ ଟିକିଏ ଆଶ୍ୱସ୍ତ ହେଲେ । ରତନ ଟାଟା ଥିଲେ ଭାରତରେ ପ୍ରଥମ ଲୁହା କାରଖାନାର ପ୍ରତିଷ୍ଠାତା ଜାମସେଦ୍ ଟାଟାଙ୍କର ପୁତ୍ର । ଦକ୍ଷିଣ ଆଫ୍ରିକାରେ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ସତ୍ୟାଗ୍ରହ ଆନ୍ଦୋଳନକୁ ରତନ ଟାଟା ସମର୍ଥନ କରୁଥିଲେ । ୨୫ ହଜାର ଟଂକାର ଚେକ୍ ଗୋଖଲେଙ୍କ ପାଖକୁ ରତନ ପଠାଇ ଦେଇଥିଲେ । ଗୋଖଲେଙ୍କ ସର୍ଭାଣ୍ଟ ଅଫ୍ ସୋସାଇଟିର ରତନ ଟାଟା ବି ଜଣେ ସଭ୍ୟ ଥିଲେ ।

Digitized by PPRACHIN, SOA

ଚନ୍ଦା ପାଇଁ ସାଧାରଣ ଆବେଦନଟିଏ କରାଗଲା । ହେନେରି ପୋଲକ ସେତେବେଳେ ଭାରତରେ ଥିଲେ । ଭାରତରେ ପ୍ରାୟ ବର୍ଷେ ରହିଥିଲେ ପୋଲକ । ଦେଶସାରା ବୁଲି ବୁଲି ଦକ୍ଷିଣ ଆଫ୍ରିକାର ସତ୍ୟାଗ୍ରହ ସଂପର୍କରେ ସେ ପ୍ରଚାର କରୁଥିଲେ । ଅର୍ଥ ସାହାଯ୍ୟ କରିବାକୁ ବେଳେବେଳେ ଅନୁରୋଧ କରୁଥିଲେ । ଖୁବ୍ ଅଳ୍ପ ସମୟ ଭିତରେ ଭାରତରୁ ପ୍ରାୟ ପଚାଶ ହଜାର ଟଂକା ଆଦାୟ ହେଲା । ସେ ଟଂକା କିଛି ହିନ୍ଦୁ ମହାରାଜା, ମୁସଲିମ୍ ନୱାବ, ପାର୍ଶି ଲକ୍ଷପତି, ଖ୍ରୀଷ୍ଟିଆନ୍ ଧନୀ ଏବଂ ଭାରତର ବଢ଼ନ୍ତା ମଧ୍ୟବର୍ଗୀଙ୍କ ଠାରୁ ଆଦାୟ ହୋଇଥିଲା ।

ଜୋହନ୍‌ସବର୍ଗର ତାମିଲ ମହିଳାମାନେ ଗାନ୍ଧୀଙ୍କୁ ସାକ୍ଷାତ କଲେ । ଆନ୍ଦୋଳନକୁ ସମର୍ଥନ ଦେବାକୁ ସେମାନେ ପ୍ରତିଜ୍ଞା କଲେ । ସମର୍ଥନର ନିଦର୍ଶନ ଭାବେ ସେମାନେ ନିଜ ଅଳଙ୍କାର, ସୁନା କାଚ, ସୁନା ହାର, ସୁନା ମୁଦି ଏବଂ କାନର ପିନ୍ଧା ସୁନାଫୁଲ ସେମାନେ ଗାନ୍ଧୀଙ୍କୁ ଦାନ କରିଦେଲେ ଏବଂ ଶପଥ ବି କଲେ, ସତ୍ୟାଗ୍ରହ ଶେଷ ନହେବା ପର୍ଯ୍ୟନ୍ତ ସେମାନେ ଆଉ ନୂଆ ଅଳଂକାର ପିନ୍ଧିବେନି । ଗୋଟାଏ ବିରାଟ ଜ୍ୟୋତି ମଣ୍ଡଳ ଯେମିତି ଆକର୍ଷିତ କରିଦେଇଥିଲା ସମସ୍ତଙ୍କୁ । ବ୍ୟକ୍ତିଗତ ଯନ୍ତ୍ରଣା ଏବଂ ତ୍ୟାଗ ଯେପରି ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ପାଇଁ ଏକ ଉପଭୋଗ୍ୟ ବସ୍ତୁ ହୋଇଯାଇଥିଲା । ଏସବୁ ସ୍ୱଇଚ୍ଛାରେ ହେଉଥିଲା ।

ଏସିଆଟିକ୍ ଆଇନ ୨୦୦୭ରେ କିଛି ପରିବର୍ତ୍ତନ ଆଭାସ ପାଉ ନଥିଲେ ଗାନ୍ଧୀ । ସତ୍ୟାଗ୍ରହ ଆନ୍ଦୋଳନ ପ୍ରତି ଗୋରା ସରକାରର କିଛି ଭ୍ରୂକ୍ଷେପ ବି ନଥିଲା । ଜୋହନ୍‌ସବର୍ଗର ଏକ ମସ୍‌ଜିଦ୍‌ରେ ସତ୍ୟାଗ୍ରହର ପରବର୍ତ୍ତୀ ପଦକ୍ଷେପ ନେଇ ସଭା ବସିଲା । ଗାନ୍ଧୀ ଘୋଷଣା କଲେ, ସେ ପୁଣି ଜେଲ ଯିବେ ଏବଂ ତାଙ୍କ ସହ ତାଙ୍କର ସତର ବର୍ଷୀୟ ପୁତ୍ର ମଣିଲାଲ ଜେଲ ଯିବ ଏବଂ ଆଉ ଜଣେ ବାରିଷ୍ଟର ବି ଜେଲ ଯିବେ । ବାରିଷ୍ଟର ଥିଲେ ମିଷ୍ଟର ଯୋଶେଫ ରଏପନ୍ । ରଏପନ୍ କେମ୍ବ୍ରିଜରୁ ଆଇନ ପଢ଼ି ଟ୍ରାନ୍‌ସବାହାଲ ଆସିଥିଲେ । ଗାନ୍ଧୀଙ୍କ ସତ୍ୟାଗ୍ରହର ସେ ଜଣେ ସକ୍ରିୟ ସଦସ୍ୟ ହୋଇଯାଇଥିଲେ ।

ଜେନେରାଲ ସ୍ମଟସ୍‌ଙ୍କ ଶାସନ ସତ୍ୟାଗ୍ରହୀଙ୍କୁ ଜେଲରେ କଠୋର କଷ୍ଟ ଦେଉଥିଲା । ସତ୍ୟାଗ୍ରହୀମାନଙ୍କୁ ଶାରିରୀକ ପରିଶ୍ରମ କରିବାକୁ ପଡୁଥିଲା । ସେମାନେ ପଥର ଭାଂଗୁଥିଲେ । ମାଟି ଖୋଳୁଥିଲେ । ଭଂଗା ପଥର ମାଡ଼ରେ ରୁସ୍ତମଜୀଙ୍କର ଗୋଟିଏ ଆଖି ନଷ୍ଟ ହୋଇଯାଇଥିଲା । ମିସ୍ ସେଲସିନ୍ ସାଇକେଲରେ ବୁଲି ବୁଲି ଜେଲରେ ସତ୍ୟାଗ୍ରହୀମାନଙ୍କୁ ଖାଦ୍ୟ ଏବଂ ଔଷଧ ବାଣ୍ଟି ଆସୁଥିଲେ ।

ଦକ୍ଷିଣ ଆଫ୍ରିକା ଜେଲରେ ହେଉଥିବା ଭାରତୀୟ ରାଜନୈତିକ କଏଦୀଙ୍କର

Digitized by PPRACHIN, SOA

ଦମନ କଥା ଭାରତରେ ବି ପ୍ରଚାରିତ ହେଲା । ଭାଇସରାୟଙ୍କ ଲେଜିସ୍‌ଲେଟିଭ କାଉନସିଲରେ ଗୋଖଲେ ଏକ ବିଲ୍ ପେଶ୍ କଲେ । ବିଲ୍‌ରେ ଥିଲା, ଭାରତରୁ ଏଣିକି ଦାଦନ ଶ୍ରମିକ ଦକ୍ଷିଣ ଆଫ୍ରିକା ଯିବା ଉଚିତ ନୁହେଁ । ଭାରତ ସରକାର ଏହା ବନ୍ଦ କରିବା ଦରକାର । ଗୋଖଲେଙ୍କ ଏଇ ପ୍ରସ୍ତାବକୁ ଏମ୍.ଏ. ଜିହ୍ନା ସମର୍ଥନ କରିଥିଲେ ।

ଭାରତରେ ହେଉଥିବା ଏଇ ପ୍ରତିକ୍ରିୟା ଏବଂ ଘଟଣା ପ୍ରବାହର ଟ୍ରାନ୍‌ସବାହାଲ ସରକାରଙ୍କ ଉପରେ କିଛି ପ୍ରଭାବ ନଥିଲା । ମଣିଲାଲଙ୍କୁ ଗିରଫ କରି ତାଙ୍କୁ ଜେଲ ଭିତରେ ଏକାକୀ ଭାବେ ରଖିଦିଆଗଲା । ଗାନ୍ଧୀଙ୍କ ପରିବାରର ଅର୍ଦ୍ଧେକଙ୍କୁ ଜେଲ ଜୀବନ କାଟିବାକୁ ସ୍ମଟସ୍ ବାଧ୍ୟ କରିଥିଲେ ।

୧୯୧୦ ମସିହା ଜୁନ୍ ମାସ ୧ ତାରିଖରେ ଦକ୍ଷିଣ ଆଫ୍ରିକାରେ ଏକ 'ୟୁନିୟନ' ସରକାରୀ ଭାବେ ପ୍ରତିଷ୍ଠା ହେଲା । ନାଁ ଥିଲା ୟୁନିୟନ ଅଫ୍ ସାଉଥ୍ ଆଫ୍ରିକା । ସରକାରୀ ଗେଜେଟ୍‌ରେ ଏହା ପ୍ରକାଶ ପାଇଲା । ନୋଟିଫିକେସନରେ ଥିଲା – ଟ୍ରାନ୍‌ସବାହାଲ, ନାଟାଲ, ଅରେଞ୍ଜ ଫ୍ରି ଷ୍ଟେଟ୍ ଏବଂ କେପ୍, ଏଇ ଚାରୋଟି ରାଜ୍ୟକୁ ନେଇ ଦକ୍ଷିଣ ଆଫ୍ରିକା ୟୁନିୟନ ପ୍ରତିଷ୍ଠିତ ହେବ । ଏଇ ୟୁନିୟନର ଗୋଟିଏ ମାତ୍ର ସଂସଦ ରହିବ । ଏବଂ ଏଇ ସଂସଦରେ କେବଳ ଗୋରାମାନେ ହିଁ ପ୍ରତିନିଧି ରହିବେ । ୟୁନିୟନର ଜଣେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବେ । ପ୍ରଧାନମନ୍ତ୍ରୀଙ୍କର ଗୋଟିଏ ମନ୍ତ୍ରୀ ମଣ୍ଡଳ ରହିବ । ଏବଂ ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ପରିଚାଳନା ପାଇଁ ଜଣେ ଗଭର୍ଣ୍ଣର ଜେନେରାଲ ରହିବେ । ଗଭର୍ଣ୍ଣର ଜେନେରାଲ ଲଣ୍ଡନ ସମ୍ରାଟଙ୍କ ଦ୍ୱାରା ନିଯୁକ୍ତି ପାଇବେ ।

ୟୁନିୟନ ଗଠନ ପରେ ଗାନ୍ଧୀ ନିଶ୍ଚିତ ହୋଇଗଲେ, ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ ଆଉ ଶେଷ ହେବାର ନାହିଁ । କାରଣ ଦକ୍ଷିଣ ଆଫ୍ରିକାର ବୋଅର ଜେନେରାଲମାନେ ତାଙ୍କ ଭୋଗ ଦଖଲରେ ଥିବା ଗୋଟିଏ ମାତ୍ର ଇଞ୍ଚ ଜମି ଅନ୍ୟକୁ ଦେବାକୁ ନାରାଜ । ଏବଂ ଏସିୟ ସତ୍ୟାଗ୍ରହୀମାନେ ମଧ୍ୟ ସଂଖ୍ୟାରେ କମ୍ ହେଲେ ବି ମୃତ୍ୟୁ ପର୍ଯ୍ୟନ୍ତ ସଂଘର୍ଷ କରିବାକୁ ସଂକଳ୍ପବଦ୍ଧ । ଗାନ୍ଧୀ ତେଣୁ ସତ୍ୟାଗ୍ରହୀଙ୍କ ପରିବାରର ଭରଣ ପୋଷଣ ପାଇଁ ଜୋହନସବର୍ଗ ପାଖରେ ଫିନିକ୍ସ ଆଶ୍ରମ ପରି ଆଉ ଏକ ବସତି ଚାହୁଁଥିଲେ । ଫିନିକ୍ସର ଦୂରତା ଜୋହନ୍‌ସବର୍ଗରୁ ପ୍ରାୟ ୩୦୦ ମାଇଲ ଥିଲା ଏବଂ ଟ୍ରେନରେ ପ୍ରାୟ ୩୦ ଘଣ୍ଟା ସମୟ ଲାଗୁଥିଲା ।

ମେ' ମାସ ୩୦ ତାରିଖ ୧୯୧୦ ମସିହାରେ ପ୍ରାୟ ୧୧୦୦ ଏକର ଜମି କିଣି କେଲିନବେକ୍ ଗାନ୍ଧୀଙ୍କୁ ଉପହାର ଦେଲେ । ଏଇ ଜମିରେ ପ୍ରାୟ ଏକ ହଜାର ଫଳ ଗଛ ଥିଲା । ପାଣି ପାଇଁ ଦୁଇଟି କୂଅ ଥିଲା ଏବଂ ପାଖରେ ଏକ ଝରଣା ବୋହି ଯାଉଥିଲା । ଗାନ୍ଧୀ ଏହାକୁ ସତ୍ୟାଗ୍ରହୀ ପରିବାର ପାଇଁ ଏକ ଉପଯୁକ୍ତ ଆଶ୍ରୟସ୍ଥଳୀ

Digitized by PPRACHIN, SOA

ଭାବେ ବିବେଚନା କଲେ ଏବଂ ଏଥିରେ ଲୋକଙ୍କ ରହିବା ପାଇଁ ଘର ତିଆରି କରିଦେଲେ ।

ଫାର୍ମଟି ବହୁତ ସୁନ୍ଦର ଥିଲା । 'ଲଏଲି' ରେଳ ଷ୍ଟେସନ ଠାରୁ ଏଇ ଫାର୍ମର ଦୂରତା ଥିଲା ମାତ୍ର ଏକ ମାଇଲ ଏବଂ ଜୋହନ୍ସବର୍ଗରୁ ପ୍ରାୟ ୧୧ ମାଇଲ । ଟଲଷ୍ଟୟଙ୍କ ନାଁ ଅନୁସାରେ ଏହାର ନାଁ ଦିଆଗଲା ଟଲଷ୍ଟୟ ଫାର୍ମ । ଏମିତି ଏକ ଫାର୍ମ ସଂପର୍କରେ ଟଲଷ୍ଟୟଙ୍କୁ ବି ଗାନ୍ଧୀ ଚିଠି ମାଧ୍ୟମରେ ଜଣାଇଦେଲେ । ଦୁଃଖ ଏତିକି ଥିଲା ଯେ ଟଲଷ୍ଟୟ ନିଜ ନାମରେ ନାମିତ ଫାର୍ମ ସଂପର୍କରେ ଅଧିକ କିଛି ଜାଣିବା ପୂର୍ବରୁ ମୃତ୍ୟୁବରଣ କରିଥିଲେ ।

ମୋହନଦାସ କରମ ଚାନ୍ଦ ଗାନ୍ଧୀ ଏକ ସ୍ୱପ୍ନ ବିଳାସୀ ଗ୍ରାମୀଣ ଜୀବନର ପ୍ରଶଂସକ ଥିଲେ । ଏପରି ଗ୍ରାମୀଣ ଜୀବନ ଜୀଇଁବାକୁ ଗାନ୍ଧୀ ପସନ୍ଦ ବି କରୁଥିଲେ । କୁହାଯାଏ, ଏହା ଥିଲା ମୋହନଙ୍କର ରୋମାଣ୍ଟିକ୍ ରୁରାଲଜିମ୍ । ଟଲଷ୍ଟୟ ଫାର୍ମରେ ପ୍ରଥମ ଦିନ ଗାନ୍ଧୀ, ତାଙ୍କ ପୁତ୍ର ମଣିଲାଲ ଏବଂ ବନ୍ଧୁ କେଲିନବେକ୍ ରହିଥିଲେ । ପରବର୍ତ୍ତୀ ସମୟରେ କସ୍ତୁରବା ଏବଂ ଅନ୍ୟ ପିଲାମାନେ ସେଠାକୁ ଆସିଥିଲେ । ହରିଲାଲ ସେବେ ଜେଲରେ ଥିଲେ । ବୋହୂ ଚଞ୍ଚଲ ଏବଂ ତାଙ୍କ ପିଲାଙ୍କୁ ଗାନ୍ଧୀ ଭାରତ ପଠାଇ ଦେଇଥିଲେ ।

ମାରିୟାନା ହିଲସ୍‌ରେ ଜର୍ମାନ ସାଧୁ, 'ଟ୍ରାପିଷ୍ଟ'ମାନଙ୍କର ଆଶ୍ରମ ଦେଖିଲା ବେଳେ ଗାନ୍ଧୀ ଗ୍ରାମୀଣ ପରିବେଶ ଭିତରେ ଏକ ସ୍ୱାବଲମ୍ବୀ ଆଶ୍ରମର ଚିନ୍ତା କରିଥିଲେ । ଫିନକ୍ସ ତା'ର ଏକ ସାମାନ୍ୟ ସମାଧାନ ଥିଲା ଏବଂ ଟଲଷ୍ଟୟ ଏଇ କଳ୍ପନାର ଏକ ବଡ଼ ବାସ୍ତବ ରୂପାନ୍ତର ଥିଲା । ଟଲଷ୍ଟୟ ଫାର୍ମରେ ବିଭିନ୍ନ ଭାଷା, ସଂପ୍ରଦାୟର ଲୋକେ ରହୁଥିଲେ । ସମସ୍ତଙ୍କ ପାଇଁ ଥିଲା ଗୋଟିଏ ପ୍ରକାରର ଖାଦ୍ୟ । ପୁରାପୁରି ନିରାମିଷ । ମାଂସ, ମଦ ଏବଂ ସିଗାରେଟ୍ ଖାଇବା ଏଇ ଆଶ୍ରମରେ ମନା ଥିଲା ।

ପିଲାଙ୍କ ପାଠ ପଢ଼ା ପାଇଁ ଟଲଷ୍ଟୟ ଫାର୍ମରେ ସ୍କୁଲଟିଏ କରାଯାଇଥିଲା । ଏହା ଏକ ସହଶିକ୍ଷାର ବିଦ୍ୟାଳୟ ଥିଲା । ପୁଅ ଝିଅ ଏଠି ଏକାଠି ପଢୁଥିଲେ । ଗାନ୍ଧୀ ଏବଂ କେଲିନ୍‌ବେକ୍ ଶିକ୍ଷକ ହୋଇ ପାଠ ପଢ଼ାଉଥିଲେ । ପୁଅ ଝିଅମାନେ ଏକାଠି ବି ଶୟନ କରୁଥିଲେ । ଏକାଠି ଏମାନେ ସ୍ନାନ କରୁଥିଲେ । ଯଦିଓ ବା ବେଳେବେଳେ କସ୍ତୁରବା ଏପରି ବ୍ୟବସ୍ଥା ଉପରେ ନିଜର ଅସନ୍ତୋଷ ପ୍ରକାଶ କରୁଥିଲେ । ଗାନ୍ଧୀ ଉତ୍ତର ଦେଉଥିଲେ, ଏହା ଏକ ପରୀକ୍ଷା । ସଂଯମତାର ଏକ ଅଦ୍‌ଭୁତ ପରୀକ୍ଷା । ସେ ପରୀକ୍ଷା ଏବେ ଗାନ୍ଧୀ କରିଥାଆନ୍ତେ କି ନା ଏହା ଅବଶ୍ୟ ଏକ ପ୍ରଶ୍ନବାଚୀ । ପରିବର୍ତ୍ତୀ ସମୟରେ ଗାନ୍ଧୀ ତାଙ୍କର ଜୀବନୀ ଲେଖିଲାବେଳେ ଏମିତି ଏକ ବ୍ୟବସ୍ଥା ଏବେ ଲାଗୁ କରିବାକୁ ସେ ସାହସ କରିନଥାନ୍ତେ ବୋଲି ପ୍ରକାଶ ବି କରିଛନ୍ତି ।

Digitized by PPRACHIN, SOA

ଟଲଷ୍ଟୟ ଫାର୍ମରେ ଜୋତା ଏବଂ ସାଣ୍ଡାଲ ତିଆରିରେ ଏକ କ୍ଷୁଦ୍ର ଶିଳ୍ପ କେଲିନ୍‌ବେକ୍ ଗଢ଼ିଥିଲେ । ନିଜେ ସେ ଟ୍ରାପିଷ୍ଟ ଫାର୍ମରୁ ଜୋତା ତିଆରି ଶିଖି ଆସିଥିଲେ । ପିଲାଙ୍କୁ ସେ ଜୋତା ପ୍ରସ୍ତୁତି ଏବଂ କାଠ କାମ ଶିଖାଉଥିଲେ ।

ଟଲଷ୍ଟୟ ଫାର୍ମ ଥିଲା ଏକ ସ୍ୱୟଂ ସଂପନ୍ନ ଫାର୍ମ । ଏହାର ଶୃଙ୍ଖଳା ଥିଲା ଅତି କଠୋର । ଝିଅଙ୍କ ପ୍ରତି ପୁଅଙ୍କର ଦୈହିକ ଆକର୍ଷଣର ଆଭାସ ମିଳିଲେ ଝିଅମାନଙ୍କର ଆକର୍ଷଣର କାରଣ ଥିବା ମୁଣ୍ଡର ଲମ୍ୱା କେଶକୁ କାଟି ଦେବାକୁ ନିର୍ଦ୍ଦେଶ ଆସୁଥିଲା । ଗାନ୍ଧୀ ଏକ ଗୃହୀ ସନ୍ନ୍ୟାସୀ ହୋଇ ଯାଇଥିଲେ ଟଲଷ୍ଟୟ ଫାର୍ମରେ । ଶିକ୍ଷକ, ଡାକ୍ତର, ବାପୁ ଏପରି ବିଭିନ୍ନ ରୂପରେ ସେ ପରିଚିତ ଥିଲେ ।

୧୯୧୧ ମସିହା ଜାନୁୟାରୀ ପ୍ରଥମ ସପ୍ତାହରେ ନୂଆ ପ୍ରବାସ ବିଦେଶୀ ବିଲ୍‌ର ପ୍ରସ୍ତାବ ରାଜପତ୍ର (ଗେଜେଟ୍)ରେ ପ୍ରକାଶ ପାଇଲା । ଏଇ ବିଲ୍‌ରେ ଭାରତୀୟଙ୍କ ପ୍ରତି ସେମିତି କିଛି ରିହାତିର ବ୍ୟବସ୍ଥା ନଥିଲା । ଗାନ୍ଧୀ ସ୍ଥିର କଲେ, ସତ୍ୟାଗ୍ରହ ପୁଣି ଚାଲୁ ହେବ ଏବଂ ପୂର୍ବ ଠାରୁ ଏହା ଆହୁରି କଠୋର ହେବ । ଯଦି ଦରକାର ହୁଏ ଏଥିରେ ମହିଳାମାନେ ଜେଲ ଯିବେ । ପୂର୍ବରୁ 'ରମାଭାଇ ସୋଧା' ନାମକ ଜଣେ ମହିଳାଙ୍କୁ ପୋଲିସ୍ ଜେଲ ପଠାଇ ସାରିଥିଲେ । ଶ୍ରୀମତୀ ସୋଧା ନାତାଲ ସୀମା ପାର ହୋଇ ଟ୍ରାନ୍‌ସବାହାଲ ଆସୁଥିବା ବେଳେ ତାଙ୍କୁ ଗିରଫ କରାଯାଇଥିଲା । ଶ୍ରୀମତୀ ସୋଧାଙ୍କର ସ୍ୱାମୀ ମଧ୍ୟ ବହୁ ପୂର୍ବରୁ ସତ୍ୟାଗ୍ରହୀ ଭାବେ ଜେଲରେ ରହିଥିଲେ ।

ନୂଆ ଇମିଗ୍ରେସନ ଆଇନ ସଂପର୍କରେ ଜେନେରାଲ ସ୍ମଟସଙ୍କ ସହ ସାକ୍ଷାତ ପାଇଁ ଗାନ୍ଧୀ ଅନୁମତି ମାଗିଲେ । ସ୍ମଟସ୍ ଅନୁମତି ଦେଲେ ଗାନ୍ଧୀଙ୍କୁ । ସାକ୍ଷାତର ସମୟ ଠିକ୍ ହେଲା, ୧୯୧୧ ମସିହା ଏପ୍ରିଲ ମାସ ୧୯ ତାରିଖ ସକାଳ ସାଢ଼େ ଏଗାର ।

ନିର୍ଦ୍ଧାରିତ ସମୟରେ ମିଟିଂ ଆରମ୍ଭ ହେଲା । ଆଫ୍ରିକୀୟ ୟୁନିୟନ ସଂପର୍କରେ ବେଶ୍ କିଛି ସମୟ ଆଲୋଚନା ଚାଲିଲା । ମଝିରେ ଆଲୋଚନାର ହଠାତ୍ ମୋଡ଼ ବଦଳାଇ ସ୍ମଟସ୍ ପ୍ରଶ୍ନ କଲେ ଗାନ୍ଧୀଙ୍କୁ :

ସ୍ମଟସ୍ - ଗାନ୍ଧୀ ! ନିଜେ ଚଳିବା ପାଇଁ ତୁମେ ଏବେ କ'ଣ କରୁଛ ?

ଗାନ୍ଧୀ - ବର୍ତ୍ତମାନ ମୁଁ ଆଉ ଓକିଲାତି କରୁନାହିଁ ।

ସ୍ମଟସ୍ - ଚଳୁଛ କେମିତି ? ବହୁତ ପଇସା ରଖିଛ ?

ଗାନ୍ଧୀ - ମୁଁ ଏକ ଗରିବ ଏବଂ ଦୁଃସ୍ଥ ଜୀବନ ଯାପନ କରୁଛି । ଯେପରି ଅନ୍ୟ ସତ୍ୟାଗ୍ରହୀ ଆନ୍ଦୋଳନକାରୀମାନେ ଟଲଷ୍ଟୟ ଫାର୍ମରେ ଜୀବନ କାଟୁଛନ୍ତି ।

ସ୍ମଟସ୍- ସେ ଫାର୍ମ କାହାର ?

Digitized by PPRACHIN, SOA

ଗାନ୍ଧୀ – ଏହା କେଲିନ୍‌ବେକ୍‌ଙ୍କର । ସେ ଜଣେ ଜର୍ମାନ୍ ।

ସ୍ମଟସ୍ – (ଟିକିଏ ହସି) ଓଃ ସେ ପୁରୁଣା କେଲିନ୍‌ବେକ୍ । ତୁମର ସେ ଜଣେ ବଡ଼ ପ୍ରଶଂସକ । ମୁଁ ତାଙ୍କୁ ଜାଣେ ।

ଗାନ୍ଧୀ – ସେ ମୋର ପ୍ରଶଂସକ କି ନା ମୁଁ ଜାଣେନା । ଆମେ ଦୁଇଜଣ ନିଶ୍ଚିତ ଭାବେ ଭଲ ବନ୍ଧୁ ।

ସ୍ମଟସ୍ – ମୁଁ ତୁମ ଫାର୍ମକୁ ନିଶ୍ଚିତ ଭାବେ ଯିବି । ଫାର୍ମ କେଉଁଠି ?

ଗାନ୍ଧୀ – ଲଏଲି ପାଖରେ ।

ସ୍ମଟସ୍ – ମୁଁ ଲଏଲି କେଉଁଠି ଜାଣେ । ଭିରିନିଜିଙ୍ଗ୍ ବାଟରେ ବଡିବ । ରେଳ ଷ୍ଟେସନରୁ କେତେ ବାଟ ?

ଗାନ୍ଧୀ – ପ୍ରାୟ ୨୦ ମିନିଟର ବାଟ । ଆପଣ ସେଠାକୁ ଆସିଲେ ଖୁସି ହେବୁ ।

ସ୍ମଟସ୍ – ହଁ, ମୁଁ ନିଶ୍ଚୟ ଗୋଟାଏ ଦିନ ସେଠାକୁ ଯିବି । ଏତିକି କହି ସ୍ମଟସ୍ ହଠାତ୍ ଉଠିପଡ଼ିଲେ । ଗୁଡ୍ ବାଏ କହିଲେ । ଗାନ୍ଧୀ ଛିଡ଼ା ହେଲେ । ଏବଂ ପ୍ରଶ୍ନ କଲେ –

ଗାନ୍ଧୀ – ଆପଣ କ'ଣ ଭାବନ୍ତି, ଟ୍ରାନ୍ସବାହାଲ ଆଇନର ସଂଶୋଧନ କରି ହେବନି ? ମୁଁ କିନ୍ତୁ ଏଥିରେ କିଛି ଅସୁବିଧା ଦେଖୁନାହିଁ ।

ସ୍ମଟସ୍ – ମୁଁ ତୁମକୁ ସାହାଯ୍ୟ କରିବାକୁ ଚାହେଁ । ଯଦି ବ୍ୟକ୍ତିଗତ କାହାର କିଛି ଅସୁବିଧା ଥାଏ, ମୋ ପାଖକୁ ଆସିବ । ମୁଁ କାହାକୁ ଅଯଥାରେ ଜେଲ ପଠାଇବାକୁ ଚାହେଁନି ।

ସ୍ମଟସ୍‌ଙ୍କ ସହ ଆଲୋଚନାରେ ମୋହନଦାସ ପରିବର୍ତ୍ତନର ଏକ ଆଭାସ ପାଇଥିଲେ । ଦକ୍ଷିଣ ଆଫ୍ରିକାରେ ଭାରତୀୟ ସମସ୍ୟାର ସମାଧାନ ପାଇଁ କିଛି ଆଶା ଦେଖିଥିଲେ । ଆଲୋଚନା ପରେ ସ୍ମଟସ୍ ବି ଏକ ଚିଠି ଦେଇଥିଲେ ମୋହନଦାସଙ୍କୁ । ଚିଠିରେ ସ୍ମଟସ୍ ଉଲ୍ଲେଖ କରିଥିଲେ- ଭାରତୀୟମାନଙ୍କ ନାଯ୍ୟ ଦାବିକୁ ସଂସଦର ଆସନ୍ତା ଅଧିବେଶନରେ ଗ୍ରହଣ କରାଯିବ ଏବଂ ଦାବି ହାସଲ ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହିଁ ଏକ ସଠିକ ପନ୍ଥା ।

କୌଣସି ଆନ୍ଦୋଳନର ଲକ୍ଷ୍ୟ ଏବଂ ପନ୍ଥା ସଠିକ ଏବଂ ସ୍ୱଚ୍ଛ ରହିଲେ ଆନ୍ଦୋଳନରେ ହିଁ ସଫଳତା ଆସେ ॥

❖❖❖

Digitized by PPRACHIN, SOA

୩୫

ହରିଲାଲଙ୍କ ଦୁଃଖ

ହରିଲାଲ ନିଜ ବାପା ମୋହନଦାସଙ୍କ ଉପରେ ଖୁସି ନଥିଲେ । ବେଳେବେଳେ ସେ 'ବାପୁ'ଙ୍କ ଉପରେ ରାଗୁଥିଲେ । ଚିଡ୍ ଚିଡ୍ ହେଉଥିଲେ । ରୋଜଗାର ପାଇଁ ହରିଲାଲଙ୍କର କିଛି ଉଚ୍ଚ ଯୋଗ୍ୟତା ନଥିଲା । ଘରେ ସ୍ତ୍ରୀ ଏବଂ ଦୁଇଟା ପିଲା । ପ୍ରଥମେ ଝିଅ ହୋଇଥିଲା ଏବଂ ଦ୍ୱିତୀୟଟି ଥିଲା ପୁଅ । ପୁଅ ଭାରତରେ ଜନ୍ମ ହୋଇଥିଲା । ହରିଲାଲ ଜେଲରେ ଥିବାବେଳେ ମୋହନଦାସ ତାଙ୍କ ବୋହୂ ଚଞ୍ଚଳକୁ ଭାରତରେ ତାଙ୍କ ବାପା ଘରକୁ ପଠାଇ ଦେଇଥିଲେ । ଚଞ୍ଚଳଙ୍କ ବାପା ଘର ରାଜକୋଟରେ ।

ଭାରତ ଫେରିଯିବାକୁ ହରିଲାଲ ବି ଚାହୁଁଥିଲେ । ଯୋଜନା ଥିଲା ଭାରତରେ ସେ ମାଟ୍ରିକ୍ ପରୀକ୍ଷା ଦେବେ । ନିଜ ସ୍ତ୍ରୀ ପିଲାଙ୍କ କଥା ବୁଝିବେ ।

ଗାନ୍ଧୀ କିନ୍ତୁ ହରିଲାଲଙ୍କୁ ଏଥିରେ ସମର୍ଥନ କରୁନଥିଲେ । ଗାନ୍ଧୀ ବି ଚାହୁଁଥିଲେ, ହରିଲାଲ ଭାରତ ନଯା'ଆନ୍ତୁ । କାରଣ ଦେଉଥିଲେ, ହରିଲାଲଙ୍କୁ ଭାରତ ପଠାଇବାକୁ ତାଙ୍କ ପାଖରେ ଏତେ ଟଂକା ନାହିଁ । ସେ ଗରିବ ହୋଇ ଗଲେଣି ।

ହରିଲାଲ ବାପାଙ୍କ ଉପରେ ରାଗିଥିଲେ, ଯେତେବେଳେ ବାପାଙ୍କ ନିର୍ଦ୍ଦେଶରେ ମା କସ୍ତୁରବା ଫିନିକ୍ସ ଛାଡ଼ି ଟଲଷ୍ଟୟ ଫାର୍ମ ଆସିଲେ । ମା' ଜୋହନସବର୍ଗରେ ଫାର୍ମରେ ରହିବେ ଏବଂ ଅନ୍ୟ ପିଲାମାନେ ଏକାକୀ ଫିନିକ୍ସରେ ରହିବେ, ଏକଥାକୁ ପସନ୍ଦ କରି ପାରୁନଥିଲେ ହରିଲାଲ ।

ହରିଲାଲଙ୍କ ବ୍ୟବହାରକୁ ଲକ୍ଷ୍ୟ କରୁଥିଲେ ମୋହନଦାସ । ବ୍ୟବହାର ତାଙ୍କୁ କେମିତି ଭଲ ଲାଗୁନଥିଲା । ହରିଲାଲଙ୍କୁ ବୁଝାଇବାକୁ ମଗନଲାଲଙ୍କୁ ଗାନ୍ଧୀ ଅନୁରୋଧ କଲେ ।

ହରିଲାଲଙ୍କ ଏକମାତ୍ର ଚିନ୍ତା ଥିଲା, ସେ କେମିତି ଭାରତ ଯିବେ । ୧୯୧୧ ମସିହା ମେ ମାସ ପ୍ରଥମ ସପ୍ତାହରେ ହରିଲାଲ ଫିନିକ୍ସରୁ ଜୋହନସବର୍ଗ ଆସିଲେ । ଜୋହନସବର୍ଗରେ ସତ୍ୟାଗ୍ରହୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଥିଲା । ସମ୍ବର୍ଦ୍ଧନା ସଭାରେ ଯୋଗ

Digitized by PPRACHIN, SOA

ଦେଲେ ହରିଲାଲ । ଏଥିରେ ଭାଷଣ ଦେଲେ । ଭାରତୀୟ ସମସ୍ୟା ସମାଧାନର ଟିକିଏ ଆଶା ସଂଚର ହେବା କଥା ଶୁଣି ଖୁସି ବି ହେଲେ । ସଭା ଶେଷରେ ଟଲଷ୍ଟୟ ଫାର୍ମକୁ ଫେରିଲେ ହରିଲାଲ ।

ଟଲଷ୍ଟୟ ଫାର୍ମରେ ନିଜ ବ୍ୟବହାର କରୁଥିବା କିଛି ଜିନିଷ ଥିଲା ହରିଲାଲଙ୍କର । ସେ ଜିନିଷ ସବୁ ସେ ସଜାଡ଼ିଲେ । ବାପା ମୋହନଦାସଙ୍କ ଫଟୋ ସଂଗ୍ରହ କରି ସେ ନିଜ ପାଖରେ ରଖିଲେ ଏବଂ କାହାକୁ କିଛି ନକହି ଅତର୍କିତ ଭାବେ ହରିଲାଲ ଜୋହନସବର୍ଗରୁ ଗାଡ଼ି ଧରି ଜାହାଜରେ ଭାରତ ଫେରିଯିବା ପାଇଁ ଡ଼େଲଗାଓଁବେ ପାଖକୁ ଗଲେ ।

ହରିଲାଲଙ୍କୁ ଗାନ୍ଧୀ ବହୁତ ଖୋଜିଲେ । ଖୋଜିବା ପାଇଁ ସେ କିଛି ଆଶ୍ରମ ପିଲାଙ୍କୁ ସାଂଗରେ ନେଇଥିଲେ । ସମସ୍ତଙ୍କୁ ଗାନ୍ଧୀ କହିଦେଇଥିଲେ, ହରିଲାଲ ଘର ଛାଡ଼ି ଯିବା କଥା ଯେପରି କସ୍ତୁରବା ନଜାଣନ୍ତି ।

ଘରୁ ଗଲାବେଳେ ଏକ ଚିଠି ଲେଖି ଯାଇଥିଲେ ହରିଲାଲ । ଏ ଚିଠି ସେ ବାପାଙ୍କୁ ହିଁ ଲେଖିଥିଲେ ।

"ମୋ ମନ ଯାହା ନିର୍ଦ୍ଦେଶ ଦେଲା ତାହା ମୁଁ କରୁଛି । କୌଣସି ଖରାପ ଉଦ୍ଦେଶ୍ୟ ରଖି ଏହା ମୁଁ କରିନାହିଁ । ମୁଁ ଘର ଛାଡ଼ି ପଳେଇ ଯାଉଛି ବୋଲି ଭାବିବ ନାହିଁ । ଆପଣ ଦେଇଥିବା ଲକ୍ଷ୍ୟରେ ମୁଁ ଚାଲିବି । ମୁଁ ଆପଣଙ୍କର ସାରାଜୀବନ ଅନୁଗାମୀ ହୋଇ ରହିବି । ମା'ଙ୍କୁ କହିବେ ମୁଁ ରୋଜଗାର କରିବାକୁ ଭାରତ ଯାଉଛି । ମୁଁ ମା'ର ବିଚ୍ଛେଦ ଅନୁଭବ କରିବି । ମା ମୋର ମନେ ପଡ଼ିବ । ତଥାପି ମୁଁ ତାଙ୍କୁ ଛାଡ଼ି ଯାଉଛି । ରୋଜଗାର କରିବା ମୋର ଏବେ କର୍ତ୍ତବ୍ୟ । ମୋ ପ୍ରତି ସେମିତି କିଛି ସାହାଯ୍ୟ ଥିବାର ମୁଁ କାହିଁ ଦେଖି ପାରୁନି । ମୁଁ ଆପଣଙ୍କୁ କଥା ଦେଉଛି, ଆପଣ ଯଦି ପୁଣି ସତ୍ୟାଗ୍ରହ ଆରମ୍ଭ କରିବେ, ମୁଁ ପୃଥିବୀର ଯେଉଁଠି ଥାଏ, ଆପଣଙ୍କ ପାଖକୁ ଫେରି ଆସିବି । ପୁଣି ଜେଲ୍ ଯିବି । ହଁ, 'କାକା'ଙ୍କୁ କହିବେ, ମୁଁ ଫାର୍ମକୁ ଫେରିଲି ନାହିଁ ବୋଲି ମୋ ଉପରେ ସେ ରାଗିବେନି । ମୋତେ ସେ ଆଶୀର୍ବାଦ ଦେବେ । (କେଲିନ୍‌ବେକ୍‌ଙ୍କୁ ଗାନ୍ଧୀଙ୍କ ପୁଅମାନେ କାକା ବୋଲି ସଂବୋଧନ କରୁଥିଲେ) ।"

ଲଣ୍ଡନରେ ବାରିଷ୍ଟରୀ ପଢ଼ିବାକୁ ହରିଲାଲ ଚାହୁଁଥିଲେ । ବାପୁଙ୍କୁ ସେ ଏଥିନେଇ ଅନୁରୋଧ କରିଥିଲେ । ଗାନ୍ଧୀଙ୍କ ଉତ୍ତର ଥିଲା – ଲୋକଙ୍କ ସେବା ପାଇଁ ବାରିଷ୍ଟରୀ କିମ୍ବା ଡାକ୍ତରୀ ପଢ଼ିବାର ଦରକାର ନାହିଁ । ପରମ ସାଧୁ ରାମକୃଷ୍ଣ, ସଂସ୍କାରକ ଦୟାନନ୍ଦ ସରସ୍ୱତୀ, ଯୋଦ୍ଧା ଶିବାଜୀ ଓ ରାଣା ପ୍ରତାପଙ୍କର ସେମିତି କିଛି ଉଚ୍ଚ ଶିକ୍ଷା ନଥିଲା । ତଥାପି ସେ ମହାନ୍ ।

ଲଣ୍ଡନରେ ଭାରତୀୟ ଛାତ୍ରଙ୍କ ବାରିଷ୍ଟରୀ ପଢ଼ିବାକୁ ପ୍ରାଣଜୀବନ ମେହେଟ୍ଟା

Digitized by PPRACHIN, SOA

ଦୁଇଟି ସ୍କଲାରସିପ୍‌ର ବ୍ୟବସ୍ଥା କରିଥିଲେ । ସେ ବି ଚାହୁଁଥିଲେ ମୋହନଦାସଙ୍କ ପିଲାଙ୍କ ମଧ୍ୟରୁ ଜଣେ କିଏ ଲଣ୍ଡନରେ ପଢୁ । ମୋହନଦାସ କିନ୍ତୁ ଏ ପ୍ରସ୍ତାବକୁ ମନା କରିଦେଇଥିଲେ । ନିଜ ପୁତୁରା ଛଗନଲାଲ ଏବଂ ଅନ୍ୟଜଣେ ପାର୍ଶି ଛାତ୍ରଙ୍କୁ ସେ ଲଣ୍ଡନରେ ଓକିଲାତି ପଢ଼ିବାକୁ ଅନୁମତି ଦେଇଥିଲେ ।

ହରିଲାଲଙ୍କର ଏସବୁ ହଜମ ହୋଇନଥିଲା । ଯେତେବେଳେ ତୃତୀୟ ସ୍କଲାରସିପ୍ ନେଇ ହରିଲାଲ ଲଣ୍ଡନ ଯିବା ପ୍ରସ୍ତାବ ଆସିଲା, ହରିଲାଲ ନିଜେ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲେ । କେବଳ ବାପାଙ୍କ ଉପରେ ରାଗ ଏବଂ ଅଭିମାନ ଏଥିରେ ହିଁ ଥିଲା ।

ଭାରତ ଫେରିଯିବାକୁ ଡ଼େଲେଗାଓଁବେ ପାଖରେ ପହଞ୍ଚିଲେ ହରିଲାଲ । ସେ ବ୍ରିଟିସ କନସଲଟେଟ୍ ପାଖକୁ ଗଲେ । ଜଣେ ଗରିବ ଭାରତୀୟ ବୋଲି ହରିଲାଲ ନିଜର ପରିଚୟ ଦେଲେ ଏବଂ ମାଗଣା ଟିକେଟ ପାଇଁ ଅନୁରୋଧ କଲେ । କନସଲଟେଟ୍ ପରିଚୟ ପଚାରି ବୁଝି ଜାଣି ପାରିଲେ, ସେ ହେଉଛନ୍ତି ବାରିଷ୍ଟର ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ପୁତ୍ର ହରିଲାଲ । କନ୍‌ସଲ୍‌ଟେଟ୍ ଜେନେରାଲ ଏ ସଂପର୍କରେ ଖବର ଦେଲେ ଗାନ୍ଧୀଙ୍କୁ । ଗାନ୍ଧୀ ସଂଗେ ସଂଗେ ଡ଼େଲଗାଓଁବେ ପାଖକୁ ଯାଇ ହରିଲାଲଙ୍କୁ ଟଲଷ୍ଟୟ ଫାର୍ମ ନେଇ ଆସିଲେ ।

ରାତିସାରା ଗାନ୍ଧୀ ଏବଂ ହରିଲାଲଙ୍କ ଭିତରେ ଯୁକ୍ତିତର୍କ ଚାଲିଲା । ମୋହନଦାସ ବୁଝାଉଥିଲେ । ହରିଲାଲ ବୁଝିବା ଅବସ୍ଥାରେ ନଥିଲେ । ତାଙ୍କର ଏକା ଜିଦ୍ ଥିଲା, ସେ ଭାରତ ଫେରିଯିବେ । ନିଜ ସ୍ତ୍ରୀ ଏବଂ ପିଲାଙ୍କ ପାଇଁ ରୋଜଗାର କରିବେ । ପାଠ ପଢ଼ିବେ । ଏ ଥିଲା ୧୯୧୧ ମସିହା ମେ ମାସ ୧୧ ତାରିଖ ରାତିର ଘଟଣା । ପରିଶେଷରେ ଗାନ୍ଧୀ ରାଜି ହେଲେ । ଭାରତ ଯିବାକୁ ହରିଲାଲଙ୍କୁ ସେ ଅନୁମତି ଦେଲେ ।

ପରଦିନ ଅର୍ଥାତ୍ ମେ ମାସ ୧୨ ତାରିଖରେ ହରିଲାଲ ଟଲଷ୍ଟୟ ଫାର୍ମ ଛାଡ଼ି ଭାରତ ଫେରି ଯିବାକୁ ବାହାରି ପଡ଼ିଲେ । ରେଳ ଷ୍ଟେସନ ପାଖକୁ ହରିଲାଲଙ୍କୁ ବିଦାୟ ଦେବାକୁ ନିଜେ ଗାନ୍ଧୀ ଏବଂ ଆଶ୍ରମର କିଛି ପିଲାମାନେ ଯାଇଥିଲେ । ହରିଲାଲ ରେଳ ଡବା ଭିତରକୁ ଯିବା ପୂର୍ବରୁ ମୋହନ ଦାସ ନିଜ ପୁଅ ହରିଲାଲକୁ ନିଜ ପାଖକୁ ଟାଣି ଆଣିଲେ । କିଛି ସମୟ ତାଙ୍କୁ ଜାକି ଧରିଲେ । ଟିକିଏ ଗେଲ କରିଦେଲେ । ହରିଲାଲ ଗାଲକୁ ସରୁ ଚାପଡାଟିଏ ଦେଇ କହିଲେ- ଯଦି ଭାବୁଛୁ ତୋ ବାପା ତୋ ପ୍ରତି କିଛି ଅବିଚାର କରିଛି, ସେ ବାପାଙ୍କୁ କ୍ଷମା ଦେଇଦେବୁ ।" ଏକଥା କହିଲା ବେଳେ ମୋହନଦାସଙ୍କ ଓଠରେ ଟିକିଏ ହସ ଥିଲା । ଆଖିରୁ ଲୁହ ବୋହୁଥିଲା । ହରିଲାଲ ବାପାଙ୍କୁ ପଛ କରି କମ୍ପାର୍ଟମେଣ୍ଟ ଭିତରକୁ ଚାଲିଗଲେ ।

Digitized by PPRACHIN, SOA

ତୃତୀୟ ପୁତ୍ର ମଣିଲାଲଙ୍କର ନିଜ 'ବାପୁ'ଙ୍କ ପ୍ରତି କିଛି ଦୁଃଖ ମଧ୍ୟ ଥିଲା । ବେଳେବେଳେ ଗାନ୍ଧୀଙ୍କ ବିରୁଦ୍ଧରେ ସେ କିଛି ଅଭିଯୋଗ ଆଣୁଥିଲେ । ଅଭିଯୋଗ କିନ୍ତୁ ବଡ଼ଭାଇଙ୍କ ପରି ଗୁରୁତର ନଥିଲା । ନିଜ ବାପୁଙ୍କ ବିରୁଦ୍ଧରେ ଅଭିଯୋଗ ମଣିଲାଲ ବହୁତ ଭଦ୍ର ଭାବେ କରୁଥିଲେ ।

ମଣିଲାଲଙ୍କର ତାଙ୍କ ଅଳ୍ପ ଶିକ୍ଷାଗତ ଯୋଗ୍ୟତା ପାଇଁ ଦୁଃଖ ଥିଲା । ବାପୁଙ୍କୁ ସେ ଅନେକଥର ଏ ସଂପର୍କରେ ଚିଠି ଲେଖି ଜଣେଇ ବି ଥିଲେ । ଲୋକମାନେ ଯେତେବେଳେ ପ୍ରଶ୍ନ କରନ୍ତି, "ମଣିଲାଲ ତୁମେ କେଉଁ କ୍ଲାସରେ ପଢୁଛ", ସେ ସେତେବେଳେ କିଛି କହିପାରୁ ନଥିଲେ । ଏହା ହିଁ ଥିଲା ମଣିଲାଲଙ୍କ ଦୁଃଖ ।

ଗାନ୍ଧୀ ଉତ୍ତର ବତେଇ ଦେଲେ ମଣିଲାଲଙ୍କୁ । କେଉଁ ଶ୍ରେଣୀରେ ପଢୁଛ ବୋଲି ପ୍ରଶ୍ନ କଲେ, ଏଣିକି ଉତ୍ତର ଦେବ– ମୁଁ ବାପୁଙ୍କ ଶ୍ରେଣୀରେ ପଢୁଛି । ମଣିଷର ପ୍ରକୃତ ଶିକ୍ଷା ହେଲା, ନିଜ ଚରିତ୍ର ଗଠନ କରିବା । ରୋଜଗାର ପାଇଁ ସେମିତି କିଛି ବିଶେଷ ଶିକ୍ଷାର ଦରକାର ନାହିଁ ।"

ମଣିଲାଲ 'ବାପୁ'ଙ୍କୁ କିଛି କହି ପାରୁନଥିଲେ । ହରିଲାଲଙ୍କ ପରି ସେ ବିଦ୍ରୋହ କରି ପାରୁନଥିଲେ । କରିବେ ବା କେମିତି । ସେ ଦ୍ୱିତୀୟ ଜୀବନ ପାଇଥିଲେ 'ବାପୁ'ଙ୍କ ପାଇଁ । ଦଶ ବର୍ଷ ହୋଇଥିବା ବେଳେ ମଣିଲାଲଙ୍କୁ ନିମୋନିଆ ହୋଇଥିଲା । ଡାକ୍ତରୀ ଔଷଧ ଖାଇବାକୁ ଗାନ୍ଧୀଙ୍କ ଆପତ୍ତି ଥିଲା । ଡାକ୍ତରୀ ଚିକିତ୍ସା ନକଲେ ଯେ ମଣିଲାଲଙ୍କ ବଂଚିବା କଷ୍ଟ, ଏକଥା ଡାକ୍ତର ମୋହନଦାସଙ୍କୁ କହିଦେଲେ । ମୋହନ ନିଜ ପୁଅର ଚିକିତ୍ସା କଥା ନିଜେ ବୁଝିଲେ । ପ୍ରାକୃତିକ ଚିକିତ୍ସା ହେଲା ମଣିଲାଲଙ୍କର । ରାତି ରାତି ଅନିଦ୍ରା ଯାଇ ମୋହନଦାସ ନିଜ ପୁଅର ଚିକିତ୍ସାରେ ଲାଗିଲେ । ମଣିଲାଲ ଆରୋଗ୍ୟ ହେଲେ । ସେଇଥିପାଇଁ ମଣିଲାଲ କହନ୍ତି – "ଏ ଜୀବନ ବାପୁଙ୍କର, ମୋର ନୁହେଁ ।"

ମୋହନ ମଣିଲାଲଙ୍କର ବ୍ୟବହାର ଦେଖି ଯେତିକି ଚିନ୍ତିତ ନଥିଲେ, ସେ ବେଶି ଦୁଃଖ କରୁଥିଲେ ବଡ଼ପୁଅ ହରିଲାଲଙ୍କ ପାଇଁ । ବେଳେବେଳେ ଆତ୍ମ ସମୀକ୍ଷା ବି କରୁଥିଲେ ମୋହନଦାସ । ସ୍ୱଗୋକ୍ତି ଥିଲା, ସେ ବି ପିଲାବେଳେ ଏମିତି ଉଚ୍ଛୃଙ୍ଖଳ ଥିଲେ । ସେ ଦୋଷ ବୋଧେ ହରିଲାଲଙ୍କ ପାଖରେ ରହିଯାଇଛି । ବାପା କାବା ଗାନ୍ଧୀ ବଂଚିଥିଲେ, ସେ କେବେ ଲଣ୍ଡନ ପାଠ ପଢ଼ିବାକୁ ଯାଇ ପାରିନଥାନ୍ତେ । ୧୮୯୩ରେ ମା' ପୁତଲିବାଇ ଜୀବିତ ଥିଲେ ସେ ମଧ୍ୟ ଦକ୍ଷିଣ ଆଫ୍ରିକାକୁ ଆଇନ ବ୍ୟବସାୟ ପାଇଁ ଆସି ପାରିନଥାନ୍ତେ ।

ନିଜ ଆଦର୍ଶରେ ଅନୁପ୍ରାଣିତ କରି ଦୁଇ ପୁଅ ହରିଲାଲ ଏବଂ ମଣିଲାଲଙ୍କୁ ଗଢ଼ିବାକୁ ଇଚ୍ଛା ଥିଲା ମୋହନଙ୍କର । ପରିସ୍ଥିତି କିନ୍ତୁ ଭିନ୍ନ ହୋଇଗଲା । ହରିଲାଲ ବୋଧେ ବାଟ ହୁଡୁଥିଲେ ମଝିରୁ ॥

Digitized by PPRACHIN, SOA

୩୬

ଦକ୍ଷିଣ ଆଫ୍ରିକାରେ ଗୋଖଲେ

ହରିଲାଲଙ୍କ ଭାରତ ପ୍ରତ୍ୟାବର୍ତ୍ତନରେ ମୋହନଦାସ ଦୁଃଖ ପାଇଥିଲେ । ଦୁଃଖ କିନ୍ତୁ ମନ ଭିତରେ ଥିଲା । ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ଦୁଃଖ ଠାରୁ ପୁତ୍ର ବିଚ୍ଛେଦର ଦୁଃଖ ଯେମିତି ତାଙ୍କ ପାଇଁ ବେଶି ବଡ଼ ନଥିଲା । ଭାରତ ଫେରି ଯିବା ପାଇଁ ଗାନ୍ଧୀ ବି ଚିନ୍ତା କରୁଥିଲେ । କିନ୍ତୁ ଦକ୍ଷିଣ ଆଫ୍ରିକାର ମିସନ ଯେ ସରିନାହିଁ ।

ମୋହନଦାସ ଯେ ସବୁଦିନ ପାଇଁ ଭାରତ ଫେରି ଯାଆନ୍ତୁ, ଏକଥା ବନ୍ଧୁ ପ୍ରାଣଜୀବନ ମେହେଟା ବି ଚାହୁଁଥିଲେ । ଭାରତ ଗାନ୍ଧୀଙ୍କୁ ଅପେକ୍ଷା କରିଛି, ଏଥିଲା ମେହେଟାଙ୍କର ଯୁକ୍ତି । ଗାନ୍ଧୀ ଏବଂ ମେହେଟାଙ୍କ ସଂପର୍କ ଏଞ୍ଜେଲସ୍ ଏବଂ କାର୍ଲମାକ୍ସଙ୍କ ପରି ଥିଲା । ୧ ୯ ୧ ୧ ମସିହା ଅକ୍ଟୋବର ମାସରେ ଗାନ୍ଧୀ ପ୍ରାଣଜୀବନଙ୍କୁ ଜଣାଇଦେଲେ ସେ ଖୁବ୍ ଶୀଘ୍ର ଭାରତ ଫେରିଯିବେ । ବଡ଼ ସମସ୍ୟା ହେଉଛି, ଇଣ୍ଡିଆନ ଓପନିୟନ ଚାଲିବ କେମିତି ?

ପ୍ରାଣଜୀବନ ମେହେଟାଙ୍କର ଜ୍ୱାଇଁ ଥିଲେ ମାରିଚ୍ୟୁସରେ । ନାଁ ମଣିଲାଲ ଡାକ୍ତର । ମେହେଟା ତାଙ୍କର ଏକମାତ୍ର କନ୍ୟା 'ଜେକି'ଙ୍କୁ ମଣିଲାଲ ଡାକ୍ତରଙ୍କ ସହ ବିବାହ ଦେଇଥିଲେ । ମାରିଚ୍ୟୁସରେ ମଣିଲାଲଙ୍କର ଗୋଟିଏ ବଡ଼ ଖବର କାଗଜ ପ୍ରକାଶିତ ହେଉଥିଲା । ଖବର କାଗଜ ପ୍ରକାଶନରେ ମଣିଲାଲଙ୍କର ଅନୁଭୂତି ଥିଲା । ଗାନ୍ଧୀଙ୍କ ଠାରୁ ଡାକରା ପାଇ 'ଜେକି' ଏବଂ ମଣିଲାଲ ଟ୍ରାନସବାହାଲ ଆସିଲେ । ଜେକି ଗାନ୍ଧୀଙ୍କୁ ସ୍କୁଲ ପାଠ ପଢ଼ାରେ ସାହାଯ୍ୟ କଲେ ।

ନାଟାଲରେ ଗାନ୍ଧୀଙ୍କ ବିରୋଧିମାନେ ସଂଗଠିତ ହେଉଥିଲେ । ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ "ଅପେକ୍ଷା କର ଏବଂ ଦେଖ" ନୀତିକୁ ସେମାନେ ପସନ୍ଦ କରୁନଥିଲେ । ବାର୍ଷିକ ୩ ପାଉଣ୍ଡ ଟିକସ ବିରୁଦ୍ଧରେ ଯେପରି ଆନ୍ଦୋଳନ ହେବା କଥା ତାହା ହୋଇପାରୁ ନଥିବା ହେତୁ ସେମାନେ ମୋହନଦାସଙ୍କୁ ଦୋଷ ଦେଉଥିଲେ ।

Digitized by PPRACHIN, SOA

ଗାନ୍ଧୀଙ୍କ ବିରୁଦ୍ଧରେ ଆହୁରି ବି ଅଭିଯୋଗ ଥିଲା, ଗାନ୍ଧୀ ଗୁଜୁରାଟି ବଣିଆଙ୍କ ପାଇଁ ଦକ୍ଷିଣ ଆଫ୍ରିକାରେ କାମ କରୁଛନ୍ତି । ଏଇ ବିରୁଦ୍ଧର ନେତୃତ୍ୱ ନେଉଥିଲେ ପି.ଏସ୍. ଆୟାର ନାମକ ଜଣେ ପତ୍ରକାର ।

ଆୟାରଙ୍କ ଗାନ୍ଧୀଙ୍କ ପ୍ରତି ସେମିତି କିଛି ଆଦର୍ଶଗତ ବିଦ୍ୱେଷ ନଥିଲା । ଗାନ୍ଧୀଙ୍କ ପରେ ଦ୍ୱିତୀୟ ନେତା ହେନେରି ପୋଲକ ନହୋଇ ନିଜେ ଆୟାର ହେବେ ବୋଲି ସେ ଦାବି କରୁଥିଲେ । ଏବଂ ସେଇଥିପାଇଁ ଏକ ନିଜସ୍ୱ ପରିଚୟ ନିମନ୍ତେ ସେ ଲଢୁଥିଲେ ।

ସତ୍ୟାଗ୍ରହ କରିଦେଲେ ଯେ ଶାସକ ଶ୍ରେଣୀ ହଠାତ୍ ସବୁ ଦାବି ମାନିନେବେ, ଏ ଭ୍ରାନ୍ତ ଧାରଣା ବି ଅନେକଙ୍କର ଥିଲା । ଆୟାର ଏଇ ଭ୍ରାନ୍ତ ଧାରଣାକୁ ଖୋରାକ ଯୋଗାଉଥିଲେ । ଗାନ୍ଧୀ ନାତାଲ ଭାରତୀୟ କଂଗ୍ରେସକୁ ସୂଚାଇ ଦେଲେ, ଆଉ ଥରେ ସତ୍ୟାଗ୍ରହ ହେବ । ଏହା କିନ୍ତୁ ଗୋଟିଏ ଥର ନହୋଇ ପର୍ଯ୍ୟାୟ କ୍ରମେ ହେବ । ପ୍ରଥମ ପର୍ଯ୍ୟାୟ ହେଲା, ନାତାଲର ପନ୍ଦର ହଜାର ଭାରତୀୟ ତିନି ପାଉଣ୍ଡ କରର ଉଚ୍ଛେଦ ପାଇଁ ସରକାରଙ୍କୁ ଜଣାଇବେ । ଏଇ ଦରଖାସ୍ତ ବିଚାର ନହେଲେ, ଏହା ସଂସଦକୁ ଜଣାଇ ଦିଆଯିବ ଏବଂ ଦକ୍ଷିଣ ଆଫ୍ରିକାର ସଂସଦ ବିଚାର ନକଲେ ବ୍ରିଟିଶ ସରକାରଙ୍କୁ ଜଣାଯିବ ଏବଂ ଏହା ସଫଳ ନହେଲେ, ସତ୍ୟାଗ୍ରହ ହେବ ଏବଂ ସତ୍ୟାଗ୍ରହୀ ସମୂହ ଜେଲ ଯିବେ ।

୧୯୧୨ ମସିହା ଜୁନ୍ ମାସରେ ମୋହନଦାସ ୭ଦିନ ପାଇଁ ଡ଼ର୍ବାନ ଆସିଲେ । ପି.ଏସ୍. ଆୟାରଙ୍କ ଷଡଯନ୍ତ୍ରରେ ଡ଼ର୍ବାନରେ ଗାନ୍ଧୀ ବିରୋଧି ଶକ୍ତି ସକ୍ରିୟ ଥିଲେ । ଗାନ୍ଧୀଙ୍କ ସୁରକ୍ଷା ପାଇଁ ମଗନଲାଲ ଏବଂ ଛଗନଲାଲଙ୍କୁ କେଲିନ୍‌ବେକ ଚିଠି ଲେଖି ଗାନ୍ଧୀଙ୍କ ପାଖରେ ସବୁବେଳେ ରହିବାକୁ ନିର୍ଦ୍ଦେଶ ଦେଲେ । କାରଣ, ଭାରତୀୟଙ୍କ ଭିତରେ ଡ଼ର୍ବାନରେ କିଛି ଧର୍ମାନ୍ଧ ବି ଥିଲେ । କାଳେ ଗାନ୍ଧୀଙ୍କ ଉପରେ ଦୈହିକ ଆକ୍ରମଣ ହେବ, ଏ ଆଶଙ୍କା ରହିଥିଲା କେଲିନ୍‌ବେକଙ୍କର । ମଗନଲାଲ ଏବଂ ଛଗନଲାଲଙ୍କୁ କେଲିନ୍‌ବେକ୍ ଏକଥା ବି ଜଣାଇଥିଲେ, ସେମାନେ ଗାନ୍ଧୀଙ୍କ ଅଙ୍ଗରକ୍ଷୀ ପରି ଅଛନ୍ତି ବୋଲି ଏହା ଯେପରି ଗାନ୍ଧୀ ନଜାଣନ୍ତି । ଗାନ୍ଧୀ ନିଜ ପାଇଁ ଦୈହିକ ସୁରକ୍ଷାବଳଙ୍କୁ ମୋଟେ ପସନ୍ଦ କରୁନଥିଲେ ।

ଫିନିକ୍ସ ଆଶ୍ରମ ନେଇ ଏକ ନୂଆ ଚିନ୍ତା ଆସିଲା ମୋହନଦାସଙ୍କର । ମୋହନ ଠିକ୍ କଲେ, ଫିନିକ୍ସର ପରିଚାଳନା ଦାୟିତ୍ୱକୁ ସେ ଏକ ଟ୍ରଷ୍ଟକୁ ସମର୍ପି ଦେବେ । ୧୯୧୨ ମସିହା ସେପ୍ଟେମ୍ବର ମାସରେ ପାଞ୍ଚଜଣଙ୍କୁ ନେଇ ଏକ ଟ୍ରଷ୍ଟ ଗଠିତ ହେଲା ।

Digitized by PPRACHIN, SOA

ସେଥିରେ ଓମାର ହାଜୀ, ପାର୍ଶି ରୁସ୍ତମଜୀ, କେଲିନ୍‌ବେକ୍, ଏଲ.ଡବ୍ଲୁ. ରିଚ୍ ଏବଂ ପ୍ରାଣଜୀବନ ମେହେଟା ରହିଲେ । ମୁସଲମାନ, ପାର୍ଶି, ହିନ୍ଦୁ, ୟୁରୋପୀୟଙ୍କୁ ନେଇ ଏକ ଟ୍ରଷ୍ଟ ଗଢ଼ା ହୋଇଥିଲା । ମୋହନଦାସ ଏଇ ଟ୍ରଷ୍ଟର ଆଜୀବନ ମ୍ୟାନେଜର ରହିଲେ । ତାଙ୍କର ଦେହାନ୍ତ ପରେ ଟ୍ରଷ୍ଟର ଟ୍ରଷ୍ଟିମାନେ ତାଙ୍କ ଭିତରୁ ଜଣେ କାହାକୁ ମ୍ୟାନେଜର କରିବେ ବୋଲି ଟ୍ରଷ୍ଟର ଦଲିଲ୍‌ରେ ଉଲ୍ଲେଖ ରହିଲା । ଦଲିଲରେ ଏହା ବି ଥିଲା, ଫିନିକ୍ସର ଦୁଇ ଏକର ଜମିରେ ଏକ ଛୋଟ ପକ୍‌କା ଘର ଗାନ୍ଧୀଙ୍କ ପରିବାର ପାଇଁ ସଂରକ୍ଷିତ ରହିବ । ଇଣ୍ଡିଆନ୍ ଓପନିୟନ ଖବର କାଗଜରେ କୌଣସି ବିଜ୍ଞାପନ ପ୍ରକାଶ ପାଇବ ନାହିଁ । ଅନେକ ସମୟରେ ଏହାର ବିଜ୍ଞାପନ ନେଇ କଦର୍ଥ କରାଯାଉଥିଲା ।

୧୯୧୨ ମସିହା ଅକ୍ଟୋବରରେ ଖବର ଆସିଲା, ଗୋପାଳ କୃଷ୍ଣ ଗୋଖଲେ ଦକ୍ଷିଣ ଆଫ୍ରିକା ଆସିବେ । ଦକ୍ଷିଣ ଆଫ୍ରିକା ଆସି ଭାରତୀୟ ସମସ୍ୟାର ପ୍ରତ୍ୟେକ୍ଷ ଅବଗତି ପାଇଁ ଗୋଖଲେଙ୍କୁ ମୋହନଦାସ ନିମନ୍ତ୍ରଣ ବି କରିଥିଲେ । ଦକ୍ଷିଣ ଆଫ୍ରିକାରେ ଗୋଖଲେଙ୍କ ଅଭିନନ୍ଦନ ନେଇ ମୋହନ ଦାସ ଛଅ ସପ୍ତାହର ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ଗୋଖଲେଙ୍କ ଦକ୍ଷିଣ ଆଫ୍ରିକା ପରିଦର୍ଶନକୁ ବି ଲଣ୍ଡନର ସମ୍ରାଟଙ୍କ ସରକାର ଅନୁମୋଦନ ଦେଇଥିଲେ ।

ଗୋପାଳକୃଷ୍ଣ ଗୋଖଲେ ଜଣେ ବଳିଷ୍ଠ ଭାରତୀୟ ରାଜନୈତିକ ବ୍ୟକ୍ତିତ୍ୱ ଥିଲେ । ଭାରତର ଭାଇସରାୟ ପରିଷଦର ସେ ଥିଲେ ଜଣେ ସଭ୍ୟ । ଜଣେ କୁଲି କମ୍ପା ଆନ୍ଦୋଳନକାରୀ ଭାବେ ତାଙ୍କୁ ନଦେଖିବାକୁ ଲଣ୍ଡନ ସରକାର ଦକ୍ଷିଣ ଆଫ୍ରିକା ୟୁନିୟନ ସରକାରଙ୍କୁ ସୂଚାଇ ଦେଇଥିଲେ ।

ଗୋଖଲେଙ୍କ ଅଭିନନ୍ଦନ କାର୍ଯ୍ୟକ୍ରମକୁ ମଧ୍ୟ ମୋହନଦାସ ଖୁବ୍ ଉତ୍ସୁକତାର ସହ ଅପେକ୍ଷା କରିଥିଲେ । ଏହାର ଦୁଇଟା କାରଣ ଥିଲା । ଗୋଖଲେଙ୍କ ପରି ଏକ ବିରାଟ ବ୍ୟକ୍ତିତ୍ୱ ଦକ୍ଷିଣ ଆଫ୍ରିକା ଆସିଲେ ଇଂରେଜ ସରକାରରେ ଭାରତୀୟ ବିରୋଧି ସ୍ୱର ନରମି ଯିବ ଏବଂ ଦ୍ୱିତୀୟ କାରଣ ଥିଲା, ଗାନ୍ଧୀ ବିରୋଧିମାନେ ହୁଏତ ସନ୍ତୁଷ୍ଟ ହୋଇପାରନ୍ତି ।

୧୯୧୨ ମସିହା ଅକ୍ଟୋବର ମାସ ୨୨ ତାରିଖରେ ଗୋଖଲେ ଲଣ୍ଡନରୁ ଆସି ଦକ୍ଷିଣ ଆଫ୍ରିକାର କେପ୍ ଟାଉନରେ ପହଞ୍ଚିଲେ । ତାଙ୍କୁ ସ୍ୱାଗତ କରିବାକୁ ଭାରତୀୟଙ୍କ ଏକ ବିରାଟ ପଟୁଆର ପ୍ରସ୍ତୁତ ହୋଇଥିଲା । ପଚିଶଟି ଗାଡ଼ି ଶୋଭାଯାତ୍ରାରେ ବାହାରିଥିଲା । ଗୋଖଲେ ସ୍ଥାନୀୟ ଅତିଥି ଭବନରେ ରହିଲେ । ତାଙ୍କର ଦେହ ଭଲ ନଥିଲା । ସେ ଜଣେ କ୍ରନିକ୍ ମଧୁମେହ ରୋଗୀ ଥିଲେ । ମୋଟା ଚେହେରା ଯୋଗୁଁ ଅଳ୍ପକେ ସେ ଥକି ପଡ଼ିଥିଲେ । ବ୍ୟସ୍ତ କାର୍ଯ୍ୟକ୍ରମ ଭିତରେ ଗୋଖଲେ କାଳେ ଆହୁରି ଅସୁସ୍ଥ ହୋଇପଡ଼ିବେ

Digitized by PPRACHIN, SOA

ସେଥିପାଇଁ ବେଶ୍ ନଜର ରଖିଥିଲେ ଗାନ୍ଧୀ ଏବଂ ତାଙ୍କର ସହଯୋଗୀମାନେ ।

ଗୋଖଲେ କେପ୍‌ଟାଉନରେ ପହଞ୍ଚିବା ଦିନ ଭାରତୀୟଙ୍କୁ ନେଇ ଏକ ଛୋଟ ସଭାଟିଏ ହେଲା । ଗୋଖଲେଙ୍କୁ ସ୍ୱାଗତ କଲେ ଡାକ୍ତର ପ୍ରାଣଜୀବନ ମେହେଟା । ସ୍ୱାଗତ ଭାଷଣରେ ସେ ବେଶି ସମୟ ମୋହନଦାସଙ୍କ ସଂପର୍କରେ କହିଲେ । ମେହେଟାଙ୍କ ବକ୍ତବ୍ୟ ଥିଲା, ମୋହନ ଏକ ବିରଳ ବ୍ୟକ୍ତିତ୍ୱ । ଶତାବ୍ଦୀ ଶତାବ୍ଦୀ ପରେ ଏପରି ବ୍ୟକ୍ତିଙ୍କର ଆବିର୍ଭାବ ହୁଏ । ଏହି ଆବିର୍ଭାବ ପୁଣି ଭାରତରେ ହୋଇଥାଏ । ଅଠରଶ ଶତାବ୍ଦୀରେ ଗାନ୍ଧୀଙ୍କ ଜନ୍ମ ହୋଇଥିଲେ, ଭାରତରେ ବ୍ରିଟିଶ ଶାସନ ହୋଇ ପାରି ନଥାନ୍ତା ।

ଗୋଖଲେଙ୍କ ପୂର୍ବରୁ ସେଦିନ ମୋହନଦାସ ଭାଷଣ ଦେଲେ । ଗୋଖଲେଙ୍କୁ ଗାନ୍ଧୀ ନିଜର ରାଜନୈତିକ 'ଗୁରୁ' ବୋଲି ସଂବୋଧନ କଲେ ।

ଦୀର୍ଘ ଚରି ସପ୍ତାହ ଧରି ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କୁ ଗୋଖଲେ ସାକ୍ଷାତ କଲେ । ତାଙ୍କ ସହ ମିଟିଂ କଲେ । କେପ୍ ଟାଉନ, ଡ଼ର୍ବାନ, ଜୋହନସବର୍ଗ, ଏପରିକି ଟଲଷ୍ଟୟ ଫାର୍ମରେ ଗୋଖଲେ ରହି ଲୋକଙ୍କୁ ସାକ୍ଷାତ ଦେଲେ । ପ୍ରତି ସଭାରେ ଭାରତୀୟମାନେ ବହୁଳ ସଂଖ୍ୟାରେ ଯୋଗ ଦେଉଥିଲେ । ମାଡ୍ରାସୀ ଭାରତୀୟ, ଦଳିତ ହିନ୍ଦୁ ସଂଘ, ହିମିଦିଆ ଇସଲାମିକ ସୋସାଇଟି, ଟ୍ରାନସବାହାଲ ଭାରତୀୟ ମହିଳା ସଂଘ, ବ୍ରାହ୍ମଣ ମଣ୍ଡଳର ସଭ୍ୟମାନେ ଏଥିରେ ଯୋଗ ଦେଉଥିଲେ । ପ୍ରଥମ ସଭାରେ ଗୋଖଲେ ଦକ୍ଷିଣ ଆଫ୍ରିକାରେ ଭାରତୀୟ ପ୍ରସଂଗକୁ ଏକ ବର୍ଣ୍ଣ ବୈଷମ୍ୟ ସମସ୍ୟା ବୋଲି ନଦେଖି ଏକ ନ୍ୟାୟିକ ତଥା ସାମାଜିକ ପ୍ରସଂଗ ବୋଲି ଭାବିବା ଉଚିତ ବୋଲି କହୁଥିଲେ । ଗୋଖଲେଙ୍କ ଭ୍ରମଣ ପାଇଁ ଦକ୍ଷିଣ ଆଫ୍ରିକାର ରେଲୱେ ବିଭାଗ ଏକ ସେଲୁନ୍‌ର ବ୍ୟବସ୍ଥା କରିଦେଇଥିଲେ ।

ପରିଦର୍ଶନର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଜେନେରାଲ ବୋଥା ଏବଂ ତାଙ୍କ ମନ୍ତ୍ରୀମଣ୍ଡଳ ସହ ଗୋଖଲେଙ୍କ ସାକ୍ଷାତ କାର୍ଯ୍ୟକ୍ରମ ଥିଲା । ଏଇ ମିଟିଂ ଥିଲା ପ୍ରିଟୋରିଆରେ । ଜେନେରାଲ ବୋଥା ଏବଂ ଜେନେରାଲ ସ୍ମଟସ୍ କିନ୍ତୁ ଗୋଖଲେଙ୍କ ଯାତ୍ରା ନେଇ ଖୁସି ନଥିଲେ । କାରଣ ଥିଲା, ଗୋଖଲେ ଦକ୍ଷିଣ ଆଫ୍ରିକାର ଅତିଥି ହୋଇ ଆସି ପ୍ରଥମେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ ନକରି ଭାରତୀୟଙ୍କୁ ସାକ୍ଷାତ କରି ସଭା କରିଥିଲେ ।

ପ୍ରିଟୋରିଆରେ ପ୍ରଧାନମନ୍ତ୍ରୀ ବୋଥା ଏବଂ ତାଙ୍କ ମନ୍ତ୍ରୀ ପରିଷଦ ସହ ଗୋଖଲେ ଏକାକୀ ସାକ୍ଷାତ କରିବେ ବୋଲି ସ୍ଥିର ହେଲା । ମୋହନଦାସ ଏଇ ମିଟିଂରେ ନିଜେ ରହିବେନି ବୋଲି ମନା କରିଦେଲେ । କାଳେ ମୋହନ ରହିଲେ ଏଇ ଆଲୋଚନା ଖୋଲାଖୋଲି ହୋଇ ପାରିବନି, ଏହା ଏକ କାରଣ ଥିଲା ।

Digitized by PPRACHIN, SOA

ଗୋଖଲେଙ୍କ ମିଟିଂ ହେଲା ଜେନେରାଲ ବୋଥା ଏବଂ ତାଙ୍କ ସହକର୍ମୀଙ୍କ ସହ । ଗଭର୍ଣ୍ଣର ଜେନେରାଲ ଲର୍ଡ ଗ୍ଲାଡ୍‌ଷ୍ଟୋନ୍ ଏଇ ସାକ୍ଷାତକୁ ବେଶ୍ ଗୁରୁତର ଭାବେ ନେବାକୁ ପ୍ରଧାନମନ୍ତ୍ରୀଙ୍କୁ ତାଗିଦ୍ କରିଦେଇଥିଲେ ।

ଆଲୋଚନା ସେଦିନ ଦୀର୍ଘ ଦୁଇଘଣ୍ଟା ଧରି ଚାଲିଲା । ମିଟିଂ ଶେଷରେ ବେଶ୍ ହସହସ ମୁହଁରେ ଗୋଖଲେ ବାହାରକୁ ଆସିଲେ । ବାହାରେ ଗାନ୍ଧୀ ଏବଂ ତାଙ୍କ ସମର୍ଥକମାନେ ଅପେକ୍ଷାରେ ଥିଲେ । ଗାନ୍ଧୀଙ୍କୁ ଗୋଖଲେ କହିଲେ - "ମିଷ୍ଟର ଗାନ୍ଧୀ, ବର୍ଷକ ଭିତରେ ତୁମେ ଭାରତ ଫେରିଯିବ । ସବୁ ସମସ୍ୟାର ସମାଧାନ ଏଠି ହୋଇଯିବ । କଳା ଆଇନ ଉଠିବ । ପ୍ରବାସୀ ଆଇନ ପ୍ରତ୍ୟାହୃତ ହେବ ଏବଂ ୩ ପାଉଣ୍ଡ କର ଆଉ ଲାଗିବ ନାହିଁ ।"

ପ୍ରିଟୋରିଆ ଆଲୋଚନାରେ ଗୋଖଲେ ଖୁସି ଥିଲେ । ମୋହନଦାସ ଖୁସି ଥିଲେ ବି ସେତେ ଆଶାବାଦୀ ନଥିଲେ । କାରଣ ଜେନେରାଲ ବୋଥା ଏବଂ ଜେନେରାଲ ସ୍ମଟସ୍‌ଙ୍କୁ ମୋହନଦାସ ଭଲଭାବେ ଜାଣନ୍ତି । ଦେଇଥିବା ପ୍ରତିଶ୍ରୁତିକୁ ସେମାନେ ଯେକୌଣସି ସମୟରେ ଭାଂଗି ଦେଇପାରନ୍ତି ।

୧୯୧୨ ମସିହା ନଭେମ୍ବର ୧୭ ତାରିଖରେ ଗୋଖଲେ ଦକ୍ଷିଣ ଆଫ୍ରିକା ଛାଡ଼ି ଲଣ୍ଡନ ବାହାରିଗଲେ ।

ଦକ୍ଷିଣ ଆଫ୍ରିକାରେ ଗୋଖଲେଙ୍କ ପରିଦର୍ଶନ ଗାନ୍ଧୀଙ୍କ ସ୍ଥିତିକୁ ଆହୁରି ଦୃଢ଼ କରିଦେଲା ଏବଂ ଦକ୍ଷିଣ ଆଫ୍ରିକା ଆସି ଭାରତୀୟ ସମସ୍ୟାର ପ୍ରତ୍ୟେକ୍ଷ ଅନୁଭୂତି ନେବାକୁ ଅନେକ ଭାରତୀୟ ନେତା ଆଗ୍ରହ ପ୍ରକାଶ କରିଦେଲେ । ସେଥିରେ ସି.ଏଫ୍. ଆଣ୍ଡିଉଜ୍ ଏବଂ ପିୟରସନ୍‌ଙ୍କ ପରି ବ୍ୟକ୍ତି ଥିଲେ ।।

❖❖❖

ଗୋପାଳକୃଷ୍ଣ ଗୋଖଲେ

ଜେନେରାଲ ସ୍ମଟ୍‌ସ

Digitized by PPRACHIN, SOA

୩୭

ଫିନିକ୍ସରେ ବାପୁ

ଜୋହନ୍‌ସବର୍ଗର ଟଲଷ୍ଟୟ ଫାର୍ମ ରହିବାରେ ମୋହନଦାସ ଆଉ ଆବଶ୍ୟକତା ଦେଖିଲେନି । କିଛି ବର୍ଷ ତଳେ ସେ ଫିନିକ୍ସ ଛାଡ଼ି ଜୋହନସବର୍ଗ ଆସିଥିଲେ ଟ୍ରାନ୍‌ସବାହାଲରେ ଭାରତୀୟଙ୍କ କଥା ବୁଝିବାକୁ । ଫିନିକ୍ସରୁ ଜୋହନସବର୍ଗ ଦୂର ଥିଲା ପ୍ରାୟ ତିରିଶି ଘଣ୍ଟାର ରାସ୍ତା । ବର୍ତ୍ତମାନ ଯେତେବେଳେ ଚାରୋଟି ରାଜ୍ୟକୁ ନେଇ ଦକ୍ଷିଣ ଆଫ୍ରିକାର ୟୁନିୟନ ଗଠିତ ହୋଇ ଗଲାଣି ଦକ୍ଷିଣ ଆଫ୍ରିକାରେ ଏବେ ଯେଉଁ ଆଇନ ହେବ, ତାହା ସବୁ ରାଜ୍ୟ ପାଇଁ ଲାଗୁହେବ ଏବଂ ଭାରତୀୟ ସମସ୍ୟାର ଯାହା କିଛି ସମାଧାନ ବାହାରିବ, ଏହା ବି ଦକ୍ଷିଣ ଆଫ୍ରିକାର ୪ଟି ରାଜ୍ୟରେ ଥିବା ସମସ୍ତ ଭାରତୀୟଙ୍କ ପାଇଁ କାର୍ଯ୍ୟକାରୀ ହେବ । ସୁତରାଂ ଜୋହନ୍‌ସବର୍ଗରେ ଗାନ୍ଧୀ ରହିବାର ଆଉ ଦରକାର ନଥିଲା । ଗାନ୍ଧୀଙ୍କ ପରିବାର ବି ଫିନିକ୍ସରେ ରହୁଥିଲେ ।

ପ୍ରାଣଜୀବନ ମେହେଟାଙ୍କ ଝିଅ ଜେକି ଏବଂ ଗାନ୍ଧୀଙ୍କ ଦ୍ୱିତୀୟ ପୁତ୍ର ମଣିଲାଲଙ୍କ ସଂପର୍କ ନେଇ କିଛି ଗୁଜବ ଚାଲିଥିଲା ଫିନିକ୍ସରେ । ଏ ଖବର ବି ଗାନ୍ଧୀଙ୍କ ପାଖରେ ପହଞ୍ଚିଥିଲା । ହରିଲାଲଙ୍କ ପରେ ତାଙ୍କର ଆଉ ଗୋଟିଏ ପୁଅର ଚାରିତ୍ରିକ ସ୍ଖଳନକୁ ସହ୍ୟ କରିବାକୁ ଗାନ୍ଧୀ ମୋଟେ ପ୍ରସ୍ତୁତ ନଥିଲେ ।

୧୯୧୩ ମସିହା ଜାନୁୟାରୀ ମାସରେ ମୋହନଦାସ ଫିନିକ୍ସ ଚାଲି ଆସିଲେ ।

ଫିନିକ୍ସରେ ସ୍କୁଲଟିଏ ଥିଲା । ତିରିଶି ଜଣ ପିଲା ଏଠି ପାଠ ପଢୁଥିଲେ । ପିଲାଏ ବାପୁଙ୍କୁ ଦେଖି ଖୁସିହେଲେ । ଯେତେବେଳେ ବି ବାପୁ ଫିନିକ୍ସ ଆସୁଥିଲେ ପିଲାଙ୍କ ଖୁସିର ସୀମା ରହୁନଥିଲା ।

ଆଶ୍ରମରେ ମୋହନଦାସ ପିଲାଙ୍କ ସହ ଖେଳୁଥିଲେ । ପିଲାମାନେ ଯେତିକି ହସୁନଥିଲେ, ତାଠାରୁ ବେଶି ହସୁଥିଲେ ବାପୁ । ବାପୁଙ୍କ ଠୋ ଠୋ ହସ ଥିଲା ନିଆରା । ଏମିତି ହସରେ ସେ ଦିବ୍ୟ ଦେଖାଯାଉଥିଲେ ।

Digitized by PPRACHIN, SOA

ସ୍କୁଲରେ ପିଲାଙ୍କ ପାଠ ପଢ଼ା ଦେଖିଲେ ମୋହନଦାସ । କେତେବେଳେ କଣ କରିବେ, ପିଲାଙ୍କ ପାଇଁ ସମୟ ଠିକ୍ ହୋଇଗଲା । ସକାଳ ୬ଟାରୁ ୮ ପର୍ଯ୍ୟନ୍ତ ଆଶ୍ରମର ସମସ୍ତେ ଫାର୍ମରେ କାମ କରୁଥିଲେ । ସକାଳ ଜଳଖିଆ ଖାଇ ସାରିବା ପରେ ସ୍କୁଲରେ ପାଠ ପଢ଼ା ହେଉଥିଲା । ଅପରାହ୍ଣରେ ଗାନ୍ଧୀ ପ୍ରେସକୁ ଯାଉଥିଲେ । ସଂଧ୍ୟା ୫.୩୦ମିରେ ପ୍ରାର୍ଥନା ପରେ ରାତ୍ର ଭୋଜନ ହେଉଥିଲା ଏବଂ ସନ୍ଧ୍ୟା ୭.୩୦ମି ପର୍ଯ୍ୟନ୍ତ ମୋହନଦାସ ମଣିଲାଲଙ୍କ ପାଠ ପଢ଼ା ଦେଖୁଥିଲେ । ମଣିଲାଲଙ୍କ ଅଭିଯୋଗ ଥିଲା, ତାଙ୍କ ପାଠ ପଢ଼ା କଥା ବାପୁ ବୁଝୁନାହାନ୍ତି ।

ପ୍ରତି ରବିବାର ଦିନ ଫିନିକ୍ସରେ ସର୍ବଧର୍ମ ପ୍ରାର୍ଥନା ସଭା ହେଉଥିଲା । ଗୀତା, କୋରାନ୍ ପଢ଼ା ଯାଉଥିଲା । ବାଇବେଲରୁ ନିଉ ଟେଷ୍ଟାମେଣ୍ଟ ପଢ଼ା ଯାଉଥିଲା ଏବଂ ଉଚ୍ଚ ସ୍ୱରରେ ଲିଡି କାଇଣ୍ଡିଲ୍ ଲାଇଟ ସଂଗୀତ ବୋଲା ଯାଉଥିଲା । ଟିଣ ଘର ଏବଂ ଲାମ୍ପର ମିଞ୍ଜି ମିଞ୍ଜି ଆଲୁଅ ଭିତରେ ପ୍ରାର୍ଥନା ସଭା କେମିତି ଏକ ଅଦ୍ଭୁତ ପରିବେଶ ସୃଷ୍ଟି କରୁଥିଲା । ଏ ସଂଗୀତ ପରିବେଶ ଭିତରେ ପୂର୍ବ ଏବଂ ପ୍ରାଚ୍ୟର ମିଳନ ସଂଗଠିତ ହେଉଥିଲା ।

ଫିନିକ୍ସ ଆଶ୍ରମରେ ମୋହନଦାସ ପ୍ରାକୃତିକ ଚିକିତ୍ସା ଆରମ୍ଭ କରିଦେଲେ । ଇଣ୍ଡିଆନ୍ ଓପିନିୟନରେ ସ୍ୱାସ୍ଥ୍ୟ ସଂପର୍କରେ ସାଧାରଣ ଜ୍ଞାନ ସ୍ତମ୍ଭରେ ଧାରାବାହିକ ଭାବେ ସେ ଲେଖିଲେ । ଡାକ୍ତର ହେବାର ଇଚ୍ଛା ଥିଲା ଗାନ୍ଧୀଙ୍କର । ସେ ଇଚ୍ଛା ତାଙ୍କର ପୂରଣ ହୋଇ ପାରିନଥିଲା । ବେଙ୍ଗ କାଟିବାକୁ ସେ ଭୟ କରୁଥିଲେ । ଫିନିକ୍ସରେ ମୋହନ ନିଜକୁ ନିଜେ ଏକ ଠୁଣୁକା ଡାକ୍ତର ବୋଲି କହୁଥିଲେ, କ୍ୱାକ୍ ।

ମୋହନଦାସଙ୍କ ସ୍ୱାସ୍ଥ୍ୟ ସଂପର୍କିତ ସାଧାରଣ ଜ୍ଞାନ ଲେଖା ସବୁ ବେଶ୍ ଆଦୃତ ହେଉଥିଲା । ସାଧାରଣ କଥାକୁ ସେ ଦେହ ଏବଂ ସ୍ୱାସ୍ଥ୍ୟ ସହିତ ସଂଶ୍ଳିଷ୍ଟ କରି ଲେଖୁଥିଲେ । ଗାନ୍ଧୀଙ୍କ ଲେଖାରେ ଥିଲା ଦୂଷିତ ପବନ ହେଉଛି ସବୁ ରୋଗର କାରଣ । ଗନ୍ଧ କରୁଥିବା ପାଇଖାନା ଦେହ ପାଇଁ କ୍ଷତି କାରକ । ବାହାରେ ଝାଡା ବସିବା ଏବଂ ପାନ ଛେପ ପକାଇବା ବାୟୁ ପ୍ରଦୂଷଣର କାରଣ । ଦୂଷିତ ପାଣି ପିଇବା ହାନୀ କାରକ । ମଦ, ଟବାକୋ କିପରି ମଣିଷର ଆତ୍ମାକୁ ନଷ୍ଟ କରିଦିଏ, ଏ ସଂପର୍କରେ ଗାନ୍ଧୀଙ୍କର ଲେଖାମାନ ବାହାରୁଥିଲା ଇଣ୍ଡିଆନ ଓପିନିୟନରେ ।

ପାଣିକୁ କିପରି ପରିଷ୍କାର କରିହେବ, ଏ ସଂପର୍କରେ ତଥ୍ୟ ଥିଲା ତାଙ୍କ ଲେଖାରେ । ରୋଗ ହେଲେ ଫଳ ଆହାର କରିବା, ବିନା ଲୁଣରେ ସବୁଜ ପରିବା ସିଝା ଖାଇବାକୁ ଗାନ୍ଧୀ ପରାମର୍ଶ ଦେଉଥିଲେ । ଗାନ୍ଧୀ ଏକଥା ବି କହୁଥିଲେ, ଯେଉଁମାନେ ମାଂସ ଆହାରୀ

Digitized by PPRACHIN, SOA

ସେମାନେ ମାଂସରେ ପରିବା ପକାଇ ଖାଇବା ଉଚିତ୍ ।

ପ୍ରାକୃତିକ ଚିକିତ୍ସା ଯେ ଏକ ପ୍ରଭାବଶାଳୀ ଚିକିତ୍ସା ଏଥିନେଇ ଗାନ୍ଧୀ ତାଙ୍କ ଅନୁଭୂତି ବର୍ଣ୍ଣନା କରୁଥିଲେ । ସମସ୍ତ ପରୀକ୍ଷା ଏବଂ ଅନୁଭୂତିକୁ ଇଣ୍ଡିଆନ ଓପିନିୟନ ସ୍ୱାସ୍ଥ୍ୟ ସାଧାରଣ ଜ୍ଞାନ ସ୍ତମ୍ଭରେ ସନ୍ନିବେଶିତ କରିଥିଲା ।

ଫିନିକ୍ସରେ ଜଣେ ଗୁଜୁରାଟି ଯୁବକ ଆଣ୍ଠୁ ଗଣ୍ଠି ବାତରୋଗରେ ପିଡ଼ୀତ ଥିଲା । ସବୁଦିନ ସେ ଡାକ୍ତରୀ ବଟିକା ଖାଉଥିଲା । ମୋହନଦାସ ତା'ର ଚିକିତ୍ସା ଦାୟିତ୍ୱ ନିଜେ ନେଲେ ଏବଂ ନିୟମିତ ବଟିକା ଖାଇବା ତାର ବନ୍ଦ କରିଦେଲେ । ରୋଗୀକୁ କେବଳ ଫଳ ଏବଂ ଟମାଟୋ ଖାଇବାକୁ ଦିଆଗଲା । ଦିନେ ଛାଡ଼ି ଦିନେ ଦିନକୁ ଥରେ ବାମ୍ଫ ଗାଧୁଆ କଲା ରୋଗୀ । ବାମ୍ଫ ଗାଧୁଆ ଥିଲା ଏମିତି - ରୋଗୀ ଚୌକୀ ଉପରେ ବସୁଥିଲା । ଦେହରେ କମଳ ଘୋଡି ହେଉଥିଲା । ଚୌକୀ ତଳେ ଟକମକ୍ ଫୁଟୁଥିବା ଗରମ ପାଣିର ଡେକ୍‌ଚି ରହିଥିଲା । ଦେହରୁ ଝାଳ ବୋହିଲେ ଦେହକୁ ସଫା ସୁଖିଲା ଲୁଗାରେ ପୋଛି ଦିଆଯାଉଥିଲା ।

ବାମ୍ଫ ଗାଧୁଆ ଏବଂ ପ୍ରାକୃତିକ ଚିକିତ୍ସାର କିଛି ଦିନ ପରେ ରୋଗୀର ଯନ୍ତ୍ରଣା କମିବାକୁ ଲାଗିଲା ଏବଂ ଆଉ ଯେଉଁ ଯନ୍ତ୍ରଣା ହେଉଥିଲା ତାହା ଦେହର ଗୋଟାଏ ନିର୍ଦ୍ଦିଷ୍ଟ ସ୍ଥାନରେ ନହୋଇ ଦେହର ବିଭିନ୍ନ ଅଂଗରେ ଅନୁଭୂତ ହେଲା ଏବଂ କିଛି ସପ୍ତାହର ଚିକିତ୍ସା ପରେ ଆଣ୍ଠୁ ଗଣ୍ଠିର ଯନ୍ତ୍ରଣା ପ୍ରାୟ କମିଗଲା । ଗୁଜୁରାଟି ଯୁବକ ଜଣକ କାମ କରିବାକୁ ସକ୍ଷମ ହେଲା ।

୧୯୧୩ ମସିହା ପ୍ରଥମ ଛଅ ମାସ ମୋହନଦାସଙ୍କ ପାଇଁ ସଂଘର୍ଷର ସମୟ ନଥିଲା । ଭାରତୀୟ ସମସ୍ୟା ନେଇ ସରକାରୀ ନିଷ୍ପତ୍ତି ହେବାରେ ବିଳମ୍ବ ହେଉଥିଲା । ତେଣୁ ସଂଗ୍ରାମର ପରବର୍ତ୍ତୀ କାର୍ଯ୍ୟକ୍ରମ ଗାନ୍ଧୀ ଏବଂ ତାଙ୍କ ସାଥୀମାନେ ସ୍ଥିର କରି ପାରୁନଥିଲେ ଏବଂ ଭାରତ ଫେରିବା ଗାନ୍ଧୀଙ୍କର ଡେରି ହେଉଥିଲା । ଗୋଖଲେଙ୍କ ପରିଦର୍ଶନ ପରେ ଯେଉଁ ଆଶା ଦେଖାଯାଇଥିଲା, କ୍ରମଶଃ ଏଇ ଆଶା ଯେପରି ମଉଳି ଯିବାକୁ ବସିଥିଲା । ସମାଧାନର ବିଳମ୍ବ ପ୍ରତ୍ୟାଖ୍ୟାନର ସଂକେତ ଦେଉଥିଲା ।

୧୯୧୩ ମସିହା ମାର୍ଚ୍ଚ ମାସ ୨୧ ତାରିଖରେ କେପ୍‌ଟାଉନର ଏକ କୋର୍ଟ ଭାରତୀୟ ବିବାହର ବୈଧତା ନେଇ ଏକ ଐତିହାସିକ ରାୟ ଦେଲେ । ସେ ରାୟ ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟଙ୍କୁ ଆଘାତ ଦେଇଥିଲା । ଏଇ ରାୟ ଦେଇଥିଲେ ବିଚାରପତି ସିର୍ଲେ । ରାୟ ଥିଲା, ଏକ ଭାରତୀୟ ମୁସଲିମ ବିବାହକୁ ନେଇ-

'ହସନ୍ ଏସପ' ନାମକ ଜଣେ ମୁସଲିମ ଯୁବକ ଭାରତ ଆସି ବିବାହ କରିଥିଲା ।

Digitized by PPRACHIN, SOA

ଦକ୍ଷିଣ ଆଫ୍ରିକା ଫେରିବା ପରେ ସେ ତାର ସ୍ତ୍ରୀର ପରମିଟ ପାଇଁ ଆବେଦନ କଲା । ପରମିଟ ତାକୁ ମିଳିଲାନି । ମାମଲା କୋର୍ଟକୁ ଗଲା । ବିଚାରପତି ସିର୍ଲେ ରାୟ ଦେଲେ- ଏପରି ବିବାହକୁ କୋର୍ଟ ଗ୍ରହଣ କରୁନାହିଁ । କାରଣ ମୁସଲମାନମାନେ ଚାରୋଟି ସ୍ତ୍ରୀ ଗ୍ରହଣ କରିବାର ପ୍ରଥା ରହିଛି । ଦକ୍ଷିଣ ଆଫ୍ରିକା ଆସିବା ପରେ ସେ ହୁଏତ ଆଉ ଏକ ସ୍ତ୍ରୀ ବିବାହ କରିପାରେ । ଏକାଧିକ ସ୍ତ୍ରୀ ଗ୍ରହଣକୁ ଦକ୍ଷିଣ ଆଫ୍ରିକୀୟ ଆଇନ ସ୍ୱୀକୃତି ଦିଏ ନାହିଁ ।

ସେତେବେଳେ ହିନ୍ଦୁ ଆଇନରେ ମଧ୍ୟ ଏକାଧିକ ପତ୍ନୀ ବିବାହ ମନା ନଥିଲା । ଜଷ୍ଟିସ୍ ସିର୍ଲେଙ୍କର ରାୟ ଉଭୟ ହିନ୍ଦୁ ଏବଂ ମୁସଲିମଙ୍କ ପାଇଁ ଏକ ଘାତକ ରାୟ ଥିଲା । ସେର୍ଲେଙ୍କ ରାୟ ବିରୁଦ୍ଧରେ ଦକ୍ଷିଣ ଆଫ୍ରିକାର ବିଭିନ୍ନ ସ୍ଥାନରେ ଭାରତୀୟମାନେ ପ୍ରତିବାଦ କଲେ । ସଭା ସମିତିରୁ ବିରୋଧ ପ୍ରତିକ୍ରିୟା ଆସିଲା । ମୋହନଦାସ ଏଇ ରାୟର ପୁନଃ ବିଚାର ପାଇଁ ଦକ୍ଷିଣ ଆଫ୍ରିକାର ଗୃହମନ୍ତ୍ରୀଙ୍କୁ ଅନୁରୋଧ କଲେ । ସେବେ ଜେନେରାଲ ସ୍ମଟସ୍‌ଙ୍କ ବଦଳରେ ଗୃହମନ୍ତ୍ରୀ ଥିଲେ ଆବ୍ରାହିମ୍ ଫିସର । ଫିସର ଥିଲେ ସ୍ମଟସ୍‌ଙ୍କ ଠାରୁ ଅଧିକ ନିଷ୍ଠୁର । ସ୍ମଟସ୍ ଗାନ୍ଧୀଙ୍କୁ ସାକ୍ଷାତ ପାଇଁ ଅନୁମତି ଦେଉଥିଲେ । ଫିସର କିନ୍ତୁ ସେ ଅନୁମତି ଦେବାକୁ ମୋଟେ ରାଜି ନଥିଲେ । ଗାନ୍ଧୀ ଯେ ସବୁ ଭାରତୀୟଙ୍କର ନେତା ନୁହନ୍ତି ଏବଂ ସେ ଜଣେ ବ୍ୟବସାୟିକ ଆନ୍ଦୋଳନକାରୀ, ଏ ଧାରଣା ଥିଲା ଫିସରଙ୍କର ।

ସେର୍ଲେଙ୍କ ରାୟ ବିରୁଦ୍ଧରେ କସ୍ତୁରବା ସ୍ୱର ଉଠାଇଲେ । ଗାନ୍ଧୀଙ୍କୁ ସେ କହିଦେଲେ, ଯଦି ତାଙ୍କର ଏବେ ଭାରତ ଯିବାର ନାହିଁ, ସେ ଏ କଳା ଆଇନ ବିରୁଦ୍ଧରେ ସଂଗ୍ରାମ କରିବେ । ସେ ଜେଲ ଯିବାକୁ ପ୍ରସ୍ତୁତ । କସ୍ତୁରବାଙ୍କର ଏ ଦୃଢ଼ୋକ୍ତି ଦେଖି ଗାନ୍ଧୀ ଆଶ୍ଚର୍ଯ୍ୟ ହେଲେ । ଦିନେ ଯେଉଁ କସ୍ତୁରବା ନିଜ ଗହଣା ଦେବାକୁ ପ୍ରାଥମିକ ଭାବେ ଅରାଜି ଥିଲେ ସେ ଆଜି ଗାନ୍ଧୀଙ୍କ ସହ ଜେଲ ଯିବାକୁ ଆଗଭର ।

ଗୃହମନ୍ତ୍ରୀ ଫିସର୍ ସ୍ପଷ୍ଟ କରିଦେଲେ, ତିନି ପାଉଣ୍ଡିଆ ଟିକସ ଉଠିବ ନାହିଁ । କଳା ଇମିଗ୍ରେସନ ଆଇନର ସଂଶୋଧନ ହେବନି । ପରମିଟ ଅଫିସରଙ୍କୁ ସ୍ୱତନ୍ତ୍ର କ୍ଷମତା ଦିଆଯିବ । ଯେଉଁ କ୍ଷମତା ବଳରେ ସେ ଜଣେ ଭାରତୀୟଙ୍କୁ ଦେଶରୁ ବାହାର କରିପାରିବେ ଏବଂ ଭାରତୀୟ ବିବାହ ଉପରେ ସେର୍ଲେଙ୍କ ରାୟକୁ କଡାକଡି ପାଳନ କରାଯିବ ।

ଏ ସମସ୍ତ ପ୍ରସ୍ତାବକୁ ନେଇ ନୂଆ ଏକ ଇମିଗେସନ୍ ବିଲ ସଂସଦରେ ପେଶ୍ ହେଲା ଏବଂ ସଂସଦରେ ଆଲୋଚନା ପରେ ପାରିତ ହୋଇ ଏହା ସମ୍ରାଟଙ୍କର ଦସ୍ତଖତ ହାସଲ କଲା ଜୁନ୍ ମାସ ତିନି ତାରିଖ, ୧୯୧୩ ମସିହାରେ । ଭାରତୀୟଙ୍କ ବିବାହ ସଂପର୍କରେ ତାଚ୍ଛଲ୍ୟପୂର୍ଣ୍ଣ ମନ୍ତବ୍ୟ ଦେଇ ଗୃହମନ୍ତ୍ରୀ ଫିସର କହିଦେଲେ, **ୟୁରୋପୀୟ**

Digitized by PPRACHIN, SOA

ସଭ୍ୟତା କେବଳ ଗୋଟିଏ ପୁରୁଷ ଏବଂ ଗୋଟିଏ ସ୍ତ୍ରୀର ବିବାହକୁ ସୁଯୋଗ ଦେଇଛି । ଏକାଧିକ ସ୍ତ୍ରୀ ଗ୍ରହଣ ୟୁରୋପରେ ନାହିଁ । ଯେଉଁ ସୁଯୋଗ ୟୁରୋପରେ ନାହିଁ, ସେ ସୁଯୋଗ ଭାରତୀୟମାନେ ପାଇବେ ବା କାହିଁକି ? ବିବାହ ରେଜିଷ୍ଟ୍ରିଭୁକ୍ତ ନହେଲେ ସେ ବିବାହ ଅବୈଧ ବୋଲି ଫିସର ସ୍ପଷ୍ଟ କରିଦେଲେ । କସ୍ତୁରବା ଯେତେବେଳେ ତାଙ୍କ ବିବାହର ବୈଧତା କଥା ପଚାରିଲେ, ଗାନ୍ଧୀ ଉତ୍ତର ଦେଲେ, ଫିସରଙ୍କ ଆଇନ ଅନୁଯାୟୀ ତାଙ୍କ ବିବାହ ବି ନ୍ୟାୟସଂଗତ ନୁହେଁ ଏବଂ ଭାରତୀୟଙ୍କ କାହାର ବିବାହ ବି ବୈଧ ନୁହେଁ ।

ପୁନଃ ଏକ ବ୍ୟାପକ ସତ୍ୟାଗ୍ରହ ଆନ୍ଦୋଳନ ପାଇଁ ଗାନ୍ଧୀ ଡାକରା ଦେଲେ । ସତ୍ୟାଗ୍ରହ କେତେଦିନ ଚାଲିବ ତା ଠିକ୍ ନଥିଲା । ପ୍ରାଥମିକ ଭାବେ ଏହା ଏକ ବର୍ଷ ଚାଲିବ ବୋଲି ସ୍ଥିର ହେଲା ଏବଂ ଯଦି କିଛି ସମାଧାନ ନହୁଏ, ଏହା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସଂଗଠିତ ହେବ । ଆନ୍ଦୋଳନ ଚଳେଇବା ପାଇଁ ସତ୍ୟାଗ୍ରହୀମାନେ ଭିକ୍ଷାକରି ଅର୍ଥ ସଂଗ୍ରହ କରିବେ । କେଲିନ୍‌ବେକ୍ ଏହାର ନେତୃତ୍ୱ ନେବେ । ପ୍ରଥମ ପର୍ଯ୍ୟାୟରେ ୧୦୦ ଜଣ ପୁରୁଷ ଏବଂ କସ୍ତୁରବା ସମେତ ୧୩ ଜଣ ମହିଳା ଜେଲ ଯିବେ ।

ଗୋଖଲେ ଏବଂ ବ୍ରିଟିଶ ସାଂସଦ ଆମ୍ପଥିଲ ନୂଆ ଏସିଆଟିକ୍ କଳା ଆଇନ ବିରୁଦ୍ଧରେ ଲଣ୍ଡନରେ ପ୍ରତିବାଦ କଲେ । ପ୍ରତିବାଦର କିଛି ଫଳ ହେଲା ନାହିଁ । ଦକ୍ଷିଣ ଆଫ୍ରିକାର ଉଗ୍ରବାଦୀ ବୋଅରମାନଙ୍କ ନିଷ୍ପତ୍ତି ଆଗରେ ଇଂରେଜୀମାନଙ୍କର ତଥାକଥିତ ସଭ୍ୟ ଆଇନ ସ୍ଥାଣୁ ହୋଇ ଯାଇଥିଲା ।

୧୯୧୩ ମସିହା ସେପ୍ଟେମ୍ବର ମାସରେ ମୋହନଦାସ ଦକ୍ଷିଣ ଆଫ୍ରିକା ସରକାରଙ୍କୁ ଜଣାଇଦେଲେ, ସେ ପୁଣି ସତ୍ୟାଗ୍ରହ କରିବେ । ଏ ସତ୍ୟାଗ୍ରହ ହେବ ୩ ପାଉଣ୍ଡିଆ କର, ବର୍ଣ୍ଣବୈଷମ୍ୟ ନୀତି ଏବଂ ବିବାହ ବୈଧତା ନେଇ ନୂଆ ବ୍ୟବସ୍ଥା ବିରୁଦ୍ଧରେ ।

ଗାନ୍ଧୀଙ୍କ ସତ୍ୟାଗ୍ରହ ଚେତାବନୀରେ ଦକ୍ଷିଣ ଆଫିକ୍ରାର ସରକାର ଟିକିଏ ବ୍ୟସ୍ତ ହୋଇ ପଡ଼ିଲେ । ଜୋହନ୍‌ସବର୍ଗର ଖଣି ଶ୍ରମିକ ମାନଙ୍କର ହିଂସାତ୍ମକ ଧର୍ମଘଟ ଯୋଗୁଁ ଦକ୍ଷିଣ ଆଫ୍ରିକାରେ ଅଶାନ୍ତି ଥିଲା । ଏବେ ଗାନ୍ଧୀଙ୍କର ନୂଆ ସତ୍ୟାଗ୍ରହ ଡାକରା ସରକାରଙ୍କ ନିଦ ହଜେଇ ଦେବାକୁ ଯାଉଥିଲା ।।

❖❖❖

Digitized by PPRACHIN, SOA

୩୮

ଜେଲରେ କସ୍ତୁରବା

ମୋହନଦାସଙ୍କ ପାଇଁ କସ୍ତୁରବା ସତ୍ୟାଗ୍ରର ଏକ ନୂଆ ପ୍ରେରଣା ହୋଇଗଲେ । କସ୍ତୁରବା ଯେ ଜେଲ ଯିବେ, ଏହା ଆଶ୍ଚର୍ଯ୍ୟ ଲାଗୁଥିଲା । ଜଷ୍ଟିସ୍ ସେର୍ଲୋଙ୍କ ରାୟରେ ଥିବା ବିବାହ କଟକଣା କସ୍ତୁରବାଙ୍କୁ ବିଚଳିତ କରିଥିଲା ଏବଂ ଏକ ପୂର୍ଣ୍ଣ ତଥା ବ୍ୟାପକ ଆନ୍ଦୋଳନ ଏହାର ଏକମାତ୍ର ଉପାୟ ବୋଲି ଉଭୟେ ମୋହନଦାସ ଏବଂ କସ୍ତୁରବା ଅନୁଭବ କରିଥିଲେ । ଆନ୍ଦୋଳନ ଏଥର ଟ୍ରାନ୍ସବାହାଲ କିମ୍ବା ନାତାଲରେ ନହୋଇ ସମଗ୍ର ଦକ୍ଷିଣ ଆଫ୍ରିକା ୟୁନିୟନରେ ହେବ ବୋଲି ମୋହନ ଠିକ୍ କଲେ ।

ପ୍ରକୃତରେ ଭାରତୀୟ ସମସ୍ୟାର ଗାନ୍ଧୀ ଏକ ଶାନ୍ତିପୂର୍ଣ୍ଣ ସମାଧାନ ଚାହୁଁଥିଲେ । ସେଇଥିପାଇଁ ସେ ଦରଖାସ୍ତ, ଆଲୋଚନା ଏବଂ ଛୋଟ ଛୋଟ ସତ୍ୟାଗ୍ରହର ଆଶ୍ରୟ ନେଉଥିଲେ । ସେ ଜାଣିଥିଲେ, ସେ ଦିନେ ଭାରତ ଫେରିଯିବେ । ଦକ୍ଷିଣ ଆଫ୍ରିକାରେ କିନ୍ତୁ କିଛି ଭାରତୀୟମାନେ ରହିବେ । ବସବାସର ଅଧିକାର, କାମ କରିବାର ଅଧିକାର ନଥିଲେ ସେମାନଙ୍କର ବଞ୍ଚିବା ତେଣୁ କଷ୍ଟ ହୋଇଯିବ ।

ନାତାଲରେ ଭାରତୀୟଙ୍କ ସଂଖ୍ୟା ଥିଲା ଏକ ଲକ୍ଷ ୩୫ ହଜାର । କେବଳ ଡ଼ର୍ବାନରେ ଦଶ ହଜାର ଭାରତୀୟ ରହୁଥିଲେ । ଟ୍ରାନ୍ସବାହାଲରେ ମଧ୍ୟ ଦଶ ହଜାର ଭାରତୀୟ ଥିଲେ । କେପ୍‌ରେ ଭାରତୀୟଙ୍କ ସଂଖ୍ୟା ଥିଲା ଛଅ ହଜାର । ଫ୍ରି ଷ୍ଟେଟ୍‌ରେ କିଛି ଅଳ୍ପ ସଂଖ୍ୟକ ଭାରତୀୟ ରହୁଥିଲେ । ଏମାନଙ୍କ ସଂଖ୍ୟା ଥିଲା ମାତ୍ର ୧୦୬ । ଫ୍ରି ଷ୍ଟେଟ୍‌ରେ ତେଣୁ ଭାରତୀୟଙ୍କ କିଛି ସମସ୍ୟା ନଥିଲା ।

ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କୁ ଏକ ସୁସ୍ଥ ଗଣତାନ୍ତ୍ରିକ ତଥା ସଭ୍ୟ ଜୀବନ ଦେବା ଲକ୍ଷ୍ୟରେ ଥିଲେ ମୋହନଦାସ କରମଚାନ୍ଦ ଗାନ୍ଧୀ । ଟିକସ ଉଚ୍ଛେଦ, କଳା ଆଇନର ପ୍ରତ୍ୟାହାର ଏବଂ ବିବାହ କଟକଣା ଉଚ୍ଛେଦ ବିରୁଦ୍ଧରେ ସତ୍ୟାଗ୍ରହ ଆନ୍ଦୋଳନ କରାଗଲା । ୧୯୧୩ ମସିହା ସେପ୍ଟେମ୍ବର ମାସ ୧୫ ତାରିଖ ସେମବାର ଦିନ ପ୍ରଥମ

Digitized by PPRACHIN, SOA

ସତ୍ୟାଗ୍ରହୀ ଗୋଷ୍ଠୀ ଫିନିକ୍ସରୁ ଟ୍ରାନ୍ସବାହାଲ ବାହାରିଲେ । ଏଥିରେ ୧୬ ଜଣ ସତ୍ୟାଗ୍ରହୀ ଥିଲେ । ୧୨ ଜଣ ଥିଲେ ପୁରୁଷ ଏବଂ ୪ ଜଣ ମହିଳା । ମହିଳାଙ୍କ ନେତୃତ୍ୱ ନେଉଥିଲେ କସ୍ତୁରବା । କସ୍ତୁରବାଙ୍କ ସହ ତାଙ୍କର ଦୁଇ ପୁତୁରା ବୋହୂ ଥିଲେ । ଛଗନଲାଲଙ୍କ ସ୍ତ୍ରୀ କାଶୀ ଏବଂ ମଗନଲାଲଙ୍କ ସ୍ତ୍ରୀ ସନ୍ତୋକ । ଅନ୍ୟ ମାନଙ୍କ ମଧ୍ୟରେ ଥିଲେ ପ୍ରାଣଜୀବନ ମେହେଟାଙ୍କ ଝିଅ ଜେକି ମେହେଟା, ଗାନ୍ଧୀଙ୍କ ତୃତୀୟ ପୁତ୍ର ରାମଦାସ ଏବଂ ପାର୍ଶୀ ରୁସ୍ତମଜୀ ।

ଫିନିକ୍ସର ପିଲାମାନେ ସତ୍ୟାଗ୍ରହୀଙ୍କ ବ୍ୟାଗ ସଜାଡ଼ି ଦେଲେ ଏବଂ ବ୍ୟାଗକୁ ଧରି ସେମାନେ ଷ୍ଟେସନ ପାଖକୁ ଗଲେ । ଇତିହାସର ଏହା ପ୍ରଥମ ଘଟଣା ଥିଲା ଯେ, ଭାରତୀୟ ମହିଳାମାନେ ଆନ୍ଦୋଳନରେ ପ୍ରତ୍ୟେକ୍ଷ ଭାଗ ନେଉଥିଲେ ।

ଭାରତରେ କୌଣସି ସାମାଜିକ ଆନ୍ଦୋଳନରେ ମହିଳାମାନେ ଅଂଶ ଗ୍ରହଣ କରିବାର ନଜିର ନଥିଲା । ଭାରତୀୟ ମଧ୍ୟବର୍ଗୀମାନେ ନିଜ ଘରର ମହିଳାମାନଙ୍କୁ ବାହାରେ ଆନ୍ଦୋଳନ କରିବା ବା ମିଶିବାକୁ ଅନୁମତି ଦେଉନଥିଲେ । ୧୯୦୫ ମସିହା ବଙ୍ଗଳା ଏବଂ ମହାରାଷ୍ଟ୍ରରେ ସ୍ୱଦେଶୀ ଆନ୍ଦୋଳନ କେବଳ ପୁରୁଷମାନଙ୍କର ଆନ୍ଦୋଳନ ଥିଲା । ଭାରତରେ ଉପନିବେଶିକ ଶାସନ ବିରୁଦ୍ଧରେ ଯେଉଁ ପ୍ରତିବାଦ ଆସୁଥିଲା, ସେ କେବଳ ପୁରୁଷମାନଙ୍କ ଠାରୁ ଆସୁଥିଲା । ଏବଂ ଦକ୍ଷିଣ ଆଫ୍ରିକାରେ ମହିଳାମାନେ ପ୍ରତିବାଦ ସଭାମାନଙ୍କୁ ଆସୁଥିଲେ ବି ଜେଲ ଯିବାକୁ ପ୍ରସ୍ତୁତ ହୋଇ ପାରିନଥିଲେ ।

ସତ୍ୟାଗ୍ରହରେ ଯୋଗ ଦେବାର ଇଛା କସ୍ତୁରବାଙ୍କର ନିଜସ୍ୱ ଏବଂ ସ୍ୱତଃସ୍ଫୂର୍ତ ଥିଲା । ଏଥିପାଇଁ ମୋହନଦାସଙ୍କର କୌଣସି ଚାପ ନଥିଲା । ଜଷ୍ଟିସ୍ ସେର୍ଲେଙ୍କ ରାୟ ବିରୁଦ୍ଧରେ କସ୍ତୁରବା ବିକ୍ଷୁବ୍ଧ ଥିଲେ ।

କସ୍ତୁରବା, ଜେକି, ରୁସ୍ତମଜୀ ଏବଂ ଅନ୍ୟମାନେ ଫିନିକ୍ସର ଭୋଲକାରଷ୍ଟ ଅଭିମୁଖେ ଯାତ୍ରା କଲେ ।

କେଲିନବେକ୍‌ଙ୍କୁ ଖବର ଦେଲେ ମୋହନଦାସ ।

"କେଲିନବେକ୍ ! ତୁମେ ଶୀଘ୍ର ଭୋଲକାରଷ୍ଟ ଚାଲିଆସ । କସ୍ତୁରବା ତାଙ୍କ ସାଥୀଙ୍କ ସହ ସୋମବାର ଦିନ ଭୋଲକାରଷ୍ଟରେ ପହଞ୍ଚିଯିବେ । ସେମାନେ ଟ୍ରାନ୍ସବାହାଲ ଯିବାକୁ ସୀମା ପାର ହେବେ । ତୁମେ ତାଙ୍କ ପାଖରେ ରହିବ । କିଛି ନକହି ତୁମେ କେବଳ ତାଙ୍କ ଉପରେ ନଜର ରଖିବ । ସେମାନଙ୍କ ଭିତରୁ ଜଣେ ପୋଲିସ ସହ ଇଂରାଜୀରେ କଥା ହେବେ । ପୋଲିସ ଆଙ୍ଗୁଠି ଛାପ ମାଗିଲେ ସେମାନେ ଯେପରି ନଦେବେ, ଦେଖିବ । ପୋଲିସ ତାଙ୍କୁ ଗିରଫ କଲେ ସେମାନଙ୍କୁ ପୋଲିସ ଷ୍ଟେସନରେ

Digitized by PPRACHIN, SOA

ରହିବାକୁ କହିବ । ଯଦି ପୋଲିସ ତାଙ୍କୁ ଗିରଫ ନକରେ ତେବେ ସତ୍ୟାଗ୍ରହୀଙ୍କ ପାଇଁ ଟିକଟ କରି ତାଙ୍କୁ ସାଙ୍ଗରେ ଜୋହାନ୍ସବର୍ଗ ଟ୍ରେନ୍‌ରେ ନେଇଯିବ । ଏବଂ ସେମାନେ ଯଦି ଗିରଫ ହୋଇ ଜେଲ ଯାଆନ୍ତି, ଜେଲରଙ୍କୁ ସାକ୍ଷାତ କରି ସତ୍ୟାଗ୍ରହୀଙ୍କ ଧର୍ମ ଏବଂ ଖାଦ୍ୟ ସଂପର୍କରେ କହିବ । କହିବ, କସ୍ତୁରବା କେବଳ ଫଳ ଆହାରୀ । ଜେଲି ପାଉଁରୁଟି ଖାଏ ନାହିଁ । ଅସୁବିଧା ହେଲେ ବି ସତ୍ୟାଗ୍ରହୀମାନେ ଯେପରି କିଛି ଆପତ୍ତି ନକରନ୍ତି ବୁଝେଇଥିବ । ନିଜ ବ୍ୟବସାୟ ଛାଡ଼ି ତୁମେ ଯେପରି ସତ୍ୟାଗ୍ରହ ପାଇଁ ପୂର୍ଣ୍ଣ ସମୟ ଦେବ ।"

କେଲିନବେକ୍‌ଙ୍କ ପାଇଁ ଗାନ୍ଧୀଙ୍କର ଏହା ଥିଲା ଏକ ଲମ୍ବା ଚିଠି । ଗାନ୍ଧୀ ଯେ ସତ୍ୟାଗ୍ରହର ଜଣେ ତତ୍ତ୍ୱବିତ୍ ଥିଲେ ତାହା ନୁହେଁ । ସେ ସତ୍ୟାଗ୍ରହର ଜଣେ କୌଶଳୀ ଯୋଜନାକାରୀ ବି ଥିଲେ । ଜନ ଆନ୍ଦୋଳନର ସେ ରୋଡ୍‌ମ୍ୟାପ୍ ଜାଣିଥିଲେ ।

କସ୍ତୁରବା ସମେତ ସମସ୍ତ ସତ୍ୟାଗ୍ରହୀଙ୍କୁ ପୋଲିସ ଭୋଲକାରଷ୍ଟରେ ଗିରଫ କଲା । ଜେଲରେ ସେମାନଙ୍କର ବିଚାର ହେଲା । ଏବଂ ସେପ୍ଟେମ୍ବର ୨୩ ତାରିଖରେ ଭୋଲକାରଷ୍ଟ କୋର୍ଟ କସ୍ତୁରବା ଏବଂ ଅନ୍ୟମାନଙ୍କୁ ୩ ମାସ ସଶ୍ରମ କାରଦଣ୍ଡର ଆଦେଶ ଦେଲେ । କସ୍ତୁରବା ଏବଂ ତାଙ୍କର ତୃତୀୟ ପୁତ୍ର ରାମଦାସ ଜେଲରେ ରହିଲେ ।

୧୩ ବର୍ଷ ବୟସରେ ଜଣେ ବିଶିଷ୍ଟ ବ୍ୟବସାୟୀର ଅଲିଅଳ କନ୍ୟା କସ୍ତୁରବା ବିଲାତ ଶିକ୍ଷିତ ଜଣେ ବାରିଷ୍ଟରଙ୍କୁ ବିବାହ କଲାବେଳେ ନୂଆ ଏକ ଦୁନିଆର ସ୍ୱପ୍ନ ଦେଖିଥିଲେ । ସେ ସ୍ୱପ୍ନ ଭିତରେ ସମ୍ଭବତଃ ସ୍ୱାମୀ ଏବଂ ପୁତ୍ରଙ୍କ ସହ ଦିନେ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଜେଲ୍ ଯିବାର ସ୍ୱପ୍ନ ନଥିଲା ।

ଜେଲରେ କସ୍ତୁରବାଙ୍କୁ ଲୁଗା ସଫା କରିବାକୁ ଦିଆଯାଉଥିଲା । ଜେଲର ଅଗଣା ଓଳାଇବାକୁ କୁହା ଯାଉଥିଲା । ଏ ଥିଲା କସ୍ତୁରବାଙ୍କର ସଶ୍ରମ କାରାଦଣ୍ଡ । ଦ୍ୱିତୀୟ ପୁତ୍ର ମଣିଲାଲ ପରେ ଗିରଫ ହୋଇ ଜେଲ ଆସିଲେ । ଦୁଇ ପୁତ୍ରଙ୍କ ସହ କସ୍ତୁରବାଙ୍କର ଥିଲା ପ୍ରଥମ ଜେଲ ଜୀବନ ।

ଭାରତରେ ଥିବା ବଡ଼ପୁଅ ହରିଲାଲଙ୍କ ପାଖକୁ ଚିଠି ଲେଖିଲେ ଗାନ୍ଧୀ – "ହରିଲାଲ, ତୁମେ ଶିଘ୍ର ଦକ୍ଷିଣ ଆଫ୍ରିକା ଚାଲିଆସ । ସତ୍ୟାଗ୍ରହ ଏବେ ଶେଷ ପର୍ଯ୍ୟାୟରେ । ଚଞ୍ଚଳ ଯଦି ଜେଲ ଯିବାକୁ ପ୍ରସ୍ତୁତ ଅଛି, ତାକୁ ସାଙ୍ଗରେ ଆଣିବ ।"

ହରିଲାଲ ଆସିନଥିଲେ ।

ଆନ୍ଦୋଳନ ଘନୀଭୂତ ହେଉଥିଲା । ଫିସରଙ୍କ ପରେ ସ୍ମଟ୍‌ସ ପୁଣି ଦକ୍ଷିଣ ଆଫ୍ରିକାର

Digitized by PPRACHIN, SOA

ଗୃହମନ୍ତ୍ରୀ ହେଲେ । ସ୍ମଟ୍‌ସ ତାଚ୍ଛଲ୍ୟ କରି ମନ୍ତବ୍ୟ ଦେଲେ– ଏପରି ପାଗଳାମୀ ଗାନ୍ଧୀଙ୍କର ବେଳେ ବେଳେ ଆସେ । ଏହା ନିଶ୍ଚିତ ଯେ, ବର୍ଣ୍ଣ ବୈଷମ୍ୟ ନୀତି ଉଠିବ ନାହିଁ । ବିବାହ କଟକଣା ଉଠିବ ନାହିଁ । ୩ ପାଉଣ୍ଡିଆ କର ବାବଦରେ ହଠାତ୍ କିଛି ପରିବର୍ତ୍ତନ ଆସିପାରେ । ଏଥିପାଇଁ ତାଙ୍କର ଏକ ଉଦାରବାଦୀ ମତ ରହିଛି ।

ଦକ୍ଷିଣ ଆଫ୍ରିକାର ସମସ୍ତ ଖବର କାଗଜ ଆନ୍ଦୋଳନ ସଂପର୍କରେ କେମିତ ଏକ ନକରାତ୍ମକ ଚିତ୍ର ଦେଲେ । ସେମାନେ ଲେଖିଲେ– ଗାନ୍ଧୀ ଆନ୍ଦୋଳନରେ ସେମିତି କିଛି ଆଉ ଦମ୍ ନାହିଁ । ଲୋକଙ୍କ ସମର୍ଥନ ନାହିଁ । ଗତଥର ତିନିହଜାର ଲୋକ ଏଇ ଆନ୍ଦୋଳନରେ ଯୋଗ ଦେଇଥିଲେ । ଏଥର ୧୫୦ରୁ ଅଧିକ ହେବେନି । ଲୋକେ ଆନ୍ଦୋଳନରେ ଯୋଗ ଦେବାକୁ ଟଙ୍କା ମାଗୁଛନ୍ତି ।

ଏସବୁ ଅସତ୍ୟ ଏକ ମନଗଢ଼ା ଖବର ହିଁ ଥିଲା ।

ସମ୍ବାଦପତ୍ର ଏବଂ ଜେନେରାଲ ସ୍ମଟ୍‌ସଙ୍କ ପ୍ରତିକ୍ରିୟା ମୋହନ୍‌ଦାସଙ୍କ ସଂକଳ୍ପକୁ ଆହୁରି ଦୃଢ଼ କରିଦେଲା । ବ୍ରିଟିଶ ଭାରତୀୟ ଆସୋସିଏସନର ଅଧ୍ୟକ୍ଷ ଏ.ଏମ୍. କାଛାଲିଆ ବି ମୋହନଙ୍କୁ ପୂର୍ଣ୍ଣ ସମର୍ଥନ କରୁଥିଲେ ।

❖❖❖



ଟ୍ରାନ୍ସବାହାଲରେ ସତ୍ୟାଗ୍ରହ କାର୍ଟୁନ୍ : ଷ୍ଟପ୍ ସ୍ମଟ୍‌ସ ପ୍ଲିଜ୍
(ହାତୀ ଉପରେ ଗାନ୍ଧୀ, ଷ୍ଟିମରୋଲରରେ ସ୍ମଟ୍‌ସ)

Digitized by PPRACHIN, SOA

୩୯

ଦୀର୍ଘ ପଦଯାତ୍ରା

କସ୍ତୁରବା ଜେଲ ଯିବା ପରେ ଆନ୍ଦୋଳନ ଏକ ନୂଆ ମୋଡ଼୍ ନେଲା । ସମଗ୍ର ଦକ୍ଷିଣ ଆଫ୍ରିକା ଭାରତୀୟଙ୍କ ଭିତରେ ଥିବା ଅଶାନ୍ତି ଆହୁରି ଘନୀଭୂତ ହୋଇଗଲା । ମୋହନଦାସ ସେପ୍ଟେମ୍ବର ୨୫ ତାରିଖରେ ଫିନିକ୍ସ ଆଶ୍ରମ ଛାଡ଼ି ଟ୍ରାନ୍ସବାହାଲ ଚାଲି ଆସିଲେ ଏବଂ ସ୍ଥିର କଲେ ସେ ଏକ ଦୀର୍ଘ ପଦଯାତ୍ରା କରି ନାତାଲ ସୀମା ପାର ହୋଇ ଜୋହାନ୍ସବର୍ଗର ଟଲଷ୍ଟୟ ଫାର୍ମକୁ ଆସିବେ ।

ସହରକୁ ସହର ବୁଲିଲେ ମୋହନଦାସ । ସଭାମାନ କଲେ । ଦକ୍ଷିଣ ଆଫ୍ରିକା ସରକାରଙ୍କର ଭାରତୀୟଙ୍କ ପ୍ରତି ନିଷ୍ଠୁରତା କଥା ଲୋକଙ୍କୁ ବୁଝେଇଲେ । କାମ କରିବାର ଅଧିକାର ଏବଂ ଘର କରି ରହିବାର ଅଧିକାର ଯେଉଁ ସରକାର ପ୍ରତ୍ୟାଖ୍ୟାନ କରେ, ସେ ସରକାର ଯେ କେବେ ସଭ୍ୟ ହୋଇ ନପାରେ, ଏହା ଥିଲା ମୋହନଙ୍କ ବକ୍ତବ୍ୟ । ସୁତରାଂ ଏହା ବିରୁଦ୍ଧରେ ଭାରତୀୟମାନେ ସଂଘବଦ୍ଧ ହୋଇ ଲଢ଼େଇ କରିବାର ସମୟ ଆସିଛି ବୋଲି ଗାନ୍ଧୀ ଭାରତୀୟଙ୍କୁ ଅନୁପ୍ରାଣିତ କଲେ ।

ବିଭିନ୍ନ ସହରରେ ମୋହନଦାସଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଗଲା । କିଛି ସହରରେ ବି ତାଙ୍କର ବିରୁଦ୍ଧ କରାଗଲା । ଅଧିକାଂଶ ସାଧାରଣ ଭାରତୀୟଙ୍କର କିନ୍ତୁ ପ୍ରତିକ୍ରିୟା ଥିଲା, "ଗାନ୍ଧୀଭାଇ ଆମ ପାଇଁ ଲଢୁଛି । ଆମେ ତାଙ୍କୁ ସାହାଯ୍ୟ କରିବା ଉଚିତ୍" । ଜଣାଶୁଣା ଗାନ୍ଧୀ ବିରୋଧୀ ସାଂବାଦିକ ପି.ଏସ୍. ଆୟାରଙ୍କ ଖବର କାଗଜ କର୍ମଚାରୀ ଅଭାବରୁ ବନ୍ଦ ହୋଇଗଲା । ଆୟାରଙ୍କ ବିରୋଧ ସତ୍ତ୍ୱେ ଖବର କାଗଜର କର୍ମଚାରୀମାନେ ଗାନ୍ଧୀ ଆନ୍ଦୋଳନରେ ଯୋଗ ଦେବା ପ୍ରସ୍ତୁତି ନେଇ ପ୍ରେସ ଯିବା ବନ୍ଦ କରିଦେଲେ ।

ପଦଯାତ୍ରାର ଯୋଜନା ଥିଲା, ସମୁଦାୟ ୩୦୦ ମାଇଲ ପଦଯାତ୍ରାରେ ଗାନ୍ଧୀ ଏବଂ ତାଙ୍କ ସହଯୋଗୀମାନେ ବାହାରିବେ । ୨୦ ମାଇଲ ଗଲାପରେ ବାଟରେ ସେମାନେ ଠାଏ ଠାଏ ରହିବେ । ବିଶ୍ରାମ ନେବେ ।

ଗାନ୍ଧୀ ବେଶ୍ ଭଲ ଚାଲି ପାରନ୍ତି । ଇଂରାଜୀରେ ଯାହା କୁହାଯାଏ, ସେ ଜଣେ

Digitized by PPRACHIN, SOA

ଭଲ ୱାକର୍ । ବମ୍ବେରେ କୋର୍ଟକୁ ସେ ଚାଲି ଚାଲି ଯାଉଥିଲେ । ଜୋହାନ୍ସବର୍ଗରେ କଚେରୀକୁ ମଧ୍ୟ ସେ ଚାଲି ଚାଲି ଯାଉଥିଲେ । ଲଣ୍ଡନରେ ଥିବା ବେଳେ ଭେଜିଟାରିୟାନ୍ ରେଷ୍ଟୁରାଣ୍ଟକୁ ପାଦରେ ଯିବା ଗାନ୍ଧୀଙ୍କର ଅଭ୍ୟାସ ଥିଲା ।

ଗାନ୍ଧୀ ଧିରେ ଧିରେ ଚାଲନ୍ତି ନାହିଁ । ଟିକିଏ ଜୋରରେ ସେ ଚାଲନ୍ତି । ଚାଲିଲା ବେଳେ ତାଙ୍କ ସହ ଚାଲୁଥିବା ବ୍ୟକ୍ତିଙ୍କ ସହ ସେ କଥା ହେଉଥାଆନ୍ତି ଏବଂ କଥା ନହେଲାବେଳେ ସେ କେମିତି ଏକ ଧ୍ୟାନ ମୁଦ୍ରାରେ ଚାଲନ୍ତି ।

ଗାନ୍ଧୀଙ୍କ ଚାଲିବା ଭଙ୍ଗି ଥିଲା ସ୍ୱତନ୍ତ୍ର । ଚାଲିଲା ବେଳେ କାନ୍ଧ ଟିକିଏ ବଙ୍କେଇ ହୋଇ ରହିଥାଏ । ମୁଣ୍ଡ ଆଗକୁ ଝୁଲିଥାଏ । ଦୁଇ ହାତ ପିଠି ପଛପଟେ ଥାଏ । ଡାହାଣ ହାତରେ ସେ ପଛରେ ବାମ ହାତର କଚଟି ଜାବୁଡ଼ି ଧରିଥାଆନ୍ତି ।

ଟ୍ରାନ୍ସବାହାଲ କଳା ଆଇନ ବିରୁଦ୍ଧରେ ପ୍ରତିବାଦ କରି ଗାନ୍ଧୀଙ୍କ ପଦଯାତ୍ରା ଆରମ୍ଭ ହେଲା ୧୯୧୩ ମସିହା ଅକ୍ଟୋବର ମାସ ୨୫ ତାରିଖରେ । ସେଦିନ ଥିଲା ଦଶହରା । ଗାନ୍ଧୀଙ୍କ ସହ ହେନେରୀ ପୋଲକ, କେଲିନ୍‌ବେକ୍ ଏବଂ ଅନ୍ୟ ପ୍ରାୟ ୨୦୦ ଜଣ ପଦଯାତ୍ରୀ ଥିଲେ । ନଭେମ୍ବର ମାସ ତିନି ତାରିଖରେ ଗାନ୍ଧୀ ଚାର୍ଲସ ଟାଉନରେ ପହଞ୍ଚିଲେ । ସେତେବେଳକୁ ତାଙ୍କ ସହ ପ୍ରାୟ ପନ୍ଦର ଶହ ପଦଯାତ୍ରୀ ଯୋଗ ଦେଇ ସାରିଥିଲେ । ସେଦିନ ଚାର୍ଲସ ଟାଉନ୍ ସହର ଯେପରି ଶହ ଶହ ଭାରତୀୟଙ୍କ ଉପସ୍ଥିତିରେ ଏକ ଭାରତୀୟ ବଜାର ପରି ଦେଖା ଯାଉଥିଲା । ପଦଯାତ୍ରାରେ ମୋହନଦାସ ପୁରା ପଛରେ ଥିଲେ ଏବଂ ଭୋଲ୍‌କାରଷ୍ଟ୍ ସହର ଆସିବା ପୂର୍ବରୁ ମୋହନ ପଦଯାତ୍ରାର ପଛରୁ ଆସି ଆଗକୁ ଚାଲି ଆସିଲେ ଏବଂ ପଦଯାତ୍ରାର ନେତୃତ୍ୱ ନେଲେ । ଗାନ୍ଧୀଙ୍କ ସହ ପାଦକୁ ପାଦ ମିଶାଇ ହେନେରୀ ପୋଲକ ଚାଲୁଥିଲେ । ପଛରେ ଥିଲେ ଲମ୍ବା ରିବନ ପରି ଏକ ବିରାଟ ପଦଯାତ୍ରୀ ଦଳ । ପଦଯାତ୍ରୀଙ୍କ ଭିତରୁ କିଛି ଲୋକ ପାଉଁଶିଆ ରଂଗର ପୋଷାକ ପିନ୍ଧିଥିଲେ । କିଛି ଲୋକ ଶସ୍ତା ୟୁରୋପୀୟ କୋର୍ଟ ପିନ୍ଧିଥିଲେ । ସମସ୍ତଙ୍କ ପାଦରେ ରେଡ଼ିମେଡ୍ ବୁଟ୍ ଥିଲା । ଅନେକ ବୁଟର ଲେସ୍‌କୁ ଭଲଭାବେ ବାନ୍ଧି ପାରିନଥିଲେ ! କିଛି ଲୋକ କାନ୍ଧରେ ନିଜର ଛୋଟ ପିଲାକୁ ବସେଇ ଚାଲୁଥିଲେ । ନିଜର ବ୍ୟବହାର ପାଇଁ କିଛି ଜିନିଷକୁ ସେ ବ୍ୟାଗରେ ରଖି ହାତରେ ଧରିଥିଲେ । ସଂଗ୍ରାମ ପାଇଁ ସମସ୍ତେ ସଂପୂର୍ଣ୍ଣ ସଂକଳ୍ପବଦ୍ଧ ଥିଲେ ।

ଗାନ୍ଧୀଙ୍କୁ ଗିରଫ କରିବାକୁ ଜେନେରାଲ ସ୍ମଟସ୍‌ଙ୍କ ଉପରେ ପୋଲିସ ଚାପ ଦେଲା । ସ୍ମଟସ କିନ୍ତୁ ଗାନ୍ଧୀଙ୍କ ଗିରଫ ପାଇଁ ରାଜି ନଥିଲେ । ସ୍ମଟସଙ୍କ ଧାରଣାଥିଲା, ଏତେ ବଡ଼ ପଦଯାତ୍ରା କେବେ ସଫଳ ହୋଇପାରିବ ନାହିଁ । ତେଣୁ ଅସଫଳ ଆନ୍ଦୋଳନର ଏକ ନେତାଙ୍କୁ ଗିରଫ କରି ତାଙ୍କୁ ସେ ବଡ଼ କାହିଁକି କରିବେ ?

Digitized by PPRACHIN, SOA

ପଦଯାତ୍ରାରେ ଲୋକଙ୍କ ଭିଡ଼ ଦେଖି ବାଟରେ ଗାନ୍ଧୀଙ୍କୁ ଗିରଫ କରାଗଲା । ଏବଂ କୋର୍ଟରେ ତାଙ୍କୁ ପେଶ୍ କରାଗଲା । ନିଜ କଥା ବିଚାର ପୂର୍ବରୁ ପଦଯାତ୍ରାରେ ଆସୁଥିବା ଅସୁସ୍ଥ ସହଯୋଗୀଙ୍କର ତୁରନ୍ତ ଚିକିତ୍ସା କରିବାକୁ ଗାନ୍ଧୀ ଦକ୍ଷିଣ ଆଫ୍ରିକା ସରକାରଙ୍କୁ ଅନୁରୋଧ କଲେ ।

କୋର୍ଟରେ ନିଜର ଜାମିନ୍ ମାଗିଲେ ମୋହନଦାସ । ତାଙ୍କର ଯୁକ୍ତି ଥିଲା, ସେ ଜଣେ ଓକିଲ । ସେ ନାଟାଲର ଜଣେ ପୁରୁଣା ଅଧିବାସୀ । ନାଟାଲର କୌଣସି ଆଇନ ସେ ଭାଙ୍ଗୁ ନାହାନ୍ତି । ଗୋଖଲେଙ୍କୁ ସ୍ମଟସ ଦେଇଥିବା ପ୍ରତିଶ୍ରୁତି ପାଳନ ପାଇଁ ସେ କେବଳ ଆନ୍ଦୋଳନ ମାଧ୍ୟମରେ ଅନୁରୋଧ କରୁଛନ୍ତି ।

ପଚାଶ ପାଉଣ୍ଡ ମୁଚଲିକାରେ କୋର୍ଟ ମୋହନଦାସଙ୍କୁ ଜାମିନ ଦେଲେ । କୋର୍ଟରୁ ବାହାରି ଗାନ୍ଧୀ ତତ୍କ୍ଷଣାତ୍ କାର ଯୋଗେ ପଦଯାତ୍ରା ସ୍ଥଳକୁ ଚାଲିଗଲେ । ପୁଣି ପଦଯାତ୍ରୀଙ୍କ ସହ ମିଶିଲେ । ନେତାଙ୍କ ପ୍ରତ୍ୟାଗମନ ଦେଖି ପଦଯାତ୍ରୀଙ୍କ ଅସୀମ ଆନନ୍ଦ ଖେଳିଗଲା । ପଦଯାତ୍ରା ପୁଣି ଆରମ୍ଭ ହେଲା ।

ନାଟାଲ ଏବଂ ଟ୍ରାନ୍ସଭାଲର ସୀମା ସହର ଭୋଲକାରଷ୍ଟରେ ପହଞ୍ଚିବା ପୂର୍ବରୁ ମୋହନଦାସଙ୍କୁ ପୁଣି ଗିରଫ କରାଗଲା ଏବଂ ତାଙ୍କୁ କୋର୍ଟ ପଠେଇ ଦିଆଗଲା ।

କୋର୍ଟରେ ବିଚାର ହେଲା ଗାନ୍ଧୀଙ୍କର । ଏକ ବର୍ଷ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ ହେଲେ ଗାନ୍ଧୀ । ଗାନ୍ଧୀ ଜେଲ ଗଲେ ଏବଂ ଭୋଲକାରଷ୍ଟର ପଦଯାତ୍ରୀଙ୍କୁ ଏକାଠି କରି ୩ଟି ଟ୍ରେନ୍ ଯୋଗେ ଡ଼ର୍ବାନ୍ ପଠାଇ ଦିଆଗଲା । ପଦଯାତ୍ରାର ମିସନ୍ ବିଫଳ ହେଲେ ବି ଲୋକଙ୍କ ଉତ୍ସାହ କମିନଥିଲା । ସତ୍ୟାଗ୍ରହୀମାନେ ଉଚ୍ଚ ସ୍ୱରରେ ପୋଲିସକୁ ଜବାବ ଦେଇଥିଲେ, "ଗାନ୍ଧୀଭାଇ ଫେରିଲେ ପୁଣି ପଦଯାତ୍ରା କରିବୁ" ।

ଗାନ୍ଧୀଙ୍କ ଜେଲ ପରେ ଦକ୍ଷିଣ ଆଫ୍ରିକା ଅଶାନ୍ତ ହୋଇ ଉଠିଲା । ଚିନି କଳ ଏବଂ ଚିନି ଫାର୍ମରେ କାମ କରୁଥିବା ଶ୍ରମିକମାନେ ଧର୍ମଘଟ କଲେ । ଖଣି ଏବଂ ଇଟା ଭାଟିର ଶ୍ରମିକମାନେ ବି ଧର୍ମଘଟରେ ଯୋଗ ଦେଲେ । ପୋଲିସ ଧର୍ମଘଟକୁ ଦମନରେ ଲାଗି ପଡ଼ିଲା । ଅନେକ ଯାଗାରେ ଧର୍ମଘଟକାରୀମାନେ ପୋଲିସ ଉପରେ ଆକ୍ରମଣ କଲେ । ୟୁନିୟନ ସରକାର ଆନ୍ଦୋଳନ ଦମନ ପାଇଁ ଶେଷରେ ସୈନ୍ୟ ବାହିନୀକୁ ନିୟୋଜିତ କଲେ । ଫିନିକ୍ସ ଆଶ୍ରମରେ ବି ଖାନତଲାସ ହେଲା । ୧୯୧୩ ମସିହା ନଭେମ୍ବର ମାସ ଥିଲା ଦକ୍ଷିଣ ଆଫ୍ରିକାର ଭାରତୀୟଙ୍କ ଧର୍ମଘଟର ମାସ । ପୁରା ଡ଼ର୍ବାନ୍ ସହର ବନ୍ଦ ହୋଇଗଲା । ବ୍ୟବସାୟ ବନ୍ଦ ହେଲା । ତିନି ପାଉଣ୍ଡ ଟିକସ ବ୍ୟବସ୍ଥା ନ ଉଠିବା ପର୍ଯ୍ୟନ୍ତ ଏ ବନ୍ଦ ଚାଲୁରହିବ ବୋଲି ବ୍ୟବସାୟୀମାନେ ସ୍ପଷ୍ଟ କରିଦେଲେ । ନଭେମ୍ବର ଶେଷ ବେଳକୁ ପ୍ରାୟ ଏକ ହଜାର ଭାରତୀୟ ଜେଲ ଯାଇଥିଲେ । ଏଇ

Digitized by PPRACHIN, SOA

ସତ୍ୟାଗ୍ରହୀ ପୋଷାକରେ ଗାନ୍ଧୀ

Digitized by PPRACHIN, SOA

କଏଦୀଙ୍କ ଭିତରେ ଅଧିକାଂଶ ଥିଲେ ନାତାଲର ଶ୍ରମିକ, ଟ୍ରାନ୍ସବାହାଲର ବ୍ୟବସାୟୀ, କିଛି ବୁଲା ବିକାଳି, ଗାନ୍ଧୀଙ୍କ ଅନୁଗାମୀ, ବନ୍ଧୁ ଏବଂ ଗାନ୍ଧୀ ପରିବାରର ସଦସ୍ୟ । ସତ୍ୟାଗ୍ରହୀଙ୍କ କିଛି ସୀମା ନଥିଲା । ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ସାମିଲ ଥିଲେ ।

ଗାନ୍ଧୀଙ୍କ ସତ୍ୟାଗ୍ରହ ଆନ୍ଦୋଳନ ଦକ୍ଷିଣ ଆଫ୍ରିକାରେ ଗୋରାମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା । ଭାରତୀୟଙ୍କ ପ୍ରତି ଗୋରାମାନଙ୍କର ଭୟ ଥିଲା ଏବଂ କ୍ରୋଧ ବି ଥିଲା ।

ଭାରତରେ ମୋହନଦାସ ଏକ ଚର୍ଚ୍ଚିତ ନାଁ ହୋଇ ଯାଇଥିଲେ । ଦକ୍ଷିଣ ଆଫ୍ରିକାରେ ପଦଯାତ୍ରା ପ୍ରତି ଭାରତ ସାରା ଅନୁକମ୍ପା ଆସିଲା । ଦକ୍ଷିଣ ଆଫ୍ରିକାର ଭାରତୀୟ ପାଣ୍ଠିକୁ ଭାରତୀୟମାନେ ଚାନ୍ଦା ଦେଲେ । ପ୍ରଥମ ଚାନ୍ଦା ଦାତା ଥିଲେ ନୋବେଲ ପୁରସ୍କାର ବିଜୟୀ ରବୀନ୍ଦ୍ରନାଥ ଟାଗୋର । ବିଶିଷ୍ଟ ଓକିଲ ଫିରୋଜଶାହା ମେହେଟ୍ଟା ବି ଅର୍ଥ ସାହାଯ୍ୟ ଦେଲେ । ସବୁଠାରୁ ଆଶ୍ଚର୍ଯ୍ୟ ଥିଲା, ଭାରତର ଭାଇସରାୟ ଲର୍ଡ୍ ହାଡ଼ିଞ୍ଜ୍ ଦକ୍ଷିଣ ଆଫ୍ରିକାର ଭାରତୀୟଙ୍କ ପ୍ରତି ସମବେଦନା ଜଣାଇଲେ । ଭାରତୀୟ ପାଣ୍ଠିର ସଂଗୃହିତ ଅର୍ଥ ଦକ୍ଷିଣ ଆଫ୍ରିକାର ସତ୍ୟାଗ୍ରହ ପାଇଁ ଖର୍ଚ୍ଚ ହେଉଥିଲା ।

ଦକ୍ଷିଣ ଆଫ୍ରିକା ସରକାର ସତ୍ୟାଗ୍ରହର କାରଣ ଏବଂ ପରିଣତି ସଂପର୍କରେ ଅନୁଧ୍ୟାନ କରିବା ନିମନ୍ତେ ଏକ ତିନି ଜଣିଆ କମିଟି ବସେଇଲେ । ଏହା ଏକ ନ୍ୟାୟିକ ଆୟେଗ ଥିଲା । ବିଶିଷ୍ଟ ନ୍ୟାୟଶାସ୍ତ୍ରୀ ଉଇଲିୟମ ସଲମନ୍ ଏହି ତଦନ୍ତ କମିଶନର ଅଧ୍ୟକ୍ଷ ହେଲେ । ଅନ୍ୟ ଯେଉଁ ଦୁଇ ଜଣ ସଦସ୍ୟ ଥିଲେ, ଏ ଦୁଇ ଜଣ ଭାରତୀୟ ବିରୋଧୀ ଗୋରା ବ୍ୟକ୍ତି ଥିଲେ । ଏପରି ଏକ ଆୟୋଗ ଗଠନକୁ ଗାନ୍ଧୀ ଏବଂ ଅନ୍ୟ ଭାରତୀୟ ନେତାମାନେ ପସନ୍ଦ କରିନଥିଲେ, ବରଂ ଏହାକୁ ବୟକଟ୍ କରିବାକୁ ନିଷ୍ପତ୍ତି ନେଇଥିଲେ ।

ତଦନ୍ତ କମିଟିର ସୁପାରିଶ କ୍ରମେ ୧୯୧୩ ମସିହା ଡ଼ିସେମ୍ବର ମାସ ୧୮ ତାରିଖରେ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କୁ ଜେଲରୁ ମୁକ୍ତ କରିଦିଆଗଲା । ତା' ପରଦିନ ପୋଲକ ଏବଂ କେଲିନ୍‌ବେକ୍ ଜେଲରୁ ଖଲାସ ହେଲେ । ତଦନ୍ତରେ ଏମାନଙ୍କ ସହଯୋଗ ଦରକାର ବୋଲି କମିଟି ଏକ ଅନ୍ତରିଣ ସୁପାରିଶ କରିଥିଲେ ।

ଜେଲରୁ ଖଲାସ ହୋଇ ଗାନ୍ଧୀ ଡ଼ିସେମ୍ବର ମାସ ୧୯ ତାରିଖରେ ଡ଼ର୍ବାନ୍‌ରେ ପହଞ୍ଚିଲେ । ଗାନ୍ଧୀଙ୍କୁ ସ୍ୱାଗତ କରିବାକୁ ସେଠାରେ ଅସମ୍ଭବ ଭିଡ଼ ଥିଲା । ଖୋଲା ଶଗଡ଼ ଗାଡ଼ିରେ ଗାନ୍ଧୀଙ୍କୁ ବସେଇ ଏକ ଶୋଭାଯାତ୍ରାରେ ନିଆଗଲା । ଶଗଡ଼ରେ ଗଦା ଗଦା ଫୁଲ ଥିଲା । ଗାଡ଼ିକୁ ଯୁବକମାନେ ଟାଣୁ ଥିଲେ । ଶହ ଶହ ପୁରୁଷ, ମହିଳା ଏବଂ ଛୋଟ ପିଲା 'ଗାନ୍ଧୀଭାଇ କି ଜୟ'ର ସ୍ଲୋଗାନ ଦେଉଥିଲେ । ଡ଼ିସେମ୍ବର ୨୨ ତାରିଖ

Digitized by PPRACHIN, SOA

ଦିନ କସ୍ତୁରବା ବି ଜେଲରୁ ଆସିଲେ । କସ୍ତୁରବାଙ୍କୁ ପାଛୋଟି ଆଣିବାକୁ ନିଜେ ମୋହନଦାସ ପିଟର ମାରିଜ୍‌ବର୍ଗ ଜେଲ ପାଖକୁ ଯାଇଥିଲେ । କସ୍ତୁରବା ତାଙ୍କ ଜେଲ ଅନୁଭୂତି ସଂପର୍କରେ ବହୁତ କମ୍ କହିଛନ୍ତି । ଯଦିଓ ଇତିହାସ ଅନେକ ମହିଳାଙ୍କ କାର୍ଯ୍ୟକଳାପ ସାଇତି ରଖିଛି, ଏହା ନିଶ୍ଚିତ ଯେ ସମସ୍ତଙ୍କ ଭିତରେ କସ୍ତୁରବା ହିଁ ଶ୍ରେଷ୍ଠ ମହିଳା ।

ଜେଲରେ ଥିବା ବେଳେ ମୋହନଦାସ ନିଜ ପୋଷାକ ପିନ୍ଧାରେ ପରିବର୍ତ୍ତନ ଆଣିଥିଲେ । ସେ ଧଳା ପୋଷାକ ପିନ୍ଧିଲେ । ବିନା ଜୋତାରେ ଖାଲି ପାଦରେ ଚାଲିଲେ । ପୁରା ଲଣ୍ଡା ହୋଇଗଲେ । ଏବଂ ଘୋଷଣା କରିଦେଲେ, ଏଣିକି ଏହା ହିଁ ହେବ ତାଙ୍କ ଚେହେରା ଏବଂ ଏହା ହିଁ ହେବ ତାଙ୍କ ପୋଷାକ, ଠିକ୍ ଯେମିତି ଡ଼ର୍ବନାକୁ ଭାରତରୁ ଆସିଥିବା ଠିକା ଶ୍ରମିକଙ୍କ ପରି । ଡ଼ର୍ବାନ୍‌ର ରେସକୋର୍ସ ମଇଦାନରେ ପ୍ରାୟ ଏକ ହଜାର ଲୋକ ସମବେତ ହୋଇଥିବା ସଭାରେ ମୋହନଦାସ ଏଇ ଘୋଷଣା କଲେ । ଭାଷଣ ପ୍ରସଙ୍ଗରେ ମୋହନ ସ୍ପଷ୍ଟ କରିଦେଲେ, ସେ ତାଙ୍କର ପୋଷାକ ପରିବର୍ତ୍ତନ କରିଦେଲେ, ଯେତେବେଳେ ସେ ଶୁଣିଲେ, ଆନ୍ଦୋଳନକାରୀଙ୍କୁ ଦମନ ପାଇଁ ପୋଲିସ ଗୁଳି ଚଳାଇଛନ୍ତି ଏବଂ ଆନ୍ଦୋଳନକାରୀଙ୍କ ଗୁଳିବିଦ୍ଧ, ମୋହନଙ୍କୁ ନିଜ ପ୍ରତି ଗୁଳିବିଦ୍ଧ ବୋଲି ଅନୁଭବ କରୁଥିଲେ । ତଦନ୍ତ କମିଟି ବୟକଟ ନେଇ ଗାନ୍ଧୀ ଦୃଢ଼ ଥିଲେ । ଯଦି ଦରକାର ହୁଏ, ୧୯୧୪ ମସିହା ଜାନୁୟାରୀ ମାସ ୧୪ ତାରିଖରେ ୨୦ ହଜାର ଲୋକଙ୍କୁ ସାଙ୍ଗରେ ନେଇ ପ୍ରିଟୋରିଆ ଯିବେ ବୋଲି ପ୍ରସ୍ତୁତି ଆରମ୍ଭ କରିଦେଲେ ।

ସମାଧାନ ପାଇଁ ସ୍ମଟ୍‌ସଙ୍କ ଉପରେ ଚାପ ପଡ଼ିଲା । ଇଂଲଣ୍ଡର ମିସ୍ ହବ୍‌ହାଉସଙ୍କ ପରି ପ୍ରତିନିଧି ଦକ୍ଷିଣ ଆଫ୍ରିକା ଆସିଲେ । ଭାରତର ଭାଇସ୍‌ରାୟଙ୍କ ସ୍ୱତନ୍ତ୍ର ପ୍ରତିନିଧି ଭାବେ ଭାରତର ଏକ ବରିଷ୍ଠ ପ୍ରଶାସକ ସାର୍ ବେଞ୍ଜାମିନ୍ ରବଟ୍‌ସନ୍ ଦକ୍ଷିଣ ଆଫ୍ରିକାରେ ପହଞ୍ଚିଲେ । ଗୋଖଲେ ଭାଇସରାୟଙ୍କୁ ଚିଠି ଲେଖି ଜଣାଇ ଦେଲେ, "ଗାନ୍ଧୀ ଜଣେ ସାଧାସିଧା ଭଦ୍ରଲୋକ । ଉଚ୍ଚ ମତି ସମ୍ପନ୍ନ । ବେଳେ ବେଳେ ଜିଦ୍‌ଖୋର ଏବଂ ଧର୍ମ ଭିରୁ ହୋଇ ଯାଆନ୍ତି । ନ୍ୟାୟୋଚିତ କୌଣସି କଥା ଗ୍ରହଣ କରିବାରେ ତାଙ୍କର କୌଣସି ଦ୍ୱିଧା ନଥାଏ" ।

ଗାନ୍ଧୀଙ୍କ ସତ୍ୟାଗ୍ରହକୁ ୟୁରୋପୀୟ ମହିଳାଙ୍କ ସମର୍ଥନ ଥିଲା ଅନନ୍ୟ । ସେମାନେ ଥିଲେ ମିଲି ପୋଲକ, ମାଉଦ୍ ପୋଲକ, ସେଲସିନ୍ ଏବଂ କୁମାରୀ ହବ୍ ହାଉସ । ପତଳା, ମଧ୍ୟଉଚ୍ଚତାର ମଣିଷ, ଗାନ୍ଧୀ ପ୍ରତି ସାରା ପୃଥିବୀ ଯେପରି ଆକର୍ଷିତ ହୋଇ ସାରିଥିଲା ।

❖❖❖

Digitized by PPRACHIN, SOA

୪୦

ଆଣ୍ଡ୍ରିୟୁଜ୍ ଏବଂ ମୋହନ

ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ଆନ୍ଦୋଳନ ଏବଂ ସମସ୍ୟା କଥା ବୁଝି ରିପୋର୍ଟ ଦେବାକୁ ନ୍ୟାୟଶାସ୍ତ୍ରୀ ଉଇଲିୟମ୍ ସଲମନ୍‌ଙ୍କ ଅଧ୍ୟକ୍ଷତାରେ ବସିଥିବା ନ୍ୟାୟିକ ତଦନ୍ତ ଆୟୋଗ ତାଙ୍କ ରିପୋର୍ଟ ଦେଇନଥିଲେ । ଭାରତୀୟମାନଙ୍କର ଏଇ ତଦନ୍ତ କମିଟି ପ୍ରତି ବି ସମର୍ଥନ ନଥିଲା । ଗାନ୍ଧୀ ଏପରି ଆୟୋଗକୁ ବୟକଟ୍ କରିବାକୁ ଆହ୍ୱାନ୍ ଦେଇଥିଲେ । ରିପୋର୍ଟ ପ୍ରଦାନ ଯେତେ ବିଳମ୍ବ ହେଉଥିଲା, ଗାନ୍ଧୀଙ୍କ ଭାରତ ଫେରିବା ମଧ୍ୟ ସେତେ ବିଳମ୍ବିତ ହୋଇଯାଉଥିଲା ।

ଗୋଖଲେଙ୍କ ସୁପାରିଶ କ୍ରମେ ୧୯୧୪ ମସିହା ଜାନୁୟାରୀ ମାସରେ ଦୁଇଜଣ ଇଂରେଜୀ ଖ୍ରୀଷ୍ଟିଆନ୍ ଭାରତରୁ ଆସି ଡ଼ର୍ବାନ୍‌ରେ ପହଞ୍ଚିଲେ । ଜଣେ ଥିଲେ ସି.ଏଫ୍. ଆଣ୍ଡ୍ରିୟୁଜ ଏବଂ ଅନ୍ୟ ଜଣେ ଥିଲେ ଡ଼ବ୍ଲୁ. ଡ଼ବ୍ଲୁ. ପିୟରସନ୍ । ଆଣ୍ଡ୍ରିୟୁଜଙ୍କ ଚାଲିଚଳନ ଏବଂ ପୋଷାକ ଥିଲା ଜଣେ ଭାରତୀୟ ସାଧୁଙ୍କ ପରି । ଖୁବ୍ ସରଳ, ନିରାମିଷାଶୀ ଏବଂ ଅବିବାହିତ ଥିଲେ ଆଣ୍ଡ୍ରିୟୁଜ୍ । ଅନେକ ଭାରତୀୟଙ୍କ ସହ ତାଙ୍କର ବନ୍ଧୁତା ଥିଲା । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସେ ଜଣେ ବଡ଼ ପ୍ରଶଂସକ ଥିଲେ । ଦକ୍ଷିଣ ଆଫ୍ରିକା ସରକାରଙ୍କ ସହ କଥାବାର୍ତ୍ତା କରି ଏକ ସମାଧାନର ସୂତ୍ର ବାହାର କରିବାକୁ ଗୋଖଲେ ଆଣ୍ଡ୍ରିୟୁଜ୍‌ଙ୍କୁ ପ୍ରସ୍ତାବ ଦେଇଥିଲେ ।

ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ଦ୍ୱାରା ସି.ଏଫ୍. ଆଣ୍ଡ୍ରିୟୁଜ୍‌ଙ୍କର ଏକ ଭବ୍ୟ ସ୍ୱାଗତ କରାଗଲା । ଗାନ୍ଧୀଙ୍କ ପୁରୁଣା ବିବାଦୀୟ ବନ୍ଧୁ ଶେଖ୍ ମହତାବ ତାଙ୍କର ସ୍ୱରଚିତ ଏକ ସଂଗୀତ ଗାନ କରି ଆଣ୍ଡ୍ରିୟୁଜଙ୍କୁ ସ୍ୱାଗତ କଲେ ।

ସମାଧାନର ବାଟ ମିଳିଯିବ ବୋଲି ବେଶ୍ ଆଶାବାଦୀ ଥିଲେ ଆଣ୍ଡ୍ରିୟୁଜ୍ । ଗାନ୍ଧୀ କିନ୍ତୁ ସେତେ ଆଶାବାଦୀ ନଥିଲେ । ଯଦିଓ ଆଣ୍ଡ୍ରିୟୁଜଙ୍କ ଆଗମନରେ ଗାନ୍ଧୀ ବେଶ୍ ଉତ୍ସାହିତ ବୋଲି ଜଣାପଡୁଥିଲେ ।

Digitized by PPRACHIN, SOA

ଜାନୁୟାରୀ ୧୪ ତାରିଖରେ ପ୍ରାୟ କୋଡ଼ିଏ ହଜାର ଲୋକଙ୍କୁ ସାଙ୍ଗରେ ନେଇ ଗାନ୍ଧୀଙ୍କ ପ୍ରିଟୋରିଆ ଯାତ୍ରାର ଯୋଜନା ଥିଲା । ଆଉ ଏକ ଦୀର୍ଘ ପଦଯାତ୍ରା ପାଇଁ ସେ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ । ଆଣ୍ଡ୍ରିୟୁଜଙ୍କ ସମ୍ମାନ ଜଣାଇ ଗାନ୍ଧୀ ପ୍ରିଟୋରିଆ ଯାତ୍ରା ସ୍ଥଗିତ ରଖିଲେ । ସତ୍ୟାଗ୍ରହ କିନ୍ତୁ ଚାଲୁ ରହିଲା । ଆଣ୍ଡ୍ରିୟୁଜ୍ ଭରସା ଦେଇଥିଲେ, କିଛି ସମାଧାନ ନିଶ୍ଚୟ ହୋଇଯିବ ।

ଜୋହାନ୍ସବର୍ଗରୁ ମୋହନଦାସ ଫିନିକ୍ସ ଗଲେ । ସାଙ୍ଗରେ କସ୍ତୁରବା ଏବଂ ତୃତୀୟ ପୁତ୍ର ରାମଦାସ ଥିଲେ । ସେତେବେଳେ ମଣିଲାଲ ଜେଲରେ ରହିଥିଲେ । ଜେଲରୁ ଫେରି ସିଧା ଫିନିକ୍ସ ଚାଲି ଆସିବାକୁ ମଣିଲାଲଙ୍କୁ ଖବର ଦିଆଯାଇଥିଲା ।

ଗାନ୍ଧୀ ପରିବାରର ସମସ୍ତେ ଜେଲରେ ଥିବା ବେଳେ ଫିନିକ୍ସ ଆଶ୍ରମ କଥା ସାନପୁଅ ଦେବଦାସ ବୁଝୁଥିଲେ । ଦେବଦାସଙ୍କର ବୟସ ଥିଲା ମାତ୍ର ବାର ବର୍ଷ । ଏଇ ବୟସରେ ଖୁବ୍ ଦକ୍ଷତାର ସହ ଗୋଟିଏ ଆଶ୍ରମ କଥା ବୁଝି ପାରୁଥିବା ପାଇଁ ଦେବଙ୍କୁ ଅନେକ ସମୟରେ ପ୍ରଶଂସା କରୁଥିଲେ ମୋହନଦାସ ।

ଗାନ୍ଧୀଙ୍କ ଦୁଃଖ ଥିଲା, ଦୀର୍ଘ ପଦଯାତ୍ରା ବେଳେ ଭାରତରେ ଥିବା ବଡ଼ପୁଅ ହରିଲାଲ ଦକ୍ଷିଣ ଆଫ୍ରିକା ଆସି ନଥିଲେ, ଯଦିଓ ଏଥିପାଇଁ ତାଙ୍କୁ ସୂଚନା ଦିଆଯାଇଥିଲା । ହରିଲାଲ ନିଜ ପରିବାର ସହ ସେବେ ରାଜକୋଟରେ ଥିଲେ । ଦକ୍ଷିଣ ଆଫ୍ରିକା ନଆସିବାକୁ ଗୋଖଲେ କୁଆଡ଼େ ପରାମର୍ଶ ଦେଇଥିଲେ ବୋଲି ପରେ ଜଣାଗଲା । ନିଜ ପରିବାର ସହ ରହି ପଢ଼ାପଢ଼ି କରିବାକୁ ହରିଲାଲଙ୍କୁ ଗୋଖଲେ କହିଥିଲେ ।

ଜେନେରାଲ ସ୍ମଟସଙ୍କ ସହ ସାକ୍ଷାତ କରିବାକୁ ଏକ ଅନୁରୋଧ ପତ୍ର ଦେବାକୁ ଗାନ୍ଧୀଙ୍କୁ ଅନୁରୋଧ କରିଥିଲେ ସି.ଏଫ୍. ଆଣ୍ଡ୍ରିୟୁଜ୍ । ଗାନ୍ଧୀ ଏବଂ ସ୍ମଟସଙ୍କ ସଂପର୍କ ମୋଟେ ଭଲ ନଥିଲା । ସତ୍ୟାଗ୍ରହ ଆନ୍ଦୋଳନକୁ ସ୍ମଟସ୍ ଏକ ଚାଲେଞ୍ଜ ଭାବେ ନେଇଥିଲେ । ସ୍ମଟସ୍‌ଙ୍କ ସହ ତେଣୁ କୌଣସି ସାକ୍ଷାତ ଯେ କେବେ ଫଳପ୍ରଦ ହେବ ନାହିଁ, ଗାନ୍ଧୀ ଏହା ଜାଣିଥିଲେ । ତଥାପି ଆଣ୍ଡ୍ରିୟୁଜ୍ ଉପଦେଶ ମାନି ଗାନ୍ଧୀ ଚିଠି ଲେଖିଲେ ସ୍ମଟସକଙ୍କୁ, ସେମାନେ ଏକ ସାକ୍ଷାତ ଚାହାନ୍ତି ।

ସ୍ମଟସ୍ ମିଟିଂ ପାଇଁ ରାଜି ହେଲେ । ସେତେବେଳେ ଦକ୍ଷିଣ ଆଫ୍ରିକାରେ ଅଶାନ୍ତି ଲାଗି ରହିଥିଲା । ଗୋରା ଖଣି ଶ୍ରମିକମାନେ ଧର୍ମଘଟ କରୁଥିଲେ । ସାକ୍ଷାତ ପାଇଁ ସ୍ମଟସ୍ ତାରିଖ ଦେଲେ ଗାନ୍ଧୀଙ୍କୁ- ଜାନୁୟାରୀ ନଅ କିମ୍ବା ଦଶ ତାରିଖ । ନଅ ତାରିଖ ଥିଲା ଶୁକ୍ରବାର । ସାକ୍ଷାତ ହେବ ପ୍ରିଟୋରିଆରେ । ଏବଂ ସ୍ମଟସ୍‌ଙ୍କ ସହ ସାକ୍ଷାତ ପରେ ପରେ ଗଭର୍ଣ୍ଣର ଜେନେରାଲ ଗ୍ଲାଡ଼ଷ୍ଟୋନ୍‌ଙ୍କ ସହ ଆଣ୍ଡ୍ରିୟୁଜଙ୍କର ସାକ୍ଷାତ କାର୍ଯ୍ୟକ୍ରମ ଥିଲା ।

Digitized by PPRACHIN, SOA

ଗାନ୍ଧୀ ଏବଂ ଆଣ୍ଡ୍ରିୟୁଜ୍ ସ୍ମଟସଙ୍କୁ ସାକ୍ଷାତ କଲେ ଜାନୁୟାରୀ ତେର ତାରିଖରେ, ଯଦିଓ ଗାନ୍ଧୀ ଜାନୁୟାରୀ ଆଠ ତାରିଖରେ ପ୍ରିଟୋରିଆରେ ପହଞ୍ଚି ଯାଇଥିଲେ । ନଅ ତାରିଖରେ ସାକ୍ଷାତ ପାଇଁ ସ୍ମଟସ୍‌ଙ୍କୁ ସମୟ ନଥିଲା । ସ୍ମଟସ୍ ଆଭ୍ୟନ୍ତରୀଣ ଅଶାନ୍ତିର ସମାଧାନରେ ବ୍ୟସ୍ତ ରହୁଥିଲେ । ଗାନ୍ଧୀଙ୍କୁ ଅପେକ୍ଷା କରିବାକୁ କୁହାଯାଇଥିଲା । ଜାନୁୟାରୀ ତେର ତାରିଖ ସାକ୍ଷାତ ଖୁବ୍ ଅଳ୍ପ ସମୟ ପାଇଁ ହୋଇଥିଲା । ଜାନୁୟାରୀ ୧୬ ତାରିଖରେ ପୁଣି ଗାନ୍ଧୀ ସାକ୍ଷାତ କଲେ ଜେନେରାଲ ସ୍ମଟସ୍‌ଙ୍କୁ । ଏଦିନ କଥାବାର୍ତ୍ତା ବେଶ୍ ଦୀର୍ଘ ସମୟ ଧରି ଚାଲିଥିଲା ।

ସ୍ମଟସ୍‌ଙ୍କ ସାକ୍ଷାତରେ ମୋହନ ସେଇ ପୁରୁଣା ଦାବି କଥା ଦୋହରାଇଲେ । ତିନି ପାଉଣ୍ଡିଆ ଟିକସର ଉଚ୍ଛେଦ, ଭାରତୀୟ ବିବାହକୁ ସ୍ୱୀକୃତି ପ୍ରସଙ୍ଗ ଏଥିରେ ସାମିଲ ଥିଲା । ଏଇ ସାକ୍ଷାତ ଖୁବ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା । ଗାନ୍ଧୀଙ୍କ ସହ ତାଙ୍କର ସେ ପୁରୁଣା ସଂପର୍କ ଯୋଡ଼ିବାକୁ ଚେଷ୍ଟା କରିଥିଲେ ଜେନେରାଲ ସ୍ମଟସ୍ ।

ସ୍ମଟସ୍ ସ୍ପଷ୍ଟ କରିଦେଲେ, ଗାନ୍ଧୀଙ୍କ ଦାବି ପ୍ରତି ତାଙ୍କର ସହାନୁଭୂତି ରହିଛି । ସେ ଏଥିପ୍ରତି ବେଶ୍ ସଂବେଦନଶୀଳ ଅଛନ୍ତି । ଭାରତୀୟ ସମସ୍ୟାର ଶୀଘ୍ର ସମାଧାନ ହେବା ଉଚିତ୍ ବୋଲି ସେ ବି ଚାହାଁନ୍ତି । ତେବେ ତଦନ୍ତ ଆୟୋଗ ନିକଟରେ ନିଜର ଦାବି ରଖିବାକୁ ସ୍ମଟସ୍ ଗାନ୍ଧୀଙ୍କୁ ଅନୁରୋଧ କଲେ ଏବଂ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରଖିବାକୁ ପ୍ରସ୍ତାବ ଦେଲେ ।

ଜାନୁୟାରୀ ମାସରେ ଜେଲରେ ବନ୍ଦୀଥିବା ସମସ୍ତ ଭାରତୀୟ କଏଦୀମାନଙ୍କୁ ଖଲାସ କରାଗଲା । ମାସ ସାରା ଏଇ ଖଲାସ ପ୍ରକ୍ରିୟା ଚାଲିଥିଲା । ଶ୍ରୀମତୀ ଶେଖ୍ ମହତାବ ଏବଂ ତାଙ୍କ ମା' ଜେଲରୁ ଆସିଲେ । ତାଙ୍କ ସହ ଶ୍ରୀମତୀ ଥମ୍ବି ନାଇଡୁ ବି ଜେଲରୁ ମୁକ୍ତ ହେଲେ । ଶ୍ରୀମତୀ ନାଇଡୁଙ୍କୁ ପାଛୋଟି ନେବାକୁ ଜେଲ ଗେଟ୍ ପାଖରେ ଶହ ଶହ ତାମିଲ ଲୋକ ସମବେତ ହୋଇଥିଲେ ।

ଆଣ୍ଡ୍ରିୟୁଜଙ୍କର ଏକ ବ୍ୟକ୍ତିଗତ ସାକ୍ଷାତ ହେଲା ଗଭର୍ଣ୍ଣର ଜେନେରାଲ ଗ୍ଲାଡ୍‌ଷ୍ଟୋନ୍‌ଙ୍କ ସହ । ଦକ୍ଷିଣ ଆଫ୍ରିକାରେ ଆଣ୍ଡ୍ରିୟୁଜ୍ ତାଙ୍କର କାର୍ଯ୍ୟକଳାପକୁ ଗୋଖଲେଙ୍କୁ ନିୟମିତ ଜଣାଉଥିଲେ । ଆଣ୍ଡ୍ରିୟୁଜ୍ ତାଙ୍କର ସବୁ ଚିଠିରେ ଗାନ୍ଧୀଙ୍କର ପ୍ରଶଂସା କରୁଥିଲେ । ସମସ୍ତ ବିବାଦ ଏବଂ ଅସଫଳତା ସତ୍ତ୍ୱେ ବି ଗାନ୍ଧୀ ଖୁବ୍ ସ୍ଥିର ରହୁଥିଲେ ।

ଜେନେରାଲ ସ୍ମଟସ୍‌ଙ୍କ ସହ ଆଣ୍ଡ୍ରିୟୁଜ୍ ଏବଂ ଗାନ୍ଧୀ ସାକ୍ଷାତ କରୁଥିବା ବେଳେ ଗାନ୍ଧୀଙ୍କ ବିରୋଧି ପି.ଏସ୍. ଆୟାର ଏବଂ ଆଙ୍ଗଲିଆ ତଦନ୍ତ କମିଶନକୁ ବୟକଟ ନକରି କମିଶନଙ୍କୁ ସାହାଯ୍ୟ କରିବାକୁ ଘୋଷଣା କରିଦେଲେ । କସ୍ତୁରବାଙ୍କ ଦେହ ବି

Digitized by PPRACHIN, SOA

ଭଲ ନଥିଲା । ଆୟାରଙ୍କ ବିଶ୍ୱାସ ଘାତକତା ଏବଂ କସ୍ତୁରବାଙ୍କ ଅସୁସ୍ଥତା ଗାନ୍ଧୀଙ୍କୁ ଦ୍ୱିଧାଗ୍ରସ୍ତ କରିଦେଇଥିଲା ।

କେପ୍‌ଟାଉନର ଟାଉନ ହଲରେ ଟାଗୋରଙ୍କ ଜୀବନ ଏବଂ ସାହିତ୍ୟକୃତି ଉପରେ ଆଣ୍ଡ୍ରିୟୁଜ୍‌ଙ୍କର ଏକ ବକ୍ତୃତା କାର୍ଯ୍ୟକ୍ରମ ଥିଲା । କେପ୍‌ଟାଉନକୁ ଆଣ୍ଡ୍ରିୟୁଜ୍‌ଙ୍କ ସହ ଗାନ୍ଧୀ ଓ କସ୍ତୁରବା ଆସିଥିଲେ । ସେମାନେ ସମସ୍ତେ ଗୁଲସ ନାମକ ଏକ ମୁସଲିମ୍ ପରିବାରରେ ରାତ୍ରି ଯାପନ କରିଥିଲେ । ଟାଗୋରଙ୍କ ଜୀବନୀ ଉପରେ ସଭା ଅନୁଷ୍ଠିତ ହୋଇଥିଲା ଫେବୃୟାରୀ ୧୪ ତାରିଖରେ । ଏଇ ସଭାରେ ଗଭର୍ଣ୍ଣର ଜେନେରାଲ ଗ୍ଲାଡ୍‌ଷ୍ଟୋନ୍ ସଭାପତିତ୍ୱ କରିଥିଲେ । ଶ୍ରୋତାଙ୍କ ମଧ୍ୟରେ ଗାନ୍ଧୀ, କସ୍ତୁରବା ସମେତ କିଛି ଦକ୍ଷିଣ ଆଫ୍ରିକୀୟ ସାଂସଦ ଉପସ୍ଥିତ ରହିଥିଲେ । ଟାଗୋରଙ୍କ ସଂପର୍କରେ ନିଜର ଅଭିମତ ଦେଲା ବେଳେ ଆଣ୍ଡ୍ରିୟୁଜ୍ ଭାରତୀୟ ସଭ୍ୟତାର ଭୂୟସୀ ପ୍ରଶଂସା କରିଥିଲେ । ଆଣ୍ଡ୍ରିୟୁଜ୍‌ଙ୍କ ସ୍ୱକ୍ଷୋକ୍ତି ଥିଲା, ଭାରତରେ କେବଳ କୁଲି ନଥାନ୍ତି, ଏଠାରେ କିଛି ଆଦର୍ଶ ବ୍ୟକ୍ତିତ୍ୱ ବି ରହିଛନ୍ତି । ଭାରତରେ ଥିବା ଉନ୍ନତ ଜୀବନ ଦର୍ଶନକୁ ସେ ତାରିଫ୍ କରିଥିଲେ । ଦକ୍ଷିଣ ଆଫ୍ରିକାରେ ଭାରତୀୟ ସମସ୍ୟା ନେଇ ଦ୍ୱନ୍ଦ୍ୱ ଏବଂ ମୋହନଦାସ ଗାନ୍ଧୀଙ୍କ କଥା ସେ ଭାଷଣରେ ଉଲ୍ଲେଖ କରିନଥିଲେ । କିନ୍ତୁ ଏକଥା ବି ସୂଚାଇ ଦେଇଥିଲେ, ଟାଗୋର ଯେପରି ବର୍ଣ୍ଣ ଏବଂ ଭାଷା ଭିତରେ ସୀମିତ ହୋଇ ନାହାନ୍ତି, ପୃଥିବୀ ମଧ୍ୟ ସେଇ ଆଦର୍ଶରେ ଅନୁପ୍ରାଣୀତ ହେବା ଦରକାର ।

ପ୍ରାୟ ଛଅ ସପ୍ତାହ ଧରି ଗାନ୍ଧୀ ଏବଂ ଆଣ୍ଡ୍ରିୟୁଜ୍ ଦକ୍ଷିଣ ଆଫ୍ରିକାରେ ଏକାଠି ରହିଥିଲେ । ଉଭୟଙ୍କର ବନ୍ଧୁତ୍ୱ ଏଠି ଜମିଥିଲା । ମୋହନଦାସଙ୍କୁ ଆଣ୍ଡ୍ରିୟୁଜ ମୋହନ ନାଁରେ ଡ଼ାକୁଥିଲେ । ଦୁଇ ଜଣ ଯେପରି ଖୁବ୍ ଅନ୍ତରଂଗ ବନ୍ଧୁ ହୋଇ ଯାଇଥିଲେ ।

୧୯୧୪ ମସିହା ଫେବୃୟାରୀ ମାସ ୨୧ ତାରିଖରେ ଆଣ୍ଡ୍ରିୟୁଜ ଦକ୍ଷିଣ ଆଫ୍ରିକା ଛାଡ଼ିଲେ । ଜାହାଜରେ ବସିଲା ବେଳେ ଆଣ୍ଡ୍ରିୟୁଜ୍‌ଙ୍କ ଉକ୍ତି ଥିଲା, "ମୋହନ, ତୁମେ ମୋ ପାଇଁ ଈଶ୍ୱରଙ୍କର ଏକ ପବିତ୍ର ଦାନ" ।

ଗାନ୍ଧୀ କମିଶନ ରିପୋର୍ଟକୁ ଅପେକ୍ଷା କରିଥିଲେ । ଭାରତରୁ ଭାଇସ୍‌ରାୟଙ୍କ ପ୍ରତିନିଧି ହୋଇ ଆସିଥିବା ସାର୍ ବେଞ୍ଜାମିନ୍ ରବର୍ଟସନ୍‌ଙ୍କ ସହ ଆଲୋଚନା କରି ଗାନ୍ଧୀ ଭାରତୀୟ ବିବାହ ପ୍ରସଙ୍ଗ ଉପରେ କିଛି ବଳିଷ୍ଠ ତଥ୍ୟ ରଖିଥିଲେ ।

ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଅଧିକାର ନେଇ ଗାନ୍ଧୀଙ୍କ କାର୍ଯ୍ୟ ଏବଂ ଚିନ୍ତା ଏକତ୍ରିତ ହୋଇଯାଇଥିଲା ।

❖❖❖

Digitized by PPRACHIN, SOA

୪୧

ବିଦାୟ! ଦକ୍ଷିଣ ଆଫ୍ରିକା

ବାସ୍ତବିକ୍ ଏକ ମାନସିକ ଅସ୍ଥିରତାରେ ଥିଲେ ମୋହନଦାସ । କମିଶନ ରିପୋର୍ଟକୁ ସେ ଅପେକ୍ଷା କରିଥିଲେ । ଅନ୍ୟପଟେ କସ୍ତୁରବାଙ୍କ ଦେହ ବହୁତ ଅସୁସ୍ଥ ଥିଲା । ଗାନ୍ଧୀଙ୍କ ଧୈର୍ଯ୍ୟକୁ ସମୟ ପରଖୁ ଥିଲା ଯେପରି ।

କସ୍ତୁରବା କିଛି ମୋଟା ଖାଦ୍ୟ ଖାଇ ପାରୁନଥିଲେ । ପେଟରେ ତାଙ୍କର ଅସହ୍ୟ ଯନ୍ତ୍ରଣା ହେଉଥିଲା । ଅନ୍ୟର ସାହାଯ୍ୟ ନନେଲେ ସେ ଉଠି ବସି ପାରୁନଥିଲେ । ଡ଼ାକ୍ତର ସନ୍ଦେହ କରୁଥିଲେ, କସ୍ତୁରବାଙ୍କ ପାକସ୍ଥଳୀରେ କର୍କଟ ରୋଗ ହୋଇଛି । ଡ଼ାକ୍ତରୀ ଔଷଧ ଖାଇବାକୁ ହିଁ ହେବ । କସ୍ତୁରବା କିନ୍ତୁ ଡ଼ାକ୍ତରୀ ଔଷଧ ଖାଇବାକୁ ମନା କରିଦେଲେ । ଦିନ ରାତି ଯେ ମୋହନଦାସ ତାଙ୍କ ପାଖରେ ବସି ରହନ୍ତୁ, ଏହା ଥିଲା 'ବା'ଙ୍କର ଇଛା । କସ୍ତୁରବା ମୃତ୍ୟୁ ସହିତ ସଂଗ୍ରାମ କରୁଥିଲେ ।

ଗାନ୍ଧୀ ତାଙ୍କର ପ୍ରାକୃତିକ ଚିକିତ୍ସା ପଦ୍ଧତି ପୁଣି କସ୍ତୁରବାଙ୍କ ଠାରେ ପ୍ରୟୋଗ କଲେ । ନିମପତ୍ର ସିଝା ପାଣି ତାଙ୍କୁ ପିଇବାକୁ ଦେଲେ । କେବଳ କମଳା ଏବଂ ଟମାଟୋ ରସ ଥିଲା କସ୍ତୁରବାଙ୍କ ପାଇଁ ଆହାର । ବହୁ ସମୟ ଉପାସ ରହିବାକୁ କସ୍ତୁରବାଙ୍କୁ ଗାନ୍ଧୀ ପରାମର୍ଶ ଦେଉଥିଲେ । ଜଣେ ସହ୍ୟ କଲା ପର୍ଯ୍ୟନ୍ତ ଉପବାସ ଯେ ଦେହ ପାଇଁ ଭଲ, ଏ ଥିଲା ମୋହନଦାସଙ୍କ ଉପଦେଶ ।

୧୯୧୪ ମସିହା ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହ ଆଡ଼କୁ କସ୍ତୁରବା ଟିକିଏ ସୁସ୍ଥ ହେଲେ । ପେଟର ଯନ୍ତ୍ରଣା ତାଙ୍କର କମିବାକୁ ଲାଗିଲା । କିଛି ଖାଦ୍ୟ ଖାଇବାକୁ ସକ୍ଷମ ହେଲେ କସ୍ତୁରବା । ଦେହ ତାଙ୍କର ଭଲ ଲାଗିଲା । କସ୍ତୁରବା କହିଲେ, ଡ଼ାକ୍ତରୀ ଔଷଧ ଖାଇଥିଲେ ସେ ମରିଯାଇ ଥାଆନ୍ତେ । ପ୍ରାକୃତିକ ଚିକିତ୍ସା ତାଙ୍କୁ ନୂଆ ଜୀବନ ଦେଇଦେଲା ।

ଭାରତରୁ ଖବର ଆସିଲା, ମୋହନଦାସଙ୍କ ବଡ଼ଭାଇ ଲକ୍ଷ୍ମୀଦାସ ଆଉ ଇହ ଜଗତରେ ନାହାନ୍ତି । ତାଙ୍କର ଦେହାନ୍ତ ହୋଇଯାଇଛି । ବର୍ଷକ ତଳେ ଅର୍ଥାତ୍ ୧୯୧୩

Digitized by PPRACHIN, SOA

ମସିହା ଜୁନ୍ ମାସରେ ମଝିଆ ଭାଇ କର୍ଷଣଦାସଙ୍କର ବିୟୋଗ ହୋଇଯାଇଥିଲା । ପରିବାରରେ ଗାନ୍ଧୀଙ୍କର ଭାରତରେ ଆଉ କିଏ ନଥିଲେ । ଦୁଇ ଭାଇ ମୃତ । କେବଳ ଭଉଣୀ ରାଲିଏତ ଥିଲେ । ସେ ବି ଥିଲେ ବିଧବା । ବିଧବା ଭାଉଜ ଏବଂ ବିଧବା ଭଉଣୀର ଦାୟିତ୍ୱ ନେବାକୁ ଥିଲା ଗାନ୍ଧୀଙ୍କର ।

'ମେଢ୍' ନାମକ ଜଣେ ଯୁବକ ଚିଠି ଲେଖି ଗାନ୍ଧୀଙ୍କୁ ଜଣାଇଦେଲେ, ଗାନ୍ଧୀଙ୍କ ଉପରେ କୌଣସି ସମୟରେ ଆକ୍ରମଣ ହୋଇପାରେ । ଏପରିକି ତାଙ୍କୁ ହତ୍ୟା ବି କରାଯାଇପାରେ । କେଉଁମାନେ କିନ୍ତୁ ଏ ଷଡ଼ଯନ୍ତ୍ର କରୁଛନ୍ତି, ତାହା ଜଣାନାହିଁ । ହୋଇପାରେ ଏ ଷଡ଼ଯନ୍ତ୍ର ପଠାଣମାନେ କରିଥାଇପାରନ୍ତି । ଗୋରାମାନେ ବି ଏ ଷଡ଼ଯନ୍ତ୍ର କରାଇ ଦେଇପାରୁ ଥାଆନ୍ତି । ମୁସଲମାନମାନେ ତାଙ୍କର ବିବାହିତ ସ୍ଥିତି ନେଇ ଅସନ୍ତୁଷ୍ଟ ଥିଲେ । ଏକାଧିକ ପତ୍ନୀ ଗ୍ରହଣକୁ ଦକ୍ଷିଣ ଆଫ୍ରିକା ସରକାର ମାନୁନଥିଲେ । ଗାନ୍ଧୀଙ୍କ ଆନ୍ଦୋଳନ ଏଥିରେ କିଛି ଫଳପ୍ରଦ ସମାଧାନ ଆଣି ପାରୁନଥିଲା ବୋଲି ପଠାଣମାନଙ୍କର ଅଭିଯୋଗ ଥିଲା । ୧୯୦୮ ମସିହାରେ ମଧ୍ୟ କିଛି ପଠାଣ ଗାନ୍ଧୀଙ୍କ ଉପରେ ମରଣାତ୍ମକ ଆକ୍ରମଣ କରିଥିଲେ ।

ଏପରି ଏକ ଷଡ଼ଯନ୍ତ୍ର କଥା ଶୁଣି ଗାନ୍ଧୀ ଚିଠି ଲେଖିଲେ ଛଗନଲାଲଙ୍କୁ । ଏ ଚିଠିରେ ଛଗନଲାଲଙ୍କ ପାଇଁ କିଛି ପରାମର୍ଶ ଥିଲା । ଗାନ୍ଧୀ ଲେଖିଥିଲେ, "ଯଦି ଚକ୍ରାନ୍ତକାରୀମାନେ ଜୋହାନ୍ସବର୍ଗରେ ମୋତେ ହତ୍ୟା କରିଦିଅନ୍ତି, ତୁମେ ସବୁ ସରଳ ଜୀବନଯାପନ କରିବ । ଜମିରେ ଚାଷ କରି ଚଳିବ । ମୋର ଚାରିଜଣ ବିଧବା ଭାଉଜ ଏବଂ ଭଉଣୀ ଏପରି ପାଞ୍ଚଜଣ ବିଧବାଙ୍କର ଭରଣ ପୋଷଣ ଦାୟିତ୍ୱ ନେବ । ପ୍ରାଣଜୀବନ ମେହେଟାଙ୍କୁ କହିବ, ସେ ସାହାଯ୍ୟ କରିବେ" ।

୧୯୧୪ ମସିହା ମାର୍ଚ୍ଚ ମାସ ଶେଷ ସପ୍ତାହରେ କମିଶନଙ୍କ ରିପୋର୍ଟ ଆସିଲା । ଏଥିରେ ଥିଲା, ଆନ୍ଦୋଳନକାରୀଙ୍କ ଉପରେ ପୋଲିସର ଆକ୍ରମଣ ଯଥାର୍ଥ । ପୋଲିସ ବିରୁଦ୍ଧରେ କୌଣସି ସାକ୍ଷ୍ୟ ନଥିଲା ।

ରିପୋର୍ଟର ଅନ୍ୟ ସୁପାରିଶ କିନ୍ତୁ ଭାରତୀୟଙ୍କ ସପକ୍ଷରେ ଥିଲା । ଆୟୋଗ ସୁପାରିଶ କରିଥିଲେ- ଦକ୍ଷିଣ ଆଫ୍ରିକାରେ ରହୁଥିବା ଭାରତୀୟମାନେ ତାଙ୍କର ଗୋଟିଏ ସ୍ତ୍ରୀ ଏବଂ ନାବାଳକ ସନ୍ତାନକୁ ଭାରତରୁ ଦକ୍ଷିଣ ଆଫ୍ରିକା ଆଣିପାରିବେ । ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ବିବାହ କାର୍ଯ୍ୟ ସମାପନ ପାଇଁ ଭାରତୀୟ ପୂଜକମାନଙ୍କୁ ଅନୁମତି ମିଳିବ । ଗୋଟିଏ ପତ୍ନୀ ଥିବା ବିବାହକୁ ସରକାରୀ ଭାବେ ରେଜିଷ୍ଟ୍ରିଭୁକ୍ତ କରାଯିବ । ନାତାଲର ତିନି ପାଉଣ୍ଡିଆ ଟିକସ ସଂପୂର୍ଣ୍ଣ ଉଚ୍ଛେଦ ହେବ ଏବଂ ଏଣିକି ଏକ

Digitized by PPRACHIN, SOA

ବର୍ଷ ବଦଳରେ ତିନିବର୍ଷ ପାଇଁ ଭାରତୀୟଙ୍କୁ ପରିଚୟପତ୍ର ଦିଆଯିବ ।

କମିଶନଙ୍କ ରିପୋର୍ଟ ଏକ ବିଜୟ ବୋଲି ଭାରତରେ ସ୍ୱାଗତ କରାଗଲା । ଭାରତର ଏକ କନ୍ନଡ଼ ଖବରକାଗଜ ଲେଖିଲା, ଗାନ୍ଧୀଙ୍କ ସତ୍ୟାଗ୍ରହରେ ଖଣ୍ଡା ଉଠିନଥିଲା, ଗୁଳି ଫୁଟିନଥିଲା । କେବଳ କଳା ଆଇନ ବିରୁଦ୍ଧରେ ଏକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଥିଲା । ଇତିହାସ ଅନେକ ଆନ୍ଦୋଳନକୁ ନିଜ ପୃଷ୍ଠାରେ ସାଇତି ରଖିଛି । ଗାନ୍ଧୀଙ୍କ ଆନ୍ଦୋଳନ କିନ୍ତୁ ଅତୁଳନୀୟ ।

ଫିନିକ୍ସ ଆଶ୍ରମରେ ବିଶୃଙ୍ଖଳା ଦେଖାଦେଲା । ପ୍ରାଣଜୀବନ ମେହେଟ୍ଟାଙ୍କ ଝିଅ ଜେକିଙ୍କ ବିରୁଦ୍ଧରେ ପୂର୍ବରୁ ଯେଉଁ ଗୁଜବ ଶୁଣାଯାଉଥିଲା, ତାହା ସତ ବୋଲି ଜଣାଗଲା । ଜେକି ମଣିଲାଲଙ୍କ ସହ ସଂପର୍କ ନରଖି ଅନ୍ୟ ପୁଅ ସହ ଅନୈତିକ ସଂପର୍କ ରଖିଥିଲା ।

ଗାନ୍ଧୀଙ୍କ ଉପରେ କସ୍ତୁରବା ବିରକ୍ତ ହେଲେ । 'ଜେକି' ପ୍ରତି ଗାନ୍ଧୀ ଦରଦ ଦେଖାଉଛନ୍ତି ବୋଲି ସେ ଅଭିଯୋଗ ଆଣିଲେ । ଆଶ୍ରମରେ ବିଶୃଙ୍ଖଳା ପାଇଁ ମୋହନଙ୍କ ଅତ୍ୟଧିକ ସ୍ନେହ ଯେ ଥିଲା ଦାୟୀ, କସ୍ତୁରବା ଦୁଃଖ କଲେ ।

ଗାନ୍ଧୀ ଅନଶନ କଲେ ଆଶ୍ରମରେ । ନିଜ ଆତ୍ମାର ଶୁଦ୍ଧି କରଣ ପାଇଁ ସେ ବିନା ଆହାରରେ ଚୁପ୍ ହୋଇଗଲେ ।

କମିଶନ ରିପୋର୍ଟର ସୁପାରିଶକୁ ଆଇନ କରିବାକୁ ଭାରତୀୟ 'ରିଲିଫ ବିଲ୍' ନାଁରେ ଏକ ବିଧେୟକ ଦକ୍ଷିଣ ଆଫ୍ରିକା ସଂସଦରେ ପେଶ୍ ହେଲା । ଗୋରାମାନେ ଏହାକୁ ବିରୁଦ୍ଧ କରୁଥିଲେ । କିଛି ଗୋରା ସାଂସଦ ମଧ୍ୟ ବିଲ୍‌ର ବିରୋଧରେ ଥିଲେ । ପ୍ରଧାନମନ୍ତ୍ରୀ ଜେନେରାଲ ବୋଥା ଏବଂ ଗୃହମନ୍ତ୍ରୀ ଜେନେରାଲ ସ୍ମଟସ୍ ଗୋରା ସାଂସଦମାନଙ୍କୁ ବିଲ୍ ସପକ୍ଷରେ ବୁଝାଇଲେ । ଏବଂ ଗୋରା ସାଂସଦଙ୍କ ସହ ଏକ ଲବି କରିବାକୁ ଗାନ୍ଧୀ କେପ୍‌ଟାଉନରେ କିଛି ଦିନ ରହିଲେ । ଜୁନ୍ ମାସ ୨୭ ତାରିଖରେ 'ରିଲିଫ୍ ବିଲ୍' ସଂସଦରେ ପାଶ୍ ହୋଇଗଲା । କମିଶନଙ୍କ ରିପୋର୍ଟର ସମସ୍ତ ସୁପାରିଶ ଏହି ବିଲ୍‌ରେ ରହିଥିଲା । ଯଦିଓ କେବଳ ଏକ ପତ୍ନୀ ବିବାହକୁ ଆଇନ ସିଦ୍ଧ କରାଗଲା, ତଥାପି ଭାରତୀୟଙ୍କ ବହୁ ପତ୍ନୀ ଗ୍ରହଣକୁ ଦକ୍ଷିଣ ଆଫ୍ରିକା ସହ୍ୟ କରିବ ବୋଲି ପ୍ରତିଶ୍ରୁତି ମିଳିଲା ।

ଗାନ୍ଧୀ ଠିକ୍ କଲେ, ସେ ସବୁ ଦିନ ପାଇଁ ଭାରତ ଫେରି ଆସିବେ । ଦିନ ସ୍ଥିର ହେଲା, ୧୯୧୪ ମସିହା ଜୁଲାଇ ମାସ ୧୮ ତାରିଖ । ଟିକେଟ ବି କିଣା ହୋଇଗଲା । ଗାନ୍ଧୀ, କସ୍ତୁରବା ଏବଂ କେଲିନବେକ୍ ଦକ୍ଷିଣ ଆଫ୍ରିକାରୁ ଲଣ୍ଡନ ଯିବେ । ସେଠାରେ ସେ ଗୋଖଲେଙ୍କୁ ସାକ୍ଷାତ କରିବେ । ଗୋଖଲେ ସେବେ ଅସୁସ୍ଥ ଥିଲେ । ପରେ

Digitized by PPRACHIN, SOA

କେଲିନବେକ୍ ଗାନ୍ଧୀ ଏବଂ କସ୍ତୁରବାଙ୍କ ସହ ଭାରତ ଆସିବେ ଏବଂ ଅନ୍ୟ ପିଲାମାନେ ଫିନିକ୍ସରୁ ସିଧା ଆସି ଭାରତରେ ପହଞ୍ଚିବେ ।

ଦକ୍ଷିଣ ଆଫ୍ରିକାରେ ରହିବାର ତେଇଶି ବର୍ଷ ଭିତରେ ମୋହନଦାସ ଅନେକ ଥର ଭାରତ ଫେରି ଯିବାକୁ ପ୍ରସ୍ତୁତି କରିଥିଲେ । ଦକ୍ଷିଣ ଆଫ୍ରିକା ଛାଡ଼ି ସେ ବି ଚାଲି ଆସିଥିଲେ ଏବଂ ପୁଣି ପରେ ଡ଼ାକରା ପାଇ ଦକ୍ଷିଣ ଆଫ୍ରିକା ଯାଇଥିଲେ । ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ସମସ୍ୟାର ସମାଧାନ ହୋଇଯାଇଥିଲେ, ସେ ଏବଂ ତାଙ୍କ ପରିବାର ଭାରତ ଫେରି ଆସି ଥାଆନ୍ତେ ।

ଜୋହାନ୍ସବର୍ଗରେ ଗାନ୍ଧୀଙ୍କର ଆଉ ଓକିଲାତି ବ୍ୟବସାୟ ନଥିଲା । ସମସ୍ତ ମହକିଲଙ୍କୁ ସେ ଏଲ୍.ଡ଼ବ୍ଲ୍ୟୁ. ରିଚ୍‌ଙ୍କୁ ଦେଇ ଦେଇଥିଲେ । ୧୯୧୩ ମସିହାରେ ଡ଼ର୍ବାନର ସମସ୍ତ ମହକିଲଙ୍କୁ ବି ସେ ହେନେରି ପୋଲକଙ୍କ ଦାୟିତ୍ୱରେ ରଖିଥିଲେ । ଜୁଲାଇ ଆଠ ତାରିଖରେ ଡ଼ର୍ବାନର ଟାଉନ ହଲରେ ଗାନ୍ଧୀ ଏବଂ କସ୍ତୁରବାଙ୍କ ଉପଲକ୍ଷେ ଏକ ବିଦାୟ କାଳୀନ ସଭା ଅନୁଷ୍ଠିତ ହେଲା । ଗାନ୍ଧୀଙ୍କୁ ଶୁଣିବାକୁ ଅନେକ ୟୁରୋପୀୟ ଏଠି ଉପସ୍ଥିତ ଥିଲେ । ଠିକ୍ ତା' ଦୁଇ ଦିନ ପରେ ଅର୍ଥାତ୍ ଜୁଲାଇ ୧୦ ତାରିଖରେ ଡ଼ର୍ବାନ୍‌ର କେବଳ ୟୁରୋପୀୟଙ୍କ ଦ୍ୱାରା ଏକ ପାର୍ଟିର ଆୟୋଜନ ହୋଇଥିଲା ଏବଂ ଜୁଲାଇ ୧୧ ତାରିଖରେ ସଭା ହେଲା ଫିନିକ୍ସରେ ।

ଦକ୍ଷିଣ ଆଫ୍ରିକାର ଆଭ୍ୟନ୍ତରିଣ ଗ୍ରାମାଞ୍ଚଳରେ ଥିବା ଗୋଟି ଶ୍ରମିକଙ୍କ ଠାରୁ ବିଦାୟ ନେବା ପାଇଁ ମୋହନଦାସ ଗାଁକୁ ଯାଇଥିଲେ । ଗାନ୍ଧୀ ଏଠି ଭାଷଣ ଦେଲେ, "ତୁମେମାନେ ଏବେ ସମସ୍ତେ ମୁକ୍ତ । ତୁମକୁ ଆଉ ଟିକସ ଦେବାକୁ ହେବନି । ମୁଁ ବର୍ତ୍ତମାନ ଭାରତ ଫେରିଯାଉଛି । ସେଠି ତିରିଶ କୋଟି ଭାରତୀୟ ଗୋଟି ଶ୍ରମିକ ଭାବେ ଜୀବନ କାଟୁଛନ୍ତି ।"

'ଟ୍ରାନ୍ସବାହାଲ ଲିଡ଼ର' ଖବର କାଗଜ ଗାନ୍ଧୀଙ୍କ ସହ ଏକ ସାକ୍ଷାତକାର ଛାପିଲା । ଏବଂ ଶେଷରେ ମନ୍ତବ୍ୟ ରଖିଲା, "ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କର ସବୁ ଠାରୁ ବଡ଼ ପ୍ରିୟନେତା ଦକ୍ଷିଣ ଆଫ୍ରିକାରେ ଏତେବର୍ଷ ରହିବା ପରେ ଏ ଦେଶ ଛାଡ଼ି ସବୁଦିନ ପାଇଁ ନିଜ ଦେଶକୁ ଚାଲି ଯାଉଛନ୍ତି । ଅନେକ କଷ୍ଟ ସେ ଏଠି ପାଇଛନ୍ତି । ଅନେକ କ୍ଲାନ୍ତି ଏବଂ ଅନେକ ଖ୍ୟାତି ଏ ଦେଶ ତାଙ୍କୁ ଦେଇଛି ।

ଭାରତ ମାଟିର ଗନ୍ଧ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ଅପେକ୍ଷାରେ ଥିଲା । ଜୁଲାଇ ମାସ ୧୭ ତାରିଖ ଥିଲା ଦକ୍ଷିଣ ଆଫ୍ରିକାରେ ଗାନ୍ଧୀଙ୍କ ରହଣୀର ଶେଷ ରାତି । କେପ୍‌ଟାଉନର ଜଣେ ଇହୁଦି ବନ୍ଧୁଙ୍କ ଘରେ ଗାନ୍ଧୀ ଏବଂ କସ୍ତୁରବା ରାତ୍ରି ଯାପନ କଲେ । ଇହୁଦି ଜଣେ ସାଂସଦ ଥିଲେ – 'ମୋରିସ ଆଲେକ୍‌ଜାଣ୍ଡାର' । ଜୁଲାଇ ୧୮

Digitized by PPRACHIN, SOA

ତାରିଖ ସକାଳୁ ଗାନ୍ଧୀ, କସ୍ତୁରବା, କେଲିନବେକ୍ ଡ଼କ୍ ପାଖକୁ ଗଲେ । ଜାହାଜ 'ଏସ୍.ଏସ୍. କିନଫିସ୍ କାସଲ'ରେ ସେମାନେ ଲଣ୍ଡନ ଯିବାକୁ ଟିକେଟ କରିଥିଲେ ।

ଗାନ୍ଧୀଙ୍କର ଶହ ଶହ ପ୍ରଶଂସକ ସମବେତ ହୋଇଥିଲେ ଡ଼କ୍ ପାଖରେ । ସମସ୍ତଙ୍କ ଆଖିରେ ଥିଲା ଲୁହ । ତାଙ୍କର ପ୍ରିୟ ନେତା ଗାନ୍ଧୀ ଆଜି ବିଦାୟ ନେଉଛନ୍ତି ସବୁଦିନ ପାଇଁ । ଉପସ୍ଥିତ ଏ ପ୍ରଶଂସକଙ୍କ ଭିତରେ କିନ୍ତୁ ହେନେରି ପୋଲକ ନଥିଲେ । ହେନେରି ପୂର୍ବରୁ ଲଣ୍ଡନ ଚାଲିଯାଇଥିଲେ ।

ଦକ୍ଷିଣ ଆଫ୍ରିକାରେ ଗାନ୍ଧୀଙ୍କ ସମୁଦାୟ ରହଣୀ ଥିଲା ୨୩ ବର୍ଷ । ମାତ୍ର ୨୨ ବର୍ଷ ବୟସରେ ସେ ଦକ୍ଷିଣ ଆଫ୍ରିକା ଆସିଥିଲେ । ଏବଂ ଦକ୍ଷିଣ ଆଫ୍ରିକା ଛାଡ଼ିବା ବେଳେ ଗାନ୍ଧୀଙ୍କର ବୟସ ଥିଲା ୪୫ ବର୍ଷ । ଅଳ୍ପ କିଛି ଦିନ ଲଣ୍ଡନରେ ରହିବା ପରେ ମୋହନ ଭାରତରେ ପହଞ୍ଚିଲେ ୧୯୧୫ ମସିହା ଜାନୁୟାରୀ ୯ ତାରିଖରେ । ଛୟାଳିଶ ବର୍ଷୀୟ ମଧ୍ୟ ବୟସ୍କ ମୋହନଦାସ ।

୨୨ ବର୍ଷ ବୟସରେ ମୋହନଦାସ ଦକ୍ଷିଣ ଆଫ୍ରିକା ଆସିଲା ବେଳେ ଅଧା ସାହେବ ପୋଷାକରେ ଆସିଥିଲେ । ତାଙ୍କୁ ପାଛୋଟି ଆଣିବାକୁ ଜାହାଜ ପାଖକୁ ଦାଦା ଅବଦୁଲା ଯାଇଥିଲେ । ଏବଂ ସାହେବୀ ପୋଷାକରେ ମୋହନଙ୍କୁ ଦେଖି ଅବଦୁଲା ମନେ ମନେ କହି ଦେଇଥିଲେ, ଏମିତି ଏକ ଧଳା ହାତୀକୁ ନେଇ ସେ କରିବେ କ'ଣ ?

ଦକ୍ଷିଣ ଆଫ୍ରିକା ଛାଡ଼ିଲା ବେଳେ କିନ୍ତୁ ମୋହନଦାସଙ୍କର ସବୁ କିଛି ପରିବର୍ତ୍ତନ ହୋଇଯାଇଥିଲା । ପୋଷାକ, ଖାଦ୍ୟ, ଚାଲିଚଳନ, ବ୍ୟବହାର ସବୁରେ ଏ ପରିବର୍ତ୍ତନ ଥିଲା । ମୋହନ ଥିଲେ ଏକଦମ୍ ସାଧାସିଧା । ତାଙ୍କ ପାଖରେ ଥିଲା ଏକ ସାଧୁର ଜୀବନ । ଠିକ୍ ଯେମିତି ଯୀଶୁଖ୍ରୀଷ୍ଟ 'ତ୍ରାଣକର୍ତ୍ତା' ହୋଇଯାଇଥିଲେ; ମହମ୍ମଦ ପ୍ରଫେଟ ହୋଇଯାଇଥିଲେ ଏବଂ ଗୌତମ ବୁଦ୍ଧ ହୋଇଯାଇଥିଲେ । ଠିକ୍ ସେମିତି ଦିନେ ଅନ୍ଧାର, ସାପ, ଭୂତ ଏବଂ ଚୋରକୁ ଭୟ କରୁଥିବା ମୋହନ ଭାରତକୁ ମହାତ୍ମା ହୋଇ ଆସୁଥିଲେ । ସେ ବାପୁଜୀ, ଗାନ୍ଧୀଜୀ, ମହାତ୍ମା ଏବଂ ଗାନ୍ଧୀ ମହାତ୍ମା ।

Digitized by PPRACHIN, SOA

୪୨

ଉପସଂହାର
(ଗାନ୍ଧୀ ମହାତ୍ମା)

ମହାତ୍ମା ପାଇଁ ଦୀର୍ଘ ଛୟାଳିଶ ବର୍ଷର ପ୍ରସ୍ତୁତି । ଏ ପ୍ରସ୍ତୁତି କିନ୍ତୁ ମୋହନଦାସ ଜାଣି ଜାଣି କରିନାହାନ୍ତି । ନିଜକୁ ସଂଶୋଧନ କରିବାରେ ଏବଂ ସ୍ୱାର୍ଥହୀନ ଭାବେ ଲୋକଙ୍କ ସେବା କରିବାରେ ଅଜାଣତରେ ମୋହନଙ୍କ ଭିତରେ ଏକ ପବିତ୍ର ଆତ୍ମାର ଅଭ୍ୟୁଦୟ ହୋଇଯାଇଛି । ଏବଂ ଏକ ସୁନ୍ଦର ଗାଥାର ବର୍ଣ୍ଣନା କରିଛି । ସତ୍ୟର ପ୍ରୟୋଗ ଗାନ୍ଧୀ ଜୀବନରେ ଅଦ୍‌ଭୂତ ।

ଦକ୍ଷିଣ ଆଫ୍ରିକାରେ ଗାନ୍ଧୀଙ୍କ ଜୀବନୀ ନେଇ ମିଷ୍ଟର ହେନେରି ପୋଲକ ଏବଂ ଶ୍ରୀମତୀ ମିଲି ପୋଲକ ଦୁଇଟି ବହି ଲେଖିଛନ୍ତି । ପୋଲକ ଦମ୍ପତି ଗାନ୍ଧୀଙ୍କ ପାଖରେ ଦକ୍ଷିଣ ଆଫ୍ରିକାରେ ଏକାଠି ରହୁଥିଲେ । ମିଷ୍ଟର ପୋଲକ, ଗାନ୍ଧୀଙ୍କୁ 'ବଡ଼ ଭାଇ' ବୋଲି ସମ୍ବୋଧନ କରୁଥିଲେ । ଏବଂ ମିଲି ପୋଲକ ଥିଲେ ଜଣେ ନାରୀବାଦୀ । ଅନେକ ସମୟରେ ବିଭିନ୍ନ ସାମାଜିକ ପ୍ରସଙ୍ଗରେ ସେ ଗାନ୍ଧୀଙ୍କ ସହ ଯୁକ୍ତି କରୁଥିଲେ । ହେନେରି ପୋଲକ ଯେଉଁ ବହି ଲେଖିଛନ୍ତି ସେ ହେଉଛି "ପାସିଭ୍ ରେଜିଷ୍ଟେସନ୍ ମୁଭ୍‌ମେଣ୍ଟ ଇନ୍ ସାଉଥ ଆଫ୍ରିକା" ଏବଂ ମିଲିଙ୍କର ବହି ନାଁ "ମିଷ୍ଟର ଗାନ୍ଧୀ, ଦି ମ୍ୟାନ୍" । ଉଭୟେ ପୋଲକ ଦମ୍ପତ୍ତି ତାଙ୍କ ବହିରେ ମୋହନଦାସଙ୍କର ଉତ୍ତମ ମାନବୀୟ ଗୁଣ ଉପରେ ଗୁରୁତ୍ୱ ଦେଇଛନ୍ତି । ଏବଂ ହେନେରି ପୋଲକ ଗାନ୍ଧୀଙ୍କର ସତରଟି ପରିଚୟର ଉଲ୍ଲେଖ କରିଛନ୍ତି । ମହାତ୍ମାର ପ୍ରସ୍ତୁତି ପାଇଁ ଏଇ ସବୁ ଚରିତ୍ର ଏବଂ ପରିଚୟ ସାହାଯ୍ୟ କରିଛି ବୋଲି, ପୋଲକ ଯୁକ୍ତି ଦର୍ଶାନ୍ତି ।

ଗାନ୍ଧୀଙ୍କ ସତରଟି ପରିଚୟର ପ୍ରତିପାଦନ ହୋଇଛି ଠିକ୍ ଏମିତି – ଗାନ୍ଧୀ ଜଣେ ଦିୱାନର ପୁତ୍ର, ବାରିଷ୍ଟର, ଆମ୍ବୁଲାନ୍ସ ଷ୍ଟ୍ରେଚର ବାହାକ, ଜଣେ ପାମ୍ଫଲେଟ୍ ଲେଖକ, ଜଣେ ସଂସ୍କୃତି ସଂପନ୍ନ ଚିନ୍ତକ, ଜଣେ ଭଦ୍ରଲୋକ, ଶ୍ରମିକ, ନର୍ସ, ଶିକ୍ଷକ, ସଂଗ୍ରାମୀ, ପ୍ରଚାରକ, ଉତ୍ତମ ବ୍ୟକ୍ତି, ଶତ୍ରୁହୀନ ମଣିଷ, ଦୋଷୀ ସାବ୍ୟସ୍ତ ଆସାମୀ, ଜଣେ ସାଧୁ, ଜନପ୍ରିୟ ନେତା ଏବଂ ଜଣେ ସାହାସୀ ଆନ୍ଦୋଳନକାରୀ । ଏସବୁ ପରିଚୟରେ ହେନେରି

Digitized by PPRACHIN, SOA

ପୋଲକଙ୍କ ଭାଷାରେ, ମୋହନଦାସ କରମଚାନ୍ଦ ଗାନ୍ଧୀ ଏକ ବହୁରୂପୀ ବ୍ୟକ୍ତିତ୍ୱ । ମହାତ୍ମାର ଉତ୍ପତ୍ତି ଏ ଚରିତ୍ରରୁ ଆସିଛି ।

ପ୍ରକୃତରେ ମହାତ୍ମା ହୋଇ କିଏ ଜନ୍ମ ହୋଇନଥାଏ । ମହାତ୍ମାର ସୃଷ୍ଟି ଏକ ପ୍ରସ୍ତୁତି ପ୍ରକ୍ରିୟାରେ ଘଟେ । ସମୟର କଷଟି ପଥରରେ ବାରମ୍ବାର ଘଷି ହୋଇ ପରିକ୍ଷିତ ହେବାକୁ ହୁଏ । ମୋହନଦାସଙ୍କ ଜନ୍ମ ବେଳେ ସେମିତି କିଛି ଆଚମ୍ବିତ ଘଟଣା ଘଟି ନଥିଲା, ଯାହା ସୂଚେଇ ଦେଇଥାଆନ୍ତା ଯେ, ମୋହନ ଦିନେ ମହାତ୍ମା ହେବେ । ପୋରବନ୍ଦରର ମନୁ, ମନ୍ନା, ମୋହନ, ମୋହନଦାସ ନିଜର ତ୍ୟାଗ, ବ୍ୟକ୍ତିତ୍ୱ ଗଠନ, ଭୁଲ ପାଇଁ ପ୍ରାୟଶ୍ଚିତ କରିବାର ମାନସିକତା, ପ୍ରତିଶ୍ରୁତି ପାଳନ କରିବାର ଶପଥ ଏବଂ ସ୍ୱାର୍ଥହୀନତାକୁ ଆଧାର କରି ଏକ ପବିତ୍ର ଆତ୍ମାଟିଏ ହୋଇପାରିଲେ ।

ଗୀତା ପଢ଼ିବାକୁ ବେଶି ଭଲ ପାଉଥିଲେ ଗାନ୍ଧୀ । ଅନ୍ୟ ଧର୍ମ ବିଷୟରେ ଜାଣିବା ପୂର୍ବରୁ ହିନ୍ଦୁଧର୍ମ ଏବଂ ଗୀତା ସଂପର୍କରେ ଜାଣିବାକୁ ତାଙ୍କର ଅସୀମ ଆଗ୍ରହ ଥିଲା । ଗୀତା ସେ ପୁଙ୍ଖାନୁପୁଙ୍ଖ ପଢୁଥିଲେ ଏବଂ ନିଜ ପାଇଁ ଏଥିରୁ ସେ ଦୁଇଟି ତାତ୍ତ୍ୱିକ ଜୀବନ ଦର୍ଶନ ଶିଖିଲେ । ପ୍ରଥମଟି ହେଲା- ସଂପତ୍ତି ପ୍ରତି ବିମୁଖତା ବା ନନ୍ ପୋଜେସନ୍ ଏବଂ ଦ୍ୱିତୀୟଟି ହେଲା- ସ୍ୱାର୍ଥହୀନ ସେବା ବା ସେଲଫ୍‌ଲେସ୍ ସର୍ଭିସ୍ । ବାରିଷ୍ଟର ମୋହନଦାସ ଏଇ ଗୀତା ତତ୍ତ୍ୱକୁ ନିଜ ପାଇଁ ଆବୋରି ନେଇ ଦାରିଦ୍ର୍ୟକୁ ସ୍ୱେଚ୍ଛାକୃତ ଗ୍ରହଣ କରିନେଲେ ଏବଂ ଏକ ସ୍ୱାର୍ଥହୀନ ସେବାରେ ଏକ ଶକ୍ତିଶାଳୀ ସଂଗ୍ରାମୀ ହୋଇଗଲେ । ଲଣ୍ଡନ ଫେରନ୍ତା ବାରିଷ୍ଟରଟିଏ ଯେ ସ୍ୱେଚ୍ଛାକୃତ ଭାବେ ଜଣେ ନିଃସ୍ୱ ଦରିଦ୍ର ହୋଇପାରେ, ଏହା କଳ୍ପନାର ବାହାରେ ଥିଲା । ଏହା କେବଳ ଜଣେ ମହାତ୍ମା ହିଁ କରିପାରେ ।

୧୮୮୮ ମସିହାରେ ଲଣ୍ଡନ ପଢ଼ିବାକୁ ଗଲାବେଳେ ମା' ପୁତୁଲିବାଇ ମୋହନଙ୍କ ବେକରେ ତୁଳସୀ ମାଳିଟିଏ ପିନ୍ଧେଇ ଦେଇ କହିଥିଲେ, "ମନୁ ! ମଦ ପିଇବୁନି, ମାଂସ ଖାଇବୁନି, ଅନ୍ୟ ସ୍ତ୍ରୀ ପ୍ରତି ଆକର୍ଷିତ ହେବୁନି" । ମୋହନ ପ୍ରତିଶ୍ରୁତି ଦେଇଥିଲେ, ଏସବୁ କରିବେନି । ଏକ ପତ୍ନୀ ବ୍ରତକୁ ହିଁ ସେ ମାନିବେ । ଲଣ୍ଡନରୁ ଦକ୍ଷିଣ ଆଫ୍ରିକା ପର୍ଯ୍ୟନ୍ତ ଅନେକ ସମୟରେ ଏକାକୀ ଏବଂ ବିଦେଶୀ ବନ୍ଧୁଙ୍କ ସହ ରହୁଥିଲେ ବି କେବେ ସେ ମଦ ପିଇ ନଥିଲେ, ମାଂସ ଖାଇ ନଥିଲେ କିମ୍ବା ଅନ୍ୟ ସ୍ତ୍ରୀ ପ୍ରତି ଆସକ୍ତି ଆଣିନଥିଲେ; ଯଦିଓ ଦକ୍ଷିଣ ଆଫ୍ରିକା ଏବଂ ଲଣ୍ଡନରେ ତାଙ୍କର ଅନେକ ବିଦେଶୀ ମହିଳା ବନ୍ଧୁ ଥିଲେ ।

ମହିଳାଙ୍କ ସହ ସଂପର୍କ ରଖିଲା ବେଳେ ମୋହନଙ୍କର ଭାରତୀୟ ରକ୍ଷଣଶୀଳତା ଭାବ ନଥିଲା । ଭାରତରେ ମହିଳାମାନଙ୍କୁ କେବଳ ସ୍ତ୍ରୀ, ଭଉଣୀ, ମା', ଝିଅ ଭାବେ

Digitized by PPRACHIN, SOA

ସ୍ୱିକୃତି ମିଳିଥାଏ । ଏପରି ସାମାଜିକ ସଂପର୍କର ପରିଚୟ ଦିଆଯାଏ । ମହିଳା ବନ୍ଧୁତ୍ୱ ପ୍ରତି ଏଠି କିପରି ଏକ ସଂରକ୍ଷଣ ଭାବ ଥାଏ । ମହିଳା ଜଣେ ଯେ ପୁରୁଷର ବନ୍ଧୁ ହୋଇପାରେ, ମୋହନ ଏହା ଆବିଷ୍କାର କଲେ ଦକ୍ଷିଣ ଆଫ୍ରିକାରେ । ମିଲି ପୋଲକ, ମାଉଦ୍ ପୋଲକ, ସୋଞ୍ଜା ସେଲସିନ୍, ମିସ୍ ହବ୍‌ହାଉସ ଏବଂ ଶ୍ରୀମତୀ ଡ୍ରୋକ୍ ଏପରି ଅନେକ ମହିଳାଙ୍କ ସହ ମୋହନଙ୍କର ବନ୍ଧୁତ୍ୱ ଜମିଥିଲା ।

ପୁରୁଷଙ୍କ ସହ ବନ୍ଧୁତ୍ୱ କଲାବେଳେ ବି ମୋହନଦାସ ବେଶ୍ ସାମଗ୍ରିକ ହୋଇଯାଉଥିଲେ । କିଛି ବି ବଡ଼ିମା ଭାବ ନଥିଲା । ଧର୍ମ, ଜାତି, ଶ୍ରେଣୀର ବାଛ ବିଚାର ନଥିଲା । ରାଜକୋଟର ମୁସଲିମ୍ ଶେଖ୍ ମହତାବଙ୍କ ଠାରୁ ମୋହନ ବନ୍ଧୁତ୍ୱ ଆରମ୍ଭ ହୋଇଥିଲା । ଲଣ୍ଡନର ଖ୍ରୀଷ୍ଟିଆନ୍ ଜୋସିଆ ଓଲଡ୍‌ଫିଲଡ୍‌ଙ୍କ ସହ ଗୋଟିଏ ଘରେ ସେ ଏକାଠି ରହୁଥିଲେ । ଏବଂ ଦକ୍ଷିଣ ଆଫ୍ରିକାରେ ଇହୁଦି, ଖ୍ରୀଷ୍ଟିୟାନ୍, ପାର୍ଶ୍ୱୀ, ମୁସଲମାନ, ହିନ୍ଦୁ ସବୁ ଧର୍ମର ବ୍ୟକ୍ତିଙ୍କ ସହ ତାଙ୍କର ସଂପର୍କ ଦୃଢ଼ ହୋଇଯାଇଥିଲା । ହେନେରି ପୋଲକ, ଏଲ୍. ଡ଼ବ୍ଲ୍ୟୁ. ରିଚ୍, କେଲିନ୍‌ବେକ୍, ୱେଷ୍ଟ୍, ଦାଦା ଅବଦୁଲା, ପ୍ରାଣଜୀବନ ମେହେଟା, ପାର୍ଶୀ ରୁସ୍ତମଜୀ ଏ ସମସ୍ତେ ଧର୍ମ ବର୍ଣ୍ଣ ନିର୍ବିଶେଷରେ ଗାନ୍ଧୀଙ୍କୁ ନିଜର ଉତ୍ତମ ବନ୍ଧୁ ଏବଂ ଆଦର୍ଶ ଭାବେ ଗ୍ରହଣ କରିନେଇଥିଲେ ।

ବନ୍ଧୁତ୍ୱର ସଂପର୍କ କଲାବେଳେ ମୋହନ କେବେ ସାମାଜିକ ପୃଷ୍ଠଭୂମି ଦେଖୁନଥିଲେ । ସେ ଯେ ଜଣେ ଦିୱାନର ପୁଅ, ବାରିଷ୍ଟର ଏବଂ ମଧ୍ୟବର୍ଗୀ, ଏ ଅହଂଭାବ ତାଙ୍କର ନଥିଲା । ଦକ୍ଷିଣ ଆଫ୍ରିକାର ଗରିବ ଶ୍ରମିକ ଏବଂ ଗୋଟି ଶ୍ରମିକଙ୍କ ସହ ତାଙ୍କର ଅନ୍ତରଂଗ ସଂପର୍କ ରହୁଥିଲା । ଏଇମାନେ ବି ଗାନ୍ଧୀଭାଇ କି ଜୟଗାନ କରୁଥିଲେ ।

ଫିନିକ୍ସ କଲୋନି ଏବଂ ଟଲଷ୍ଟୟଫାର୍ମ ଥିଲା ସର୍ବଧର୍ମ ସମନ୍ୱୟର ଏକ ପରୀକ୍ଷାଗାର- ଏକ ତରଳା କଢ଼େଇ-ମେଲଟିଂ ପଟ । ହିନ୍ଦୁ ମୁସଲମାନ, ଖ୍ରୀଷ୍ଟିୟାନ, ଗୋରା, କଳା ଏଇଠି ଏକାଠି ରହୁଥିଲେ । ଏକାଠି ଖାଉଥିଲେ । ସମସ୍ତଙ୍କ ପାଇଁ ଗୋଟିଏ ଯାଗାରେ ରୋଷେଇ ହେଉଥିଲା । ସଂଧ୍ୟାରେ ପ୍ରାର୍ଥନା ସଭାରେ ସର୍ବଧର୍ମ ପ୍ରାର୍ଥନା ବୋଲା ଯାଉଥିଲା । ବାଇବେଲ, ଗୀତା, କୋରାନ୍‌ର ପ୍ରାର୍ଥନା ଗାନ ହେଉଥିଲା । ସର୍ବଧର୍ମର ପ୍ରାର୍ଥନା ଗାନ ପ୍ରାଚ୍ୟ ଓ ପାଶ୍ଚାତ୍ ସଂସ୍କୃତିର ମିଶ୍ରଣ କରିଦେଉଥିଲା । ଗୀତା, ବାଇବେଲ, କୋରାନ ଏସବୁ କେବଳ ଗାନ୍ଧୀଙ୍କୁ ଏତିକି ଶିଖାଇଥିଲା, ନିର୍ବାଣ ପ୍ରାପ୍ତି ପାଇଁ ବିଭିନ୍ନ ଧର୍ମ କେବଳ ଭିନ୍ନ ଭିନ୍ନ ମାଧ୍ୟମ । ଈଶ୍ୱର ହିଁ ଏକ ଏବଂ ଏହାଙ୍କ ପ୍ରାପ୍ତି ନିର୍ବାଣ ।

ଜଣେ ପାରମ୍ପରିକ ସନ୍ୟାସୀ କେବଳ ଧର୍ମ ଓ ଆଧ୍ୟାତ୍ମିକତାର କଥା କହେ । ଗାନ୍ଧୀ ଏପରି ଏକ ଭିନ୍ନ ସନ୍ୟାସୀ ଥିଲେ ଯିଏ ସାମାଜିକ ଉନ୍ନତ ଦୃଷ୍ଟି ଭଙ୍ଗୀ ନେଇ

Digitized by PPRACHIN, SOA

କାର୍ଯ୍ୟକ୍ରମ ସ୍ଥିର କରୁଥିଲେ । ନୀତି ଏବଂ ଆଧ୍ୟାତ୍ମିକତା ସହ ସେ ସାମାଜିକ ପ୍ରସଙ୍ଗକୁ ମିଶାଇ ଦେଉଥିଲେ । ରାଜନୀତିକୁ ସେ ଧର୍ମ ଠାରୁ ପୃଥକ କରିନଥିଲେ । କିନ୍ତୁ ଧର୍ମ ଏବଂ ରାଜନୀତିକୁ ଏକାଠି ମିଶାଇ ଦେଇ ରାଜନୀତିକୁ ଧର୍ମାନ୍ଧଙ୍କ କବଳରେ ଛାଡ଼ି ବି ଦେଇ ନଥିଲେ ।

୧୯୦୬ ମସିହା ସେପ୍ଟେମ୍ବର ମାସରେ ଦକ୍ଷିଣ ଆଫ୍ରିକାର ଏମ୍ପାଏର ଥିଏଟର ମିଟିଂରେ ମୋହନ ତାଙ୍କର ଏକ ଅଭିନବ ସାମାଜିକ ଦୃଷ୍ଟିକୋଣର ଅବତାରଣା କରିଥିଲେ । ସେ ଥିଲା ଅହିଂସ ଆନ୍ଦୋଳନ । ପାସିଭ୍ ରେଜିଷ୍ଟାନ୍ସ । ଦାବି ହାସଲ ପାଇଁ ଯେ ଅହିଂସ ଆନ୍ଦୋଳନ ଏକମାତ୍ର ପନ୍ଥା, ଏହା ଗାନ୍ଧୀଙ୍କ ଯୁକ୍ତି ଥିଲା । ପାସିଭ୍ ରେଜିଷ୍ଟାନ୍ସ ପରବର୍ତ୍ତୀ ସମୟରେ ସତ୍ୟାଗ୍ରହର ନାଁ ନେଇଥିଲା । ଗାନ୍ଧୀ କହୁଥିଲେ, ସତ୍ୟାଗ୍ରହ ଏମିତି ଏକ ଆନ୍ଦୋଳନର ମାଧ୍ୟମ ଯେଉଁଠି ଖଣ୍ଡା ଉଠିବ ନାହିଁ । ଗୁଳି ଫୁଟିବ ନାହିଁ । ଶତ୍ରୁର ନିନ୍ଦାଗାନ ହେବନି । ସତ୍ୟାଗ୍ରହୀଟି କେବଳ ନିଜକୁ ହିଁ ଯନ୍ତ୍ରଣା ଦେବ ।

ସାମାଜିକ ପ୍ରସଙ୍ଗ ଏବଂ ମାନବିକ ଅଧିକାର ପାଇଁ ହେଉଥିବା ସତ୍ୟାଗ୍ରହରେ ଜାତି, ଧର୍ମର ବିଭେଦ ନଥିଲା । ହିନ୍ଦୁ, ଖ୍ରୀଷ୍ଟିଆନ୍, ପାର୍ଶୀ, ମୁସଲମାନ, ମଧ୍ୟବର୍ଗୀ ଦଳିତ, ସବର୍ଣ୍ଣ, ଅସବର୍ଣ୍ଣ, ଧନୀ, ଦରିଦ୍ର, ବ୍ୟବସାୟୀ, ମହିଳା, ପୁରୁଷ ସମସ୍ତେ ସତ୍ୟାଗ୍ରରେ ଭାଗ ନେଉଥିଲେ । କାରଣ, ମହାତ୍ମା ମୋହନଙ୍କର ଡ଼ାକରା କୌଣସି ନିର୍ଦ୍ଦିଷ୍ଟ ସଂପ୍ରଦାୟ ପାଇଁ ଉଦ୍ଦିଷ୍ଟ ନଥିଲା । ମହାତ୍ମାଙ୍କ ପାଖରେ ସାଂପ୍ରଦାୟିକତା ବି ନଥାଏ ।

ମୋହନଦାସ ଆଶ୍ଚର୍ଯ୍ୟ ହେଲେ, ଯେତେବେଳେ କସ୍ତୁରବା ଅନ୍ୟମାନଙ୍କ ସହ ସତ୍ୟାଗ୍ରହରେ ସାମିଲ ହୋଇ ଜେଲ ଯିବେ ବୋଲି ନିଷ୍ପତ କଲେ ଏବଂ ମୋହନଦାସ ଆହୁରି ବି ଆଶ୍ଚର୍ଯ୍ୟ ହୋଇଗଲେ, ଯେତେବେଳେ ତାମିଲ ମହିଳାମାନେ ନିଜର ପିନ୍ଧା ସୁନା ଗହଣାକୁ ସତ୍ୟାଗ୍ରହ ପାଇଁ ଗାନ୍ଧୀଙ୍କୁ ଦାନ କରିଦେଲେ । ସମାଜର ପରିବର୍ତ୍ତନ ପାଇଁ ଯେ ଏକ ସଶକ୍ତ ମହିଳା ଗୋଷ୍ଠୀ ଦରକାର, ମୋହନ ଏହା ଜାଣିଥିଲେ । ଏବଂ ମହିଳାଙ୍କ ଭିତରେ ସଶକ୍ତ ହେବାକୁ ଶକ୍ତିକୁ ଜଗାଇ ଦେବାର କ୍ଷମତା ମୋହନଙ୍କ ପାଖରେ ବି ଥିଲା ।

ଭାରତରେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେବା ପୂର୍ବରୁ ମୋହନଦାସ ଏକ ଆନ୍ତର୍ଜାତିକ ବ୍ୟକ୍ତିତ୍ୱ ହୋଇ ସାରିଥିଲେ । ସେ କେବଳ ଗୋଟିଏ ମହାଦେଶରେ ସୀମିତ ନଥିଲେ । ଦକ୍ଷିଣ ଆଫ୍ରିକା ଏବଂ ଇଂଲଣ୍ଡରେ ଗାନ୍ଧୀ ଏକ ପରିଚିତ ନାଁ ଥିଲେ । ରୁଷର ଟଲଷ୍ଟୟଙ୍କ ସଂପର୍କ ଏବଂ ଦକ୍ଷିଣ ଆଫ୍ରିକାରେ ଚୀନ୍ ନେତା ଲିୟଙ୍ଗ କୁଇନ୍‌ଙ୍କ ସହ ବନ୍ଧୁତ୍ୱ ମୋହନଙ୍କୁ ଉଭୟ ରୁଷ୍ ଏବଂ ଚୀନ୍ ସଂପ୍ରଦାୟର ଆଦରର ବନ୍ଧୁ

Digitized by PPRACHIN, SOA

କରିଦେଇଥିଲା । ଚୀନ୍ ଏବଂ ଭାରତ ଏ ଦୁଇ ବଳିଷ୍ଠ ସଭ୍ୟତା ଭିତରେ ସଂପର୍କର ସେତୁ ବାନ୍ଧିଥିଲେ ମୋହନଦାସ । ଯଦିଓ ୧୯୩୦ ଏବଂ ୧୯୪୦ ଦଶକରେ ଚୀନରେ ମାଓ ସେତୁଙ୍ଗ ବିପ୍ଳବ ବେଳେ ଗାନ୍ଧୀ ସେଠି ଏକ ମଇଳା ଶବ୍ଦ ଥିଲେ । ଏବେ ଗାନ୍ଧୀଙ୍କର ସେଠି ଅନେକ ପ୍ରଶଂସକ । ନୋବେଲ ପୁରଷ୍କାର ବିଜେତା ଚୀନର ଲିଉ ଝିଆବୋ ଗାନ୍ଧୀଙ୍କୁ ବେଶ୍ ପ୍ରଶଂସା କରନ୍ତି ।

ମୋହନରୁ ମହାତ୍ମା ଯାତ୍ରା ଭିତରେ ଦକ୍ଷିଣ ଆଫ୍ରିକାରେ ଗାନ୍ଧୀଙ୍କ ବିରୋଧୀ କମ୍ ନଥିଲେ । ସମସ୍ତ ଭଦ୍ରତା ସହ ପ୍ରତିପକ୍ଷଙ୍କୁ ସାମ୍ନା କରିବା ଥିଲା ଗାନ୍ଧୀଙ୍କର ଚରିତ୍ର । ଇର୍ଷା ଏବଂ କ୍ରୋଧ ଯେ ଜଣେ ମହାତ୍ମାର ନକରାତ୍ମକ ଗୁଣ, ମୋହନଦାସ ଏକଥା ଜାଣିଥିଲେ । ଆଞ୍ଚଳିକତାବାଦୀ ମଣ୍ଟେଫୋର୍ଡ଼ ଚମନେ, ଗର୍ବୀ ଜେନେରାଲ ସ୍ମଟସ୍, ନିଷ୍ଠୁର ଗୁଡ଼ିବାଦୀ ମିଲନର, ଆକ୍ରମଣକାରୀ ପଠାଣ, ଡ଼ର୍ବାନର ଇର୍ଷୁକ ଖବର କାଗଜ ସଂପାଦକ ପି.ଏସ୍. ଆୟାର ଏସବୁ ଗାନ୍ଧୀଙ୍କର ସମାଲୋଚକ ଥିଲେ । କଠୋର ବିରୋଧି ବି ଥିଲେ । ୧୮୯୩ ମସିହାରେ ଡ଼ର୍ବାନରେ ପହଞ୍ଚିଥିବା ଓକିଲକୁ ଏମାନେ ହେୟଜ୍ଞାନ କରିଥିଲେ ଏବଂ ୧୯୧୪ ମସିହା ଜୁଲାଇରେ କେପ୍‌ଟାଉନ ଛାଡ଼ି ଭାରତ ଆସିବା ବେଳେ ଗାନ୍ଧୀ ଜଣେ ସମାଜସେବୀ ତଥା ଚିନ୍ତା ନାୟକ ହୋଇସାରିଥିଲେ ।

ଜେନେରାଲ ଆଲଫର୍ଡ଼ ମିଲନର ଯଦି ୧୯୦୪ ମସିହାରେ ଟ୍ରାନ୍ସବାହାଲରେ ଭାରତୀୟ ବ୍ୟବସାୟୀଙ୍କୁ ସ୍ୱୀକୃତି ଦେଇ ଦେଇ ଥାଆନ୍ତେ, କିମ୍ବା ଜେନେରାଲ ସ୍ମଟସ୍ ଯଦି ଆଣ୍ଟି ଏସିଆଟିକ୍ ଆଇନକୁ ପ୍ରତ୍ୟାହାର କରି ନେଇ ଥାଆନ୍ତେ, ଗାନ୍ଧୀ ସବୁଦିନ ପାଇଁ ଦକ୍ଷିଣ ଆଫ୍ରିକା ଛାଡ଼ି ଭାରତ ଫେରି ଆସିଥାଆନ୍ତେ । ସତ୍ୟାଗ୍ରହର କଳ୍ପନା ହୋଇ ପାରିନଥାନ୍ତ । କେବଳ ସେତିକି ନୁହେଁ, ବ୍ରିଟିଶ ସାମ୍ରାଜ୍ୟବାଦୀଙ୍କ ଔଦ୍ଧତ୍ୟ ବି ଗାନ୍ଧୀଙ୍କୁ ଦକ୍ଷିଣ ଆଫ୍ରିକାରେ ଏକ ଜନପ୍ରିୟ ନେତା କରିଦେଇଥିଲା ।

ଦକ୍ଷିଣ ଆଫ୍ରିକାରେ ଅବସ୍ଥାନରେ ମୋହନଦାସ ଏକ ଉତ୍ତମ ଲେଖକ ଏବଂ ସଂପାଦକ ହୋଇପାରିଥିଲେ । ଇଣ୍ଡିଆନ୍ ଓପିନିୟନରେ ଗାନ୍ଧୀଙ୍କ ଲେଖା ଏବଂ ପ୍ରବନ୍ଧ ବେଶ୍ ଆଦୃତ ହେଉଥିଲା । ସେ ଉଭୟେ ଇଂରାଜୀ ଏବଂ ଗୁଜୁରାଟୀରେ ଲେଖୁଥିଲେ । ଛୋଟ ଛୋଟ ବାକ୍ୟରେ ନିଜକୁ ପ୍ରକାଶ କରିବାର ଚମତ୍କାର ପ୍ରତିଭା ଥିଲା ମୋହନଦାସଙ୍କର । ଟ୍ରାନ୍ସବାହାଲ ଏବଂ ନାତାଲର ସବୁ ଖବର କାଗଜରେ ମୋହନଦାସଙ୍କ ଚିଠି ପ୍ରକାଶ ପାଉଥିଲା । କେବଳ ରାଜନୀତି ନୁହେଁ, ସମାଜର ସବୁ ପ୍ରସଙ୍ଗ ଉପରେ ଗାନ୍ଧୀଙ୍କର ଲେଖିବାର ଦକ୍ଷତା ଥିଲା । ସ୍ୱାସ୍ଥ୍ୟ ସଂବନ୍ଧରେ ସାଧାରଣ ଜ୍ଞାନ ଲେଖା ଇଣ୍ଡିଆନ୍ ଓପିନିୟନରେ ନିୟମିତ ପ୍ରକାଶ ପାଉଥିଲା । ହିନ୍ଦ୍ ସ୍ୱରାଜ ବା ଇଣ୍ଡିଆନ୍ ହୋମ୍ ରୁଲ୍ ଗାନ୍ଧୀଙ୍କ ଲେଖିବାର ପ୍ରତିଭାକୁ ପ୍ରଷ୍ଫୁରିତ କରିଥିଲା ।

Digitized by PPRACHIN, SOA

ମୋହନଦାସ ଯେ ଜଣେ ଭଲ ବକ୍ତା ନଥିଲେ, ଏହା ସତ । ଭାଷଣ ଦେଲାବେଳେ ସେ କ୍ଷୀଣ ସ୍ୱରରେ କଥା କହନ୍ତି । କିନ୍ତୁ କଥାରେ ଓଜନ ଥାଏ । ଅଡ଼ିଏନ୍ସର ଶେଷ ଧାଡ଼ିରେ ବସିଥିବା ବକ୍ତାର ମନକୁ ଜାଣି ସେ ଭାଷଣ ଦିଅନ୍ତି । କହିଲା ବେଳେ ସେ କେବେ ହାତ ହଲାନ୍ତି ନାହିଁ କିମ୍ବା କାହାକୁ ଆଙ୍ଗୁଳି ନିର୍ଦ୍ଦେଶ କରନ୍ତି ନାହିଁ । ବମ୍ବେର କଚେରୀରେ ଯେଉଁ ମୋହନଦାସ ଦିନେ କଥା କହିନପାରି ବୈଠକିରେ ନଥ୍ କରି ବସି ପଡ଼ିଥିଲେ, ସେଇ ମୋହନଦାସଙ୍କର ଭାଷଣ ଶୁଣିବାକୁ ଜୋହାନ୍ସବର୍ଗର ଏମ୍ପାଏର ହଲ ଲୋକଙ୍କ ଦ୍ୱାରା ଭର୍ତ୍ତି ହୋଇଯାଉଥିଲା । ରାଜନୈତିକ ସ୍ୱଚ୍ଛତା, ମିତବ୍ୟୟିତା ଏବଂ ଉପବାସ ଏସବୁ ମୋହନଦାସଙ୍କୁ ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱ କରି ଗଢ଼ି ତୋଳିବାରେ ସାହାଯ୍ୟ କରିଥିଲା ।

ଗାନ୍ଧୀଙ୍କ ସରଳ ଜୀବନଯାପନ ପଦ୍ଧତି ଥିଲା ଚମତ୍କାର । ବ୍ରହ୍ମଚର୍ଯ୍ୟ ଏକ ସର୍ବ ଆଦୃତ ନିଷ୍ପତ୍ତି ନହେଲେ ବି ଗାନ୍ଧୀଙ୍କ ପାଇଁ ଏହା ଥିଲା ତାଙ୍କ ଜୀବନଶୈଳୀର ଏକ ଅଂଶ । ପ୍ରାକୃତିକ ଚିକିତ୍ସା, କୁନେ ସ୍ନାନ ଯଦିଓ ଆଧୁନିକ ମଣିଷ ପାଇଁ ଆଶ୍ଚର୍ଯ୍ୟ ଏବେ ଲାଗେ, ଗାନ୍ଧୀଙ୍କର ଏଥିନେଇ ପ୍ରୟୋଗର ପ୍ରକ୍ରିୟା ଥିଲା ଅନନ୍ୟ । ପ୍ରକୃତିକୁ ଭଲ ପାଉଥିବା ଏବଂ ଏକ କଳ୍ପନା ପ୍ରିୟ ଗ୍ରାମ୍ୟବାଦ (ରୋମାଣ୍ଟିକ୍ ରୁରାଲିଜିମ୍) ଉପରେ ବିଶ୍ୱାସ ରଖିଥିବା ମୋହନଦାସଙ୍କର ଏ ଜୀବନଶୈଳୀ ଏକ ବ୍ରାଣ୍ଡ ହୋଇଯାଇଛି ।

ସତ୍ୟାଗ୍ରହର ମୋହନଦାସ ଜଣେ ଖାଲି ତତ୍ତ୍ୱବିତ୍ ନଥିଲେ । ସେ ଜଣେ ଭଲ ପ୍ରୟୋଗ କର୍ତ୍ତା ବି ଥିଲେ । ଆନ୍ଦୋଳନର କୌଶଳ ଏବଂ ଯୋଜନା ତାଙ୍କର ବେଶ୍ ସୁଚିନ୍ତିତ ଥିଲା । କେଉଁ ଆଇନ କେବେ, କେଉଁଠି, କାହାଦ୍ୱାରା, କେତେବେଳେ ଏବଂ କିପରି ଭଙ୍ଗାଯିବ ସେ ତା'ର ନକ୍ସା କରୁଥିଲେ; ଏବଂ ସେଥିପାଇଁ ଦେଉଥିବା ନିର୍ଦ୍ଦେଶ ଖୁବ୍ ସଂକ୍ଷିପ୍ତ ତଥା ବ୍ୟବହାରିକ ଥିଲା ।

ଶହ ଶହ ବର୍ଷ ଅନ୍ତରାଳରେ ଏ ପୃଥିବୀରେ ଜଣେ ଜଣେ ମହାତ୍ମାଙ୍କର ହିଁ ଜନ୍ମ ହୁଏ । ଗତ ଶହସ୍ରାବ୍ଦର ମହାତ୍ମା ଥିଲେ ମୋହନଦାସ କରମଚାନ୍ଦ ଗାନ୍ଧୀ । ଗାନ୍ଧୀ ମହାତ୍ମା ।

ମୋହନଦାସ ଏକ ବ୍ୟକ୍ତି ନୁହନ୍ତି, ଏକ ପ୍ରବାହ । ସେ ପ୍ରବାହ ଏବେ ବି ଚାଲିଛି ।

Digitized by PPRACHIN, SOA

ଶେଖ୍ ମହତାବ	-	Sheikh Mehtab
ଜୋସିଆ ଓଲଡ୍‌ଫିଲ୍ଡ୍	-	Josiah Oldfield
ପିଟର ମାରିଜବର୍ଗ	-	Petermaritzburg
ପଲ୍ କ୍ରୁଜର୍	-	Paul Kruger
ଏ. ଡ଼ବ୍ଲୁ. ବେକର	-	A. W. Baker
ଡ଼କ୍ଟର କ୍ରାଉଜ୍	-	Dr. Krauz
ହାରି ଏସ୍କମ୍ବେ	-	Hary Escombe
ଲାଫ୍‌ଟନ୍	-	F. A. Laughton
ଜୋହନସ୍‌ବର୍ଗ	-	Johannesburg
କେଲିନ୍‌ବେକ୍	-	Kallenbach
ଡ଼ୋକ୍	-	J. Doke
ଏଲ୍‌ଗିନ୍	-	Victor Bruce Elgin
ଫିନିକ୍ସ	-	Phoenix
ପୋଲକ	-	Henry Polak
ସୋଞ୍ଜା ସେଲସିନ୍	-	Sonja Schlesin
ମଜୁମ୍‌ଦାର	-	Triambakrai Mazumdar
ରିଚ୍	-	L. W. Ritch
ରୟେପନ୍	-	Royppen
ଜଷ୍ଟିସ୍ ସିର୍ଲେ	-	Justice Searle
ଥୋରୋ	-	Henry David Thoreau
ଭିରିନିଗିଙ୍ଗ୍	-	Vereeniging
ସ୍ମଟସ୍	-	Jan Christian Smuts
ପିଅରସନ୍	-	W. W. Pearson
ଦାଦା ଅବଦୁଲା	-	Dada Abdulla
ଋମନେ	-	Monteford Chamney
ବ୍ଲାଭେସ୍କି	-	Madame Blavatsky
ସାର୍ ଭୋନଗରୀ	-	Sir Bhownaggree
କାଋଲିଆ	-	A. M. Cachalia
ଲଏଲି	-	Lawley
ଋମ୍ବରଲିନ୍	-	Joseph Chamberlain

Digitized by PPRACHIN, SOA

ସହାୟକ ପୁସ୍ତକ :-

୧) ଦି ଷ୍ଟୋରୀ ଅଫ୍ ମାଇଁ ଏକ୍ସପେରିମେଣ୍ଟସ୍ ଉଇଥ୍ ଟ୍ରୁଥ୍
- *ଏମ୍. କେ. ଗାନ୍ଧୀ*

୨) ସତ୍ୟାଗ୍ରହ ଇନ୍ ସାଉଥ୍ ଆଫ୍ରିକା
- *ଏମ୍. କେ. ଗାନ୍ଧୀ*

୩) ଦି ଆପ୍ରେଣ୍ଟାଇସିସିପ୍ ଅଫ୍ ଏ ମହାତ୍ମା
- *ଫତିମା ମୀର୍*

୪) ବା ଆଣ୍ଡ ବାପୁ
- *ମୁକୁଲ ଭାଇ କାଲାର୍ଥି*

୫) ଗାନ୍ଧୀସ୍ ଟିଚର୍ - ରାଜଚନ୍ଦ୍ର ରାବ୍‌ଜୀଭାଇ ମେହେଟା
- *ସତୀଶ ଶର୍ମା*

୬) ଗାନ୍ଧୀ ଆଣ୍ଡ୍ ହିଜ୍ କ୍ରିଟିକ୍‌ସ
- *ବି. ଆର୍. ନନ୍ଦା*

୭) ପ୍ରୋଫାଇଲସ୍ ଅଫ୍ ଗାନ୍ଧୀ
- *ନର୍ମାନ୍ କଜିନ୍‌ସ୍*

୮) ବହୁ ରୂପେ ଗାନ୍ଧୀ
- *ଅନୁ ବନ୍ଦୋପାଧ୍ୟାୟ*

୯) ଗାନ୍ଧୀ ବିଫୋର ଇଣ୍ଡିଆ
- *ରାମଚନ୍ଦ୍ର ଗୁହା*

୧୦) ଇଣ୍ଡିଆ ଆଫ୍‌ଟର ଗାନ୍ଧୀ
- *ରାମଚନ୍ଦ୍ର ଗୁହା*

୧୧) କଲେକ୍ଟେଟ୍ ଓ୍ୱାର୍କସ୍ ଅଫ୍ ମହାତ୍ମା ଗାନ୍ଧୀ (ପ୍ରଥମ ୧୨ ଭଲ୍ୟୁମ୍)
- *ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ, ଭାରତ ସରକାର*

୧୨) ହିନ୍ଦ୍ ସ୍ୱରାଜ ଅର୍ ଇଣ୍ଡିଆନ୍ ହୋମ୍ ରୁଲ୍
- *ଏମ୍. କେ. ଗାନ୍ଧୀ*

୧୩) ଡ଼ାଏଟ୍ ଆଣ୍ଡ ଡ଼ାଏଟ୍ ରିଫର୍ମ
- *ଏମ୍. କେ. ଗାନ୍ଧୀ*

୧୪) ଜିନ୍ନା ଭରସେସ୍ ଗାନ୍ଧୀ
- *ରୋଡ୍ରେରିକ୍ ମାଥ୍ୟୁସ୍*

୧୫) ଅନ୍ ଟୁ ଦିସ୍ ଲାଷ୍ଟ
- *ଜହନ୍ ରସ୍କିନ୍*

୧୬) ଗାନ୍ଧୀ ଚର୍ଚ୍ଚା
- *ଗୌରାଙ୍ଗ ଚରଣ ପରିଡ଼ା*

୧୭) ଗାନ୍ଧୀ ଦି ମହାତ୍ମା
- *ଓମ୍ ବୁକ୍ସ ଇଣ୍ଟରନ୍ୟାସନାଲ*

୧୮) ଖବର କାଗଜ ପ୍ରବନ୍ଧ

Digitized by PPRACHIN, SOA

Shri Gouranga Charan Parida, born in 1954, has so far authored three books. This book, "**Mohanaru Mahatma**' (from Mohan to Mahatma) is his 2nd contribution to the literature of Gandhi after his 1st book, "Gandhi Charcha". Mohanaru Mahatma depicts the historical facts of Gandhi's first 46 years of life in chronological way (1869 to 1915) which made Mohan, the Mahatma.

The author now, practises law (an advocate); writes regular columns in Odia and English News papers, and is the former national president /former Secretary General of National Audit Federation.

Digitized by PPRACHIN, SOA

ଲେଖକଙ୍କ ନାମ : **ଗୌରାଙ୍ଗ ଚରଣ ପରିଡ଼ା**
ପିତା : ସ୍ୱର୍ଗତ ଚିନ୍ତାମଣି ପରିଡ଼ା
ମାତା : ସ୍ୱର୍ଗତା ନିଶାମଣି ଦେବୀ
ଜନ୍ମସ୍ଥାନ : ବରକେରା, ଡ଼େଲାଙ୍ଗ, ଜି.: ପୁରୀ
ବର୍ତ୍ତମାନ ବାସସ୍ଥାନ : ସର୍ବୋଦୟ ନଗର, ପୁରୀ
ଜନ୍ମ ତାରିଖ : ଫାଲଗୁନ ଶୁକ୍ଳ ଦ୍ୱିତୀୟା, ୧୯୫୪ ମସିହା
ଶିକ୍ଷାଗତ ଯୋଗ୍ୟତା : ଏମ୍.ଏ., ଏଲ୍.ଏଲ୍.ବି.
ସାହିତ୍ୟକୃତି : ପ୍ରବନ୍ଧ ସଂକଳନ **'ସମୟ ସୁଅ'** ଓ **'ଗାନ୍ଧୀଚର୍ଚ୍ଚା'** ପ୍ରକାଶିତ ଏବଂ ବିଭିନ୍ନ ପତ୍ରପତ୍ରିକାରେ ସ୍ତମ୍ଭ ପ୍ରକାଶ ପାଉଅଛି ।

ସାଂଗଠନିକ ପଦବୀ - ଜାତୀୟ ଅଡ଼ିଟ୍ ମହାସଂଘର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ପୂର୍ବତନ ରାଷ୍ଟ୍ରୀୟ ମହାସଚିବ (ସେକ୍ରେଟାରୀ ଜେନେରାଲ) । ଜାତୀୟ ଅଡ଼ିଟ୍ ମହାସଂଘ ଭାରତର କଂପ୍ଟ୍ରୋଲର ଏବଂ ଅଡ଼ିଟର ଜେନେରାଲ(ସି.ଏ.ଜି.)ଙ୍କ ଅଧୀନରେ ଥିବା ଏକ ସର୍ବଭାରତୀୟ କର୍ମଚାରୀ ମହାସଂଘ । ଅଧୁନା ଆଡ଼ଭୋକେଟ୍ ଭାବରେ କାର୍ଯ୍ୟରତ ।

ପୁରସ୍କାର ଓ ସମ୍ମାନ - ସ୍ତମ୍ଭ ଲେଖା ତଥା ସାମାଜିକ ସେବା ପାଇଁ 'ଉତ୍କଳ ନକ୍ଷତ୍ର ସମ୍ମାନ-୨୦୦୯', 'ପ୍ରିୟପତ୍ର ସମ୍ମାନ -୨୦୦୯', ପୁରୀ ଜିଲ୍ଲା ସାମ୍ବାଦିକ ସଂଘ ସମ୍ମାନ-୨୦୧୨', ଶ୍ରୀଜଗନ୍ନାଥ ସଂସ୍କୃତି-ସୁରକ୍ଷା ବାହିନୀ ପ୍ରଦତ୍ତ 'ପ୍ରାଇଡ୍ ଅଫ୍ ଶ୍ରୀକ୍ଷେତ୍ର ସମ୍ମାନ-୨୦୧୩ ଏବଂ କିଛି ସାମାଜିକ ଅନୁଷ୍ଠାନ ଦ୍ୱାରା ବିଶେଷ ସମ୍ବର୍ଦ୍ଧିତ ।

Digitized by PPRACHIN, SOA